ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗ ସେହି ବୀମା ଲୋକପାଳ ନିକଟରେ ଦାଖଲ କରିବାକୁ ପଡ଼େ ଯାହାଙ୍କ କ୍ଷେତ୍ରୀୟ ସୀମା ଅନ୍ତର୍ଗତ ବୀମାକର୍ତ୍ତାଙ୍କ କାର୍ଯ୍ୟାଳୟ ଥାଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି IV ।

ବୀମା ଲୋକପାଳ କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରୀୟ ସୀମା ଭିତରେ କାର୍ଯ୍ୟ କରନ୍ତି ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି I ।

ଲୋକପାଳ ନିକଟରେ ଅଭିଯୋଗ ଲିଖିତ ଆକାରରେ କରିବାକୁ ପଡ଼େ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗକାରୀ ଲୋକପାଳ ନିକଟକୁ ବୀମା କର୍ତ୍ତା ଦ୍ୱାରା ଅଭିଯୋଗର ଅସ୍ୱୀକୃତିର ଗୋଟିଏ ବର୍ଷ ମଧ୍ୟରେ ନିଶ୍ଚୟ ପହଞ୍ଚିବା ଉଚିତ୍ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗକାରୀକୁ ଲୋକପାଳ ପୂର୍ବରୁ ଏକ ଉପଭୋକ୍ତା ଫୋରମ୍ ନିକଟକୁ ପହଞ୍ଚିବା ଆବଶ୍ୟକ ନାହିଁ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି II ।

ଲୋକପାଳ ନିକଟରେ ଅଭିଯୋଗ ଦାଖଲ ପାଇଁ କୌଣସି ଶୁଳ୍କ/ ଚାର୍ଜ ଦେବା ଆବଶ୍ୟକ ନାହିଁ ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି II ।

ହଁ, ନିଜସ୍ୱ ବୀମାକର୍ତ୍ତା ମାନଙ୍କ ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇପାରିବ ।

ଅଧ୍ୟାୟ 4

କର୍ପୋରେଟ ଅଭିକର୍ତ୍ତା

A. *କର୍ପୋରେଟ ଅଭିକର୍ତ୍ତା*

କର୍ପୋରେଟ ଅଭିକର୍ତ୍ତା ବିନିୟମାବଳୀ ଅଗଷ୍ଟ, 2015 ରେ ସଂଶୋଧିତ ହେଲା ଏବଂ 1 ଏପ୍ରିଲ, 2016 ଠାରୁ ଲାଗୁ ହେବ ।

ନିମ୍ନ ପରିଭାଷାଗୁଡିକ ପ୍ରାସଙ୍ଗିକ ଅଟନ୍ତି ।

1. ପରିଭାଷା :

(a) **"ଅଧିନିୟମ"** ର ଅର୍ଥ ହେଉଛି ସମୟ ସମୟରେ ସଂଶୋଧିତ ହେଉଥିବା ବୀମା ଅଧିନିୟମ, 1938 (1938 ର 4)

(b) **"ଆବେଦକ"** ର ଅର୍ଥ ହେଉଛି -

(i) ଏକ କମ୍ପାନୀ ଯାହା କମ୍ପାନୀ ଆଇନ, 2013 (2013 ର 18) କିମ୍ବା ସେଥିରେ ଥିବା କୌଣସି ଅଧିନିୟମ ଅନ୍ତର୍ଗତ କିମ୍ବା

କୌଣସି ପୂର୍ବବର୍ତ୍ତୀ କମ୍ପାନୀ ଆଇନ ଯାହା ବଳବତ୍ତର ଥିଲା; ତା' ଅନ୍ତର୍ଗତ ଗଠିତ ହୋଇଥିଲା; କିମ୍ବା

(ii) ସୀମିତ ଦାୟିତ୍ୱ ଭାଗିଦାରୀ ଆଇନ, 2008 ଅନ୍ତର୍ଗତ ଗଠିତ ଏବଂ ପଞ୍ଜିକୃତ ଏକ ସୀମିତ ଦାୟିତ୍ୱ ଭାଗିଦାରୀ; କିମ୍ବା

(iii) ସହକାରୀ ସଂସ୍ଥା ଆଇନ, 1912 ଅନ୍ତର୍ଗତ କିମ୍ବା ସହକାରୀ ସଂସ୍ଥାଗୁଡିକର ପଞ୍ଜିକରଣ ପାଇଁ ଥିବା କୌଣସି ଆଇନ

ଅନ୍ତର୍ଗତ ପଞ୍ଜିକୃତ ଏକ ସହକାରୀ ସଂସ୍ଥା, କିମ୍ବା

(iv) ଅଧିନିୟମର ଅନୁଭାଗ 2 ର ଧାରା (4A) ରେ ପରିଭାଷିତ ହୋଇଥିବା ଅନୁସାରେ ଏକ ବ୍ୟାଙ୍କିଂ କମ୍ପାନୀ

(V) ବ୍ୟାଙ୍କିଂ କମ୍ପାନୀ ଆଇନ, 1949 (1949 ର 10) ଅନୁଭାଗ 5 ର ଉପ-ଅନୁଭାଗ(1) ର ଧାରା (da) ଅନ୍ତର୍ଗତ

ପରିଭାଷିତ ହୋଇଥିବା ଅନୁସାରେ ଏକ ଅନୁରୂପ ନୂତନ ବ୍ୟାଙ୍କ

(vi) କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ଆଇନ, 1976 (1976 ର 21) ର ଅନୁଭାଗ 3 ଅନ୍ତର୍ଗତ ସ୍ଥାପିତ ଏକ କ୍ଷେତ୍ରୀୟ ଗ୍ରାମୀଣ

ବ୍ୟାଙ୍କ : କିମ୍ବା

(vii) ସହକାରୀ ସଂସ୍ଥା ଆଇନ, 1912 କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ପଞ୍ଜିକୃତ ଏକ ଅଣ-ବ୍ୟାଙ୍କିଂ ବିତ୍ତୀୟ କମ୍ପାନୀ

ଅନ୍ତର୍ଗତ ସମ୍ମିଳିତ ଏକ ଅଣ-ସରକାରୀ ସଂଗଠନ କିମ୍ବା ଏକ ସୂକ୍ଷ୍ମ ଋଣଦାତା ଆର୍ଥିକ ସଂଗଠନ : କିମ୍ବା

(viii) ଏକ କର୍ପୋରେଟ ଅଭିକର୍ତ୍ତାରୂପେ କାର୍ଯ୍ୟ କରିବା ପାଇଁ ପ୍ରାଧିକରଣ ଦ୍ୱାରା ମାନ୍ୟତାପ୍ରାପ୍ତ କୌଣସି ଅନ୍ୟ ବ୍ୟକ୍ତି ।

(c) **"ସ୍ୱୀକୃତ ସଂସ୍ଥାନ"** ର ଅର୍ଥ ହେଉଛି ସମୟ ସମୟରେ ପ୍ରାଧିକରଣ ଦ୍ୱାରା ସ୍ୱୀକୃତ ଓ ଅଧିସୂଚୀତ ହୋଇଥିବା ବିଶେଷ ରୂପେ ବୀମା

ବିକ୍ରୟ, ସେବା ଓ ବିପଣନ କ୍ଷେତ୍ରରେ ଶିକ୍ଷା ଏବଂ/କିମ୍ବା ପ୍ରଶିକ୍ଷଣରେ ସଂଲଗ୍ନ କୌଣସି ସଂସ୍ଥାନ/ଅନୁଷ୍ଠାନ, ଏବଂ ଏଥିରେ

ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ ଅନ୍ତର୍ଭୁକ୍ତ ଅଟେ ।

(d) "ପ୍ରାଧିକୃତ ସତ୍ୟାପକ" ର ଅର୍ଥ ହେଉଛି ଏକ ବ୍ୟକ୍ତି ଯିଏ ଦୂରଭାଷୀ ମୋଡରେ ଯାଚନା କିମ୍ବା ବିକ୍ରୟ ଉଦ୍ଦେଶ୍ୟ ନେଇ ଏକ ଟେଲି

ମାର୍କେଟର ଦ୍ୱାରା ନିଯୁକ୍ତ ହୋଇଥାଏ ଏବଂ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଏହି ବିନିୟମାବଳୀର ବିନିୟମ 7(3) ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ

ହୋଇଥିବା ଅନୁସାରେ ଆବଶ୍ୟକତାଗୁଡିକୁ ପୂରଣ କରିବ;

(e) "ପ୍ରାଧିକରଣ" ର ଅର୍ଥ ହେଉଛି ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 (1999 ର 41) ର ଅନୁଭାଗ 3

ର ପ୍ରାବଧାନ ଅନ୍ତର୍ଗତ ସଂସ୍ଥାପିତ ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ।

(f) "କର୍ପୋରେଟ ଅଭିକର୍ତ୍ତା" ର ଅର୍ଥ ହେଉଛି ଉପରୋକ୍ତ ଧାରା (ଖ) ରେ ବିନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତି ଯିଏ ଜୀବନ, ସାଧାରଣ ଓ

ସ୍ୱାସ୍ଥ୍ୟ ର କୌଣସି ବି ବିନିର୍ଦ୍ଦିଷ୍ଟ ବର୍ଗ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ ଏହି ବିନିୟାମାବଳୀ ଅନ୍ତର୍ଗତ

ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(g) "କର୍ପୋରେଟ ଅଭିକର୍ତ୍ତା(ଜୀବନ)" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ କରାଯାଇ

ଥିବା ଅନୁସାରେ ଜୀବନ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ କରିବାପାଇଁ,

ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(h) "କର୍ପୋରେଟ ଅଭିକର୍ତ୍ତା (ସାଧାରଣ)"ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ

କରାଯାଇ ଥିବା ଅନୁସାରେ ସାଧାରଣ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ

କରିବାପାଇଁ, ଏହି ବିନିୟାମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ

କରିଥାଏ ।

(i) "କର୍ପୋରେଟ ଅଭିକର୍ତ୍ତା(ସ୍ୱାସ୍ଥ୍ୟ)" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ କରାଯାଇ

ଥିବା ଅନୁସାରେ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ କରିବାପାଇଁ,

ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(j) "କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ)" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଉପରୋକ୍ତ ଧାରା (f) ରେ ବିନିର୍ଦ୍ଦିଷ୍ଟ କରା

ଯାଇଥିବା ଅନୁସାରେ ଜୀବନ ବୀମାକର୍ତ୍ତା, ସାଧାରଣ ବୀମାକର୍ତ୍ତା ଏବଂ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ କିମ୍ବା କୌଣସି ଦୁଇ କିମ୍ବା

ସମସ୍ତ ତିନୋଟିର ସଂଯୁକ୍ତ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ପ୍ରାପ୍ତି ସକାଶେ, ସେ ଭଳି କାର୍ଯ୍ୟ କରିବା ପାଇଁ ଏହି

ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(k) ଏହି ବିନିୟମାବଳୀର ଉଦ୍ଦେଶ୍ୟ ପାଇଁ "ପରୀକ୍ଷା ସମିତି" ହେଉଛି ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ କିମ୍ବା କର୍ପୋରେଟ ଅଭିକର୍ତ୍ତା

ମାନଙ୍କ ପ୍ରଧାନ ଅଧିକାରୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପ୍ରମାଣପତ୍ର ପରୀକ୍ଷା ଆୟୋଜିତ କରିବା ପାଇଁ ପ୍ରାଧିକରଣଦ୍ୱାରା ସ୍ୱୀକୃତ

ଏବଂ ଅଧିସୂଚୀତ କୌଣସି ଅନ୍ୟ ସମିତି ।

(l) କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବା ପାଇଁ ତାହାର ପ୍ରଧାନ ଅଧିକାରୀ, ନିର୍ଦ୍ଦେଶକ କିମ୍ବା ଅଂଶୀଦାର କିମ୍ବା କୌଣସି ଅନ୍ୟ

କର୍ମଚାରୀମାନଙ୍କ ସମେତ ଏକ ଆବେଦକକୁ ପଞ୍ଜିକୃତ କରିବା ପାଇଁ ଉପଯୁକ୍ତତା ନିର୍ଦ୍ଧାରିତ କରିବା ସକାଶେ "ଯୋଗ୍ୟ ଏବଂ

ସମୁଚିତ" ହେଉଛି ମାପଦଣ୍ଡ ।

(m) ଏକ କର୍ପୋରେଟ ଅଭିକର୍ତ୍ତାର "ପ୍ରଧାନ ଅଧିକାରୀ" ର ଅର୍ଥ ହେଉଛି କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟକଳାପଗୁଡିକୁ ନିରୀକ୍ଷଣ କରି

ବାକୁ କେବଳ ନିଯୁକ୍ତ ହୋଇଥିବା, ଏକ ନିର୍ଦ୍ଦେଶକ କିମ୍ବା ଏକ ଅଂଶୀଦାର କିମ୍ବା ଏହାଦ୍ୱାରା ପଦବୀ ପ୍ରାପ୍ତ, ଏବଂ ପ୍ରାଧିକରଣ ଦ୍ୱାରା

ସ୍ୱୀକୃତ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏବଂ ଯିଏ ଆବଶ୍ୟକୀୟ ଯୋଗ୍ୟତା ଓ ବ୍ୟବସାୟିକ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ତଥା

ଏହି ବିନିୟମାବଳୀ ଅନ୍ତର୍ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ ।

(n) "ପଞ୍ଜିକରଣ" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବାକୁ ଏହି ବିନିୟମାବଳୀ ଅନ୍ତର୍ଗତ ଜାରୀ କରା

ଯାଇଥିବା ଏକ ପଞ୍ଜିକରଣ ପ୍ରମାଣପତ୍ର ।

(o) "ବିନିୟମାବଳୀ" ର ଅର୍ଥ ହେଉଛି ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (କର୍ପୋରେଟ ଅଭିକର୍ତ୍ତା ପଞ୍ଜିକରଣ)

ବିନିୟମାବଳୀ, 2015 ।

(p) "ବିନିର୍ଦ୍ଦିଷ୍ଟ ବ୍ୟକ୍ତି" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତାର ଜଣେ କର୍ମଚାରୀ ଯିଏ କର୍ପୋରେଟ ଅଭିକର୍ତ୍ତା ତରଫରୁ ବୀମା

ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବା ପାଇଁ ଦାୟୀ ହୋଇଥାଏ ଏବଂ ଏହି ବିନିୟମାବଳୀରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ

ଯୋଗ୍ୟତା, ପ୍ରଶିକ୍ଷଣ ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତାସବୁକୁ ପୂରଣ କରିଥିବ;

(q) "ଟେଲିମାର୍କେଟର" ର ଅର୍ଥ ହେଉଛି ବାଣିଜ୍ୟିକ ସୂଚନା ପ୍ରେରଣ କରିବାର କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଟେଲିକମ୍ କମର୍ସିଆଲ

କମ୍ୟୁନିକେଶନ୍ସ କଷ୍ଟମର ପ୍ରିଫରେନ୍ସ ରେଗୁଲେଶନ୍ସ, 2010 (ଟେଲିକମ୍ ବାଣିଜ୍ୟିକ ସଂଚାର ଗ୍ରାହକ ପସନ୍ଦ ବିନିୟମାବଳୀ,

2010) ର ଅଧ୍ୟାୟ III ଅନ୍ତର୍ଗତ ଭାରତୀୟ ଟେଲିକମ୍ ବିନିୟାମକ ପ୍ରାଧିକରଣ ସହିତ ପଞ୍ଜିକୃତ ଏକ ସତ୍ତା ।

(r) ଏହି ବିନିୟମାବଳୀରେ ବ୍ୟବହୃତ ହୋଇଥିବା ଏବଂ ପରିଭାଷିତ ହୋଇ ନ ଥିବା କିନ୍ତୁ ସମୟ ସମୟରେ ସଂଶୋଧିତ ହୋଇଥିବା ଅନୁରୂପ, ଅଧିନିୟମ, ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 କିମ୍ବା ତା' ଅନ୍ତର୍ଗତ କୌଣସି ବିନିୟମାବଳୀ/ ମାର୍ଗଦର୍ଶିକାରେ ପରିଭାଷିତ ହୋଇଥିବା ଶବ୍ଦାବଳୀ ତଥା ଉକ୍ତିଗୁଡିକର ଅର୍ଥ ଯଥାକ୍ରମେ ସେହି ଅଧିନିୟମ/ ବିନିୟମାବଳୀ / ମାର୍ଗଦର୍ଶିକାରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ରୂପେ ହେବ ।

2. ଏହି ବିନିୟମାବଳୀର ପରିସର ଏବଂ ପ୍ରଯୁଜ୍ୟତା :

(1) ଏହି ବିନିୟମାବଳୀ ନିମ୍ନ ରୂପେ ପଞ୍ଜିକରଣ ପ୍ରମାଣପତ୍ରର ବୈଧତା ସମୟାବଧିରେ ଜୀବନ ବୀମାକର୍ତ୍ତା, ସାଧାରଣ ବୀମାକର୍ତ୍ତା

ଓ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ବୀମା ବ୍ୟବସାୟର ଯାଚନା, ପ୍ରାପ୍ତି ଏବଂ ସେବା ଉଦ୍ଦେଶ୍ୟରେ କର୍ପୋରେଟ ଅଭିକର୍ତ୍ତାମାନଙ୍କ ପଞ୍ଜି

କରଣକୁ ସମ୍ମିଳିତ କରେ ।

(a) ସେମାନଙ୍କ ବୀମା ଉତ୍ପାଦଗୁଡିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ଜୀବନ) ର

ସର୍ବାଧିକ ତିନୋଟି ଜୀବନ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ ।

(b) ସେମାନଙ୍କ ବୀମା ଉତ୍ପାଦଗୁଡିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ସାଧାରଣ)

ର ସର୍ବାଧିକ ତିନୋଟି ସାଧାରଣ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ । ଆହୁରି କର୍ପୋରେଟ ଅଭିକର୍ତ୍ତା (ସାଧାରଣ)

ଏକତ୍ର ସମସ୍ତ ବୀମା ପାଇଁ ପ୍ରତି ସଙ୍କଟ ସକାଶେ ପାଞ୍ଚ କୋଟି ଟଙ୍କାରୁ ଅଧିକ ହେଉ ନ ଥିବା ମୋଟ ବୀମା ରାଶି ଥିବା

ସେଭଳି ବୀମାକର୍ତ୍ତାମାନଙ୍କ ଖୁଚୁରା ପ୍ରକାରର ସାଧାରଣ ବୀମା ଉତ୍ପାଦ ଓ ବାଣିଜ୍ୟିକ ପ୍ରକାରର ଉତ୍ପାଦସବୁକୁ ଯାଚିବ,

ପ୍ରାପ୍ତ କରିବ ଓ ଏସବୁର ସେବା ପ୍ରଦାନ କରିବ ।

(c) ସେମାନଙ୍କ ବୀମା ଉତ୍ପାଦଗୁଡିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ସ୍ୱାସ୍ଥ୍ୟ) ର

ସର୍ବାଧିକ ତିନୋଟି ସ୍ୱାସ୍ଥ୍ୟ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ ।

(d) କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ) କ୍ଷେତ୍ରରେ, ଧାରା (a) ଠାରୁ (c) ରେ ବିନିର୍ଦ୍ଦିଷ୍ଟ ସର୍ତ୍ତଗୁଡିକ ଲାଗୁ ହେବ ।

(e) ବୀମା କମ୍ପାନୀମାନଙ୍କ ସହିତ ବ୍ୟବସ୍ଥାରେ କୌଣସି ବି ପରିବର୍ତ୍ତନ କେବଳ ପ୍ରାଧିକରଣର ପୂର୍ବ ସ୍ୱୀକୃତି ଦ୍ୱାରା ଏବଂ
ସେବା ପ୍ରଦାନ କରୁଥିବା ବିଦ୍ୟମାନ ପଲିସୀଧାରକମାନଙ୍କ ପାଇଁ ଉଚିତ୍ ବ୍ୟବସ୍ଥା ସହିତ ହିଁ କରାଯିବ ।

3. ଆବେଦନର ବିଚାର -

(1)ପଞ୍ଜିକରଣର ସ୍ୱୀକୃତି ପାଇଁ ଏକ ଆବେଦନକୁ ବିଚାର କରିବା ସମୟରେ ପ୍ରାଧିକରଣ ଏକ କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟକଳାପ
କୁ ସଂପାଦନ କରିବା ପାଇଁ ଆବଶ୍ୟକ ସମସ୍ତ ବିଷୟକୁ ବିଚାରକୁ ନେବ ।

(2) ଉପରୋକ୍ତ ବିଷୟରେ ପକ୍ଷପାତ କରିବା ବିନା, ବିଶେଷ ରୂପେ ପ୍ରାଧିକରଣ, ନିମ୍ନସବୁକୁ ବିଚାରକୁ ନେବ, ଯେପରିକି -

(a) ଆବେଦକ ଅଧିନିୟମର ଅନୁଭାଗ 42D ର ଉପ-ଅନୁଭାଗ (5) ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ଅଯୋଗ୍ୟତାଗୁଡିକ ମଧ୍ୟରୁ କୌଣସି
ଗୋଟିକର ବି ଶୀକାର ହୋଇଛି କି ;

(b) ଆବେଦକ ପାଖରେ ଆବଶ୍ୟକୀୟ ଇନଫ୍ରାଷ୍ଟ୍ରକଚର, ଯଥା; ଆବଶ୍ୟକ କାର୍ଯ୍ୟାଳୟ ଖାଲି ସ୍ଥାନ, ଉପକରଣ ଏବଂ ଏହାର
କାର୍ଯ୍ୟକଳାପଗୁଡିକୁ ସଫଳତାପୂର୍ବକ ସଂପାଦନ କରିବା ପାଇଁ ସେମାନଙ୍କ ଉପସ୍ଥିତି ପଞ୍ଜିକାରେ ପ୍ରଶିକ୍ଷିତ ବ୍ୟକ୍ତି ଅଛନ୍ତି କି ;

(c) ଆବେଦକ ସହିତ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ କୌଣସି ବି ବ୍ୟକ୍ତିକୁ ଅତୀତରେ ପ୍ରାଧିକରଣ ଲାଇସେନ୍ସ/
ପଞ୍ଜିକରଣର ସ୍ୱୀକୃତି ପାଇଁ ମନା କରିଥିଲା କି ?

a. *ସ୍ପଷ୍ଟୀକରଣ - ଏହି ଉପ-ଧାରାର ଉଦ୍ଦେଶ୍ୟରେ, ଉକ୍ତି "ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ"ର ଅର୍ଥ ଏକ ଫାର୍ମ କିମ୍ବା*

ଏକ କମ୍ପାନୀ କିମ୍ବା ଏକ ସଂସ୍ଥା କର୍ପୋରେଟ କ୍ଷେତ୍ରରେ ହେଉଛି ଏକ ସହଯୋଗୀ, ଏକ ସହାୟକ କମ୍ପାନୀ, ଏକ ପରସ୍ପର ସମ୍ବନ୍ଧିତ ସଂସ୍ଥାନ କିମ୍ବା ଆବେଦକର ଏକ ସମୂହ କମ୍ପାନୀ। ଏତଦ୍ୱାରା ଏହା ସ୍ପଷ୍ଟ କରାଯାଉଛି ଯେ ଏହି ପଦଗୁଡିକ ସେହି ସମାନ ଅର୍ଥ ରହିବ ଯାହା ସେମାନଙ୍କୁ କମ୍ପାନୀ ଆଇନ, 2013 କିମ୍ବା ପ୍ରତିଯୋଗିତା ଆଇନ, 2002, ପ୍ରକରଣ ଯାହା ବି ହେଉ, ସେଥିରେ ଦିଆଯାଇଛି।

(d) ଆବେଦକର ପ୍ରଧାନ ଅଧିକାରୀ ଏକ ସ୍ନାତକ ଅଟେ କି ଏବଂ ପ୍ରାଧିକରଣଦ୍ୱାରା ସ୍ୱୀକୃତ ପାଠ୍ୟକ୍ରମ ଅନୁସାରେ ଏକ ସ୍ୱୀକୃତ .ସଂସ୍ଥାନରୁ ଅନ୍ୟୂନ 50 ଘଣ୍ଟାର ସୈଦ୍ଧାନ୍ତିକ ଓ ବ୍ୟବହାରିକ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛି, ଏବଂ ପରୀକ୍ଷା ସମିତି ଦ୍ୱାରା ଆୟୋଜିତ . ଉପରୋକ୍ତ ପ୍ରଶିକ୍ଷଣ ଅବଧି ଶେଷରେ ଏକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି କି ? ସର୍ତ୍ତ ଏହି କି ଯେ ଯେଉଁଠି ଆବେଦକର ପ୍ରଧାନ ଅଧିକାରୀ ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇର ଏକ ସହଯୋଗୀ/ସଦସ୍ୟ; କିମ୍ବା ସି.ଆଇ.ଆଇ., ଲଣ୍ଡନର ସହଯୋଗୀ/ସଦସ୍ୟ; କିମ୍ବା ଭାରତୀୟ ବୀମାଙ୍କକ ସଂସ୍ଥାନ ର ସହଯୋଗୀ/ସଦସ୍ୟ. ହୋଇଥାଏ; କିମ୍ବା ବୀମା ଏବଂ ସଙ୍କଟ ପ୍ରବନ୍ଧନ ସଂସ୍ଥାନ, ହାଇଦ୍ରାବାଦ (ଇନ୍ଷ୍ଟିଚ୍ୟୁଟ ଅଫ୍ ଇନ୍ସ୍ୟୁରାନ୍ସ ଏଣ୍ଡ ରିସ୍କ .ମ୍ୟାନେଜମେଣ୍ଟ, ହାଇଦ୍ରାବାଦ) ର କୌଣସି ସ୍ନାତକୋତ୍ତର ଯୋଗ୍ୟତା ଧାରଣ କରିଥାଏ, ସେଇଠି ସୈଦ୍ଧାନ୍ତିକ ଓ ବ୍ୟବହାରିକ
ପ୍ରଶିକ୍ଷଣ ପଚିଶ ଘଣ୍ଟା ହେବ ।

(e) ଆବେଦକର ପ୍ରଧାନ ଅଧିକାରୀ, ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଗତ ତିନି ବର୍ଷର ଅବଧିରେ ଏହି ବିନିୟମାବଳୀ
ସ୍ଥିତ ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ ଆଚାର ସଂହିତାର ଉଲ୍ଲଙ୍ଘନ କରି ନାହାନ୍ତି କି ;

(f) ଆବେଦକ, ଯଦି ଆବେଦକର ମୁଖ୍ୟ ବ୍ୟବସାୟ ବୀମାଠାରୁ ଅନ୍ୟ କିଛି ହୋଇଥାଏ, କର୍ପୋରେଟ ଅଭିକର୍ତ୍ତାରୂପେ ଏହାର
କାର୍ଯ୍ୟକଳାପ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ମଧ୍ୟରେ ଆର୍ଥିକ ମାମଲାରେ ଏକ ହାତ-ଦୂରୀ ସମ୍ବନ୍ଧ ରକ୍ଷା କରେ କି;

(g) ପ୍ରଧାନ ଅଧିକାରୀ/ନିର୍ଦ୍ଦେଶକ(ମାନେ)/ଅଂଶୀଦାର(ମାନେ)/ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଏହି ବିନିୟମାବଳୀର ସଂଲଗ୍ନ । ରେ ଦିଆ
ଯାଇଥିବା ବିବରଣ ଆଧାରରେ ଯୋଗ୍ୟ/ଯଥୋଚିତ ଅଟେ/ଅଟନ୍ତି କି ; ଏବଂ

(h) ପ୍ରାଧିକରଣର ଏହି ମତ ଅଟେ ଯେ ପଞ୍ଜିକରଣର ସ୍ୱୀକୃତି ପଲିସୀଧାରକମାନଙ୍କ ହିତରେ ଥିବ ।

(3) ଆବେଦକର ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ନିମ୍ନଲିଖିତ ଆବଶ୍ୟକତାଗୁଡିକୁ ପୂରଣ କରିବେ -

a. ଏକ ମାନ୍ୟତାପ୍ରାପ୍ତ ବୋର୍ଡ/ଅନୁଷ୍ଠାନ (ସଂସ୍ଥାନ) ରୁ ଅନ୍ୟୂନ 12ଶ ଶ୍ରେଣୀ କିମ୍ବା ତତ୍ସମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ

b. (i) ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବିନିର୍ଦ୍ଦିଷ୍ଟ ବର୍ଗର ଜୀବନ, ସାଧାରଣ, ସ୍ୱାସ୍ଥ୍ୟ, ଯାହା ପାଇଁ ପଞ୍ଜିକରଣ ଚାହେଁ, ସେଥିପାଇଁ ଏକ ସ୍ୱୀକୃତ ସଂସ୍ଥାନରୁ ଅନ୍ୟୂନ ପଚାଶ ଘଣ୍ଟାର ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ଏବଂ ପରୀକ୍ଷା ସମିତି ଦ୍ୱାରା ଆୟୋଜିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ;

(ii) କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ)ର ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏକ ସ୍ୱୀକୃତ ସଂସ୍ଥାନଠାରୁ ଅନ୍ୟୂନ ପଞ୍ଚସ୍ତରୀ ଘଣ୍ଟାର ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ଏବଂ ପରୀକ୍ଷା ସମିତିଦ୍ୱାରା ଆୟୋଜିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ;

c. ବୀମା ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବାପାଇଁ କର୍ପୋରେଟ ଅଭିକର୍ତ୍ତାଦ୍ୱାରା ନିୟୋଜିତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଖରେ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ ହୋଇଥିବା ରୂପେ, ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ବୈଧ ପ୍ରମାଣପତ୍ର ରହିଥିବ । କର୍ପୋରେଟ ଅଭିକର୍ତ୍ତାର ବୈଧ ପଞ୍ଜିକରଣ ଅନ୍ତର୍ଗତ ପ୍ରମାଣପତ୍ର ଜାରୀ ତାରିଖଠାରୁ ତିନି ବର୍ଷର ସମୟାବଧି ପର୍ଯ୍ୟନ୍ତ ମାନ୍ୟ ରହିବ;

ବିନିର୍ଦ୍ଦିଷ୍ଟ ବ୍ୟକ୍ତି ପ୍ରମାଣପତ୍ରର ଜାରୀ ପାଇଁ ଏହି ବିନିୟମାବଳୀର ସଂଲଗ୍ନ 3 ରେ ଥିବା ବିନିର୍ଦ୍ଦିଷ୍ଟ ପ୍ରାରୂପରେ କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ମାଧ୍ୟମରେ ପ୍ରାଧିକରଣକୁ ଆବେଦନ କରିବ ।

d. କର୍ପୋରେଟ ଅଭିକର୍ତ୍ତାର ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି, ଯିଏ ଅନ୍ୟ କୌଣସି କର୍ପୋରେଟ ଅଭିକର୍ତ୍ତା ପାଖକୁ ପରିବର୍ତ୍ତିତ ହେବା ପାଇଁ ଚାହିଁବ, ସେ ବର୍ତ୍ତମାନର କର୍ପୋରେଟ ଅଭିକର୍ତ୍ତାଦ୍ୱାରା ଜାରୀ କରାଯାଇଥିବା ଏକ ଅଣ ଆପତ୍ତି ପ୍ରମାଣପତ୍ର ସହିତ ନୂତନ କର୍ପୋରେଟ ଅଭିକର୍ତ୍ତା ମାଧ୍ୟମରେ ପ୍ରାଧିକରଣକୁ ଆବେଦନ କରି ତାହା କରି ପାରିବ ।

ଯଦି, ବର୍ତ୍ତମାନର କର୍ପୋରେଟ ଅଭିକର୍ତ୍ତା 30 ଦିନ ମଧ୍ୟରେ ଏକ ଅଣ ଆପତ୍ତି ପ୍ରମାଣପତ୍ର ଜାରୀ ନ କରେ, ଏହା ମାନି ନେବାକୁ ହେବ ଯେ ତାର ପରିବର୍ତ୍ତନ କରିବାରେ କଥିତ କର୍ପୋରେଟ ଅଭିକର୍ତ୍ତାର କୌଣସି ଆପତ୍ତି ନାହିଁ । କର୍ପୋରେଟ ଅଭିକର୍ତ୍ତାଠାରୁ ଅନୁରୋଧର ପ୍ରାପ୍ତି ପରେ ପ୍ରାଧିକରଣ ପରିବର୍ତ୍ତନକୁ ସୂଚୀତ କରି କର୍ପୋରେଟ ଅଭିକର୍ତ୍ତାର ନାମ ପରିବର୍ତ୍ତନ କରି ଏକ ସଂଶୋଧିତ ପ୍ରମାଣପତ୍ର ଜାରୀ କରିବ ।

e. ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୂଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀ ଯେଉଁମାନେ ଯୋଗ୍ୟତାପ୍ରାପ୍ତ ଅଟନ୍ତି ଏବଂ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ଏକ କର୍ପୋରେଟ ଅଭିକର୍ତ୍ତା ସହିତ ପୂର୍ବରୁ କାର୍ଯ୍ୟରତ ଅଟନ୍ତି । ସେମାନେ ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜିକୃତ କର୍ପୋରେଟ ଅଭିକର୍ତ୍ତାମାନଙ୍କ ସହିତ କାର୍ଯ୍ୟ କରିବା ଚାଲୁ ରଖିପାରନ୍ତି । ଅବଶ୍ୟ, ସେଭଳି ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୂଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀମାନଙ୍କ ବିବରଣୀ ପଞ୍ଜିକରଣ ସ୍ୱୀକୃତି ପାଇଁ ଆବେଦନ କରିବା ସମୟରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ହିସାବରେ କିମ୍ବା ସେମାନଙ୍କ ପଞ୍ଜିକରଣ ତାରିଖଠାରୁ ଛଅ ମାସ ମଧ୍ୟରେ ପ୍ରାଧିକରଣକୁ ପ୍ରଦାନ କରାଯିବ । ବିବରଣୀସବୁର ପ୍ରାପ୍ତି ପରେ ପ୍ରାଧିକରଣ ଉପରୋକ୍ତ ଉପ-ବିନିୟମ (c) ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ହିସାବରେ ସେହି ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୂଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀମାନଙ୍କୁ ଏକ ପ୍ରମାଣପତ୍ର ଜାରୀ କରିବ ।

4. ପଞ୍ଜିକରଣର ନୂତନୀକରଣ -(1) ଏକ କର୍ପୋରେଟ ଅଭିକର୍ତ୍ତା, ପଞ୍ଜିକରଣ ସମାପ୍ତି ପୂର୍ବରୁ ତିରିଶ ଦିନ ମଧ୍ୟରେ, ପ୍ରାଧିକରଣଠାରେ ଆବଶ୍ୟକୀୟ ଶୁଳ୍କ ସହିତ ଫର୍ମ A ରେ ଏକ ଆବେଦନ କରିପାରେ ।

ଅବଶ୍ୟ ସର୍ତ୍ତ ଏହି କି ଯେ ଯଦି ଆବେଦନ ପ୍ରାଧିକରଣ ପାଖକୁ ସେହି ଅବଧି ପରେ କିନ୍ତୁ ଚଳିତ ପଞ୍ଜିକରଣର ବାସ୍ତବ ସମାପ୍ତିର ପୂର୍ବରୁ ପହଞ୍ଚି ଥାଏ, ଏକ ଶହ ଟଙ୍କାର ଅତିରିକ୍ତ ଶୁଳ୍କ ସହିତ ପ୍ରଯୁଜ୍ୟ କର, ପ୍ରାଧିକରଣକୁ ଦେୟ ହେବ ।

ଆହୁରି ସର୍ତ୍ତ ଏହି କି ଯେ ପୂର୍ବ ପ୍ରାବଧାନ ଦ୍ୱାରା ସମ୍ମିଳିତ ହୋଇ ନ ଥିବା କୌଣସି ବିଳମ୍ବ ସକାଶେ ଆବେଦକ ଦ୍ୱାରା ଲିଖିତ ରୂପେ ପ୍ରଦାନ କରାଯାଇଥିବା ଯଥେଷ୍ଟ କାରଣ ପାଇଁ, ପ୍ରାଧିକରଣ ଆବେଦକ ଦ୍ୱାରା ସାତ ଶହ ପଚାଶ ଟଙ୍କାର ଅତିରିକ୍ତ ଶୁଳ୍କ ସହିତ ପ୍ରଯୁଜ୍ୟ କର ସବୁର ପ୍ରଦାନ ପରେ ପଞ୍ଜିକରଣ ସମାପ୍ତି ତାରିଖ ପରେ ନୂତନୀକରଣ ପାଇଁ ଆବେଦନ ସ୍ୱୀକାର କରିପାରେ ।

ଧ୍ୟାନ ଦିଅନ୍ତୁ : ଏକ କର୍ପୋରେଟ ଅଭିକର୍ତ୍ତାକୁ ପଞ୍ଜିକରଣ ସମାପ୍ତିର ନବେ ଦିନ ପୂର୍ବରୁ ପଞ୍ଜିକରଣର ନୂତନୀକରଣ ପାଇଁ ଆବେଦନ ଦାଖଲ କରିବା ପାଇଁ ଅନୁମତି ଦିଆଯାଏ ।

(2) ପଞ୍ଜିକରଣର ନୂତନୀକରଣ ଚାହିଁବା ପୂର୍ବରୁ ପ୍ରଧାନ ଅଧିକାରୀ ଏବଂ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ, ଏକ ସ୍ୱୀକୃତ ସଂସ୍ଥାନ ଦ୍ୱାରା ଦିଆଯାଇଥିବା, ଅନ୍ୟୂନ ପଚିଶ ଘଣ୍ଟାର ସୈଦ୍ଧାନ୍ତିକ ଓ ବ୍ୟବହାରିକ ପ୍ରଶିକ୍ଷଣ ସଂପୂର୍ଣ୍ଣ କରିଥିବେ ।

(3) ଉପ-ବିନିୟମ (I) ଅନ୍ତର୍ଗତ ନୂତନୀକରଣ ପାଇଁ ଏକ ଆବେଦନକୁ ବିନିୟମ 7 ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ହୋଇଥିବା ଭଳି ସମାନ ପ୍ରକାରେ ବିଚାର କରାଯିବ ।

(4) ଆବେଦକ ପଞ୍ଜିକରଣର ନୂତନୀକରଣ ପାଇଁ ବିନିର୍ଦ୍ଦିଷ୍ଟ ସମସ୍ତ ସର୍ତ୍ତକୁ ପୂରଣ କରିଛି ବୋଲି ପ୍ରାଧିକରଣ ସନ୍ତୁଷ୍ଟ ହେବା ପରେ, ତିନି ବର୍ଷର ଅବଧି ପାଇଁ ଫର୍ମ C ରେ ପଞ୍ଜିକରଣର ନୂତନୀକରଣ କରିବ ଏବଂ ଆବେଦକ ପାଖକୁ ସୂଚନା ପଠାଇବ ।

5. ପ୍ରକ୍ରିୟା ଯେଉଁଠି ଏକ ପଞ୍ଜିକରଣର ସ୍ୱୀକୃତି ଦିଆଯାଏ ନାହିଁ -

(1) ଯେଉଁଠି ବିନିୟମ 4 ଅନ୍ତର୍ଗତ ଏକ ପଞ୍ଜିକରଣ କିମ୍ବା ବିନିୟମ 11 ଅନ୍ତର୍ଗତ ନୂତନୀକରଣର ସ୍ୱୀକୃତି ପାଇଁ ଏକ ଆବେଦନ ବିନିୟମ 7 ରେ ଦିଆଯାଇଥିବା ସର୍ତ୍ତାବଳୀକୁ ପୂରଣ କରେ ନାହିଁ, ପ୍ରାଧିକରଣ ପଞ୍ଜିକରଣ ପ୍ରମାଣପତ୍ରର ସ୍ୱୀକୃତି ଦେବାପାଇଁ କିମ୍ବା ତାକୁ ନୂତନୀକରଣ କରିବା ପାଇଁ ମନା କରିଦେଇପାରେ ।

ସର୍ତ୍ତ ଏହି କି ଯେ କୌଣସି ଆବେଦନକୁ ଅସ୍ୱୀକାର କରାଯିବ ନାହିଁ ଯଦି ଆବେଦକକୁ ଶୁଣିବା ପାଇଁ ତାକୁ ଉପଯୁକ୍ତ ସୁଯୋଗ ଦିଆଯାଇ ନାହିଁ ।

(2) ପଞ୍ଜିକରଣ ପ୍ରମାଣପତ୍ରର ସ୍ୱୀକୃତି ଦେବାରେ କିମ୍ବା ନୂତନୀକରଣ କରିବାରେ ଅଗ୍ରାହ୍ୟତାକୁ ପ୍ରାଧିକରଣଦ୍ୱାରା ସେଭଳି ଅଗ୍ରାହ୍ୟତାର ତିରିଶ ଦିନ ମଧ୍ୟରେ, କେଉଁ କାରଣରୁ ଆବେଦନକୁ ଅଗ୍ରାହ୍ୟ କରାଯାଇଛି, ତାହା ଉଲ୍ଲେଖ କରି ଆବେଦକକୁ ସୂଚୀତ କରାଯିବ ।

(3) ପ୍ରାଧିକରଣର ନିର୍ଣ୍ଣୟରେ ପୀଡିତ ହୋଇଥିବା କୌଣସି ଆବେଦକ, ଉପରୋକ୍ତ ଉପ-ବିନିୟମ (2) ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା ଆଦେଶର ଏକ ପ୍ରତିଲିପି ପ୍ରାପ୍ତିର ତାରିଖଠାରୁ ପଇଁଚାଳିଶ ଦିନର ସମୟାବଧି ମଧ୍ୟରେ, ସେଭଳି ଏକ ଅପିଲ ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ, ସୁରକ୍ଷା ଅପିଲୀୟ ଟ୍ରିବ୍ୟୁନାଲରେ ଏକ ଅପିଲ କରିପାରେ ।

6. ପଞ୍ଜିକରଣ ସ୍ୱୀକୃତି ଦେବାରେ ଅଗ୍ରାହ୍ୟତାର ପ୍ରଭାବ - ଏକ ଆବେଦକ, ଯାହାର ବିନିୟମ 4 ଅନ୍ତର୍ଗତ ପଞ୍ଜିକରଣର ସ୍ୱୀକୃତି ପାଇଁ କିମ୍ବା ବିନିୟମ **11** ଅନ୍ତର୍ଗତ ତାହାର ନୂତନୀକରଣ ପାଇଁ ଦିଆଯାଇଥିବା ଆବେଦନକୁ ମନା କିମ୍ବା ଅଗ୍ରାହ୍ୟ କରାଯାଇଥିବ, ସେ ବିନିୟମ 12 (2) ଅନ୍ତର୍ଗତ ସୂଚନା ପ୍ରାପ୍ତିର ତାରିଖରେ କିମ୍ବା ତାରିଖଠାରୁ ଏକ କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟ କରିବା ବନ୍ଦ କରିବ । ସେ, ଅବଶ୍ୟ, ତା' ଜରିଆରେ ପୂର୍ବରୁ ପ୍ରବିଷ୍ଟ କରାଯାଇଥିବା ଚୁକ୍ତିଗୁଡିକ ସମ୍ବନ୍ଧରେ ସେବା ପ୍ରଦାନ କରିବାକୁ ଦାୟୀ ରହିବା ଚାଲୁ ରଖିବ । ସେଭଳି ସେବା ସେହି ବିଦ୍ୟମାନ ଚୁକ୍ତିଗୁଡିକର ସମାପ୍ତି ଅବଧି ପର୍ଯ୍ୟନ୍ତ ଚାଲୁ ରହିବ, ଯେଉଁଗୁଡିକ ପୂର୍ବରୁ ବନ୍ଦ ହୋଇଯାଇଥିବ, କିମ୍ବା ଛଅ ମାସର ଅବଧି ପାଇଁ, ଯେଉଁଟା ବି ପ୍ରଥମେ ଆସିବ ଯେଉଁ ସମୟ ମଧ୍ୟରେ ସେମାନେ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉପଯୁକ୍ତ ବ୍ୟବସ୍ଥା କରିବେ ।

7. କର୍ପୋରେଟ ଅଭିକର୍ତ୍ତା ପାଇଁ ପଞ୍ଜିକରଣର ସ୍ୱୀକୃତିର ସର୍ତ୍ତାବଳୀ :

ବିନିୟମ 9 ଅନ୍ତର୍ଗତ ସ୍ୱୀକୃତି ପଞ୍ଜିକରଣ କିମ୍ବା ବିନିୟମ 11 ଅନ୍ତର୍ଗତ ସ୍ୱୀକୃତ ନୂତନୀକରଣ, ବସ୍ତୁତଃ, ନିମ୍ନଲିଖିତ ସର୍ତ୍ତାବଳୀର ଅଧୀନ ହେବ:-

(i) ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜିକୃତ କର୍ପୋରେଟ ଅଭିକର୍ତ୍ତାକୁ ଉପରୋକ୍ତ ବିନିୟମ (3) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଭଳି କେବଳ ବୀମା ବ୍ୟବସାୟକୁ ଯାଚନା ଓ ସେବା ଦେବାପାଇଁ ଅନୁମତି ଦିଆଯିବ;

(ii) କର୍ପୋରେଟ ଅଭିକର୍ତ୍ତା ଅଧିନିୟମର ପ୍ରାବଧାନସବୁର, ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 ଏବଂ ବିନିୟମାବଳୀ, ପରିପତ୍ର, ମାର୍ଗଦର୍ଶିକା ଓ ପ୍ରାଧିକରଣଦ୍ୱାରା ସମୟ ସମୟରେ ତା' ମଧ୍ୟରେ ଜାରୀକରାଯାଉଥିବା ଅନ୍ୟ କୌଣସି ନିର୍ଦ୍ଦେଶଗୁଡିକର ଅନୁପାଳନ କରିବ;

(iii) ଯଦି ତାଙ୍କ ପ୍ରାଧିକରଣ ନିକଟରେ ସେମାନେ ପୂର୍ବରୁ ଦାଖଲ କରିଥିବା କୌଣସି ତଥ୍ୟ କିମ୍ବା ବିବରଣୀଗୁଡିକରେ କୌଣସି ଆବଶ୍ୟକ ବିବରଣୀ ସମ୍ବନ୍ଧରେ ମିଥ୍ୟା କିମ୍ବା ବିପଥଗାମୀ ମିଳେ କିମ୍ବା ପୂର୍ବରୁ ଦାଖଲ କରାଯାଇଥିବା ତଥ୍ୟରେ କୌଣସି

ଆବଶ୍ୟକ ପରିବର୍ତ୍ତନ କରାଯାଇଥାଏ, ତା ହେଲେ କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣକୁ ସୂଚୀତ କରିବ ;

(iv) ଏହାର ଗ୍ରାହକମାନଙ୍କ ଅଭିଯୋଗସବୁର ନିବାରଣ ପାଇଁ ସେଭଳି ଅଭିଯୋଗ ପ୍ରାପ୍ତିର 14 ଦିନ ମଧ୍ୟରେ କର୍ପୋରେଟ ଅଭିକର୍ତ୍ତା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ଏବଂ ସେଭଳି ଗ୍ରାହକମାନଙ୍କଠାରୁ ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡିକର ସଂଖ୍ୟା, ସ୍ୱରୂପ ଏବଂ ଅନ୍ୟାନ୍ୟ ବିବରଣୀ ସମ୍ବନ୍ଧରେ ପ୍ରାଧିକରଣଦ୍ୱାରା ବିନିର୍ଦ୍ଦିଷ୍ଟ କରାଯାଇଥିବା ପ୍ରାରୂପରେ ଓ ପ୍ରକାରେ ପ୍ରାଧିକରଣକୁ ସୂଚୀତ କରି ରଖିବ;

(v) କର୍ପୋରେଟ ଅଭିକର୍ତ୍ତା ସେମାନଙ୍କ ସଂସାଧନ ଏବଂ ସେମାନେ ନିଯୁକ୍ତ କରିଥିବା ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସଂଖ୍ୟା ଅନୁରୂପ ଉଚିତ୍ ସଂଖ୍ୟକ ବୀମା ପଲିସୀର ଯାଚନା ଓ ପ୍ରାପ୍ତ କରିବ ।

(vi) କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପ୍ରାରୂପରେ ରେକର୍ଡସବୁ ରଖିବ ଯାହା ପଲିସୀ ଅନୁଯାୟୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଅନୁଯାୟୀ ବିବରଣୀସବୁ ଧରି ରଖିବ ଯେଉଁଥିରେ ସେହି ଉତ୍ପାଦ ଯେଉଁଗୁଡିକ ସରଳ ଅଟନ୍ତି, କାଉଣ୍ଟରରେ ବିକ୍ରୟ ହୋଇ ସାରିଛନ୍ତି ଏବଂ ପ୍ରାଧିକରଣ ଦ୍ୱାରା ବିଶେଷରୂପେ ସ୍ୱୀକୃତ ହୋଇଛନ୍ତି ; ସେଗୁଡିକ ବ୍ୟତୀତ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ଯାଚିତ ହୋଇଥିବା ପ୍ରତ୍ୟେକ ପଲିସୀକୁ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସହିତ ସଂଲଗ୍ନ କରାହୁଏ । କର୍ପୋରେଟ ଅଭିକର୍ତ୍ତା ସିଷ୍ଟମଗୁଡିକ ଠିକ୍ ହିସାବରେ ରଖିବ ଯାହା ପ୍ରାଧିକରଣକୁ ସେହି ରେକର୍ଡ ଓ ବିବରଣୀସବୁକୁ ନିୟମିତରୂପେ ଦେଖିବାକୁ ସ୍ୱୀକୃତି ଦେବ ।

(vii) କୌଣସି ବି ପରିସ୍ଥିତିରେ କର୍ପୋରେଟ ଅଭିକର୍ତ୍ତା ବୀମା ଉତ୍ପାଦଗୁଡିକର ଯାଚନା ପାଇଁ ବହୁ-ସ୍ତରୀୟ ବିପଣନ କରିବ ନାହିଁ;

(viii) କର୍ପୋରେଟ ଅଭିକର୍ତ୍ତା ଏହାର ନିର୍ଦ୍ଦେଶକ, ପ୍ରଧାନ ଅଧିକାରୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ଆଚାର ସଂହିତାର ଅନୁପାଳନ ସୁନିଶ୍ଚିତ କରିବ;

(ix) କର୍ପୋରେଟ ଅଭିକର୍ତ୍ତା ବିନିୟମ 31 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ସେମାନଙ୍କ କର୍ପୋରେଟ ପ୍ରତିନିଧିତ୍ୱ କାର୍ଯ୍ୟ ପାଇଁ ଅଲଗା ଆକାଉଣ୍ଟ ଖାତା ରଖିବ ।

8. ଶୁଳ୍କ ପ୍ରଦାନ ଏବଂ ଶୁଳ୍କପ୍ରଦାନ କରିବାରେ ବିଫଳ ହେବାର ପରିଣାମ-

(1) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ପଞ୍ଜିକରଣର ଆବେଦନ ତଥା ତାହାର ନୂତନୀକରଣ ସମୟରେ ଟ. 10,000/-ର ଅଣ ଫେରସ୍ତଯୋଗ୍ୟ ଶୁଳ୍କଯୁକ୍ତ ପ୍ରଯୁଜ୍ୟ କରସବୁ ପ୍ରଦାନ କରିବ । ଶୁଳ୍କକୁ "ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ" ପକ୍ଷରେ, ଦେୟ ହାଇଦ୍ରାବାଦରେ, ଏହି ନାମ ଆକାଉଣ୍ଟ ପେୟୀ ଡ୍ରାଫ୍ଟ ଦ୍ୱାରା କିମ୍ବା ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣକୁ ମାନ୍ୟତାପ୍ରାପ୍ତ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର ଦ୍ୱାରା ଦେୟ ହେବ । ଆବେଦକ ଶୁଳ୍କ ବିନା କୌଣସି ଆବେଦନର ପ୍ରକ୍ରିୟା ଆରମ୍ଭ କରାଯିବ ନାହିଁ ।

(2) ପ୍ରାଧିକରଣଠାରୁ ପଞ୍ଜିକରଣର ମଞ୍ଜୁରୀ ପାଇଁ ସୂଚନା ପ୍ରାପ୍ତ ହେବାପରେ, ଆବେଦକ ସେଭଳି ସୂଚନା ପ୍ରାପ୍ତିର 15 ଦିନ ମଧ୍ୟରେ, ଟ.25,000 ର ଶୁଳ୍କଯୁକ୍ତ ପ୍ରଯୁଜ୍ୟ କର ପ୍ରଦାନ କରିବ । ଶୁଳ୍କର ପ୍ରାପ୍ତିପରେ ଏବଂ ପଞ୍ଜିକରଣର ମଞ୍ଜୁରୀ ପାଇଁ ସର୍ତ୍ତ ଓ ଅନୁବନ୍ଧର ସନ୍ତୋଷଜନକ ଅନୁପାଳନ ପରେ, ପ୍ରାଧିକରଣ ସେହି ବର୍ଗ ଯେଉଁଥିପାଇଁ ଆବେଦନ କରାଯାଇଛି, ତା' ଅନ୍ତର୍ଗତ ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବା ପାଇଁ ପଞ୍ଜିକରଣ ମଞ୍ଜୁର କରିବ ।

(3) ନୂତନୀକରଣ ପାଇଁ ଆବେଦନ କରିବାକୁ ଚାହୁଁଥିବା ଏକ କର୍ପୋରେଟ ଅଭିକର୍ତ୍ତା ନିର୍ଦ୍ଧାରିତ ପ୍ରାରୂପରେ ଟ.25,000/-ର ଶୁଳ୍କ ଯୁକ୍ତ ପ୍ରଯୁଜ୍ୟ କର ସହିତ ଆବେଦନ କରିବ ।

9. ପାରିଶ୍ରମିକ -

(1) ଏକ କର୍ପୋରେଟ ଅଭିକର୍ତ୍ତାକୁ ପାରିଶ୍ରମିକ ପ୍ରଦାନ କିମ୍ବା ତା' ଦ୍ୱାରା ପାରିଶ୍ରମିକ ପ୍ରାପ୍ତି ସମୟ ସମୟରେ ପ୍ରାଧିକରଣଦ୍ୱାରା ଏହା ତରଫରୁ ଅନୁସୂଚୀତ ବିନିୟମାବଳୀ ଦ୍ୱାରା ପରିଚାଳିତ ହେବ ।

(2) ସେହି କର୍ପୋରେଟ ଅଭିକର୍ତ୍ତା ଯେଉଁମାନେ ଆଇଆରଡିଏ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମାବଳୀ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ହୋଇଥିଲେ, ସେମାନଙ୍କୁ ସେହି ବିନିୟମାବଳୀ ଅନ୍ତର୍ଗତ ସେମାନେ ଉତ୍ପତ୍ତି କରିଥିବା ଓ ପ୍ରାପ୍ତ କରିଥିବା ବ୍ୟବସାୟ ପାଇଁ ପାରିଶ୍ରମିକ ପ୍ରାପ୍ତ କରିବାପାଇଁ ସ୍ୱୀକୃତି ଦିଆଯାଇପାରେ ଏହି ସର୍ତ୍ତରେ ଯେ ସେମାନେ ଏହି ବିନିୟମାବଳୀର ବିନିୟମ 24(2) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ଚାଲୁ ରଖିବେ । ଯଦି ସେଭଳି କର୍ପୋରେଟ ଅଭିକର୍ତ୍ତାମାନେ ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜିକୃତ ହେବାପାଇଁ ଚାହାଁନ୍ତି, ସେମାନେ ବିନିୟମ 31 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ସେମାନଙ୍କ ଆକାଉଣ୍ଟ ଖାତାରେ ପୁରୁଣା ଚୁକ୍ତି ଓ ନୂତନ ଚୁକ୍ତି ଅନ୍ତର୍ଗତ ପ୍ରାପ୍ତ କରୁଥିବା ପାରିଶ୍ରମିକକୁ ଅଲଗା ଅଲଗା ପ୍ରକଟ କରିବେ ।

10. ଲାଭର ଦ୍ୱନ୍ଦ -

ବୀମା ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବା ସମୟରେ, କର୍ପୋରେଟ ଅଭିକର୍ତ୍ତା ନିମ୍ନଲିଖିତର ଅନୁପାଳନ କରିବ:

(i)ଏକ ବିଶେଷ ପ୍ରକାରର ବ୍ୟବସାୟରେ ଏକାଧିକ ବୀମାକର୍ତ୍ତା ସହିତ କର୍ପୋରେଟ ଅଭିକର୍ତ୍ତାର ସମ୍ବନ୍ଧ ଥିଲେ, ସେ ସମ୍ଭାବ୍ୟ ଗ୍ରାହକକୁ ସେହି ବୀମାକର୍ତ୍ତାମାନଙ୍କ ତାଲିକାର ପ୍ରକଟୀକରଣ କରିବ, ଯାହା ସହିତ ଉତ୍ପାଦଗୁଡିକୁ

ବିତରଣ କରିବାପାଇଁ ସେମାନଙ୍କ ବ୍ୟବସ୍ଥା ଅଛି ଏବଂ ସେମାନଙ୍କୁ ସେହିସବୁ ବିବରଣୀ ପ୍ରଦାନ କରିବ ଯେପରିକି ବୀମାର ପରିସର, ପଲିସୀର ସର୍ତ୍ତ, ଦେୟଯୋଗ୍ୟ ପ୍ରିମିୟମ, ପ୍ରିମିୟମ ସର୍ତ୍ତାବଳୀ ଏବଂ ଅନ୍ୟ କୌଣସି ତଥ୍ୟ ଯାହା ସେମାନଙ୍କ ପାଖରେ ଉପଲବ୍ଧ ସମସ୍ତ ଉତ୍ପାଦ ସମ୍ବନ୍ଧରେ ଗ୍ରାହକ ଜାଣିବାକୁ ଚାହେଁ । ଆହୁରି ମଧ୍ୟ, ସେ ପ୍ରଦାନ କରାଯାଉଥିବା ବୀମା ଉତ୍ପାଦ ସମ୍ବନ୍ଧିତ କମିଶନର ସ୍କେଲକୁ ପ୍ରକଟ କରିବ, ଯଦି ସମ୍ଭାବ୍ୟ ଗ୍ରାହକ ଦ୍ୱାରା ପଚରାଯାଏ;

(ii) ଯେଉଁଠି ବୀମାକୁ ଏକ ମୂଖ୍ୟ ବ୍ୟବସାୟ ଉତ୍ପାଦ ସହିତ ଏକ ଆନୁଷଙ୍ଗିକ ଉତ୍ପାଦ ରୂପେ ବିକ୍ରି କରାଯାଏ, କର୍ପୋରେଟ ଅଭିକର୍ତ୍ତା କିମ୍ବା ଏହାର ଅଂଶୀଦାର କିମ୍ବା ଏହା ସହଯୋଗୀମାନେ ମୂଖ୍ୟ ବ୍ୟବସାୟ ଉତ୍ପାଦର କ୍ରେତାକୁ ଏହା ଜରିଆରେ ଆବଶ୍ୟକ ରୂପେ ବୀମା ଉତ୍ପାଦକୁ କ୍ରୟ କରିବା ପାଇଁ ବାଧ୍ୟ କରିବେ ନାହିଁ । କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ଏବଂ ସି.ଏଫ୍.ଓ (କିମ୍ବା ଏହାର ସମତୁଲ୍ୟ) ଅର୍ଦ୍ଧ-ବାର୍ଷିକ ଆଧାରରେ ଅନୁସୂଚୀ VIII ରେ ଦିଆଯାଇଥିବା ପ୍ରାରୂପରେ ପ୍ରାଧିକରଣ ନିକଟରେ ଏକ ପ୍ରମାଣପତ୍ର ଦାଖଲ କରିବେ, ଏହା ପ୍ରମାଣିତ କରି ଯେ କୌଣସି ବି ସମ୍ଭାବ୍ୟ ଗ୍ରାହକକୁ ଏକ ବୀମା ଉତ୍ପାଦର ବାଧ୍ୟତାମୂଳକ ବିକ୍ରୟ ନାହିଁ ।

(iii) କୌଣସି ବି ବୀମାକର୍ତ୍ତା ଏହା ଆବଶ୍ୟକ କରିବ ନାହିଁ ଯେ କର୍ପୋରେଟ ଅଭିକର୍ତ୍ତା ତାହା ସହିତ ପ୍ରତ୍ୟେକ ଗ୍ରାହକକୁ ବୀମିତ କରୁ ।

11. ପ୍ରାଧିକରଣ ନିକଟରେ ପ୍ରକଟୀକରଣ -

(1) ଏକ ଆବେଦକ ଯିଏ ଏକ କର୍ପୋରେଟ ଅଭିକର୍ତ୍ତା ହେବାପାଇଁ ଇଚ୍ଛା କରେ, ସେ ଆବେଦନ ଦାଖଲ କରିବା ସମୟରେ ନିଜେ, ଆବେଦନର ବିଚାର ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ପ୍ରାଧିକରଣ ନିକଟରେ ପ୍ରକଟ କରିବ । ଯଦି ସେମାନଙ୍କ ଆବେଦନର ବିଚାର ପାଇଁ ପ୍ରଦାନ କରାଯାଇଥିବା ତଥ୍ୟରେ କୌଣସି ପରିବର୍ତ୍ତନ ଥାଏ, ଆବେଦନ ଦାଖଲ କରିବା ପରେ କିମ୍ବା ଆବେଦକ ସ୍ୱେଚ୍ଛାକୃତ ରୂପେ, ପ୍ରାଧିକରଣ ନିକଟରେ ସେହି ପରିବର୍ତ୍ତନକୁ ପ୍ରକଟ କରିବ ।

(2) ଠିକ୍ ସେଭଳି, ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ଧାରଣ କରେ, ପଞ୍ଜିକରଣର ଜାରୀ ପରେ, ସ୍ୱେଚ୍ଛାକୃତ ରୂପେ ପ୍ରାଧିକରଣ ନିକଟରେ, ସେହି ଆବଶ୍ୟକୀୟ ତଥ୍ୟରେ ଥିବା କୌଣସି ପରିବର୍ତ୍ତନ, ଯାହା ଆଧାରରେ ପଞ୍ଜିକରଣ କରା ହୋଇଥିଲା, ତାହାକୁ ଉଚିତ୍ ସମୟ କିନ୍ତୁ ସେହି ପରିବର୍ତ୍ତନ ଘଟିବାର 30 ଦିନରୁ ଅଧିକ ହୋଇ ନ ଥିବ, ତା ମଧ୍ୟରେ ପ୍ରକଟ କରିବ । ସେହି ସୂଚନା ପ୍ରାପ୍ତି ପରେ ପ୍ରାଧିକରଣ, କୌଣସି ସ୍ପଷ୍ଟୀକରଣ ମାଗି ପାରେ କିମ୍ବା ସେଭଳି ନିର୍ଦ୍ଦେଶାବଳୀ ଜାରୀ କରିପାରେ ଯାହା ସେ ଉପଯୁକ୍ତ ବୋଲି ମନେ କରିବ ।

(3) ଏକ କର୍ପୋରେଟ ପ୍ରାଧିକରଣ ନିକଟରେ ଅନ୍ୟ ବିନିୟାମକ କିମ୍ବା ସରକାରୀ ସଂସ୍ଥାଦ୍ୱାରା ସେମାନଙ୍କ ବିରୁଦ୍ଧରେ ଆରମ୍ଭ କରାଯାଇଥିବା କାନୁନୀ ପ୍ରକ୍ରିୟା ବିଷୟରେ, ଉଚିତ୍ ସମୟ କିନ୍ତୁ ସେଭଳି ପ୍ରକ୍ରିୟା ଆରମ୍ଭ କରାଯିବାର 30 ଦିନରୁ ଅଧିକ ହୋଇ ନ ଥିବ, ତା ମଧ୍ୟରେ ପ୍ରକଟ କରିବ । ସେହି ଅନ୍ୟାନ୍ୟ ସଂସ୍ଥାଦ୍ୱାରା ଜାରୀ କରାଯାଇଥିବା କୌଣସି ପଦକ୍ଷେପ କିମ୍ବା ନିର୍ଦ୍ଦେଶସବୁକୁ ମଧ୍ୟ ଉପରୋକ୍ତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରାଧିକରଣ ନିକଟରେ ପ୍ରକଟ କରାଯିବ ।

(4) କର୍ପୋରେଟ ଅଭିକର୍ତ୍ତା ସେଭଳି ତଥ୍ୟ କିମ୍ବା ରିଟର୍ଣ୍ଣ, ଯାହାକୁ ଯଥାର୍ଥ ବୋଲି ମନେକରିବ, ତାହାକୁ ପ୍ରଦାନ କରିବାପାଇଁ ପ୍ରାଧିକରଣ ସମୟ ସମୟରେ ଆବଶ୍ୟକ କରିପାରେ ।

(5) କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ନିକଟରେ ତାହାର କାର୍ଯ୍ୟାଳୟଗୁଡିକର ବିବରଣୀ ଯାହା ମଧ୍ୟରେ ସେମାନେ ବୀମା ଉତ୍ପାଦଗୁଡିକ ବିତରଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ଏବଂ ପ୍ରାଧିକରଣଦ୍ୱାରା ସେମାନଙ୍କୁ ଜାରୀ କରାଯାଇଥିବା ପ୍ରମାଣପତ୍ର ସଂଖ୍ୟା ସହିତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ବିବରଣୀ ପ୍ରକଟ କରିବ । ଆହୁରି, ଏକ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ଏକ କାର୍ଯ୍ୟଳୟ ଖୋଲିବା କିମ୍ବା ବନ୍ଦକରିବାର ସୂଚନା ମଧ୍ୟ ପ୍ରାଧିକରଣକୁ ଦିଆଯିବ । ପ୍ରାଧିକରଣ ଆହୁରି ସୂଚନା ମଧ୍ୟ ମାଗିପାରେ ଯାହାକୁ ସେ ଯଥାର୍ଥ ବୋଲି ମନେକରିବ ।

(6) ଉପରେ ଦିଆଯାଇଥିବା ସର୍ତ୍ତାବଳୀର ଅନୁପାଳନରେ ବିଫଳତା କାନୁନୀ ପଦକ୍ଷେପକୁ ଆମନ୍ତ୍ରଣ ଦେବ ଯେପରିକି ପଞ୍ଜିକରଣର ନିଲମ୍ବନ କିମ୍ବା ରଦ୍ଦକରଣ, ଆର୍ଥିକ ଦଣ୍ଡ ଲାଗୁକରିବା କିମ୍ବା ଅନ୍ୟ କୌଣସି ଦଣ୍ଡ ଯାହା ପ୍ରାଧିକରଣ ଯୋଗ୍ୟ ବୋଲି ବିଚାର କରିପାରେ ।

12. ଉତ୍ପାଦଗୁଡିକର ବିତରଣ ପାଇଁ ବୀମାକର୍ତ୍ତାମାନଙ୍କ ସହିତ ବ୍ୟବସ୍ଥା

a) ଏହି ବିନିୟମାବଳୀ ଅନ୍ତର୍ଗତ କର୍ପୋରେଟ ଅଭିକର୍ତ୍ତାମାନଙ୍କୁ ଉତ୍ପାଦଗୁଡିକର ବିତରଣ ପାଇଁ ବୀମାକର୍ତ୍ତାମାନଙ୍କ ସହିତ ବ୍ୟବସ୍ଥାରେ ପ୍ରବେଶ କରିବାକୁ ପଡ଼ିବ । ଏହି ବ୍ୟବସ୍ଥାଗୁଡିକୁ ପ୍ରାଧିକରଣ ପାଖରେ ସେଭଳି ବ୍ୟବସ୍ଥାରେ ପ୍ରବେଶ କରିବାର 30 ଦିନ ମଧ୍ୟରେ ପ୍ରକଟ କରିବାକୁ ପଡ଼ିବ । ସେଭଳି ବ୍ୟବସ୍ଥାର ସର୍ବନିମ୍ନ ସମୟାବଧି ଏକ ବର୍ଷ ପାଇଁ ହେବ ;

(b) ସେଭଳି ବ୍ୟବସ୍ଥାରେ ପ୍ରବେଶ କରିବା ସମୟରେ, ଏକ ବିଶେଷ ବୀମାକର୍ତ୍ତାଙ୍କ ଉତ୍ପାଦଗୁଡିକୁ ବିତରଣ କରିବା ପାଇଁ କୌଣସି କର୍ପୋରେଟ ଅଭିକର୍ତ୍ତା ପ୍ରତିଶ୍ରୁତି ଦେବ ନାହିଁ କିମ୍ବା କୌଣସି ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତାକୁ ବାଧ କରିବେ ନାହିଁ;

(c) ବ୍ୟବସ୍ଥାସବୁରେ ପଲିସୀଧାରକମାନଙ୍କ ପ୍ରତି କର୍ପୋରେଟ ଅଭିକର୍ତ୍ତାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ବୀମାକର୍ତ୍ତା ଓ କର୍ପୋରେଟ ଅଭିକର୍ତ୍ତାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ବ୍ୟବସ୍ଥାଗୁଡିକର ସମାପ୍ତି ପାଇଁ ସର୍ତ୍ତ ଓ ପ୍ରତିବନ୍ଧକୁ ସମ୍ମିଳିତ କରିବାର ପ୍ରାବଧାନ ରହିବ;

(d) ପଲିସୀଧାରକମାନଙ୍କ ହିତ ବିରୁଦ୍ଧରେ କୌଣସି ବ୍ୟବସ୍ଥା କରାଯିବ ନାହିଁ;

(e) ଯଦି ଏକ କର୍ପୋରେଟ ଅଭିକର୍ତ୍ତା କୌଣସି ବୀମାକର୍ତ୍ତା ସହିତ ଥିବା ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଚାହେଁ, ସେମାନେ ବୀମାକର୍ତ୍ତା ଓ ପ୍ରାଧିକରଣକୁ ସୂଚୀତ କରି ତାହା କରିପାରନ୍ତି । ସେଭଳି କ୍ଷେତ୍ରରେ, ସେମାନେ ସୁନିଶ୍ଚିତ କରିବେ ଯେ ବୀମାକର୍ତ୍ତା ସହିତ ଯାଚିତ ଓ ରଖାଯାଇଥିବା ପଲିସୀଗୁଡିକୁ ସେଗୁଡିକର ସମାପ୍ତି କିମ୍ବା ଛଅ ମାସର ଅବଧି, ଯେଉଁଟା ବି ପ୍ରଥମେ ଆସିବ, ସେ ପର୍ଯ୍ୟନ୍ତ ସେବା ପ୍ରଦାନ କରାଯାଉଛି ଯେଉଁ ସମୟ ମଧ୍ୟରେ ସେମାନେ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉଚିତ୍ ବ୍ୟବସ୍ଥା କରିବେ;

(f) ଯଦି ଏକ ବୀମାକର୍ତ୍ତା କୌଣସି କର୍ପୋରେଟ ଅଭିକର୍ତ୍ତା ସହିତ ଥିବା ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଚାହେଁ, ସେମାନେ କର୍ପୋରେଟ ଅଭିକର୍ତ୍ତା ଓ ପ୍ରାଧିକରଣକୁ ସୂଚୀତ କରି ତାହା କରିପାରନ୍ତି । ସେଭଳି କ୍ଷେତ୍ରରେ, ସମ୍ବନ୍ଧିତ ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ପ୍ରାପ୍ତ କରାଯାଇଥିବା ପଲିସୀଗୁଡିକର ସେବାପ୍ରଦାନର ଦାୟିତ୍ୱ ନେବେ । ଏଭଳି ସବୁ କ୍ଷେତ୍ରରେ, ବୀମାକର୍ତ୍ତା ସମ୍ବନ୍ଧିତ ପଲିସୀଧାରକକୁ ସେବା ବ୍ୟବସ୍ଥାରେ କରାଯାଇଥିବା ପରିବର୍ତ୍ତନଗୁଡିକ ସମ୍ବନ୍ଧରେ ସୂଚୀତ କରିବେ;

(g) ଏହାର କର୍ପୋରେଟ ଅଭିକର୍ତ୍ତା ହେବାପାଇଁ, ଆବଶ୍ୟକ ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣଦ୍ୱାରା ସ୍ୱୀକୃତ ଶୁଳ୍କ କିମ୍ବା ଚାର୍ଜ ବ୍ୟତୀତ, କୌଣସି ଦସ୍ତଖତ କରିବା ଶୁଳ୍କ କିମ୍ବା ଅନ୍ୟ କୌଣସି ଚାର୍ଜ ଯେଉଁ ନାମରେ ବି ପରିଚିତ

ହୋଇଥାଉ, ଏହାକୁ କୌଣସି ବୀମାକର୍ତ୍ତା ପ୍ରଦାନ କରିବ ନାହିଁ ଏବଂ କୌଣସି କର୍ପୋରେଟ ଅଭିକର୍ତ୍ତା ପ୍ରାପ୍ତ କରିବ ନାହିଁ ;

(h) କୌଣସି ବି ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତାମାନଙ୍କ ପ୍ରଧାନ ଅଧିକାରୀ, ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷରୂପେ ପ୍ରୋତ୍ସାହନ (ନଗଦ କିମ୍ବା ଅଣ-ନଗଦ) ପ୍ରଦାନ କରିବ ନାହିଁ;

(i) ପ୍ରାଧିକରଣ, କୌଣସି ସମୟରେ ବି, ବୀମାକର୍ତ୍ତା କିମ୍ବା କର୍ପୋରେଟ ଅଭିକର୍ତ୍ତାଙ୍କୁ କାରଣ ଉଲ୍ଲେଖ କରି ବିତରଣ ବ୍ୟବସ୍ଥାକୁ ସମାପ୍ତ କରିବାପାଇଁ ନିର୍ଦ୍ଦେଶ ଦେଇପାରେ ।

13. ପଲିସୀଧାରକମାନଙ୍କୁ ସେବାପ୍ରଦାନ -

(1) ଏହି ନିୟମାବଳୀ ଅନ୍ତର୍ଗତ ସଂପୂର୍ଣ୍ଣ ଚୁକ୍ତି ସମୟାବଧି ମଧ୍ୟରେ ଏହାର ପଲିସୀଧାରକମାନଙ୍କ ସେବାପ୍ରଦାନ କରିବାର କର୍ତ୍ତବ୍ୟ ଏକ ପଞ୍ଜିକୃତ କର୍ପୋରେଟ ଅଭିକର୍ତ୍ତାର ରହିବ । ସେବାପ୍ରଦାନ ସମ୍ମିଳିତ କରେ ଅଧିନିୟମର ଅନୁଭାଗ 64VB ଅନ୍ତର୍ଗତ ଆବଶ୍ୟକୀୟ ପ୍ରିମିୟମର ପ୍ରଦାନରେ ସହାୟତା ପ୍ରଦାନ କରିବା, ଏକ ଦାବୀ ପରିପ୍ରେକ୍ଷୀରେ ଆବଶ୍ୟକ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବା, ସେହି ବିଷୟଗୁଡିକ ଉପରେ ଅନ୍ୟସବୁ ସେବା ଓ ମାର୍ଗଦର୍ଶନ ପ୍ରଦାନ କରିବା ଯାହା ଏକ ବୀମା ଚୁକ୍ତିର ସମୟାବଧିରେ ଉତ୍ପନ୍ନ ହୋଇଥାନ୍ତି ।

(2) ଆଇଆରଡିଏ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମାବଳୀ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ଏକ କର୍ପୋରେଟ ଅଭିକର୍ତ୍ତା କ୍ଷେତ୍ରରେ, ସେମାନେ ଏହି ବିନିୟମାବଳୀର ବିନିୟମ 1(3) ର ଅନୁପାଳନ କରିବେ । ଅବଶ୍ୟ, ସେମାନେ ଏହି ବିନିୟମର ଉପ-ଧାରା (1) ଅନ୍ତର୍ଗତ ଆବଶ୍ୟକ ହେଉଥିବା ଅନୁଯାୟୀ, ସେସବୁ ପଲିସୀର ଅବଧିର ସମାପ୍ତି କିମ୍ବା ଛଅ ମାସର ସମୟାବଧି ପାଇଁ, ଯେଉଁଟା ବି ପ୍ରଥମେ ଆସିବ, ସେ ପର୍ଯ୍ୟନ୍ତ ବିଦ୍ୟମାନ ପଲିସୀଧାରକମାନଙ୍କୁ ସେବା ପ୍ରଦାନ କରିବା ଚାଲୁ ରଖିବେ, ଯେଉଁ ସମୟ ମଧ୍ୟରେ ଚୁକ୍ତିଗୁଡିକୁ ସେବାପ୍ରଦାନ କରିବାପାଇଁ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉଚିତ୍ ବ୍ୟବସ୍ଥା କରିବେ । ବ୍ୟବସ୍ଥାଗୁଡିକ ସହିତ ସେଭଳି ଚୁକ୍ତିଗୁଡିକର ବିବରଣୀଗୁଡିକୁ ସେଭଳି ବ୍ୟବସ୍ଥାଗୁଡିକର ତିରିଶ ଦିନ ମଧ୍ୟରେ ପ୍ରାଧିକରଣ ନିକଟରେ ପ୍ରକଟ କରାଯିବ ।

14. ଏକ କର୍ପୋରେଟ ଅଭିକର୍ତ୍ତାର ଟେଲି-ମାର୍କେଟିଙ୍ଗ୍ ମୋଡ ଏବଂ ଦୂରବର୍ତ୍ତୀ ବିପଣନ କାର୍ଯ୍ୟକଳାପଦ୍ୱାରା ବୀମା ବିକ୍ରୟ -

(1) ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ବୀମା ଉତ୍ପାଦଗୁଡିକର ବିତରଣ ଉଦ୍ଦେଶ୍ୟରେ ଏକ ଟେଲିମାର୍କେଟରର ସେବାର ଉପଯୋଗ କରିବା ପାଇଁ କିମ୍ବା ଦୂରବର୍ତ୍ତୀ ବିପଣନ କାର୍ଯ୍ୟକଳାପରେ ନିଯୁକ୍ତ ରହିବା ପାଇଁ ଇଚ୍ଛା କରେ, ତାକୁ ଅନୁସୂଚୀ VII ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ନିର୍ଦ୍ଦେଶଗୁଡିକୁ ଅନୁପାଳନ କରିବ ।

(2) ଉପରୋକ୍ତ ଉପ-ବିନିୟମ (1) ର ପକ୍ଷପାତିତା ନ କରି, ଏକ କର୍ପୋରେଟ ଅଭିକର୍ତ୍ତାକୁ ଏକ ଟେଲିମାର୍କେରର ସେବାର ଉପଯୋଗ କରିବା ପାଇଁ ନିମ୍ନଲିଖିତ ଅତିରିକ୍ତ ସର୍ତ୍ତାବଳୀର ଅନୁପାଳନ କରିବାକୁ ପଡ଼ିବ :

a. କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ନିଯୁକ୍ତ ଟେଲିମାର୍କେଟର ଉକ୍ତ ବିଷୟରେ ଭାରତୀୟ ଟେଲିକମ ବିନିୟାମକ ପ୍ରାଧିକରଣ ଦ୍ୱାରା

ଜାରୀକରାଯାଇଥିବା ବିଭିନ୍ନ ପରିପତ୍ର ଏବଂ/କିମ୍ବା ମାର୍ଗଦର୍ଶିକା କିମ୍ବା କୌଣସି ଅନ୍ୟ ନିର୍ଦ୍ଦେଶର ଅନୁପାଳନ କରିବ;

b. ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ବୀମା ମଧ୍ୟସ୍ଥତା ପାଇଁ ଦୂରବିପଣନ କାର୍ଯ୍ୟକଳାପଗୁଡିକୁ ସଂପାଦନ କରିବାକୁ ଇଚ୍ଛା କରେ, ସେ ଏହି ବିନିୟମାବଳୀର ସଂଲଗ୍ନ 4 ରେ ପ୍ରାଧିକରଣଦ୍ୱାରା ବିନିର୍ଦ୍ଦିଷ୍ଟ ଫର୍ମରେ ପ୍ରାଧିକରଣର ପୂର୍ବ ସ୍ୱୀକୃତ ମାଗିବ । ଏହାର ସତ୍ୟାପନ କରିବା ପରେ ପ୍ରାଧିକରଣ ଟେଲିମାର୍କେଟରକୁ ଏକ ପ୍ରମାଣପତ୍ର ପ୍ରଦାନ କରିବ;

c. ଆହୁରି, କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ନିକଟରେ ନିଯୁକ୍ତ କରାଯାଇଥିବା ପ୍ରାଧିକୃତ ସତ୍ୟାପକମାନଙ୍କ ନାମ/

d. ଟେଲିମାର୍କେଟର ଦ୍ୱାରା ନିଯୁକ୍ତ କରିବାକୁ ପ୍ରସ୍ତାବିତ ନାମ ଯାହାକୁ ଏହି ବିନିୟମାବଳୀର ସଂଲଗ୍ନ 5 ରେ ବିନିର୍ଦ୍ଦିଷ୍ଟ ଫର୍ମରେ ଦାଖଲ କରିବ I ଏହାର ସତ୍ୟାପନ କରିବା ପରେ ପ୍ରାଧିକରଣ ପ୍ରାଧିକୃତ ସତ୍ୟାପକକୁ ଏକ ପ୍ରମାଣପତ୍ର ପ୍ରଦାନ କରିବ ।

e. ଯଦି ଏକ ପ୍ରାଧିକୃତ ସତ୍ୟାପକ ଅନ୍ୟ ଏକ ଟେଲିମାର୍କେଟର ପାଖକୁ ପରିବର୍ତ୍ତନ କରିବାକୁ ଇଚ୍ଛା କରେ ଯିଏ ମଧ୍ୟ ବୀମା ମଧ୍ୟସ୍ଥତା ସମ୍ବନ୍ଧରେ କାରବାର କରୁଛି, ସେମାନେ ସେ ସମୟର ଟେଲିମାର୍କେଟରଠାରୁ ଏକ ଅଣ-ଆପତ୍ତି ପ୍ରମାଣପତ୍ର ପ୍ରାପ୍ତ କରିବେ ଏବଂ ଏକ ନୂତନ ପ୍ରମାଣପତ୍ରର ଜାରୀ ପାଇଁ ପ୍ରାଧିକରଣ ନିକଟରେ ତାକୁ ଜମା କରିବେ । ଯଦି ଏଥିପାଇଁ କରାଯାଇ ଥିବା ଆବେଦନ ତାରିଖଠାରୁ 30 ଦିନ ମଧ୍ୟରେ ବର୍ତ୍ତମାନର ଟେଲିମାର୍କେଟରଏକ ଅଣ-ଆପତ୍ତି ପ୍ରମାଣପତ୍ର ଜାରୀ ନ କରେ,ଏହା ମନେ କରିବାକୁ ହେବ ଯେ ତାର ପରିବର୍ତ୍ତନ କରିବାରେ ଟେଲିମାର୍କେଟରର କୌଣସି ଆପତ୍ତି ନାହିଁ;

f. ପ୍ରାଧିକୃତ ସତ୍ୟାପକମାନଙ୍କ ନିଷ୍କାସନ କିମ୍ବା ସଂଯୋଜନ ପାଇଁ ଆବେଦନ କର୍ପୋରେଟ ଅଭିକର୍ତ୍ତାଦ୍ୱାରା ପ୍ରଧାନ ଅଧିକାରୀ ମାଧ୍ୟମରେ କରାଯିବ;

g. ଯଦି କର୍ପୋରେଟ ଅଭିକର୍ତ୍ତା TRAI ସହିତ ଟେଲିମାର୍କେଟର ରୂପେ ପଞ୍ଜିକରଣ କରେ, କର୍ପୋରେଟ ଅଭିକର୍ତ୍ତା କେବଳ ସେହି ବୀମାକର୍ତ୍ତାମାନଙ୍କ ପାଇଁ କାର୍ଯ୍ୟ କରିବ ଯାହା ସହିତ ତାହାର ବ୍ୟବସ୍ଥା ରହିଛି;

h. କୌଣସି ବି କର୍ପୋରେଟ ଅଭିକର୍ତ୍ତା କିମ୍ବା ଏହାର ଟେଲିମାର୍କେଟର କୌଣସି ବ୍ୟକ୍ତିକୁ ବିଦେଶକୁ ଯାଉଥିବା କଲ୍ କରିବ ନାହିଁ ଯଦି ସେ ପ୍ରଭାବୀ ରୂପେ ଅନୁସନ୍ଧାନ କରି ଏକ ବୀମା ପଲିସୀ କ୍ରୟ କରିବାରେ ଆଗ୍ରହ ଦେଖାଇ ନ ଥିବ । ସେମାନେ ପ୍ରାଧିକରଣ କିମ୍ବା ଏହା ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ଦ୍ୱାରା ସତ୍ୟାପନ ଓ ଯାଞ୍ଚ କରିବା ପାଇଁ ସେଭଳି ବ୍ୟକ୍ତିମାନଙ୍କ ଡାଟାବେସ୍ ରଖିବେ ଏବଂ ଅନୁସନ୍ଧାନ କରିଥିବେ ।

i. ଟେଲିମାର୍କେଟର ସମ୍ଭାବ୍ୟ ଗ୍ରାହକକୁ ନିମ୍ନଲିଖିତ ତଥ୍ୟସବୁକୁ ପ୍ରକଟ କରିବ

(a) ସେମାନେ ପ୍ରତିନିଧିତ୍ୱ କରୁଥିବା କର୍ପୋରେଟ ଅଭିକର୍ତ୍ତାର ନାମ;

(b) କର୍ପୋରେଟ ଅଭିକର୍ତ୍ତାର ପଞ୍ଜିକରଣ ସଂଖ୍ୟା;

(c) ଟେଲିମାର୍କେଟର ଏବଂ/କିମ୍ବା କର୍ପୋରେଟ ଅଭିକର୍ତ୍ତାର ସଂପର୍କ ସଂଖ୍ୟା (ଟେଲିଫୋନ ନମ୍ବର) ଯଦି ଗ୍ରାହକ ତାକୁ ଫୋନ କରିବାପାଇଁ କିମ୍ବା ଦୂର ବିକ୍ରୟ ତଥ୍ୟକୁ ଯାଞ୍ଚ କରିବା ପାଇଁ ଇଚ୍ଛା କରେ;

(d) ଟେଲି-କଲ୍ କରୁଥିବା ବ୍ୟକ୍ତି (ପ୍ରାଧିକୃତ ସତ୍ୟାପକ) ର ନାମ ଏବଂ ପରିଚୟ ସଂଖ୍ୟା ;

j. ଏକ ଟେଲିମାର୍କେଟର ନିଯୁକ୍ତ କରୁଥିବା କର୍ପୋରେଟ ଅଭିକର୍ତ୍ତା ଟେଲିମାର୍କେଟର ସହିତ ଏକ ଚୁକ୍ତିନାମାରେ ପ୍ରବେଶ କରିବ ଏବଂ ଚୁକ୍ତିନାମା ସମସ୍ତ ବିବରଣୀ ପ୍ରଦାନ କରିବ ଯଥା: ଡାଟାବେସର ଉତ୍ସ, କର୍ତ୍ତବ୍ୟ ଓ ଦାୟିତ୍ୱ, ରାଶିପ୍ରଦାନ ବିବରଣୀ, ଚୁକ୍ତି

ନାମାର ଅବଧି, ଅଧିନିୟମର ଉଲ୍ଲଙ୍ଘନ ପରିପ୍ରେକ୍ଷୀରେ ନେବାକୁ ଥିବା ପଦକ୍ଷେପ, ବିନିୟମାବଳୀ, ମାର୍ଗଦର୍ଶିକା, ପରିପତ୍ର,

ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ନିର୍ଦ୍ଦେଶାବଳୀ, ପ୍ରାଧିକୃତ ସତ୍ୟାପକମାନଙ୍କ ଆଚାର ସଂହିତା । ଯେତେବେଳେ ବି

ଆବଶ୍ୟକ ସତ୍ୟାପନ ପାଇଁ ଚୁକ୍ତିନାମାକୁ ପ୍ରାଧିକରଣ କିମ୍ବା ପ୍ରାଧିକରଣଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତିକୁ ଉପଲବ୍ଧ କରାଯିବ;

k. ପ୍ରତ୍ୟେକ ଟେଲିମାର୍କେଟର ଏବଂ ପ୍ରାଧିକୃତ ସତ୍ୟାପକ ଏହି ବିନିୟମାବଳୀର ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ କର୍ପୋରେଟ ଅଭିକର୍ତ୍ତାମାନଙ୍କ ପାଇଁ ପ୍ରଯୁଜ୍ୟ ଆଚାର ସଂହିତାର ଅନୁପାଳନ କରିବ ।

l. ଟେଲିମାର୍କେଟରର ପରିସର କିମ୍ବା କୌଣସି ଅନ୍ୟ ପରିସରସବୁ, ଯାହାକୁ ପ୍ରାଧିକରଣ ରେକର୍ଡ/ଦସ୍ତାବିଜଗୁଡିକର ସତ୍ୟାପନ

ପାଇଁ, ଆବଶ୍ୟକ ବୋଲି ଅନୁଭବ କରିବ, ସେସବୁକୁ ନିରୀକ୍ଷଣ କରିବାପାଇଁ,ଏବଂ କୌଣସି ଦସ୍ତାବିଜ/ରେକର୍ଡ ପ୍ରାପ୍ତ କରିବା

ପାଇଁ, ଟେଲିମାର୍କେଟରର କୌଣସି କର୍ମଚାରୀର ବକ୍ତବ୍ୟକୁ ରେକର୍ଡ କରିବାପାଇଁ କିମ୍ବା ତାହାର ସ୍ୱେଚ୍ଛାରେ କୌଣସି ଦସ୍ତାବିଜ

/ରେକର୍ଡର ପ୍ରତିଲିପି ପ୍ରସ୍ତୁତ କରିବାପାଇଁ ପ୍ରାଧିକରଣର କ୍ଷମତା ରହିବ:

m. ଟେଲିମାର୍କେଟରକୁ ଏହି ବିଷୟରେ ସମୟ ସମୟରେ ପ୍ରାଧିକରଣଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କୌଣସି ଅନ୍ୟ ସର୍ତ୍ତ ଓ ପ୍ରତି ବନ୍ଧଗୁଡିକର ଅନୁପାଳନ କରିବାକୁ ପଡିବ ।

(3) ଏକ ଟେଲିମାର୍କେଟରକୁ ତିନୋଟି ବୀମାକର୍ତ୍ତା କିମ୍ବା ବୀମା ସମ୍ବନ୍ଧିତ ସତ୍ତାଠାରୁ ଅଧିକ ସହିତ ନିଯୁକ୍ତ କରାଯିବ ନାହିଁ ।

15. କର୍ପୋରେଟ ଅଭିକର୍ତ୍ତାମାନଙ୍କ ପାଇଁ ଆଚାର ସଂହିତା -

(1) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ଏହି ବିନିୟମାବଳୀର ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ଆଚାର ସଂହିତାର ଅନୁପାଳନ କରିବ,

(2) କର୍ପୋରେଟ ଅଭିକର୍ତ୍ତା ଏହାର ପ୍ରଧାନ ଅଧିକାରୀ, ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସମସ୍ତ କାର୍ଯ୍ୟ ତଥା ଲୋପପାଇଁ ଦାୟୀ ରହିବ ଯାହୀ ଏହି ବିନିୟମାବଳୀ ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ଆଚାର ସଂହିତାର ଉଲ୍ଲଙ୍ଘନକୁ ସମ୍ମିଳିତ କରେ ଏବଂ ଅଧିନିୟମର ଅନୁଭାଗ 102 ର ପ୍ରାବଧାନ ଅନ୍ତର୍ଗତ ଏକ ଦଣ୍ଡର ପାତ୍ର ହେବ ଯାହା ଏକ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ।

16. ରେକର୍ଡଗୁଡିକର ରକ୍ଷଣାବେକ୍ଷଣ

ଏକ କର୍ପୋରେଟ ଅଭିକର୍ତ୍ତା ନିମ୍ନଲିଖିତ ରେକର୍ଡଗୁଡିକର ଇଲେକ୍ଟ୍ରୋନିକ ରୂପ ସହିତ ସେସବୁକୁ ରଖିବ ଏବଂ ଯେତେବେଳେ ବି ପ୍ରାଧିକରଣଦ୍ୱାରା ଆବଶ୍ୟକ ହେବ, ଏସବୁକୁ ଉପଲବ୍ଧ କରାଇବ -

(i) 'ଗ୍ରାହକର ଆପଣଙ୍କ ଗ୍ରାହକକୁ ଜାଣନ୍ତୁ' (KYC) ରେକର୍ଡ, ଯାହାକୁ ମନି ଲଣ୍ଡରିଙ୍ଗ୍ ନିବାରଣ ଆଇନର ଉଚିତ୍ ପ୍ରାଧିକରଣର
ମାର୍ଗଦର୍ଶିକା ଏବଂ ପ୍ରାବଧାନ ଅନ୍ତର୍ଗତ ଆବଶ୍ୟକ ହୋଇଥାଏ;

(ii) ଗ୍ରାହକଦ୍ୱାରା ହସ୍ତାକ୍ଷରିତ ଓ ବୀମାକର୍ତ୍ତା ପାଖରେ ଜମା କରାଯାଇଥିବା ପ୍ରସ୍ତାବ ଫର୍ମର ପ୍ରତିଲିପି ଏବଂ ଏହା ସହିତ
କର୍ପୋରେଟ ଅଭିକର୍ତ୍ତାର ବିନିର୍ଦ୍ଦିଷ୍ଟ ବ୍ୟକ୍ତିଦ୍ୱାରା ହସ୍ତାକ୍ଷରିତ ACR ;

(iii) ଏକ ପଞ୍ଜିକା ଯେଉଁଥିରେ ଗ୍ରାହକ ସୂଚୀ, ପଲିସୀର ବିବରଣୀ ଯେପରିକି ପଲିସୀପ୍ରକାର, ପ୍ରିମିୟମ ରାଶି, ପଲିସୀ ଜାରୀ
ତାରିଖ, ପ୍ରାପ୍ତ ହୋଇଥିବା ଚାର୍ଜ କିମ୍ବା ଶୁଳ୍କ ସମ୍ମିଳିତ ଥାଏ;

(iv) ଏକ ପଞ୍ଜିକା, ଯେଉଁଥିରେ ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡିକର ବିବରଣୀ, ଯାହା ଅଭିଯୋଗକାରୀର ନାମ, ଅଭିଯୋଗର
ସ୍ୱରୂପ, ଜାରୀ କରାଯାଇଥିବା/ଯାଚିତ ପଲିସୀର ବିବରଣୀ ଏବଂ ତା' ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ତର୍ଭୁକ୍ତ ଥାଏ,
ଏସବୁ ସମ୍ମିଳିତ ଥାଏ ;

(v) ଏକ ପଞ୍ଜିକା, ଯେଉଁଥିରେ ନାମ, ଠିକଣା, ଟେଲିଫୋନ ନମ୍ବର, ଫଟୋଗ୍ରାଫ, ନିଯୁକ୍ତିର ଆରମ୍ଭ ତାରିଖ, ସେବା ତ୍ୟାଗ
କରିବାର ତାରିଖ, ଯଦି କିଛି ଥାଏ, ବିନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ପ୍ରଦାନ କରାଯାଉଥିବା ମାସିକ ପାରିଶ୍ରମିକ, ସମ୍ମିଳିତ ଥାଏ;

(vi) ପ୍ରାଧିକରଣ ସହିତ ବିନିମୟ ହୋଇଥିବା ପତ୍ରାଚାରର ପ୍ରତିଲିପି

(vii) ଅନ୍ୟ କୌଣସି ରେକର୍ଡ ଯାହାକୁ ପ୍ରାଧିକରଣଦ୍ୱାରା ସମୟ ସମୟରେ ବିନିର୍ଦ୍ଦିଷ୍ଟ କରାଯାଇଥାଇ ପାରେ ।

17. ଆକାଉଣ୍ଟ ଖାତା, ରେକର୍ଡ, ଇତ୍ୟାଦିର ରକ୍ଷଣାବେକ୍ଷଣ -

(1) ଏକ କର୍ପୋରେଟ ଅଭିକର୍ତ୍ତା, ଯାହାକୁ ବୀମା ମଧ୍ୟସ୍ଥତାର ଉଦ୍ଦେଶ୍ୟରେ ହିଁ କେବଳ ସମ୍ମିଳିତ କରାହୋଇଥାଏ, ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ନିମ୍ନଲିଖିତ ଆକାଉଣ୍ଟସବୁର ଖାତା ପ୍ରସ୍ତୁତ କରି ରଖିବ -

(i) ପ୍ରତ୍ୟେକ ଆକାଉଣ୍ଟିଂ ସମୟାବଧିର ସମାପ୍ତି ପର୍ଯ୍ୟନ୍ତ ହୋଇଥିବା ମାମଲାଗୁଡିକର ଏକ ବାଲାନ୍ସ ଶୀଟ୍ କିମ୍ବା ଏକ ବିବରଣ;

(ii) ସେହି ସମୟାବଧି ପାଇଁ ଏକ ଲାଭ ଏବଂ କ୍ଷତି ଖାତା

(iii) ନଗଦ/ନିଧି ଗମନ-ଆଗମନର ଏକ ବିବରଣ

(iv) ସମୟ ସମୟରେ ପ୍ରାଧିକରଣଦ୍ୱାରା ଆବଶ୍ୟକ ହେଉଥିବା ଅନୁସାରେ ଅତିରିକ୍ତ ବିବରଣସବୁ ।

ଧ୍ୟାନ ଦିଅନ୍ତୁ.1: ଏହି ବିନିୟମ ଉଦ୍ଦେଶ୍ୟରେ, ଆର୍ଥିକ ବର୍ଷ 12 ମାସ (କିମ୍ବା କମ୍ ଯେଉଁଠି ଏକ ବ୍ୟବସାୟକୁ 1 ଏପ୍ରିଲ ପରେ ଆରମ୍ଭ କରାଯାଏ) ସମୟାବଧିର ହେବ ଯାହା ବର୍ଷର ଏପ୍ରିଲର ପ୍ରଥମ ଦିନ ଆରମ୍ଭ ହୁଏ ଓ ପରବର୍ତ୍ତୀ ବର୍ଷର ମାର୍ଚ୍ଚର 31ଶ ଦିନ ସମାପ୍ତ ହୁଏ ଏବଂ ଖାତାଗୁଡିକ ଅଧିବୃଦ୍ଧି ଆଧାରରେ ରଖାଯିବ ।

ଧ୍ୟାନ ଦିଅନ୍ତୁ 2 : *ସେମାନଙ୍କ ଆର୍ଥିକ ବିବରଣସବୁ ପାଇଁ କିମ୍ବା ବୀମାକର୍ତ୍ତା ଓ ବୀମାକର୍ତ୍ତାର ସମୂହ କମ୍ପାନୀମାନଙ୍କ ଠାରୁ, ବୀମାକର୍ତ୍ତା- ଆଧାରରେ, କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ପ୍ରାପ୍ତ ହୋଇଥିବା ସମସ୍ତ ଆୟର ବିବରଣୀ, ଏବଂ ଆହୁରି ମଧ୍ୟ କୌଣସି ବୀମାକର୍ତ୍ତାଠାରୁ କର୍ପୋରେଟ ଅଭିକର୍ତ୍ତାର ସମୂହ କମ୍ପାନୀ ଏବଂ। କିମ୍ବା ସହଯୋଗୀ ଦ୍ୱାରା ପ୍ରାପ୍ତ ହୋଇଥିବା ବିବରଣୀ ଏବଂ ସେଗୁଡିକର ବିବରଣୀସବୁ ପ୍ରଦାନ କରିବାର ଏକ ଅନୁସୂଚୀ ରହିବ*।

(a) ଅଡିଟରର ରିପୋର୍ଟ ସହିତ ଉପ-ବିନିୟମ (1) ରେ ଉଲ୍ଲେଖ କରାଯାଇଥିବା ଅନୁରୂପ ଅଡିଟ କରାଯାଇଥିବା ଆର୍ଥିକ ବିବରଣଗୁଡିକର ଏକ ପ୍ରତିଲିପିକୁ, ପ୍ରତିବର୍ଷ 30 ସେପ୍ଟେମ୍ବର ପୂର୍ବରୁ ପ୍ରାଧିକରଣ ପାଖରେ ଦାଖଲ କରାଯିବ ଯାହା ସହିତ ଯଦି କିଛି ଥାଏ, ବ୍ୟବସାୟ ପରିଚାଳନା, ଆକାଉଣ୍ଟସ୍ ର ସ୍ଥିତି, ଇତ୍ୟାଦି ଉପରେ ଅଡିଟରମାନଙ୍କ ଟିପ୍ପଣୀ କିମ୍ବା ଅବଲୋକନ/ବିଚାର, ଏବଂ ପ୍ରାଧିକରଣ ପାଖରେ ଦାଖଲ କରାଯାଇଥିବା ସେଭଳି ଆକାଉଣ୍ଟ୍ସରେ ସେଭଳି ଅବଲୋକନ ଉପରେ ଏକ ଉଚିତ୍ ସ୍ପଷ୍ଟୀକରଣକୁ ସଂଲଗ୍ନ କରାଯିବ ।

(b) ଅଡିଟରର ରିପୋର୍ଟର ତାରିଖଠାରୁ ନବେ ଦିନ ମଧ୍ୟରେ, ଅଡିଟରର ରିପୋର୍ଟରେ ଦର୍ଶାଯାଇଥିବା କୌଣସି ନ୍ୟୂନତା/ଅପୂର୍ଣ୍ଣତାକୁ ସଂଶୋଧନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ପ୍ରାଧିକରଣକୁ ସୂଚୀତ କରାଯିବ ।

(c) ସମସ୍ତ ଆକାଉଣ୍ଟ ଖାତା, ବିବରଣ, ଦସ୍ତାବିଜ, ଇତ୍ୟାଦିକୁ କର୍ପୋରେଟ ଅଭିକର୍ତ୍ତାର ମୂଖ୍ୟ କାର୍ଯ୍ୟାଳୟ କିମ୍ବା ପ୍ରାଧିକରଣ ନିକଟରେ ନାମାଙ୍କିତ ଓ ସୂଚୀତ କରାଯାଇଥିବା ସେଭଳି ଅନ୍ୟ ଶାଖା କାର୍ଯ୍ୟାଳୟରେ ସମ୍ଭାଳି ରଖାଯିବ, ଏବଂ ନିରୀକ୍ଷଣ ସକାଶେ ପ୍ରାଧିକରଣର ଓ ଏହା ତରଫରୁ ପ୍ରାଧିକୃତ ସେଭଳି ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ କରାଯିବ ।

(d) ଏହି ବିନିୟମରେ ସୂଚୀତ କରାଯାଇଥିବା ଏବଂ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ରଖାଯାଇଥିବା ସମସ୍ତ ଖାତା, ଦସ୍ତାବିଜ, ବିବରଣ, ଚୁକ୍ତି ନୋଟ୍ ଇତ୍ୟାଦିକୁ ସେମାନେ ସମ୍ବନ୍ଧ ରଖୁଥିବା ବର୍ଷର ସମାପ୍ତିଠାରୁ ଅନ୍ୟୂନ ଦଶ ବର୍ଷର ସମୟାବଧି ପର୍ଯ୍ୟନ୍ତ ସଂରକ୍ଷିତ କରାଯିବ । ଅବଶ୍ୟ, ସେହି ପ୍ରକରଣ ସମ୍ବନ୍ଧୀୟ ଦସ୍ତାବିଜ ଯେଉଁଠି ଦାବୀର ରିପୋର୍ଟ କରାଯାଇଛି ଏବଂ ସମାଧାନ ନ୍ୟାୟାଳୟର ନିଷ୍ପତ୍ତି ପାଇଁ ବିଚାରଧୀନ ଅଛି, ନ୍ୟାୟାଳୟ ଦ୍ୱାରା କେସଗୁଡିକର ସମାଧାନ ପର୍ଯ୍ୟନ୍ତ ଦସ୍ତାବିଜଗୁଡିକୁ ସଂରକ୍ଷିତ ରଖିବାର ଆବଶ୍ୟକତା ହୋଇଥାଏ ।

(2) ସେହି କର୍ପୋରେଟ ଅଭିକର୍ତ୍ତାମାନଙ୍କ କ୍ଷେତ୍ରରେ ଯେଉଁଠି ମୂଖ୍ୟ ବ୍ୟବସାୟ ବୀମା ମଧ୍ୟସ୍ଥତା ଭିନ୍ନ ଅନ୍ୟ କିଛି ହୋଇଥାଏ, ସେମାନେ ବୀମା ମଧ୍ୟସ୍ଥତା ପାଇଁ ଏବଂ ବୀମାକର୍ତ୍ତାମାନଙ୍କଠାରୁ ପ୍ରାପ୍ତ ହୋଇଥିବା ରାଜସ୍ୱ କୁ ଧରିରଖି ଅଂଶ ଆକାରରେ ରିପୋର୍ଟ କରି ରଖିବେ ।

(3) ପ୍ରତ୍ୟେକ ବୀମାକର୍ତ୍ତା ଯିଏ ଏକ କର୍ପୋରେଟ ଅଭିକର୍ତ୍ତାର ସେବାକୁ ନିଯୁକ୍ତ କରୁଛି । ସେ ପ୍ରାଧିକରଣ ନିକଟରେ CEO ଏବଂ CFO ଦ୍ୱାରା ସ୍ୱାକ୍ଷରିତ କରିବାପାଇଁ, ଅନୁସୂଚୀ VIA ରେ ଦିଆଯାଇଥିବା ପ୍ରାରୂପରେ, ସେଭଳି ସମସ୍ତ କର୍ପୋରେଟ ଅଭିକର୍ତ୍ତା ପାଇଁ ଅଲଗା ଅଲଗା ପ୍ରମାଣପତ୍ର ଦାଖଲ କରିବେ । ବୀମାକର୍ତ୍ତାଠାରୁ ପ୍ରାପ୍ତ ହେଉଥିବା କମିଶନ/ପାରଶ୍ରମିକକୁ ବିନିର୍ଦ୍ଦିଷ୍ଟ କରି କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ଏବଂ CFO(କିମ୍ବା ଏହାର ସମତୁଲ୍ୟ) ଠାରୁ ସେ ସଦୃଶ ଏକ ପ୍ରମାଣପତ୍ର ଅନୁସୂଚୀ VIB ରେ ଦିଆଯାଇଥିବା ଅନୁରୂପ ପ୍ରାଧିକରଣ ନିକଟରେ ଦାଖଲ କରାଯିବ ।

18. ସାଧାରଣ:

(1) ଏହି ବିନିୟମାବଳୀର ବିଜ୍ଞପ୍ତି ତାରିଖଠାରୁ, ଏହି ବିନିୟମାବଳୀର ବିନିୟମ 1 (3) ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ପ୍ରକରଣଗୁଡିକ ବ୍ୟତୀତ, କୌଣସି ବ୍ୟକ୍ତି ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିପାରିବ ନାହିଁ, ଯଦି ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣଦ୍ୱାରା ତାହାକୁ ଏକ ପଞ୍ଜିକରଣର ମଞ୍ଜୁରୀ ଦିଆଯାଇ ନ ଥିବ ।

(2) ଏକ କର୍ପୋରେଟ ଅଭିକର୍ତ୍ତା ରୂପେ ତାର ନିଯୁକ୍ତିର ସମୟାବଧିରେ କିମ୍ବା ଅନ୍ୟଥା, ଏକ କର୍ପୋରେଟ ଅଭିକର୍ତ୍ତା ଏବଂ ଏକ ବୀମାକର୍ତ୍ତା କିମ୍ବା ଅନ୍ୟ କୌଣସି ବ୍ୟକ୍ତି ମଧ୍ୟରେ ଉପୁଜିଥିବା କୌଣସି ବିବାଦକୁ, ସେଥିରେ ପ୍ରଭାବିତ ହୋଇଥିବା ବ୍ୟକ୍ତିଦ୍ୱାରା ପ୍ରାଧିକରଣକୁ ସୂଚୀତ କରାଯାଇପାରେ; ଏବଂ ଅଭିଯୋଗ କିମ୍ବା ବିରୋଧ ପତ୍ରର ପ୍ରାପ୍ତି ପରେ, ପ୍ରାଧିକରଣ ଅଭିଯୋଗର ଯାଞ୍ଚ କରିପାରେ ଏବଂ ଯଦି ଆବଶ୍ୟକ ହୁଏ, ଏହି ବିନିୟମାବଳୀ ହିସାବରେ ଏକ ଯାଞ୍ଚ କିମ୍ବା ଏକ ନିରୀକ୍ଷଣ କିମ୍ବା ଏକ ଅନୁସନ୍ଧାନ ଆୟୋଜନ କରିବାର ପ୍ରକ୍ରିୟା ଆରମ୍ଭ କରିପାରେ ।

ଆଚାର ସଂହିତା

I. ସାଧାରଣ ଆଚାର ସଂହିତା

1. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ମାନ୍ୟତାପ୍ରାପ୍ତ ମାନଦଣ୍ଡର ବ୍ୟବସାୟିକ ଆଚାରର ଅନୁପାଳନ କରିବ ଏବଂ ପଲିସୀଧାରକମାନଙ୍କ
ହିତରେ ସେମାନଙ୍କ କର୍ତ୍ତବ୍ୟର ପାଳନ କରିବେ । ତାହା କରିବା ସମୟରେ ସେମାନେ -

a) ସବୁ ସମୟରେ ପରମ ସଦ୍ଭାବ ଓ ସତ୍ୟନିଷ୍ଠା ସହିତ ଗ୍ରାହକମାନଙ୍କ ସହିତ କାରବାର କରିବେ ;
b) ଯତ୍ନ ଓ ଅଧ୍ୟବସାୟ ସହିତ କାର୍ଯ୍ୟ କରିବେ ;
c) ଏହା ସୁନିଶ୍ଚିତ କରିବେ ଯେ ଗ୍ରାହକ କର୍ପୋରେଟ ଅଭିକର୍ତ୍ତା ଏବଂ ଯାହା ତରଫରୁ କର୍ପୋରେଟ ଅଭିକର୍ତ୍ତା କାର୍ଯ୍ୟ କରୁଛି, ତା'
ସହିତ ତାହାର ସମ୍ବନ୍ଧକୁ ବୁଝିଛି ;
d) ସମ୍ଭାବ୍ୟ ଗ୍ରାହକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟକୁ ସେମାନଙ୍କ ନିଜ ଓ ବୀମାକର୍ତ୍ତା(ମାନଙ୍କ), ଯାହାକୁ
ବ୍ୟବସାୟ ପ୍ରଦାନ କରାଯାଇଛି, ସେମାନଙ୍କ ମଧ୍ୟରେ ସଂପୂର୍ଣ୍ଣରୂପେ ଗୋପନୀୟ ରଖିବେ ;
e) ସେମାନଙ୍କ ପାଖରେ ଥିବା ଗୋପନୀୟ ଦସ୍ତାବିଜଗୁଡିକୁ ସୁରକ୍ଷା ପ୍ରଦାନ କରିବାପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ;
f) ଏକ କମ୍ପାନୀର କୌଣସି ନିର୍ଦ୍ଦେଶକ କିମ୍ବା ଏକ ଫାର୍ମର ଅଂଶୀଦାର କିମ୍ବା ମୂଖ୍ୟ କାର୍ଯ୍ୟକାରୀ ଅଧିକାରୀ କିମ୍ବା ପ୍ରଧାନ ଅଧିକାରୀ କିମ୍ବା ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଅନ୍ୟ ଏକ କର୍ପୋରେଟ ଅଭିକର୍ତ୍ତାଠାରେ ସେହି ସମାନ ପଦବୀ ଧାରଣ କରିବେ ନାହିଁ ।

2. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା

a) ଏହାର ପ୍ରଧାନ ଅଧିକାରୀ ତଥା ପ୍ରତ୍ୟେକ ବିନିର୍ଦ୍ଦିଷ୍ଟ ବ୍ୟକ୍ତିର ସମସ୍ତ ଲୁପ୍ତ ଓ କୃତ୍ୟର କାର୍ଯ୍ୟ ପାଇଁ ଦାୟୀ ରହିବ ;
b) ଏହା ସୁନିଶ୍ଚିତ କରିବ ଯେ ପ୍ରଧାନ ଅଧିକାରୀ ଏବଂ ସମସ୍ତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ସେମାନେ ବିପଣନ କରୁଥିବା ବୀମା
ଉତ୍ପାଦଗୁଡିକ ବିଷୟରେ ଉଚିତ୍ ରୂପେ ପ୍ରଶିକ୍ଷିତ, କୁଶଳୀ ଏବଂ ଜ୍ଞାନୀ ହୋଇଛନ୍ତି ;

c) ଏହା ସୁନିଶ୍ଚିତ କରିବ ଯେ ପ୍ରଧାନ ଅଧିକାରୀ ଏବଂ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସମ୍ଭାବ୍ୟ ଗ୍ରାହକ ନିକଟରେ ପଲିସୀ ଲାଭସବୁ ଉପରେ
ଏବଂ ପଲିସୀ ଅନ୍ତର୍ଗତ ଉପଲବ୍ଧ ଥିବା ପ୍ରତିଲାଭ ଉପରେ ଭୁଲ ଉପସ୍ଥାପନା କରିବେ ନାହିଁ ;

d) ଏହା ସୁନିଶ୍ଚିତ କରିବ ଯେ କୌଣସି ବି ସମ୍ଭାବ୍ୟ ଗ୍ରାହକକୁ ବୀମା ଉତ୍ପାଦ କିଣିବା ପାଇଁ ବାଧ୍ୟ କରାଯାଉ ନାହିଁ ;

e) ବୀମା ଉତ୍ପାଦ ସମ୍ବନ୍ଧରେ ବୀମିତକୁ ଆବଶ୍ୟକ ବିକ୍ରୟ ପୂର୍ବବର୍ତ୍ତୀ ଓ ବିକ୍ରୟ ପରବର୍ତ୍ତୀ ପରାମର୍ଶ ଦେବ ;

f) ଏକ ଦାବୀ ପରିପ୍ରେକ୍ଷୀରେ ସମସ୍ତ ଔପଚାରିକତା ଓ ଦଲିଲୀକରଣକୁ ସଂପୂର୍ଣ୍ଣ କରିବାରେ ଏକ ବୀମିତକୁ ସବୁ ପ୍ରକାରର
ସମ୍ଭବ ସହାୟତା ଓ ସହଯୋଗ ପ୍ରଦାନ କରିବ ;

g) କର୍ପୋରେଟ ଅଭିକର୍ତ୍ତା ସଙ୍କଟର ବୀମା କରୁ ନାହିଁ କିମ୍ବା ଏକ ବୀମାକର୍ତ୍ତା ରୂପେ କାର୍ଯ୍ୟ କରୁନାହିଁ, ଏହି ତଥ୍ୟର ଉଚିତ୍ ପ୍ରଚାର
କରିବ ;

h) ବୀମାକର୍ତ୍ତାମାନଙ୍କ ସହିତ ସେହି ଚୁକ୍ତିନାମାସବୁରେ ପ୍ରବେଶ କରିବ ଯେଉଁଥିରେ ଉଭୟଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱସବୁକୁ ପରିଭାଷିତ କରାଯାଇଥାଏ ।

II. ବିକ୍ରୟ-ପୂର୍ବ ଆଚାର ସଂହିତା

3. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା କିମ୍ବା ପ୍ରଧାନ ଅଧିକାରୀ କିମ୍ବା ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ମଧ୍ୟ ନିମ୍ନରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଆଚାର ସଂହିତାର ଅନୁପାଳନ କରିବ:

i) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା/ପ୍ରଧାନ ଅଧିକାରୀ/ବିନିର୍ଦ୍ଦିଷ୍ଟ ବ୍ୟକ୍ତି -

a) ଦାବୀ କରାଗଲେ ସମ୍ଭାବ୍ୟ ଗ୍ରାହକ ନିକଟରେ ନିଜର ପରିଚୟ ଦେବ ଏବଂ ତାହାର ପଞ୍ଜିକରଣ/ପ୍ରମାଣପତ୍ରର ପ୍ରକଟୀକରଣ
କରିବ ;

b) ସେହି ବୀମାକର୍ତ୍ତା ଯାହା ସହିତ ସେମାନଙ୍କ ବ୍ୟବସ୍ଥା ଅଛି, ସେମାନଙ୍କ ଦ୍ୱାରା ବିକ୍ରୟ ପାଇଁ ପ୍ରଦାନ କରାଯାଇଥିବା ବୀମା
ଉତ୍ପାଦଗୁଡିକ ସମ୍ବନ୍ଧରେ ଆବଶ୍ୟକୀୟ ସୂଚନା ପ୍ରସାର କରିବ ଏବଂ ଏକ ବିଶେଷ ବୀମା ଯୋଜନାକୁ ସୁପାରିଶ କରିବା
ସମୟରେ ସମ୍ଭାବ୍ୟ ଗ୍ରାହକମାନଙ୍କ ଆବଶ୍ୟକତାସବୁକୁ ବିଚାରକୁ ନେବ ;

c) ଯଦି ସମ୍ଭାବ୍ୟ ଗ୍ରାହକଦ୍ୱାରା ପଚରାଯାଏ, ବିକ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଥିବା ବୀମା ଉତ୍ପାଦ ପରିପ୍ରେକ୍ଷୀରେ କମିଶନର
ସ୍କେଲକୁ ପ୍ରକଟ କରିବ ;

d) ବିକ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଥିବା ବୀମା ଉତ୍ପାଦ ପାଇଁ ବୀମାକର୍ତ୍ତାଦ୍ୱାରା ଲାଗୁ କରାଯାଇଥିବା ପ୍ରିମିୟମକୁ ସୂଚୀତ
କରିବ ;

e) ବୀମାକର୍ତ୍ତାଦ୍ୱାରା ପ୍ରସ୍ତାବ ଫର୍ମରେ ଆବଶ୍ୟକ ହେଉଥିବା ତଥ୍ୟର ସ୍ୱରୂପ, ଏବଂ ଏକ ବୀମା ଉତ୍ପାଦର କ୍ରୟରେ ଆବଶ୍ୟକୀୟ
ତଥ୍ୟ/ସୂଚନାର ପ୍ରକଟୀକରଣର ମହତ୍ୱ ବିଷୟରେ ମଧ୍ୟ ସମ୍ଭାବ୍ୟ ଗ୍ରାହକକୁ ବ୍ୟାଖ୍ୟା କରିବ;

f) ସମ୍ଭାବ୍ୟ ଗ୍ରାହକ ସମ୍ବନ୍ଧରେ ସମସ୍ତ ଯଥାର୍ଥ ଯାଞ୍ଚ କରି, ବୀମାକର୍ତ୍ତା ନିକଟରେ ଦାଖଲ କରାଯାଉଥିବା ପ୍ରତ୍ୟେକ ପ୍ରସ୍ତାବ ସହିତ
ଥିବା ଏକ ଗୋପନୀୟ ରିପୋର୍ଟ ରୂପେ, ସମ୍ଭାବ୍ୟ ଗ୍ରାହକର କୌଣସି ଖରାପ ଅଭ୍ୟାସ କିମ୍ବା ଆୟ ବିସଙ୍ଗତି, ଏବଂ କୌଣସି
ଆବଶ୍ୟକୀୟ ତଥ୍ୟ ଯାହା ପ୍ରସ୍ତାବର ସ୍ୱୀକୃତି ପରିପ୍ରେକ୍ଷୀରେ ବୀମାକର୍ତ୍ତାର ସଙ୍କଟାଙ୍କନ ନିଷ୍ପତ୍ତିକୁ ପ୍ରତିକୂଳଭାବେ ପ୍ରଭାବିତ
କରିପାରେ, ଏ ସବୁକୁ ବୀମାକର୍ତ୍ତାର ଦୃଷ୍ଟିକୁ ଆଣିବ ;

g) ବୀମାକର୍ତ୍ତାଦ୍ୱାରା ପ୍ରସ୍ତାବର ସ୍ୱୀକୃତି କିମ୍ବା ଅଗ୍ରାହ୍ୟତା ସମ୍ବନ୍ଧରେ ସମ୍ଭାବ୍ୟ ଗ୍ରାହକକୁ ତୁରନ୍ତ ସୂଚୀତ କରିବ;

h) ବୀମାକର୍ତ୍ତା ପାଖରେ ପ୍ରସ୍ତାବ ଫର୍ମକୁ ଦାଖଲ କରିବା ସମୟରେ ଆବଶ୍ୟକୀୟ ଦସ୍ତାବିଜ, ଏବଂ ପ୍ରସ୍ତାବର ପୂର୍ଣ୍ଣତା ପାଇଁ
ବୀମାକର୍ତ୍ତାଦ୍ୱାରା ପରେ ପରେ ମଗାଯାଇଥିବା ଅନ୍ୟାନ୍ୟ ଦସ୍ତାବିଜଗୁଡିକୁ ପ୍ରାପ୍ତ କରିବ ।

ii) କୌଣସି କର୍ପୋରେଟ ଅଭିକର୍ତ୍ତା/ପ୍ରଧାନ ଅଧିକାରୀ/ବିନିର୍ଦ୍ଦିଷ୍ଟ ବ୍ୟକ୍ତି, -----

a) ଏକ ବୈଧ ପଞ୍ଜିକରଣ/ପ୍ରମାଣପତ୍ର ଧାରଣ କରିବା ବିନା ବୀମା ବ୍ୟବସାୟର ଯାଚନା କିମ୍ବା ପ୍ରାପ୍ତି କରିବ ନାହିଁ ;

b) ପ୍ରସ୍ତାବ ଫର୍ମରେ କୌଣସି ଆବଶ୍ୟକୀୟ ତଥ୍ୟ/ସୂଚନାକୁ ଲୋପ କରିବା ପାଇଁ ସମ୍ଭାବ୍ୟ ଗ୍ରାହକକୁ ଉତ୍ପ୍ରେରିତ କରିବ ନାହିଁ;

c) ପ୍ରସ୍ତାବର ସ୍ୱୀକୃତି ପାଇଁ ବୀମାକର୍ତ୍ତା ପାଖରେ ଜମା କରାଯାଇଥିବା ପ୍ରସ୍ତାବ ଫର୍ମ କିମ୍ବା ଦସ୍ତାବିଜଗୁଡିକରେ ଭୁଲ ତଥ୍ୟ ପ୍ରଦାନ
କରିବାକୁ ସମ୍ଭାବ୍ୟ ଗ୍ରାହକକୁ ଉତ୍ପ୍ରେରିତ କରିବ ନାହିଁ ;

d) ସମ୍ଭାବ୍ୟ ଗ୍ରାହକ ସହିତ ଅଭଦ୍ର ବ୍ୟବହାର କରିବ ନାହିଁ ;

e) ଅନ୍ୟ କୌଣସି ବିନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା କୌଣସି ବୀମା ମଧ୍ୟସ୍ଥ ଦ୍ୱାରା ପ୍ରସ୍ତାବିତ କୌଣସି ପ୍ରସ୍ତାବରେ ହସ୍ତକ୍ଷେପ କରିବ ନାହିଁ;

f) ବୀମାକର୍ତ୍ତା ଦ୍ୱାରା ପ୍ରସ୍ତାବିତ ହାର, ସୁବିଧା, ସର୍ତ୍ତ ଓ ପ୍ରତିବନ୍ଧଠାରୁ ଅନ୍ୟ କିଛିର ପ୍ରସ୍ତାବ ଦେବ ନାହିଁ;

g) ଏକ ପଲିସୀଧାରକକୁ ବିଦ୍ୟମାନ ପଲିସୀକୁ ସମାପ୍ତ କରିବାପାଇଁ ଏବଂ ସେଭଳି ସମାପ୍ତି ତାରିଖଠାରୁ ତିନି ବର୍ଷ ମଧ୍ୟରେ
ତା'ଠାରୁ ଏକ ନୂତନ ପ୍ରସ୍ତାବକୁ ଲାଗୁ କରିବା ପାଇଁ ବାଧ କରିବ ନାହିଁ;

h) କୌଣସି କର୍ପୋରେଟ ଅଭିକର୍ତ୍ତା ପାଖରେ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ସଂଗଠନ କିମ୍ବା ଗୋଟିଏ ସଂଗଠନ ସମୂହଠାରୁ ବୀମା
ବ୍ୟବସାୟର ପୋର୍ଟଫୋଲିଓ ରହିବ ନାହିଁ ଯାହା ଅନ୍ତର୍ଗତ ପ୍ରିମିୟମ ଗୋଟିଏ ବର୍ଷରେ ପ୍ରାପ୍ତ ହେଉଥିବା ମୋଟ ପ୍ରିମିୟମର

ପଚାଶ ପ୍ରତିଶତଠାରୁ ଅଧିକ ହୋଇଥିବ;

i) ପ୍ରାଧିକରଣର ପୂର୍ବ ସ୍ୱୀକୃତି ବିନା, କୌଣସି ବୀମା କମ୍ପାନୀର ନିର୍ଦ୍ଦେଶକ ହେବ କିମ୍ବା ରହିବ ନାହିଁ;

j) କୌଣସି ପ୍ରକାରର ଟଙ୍କା ହେରଫେର କାର୍ଯ୍ୟକଳାପରେ ଜଡ଼ିତ ହେବ ନାହିଁ;

k) ସେମାନଙ୍କ ଦ୍ୱାରା କିମ୍ବା କଲ ସେଣ୍ଟର ଜରିଆରେ ବିପଥଗାମୀ କଲ୍ କିମ୍ବା ନକଲି କଲ୍ ସାହାଯ୍ୟରେ ବ୍ୟବସାୟ ପ୍ରାପ୍ତ
ହେବାରେ ଜଡ଼ିତ ହେବ ନାହିଁ;

l) ବୀମା ଉତ୍ପାଦଗୁଡିକର ଯାଚନା ଏବଂ ପ୍ରାପ୍ତ କରିବା ପାଇଁ ବହୁ ସ୍ତରୀୟ ବିପଣନ କରିବ ନାହିଁ ;

m) ବ୍ୟବସାୟ ଆଣିବା ପାଇଁ ଅଣପ୍ରଶିକ୍ଷିତ ଏବଂ ଅଣପ୍ରାଧିକୃତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବ ନାହିଁ ;

n) ପଞ୍ଜିକରଣ ପ୍ରମାଣପତ୍ର ଅନୁସାରେ ବୀମା ଉତ୍ପାଦଗୁଡିକର ଯାଚନା ଓ ସେବାପ୍ରଦାନ କରିବା ବ୍ୟତୀତ ବୀମା ପରାମର୍ଶ କାର୍ଯ୍ୟ କିମ୍ବା ଦାବୀ ପରାମର୍ଶ କାର୍ଯ୍ୟ କିମ୍ବା ଅନ୍ୟ କୌଣସି ବୀମା ସମ୍ବନ୍ଧୀୟ ସେବା ପ୍ରଦାନ କରିବ ନାହିଁ; ବୀମା ଉତ୍ପାଦର ବିତରଣକୁ ଆଗକୁ ବଢ଼ାଇବାରେ ସମ୍ଭାବ୍ୟ ପଲିସୀଧାରକମାନଙ୍କ ସଂପର୍କ ବିବରଣୀସବୁକୁ ସୂଚୀତ, ଯାଚନା, ନେତୃତ୍ୱ ଜାତ, ପରାମର୍ଶ, ଆରମ୍ଭ, ପ୍ରାପ୍ତ କିମ୍ବା ପ୍ରାପ୍ତ କରିବା ପାଇଁ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ, ପ୍ରୋତ୍ସାହିତ କରିବ ନାହିଁ, ତା' ସହିତ ଏକ ଚୁକ୍ତିରେ ଆବଦ୍ଧ ହେବ ନାହିଁ କିମ୍ବା କୌଣସି ପ୍ରକାରର ବ୍ୟବସ୍ଥା ରହିବ ନାହିଁ;

o) ବୀମା ଉତ୍ପାଦର ବିତରଣକୁ ଆଗକୁ ବଢ଼ାଇବାରେ ସମ୍ଭାବ୍ୟ ପଲିସୀଧାରକମାନଙ୍କ ସଂପର୍କ ବିବରଣୀସବୁକୁ ସୂଚୀତ, ଯାଚନା,ନେତୃତ୍ୱ ଜାତ, ପରାମର୍ଶ, ଆରମ୍ଭ, ପ୍ରାପ୍ତ କିମ୍ବା ପ୍ରାପ୍ତ କରିବା ପାଇଁ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ, ପ୍ରୋତ୍ସାହିତ କରିବ ନାହିଁ, ତା' ସହିତ ଏକ ଚୁକ୍ତିରେ ଆବଦ୍ଧ ହେବ ନାହିଁ କିମ୍ବା କୌଣସି ପ୍ରକାରର ବ୍ୟବସ୍ଥା ରହିବ ନାହିଁ;

p) ବିକ୍ରୟ, ପ୍ରବର୍ତ୍ତନ, ନେତୃତ୍ୱ ଜାତ, କୌଣସି ବ୍ୟକ୍ତି କିମ୍ବା ସତ୍ତାକୁ ସୂଚୀତ କରିବା କିମ୍ବା ପାଇବା ଉଦ୍ଦେଶ୍ୟରେ କୌଣସି ଶୁଳ୍କ, କମିଶନ, କୌଣସି ବି ନାମରେ ହେଉ ତା' ଦ୍ୱାରା ପ୍ରୋତ୍ସାହନ ପ୍ରଦାନ କରିବ ନାହିଁ କିମ୍ବା ପ୍ରଦାନର ସ୍ୱୀକୃତି ଦେବ ନାହିଁ ।

III. ବିକ୍ରୟ-ପରବର୍ତ୍ତୀ ଆଚାର ସଂହିତା 4

ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା-

a) ପ୍ରତ୍ୟେକ ବୈୟକ୍ତିକ ପଲିସୀଧାରକକୁ ନାମିତୀକରଣ କିମ୍ବା ସମନୁଦେଶନ କିମ୍ବା ଠିକଣାରେ ପରିବର୍ତ୍ତନ କିମ୍ବା ବିକଳ୍ପର ଚୟନ, ଯେଉଁ ପ୍ରକରଣ ବି ହୋଇଥାଉ, ତାହାକୁ ପ୍ରଭାବୀ କରିବା ପାଇଁ, ଏବଂ ଯେତେବେଳେ ଆବଶ୍ୟକ, ଏହା ତରଫରୁ ଆବଶ୍ୟକ
ସହାୟତା ପ୍ରଦାନ କରିବ;

b) ତା' ମାଧ୍ୟମରେ ପୂର୍ବରୁ ପ୍ରାପ୍ତ ହୋଇଥିବା ବୀମା ବ୍ୟବସାୟକୁ ସଂରକ୍ଷିତ କରିବା ଉଦ୍ଦେଶ୍ୟ ନେଇ, ପଲିସୀଧାରକକୁ ମୌଖିକ ରୂପେ କିମ୍ବା ଲିଖିତ ରୂପେ ସୂଚନା ଦେଇ, ନିର୍ଦ୍ଧାରିତ ସମୟ ମଧ୍ୟରେ ପଲିସୀଧାରକମାନଙ୍କ ଦ୍ୱାରା ପ୍ରିମିୟମ ପ୍ରଦାନକୁ ସୁନିଶ୍ଚିତ
କରିବାର ସମସ୍ତ ପ୍ରୟାସ କରିବ;

c) ସୁନିଶ୍ଚିତ କରିବ ଯେ ତାହାର ଗ୍ରାହକ ବୀମାର ସମାପ୍ତି ତାରିଖ ବିଷୟରେ ଅବଗତ ଅଛି ଯଦିଓ ଗ୍ରାହକକୁ ଆହୁରି ଅଧିକ ବୀମା ପ୍ରଦାନ ନ କରିବା ପାଇଁ ସେ ଚୟନ କରିଛି;

d) ସୁନିଶ୍ଚିତ କରିବ ଯେ ନୂତନୀକରଣ ସୂଚନାଗୁଡିକ ପ୍ରକଟୀକରଣର କର୍ତ୍ତବ୍ୟ ସମ୍ବନ୍ଧରେ ଚେତାବନୀ ଅନ୍ତର୍ଭୁକ୍ତ କରନ୍ତି ଯାହା ପଲିସୀକୁ ପ୍ରଭାବିତ କରୁଥିବା ପରିବର୍ତ୍ତନସବୁ ପାଇଁ ପରାମର୍ଶ ଦେବାର ଆବଶ୍ୟକତାକୁ ସମ୍ମିଳିତ କରେ, ଯାହା ପଲିସୀ
ପ୍ରାରମ୍ଭ କିମ୍ବା ଶେଷ ନୂତନୀକରଣ ତାରିଖଠାରୁ ହୋଇଥିବେ;

e) ସୁନିଶ୍ଚିତ କରିବ ଯେ ନୂତନୀକରଣ ସୂଚନାଗୁଡିକ ଚୁକ୍ତିର ନୂତନୀକରଣ ଉଦ୍ଦେଶ୍ୟରେ ବୀମାକର୍ତ୍ତାକୁ ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ (ପତ୍ରଗୁଡିକର ପ୍ରତିଲିପି ସମେତ) ର ରେକର୍ଡ ରଖିବା ପାଇଁ ଆବଶ୍ୟକତାକୁ ସମ୍ମିଳିତ କରନ୍ତି;

f) ସୁନିଶ୍ଚିତ କରିବ ଯେ ସମାପ୍ତି ତାରିଖ ପୂର୍ବରୁ ଠିକ୍ ସମୟ ମଧ୍ୟରେ ଗ୍ରାହକ ବୀମାକର୍ତ୍ତାଙ୍କ ନୂତନୀକରଣ ନିମନ୍ତ୍ରଣକୁ ପ୍ରାପ୍ତ କରୁଛି;

g) ବୀମାକର୍ତ୍ତାଦ୍ୱାରା ଦାବୀସବୁର ସମାଧାନ ପାଇଁ ଆବଶ୍ୟକତାଗୁଡିକର ଅନୁପାଳନ କରିବାରେ ପଲିସୀଧାରକ କିମ୍ବା ଦାବୀଦାର କିମ୍ବା ଲାଭଗ୍ରହୀତାମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବ;

h) ତାଙ୍କ ଗ୍ରାହକମାନଙ୍କୁ ଦାବୀଗୁଡିକ ସମ୍ବନ୍ଧରେ ତୁରନ୍ତ ସୂଚୀତ କରିବା ଏବଂ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ପ୍ରକଟ କରିବା ଓ ଯେତେ ଶୀଘ୍ର ସମ୍ଭବ ପରବର୍ତ୍ତୀ ବିକାଶର ପରାମର୍ଶ ଦେବାର ସେମାନଙ୍କ କର୍ତ୍ତବ୍ୟକୁ ବ୍ୟାଖ୍ୟା କରିବ;

i) ଗ୍ରାହକକୁ ସତ୍ୟ, ନିରପେକ୍ଷ ଓ ସଂପୂର୍ଣ୍ଣ ପ୍ରକଟୀକରଣ କରିବାପାଇଁ ପରାମର୍ଶ ଦେବ ଯେଉଁଠି ଏହା ବିଶ୍ୱାସ କରେ ଯେ ଗ୍ରାହକ ତାହା କରି ନାହିଁ । ଯଦି ଆହୁରି ଅଧିକ ପ୍ରକଟୀକରଣ ହେଉନାହିଁ ଏହା ଗ୍ରାହକ ପାଇଁ ଅଧିକ କାର୍ଯ୍ୟ କରିବା ଅଗ୍ରାହ୍ୟ କରିବା ପାଇଁ ବିଚାର କରିବ;

j) ଦାବୀ ସମ୍ବନ୍ଧୀୟ ଥିବା କୌଣସି ବି ଆବଶ୍ୟକତା ସମ୍ବନ୍ଧରେ ଗ୍ରାହକକୁ ତୁରନ୍ତ ପରାମର୍ଶ ଦେବ;

k) ଏକ ଦାବୀ କିମ୍ବା ଏକ ଦାବୀ ଉତ୍ପନ୍ନ କରୁଥିବା ଏକ ଘଟଣା ସମ୍ବନ୍ଧରେ ବିନା ବିଳମ୍ବରେ, ଏବଂ କୌଣସି ଘଟଣାରେ ତିନି କାର୍ଯ୍ୟ ଦିବସ ମଧ୍ୟରେ ଗ୍ରାହକଠାରୁ ପ୍ରାପ୍ତ ହୋଇଥିବା କୌଣସି ସୂଚନାକୁ ଅଗ୍ରସରିତ କରିବ;

l) ଏକ ଦାବୀ ସମ୍ବନ୍ଧରେ ବୀମାକର୍ତ୍ତାଙ୍କ ନିଷ୍ପତ୍ତି କିମ୍ବା ଅନ୍ୟ କିଛି ଉପରେ ବିନା ବିଳମ୍ବରେ ଗ୍ରାହକକୁ ପରାମର୍ଶ ଦେବ ଏବଂ ତାର ଦାବୀର ପଛରେ ଲାଗିବାରେ ଗ୍ରାହକକୁ ସମସ୍ତ ପ୍ରକାରେ ଯଥାର୍ଥ ସହାୟତା ପ୍ରଦାନ କରିବ;

m) ଏକ ବୀମା ଚୁକ୍ତି ଅନ୍ତର୍ଗତ ଲାଭଗ୍ରହୀତାଠାରୁ ଲାଭର କୌଣସି ଅଂଶ ଦାବୀ କିମ୍ବା ପ୍ରାପ୍ତ କରିବ ନାହିଁ;

n) ସୁନିଶ୍ଚିତ କରିବ ଯେ ନିର୍ଦ୍ଦେଶର ପତ୍ର, ପଲିସୀ ଏବଂ ନୂତନୀକରଣ ଦସ୍ତାବିଜଗୁଡିକରେ ଅଭିଯୋଗ ସମ୍ଭାଳିବା ପ୍ରକ୍ରିୟା ସମ୍ବନ୍ଧୀୟ ବିବରଣୀସବୁ ଅନ୍ତର୍ଭୁକ୍ତ ଅଛି;

o) ଫୋନରେ କିମ୍ବା ଲିଖିତ ଆକାରରେ ଅଭିଯୋଗଗୁଡିକୁ ଗ୍ରହଣ କରିବ:

p) ପତ୍ରାଚାରର ପ୍ରାପ୍ତିଠାରୁ ଚଉଦ ଦିନ ମଧ୍ୟରେ ଅଭିଯୋଗକୁ ସ୍ୱୀକାର କରିବ, ଷ୍ଟାଫ୍ ର ସଦସ୍ୟ ଯିଏ ଅଭିଯୋଗ ଉପରେ କାର୍ଯ୍ୟକରିବ, ତାହାକୁ ଏବଂ ଏହା ଉପରେ କାର୍ଯ୍ୟ କରିବାର ସମୟ ସାରଣୀ ବିଷୟରେ ପରାମର୍ଶ ଦେବ;

q) ସୁନିଶ୍ଚିତ କରିବ ଯେ ପ୍ରତ୍ୟୁତ୍ତର ପତ୍ରଗୁଡିକ ପଠାଯାଉଛି ଏବଂ ଯଦି ସେ ସନ୍ତୁଷ୍ଟ ନ ହୁଏ, ସେ କ'ଣ କରିପାରେ ଏ ବିଷୟରେ ଅଭିଯୋଗକାରୀକୁ ସୂଚୀତ କରିବ;

r) ସୁନିଶ୍ଚିତ କରିବ ଯେ ଅଭିଯୋଗଗୁଡିକ ଉପରେ ଯଥାର୍ଥ ରୂପେ ବରିଷ୍ଠ ସ୍ତରରେ କାରବାର କରାଯାଉଛି;

s) ଅଭିଯୋଗଗୁଡିକୁ ରେକର୍ଡ କରିବା ଓ ନିରୀକ୍ଷଣ କରିବା ପାଇଁ ଏକ ସିଷ୍ଟମ ରଖିବ ।

ଅଧ୍ୟାୟ 5

ଜୀବନ ବୀମାର ବୈଧିକ ସିଦ୍ଧାନ୍ତ

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟରେ, ଆମେ ସେହି ତତ୍ତ୍ୱଗୁଡିକ ବିଷୟରେ ଆଲୋଚନା କରୁଛୁ ଯେଉଁଗୁଡିକ ଏକ ଜୀବନ ବୀମା ଚୁକ୍ତିର କାର୍ଯ୍ୟପ୍ରଣାଳୀକୁ ପରିଚାଳିତ କରନ୍ତି । ଏହି ଅଧ୍ୟାୟ ଏକ ଜୀବନ ବୀମା ଚୁକ୍ତିର ବିଶେଷ ଲକ୍ଷଣଗୁଡିକ ବିଷୟରେ ମଧ୍ୟ ଆଲୋଚନା କରେ ।

ଅଧ୍ୟୟନ ପରିଣାମ

କ. ବୀମା ଚୁକ୍ତି -ବୈଧିକ ଦୃଷ୍ଟିକୋଣ ଏବଂ ବିଶେଷ ଲକ୍ଷଣ ବୈଶିଷ୍ଟ୍ୟ

କ. ବୀମା ଚୁକ୍ତି – ବୈଧିକ ଦୃଷ୍ଟିକୋଣ ଏବଂ ବିଶେଷ ଲକ୍ଷଣ ବୈଶିଷ୍ଟ୍ୟ

1. ବୀମା ଚୁକ୍ତି - ବୈଧିକ ଦୃଷ୍ଟିକୋଣ

କ) ବୀମା ଚୁକ୍ତି

ବୀମା ଏକ ଚୁକ୍ତି ସମ୍ବନ୍ଧୀୟ ରାଜିନାମା ସହିତ ଜଡିତ ଯେଉଁଠି ବୀମାକର୍ତ୍ତା କେତେକ ନିର୍ଦ୍ଦିଷ୍ଟ ସଙ୍କଟଗୁଡିକ ବିରୁଦ୍ଧରେ ପ୍ରିମିୟମ କୁହାଯାଉଥିବା ଏକ ମୂଲ୍ୟ କିମ୍ବା ପ୍ରତିଫଳ ବଦଳରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତି ପ୍ରଦାନ କରେ । ଏହି ଚୁକ୍ତି ସମ୍ବନ୍ଧୀୟ ରାଜିନାମା ଏକ ବୀମା ପଲିସୀର ରୂପ ନିଏ ।

ଖ) **ଏକ ବୀମା ଚୁକ୍ତିର ବୈଧିକ ଦୃଷ୍ଟିକୋଣ**

ଆମେ ବର୍ତ୍ତମାନ ବୀମା ଚୁକ୍ତିର କେତେକ ଲକ୍ଷଣ ବୈଶିଷ୍ଟ୍ୟ ଉପରେ ଦୃଷ୍ଟିପାତ କରିବା ଏବଂ ତା ପରେ ସେହି ବୈଧିକ ସିଦ୍ଧାନ୍ତ ସବୁ ଉପରେ ବିଚାର କରିବା ଯାହା ସାଧାରଣ ରୂପେ ବୀମା ଚୁକ୍ତିସବୁକୁ ପରିଚାଳିତ/ନିୟନ୍ତ୍ରିତ କରନ୍ତି ।

ମହତ୍ତ୍ୱପୂର୍ଣ୍ଣ

ଏକ ଚୁକ୍ତି ହେଉଛି ପକ୍ଷମାନଙ୍କ ମଧ୍ୟରେ ଏକ ରାଜିନାମା, ଯାହା ଆଇନ ଦ୍ୱାରା ପ୍ରବର୍ତ୍ତନୀୟ ଅଟେ । ଭାରତୀୟ ଚୁକ୍ତି ଅଧିନିୟମ, 1872 ର ପ୍ରାବଧାନ ବୀମା ଚୁକ୍ତି ସହିତ ଭାରତର ସମସ୍ତ ଚୁକ୍ତିକୁ ନିୟନ୍ତ୍ରିତ କରେ ।

ଏକ ବୀମା ପଲିସୀ ହେଉଛି ଏକ ଚୁକ୍ତି, ଯାହା ମଧ୍ୟରେ ଦୁଇ ପକ୍ଷ ପ୍ରବେଶ କରନ୍ତି, ଅର୍ଥାତ୍, କମ୍ପାନୀ, ଯାହାକୁ ବୀମାକର୍ତ୍ତା କୁହାଯାଏ, ଓ ପଲିସୀଧାରୀ, ଯାହାକୁ ବୀମିତ କୁହାଯାଏ ଏବଂ ଭାରତୀୟ ଚୁକ୍ତି ଅଧିନିୟମ, 1872 ରେ ପ୍ରତିଷ୍ଠାପିତ କରାଯାଇଥିବା ଆବଶ୍ୟକତାସବୁକୁ ପୂରଣ କରେ ।

ଚିତ୍ର 1 : ବୀମା ଚୁକ୍ତି



ଗ) ଏକ ବୈଧ ଚୁକ୍ତିର ତତ୍ତ୍ୱ

ଚିତ୍ର 2 : ଏକ ବୈଧ ଚୁକ୍ତିର ତତ୍ତ୍ୱ



ଏକ ବୈଧ ଚୁକ୍ତିର ତତ୍ତ୍ୱଗୁଡିକ ହେଉଛି :

i. ପ୍ରସ୍ତାବ ଓ ସ୍ୱୀକୃତି

ଯେତେବେଳେ ଏକ ବ୍ୟକ୍ତି ଅନ୍ୟ ଜଣକୁ କୌଣସି କାର୍ଯ୍ୟ କରିବାକୁ କିମ୍ବା କାର୍ଯ୍ୟ କରିବାରୁ ନିବୃତ ରହିବାକୁ ସ୍ୱୀକୃତି ସୂଚୀତ କରେ, ଯାହାର ଉଦ୍ଦେଶ୍ୟ ସେହି କାର୍ଯ୍ୟ ପାଇଁ ଅନ୍ୟଠାରୁ ସମ୍ମତି ପ୍ରାପ୍ତ କରିବା, ସେ ଏକ ପ୍ରସ୍ତାବ ଦେଉଛି ବୋଲି କୁହାଯିବ । ସାଧାରଣତଃ, ପ୍ରସ୍ତାବଟି ସମ୍ଭାବ୍ୟ ଗ୍ରାହକ ଦ୍ୱାରା ଦିଆଯାଏ, ଏବଂ ସ୍ୱୀକୃତି ବୀମିତ ଦ୍ୱାରା ଦିଆଯାଏ ।

ଯେତେବେଳେ ଏକ ବ୍ୟକ୍ତି ଯାହାକୁ ପ୍ରସ୍ତାବ ଦିଆଯାଏ, ତା' ପାଇଁ ସମ୍ମତି ସୂଚୀତ କରେ, ଏହାକୁ ତା' ସ୍ୱୀକୃତି ବୋଲି ମାନି ନିଆଯାଏ । ଏଣୁକରି, ଯେତେବେଳେ ଏକ ପ୍ରସ୍ତାବକୁ ସ୍ୱୀକାର କରାଯାଏ, ଏହା ଏକ ପ୍ରତିଶ୍ରୁତି ହୋଇଯାଏ ।

ସ୍ୱୀକୃତି ବିଷୟରେ ସମ୍ଭାବ୍ୟ ଗ୍ରାହକକୁ ସୂଚୀତ କରିବା ଆବଶ୍ୟକ ଯାହାର ପରିଣାମରେ ଏକ ଚୁକ୍ତିର ଗଠନ ହୁଏ ।

ଯେତେବେଳେ ଏକ ସମ୍ଭାବ୍ୟ ଗ୍ରାହକ ବୀମା ଯୋଜନାର ସର୍ତ୍ତସବୁକୁ ସ୍ୱୀକାର କରେ ଏବଂ ଜମା ରାଶି ପରିମାଣ ପ୍ରଦାନ କରି ତା' ସମ୍ମତି ଅଭିବ୍ୟକ୍ତ କରେ, ଯାହା, ପ୍ରସ୍ତାବର ସ୍ୱୀକୃତି ପରେ, ପ୍ରଥମ ପ୍ରିମିୟମରେ ପରିବର୍ତ୍ତିତ ହୋଇଯାଏ, ପ୍ରସ୍ତାବ ଏକ ପଲିସୀ ହୋଇଯାଏ ।

ଯଦି କୌଣସି ସର୍ତ୍ତ ରଖାଯାଏ, ଏହା ଏକ ପ୍ରତିକୂଳ ପ୍ରସ୍ତାବ ହୋଇଯାଏ ।

ପଲିସୀ ବଣ୍ଡ ଚୁକ୍ତିର ପ୍ରମାଣ ହୋଇଯାଏ ।

ii. ପ୍ରତିଫଳ

ର ଅର୍ଥ ହେଉଛି ଯେ ଚୁକ୍ତିରେ ନିଶ୍ଚିତ ରୂପେ ପକ୍ଷମାନଙ୍କ ପାଇଁ କିଛି ପାରସ୍ପରିକ ଲାଭ ଥିବା ଉଚିତ । ପ୍ରିମିୟମ ହେଉଛି ବୀମିତ ଠାରୁ ପ୍ରତିଫଳ ଅଟେ, ଏବଂ କ୍ଷତିପୂର୍ତ୍ତି ଦେବାର ପ୍ରତଶ୍ରୁତି ବୀମାକର୍ତ୍ତାମାନଙ୍କ ପାଖରୁ ପ୍ରତିଫଳ ଅଟେ ।

iii. ପକ୍ଷମାନଙ୍କ ମଧ୍ୟରେ ରାଜିନାମା

ଉଭୟ ପକ୍ଷ ସେହି ସମାନ ଜିନିଷକୁ ସେହି ସମାନ ଅର୍ଥରେ ସମ୍ମତି ପ୍ରଦାନ କରିବା ଉଚିତ । ଅନ୍ୟ ଶବ୍ଦରେ, ଉଭୟ ପକ୍ଷ ମଧ୍ୟରେ "ସର୍ବସମ୍ମତି " ହେବା ଉଚିତ । ଉଭୟ ବୀମା କମ୍ପାନୀ ଓ ପଲିସୀଧାରୀ ସେହି ସମାନ ଜିନିଷ ଉପରେ ସେହି ସମାନ ଅର୍ଥରେ ନିଶ୍ଚିତ ରୂପେ ସମ୍ମତି ଦେବା ଉଚିତ ।

iv. ମୁକ୍ତ ସ୍ୱୀକୃତି / ସମ୍ମତି

ଏକ ଚୁକ୍ତିରେ ପ୍ରବେଶ କରିବା ସମୟରେ ମୁକ୍ତ ସମ୍ମତି ଥିବା ଉଚିତ ।

ସମ୍ମତିକୁ ମୁକ୍ତ ବୋଲି କୁହାଯାଏ ଯେତେବେଳେ ଏହା ନିମ୍ନ କାରଣରୁ ହୋଇ ନ ଥାଏ

- ✓ ଜବରଦସ୍ତି/ଉତ୍ପୀଡନ
- ✓ ଅନୁଚିତ ପ୍ରଭାବ
- ✓ କପଟ
- ✓ ଭୁଲ ଉପସ୍ଥାପନା
- ✓ ଭୁଲ

ଯେତେବେଳେ ଏକ ରାଜିନାମା ପାଇଁ ସମ୍ମତି ଜବରଦସ୍ତି ଉତ୍ପୀଡନ, କପଟ କିମ୍ବା ଭୁଲଉପସ୍ଥାପନା କାରଣରୁ ହୋଇଥାଏ, ରାଜିନାମା ଶୂନ୍ୟ /ଅକାମୀ/ବ୍ୟର୍ଥ ହୋଇଯାଏ ।

v. ପକ୍ଷମାନଙ୍କ କ୍ଷମତା

ଚୁକ୍ତିର ଉଭୟ ପକ୍ଷ ନିଶ୍ଚିତ ଭାବେ ଚୁକ୍ତିରେ ପ୍ରବେଶ କରିବା ପାଇଁ ବୈଧିକ ରୂପେ ସୁଯୋଗ୍ୟ /ସକ୍ଷମ ହେବା ଉଚିତ । ପଲିସୀଧାରୀ ପ୍ରସ୍ତାବରେ ହସ୍ତାକ୍ଷର କରିବା ସମୟରେ ନିଶ୍ଚିତ ରୂପେ ପ୍ରାପ୍ତ ବୟସ୍କ ହୋଇଥିବା ଆବଶ୍ୟକ ଏବଂ ସୁସ୍ଥ ମନର ହେବା ଉଚିତ ଓ ଆଇନ ଅନ୍ତର୍ଗତ ଅଯୋଗ୍ୟ ହୋଇ ନ ଥିବା ଉଚିତ । ଉଦାହରଣ ସ୍ୱରୂପ, ଅପ୍ରାପ୍ତବୟସ୍କମାନେ ଚୁକ୍ତିରେ ପ୍ରବେଶ କରିପାରିବେ ନାହିଁ ।

vi. ବୈଧିକତା

ଚୁକ୍ତିର ବିଷୟ ନିଶ୍ଚିତରୂପେ ବୈଧିକ ହେବା ଉଚିତ୍, ଉଦାହରଣ ସ୍ୱରୂପ, ଅବୈଧିକ କାର୍ଯ୍ୟ ପାଇଁ କୌଣସି ବୀମା ହୋଇପାରିବ ନାହିଁ । ପ୍ରତ୍ୟେକ ରାଜିନାମା ଯାହାର ବିଷୟ କିମ୍ବା ପ୍ରତିଫଳ ବେଆଇନ ଅଟେ, ତାହା ବ୍ୟର୍ଥ /ଅମାନ୍ୟ ହେବ । ଏକ ବୀମା ଚୁକ୍ତିର ବିଷୟ ଏକ ବୈଧିକ ବିଷୟ ଅଟେ ।

ମହତ୍ତ୍ୱପୂର୍ଣ୍ଣ

i. ଜବରଦସ୍ତି/ଉତ୍ପୀଡନ - ଅପରାଧିକ ମାଧ୍ୟମ ଜରିଆରେ ପ୍ରୟୋଗ କରାଯାଉଥିବା ଚାପକୁ ସଂଶ୍ଳିଷ୍ଟ କରେ ।

ii. ଅନୁଚିତ ପ୍ରଭାବ - ଯେତେବେଳେ ଏକ ବ୍ୟକ୍ତି ଯିଏ ଅନ୍ୟ ଜଣକର ଇଚ୍ଛା ଉପରେ ଶାସନ କରିପାରେ, ତା' ପଦବୀକୁ, ଅନୁଚିତ ଲାଭ ଉଠାଇବା ପାଇଁ, ଅନ୍ୟ ଉପରେ ଉପଯୋଗ କରେ ।

iii. କପଟ - ଯେତେବେଳେ ଏକ ବ୍ୟକ୍ତି ଏକ ମିଥ୍ୟା ବିଶ୍ୱାସ ଉପରେ କାର୍ଯ୍ୟ କରିବା ପାଇଁ ଅନ୍ୟଜଣକୁ ପ୍ରବର୍ତ୍ତାଏ, ଯାହା ଏକ ଉପସ୍ଥାପନା କାରଣରୁ ହୋଇଥାଏ ଯାହାକୁ ସେ ସତ ବୋଲି ବିଶ୍ୱାସ କରେ ନାହିଁ । ଏହା ହୁଏତ ଜାଣିଶୁଣି ତଥ୍ୟକୁ ଲୁଚାଇବା ଦ୍ୱାରା କିମ୍ବା ସେଗୁଡିକୁ ଭୁଲ ରୂପେ ଉପସ୍ଥାପନା କରିବା ଦ୍ୱାରା ଉତ୍ପନ୍ନ ହୋଇଥାଏ ।

iv. **ଭୁଲ** - ଏକ ଜିନିଷ କିମ୍ବା ଘଟଣା ଉପରେ ଜଣକର ଜ୍ଞାନ କିମ୍ବା ବିଶ୍ୱାସ କିମ୍ବା ଅର୍ଥବ୍ୟାଖ୍ୟା ରେ ତ୍ରୁଟି । ଏହା ଚୁକ୍ତିର ବିଷୟବସ୍ତୁ ବିଷୟରେ ବୁଝିବାରେ କିମ୍ବା ସମ୍ମତି ହେବାରେ ତ୍ରୁଟି ଆଡକୁ ଗତି କରାଇପାରେ ।

2. ବୀମା ଚୁକ୍ତି - ବିଶେଷ ଲକ୍ଷଣ

କ) ୟୁବେରିମା ଫାଇଡ୍ସ କିମ୍ବା ପରମ ସଭାବ

ଏହା ଏକ ବୀମା ଚୁକ୍ତିର ଏକ ମୂଳଭୂତ ସିଦ୍ଧାନ୍ତ ଅଟେ । ଏହାକୁ ମଧ୍ୟ ୟୁବେରିମା ଫାଇଡ୍ସ କୁହାଯାଏ, ଏହାର ଅର୍ଥ ହେଉଛି ଯେ ଚୁକ୍ତିର ପ୍ରତ୍ୟେକ ପକ୍ଷ ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୂଚନାକୁ ନିଶ୍ଚିତ ରୂପେ ପ୍ରକଟ କରିବା ଉଚିତ ।

ସଭାବ ଓ ପରମ ସଭାବ ମଧ୍ୟରେ ପାର୍ଥକ୍ୟ କରାଯାଇପାରେ । ସାଧାରଣ ଭାବେ ସମସ୍ତ ବ୍ୟାପାରିକ ଚୁକ୍ତି ଆବଶ୍ୟକ କରନ୍ତି ଯେ ସେମାନଙ୍କ କାରବାରରେ ସଭାବର ଅନୁପାଳନ କରାଯିବ ଏବଂ ସୂଚନା / ତଥ୍ୟ ଦେବା ସମୟରେ କୌଣସି କପଟ କିମ୍ବା ପ୍ରତାରଣା ନ ଥିବ । ସଭାବ ଅନୁପାଳନ କରିବାର ଏହି ବୈଧିକ କର୍ତ୍ତବ୍ୟ ବ୍ୟତୀତ, ବିକ୍ରେତା କ୍ରେତାକୁ ଚୁକ୍ତିର ବିଷୟବସ୍ତୁ ସମ୍ବନ୍ଧୀୟ କୌଣସି ତଥ୍ୟ ପ୍ରକଟ କରିବା ପାଇଁ ବାଧ୍ୟ ନୁହେଁ ।

ଏଇଠି ଅନୁପାଳନ କରାଯାଇଥିବା ନିୟମ ହେଉଛି **"କେଭିଅଟ ଏମ୍ପଟର " ର ନିୟମ ଯାହାର ଅର୍ଥ ହେଉଛି କ୍ରେତା ସାବଧାନ ।** ଚୁକ୍ତିର ପକ୍ଷମାନେ ଚୁକ୍ତିର ବିଷୟବସ୍ତୁକୁ ପରୀକ୍ଷା କରିବେ ବୋଲି ଆଶା କରାଯାଏ ଏବଂ ଯେ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ଅନ୍ୟକୁ ଭୁଲ ମାର୍ଗଦର୍ଶନ ନ କରେ ଓ ଉତ୍ତରସବୁ ସତ୍ୟତାପୂର୍ଣ୍ଣ ଭାବେ ଦିଆଯାଏ, ଅନ୍ୟ ପକ୍ଷ ଚୁକ୍ତିକୁ ଅବଜ୍ଞା କରିବାର କୌଣସି ପ୍ରଶ୍ନ ନାହିଁ ।

ପରମ ସଭାବ : ବୀମା ଚୁକ୍ତି ଏକ ଅନ୍ୟ ଆଧାରରେ ଛିଡା ହୁଏ । ପ୍ରଥମତଃ, ଚୁକ୍ତିର ବିଷୟବସ୍ତୁ ଅସ୍ପର୍ଶଗମ୍ୟ ଅଟେ ଏବଂ ବୀମାକର୍ତ୍ତା ଦ୍ୱାରା ପ୍ରତ୍ୟକ୍ଷ ନିରୀକ୍ଷଣ କିମ୍ବା ଅନୁଭୂତି ମାଧ୍ୟମରେ ସହଜରେ ଜଣାଯିବ ନାହିଁ । ପୁନଃ ଅନେକ ଗୁଡିଏ ତଥ୍ୟ ଅଛି, ଯେଉଁଗୁଡିକ ସେମାନଙ୍କ ନିଜ ସ୍ୱରୂପ ଦ୍ୱାରା, କେବଳ ସମ୍ଭାବ୍ୟ ଗ୍ରାହକ ଦ୍ୱାରା ଜଣା ପଡିପାରେ । ବୀମାକର୍ତ୍ତାକୁ ଅନେକ ସମୟରେ ସୂଚନା ପାଇଁ ପୂରାପୂରି ପରବର୍ତ୍ତୀ ଉପରେ ବିଶ୍ୱାସ କରିବାକୁ ପଡିଥାଏ ।

ତେଣୁକରି ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୂଚନା ବୀମାକର୍ତ୍ତା ଯାହା ପାଖରେ ଏହି ତଥ୍ୟ ନ ଥାଏ, ତାଙ୍କୁ ଦେବା ସମ୍ଭାବ୍ୟ ଗ୍ରାହକଙ୍କ ଏକ ବୈଧିକ କର୍ତ୍ତବ୍ୟ ଅଟେ ।

ଉଦାହରଣ

ଡେଭିଡ ଏକ ଜୀବନ ବୀମା ପଲିସୀ ପାଇଁ ପ୍ରସ୍ତାବ ଦେଲା । ପଲିସୀ ପାଇଁ ଆବେଦନ କରିବା ସମୟରେ, ଡେଭିଡ ମଧୁମେହରେ ଆକ୍ରାନ୍ତ ଓ ଚିକିତ୍ସାଧୀନ ଥିଲା । କିନ୍ତୁ ଡେଭିଡ ଏହି ତଥ୍ୟକୁ ଜୀବନ ବୀମା କମ୍ପାନୀ ପାଖରେ ପ୍ରକଟ କରି ନ ଥିଲା । ଡେଭିଡ ତିନି ଦଶନ୍ଧିରେ ଥିଲା, ତେଣୁ ଜୀବନ ବୀମା କମ୍ପାନୀ ଡେଭିଡକୁ ଏକ ଡାକ୍ତରୀ ପରୀକ୍ଷା କରାଇବା ପାଇଁ ନ କହି ପଲିସୀ ଜାରୀ କଲା । ତା ପରେ କିଛି ବର୍ଷ ମଧ୍ୟରେ, ଡେଭିଡ ର ସ୍ୱାସ୍ଥ୍ୟ ଖରାପ ଆଡକୁ ଗତି କଲା ଏବଂ ତାକୁ

ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଲା । ଡେଭିଡ ଆରୋଗ୍ୟ ଲାଭ କରି ପାରିଲା ନାହିଁ ଏବଂ ପରବର୍ତ୍ତୀ କିଛି ଦିନ ମଧ୍ୟରେ ମୃତ୍ୟୁବରଣ କଲା । ଜୀବନ ବୀମା କମ୍ପାନୀ ପାଖରେ ଏକ ଦାବୀ ଉପସ୍ଥାପନା କରାଗଲା ।

ଡେଭିଡର ନାମିତ ଆଶ୍ଚର୍ଯ୍ୟ ହେଲା ଯେ, ଜୀବନ ବୀମା କମ୍ପାନୀ ଦାବୀକୁ ଅଗ୍ରାହ୍ୟ କରିଦେଇଛି । ତା' ଅନୁସନ୍ଧାନରେ, ବୀମା କମ୍ପାନୀ ଜାଣି ପାରିଲା ଯେ ଡେଭିଡ ପଲିସୀ ପାଇଁ ଆବେଦନ କରିବା ସମୟର ପୂର୍ବରୁ ହିଁ ମଧୁମେହରେ ଗ୍ରସିତ ଥିଲା ଏବଂ ଏହି ତଥ୍ୟଟି ଡେଭିଡ ଦ୍ୱାରା ଜାଣିଶୁଣି ଲୁଚା ଯାଇଥିଲା । ଏଣୁ ବୀମା ଚୁକ୍ତିକୁ ଶୂନ୍ୟ ଓ ନିରର୍ଥକ ବୋଲି ଘୋଷିତ କରାଗଲା ଏବଂ ଦାବୀକୁ ଅଗ୍ରାହ୍ୟ କରାଗଲା ।

ତଥ୍ୟ ସୂଚନା ହେଉଛି ସେହି ସୂଚନା ଯାହା ବୀମାକର୍ତ୍ତାମାନଙ୍କୁ ନିମ୍ନଲିଖିତ ନିଷ୍ପତ୍ତି ନେବାରେ ସକ୍ଷମ କରେ :

- ✓ ସେମାନେ ସଙ୍କଟକୁ ସ୍ୱୀକାର କରିବେ କି?
- ✓ ଯଦି ହଁ, କେଉଁ ପ୍ରିମିୟମ ହାରରେ ଏବଂ କେଉଁ ସର୍ତ୍ତ ଓ ପ୍ରତିବନ୍ଧ ଅନ୍ତର୍ଗତ?

ପରମ ସଦ୍ଭାବର ନୈତିକ କର୍ତ୍ତବ୍ୟ ସାଧାରଣ ଆଇନ ଅନ୍ତର୍ଗତ ଉତ୍ପନ୍ନ ହୁଏ । କର୍ତ୍ତବ୍ୟ ନା କେବଳ ତଥ୍ୟ ସୂଚନା ଉପରେ ଲାଗୁହୁଏ, କିନ୍ତୁ ସେହି ତଥ୍ୟ ସୂଚନା ପର୍ଯ୍ୟନ୍ତ ମଧ୍ୟ ସଂପ୍ରସାରିତ ହୁଏ ଯାହା ସେ ଜାଣିବା ଉଚିତ ।

ଉଦାହରଣ

ନିମ୍ନଗୁଡିକ ତଥ୍ୟ ସୂଚନାର କେତେକ ଉଦାହରଣ ଯାହା ବିଷୟରେ ସମ୍ଭାବ୍ୟ ଗ୍ରାହକ ଏକ ପ୍ରସ୍ତାବ ଦେବା ସମୟରେ ପ୍ରକଟ କରିବା ଉଚିତ :

i. **ଜୀବନ ବୀମା:** ନିଜର ଡାକ୍ତରୀ ଇତିହାସ, ବଂଶଗତ ରୋଗର ପରିବାର ଇତିହାସ, ଧୂମ୍ରପାନ ତଥା ମଦ୍ୟପାନ ଭଳି ଅଭ୍ୟାସ, କାର୍ଯ୍ୟରେ ଅନୁପସ୍ଥିତି, ବୟସ, ସଉକ, ଆର୍ଥିକ ସୂଚନା ଯେପରିକି ସମ୍ଭାବ୍ୟ ଗ୍ରାହକର ଆୟ ବିବରଣୀ, ପୂର୍ବରୁ ଥିବା ଜୀବନ ପଲିସୀ, ବ୍ୟବସାୟ ଇତ୍ୟାଦି ।

ii. **ଅଗ୍ନି ବୀମା** : ଗୃହର ନିର୍ମାଣ ଓ ବ୍ୟବହାର, ଗୃହର ଆୟୁ, ପରିସରରେ ଥିବା ଜିନିଷଗୁଡିକର ସ୍ୱରୂପ/ପ୍ରକୃତି ଇତ୍ୟାଦି ।

iii. **ସାମୁଦ୍ରିକ ବୀମା:** ଜିନିଷପତ୍ରର ବିବରଣ, ପ୍ୟାକିଙ୍ଗ୍ ପଦ୍ଧତି ଇତ୍ୟାଦି ।

iv. **ମୋଟର ବୀମା:** ବାହନର ବିବରଣ, କ୍ରୟ ତାରିଖ, ଡ୍ରାଇଭରର ବିବରଣୀ ଇତ୍ୟାଦି ।

ବୀମା ଚୁକ୍ତିସବୁ ଏ ପ୍ରକାରେ ଏକ ଉଚ୍ଚତର ଦାୟିତ୍ୱ ଅନ୍ତର୍ଗତ ଆସନ୍ତି । ବୀମା ପରିପ୍ରେକ୍ଷୀରେ, ସଦ୍ଭାବ ଚୁକ୍ତିସବୁ ପରମ ସଦ୍ଭାବ ଚୁକ୍ତି ହୋଇଯାଆନ୍ତି ।

ପରିଭାଷା

"ୟୁବେରିମା ଫାଇଡ୍ସ" ର ସିଦ୍ଧାନ୍ତକୁ **"ଅନୁରୋଧ କରାଯାଇଥାଉ ଅଥବା କରାଯାଇ ନ ଥାଉ, ପ୍ରସ୍ତାବ କରାଯାଉଥିବା ସଙ୍କଟ ପାଇଁ ଆବଶ୍ୟକ ସମସ୍ତ ତଥ୍ୟକୁ, ସଠିକ ରୂପେ ଓ ସଂପୂର୍ଣ୍ଣ ରୂପେ ସ୍ୱେଚ୍ଛାରେ ପ୍ରକଟ କରିବାର ଏକ ସକାରାତ୍ମକ କର୍ତ୍ତବ୍ୟ"** ଜଡିତ ଥିବା ରୂପେ ପରିଭାଷିତ କରାଯାଏ ।

ଯଦି ପରମ ସଦ୍ଭାବର ଅନୁପାଳନ ଏକ ପକ୍ଷ ଦ୍ୱାରା ନ ହୁଏ, ଚୁକ୍ତିଟି ଅନ୍ୟ ପକ୍ଷ ଦ୍ୱାରା ଏଡେଇ ଦିଆଯାଇପାରେ । ତତ୍ତ୍ୱତଃ ଏହାର ଅର୍ଥ ହେଉଛି ଯେ କାହାକୁ ବି ତା' ନିଜର ଭୁଲର ଲାଭ ଉଠାଇବା ପାଇଁ ସ୍ୱୀକୃତି ଦିଆଯିବା ଉଚିତ ନୁହେଁ, ବିଶେଷତଃ ଏକ ବୀମା ଚୁକ୍ତିରେ ପ୍ରବେଶ କରିବା ସମୟରେ ।

ଏହା ଆଶା କରାଯାଏ ଯେ ବୀମିତ କୌଣସି ବି ତଥ୍ୟ, ଯାହା ବୀମା ଚୁକ୍ତି ପାଇଁ ଆବଶ୍ୟକ, ସମ୍ବନ୍ଧରେ କୌଣସି ଭୁଲ ଉପସ୍ଥାପନା କରିବା ଉଚିତ ନୁହେଁ । ବୀମିତ ନିଶ୍ଚିତ ରୂପେ ସମସ୍ତ ଆବଶ୍ୟକୀୟ ତଥ୍ୟ ସୂଚନାକୁ ପ୍ରକଟ କରିବା ଉଚିତ । ଯଦି ଏହି କର୍ତ୍ତବ୍ୟ ନ ଥାଆନ୍ତା, ବୀମା ନେଉଥିବା ଜଣେ ବ୍ୟକ୍ତି ବିଷୟ ବସ୍ତୁ ସମ୍ବନ୍ଧୀୟ ସଙ୍କଟ ଉପରେ ପ୍ରଭାବ ପକାଉଥିବା କେତେକ ତଥ୍ୟକୁ ଲୁଚାଇ ରଖନ୍ତା, ଏବଂ ଅନୁଚିତ ଲାଭ ପ୍ରାପ୍ତ କରନ୍ତା ।

ବୀମାଧାରୀକୁ କୌଣସି ଆବଶ୍ୟକୀୟ ତଥ୍ୟ ସୂଚନାକୁ ବିନା ଲୁଚାଇ ସତ୍ୟତାପୂର୍ଣ୍ଣରୂପେ ତା' ସ୍ୱାସ୍ଥ୍ୟର ସ୍ଥିତି, ପରିବାର ଇତିହାସ, ଆୟ, ବ୍ୟବସାୟ ଇତ୍ୟାଦିକୁ ପ୍ରକଟ କରିବାର ପ୍ରତ୍ୟାଶା କରାଯାଏ, ଯାହା ସଙ୍କଟାଙ୍କକକୁ ସଙ୍କଟକୁ ଠିକ୍ ଭାବେ ମୂଲ୍ୟାଙ୍କନ କରିବା ପାଇଁ ସକ୍ଷମ କରେ । ପ୍ରସ୍ତାବ ଫର୍ମରେ ଅଣ-ପ୍ରକଟୀକରଣ କିମ୍ବା ଭୁଲ ଉପସ୍ଥାପନାରେ, ଯାହା ସଙ୍କଟାଙ୍କକର ସଙ୍କଟାଙ୍କନ ନିର୍ଣ୍ଣୟକୁ ପ୍ରଭାବିତ କରିଥାନ୍ତା । ଏହି କ୍ଷେତ୍ରରେ ଚୁକ୍ତିକୁ ରଦ୍ଦ କରିବାର ଅଧିକାର ବୀମାକର୍ତ୍ତାଙ୍କ ପାଖରେ ରହିଛି ।

ଆଇନ ସମସ୍ତ ଆବଶ୍ୟକୀୟ ତଥ୍ୟସୂଚନାକୁ ପ୍ରକଟ କରିବାର କର୍ତ୍ତବ୍ୟକୁ ଧାର୍ଯ୍ୟ କରେ ।

ଉଦାହରଣ

ଜଣେ ଏକ୍ସିକ୍ୟୁଟିଭ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ଅଟନ୍ତି ଏବଂ ଏବେ ଏବେ ଏକ ମୃଦୁ ହୃଦଘାତର ସମ୍ମୁଖୀନ ହୋଇଥିଲେ ଯାହା ପରେ ସେ ଏକ ମେଡିକାଲ ପଲିସୀ ନେବାର ନିଷ୍ପତ୍ତି ନେଲେ କିନ୍ତୁ ଏହି ବିଷୟ ପ୍ରକଟ କଲେ ନାହିଁ । ଏ ପ୍ରକାରେ, ବୀମିତଦ୍ୱାରା ତଥ୍ୟର ଭୁଲ ଉପସ୍ଥାପନା ଯୋଗୁଁ ବୀମାକର୍ତ୍ତା ପ୍ରବଞ୍ଚିତ ହୋଇ ପ୍ରସ୍ତାବକୁ ସ୍ୱୀକାର କରନ୍ତି ।

ଏକ ବ୍ୟକ୍ତିର ହୃତପିଣ୍ଡରେ ଏକ ଜନ୍ମଗତ କଣା ଅଛି ଏବଂ ଏହାକୁ ପ୍ରସ୍ତାବ ଫର୍ମରେ ପ୍ରକଟ କରେ । ଏହାକୁ ବୀମାକର୍ତ୍ତା ଦ୍ୱାରା ସ୍ୱୀକାର କରାଯାଏ ଓ ପ୍ରସ୍ତାବକୁ ସୂଚୀତ କରାଯାଏ ନାହିଁ ଯେ ପୂର୍ବରୁ ବିଦ୍ୟମାନ ରୋଗଗୁଡିକ ଅତି କମରେ 4 ବର୍ଷ ପାଇଁ ସୁରକ୍ଷା ପ୍ରଦାନ କରାଯାଏ ନାହିଁ । ଏହା ବୀମାକର୍ତ୍ତା ଦ୍ୱାରା ତଥ୍ୟର ଭୁଲ ମାର୍ଗଦର୍ଶନ ଅଟେ ।

ଖ) ଆବଶ୍ୟକୀୟ ତଥ୍ୟ ସୂଚନା

ପରିଭାଷା

ଆବଶ୍ୟକୀୟ ତଥ୍ୟ ସୂଚନାକୁ ଏକ ତଥ୍ୟ ରୂପେ ପରିଭାଷିତ କରାଯାଇଛି ଯାହା ସଙ୍କଟକୁ ସ୍ୱୀକାର କରାଯିବ କି ନାହିଁ ଏବଂ ଯଦି ହଁ, କେଉଁ ପ୍ରିମିୟମ ହାର ଓ ସର୍ତ୍ତ ଓ ଚୁକ୍ତିରେ, ଏହା ନିର୍ଣ୍ଣୟ କରିବାରେ ଏକ ବୀମା ସଙ୍କଟାଙ୍କକର ବିଚାରକୁ ପ୍ରଭାବିତ କରିପାରେ ।

ଏକ ଅଣପ୍ରକଟିତ ତଥ୍ୟ ଆବଶ୍ୟକ ଅଟେ କି ନାହିଁ, ଏହା ବ୍ୟକ୍ତିଗତ କ୍ଷେତ୍ରର ପରିବେଶ ଉପରେ ନିର୍ଭର କରିପାରେ ଏବଂ ପରିଶେଷରେ କେବଳ ଏକ ନ୍ୟାୟାଳୟରେ ହିଁ ବିଚାର କରାଯାଇ ପାରିବ । ବୀମିତକୁ ସେହି ତଥ୍ୟସବୁକୁ ପ୍ରକଟନ କରିବାକୁ ପଡ଼େ ଯାହା ସଙ୍କଟକୁ ପ୍ରଭାବିତ କରିଥାଏ ।

ଆସନ୍ତୁ କେତେକ ପ୍ରକାରର ଆବଶ୍ୟକୀୟ ତଥ୍ୟ ସୂଚନା ଉପରେ ଦୃଷ୍ଟିପାତ କରିବା ଯାହାକୁ ଜଣେ ବ୍ୟକ୍ତି ପ୍ରକଟ କରିବା ଆବଶ୍ୟକ:

i. ସେହି ତଥ୍ୟ ସବୁ ଯାହା ସୂଚୀତ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସଙ୍କଟ ସାଧାରଣ ଅପେକ୍ଷା ଅଧିକ ପ୍ରକଟନ ଉପସ୍ଥାପିତ କରନ୍ତି ।

ଉଦାହରଣ

ସମୁଦ୍ରରେ ନିଆଯାଉଥିବା କାର୍ଗୋର ଆପଦଜନକ ପ୍ରକୃତି, ରୋଗର ଅତୀତ ଇତିହାସ

ii. ସମସ୍ତ ବୀମାକର୍ତ୍ତାଙ୍କ ଠାରୁ ନିଆଯାଇଥିବା ଅତୀତ ପଲିସୀଗୁଡିକର ବିଦ୍ୟମାନତା ଓ ସେଗୁଡିକର ବର୍ତ୍ତମାନ ସ୍ଥିତି

iii. ବୀମା ପାଇଁ ପ୍ରସ୍ତାବ ଫର୍ମ କିମ୍ବା ଆବେଦନରେ ଥିବା ସମସ୍ତ ପ୍ରଶ୍ନ ଆବଶ୍ୟକ ବୋଲି ବିଚାର କରାଯାଏ, ଯେହେତୁ ଏସବୁର ସମ୍ବନ୍ଧ ବୀମାର ବିଷୟବସ୍ତୁର ବିଭିନ୍ନ ଦିଗ ଏବଂ ସଙ୍କଟର ପ୍ରକଟନ ସହିତ ଥାଏ । ସେଗୁଡିକର ଉତ୍ତର ସତ୍ୟତାପୂର୍ଣ୍ଣ ଭାବେ ଦେବା ଓ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ଥିବା ଆବଶ୍ୟକ ।

ନିମ୍ନରେ କେତେକ ପରିଦୃଶ୍ୟର ଅବତାରଣା କରାଗଲା ଯେଉଁଠି ତଥ୍ୟ ସୂଚନାସବୁର ପ୍ରକଟୀକରଣ କରିବା ଆବଶ୍ୟକ ।

ସୂଚନା

ଆବଶ୍ୟକୀୟ ତଥ୍ୟ ସୂଚନା ଯାହାର ପ୍ରକଟୀକରଣ ଆବଶ୍ୟକ ନୁହେଁ

ଏହା ମଧ୍ୟ ଉଲ୍ଲେଖ କରାଯାଏ ଯେ ଯଦି ସଙ୍କଟାଙ୍କକ ଦ୍ୱାରା ବିଶେଷ ରୂପେ ପ୍ରଶ୍ନ କରା ନ ଯାଏ, ସମ୍ଭାବ୍ୟ ଗ୍ରାହକ ନିମ୍ନଲିଖିତ ତଥ୍ୟଗୁଡିକୁ ପ୍ରକଟ କରିବା ପାଇଁ ବାଧ୍ୟ ନୁହେଁ:

i. ସଙ୍କଟକୁ ହ୍ରାସ କରିବା ପାଇଁ ଲାଗୁ କରାଯାଇଥିବା ଉପାୟ

ଉଦାହରଣ: ଏକ ଅଗ୍ନି ନିର୍ବାପକର ଉପସ୍ଥିତି

ii. ତଥ୍ୟ ଯାହା ବୀମିତ ଜାଣେ ନାହିଁ କିମ୍ବା ଯାହା ବିଷୟରେ ସେ ଅଜ୍ଞ ଅଟେ

ଉଦାହରଣ : ଜଣେ ବ୍ୟକ୍ତି, ଯିଏ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ କିନ୍ତୁ ପଲିସୀ ନେବା ସମୟରେ ତା' ବିଷୟରେ ସେ ଅଜ୍ଞାତ ଥିଲା, ଉପରେ ଏହି ତଥ୍ୟର ଅଣ-ପ୍ରକଟନର ଆରୋପ ଲଗା ଯାଇ ପାରିବ ନାହିଁ ।

iii. ଯଥାର୍ଥ ଉଦ୍ୟମ ଦ୍ୱାରା ଯାହାର ଆବିଷ୍କାର କରାଯାଇପାରେ ?

ପ୍ରତ୍ୟେକ ଛୋଟ ତଥ୍ୟ ସୂଚନାକୁ ପ୍ରକଟ କରିବା ଆବଶ୍ୟକ ଅଟେ । ଯଦି ସଙ୍କଟାଙ୍କକମାନେ ଅଧିକ ସୂଚନା ଆବଶ୍ୟକ କରନ୍ତି, ସେମାନେ ସେ ବିଷୟରେ ପଚାରିବା ପାଇଁ ଯଥେଷ୍ଟ ସଜାଗ ରହିବା ଉଚିତ ।

iv. ଆଇନ ସମ୍ବନ୍ଧୀୟ ବିଷୟ

ପ୍ରତ୍ୟେକ ବ୍ୟକ୍ତି ଦେଶର ନିୟମ/ଆଇନ ଜାଣିବା ଆବଶ୍ୟକ ଅଟେ ।

ଉଦାହରଣ: ବିସ୍ଫୋରକଗୁଡିକର ସଂରକ୍ଷଣ ସମ୍ବନ୍ଧରେ ନଗରପାଳିକାର ଆଇନ

v. **ଯାହା ବିଷୟରେ ବୀମାକର୍ତ୍ତା ଉଦାସୀନ ଦେଖାଯାଏ (କିମ୍ବା ଅଧିକ ସୂଚନା ପାଇଁ ଆବଶ୍ୟକତାକୁ ତ୍ୟାଗ କରିଛି)**

ଉତ୍ତରଗୁଡିକ ଅସଂପୂର୍ଣ୍ଣ ଥିଲା, ଏହି ଆଧାରରେ ବୀମାକର୍ତ୍ତା ପରବର୍ତ୍ତୀ ସମୟରେ ଦାୟିତ୍ୱକୁ ଅସ୍ୱୀକାର କରିପାରିବ ନାହିଁ ।

କେତେବେଳେ ପ୍ରକଟ କରିବାର କର୍ତ୍ତବ୍ୟ ଥାଏ ?

ଜୀବନ ବୀମା ଚୁକ୍ତିଗୁଡିକ କ୍ଷେତ୍ରରେ, ପ୍ରକଟୀକରଣର କର୍ତ୍ତବ୍ୟ କଥାବାର୍ତ୍ତାର ସଂପୂର୍ଣ୍ଣ ଅବଧି ମଧ୍ୟରେ ଉପସ୍ଥିତ ଥାଏ ଯେପର୍ଯ୍ୟନ୍ତ ପ୍ରସ୍ତାବଟି ସ୍ୱୀକୃତ ନ ହୋଇଛି ଓ ପଲିସୀ ଜାରୀ କରା ନ ଯାଇଛି । ଥରେ ପଲିସୀ ସ୍ୱୀକୃତ ହୋଇ ଯିବାପରେ, ଅନ୍ୟ ତଥ୍ୟ ସୂଚନାଗୁଡିକୁ ପ୍ରକଟ କରିବାର ଅଧିକ ଆବଶ୍ୟକତା ନ ଥାଏ, ଯାହାସବୁ ପଲିସୀ ମଧ୍ୟରେ ଦେଖାଯାଇ ପାରନ୍ତି ।

ଉଦାହରଣ

ଶ୍ରୀ ରାଜନ ପନ୍ଦର ବର୍ଷର ଅବଧି ପାଇଁ ଏକ ଜୀବନ ବୀମା ପଲିସୀ ନେଇଛନ୍ତି । ପଲିସୀ ନେବାର ଛଅ ବର୍ଷ ପରେ, ଶ୍ରୀ ରାଜନଙ୍କ କିଛି ହୃତପିଣ୍ଡ ସମସ୍ୟା ଦେଖାଦିଏ ଏବଂ ତାକୁ କିଛି ଶଲ୍ୟକ୍ରିୟା ଦେଇ ଗତି କରିବାକୁ ପଡ଼େ । ଶ୍ରୀ ରାଜନଙ୍କୁ ବୀମାକର୍ତ୍ତା ନିକଟରେ ଏହି ତଥ୍ୟ ପ୍ରକଟ କରିବାର ଆବଶ୍ୟକତା ନାହିଁ ।

ଅବଶ୍ୟ ଯଦି ନିର୍ଦ୍ଧାରିତ ସମୟରେ ପ୍ରିମିୟମସବୁକୁ ପ୍ରଦାନ କରିବାରେ ବିଫଳତା ଯୋଗୁଁ ପଲିସୀଟି ବ୍ୟପଗତ ଅବସ୍ଥାରେ ଥାଏ ଏବଂ ପଲିସୀଧାରୀ ପଲିସୀ ଚୁକ୍ତିକୁ ପୁନଃପ୍ରଚଳିତ କରିବାପାଇଁ ଓ ପୁନଃ କାର୍ଯ୍ୟକାରୀ କରିବା ପାଇଁ ଚାହେଁ, ସେଭଳି ପୁନଃପ୍ରଚଳନ ସମୟରେ, ତା' ପାଖରେ ସମସ୍ତ ତଥ୍ୟକୁ ପ୍ରକଟ କରିବାର କର୍ତ୍ତବ୍ୟ ଥାଇପାରେ ଯେଉଁଗୁଡିକ ଅତ୍ୟାବଶ୍ୟକ ଓ ଯଥାର୍ଥ ଅଟେ, ଯେପରି କି ଏହା ଏକ ନୂତନ ପଲିସୀ ଅଟେ ।

ପରମ ସଦ୍ଭାବର ଉଲଙ୍ଘନ

ଆମେ ବର୍ତ୍ତମାନ ସେହି ପରିସ୍ଥିତିଗୁଡିକ ଉପରେ ବିଚାର କରିବା ଯାହା ସହିତ ପରମ ସଦ୍ଭାବର ଉଲଙ୍ଘନ ଜଡିତ । ସେ ଭଳି ଉଲଙ୍ଘନ ହୁଏତ ଅଣ –ପ୍ରକଟୀକରଣ କିମ୍ବା ଭୁଲ ଉପସ୍ଥାପନା ଦ୍ୱାରା ଉତ୍ପନ୍ନ ହୋଇପାରେ ।

ଅଣ-ପ୍ରକଟୀକରଣ: ଉତ୍ପନ୍ନ ହୋଇପାରେ ଯେତେବେଳେ ବୀମିତ ସାଧାରଣତଃ ଆବଶ୍ୟକୀୟ ତଥ୍ୟ ସୂଚନା ସମ୍ବନ୍ଧରେ ଚୁପ୍ ରହେ ଓ ବୀମାକର୍ତ୍ତା କୌଣସି ବିଶେଷ ପ୍ରଶ୍ନ ପଚାରି ନାହିଁ । ଏହା ବୀମାକର୍ତ୍ତାଦ୍ୱାରା କରାଯାଇଥିବା ପ୍ରଶ୍ନଗୁଡିକର କୁଟୀଳ ଉତ୍ତର ଜରିଆରେ ମଧ୍ୟ ଉତ୍ପନ୍ନ ହୋଇ ପାରେ । ଅନେକ ସମୟରେ ପ୍ରକଟୀକରଣ ଅନଭିପ୍ରେତ ହୋଇପାରେ (ଯାହାର ଅର୍ଥ ହେଉଛି ଏହା ଜଣକର ଜ୍ଞାନ କିମ୍ବା ଉଦ୍ଦେଶ୍ୟ ବିନା କରାଯାଇଥାଇପାରେ) କିମ୍ବା କାରଣ ସମ୍ଭାବ୍ୟ ଗ୍ରାହକ ଭାବିଲା ଯେ ତଥ୍ୟଟିର ଆବଶ୍ୟକତା ନ ଥିଲା ।

ସେହି ଭଳି କ୍ଷେତ୍ରରେ ଏହା ନିର୍ଦ୍ଦୋଷ ଅଟେ । ଯେତେବେଳେ ଏକ ତଥ୍ୟକୁ ଜାଣିଶୁଣି ଚାପି ରଖାଯାଏ ଏହାକୁ ଲୁଚାଯିବା ରୂପେ ବିବେଚିତ କରାଯାଏ । ପରବର୍ତ୍ତୀ କ୍ଷେତ୍ରରେ ପ୍ରତାରଣା କରିବାର ଉଦ୍ଦେଶ୍ୟ ରହିଛି ।

ଭୁଲ ଉପସ୍ଥାପନା/ଭୁଲଚିତ୍ରଣ/ଭୁଲ ରିପୋର୍ଟ: କୌଣସି ଉକ୍ତି ଯାହା ବୀମା ଚୁକ୍ତିର କଥାବାର୍ତ୍ତା ସମୟରେ କରାଯାଏକୁହା, ତାହାକୁ ରିପୋର୍ଟ/ଚିତ୍ରଣ କୁହାଯାଏ । ରିପୋର୍ଟ ତଥ୍ୟର ଏକ ନିଶ୍ଚିତ ଉକ୍ତି କିମ୍ବା ବିଶ୍ୱାସ, ଉଦ୍ଦେଶ୍ୟ କିମ୍ବା ପ୍ରତ୍ୟାଶାର ଏକ ଉକ୍ତି ହୋଇପାରେ । ଏକ ତଥ୍ୟ ସମ୍ବନ୍ଧରେ ଏହା ଆଶା କରାଯାଏ ଯେ ଉକ୍ତି ବାସ୍ତବିକରୂପେ ସଠିକ୍ ହେବା ଆବଶ୍ୟକ ।

ଯେତେବେଳେ ରିପୋର୍ଟଗୁଡିକ, ଯାହା ବିଶ୍ୱାସ କିମ୍ବା ପ୍ରତ୍ୟାଶା ସମ୍ବନ୍ଧୀୟ ଥାଏ, ବିଷୟରେ ବିଚାର କରାଯାଏ, ଏହା କୁହାଯାଏ ଯେ ଏସବୁ ନିଶ୍ଚିତ ରୂପେ ସଭାବରେ କରାଯାଇଥାଏ ।

ଭୁଲଚିତ୍ରଣ ଦୁଇପ୍ରକାରର ଅଟେ:

i. ନିର୍ଦୋଷ ଭୁଲ ଚିତ୍ରଣ ଅଯଥାର୍ଥ ଉକ୍ତି ସମ୍ବନ୍ଧୀୟ ଅଟେ, ଯାହା କୌଣସି କପଟପୂର୍ଣ୍ଣ ଉଦ୍ଦେଶ୍ୟ ବିନା କରାଯାଇଥାଏ ।

ii. କପଟପୂର୍ଣ୍ଣ ଭୁଲଚିତ୍ରଣ, ଅନ୍ୟ ପକ୍ଷରେ, ମିଥ୍ୟା ଉକ୍ତିଗୁଡିକୁ ସୂଚୀତ କରେ ଯେଉଁଗୁଡିକ ବୀମାକର୍ତ୍ତାକୁ ପ୍ରତାରିତ କରିବାକୁ ଜାଣିଶୁଣି କୁହାଯାଇଥାଏ କିମ୍ବା ସତ୍ୟ ପ୍ରତି ଉଚିତ ଧ୍ୟାନ ନଦେଇ ବିବେକ ହୀନ ଭାବେ କୁହାଯାଇଥାଏ ।

ଏକ ବୀମା ଚୁକ୍ତି ସାଧାରଣତଃ ନିଷ୍କ୍ରିୟ/ଶୂନ୍ୟ ହୋଇଯାଏ .ଯେତେବେଳେ ପ୍ରତାରଣା କରିବା ଉଦ୍ଦେଶ୍ୟରେ ଲୁଚାଇବାର ଏକ ସ୍ପଷ୍ଟ ପ୍ରକରଣ ଥାଏ, କିମ୍ବା ଯେତେବେଳେ କପଟପୂର୍ଣ୍ଣ ଭୁଲଚିତ୍ରଣ ଥାଏ ।

ବୀମା ଅଧିନିୟମ, 1938 ର ଅଭିନବ ସଂଶୋଧନ (ମାର୍ଚ୍ଚ, 2015) ସେହି ସର୍ତ୍ତଗୁଡିକ ସମ୍ବନ୍ଧରେ କେତେକ ମାର୍ଗଦର୍ଶିକା (ନିର୍ଦ୍ଦେଶିକା) ପ୍ରଦାନ କରିଛି ଯାହା ଅନ୍ତର୍ଗତ ପ୍ରବଞ୍ଚନା (ଜାଲିଆତି) ପାଇଁ ଏକ ପଲିସୀ ଉପରେ ଆପତ୍ତି ଉଠା ଯାଇପାରେ । ନୂତନ ପ୍ରାବଧାନଗୁଡିକ ନିମ୍ନଲିଖିତ ପ୍ରକାରେ ଅଟନ୍ତି

ପ୍ରବଞ୍ଚନା (ଜାଲିଆତି)

ପ୍ରବଞ୍ଚନା ଆଧାରରେ, ପଲିସୀର ଜାରୀ ତାରିଖ କିମ୍ବା ସଙ୍କଟର ପ୍ରାରମ୍ଭ ତାରିଖ କିମ୍ବା ପଲିସୀର ପୁନଃ ପ୍ରବର୍ତ୍ତନ ତାରିଖ କିମ୍ବା ପଲିସୀର ଅନୁବୃଦ୍ଧି ତାରିଖ, ଯେଉଁଟା ବି ପଛରେ ହୋଇଥିବ, ସେହି ତାରିଖଠାରୁ ତିନି ବର୍ଷ ମଧ୍ୟରେ କୌଣସି ବି ସମୟରେ ଏକ ବୀମା ପଲିସୀ ଉପରେ ଆପତ୍ତି ଉଠା ଯାଇପାରେ :

ବୀମାକର୍ତ୍ତାକୁ, ସେହି କାରଣ କିମ୍ବା ତଥ୍ୟ ଯାହା ଆଧାରରେ ସେହି ନିଷ୍ପତ୍ତି ନିଆଯାଇଛି, ତାହାକୁ ବୀମିତ କିମ୍ବା ବୀମିତର କାନୁନୀ ପ୍ରତିନିଧି କିମ୍ବା ନାମୀତି କିମ୍ବା ଅନୁଦେଶିତକୁ ଲିଖିତ ରୂପେ ସୂଚୀତ କରିବାକୁ ପଡିବ ।

"ପ୍ରବଞ୍ଚନା (ଜାଲିଆତି)" ଶବ୍ଦକୁ ନିମ୍ନ ରୂପେ ପରିଭାଷିତ ଓ ନିର୍ଦ୍ଧାରିତ କରାଯାଇଛି:

"ପ୍ରବଞ୍ଚନା (ଜାଲିଆତି)" ପଦର ଅର୍ଥ ହେଉଛି ବୀମାକର୍ତ୍ତାକୁ ପ୍ରତାରିତ କରିବା କିମ୍ବା ଏକ ବୀମା ପଲିସୀ ଜାରୀ କରିବାକୁ ବୀମା କର୍ତ୍ତାକୁ ଉତପ୍ରେରିତ କରିବା ଉଦ୍ଦେଶ୍ୟରେ ବୀମିତ କିମ୍ବା ତାହାର ଅଭିକର୍ତ୍ତା ଦ୍ୱାରା ସମ୍ପାଦିତ କରାଯାଇଥିବା ନିମ୍ନଲିଖିତ ମଧ୍ୟରୁ କୌଣସି ବି କାର୍ଯ୍ୟ:

(କ) ସେହି ପରାମର୍ଶ, ଏକ ତଥ୍ୟ ରୂପେ ଯାହା ସତ୍ୟ ନୁହେଁ ଏବଂ ଯାହା ବୀମିତ ସତ୍ୟ ବୋଲି ବିଶ୍ୱାସ କରେ ନାହିଁ;

(ଖ) ତଥ୍ୟ ଉପରେ ଜ୍ଞାନ କିମ୍ବା ବିଶ୍ୱାସ ଥାଇ ବୀମିତ ଦ୍ୱାରା ତଥ୍ୟର ସକ୍ରିୟ ପ୍ରଚ୍ଛନ୍ନତା;

(ଗ) ପ୍ରତାରିତ କରିବାଯୋଗ୍ୟ ଅନ୍ୟ କୌଣସି କାର୍ଯ୍ୟ; ଏବଂ

(ଘ) ସେଭଳି କୌଣସି କାର୍ଯ୍ୟ କିମ୍ବା ଲୁପ୍ତି ଯାହାକୁ ଆଇନ ବିଶେଷ ରୂପେ କପଟପୂର୍ଣ୍ଣ ବୋଲି ଘୋଷଣା କରେ ।

ସେହି ତଥ୍ୟସବୁ ଯାହା ସଙ୍କଟର ମୂଲ୍ୟାଙ୍କନକୁ ପ୍ରଭାବିତ କରି ପାରନ୍ତି ସେସବୁ ପ୍ରତି ବୀମା କର୍ତ୍ତାର ନୀରବତା କେବଳ କପଟ ନୁହେଁ, ଯଦି ପ୍ରକରଣର ପରିସ୍ଥିତି ସେଭଳି ହୋଇ ନ ଥାଏ, ଏହା ବୀମିତ କିମ୍ବା ତାର ଅଭିକର୍ତ୍ତାର କର୍ତ୍ତବ୍ୟ ଅଟେ ଯେ, କହିବାରେ ମୌନ ରହିବା, ସ୍ୱତଃ ହିଁ, କହିବା ସହିତ ସମାନ ଅଟେ ।

କୌଣସି ବି ବୀମାକର୍ତ୍ତା କପଟ ଆଧାରରେ ଏକ ବୀମା ପଲିସୀକୁ ପ୍ରତ୍ୟାଖ୍ୟାନ କରିବ ନାହିଁ ଯଦି ବୀମିତ ପ୍ରମାଣିତ କରିପାରେ ଯେ ତାହାର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ହିସାବରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ/ସୂଚନାର ମିଥ୍ୟା-କଥନ କିମ୍ବା ଗୋପନ ସତ୍ୟ ଅଟେ କିମ୍ବା ତଥ୍ୟକୁ ଲୁଚାଇବାରେ କୌଣସି ସୁଚିନ୍ତିତ ଅଭିପ୍ରାୟ ନ ଥିଲା କିମ୍ବା ମହତ୍ତ୍ୱପୂର୍ଣ୍ଣ ତଥ୍ୟ/ସୂଚନାର ସେଭଳି ମିଥ୍ୟା-କଥନ କିମ୍ବା ଗୋପନ ବୀମାକର୍ତ୍ତାର ଜ୍ଞାତସାରରେ ଥିଲା:

ଏହା ମଧ୍ୟ ଦିଆଯାଇଛି ଯେ କପଟ/ପ୍ରବଞ୍ଚନାର ପ୍ରକରଣରେ, ଯଦି ପଲିସୀଧାରୀ ଜୀବିତ ନ ଥିବ, ଅସତ୍ୟକୁ ଖଣ୍ଡନ କରିବାର ଦାୟିତ୍ୱ ଲାଭଗ୍ରହୀତାମାନଙ୍କ ଉପରେ ଥାଏ ।

ଜଣେ ବ୍ୟକ୍ତି ଯିଏ ଏକ ବୀମା ଚୁକ୍ତିର ଯାଚନା କରେ କିମ୍ବା କଥାବାର୍ତ୍ତାଦ୍ୱାରା ଏହାକୁ ବିକ୍ରି କରେ, ସେ ଚୁକ୍ତିର ରଚନା ଉଦ୍ଦେଶ୍ୟରେ, ବୀମାକର୍ତ୍ତାର ଅଭିକର୍ତ୍ତା ଅଟେ ବୋଲି ମାନି ନେବାକୁ ହେବ ।

ଗ) ବୀମାଯୋଗ୍ୟ ହିତ

'ବୀମାଯୋଗ୍ୟ ହିତ' ର ଉପସ୍ଥିତି ପ୍ରତ୍ୟେକ ବୀମା ଚୁକ୍ତିର ଏକ ଅତ୍ୟାବଶ୍ୟକୀୟ ଉପାଦାନ ଅଟେ ଏବଂ ବୀମା ପାଇଁ ବୈଧିକ ପ୍ରାକ୍-ଆବଶ୍ୟକତା ରୂପେ ବିବେଚିତ ହୁଏ । ଆସନ୍ତୁ ଦେଖିବା ବୀମା ଜୁଆ ଖେଳ କିମ୍ବା ସର୍ତ୍ତ ରାଜିନାମାଠାରୁ କିପରି ଭିନ୍ନ ଅଟେ ।

i. ଜୁଆଖେଳ ଏବଂ ବୀମା

ଏକ ତାସ ଖେଳକୁ ବିଚାରକୁ ନିଅନ୍ତୁ । ଯେଉଁଠି ଜଣେ ବ୍ୟକ୍ତି ହୁଏତ ହାରେ କିମ୍ବା ଜିତେ । ହାନି କିମ୍ବା ଲାଭ ଘଟେ କେବଳ ଏହି କାରଣରୁ ଯେ ଏକ ବ୍ୟକ୍ତି ସର୍ତ୍ତ ମଧ୍ୟରେ ପ୍ରବେଶ କରେ । ଜଣେ ବ୍ୟକ୍ତି ଯିଏ ଏହି ଖେଳ ଖେଳେ, ର ଏହି ଖେଳ ଜିତିବା ବ୍ୟତୀତ ଏହା ପ୍ରତି ଅନ୍ୟ କୌଣସି ଆଗ୍ରହ କିମ୍ବା ସମ୍ବନ୍ଧ ନ ଥାଏ । ପଣ ରଖିବା କିମ୍ବା ସର୍ତ୍ତ ରଖିବା ଏକ ଆଇନ ନ୍ୟାୟାଳୟରେ ବୈଧିକ ରୂପେ ପ୍ରବର୍ତ୍ତନୀୟ ହୁଏ ନାହିଁ ଏବଂ ଏ ପ୍ରକାରେ ଏହାର ଅନୁପାଳନରେ କୌଣସି ବି ଚୁକ୍ତିକୁ ଅବୈଧ ବୋଲି ବିଚାର କରାଯିବ । ଯଦି ଜଣେ ତା' ଘରକୁ ପଣରେ ରଖେ ଯେତେବେଳେ ସେ ତାସ ଖେଳରେ ହାରିଯାଏ, ଅନ୍ୟ ପକ୍ଷ ଏହାର ପୂରଣକୁ ସୁନିଶ୍ଚିତ କରିବା ପାଇଁ ନ୍ୟାୟାଳୟକୁ ଯାଇ ପାରିବ ନାହିଁ ।

ବର୍ତ୍ତମାନ ଏକ ଘର ଏହା ଜଳିଯାଉଥିବା ଘଟଣାକୁ ବିଚାରକୁ ନିଅନ୍ତୁ । ଜଣେ ବ୍ୟକ୍ତି ଯିଏ ତା' ଘରକୁ ବୀମିତ କରେ, ର ବୀମାର ବିଷୟବସ୍ତୁ – ଘର ସହିତ ଏକ ବୈଧିକ ସମ୍ବନ୍ଧ ଥାଏ । ସେ ଏହାର ମାଲିକ ଅଟେ ଏବଂ ଆର୍ଥିକ ହାନିରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ, ଯଦି ଏହା ନଷ୍ଟ କିମ୍ବା ଧ୍ୱଂସ ହୋଇଯାଏ । ମାଲିକତ୍ୱର ଏହି ସମ୍ବନ୍ଧ ବିଦ୍ୟମାନ ରହେ, ନିଆଁ ଲାଗୁ ବା ନ ଲାଗୁ, ଏବଂ ଏହା ହେଉଛି ସେହି ସମ୍ବନ୍ଧ ଯାହା ହାନି ଆଡ଼େ ଗତି କରାଏ । ଏହି ଘଟଣା (ନିଆଁ କିମ୍ବା ଚୋରୀ) ଏକ ହାନି ଆଡକୁ ଗତି କରେ ଏହାର ନିର୍ବିଶେଷରେ ଯେ ଜଣେ ବୀମା ନେଉ ବା ନ ନେଉ ।

ଏକ ତାସ ଖେଳ, ଯେଉଁଠି ଜଣେ ଜିତି ପାରେ କିମ୍ବା ହାରି ପାରେ, ଏହାଠୁ ଭିନ୍ନ ଏକ ନିଆଁ କାଣ୍ଡର କେବଳ ଗୋଟିଏ ପରିଣାମ ହୋଇପାରେ – ଘରର ମାଲିକର ହାନି ।

ମାଲିକ ଏହା ସୁନିଶ୍ଚିତ କରିବା ପାଇଁ ବୀମା ନିଏ ଯେ ଆକ୍ରାନ୍ତ ହୋଇଥିବା ହାନିର କ୍ଷତିପୂରଣ କୌଣସି ପ୍ରକାରେ ବି ହୋଇଯାଏ ।

ସେହି ହିତ/ସ୍ୱାର୍ଥ ଯାହା ବୀମିତର ତା' ଘର କିମ୍ବା ତା' ଧନରେ ଥାଏ, ତାକୁ ବୀମାଯୋଗ୍ୟ ହିତ କୁହାଯାଏ । ବୀମାଯୋଗ୍ୟ ହିତର ଉପସ୍ଥିତି ଏକ ବୀମା ଚୁକ୍ତିକୁ ବୈଧ ଏବଂ ଆଇନ ଅନ୍ତର୍ଗତ ପ୍ରବର୍ତ୍ତନୀୟ କରିଥାଏ ।

ଉଦାହରଣ

ଶ୍ରୀ ଚନ୍ଦ୍ରଶେଖର ଏକ ଘରର ମାଲିକ ଅଟନ୍ତି ଯାହା ପାଇଁ ସେ ଏକ ବ୍ୟାଙ୍କ ଠାରୁ ଟ. 15 ଲକ୍ଷର ଏକ ବନ୍ଧକ ଋଣ ନେଇଛନ୍ତି । ନିମ୍ନ ପ୍ରଶ୍ନଗୁଡିକ ଉପରେ ଚିନ୍ତା କରନ୍ତୁ:

- ✓ ତାଙ୍କର ଘର ଉପରେ ଏକ ବୀମାଯୋଗ୍ୟ ହିତ ରହିଛି କି ?
- ✓ ବ୍ୟାଙ୍କର ଘର ଉପରେ ଏକ ବୀମାଯୋଗ୍ୟ ହିତ ରହିଛି କି ?
- ✓ ତାଙ୍କ ପଡୋଶୀଙ୍କ କ'ଣ ହେବ ?

ଶ୍ରୀ ଶ୍ରୀନିବାସନଙ୍କ ପରିବାରରେ ତାଙ୍କ ପତ୍ନୀ, ଦୁଇ ପିଲା ଓ ବୃଦ୍ଧ ପିତାମାତା ଅଛନ୍ତି । ନିମ୍ନ ପ୍ରଶ୍ନଗୁଡିକ ଉପରେ ଚିନ୍ତା କରନ୍ତୁ :

- ✓ ସେମାନଙ୍କ କଲ୍ୟାଣରେ ତାଙ୍କର ବୀମାଯୋଗ୍ୟ ହିତ ରହିଛି କି ?
- ✓ ଆର୍ଥିକ ରୂପେ ତାଙ୍କର କିଛି କ୍ଷତି ହେବ କି ଯଦି ସେମାନଙ୍କ ମଧ୍ୟରୁ କେହି ଡାକ୍ତରଖାନାରେ ଭର୍ତ୍ତି ହୁଅନ୍ତି ?
- ✓ ତାଙ୍କ ପଡୋଶୀଙ୍କ ପିଲାମାନଙ୍କ କ'ଣ ହେବ ? ସେମାନଙ୍କଠାରେ ତାଙ୍କର ବୀମାଯୋଗ୍ୟ ହିତ ରହିଛି କି ?

ଏଇଠି ବୀମାର ବିଷୟବସ୍ତୁ ଓ ଏକ ବୀମା ଚୁକ୍ତିର ବିଷୟବସ୍ତୁ ମଧ୍ୟରେ ଥିବା ପାର୍ଥକ୍ୟକୁ ଉଲ୍ଲେଖ କରିବା ଆବଶ୍ୟକ ହେବ ।

ବୀମାର ବିଷୟ ବସ୍ତୁର ବୀମିତ ହେବାକୁ ଥିବା ସମ୍ପତ୍ତି ସହିତ ସମ୍ବନ୍ଧ ଅଛି, ଯାହାର ନିଜର ଅନ୍ତର୍ନିହିତ ମୂଲ୍ୟ ଥାଏ ।

ବୀମା ଚୁକ୍ତିର ବିଷୟ ବସ୍ତୁ, ଅନ୍ୟ ପକ୍ଷରେ, ସେହି ସମ୍ପତ୍ତିରେ ଥିବା ବୀମିତର ଆର୍ଥିକ ହିତ ଅଟେ । ଏହା କେବଳ ସେତେବେଳେ ଥାଏ ଯେତେବେଳେ ବୀମିତର ସେଭଳି ସମ୍ପତ୍ତି ବୀମାଯୋଗ୍ୟ ହିତ ଥାଏ ଯାହାକୁ ବୀମିତ କରିବା ପାଇଁ ତାର ବୈଧିକ ଅଧିକାର ଥାଏ । ସଠିକ୍ ଅର୍ଥରେ ବୀମା ପଲିସୀ ସମ୍ପତ୍ତିକୁ ସୁରକ୍ଷିତ କରେ ନାହିଁ, କିନ୍ତୁ ସମ୍ପତ୍ତିରେ ଥିବା ବୀମିତର ଆର୍ଥିକ ହିତକୁ ସୁରକ୍ଷିତ କରେ ।

ଚିତ୍ର 3: ସାଧାରଣ ନିୟମ ଅନୁସାରେ ବୀମାଯୋଗ୍ୟ ହିତ



ii. ବୀମାଯୋଗ୍ୟ ହିତ କେଉଁ ସମୟରେ ରହିବା ଉଚିତ

ଜୀବନ ବୀମାରେ, ପଲିସୀ ନେବା ସମୟରେ ବୀମାଯୋଗ୍ୟ ହିତ ରହିବା ଉଚିତ । ସାଧାରଣ ବୀମାରେ, ସାମୁଦ୍ରିକ ପଲିସୀ ଭଳି କେତେକ ବ୍ୟତିକ୍ରମ ବ୍ୟତୀତ, ବୀମାଯୋଗ୍ୟ ହିତ ଉଭୟ ପଲିସୀ ନେବା ସମୟରେ ଓ ଦାବୀ କରିବା ସମୟରେ ବୀମାଯୋଗ୍ୟ ହିତ ଥିବା ଉଚିତ ।

ଘ) ଆସନ୍ନ (ନିକଟସ୍ଥ) କାରଣ

ବୈଧିକ ସିଦ୍ଧାନ୍ତଗୁଡିକ ମଧ୍ୟରୁ ସର୍ବଶେଷ ହେଉଛି ଆସନ୍ନ/ନିକଟସ୍ଥ କାରଣର ସିଦ୍ଧାନ୍ତ ।

ନିକଟସ୍ଥ କାରଣ ହେଉଛି ବୀମାର ଏକ ମୂଖ୍ୟ ସିଦ୍ଧାନ୍ତ ଏବଂ ହାନି କିମ୍ବା ନଷ୍ଟ ବାସ୍ତବରେ କିପରି ଘଟିଲା ଓ ଏହା ବାସ୍ତବରେ ଏକ ବୀମିତ ବିପଦର ପରିଣାମରେ ହୋଇଛି କି ନାହିଁ, ଏହା ସମ୍ବନ୍ଧୀୟ ଅଟେ । ଯଦି ହାନି ବୀମିତ ବିପଦ କାରଣରୁ ହୋଇଥାଏ, ବୀମିତ ଦାୟୀ ଅଟେ । ଯଦି ନିକଟସ୍ଥ କାରଣ ଏକ ବୀମିତ ବିପଦ ହୋଇଥାଏ, ବୀମାକର୍ତ୍ତା ହାନିର କ୍ଷତିପୂର୍ତ୍ତି କରିବା ପାଇଁ ବାଧ୍ୟ, ନଚେତ୍ ନୁହେଁ ।

ଏହି ନିୟମ ଅନ୍ତର୍ଗତ, ବୀମିତ ପ୍ରଧାନ କାରଣକୁ ଖୋଜି ବାହାର କରେ ଯାହା ଘଟଣାକ୍ରମକୁ ଦେଖାଏ ଯେଉଁଗୁଡିକ ହାନି ଉତ୍ପନ୍ନ କରିଥାନ୍ତି । ଏହା ଜରୁରୀ ନୁହେଁ ଯେ ଶେଷ ଘଟଣା ଯାହା ହାନିର ନିକଟସ୍ଥ ପୂର୍ବବର୍ତ୍ତୀ ହୋଇଥିବ, ଅର୍ଥାତ୍ ଏହା ଜରୁରୀ ନୁହେଁ ଯେ ଏକ ଘଟଣା ଯାହା ହାନିର କାରଣ ପାଇଁ ନିକଟତମ, କିମ୍ବା ଅବ୍ୟବହିତ ରୂପେ ଦାୟୀ ହୋଇଥିବ ।

ଅନ୍ୟ କାରଣଗୁଡିକୁ ଦୂରସ୍ଥ କାରଣ ରୂପେ ବର୍ଗୀକୃତ କରାଯାଇପାରେ, ଯେଉଁଗୁଡିକ ନିକଟସ୍ଥ କାରଣଗୁଡିକ ଠାରୁ ଭିନ୍ନ ଅଟନ୍ତି । ଦୂରସ୍ଥ କାରଣଗୁଡିକ ଉପସ୍ଥିତ ଥାଇ ପାରନ୍ତି କିନ୍ତୁ ଏକ ଘଟଣା ଘଟାଇବାରେ ପ୍ରଭାବୀ ହୋଇ ନ ପାରନ୍ତି ।

ପରିଭାଷା

ନିକଟସ୍ଥ (ଆସନ୍ନ) କାରଣକୁ ସକ୍ରିୟ ଓ କାର୍ଯ୍ୟକ୍ଷମ କାରଣ ରୂପେ ପରିଭାଷିତ କରାଯାଇପାରେ ଯାହା ଆରମ୍ଭ ହୋଇଥିବା କୌଣସି ବଳର ହସ୍ତକ୍ଷେପ ବିନା ଏବଂ ଏ ନୂତନ ଓ ସ୍ୱତନ୍ତ୍ର ଉତ୍ସରୁ ସକ୍ରିୟ ରୂପେ କାର୍ଯ୍ୟ କରି, ଘଟଣାକ୍ରମକୁ ଏକ ଗତିରେ ଆଣେ ଯାହା ଏକ ପରିଣାମ ଆଣିଥାଏ ।

ନିକଟସ୍ଥ କାରଣର ସିଦ୍ଧାନ୍ତ କିପରି ଜୀବନ ବୀମା ଚୁକ୍ତିରେ ଲାଗୁ ହୁଏ ? ସାଧାରଣତଃ, ଯେହେତୁ ଜୀବନ ବୀମାରେ ମୃତ୍ୟୁର କାରଣ ବିଚାରକୁ ନ ନେଇ, ମୃତ୍ୟୁ ଲାଭର ରାଶି ପ୍ରଦାନର ପ୍ରାବଧାନ ଥାଏ, ନିକଟସ୍ଥ କାରଣର ସିଦ୍ଧାନ୍ତ ଲାଗୁ ହୋଇ ନ ପାରେ, ଅବଶ୍ୟ ଅନେକ ଜୀବନ ବୀମା ଚୁକ୍ତିରେ ମଧ୍ୟ ଏକ ଦୁର୍ଘଟଣା ଲାଭ ରାଇଡର ଥାଏ ଯେଉଁଠି ଦୁର୍ଘଟଣାଜନିତ ମୃତ୍ୟୁ ଅବସରରେ ଏକ ଅତିରିକ୍ତ ବୀମା ରାଶି ପ୍ରଦାନଯୋଗ୍ୟ ହୋଇଥାଏ । ସେଭଳି ଏକ ପରିସ୍ଥିତିରେ, କାରଣକୁ ସୁନିଶ୍ଚିତ କରିବା ଆବଶ୍ୟକ ହୋଇଯାଏ – ମୃତ୍ୟୁ ଏକ ଦୁର୍ଘଟଣା କାରଣରୁ ହୋଇଥାଉ ବା ହୋଇ ନ ଥାଉ । ନିକଟସ୍ଥ କାରଣର ସିଦ୍ଧାନ୍ତ ସେଭଳି ସ୍ଥିତିଗୁଡିକରେ ଲାଗୁ ହୋଇଥାଏ ।

ନିଷ୍ଠାର ଚୁକ୍ତି

ନିଷ୍ଠା ଚୁକ୍ତିସବୁ ହେଉଛନ୍ତି ସେଗୁଡିକ ଯେଉଁଗୁଡିକ ଅଧିକ ସୌଦାକରିବାର ଲାଭଥିବା ପକ୍ଷ ଦ୍ୱାରା ପ୍ରସ୍ତୁତ କରାଯାଇଥାନ୍ତି, ଅନ୍ୟ ପକ୍ଷକୁ କେବଳ ଏହା ସହିତ ନିଷ୍ଠା ପ୍ରଦର୍ଶନ କରିବାର, ଅର୍ଥାତ୍ ଚୁକ୍ତିକୁ ସ୍ୱୀକାର କରିବା କିମ୍ବା ଅଗ୍ରାହ୍ୟ କରିବାର ଅବସର ପ୍ରଦାନ କରାଯାଏ । ଏଠି ଚୁକ୍ତିର ସର୍ତ୍ତ ଓ ପ୍ରତିବନ୍ଧ ସମ୍ବନ୍ଧୀୟ ସୌଦା କରିବାର ସବୁ କ୍ଷମତା ବୀମା କମ୍ପାନୀର ଥାଏ ।

ଏହାକୁ ନିଷ୍ପ୍ରଭାବ କରିବା ପାଇଁ, ଏକ ମୁକ୍ତ-ଅବଲୋକନ ସମୟରେ ପ୍ରଚଳନ କରାଯାଇଛି ଯେଉଁଠି ଯାହାଦ୍ୱାରା ଏକ ପଲିସୀଧାରୀ ପାଖରେ ଏକ ପଲିସୀ ନେବା ପରେ, ଅସମ୍ମତିର ଅବସରରେ, ପଲିସୀ ଦସ୍ତାବିଜ ପ୍ରାପ୍ତ ହେବାର 15 ଦିନ ମଧ୍ୟରେ, ଏହାକୁ ରଦ୍ଦ କରିବାର ବିକଳ୍ପ ଥାଏ । କମ୍ପାନୀକୁ ଲିଖିତ ରୂପେ ସୂଚୀତ କରିବାକୁ ପଡିଥାଏ ଏବଂ ଖର୍ଚ୍ଚ ଓ ଚାର୍ଜସବୁକୁ କାଟି ପ୍ରିମିୟମକୁ ଫେରାଇ ଦିଆଯାଏ ।

(e) କ୍ଷତିପୂର୍ତ୍ତି/ଜମାନତ

ଜମାନତର ସିଦ୍ଧାନ୍ତ ଅଣ-ଜୀବନ ବୀମା ପଲିସୀଗୁଡିକ ପାଇଁ ପ୍ରଯୁଜ୍ୟ । ଏହାର ଅର୍ଥ ହେଉଛି ଯେ ପଲିସୀଧାରୀ, ଯିଏ କ୍ଷତିଗ୍ରସ୍ତ ହୁଏ, ର କ୍ଷତି ପୂର୍ତ୍ତି କରାଯାଏ ଯାହା ଦ୍ୱାରା ତାହାକୁ ସେହି ଆର୍ଥିକ ସ୍ଥିତିରେ ଅବସ୍ଥାପିତ କରାଯାଏ ଯେଉଁଠି ସେ କ୍ଷତି ଘଟଣା ଘଟିବା ପୂର୍ବରୁ ଅବସ୍ଥାପିତ ଥିଲା । ବୀମା ଅନୁବନ୍ଧ (ବୀମା ପଲିସୀ ମଧ୍ୟରେ ସ୍ଥିତ) ଗ୍ୟାରେଣ୍ଟି ଦିଏ ଯେ ବୀମିତକୁ କ୍ଷତି ପରିମାଣର ରାଶି ତା'ଠାରୁ ବେଶୀ ନୁହେଁ, ପର୍ଯ୍ୟନ୍ତ ଜମାନତ ଆଧାରରେ କ୍ଷତିପୂରଣ ଦିଆଯିବା

ଏହାର ସିଦ୍ଧାନ୍ତ ହେଉଛି ଯେ ଜଣେ ବ୍ୟକ୍ତି ତା' ସମ୍ପତ୍ତିସବୁକୁ ବୀମିତ କରି ଲାଭ ଅର୍ଜନ କରିବା ଏବଂ କ୍ଷତିଠାରୁ ବେଶୀ ପୁନଃପ୍ରାପ୍ତ କରିବା ଉଚିତ୍ ନୁହେଁ । ବୀମାକର୍ତ୍ତା ଘଟିଥିବା କ୍ଷତିର ଆର୍ଥିକ ମୂଲ୍ୟର ମୂଲ୍ୟାଙ୍କନ କରିବ ଏବଂ ତଦନୁରୂପ କ୍ଷତିପୂରଣ ଦେବ ।

ଉଦାହରଣ

ରାମ ଟ. 10 ଲକ୍ଷ ମୂଲ୍ୟର ତା' ଘରକୁ, ସଂପୂର୍ଣ୍ଣ ପରିମାଣରେ ବୀମିତ କରିଛି । ନିଆଁ ଲାଗିବା ଦ୍ୱାରା ସେ ଆକଳିତ ରାଶି ଟ. 70,000 ର କ୍ଷତି ଗ୍ରସ୍ତ ହେଲା । ବୀମା କମ୍ପାନୀ ତାକୁ ଟ. 70000 ରାଶି ପ୍ରଦାନ କରିବ । ବୀମିତ ଅଧିକ ରାଶି ଦାବୀ କରି ପାରିବ ନାହିଁ ।

ଏବେ ଏକ ପରିସ୍ଥିତିର ବିଚାର କରନ୍ତୁ ଯେଉଁଠି ସମ୍ପତ୍ତିକୁ ଏହାର ସଂପୂର୍ଣ୍ଣ ମୂଲ୍ୟ ପାଇଁ ବୀମିତ କରାଯାଇ ନାହିଁ । ତେବେ ସେହି ବ୍ୟକ୍ତି କ୍ଷତିର ପ୍ରତିପୂର୍ତ୍ତି ପାଇଁ ତାହାର ବୀମା ଅନୁପାତର ରାଶି ପାଇଁ କେବଳ ଯୋଗ୍ୟ ହୋଇପାରିବ ।

ମନେକରନ୍ତୁ, ଟ. 10 ଲକ୍ଷର ଘରଟି କେବଳ ଟ. 5 ଲକ୍ଷ ପାଇଁ ବୀମିତ ହୋଇଛି । ଯଦି ନିଆଁ ଲାଗିବା ଦ୍ୱାରା କ୍ଷତି ଟ 60000 ହୁଏ, ଜଣେ ଏହି ପୂରା ରାଶିକୁ ଦାବୀ କରି ପାରିବ ନାହିଁ । ଏହା ଧରିନେବାକୁ ପଡିବ ଯେ ଘର ମାଲିକ ଏହାର ମୂଲ୍ୟର କେବଳ ଅଧା ପାଇଁ ବୀମା କରିଛି ଏବଂ ଏ ପ୍ରକାରେ ସେ କ୍ଷତି ରାଶି ପରିମାଣର ମାତ୍ର 50% (30000) ଦାବୀ କରିବା ପାଇଁ ହକଦାର । ଏହାକୁ ଅଧୋବୀମା କୁହାଯାଏ ।

ପ୍ରଦାନ କରିବାକୁ ଥିବା କ୍ଷତିପୂର୍ତ୍ତିର ମାପ ଜଣେ ନେଇଥିବା ବୀମାର ପ୍ରକାର ଉପରେ ନିର୍ଭର କରେ ।

ଅଧିକାଂଶ ପ୍ରକାରର ଅଣ ବୀମା ପଲିସୀ, ଯାହା ସମ୍ପତ୍ତି ଏବଂ ଦାୟିତ୍ୱ ର ବୀମା ସହିତ କାରବାର କରନ୍ତି, ରେ ବୀମିତକୁ କ୍ଷତିର ପ୍ରକୃତ ପରିମାଣ ପର୍ଯ୍ୟନ୍ତ ବି କ୍ଷତି ପୂରଣ ଦିଆଯାଏ, ଅର୍ଥାତ୍ ସେତେ ପରିମାଣର ଟଙ୍କା ଯାହା ହାନି କିମ୍ବା ନଷ୍ଟ ହୋଇଥିବା ସମ୍ପତ୍ତିକୁ ପୁନର୍ସ୍ଥାପିତ କରିବା ପାଇଁ ଆବଶ୍ୟକ, ଯାହା ଏହାର ଚଳିତ ବଜାର ମୂଲ୍ୟ ବିଯୁକ୍ତ ମୂଲ୍ୟହ୍ରାସ ସହିତ ସମାନ।

କ୍ଷତିପୂର୍ତ୍ତି ନିମ୍ନଲିଖିତ ବନ୍ଦୋବସ୍ତ ପ୍ରକାରଗୁଡିକ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ନେଇପାରେ:

- ✓ ନଗଦ ରାଶିପ୍ରଦାନ
- ✓ ନଷ୍ଟ ହୋଇଥିବା ଜିନିଷର ମରାମତି
- ✓ ହାନି କିମ୍ବା ନଷ୍ଟ ହୋଇଥିବା ଜିନିଷର ପ୍ରତିସ୍ଥାପନା
- ✓ ପୂର୍ବାବସ୍ଥାପ୍ରାପ୍ତି (ପୁନଃସ୍ଥାପନ) ଉଦାହରଣ ସ୍ୱରୂପ, ନିଆଁ ଦ୍ୱାରା ଧ୍ୱଂସ ହୋଇଥିବା ଘରର ପୁନର୍ନିର୍ମାଣ

ଚିତ୍ର 1: କ୍ଷତିପୂର୍ତ୍ତି



କିନ୍ତୁ, କେତେକ ବିଷୟ ବସ୍ତୁ ରହିଛି ଯାହାର ମୂଲ୍ୟକୁ କ୍ଷତି ସମୟରେ ସହଜରେ ଆକଳନ କିମ୍ବା ସୁନିଶ୍ଚିତ କରି ହେବ ନାହିଁ । ଉଦାହରଣ ସ୍ୱରୂପ, ପରିବାର ଉତ୍ତରାଧିକାରୀଙ୍କୁ ମିଳୁଥିବା ଜିନିଷପତ୍ର କିମ୍ବା ଦୁର୍ଲଭ ଶିଳ୍ପ କଳାକୃତି ଗୁଡିକ କ୍ଷେତ୍ରରେ ମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହୋଇପାରେ । ସେଭଳି ସାମୁଦ୍ରିକ ବୀମା ପଲିସୀଗୁଡିକରେ ପୃଥିବୀ ଚାରିପଟର ଅଧ ରାସ୍ତାରେ ହୋଇଥିବା ଜାହାଜ ଦୁର୍ଘଟଣାରେ ଘଟିଥିବା କ୍ଷତିର ଆକଳନ କରିବା କଷ୍ଟସାଧ୍ୟ ହୋଇପାରେ ।

ସେଭଳି କ୍ଷେତ୍ରରେ 'ସମ୍ମତ ମୂଲ୍ୟ' ବୋଲି ଏକ ସିଦ୍ଧାନ୍ତକୁ ଗ୍ରହଣ କରାଯାଏ । ବୀମା ଅନୁବନ୍ଧର ଆରମ୍ଭରେ ଏବଂ ବୀମିତ ବୀମା କରିବାକୁ ଥିବା ସମ୍ପତ୍ତିର ମୂଲ୍ୟ ଉପରେ ସମ୍ମତ ହୁଅନ୍ତି । ସଂପୂର୍ଣ୍ଣ କ୍ଷତିର ପରିସ୍ଥିତିରେ, ବୀମାକର୍ତ୍ତା ବୀମାର ସମ୍ମତ ରାଶିକୁ ପ୍ରଦାନ କରିବାକୁ ରାଜି ହୋଇଥାଏ। ଏ ପ୍ରକାରର ପଲିସୀକୁ"ସମ୍ମତ ମୂଲ୍ୟ ପଲିସୀ"କୁହାଯାଏ ।

କ) ପ୍ରତ୍ୟାସନ

ପ୍ରତ୍ୟାସନ କ୍ଷତିପୂର୍ତ୍ତି ର ସିଦ୍ଧାନ୍ତକୁ ଅନୁକରଣ କରେ ।

ପ୍ରତ୍ୟାସନ ର ଅର୍ଥ ହେଉଛି ବୀମାର ବିଷୟ ବସ୍ତୁ ପରିପ୍ରେକ୍ଷୀରେ, ବୀମିତଠାରୁ ବୀମାକର୍ତ୍ତାକୁ ସମସ୍ତ ଅଧିକାର ଓ ଉପଚାରର ହସ୍ତାନ୍ତରଣ ।

ଏହାର ଅର୍ଥ ହେଉଛି ଯେ ଯଦି ଏକ ତୃତୀୟ ପକ୍ଷର ଅବହେଳା ଯୋଗୁଁ ବୀମିତ ସମ୍ପତ୍ତିର କ୍ଷତିରେ ଆକ୍ରାନ୍ତ ହୋଇଛି ଏବଂ ସେହି କ୍ଷତି ପାଇଁ ବୀମା କର୍ତ୍ତାଠାରୁ କ୍ଷତିପୂରଣ ପାଇଛି, ଅବହେଳା କରିଥିବା ପକ୍ଷଠାରୁ ନଷ୍ଟ ହୋଇଥିବା ଜିନିଷର କ୍ଷତିପୂରଣ ରାଶି ଆଦାୟ କରିବା ଅଧିକାର ବୀମାକର୍ତ୍ତା ପାଖରେ ରହିବ । ଧ୍ୟାନ ଦିଅନ୍ତୁ ଯେ ନଷ୍ଟ ପାଇଁ ଆଦାୟ କରିବାକୁ ଥିବା ରାଶି ପରିମାଣ ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ରାଶି ପରିମାଣ ପର୍ଯ୍ୟନ୍ତ କେବଳ ହେବ ।

ମହତ୍ତ୍ୱପୂର୍ଣ୍ଣ

ପ୍ରତ୍ୟାସନ ଏହା ଏକ ପ୍ରକ୍ରିୟା ଅଟେ ଯାହା ଏକ ବୀମା କମ୍ପାନୀ ଅବହେଳା କରିଥିବା ଏକ ପକ୍ଷ ଠାରୁ ପଲିସୀଧାରୀକୁ ପ୍ରଦାନ କରାଯାଇଥିବା ଦାବୀ ରାଶିକୁ ପୁନରୁଦ୍ଧାର କରିବା ପାଇଁ ଉପଯୋଗ କରେ ।

ପ୍ରତ୍ୟାସନକୁ, ବୀମିତ ଦ୍ୱାରା ଏକ କମ୍ପାନୀ, ଯିଏ ତୃତୀୟ ପକ୍ଷ ବିରୁଦ୍ଧରେ ହୋଇଥିବା ଏକ ଦାବୀକୁ ପ୍ରଦାନ କରିଛି, କୁ ଅଧିକାର ସମର୍ପଣ କରିବା ରୂପେ ମଧ୍ୟ, ପରିଭାଷିତ କରାଯାଇପାରେ ।

ଉଦାହରଣ

ଶ୍ରୀ କିଶୋରଙ୍କ ଘରକରଣା ଜିନିଷସବୁ ସିଲଭାଇନ ଟ୍ରାନ୍ସପୋର୍ଟ ସର୍ଭିସ ଦ୍ୱାରା ନିଆଯାଉଥିଲା । ଡ୍ରାଇଭରର ଅବହେଳା ଯୋଗୁଁ ଟ.45000 ପର୍ଯ୍ୟନ୍ତ ର ଜିନିଷ ନଷ୍ଟ ହୋଇଗଲା ଏବଂ ବୀମାକର୍ତ୍ତା ଶ୍ରୀ କିଶୋରଙ୍କୁ ଟ. 30000 ପ୍ରଦାନ କଲା । ବୀମାକର୍ତ୍ତା କେବଳ ଟ.30000 ପର୍ଯ୍ୟନ୍ତ ପ୍ରତ୍ୟାସିତ ହେବ ଏବଂ ସିଲଭାଇନ ଟ୍ରାନ୍ସପୋର୍ଟସ୍ ଠାରୁ ସେତିକି ରାଶି ଆଦାୟ କରିପାରିବ ।

ମନେକରନ୍ତୁ, ଦାବୀରାଶି ଟ 45,000 ପାଇଁ ଅଟେ, ବୀମିତ ବୀମାକର୍ତ୍ତା ଦ୍ୱାରା ଟ 40000 ର ଜମାନତ ହୋଇଛି, ଏବଂ ବୀମାକର୍ତ୍ତା ପ୍ରତ୍ୟାସନ ଅନ୍ତର୍ଗତ ସିଲଭାଇନ ଟ୍ରାନ୍ସପୋର୍ଟଠାରୁ ଟ 45,000 ପୁନରୁଦ୍ଧାର କରିବା ପାଇଁ ସକ୍ଷମ ଅଟେ, ତେବେ ଟ 5 000ର ଅବଶିଷ୍ଟ ରାଶିକୁ ବୀମିତକୁ ଦେବାକୁ ପଡିବ ।

ଏହା ବୀମିତକୁ କ୍ଷତିପାଇଁ ଦୁଇଥର ଆଦାୟ କରିବାଠାରୁ ନିବାରଣ କରେ ଥରେ ବୀମା କମ୍ପାନୀଠାରୁ ଏବଂ ତାପରେ ପୁଣି ତୃତୀୟ ପକ୍ଷଠାରୁ । ପ୍ରତ୍ୟାସନ କେବଳ କ୍ଷତିପୂର୍ତ୍ତିର ଅନୁବନ୍ଧ କ୍ଷେତ୍ରରେ ଉତ୍ପନ୍ନ ହୁଏ ।

ଉଦାହରଣ

ଶ୍ରୀ ସୁରେଶ ଙ୍କ ମୃତ୍ୟୁ ଏକ ବିମାନ ଦୁର୍ଘଟଣାରେ ହୁଏ । ତାଙ୍କ ପରିବାର ଜୀବନ ବୀମାକର୍ତ୍ତାଠାରୁ ଟ 50 ଲକ୍ଷର ସଂପୂର୍ଣ୍ଣ ବୀମିତ ରାଶି ସହିତ ଏୟାରଲାଇନ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣ, ଧରନ୍ତୁ ଟ 15 ଲକ୍ଷ ପ୍ରାପ୍ତ କରିବା ପାଇଁ ହକଦାର ।

ସ୍ୱତଃ-ପରୀକ୍ଷଣ କରନ୍ତୁ 1

ନିମ୍ନ ମଧ୍ୟରୁ କେଉଁଟା ଉତ୍ପୀଡନ (ଜବରଦସ୍ତି) ର ଏକ ଉଦାହରଣ ଅଟେ ?

I. ଉତ୍ତମ ପ୍ରିଣ୍ଟର ଜ୍ଞାନ ନ ଥାଇ ରମେଶ ଏକ ଚୁକ୍ତିରେ ଦସ୍ତଖତ କରେ
II. ରମେଶ ମହେଶକୁ ମାରିବା ପାଇଁ ଭୟ ଦେଖାଏ ଯଦି ସେ ଚୁକ୍ତିରେ ଦସ୍ତଖତ ନ କରେ
III. ମହେଶକୁ ଏକ ଚୁକ୍ତିରେ ଦସ୍ତଖତ କରାଇବା ପାଇଁ ରମେଶ ତା' ବ୍ୟବସାୟିକ କୌଶଳର ଉପଯୋଗ କରେ
IV. ମହେଶକୁ ଏକ ଚୁକ୍ତିରେ ଦସ୍ତଖତ କରାଇବା ପାଇଁ ରମେଶ ମିଥ୍ୟା ସୂଚନା ପ୍ରଦାନ କରେ

ସ୍ୱତଃ-ପରୀକ୍ଷଣ କରନ୍ତୁ 2

ନିମ୍ନ ବିକଳ୍ପଗୁଡିକ ମଧ୍ୟରୁ କେଉଁଟିକୁ ରମେଶ ଦ୍ୱାରା ବୀମିତ କରାଯାଇପାରିବ ନାହିଁ ?

I. ରମେଶର ଘର
II. ରମେଶର ପତ୍ନୀ
III. ରମେଶର ବନ୍ଧୁ
IV. ରମେଶର ପିତାମାତା

ସାରାଂଶ

- ବୀମାରେ ଏକ ଚୁକ୍ତି ସମ୍ବନ୍ଧୀୟ ରାଜିନାମା ସଂପୃକ୍ତ ଯେଉଁଥିରେ ବୀମାକର୍ତ୍ତା ନିର୍ଦ୍ଦିଷ୍ଟ ସଙ୍କଟଗୁଡିକ ବିରୁଦ୍ଧରେ ପ୍ରିମିୟମ ରୂପେ ପରିଚିତ ଏକ ମୂଲ୍ୟ କିମ୍ବା ପ୍ରତିଫଳ ବଦଳରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତ ହୁଏ ।
- ଏକ ଚୁକ୍ତି ପକ୍ଷମାନଙ୍କ ମଧ୍ୟରେ ଏକ ରାଜିନାମା ଅଟେ, ଯାହା ଆଇନ ଦ୍ୱାରା ପ୍ରବର୍ତ୍ତନୀୟ ହୋଇଥାଏ ।
- ଏକ ବୈଧ ଚୁକ୍ତି ନିମ୍ନଗୁଡିକୁ ସମ୍ମିଳିତ କରେ:
  - i. ପ୍ରସ୍ତାବ ଓ ସ୍ୱୀକୃତି
  - ii. ପ୍ରତିଫଳ
  - iii. ପକ୍ଷମାନଙ୍କ ମଧ୍ୟରେ ରାଜିନାମା
  - iv. ମୁକ୍ତ ସମ୍ମତି/ସ୍ୱୀକୃତି

v. ପକ୍ଷମାନଙ୍କ କ୍ଷମତା ଏବଂ
vi. ବିଷୟର ବୈଧିକତା

- ବୀମା ଚୁକ୍ତିଗୁଡିକର ବିଶେଷ ଲକ୍ଷଣ ବୈଶିଷ୍ଟ୍ୟଗୁଡିକରେ ସମ୍ମିଳିତ ହୁଅନ୍ତି:

i. ୟୁବେରିମା ଫାଇଡ୍ସ (ପରମ ସଭାବ)
ii. ବୀମାଯୋଗ୍ୟ ହିତ
iii. ନିକଟସ୍ଥ/ଆସନ୍ନ କାରଣ

ମୂଖ୍ୟ ପଦାବଳୀ

1. ପ୍ରସ୍ତାବ ଓ ସ୍ୱୀକୃତି
2. ବୈଧିକ ପ୍ରତିଫଳ
3. ପକ୍ଷମାନଙ୍କ ମଧ୍ୟରେ ରାଜିନାମା/ସମ୍ମତି
4. ୟୁବେରିମା ଫାଇଡ୍ସ (ପରମ ସଭାବ)
5. ଆବଶ୍ୟକୀୟ ତଥ୍ୟ ସୂଚନା
6. ବୀମାଯୋଗ୍ୟ ହିତ
7. ନିକଟସ୍ଥ/ଆସନ୍ନ କାରଣ

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ରମେଶ ମହେଶକୁ ମାରିବା ପାଇଁ ଭୟ ଦେଖାଇବା ଯଦି ସେ ଚୁକ୍ତିରେ ଦସ୍ତଖତ ନ କରେ, ଉତ୍ପୀଡନ/ଜବରଦସ୍ତିର ଏକ ଉଦାହରଣ ଅଟେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି III ।

ରମେଶ ନିକଟରେ ତା' ବନ୍ଧୁର ଜୀବନରେ ବୀମାଯୋଗ୍ୟ ହିତ ନାହିଁ ଏବଂ ତେଣୁ ତାକୁ ବୀମିତ କରିପାରିବ ନାହିଁ ।

ସ୍ୱ- ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ଏକ ବୈଧ ଚୁକ୍ତିର କେଉଁ ତତ୍ତ୍ୱ ପ୍ରିମିୟମ ସହିତ ସମ୍ବନ୍ଧ ରଖେ ?

I. ପ୍ରସ୍ତାବ ଓ ସ୍ୱୀକୃତି
II. ପ୍ରତିଫଳ
III. ମୁକ୍ତ ସମ୍ମତି

IV. ଚୁକ୍ତିର ପକ୍ଷମାନଙ୍କ କ୍ଷମତା

ପ୍ରଶ୍ନ 2

_____ ଅସତ୍ୟ ଉକ୍ତି, ଯେଉଁଗୁଡିକ କୌଣସି କପଟପୂର୍ଣ୍ଣ ଉଦ୍ଦେଶ୍ୟ ବିନା କୁହାଯାଇଥାଏ, ସହିତ ସମ୍ବନ୍ଧ ରଖେ ।

I. ଭୂଲ ଚିତ୍ରଣ (ଭୂଲ ରିପୋର୍ଟ)
II. ଅଂଶଦାନ
III. ପ୍ରସ୍ତାବ
IV. ରିପୋର୍ଟ

ପ୍ରଶ୍ନ 3

_____ ରେ ଅପରାଧିକ ମାଧ୍ୟମ ଜରିଆରେ ପ୍ରୟୋଗ କରାଯାଉଥିବା ଚାପ ଜଡିତ ।

I. କପଟ
II. ଅନୁଚିତ ପ୍ରଭାବ
III. ଉତ୍ପୀଡନ/ଜବରଦସ୍ତି
IV. ଭୂଲ

ପ୍ରଶ୍ନ 4

ଜୀବନ ବୀମା ଚୁକ୍ତି ସମ୍ବନ୍ଧରେ ନିମ୍ନ ମଧ୍ୟରୁ କେଉଁଟି ସତ୍ୟ ଅଟେ ?

I. ସେଗୁଡିକ ମୌଖିକ ଚୁକ୍ତି ଅଟେ ଯାହା ବୈଧିକ ରୂପେ ପ୍ରବର୍ତ୍ତନୀୟ ନୁହେଁ ।
II. ସେଗୁଡିକ ମୌଖିକ ଯେଉଁଗୁଡିକ ବୈଧିକ ରୂପେ ପ୍ରବର୍ତ୍ତନୀୟ ଅଟେ ।
III. ଭାରତୀୟ ଚୁକ୍ତି ଅଧିନିୟମ, 1872 ଅନୁସାରେ ସେଗୁଡିକ ଦୁଇ ପକ୍ଷ (ବୀମାକର୍ତ୍ତା ଓ ବୀମିତ) ମଧ୍ୟରେ ଚୁକ୍ତି ଅଟେ ।
IV. ସେଗୁଡିକ ସର୍ତ୍ତ ଚୁକ୍ତି ସଦୃଶ ଅଟେ ।

ପ୍ରଶ୍ନ 5

ନିମ୍ନ ମଧ୍ୟରୁ କେଉଁଟି ଏକ ଚୁକ୍ତି ପାଇଁ ଏକ ବୈଧ ପ୍ରତିଫଳ ନୁହେଁ ?

I. ଟଙ୍କା
II. ସମ୍ପତ୍ତି
III. ଲାଞ୍ଚ
IV. ଅଳଙ୍କାର

ପ୍ରଶ୍ନ 6

ନିମ୍ନ ପକ୍ଷ ମଧ୍ୟରୁ କିଏ ଏକ ଜୀବନ ବୀମା ଚୁକ୍ତିରେ ପ୍ରବେଶ କରିବା ପାଇଁ ଯୋଗ୍ୟ ନୁହେଁ ?

I. ବ୍ୟବସାୟ ମାଲିକ

II. ଅପ୍ରାପ୍ତବୟସ୍କ

III. ଗୃହିଣୀ

IV. ସରକାରୀ କର୍ମଚାରୀ

ପ୍ରଶ୍ନ 7

ନିମ୍ନ କାର୍ଯ୍ୟଗୁଡିକ ମଧ୍ୟରୁ କେଉଁଟି "ୟୁବେରିମା ଫାଇଡ୍ସ (ପରମ ସଦ୍ଭାବ)" ର ସିଦ୍ଧାନ୍ତକୁ ପ୍ରଦର୍ଶିତ କରେ ?

I. ଏକ ବୀମା ପ୍ରସ୍ତାବ ଫର୍ମରେ ଜ୍ଞାତ ଡାକ୍ତରୀ ସ୍ଥିତି ବିଷୟରେ ମିଥ୍ୟା କହିବା

II. ଏକ ବୀମା ପ୍ରସ୍ତାବ ଫର୍ମରେ ଜ୍ଞାତ ଆବଶ୍ୟକୀୟ ତଥ୍ୟ ସୂଚନାକୁ ପ୍ରକଟ ନକରିବା

III. ଏକ ବୀମା ପ୍ରସ୍ତାବ ଫର୍ମରେ ଜ୍ଞାତ ଆବଶ୍ୟକୀୟ ତଥ୍ୟ ସୂଚନାକୁ ପ୍ରକଟ କରିବା

IV. ଠିକ୍ ସମୟରେ ପ୍ରିମିୟମ ପ୍ରଦାନ କରିବା

ପ୍ରଶ୍ନ 8

ବୀମାଯୋଗ୍ୟ ହିତ ସମ୍ବନ୍ଧରେ ନିମ୍ନ ମଧ୍ୟରୁ କେଉଁଟି ଠିକ୍ ନୁହେଁ ?

I. ପିତା ତାଙ୍କ ପୁତ୍ର ଉପରେ ବୀମା ପଲିସୀ ନେବା

II. ପତିପତ୍ନୀ ଜଣେ ଅନ୍ୟଜଣକ ଉପରେ ବୀମା ପଲିସୀ ନେବା

III. ବନ୍ଧୁମାନେ ଜଣେ ଅନ୍ୟଜଣକ ଉପରେ ବୀମା ପଲିସୀ ନେବା

IV. ନିଯୁକ୍ତିଦାତା କର୍ମଚାରୀମାନଙ୍କ ଉପରେ ବୀମା ପଲିସୀ ନେବା

ପ୍ରଶ୍ନ 9

ଜୀବନ ବୀମା କ୍ଷେତ୍ରରେ ବୀମାଯୋଗ୍ୟ ହିତର ଉପସ୍ଥିତି କେତେବେଳେ ଆବଶ୍ୟକ ହୁଏ ?

I. ବୀମା ନେବା ସମୟରେ

II. ଦାବୀ ନେବା ସମୟରେ

III. ଜୀବନ ବୀମା କ୍ଷେତ୍ରରେ ବୀମାଯୋଗ୍ୟ ହିତର ଆବଶ୍ୟକତା ନ ଥାଏ

IV. ପଲିସୀ କ୍ରୟ ସମୟରେ ଅଥବା ଦାବୀ ସମୟରେ

ପ୍ରଶ୍ନ 10

ନିମ୍ନ ପରିଦୃଶ୍ୟରେ ମୃତ୍ୟୁର ନିକଟସ୍ଥ କାରଣ ନିର୍ଦ୍ଧାରଣ କରନ୍ତୁ ?

ଅଜୟ ଏକ ଘୋଡା ଉପରୁ ପଡିଯାଏ ଏବଂ ତା ପିଠି ଭାଙ୍ଗିଯାଏ । ସେ ସେଇଠି ଏକ ପାଣି ପୋଖରୀରେ ପଡିରହେ ଓ ନିମୋନିଆରେ ଆକ୍ରାନ୍ତ ହୁଏ । ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଏ ଓ ନିମୋନିଆ କାରଣରୁ ତା' ମୃତ୍ୟୁ ହୁଏ ।

I. ନିମୋନିଆ

II. ଭାଙ୍ଗିଯାଇଥିବା ପିଠି

III. ଘୋଡା ଉପରୁ ପଡିଯିବା

IV. ସର୍ଜରୀ (ଶଲ୍ୟକ୍ରିୟା)

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ଏକ ବୈଧ ଚୁକ୍ତିର ତତ୍ତ୍ୱ ଯାହାର ପ୍ରିମିୟମ ସହିତ ସମ୍ବନ୍ଧ ଥାଏ, ହେଉଛି ପ୍ରତିଫଳ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

ଭୁଲ ଚିତ୍ରଣ (ଭୁଲ ରିପୋର୍ଟ) ଅସତ୍ୟ, ଯେଉଁଗୁଡିକ କୌଣସି କପଟପୂର୍ଣ୍ଣ ଉଦ୍ଦେଶ୍ୟ ବିନା କୁହାଯାଇଥାଏ, ସହିତ ସମ୍ବନ୍ଧ ରଖେ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି III ।

ଉତ୍ପୀଡନ/ ଜବରଦସ୍ତି ରେ ଅପରାଧିକ ମାଧ୍ୟମ ଜରିଆରେ ପ୍ରୟୋଗ କରାଯାଉଥିବା ଚାପ ଜଡିତ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ଭାରତୀୟ ଚୁକ୍ତି ଅଧିନିୟମ, 1872 ଅନୁସାରେ ଜୀବନ ବୀମା ଚୁକ୍ତି ହେଉଛି ଦୁଇପକ୍ଷ (ବୀମାକର୍ତ୍ତା ଓ ବୀମିତ) ମଧ୍ୟରେ ଚୁକ୍ତି ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

ଲାଞ୍ଚ ଏକ ଚୁକ୍ତି ପାଇଁ ଏକ ବୈଧ ପ୍ରତିଫଳ ନୁହେଁ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି II ।

ଅପ୍ରାପ୍ତବୟସ୍କମାନେ ଏକ ଜୀବନ ବୀମା ଚୁକ୍ତିରେ ପ୍ରବେଶ କରିବା ପାଇଁ ଯୋଗ୍ୟ ନୁହଁନ୍ତି ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ଏକ ବୀମା ପ୍ରସ୍ତାବ ଫର୍ମରେ ଜ୍ଞାତ ଆବଶ୍ୟକୀୟ ତଥ୍ୟ ସୂଚନାକୁ ପ୍ରକଟ କରିବା "ୟୁବେରିମା ଫାଇଡ୍ସ (ପରମ ସଦ୍ଭାବ)" ସିଦ୍ଧାନ୍ତର ଅନୁକୂଳ ଅଟେ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି III ।

ବନ୍ଧୁମାନେ ଜଣେ ଅନ୍ୟ ଜଣକ ଉପରେ ବୀମା ନେଇ ପାରିବେ ନାହିଁ ଯେହେତୁ ଏଠାରେ ବୀମାଯୋଗ୍ୟ ହିତ ନ ଥାଏ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି I ।

ଜୀବନ ବୀମା କ୍ଷେତ୍ରରେ ବୀମା ଯୋଗ୍ୟ ହିତର ଉପସ୍ଥିତିର ଆବଶ୍ୟକତା ହୁଏ ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି III ।

ଘୋଡା ଉପରୁ ପଡିଯିବା ଅଜୟର ମୃତ୍ୟୁର ନିକଟସ୍ଥ କାରଣ ଅଟେ ।

SECTION 2
LIFE INSURANCE

ଅଧ୍ୟାୟ 6

ଜୀବନ ବୀମା କ'ଣ ସଂଶ୍ଳିଷ୍ଟ କରେ

ଅଧ୍ୟାୟ ପରିଚୟ

ବୀମା ଚାରି ତତ୍ତ୍ୱ ସଂଶ୍ଳିଷ୍ଟ କରେ

- ✓ ଏକ ସମ୍ପତ୍ତି
- ✓ ବିମିତ ବିରୁଦ୍ଧରେ ସଙ୍କଟ
- ✓ ସମୁଚ୍ଚୟକରଣର ସିଦ୍ଧାନ୍ତ
- ✓ ଚୁକ୍ତି

ଚାଲନ୍ତୁ ବର୍ତ୍ତମାନ ଜୀବନ ବୀମାର ଲକ୍ଷଣ ବୈଶିଷ୍ଟ୍ୟଗୁଡିକୁ ପରୀକ୍ଷା କରିବା । ଏହି ଅଧ୍ୟାୟ ଉପରେ ଉଲ୍ଲିଖିତ ଜୀବନ ବୀମାର ବିଭିନ୍ନ ଘଟକ ଆଡ଼େ କ୍ଷୁଦ୍ର ଦୃଷ୍ଟି ପକାଇବା ।

ଅଧ୍ୟୟନ ପରିଣାମ

କ. ଜୀବନ ବୀମା ବ୍ୟବସାୟ -ଘଟକ, ମାନବ ଜୀବନ ମୂଲ୍ୟ, ପାରସ୍ପରିକତା

କ. ଜୀବନ ବୀମା ବ୍ୟବସାୟ - ଘଟକ, ମାନବ ଜୀବନ ମୂଲ୍ୟ, ପାରସ୍ପରିକତା

1. ମୂଲ୍ୟବାନ ସମ୍ପତ୍ତି-ମାନବ ଜୀବନ ମୂଲ୍ୟ (ଏଚ.ଏଲ. ଭି)

ଆମେ ପୂର୍ବରୁ ଦେଖିସାରିଲୁ ଯେ ଏକ ମୂଲ୍ୟବାନ ସମ୍ପତ୍ତି ହେଉଛି ଏକ ପ୍ରକାରର ସମ୍ପତ୍ତି ଯାହା ମୂଲ୍ୟ କିମ୍ବା ପ୍ରତିଫଳ ଦିଏ । ଅଧିକାଂଶ ପ୍ରକାରର ସମ୍ପତ୍ତି ପାଇଁ ମୂଲ୍ୟ ସ୍ପଷ୍ଟ ମୌଦ୍ରିକ ଶବ୍ଦରେ ମପାଯାଏ । ସେହିଳି ମୂଲ୍ୟ ହାନିର ପରିମାଣକୁ ମଧ୍ୟ ମପାଯାଇପାରେ ।

ଉଦାହରଣ

ଯେତେବେଳେ ଏକ କାର ଏକ ଦୁର୍ଘଟଣାର ସମ୍ମୁଖୀନ ହୁଏ, କ୍ଷତିର ପରିମାଣକୁ ଟ 50,000 ବୋଲି ଆକଳନ କରାଯାଇପାରେ । ବୀମାକର୍ତ୍ତା ଏହି କ୍ଷତି ପାଇଁ ମାଲିକକୁ କ୍ଷତିପୂରଣ ଦେବ ।

ଯେତେବେଳେ ଏକ ବ୍ୟକ୍ତି ମରିଯାଏ, ଆମେ ହାନିକୁ କେମିତି ଆକଳନ କରିବା ?

ସେ ଟ 50,000 ଅଥବା ଟ 50,00,000 ମୂଲ୍ୟର ଅଟେ ?

ଉପରୋକ୍ତ ପ୍ରଶନର ଉତ୍ତର ଏକ ଅଭିକର୍ତ୍ତାକୁ ଦେବାକୁ ପଡିବ ଯେତେବେଳେ ବି ସେ ଏକ ଗ୍ରାହକକୁ ସାକ୍ଷାତ କରିବ । ଏହା ଆଧାରରେ ଅଭିକର୍ତ୍ତା ନିର୍ଦ୍ଧାରିତ କରିପାରିବ କେତେ ପରିମାଣର ବୀମା ଗ୍ରାହକକୁ ସୁପାରିଶ କରିବାକୁ ହେବା ଏହା ବାସ୍ତବରେ ପ୍ରଥମ ଅଧ୍ୟାୟ ଯାହା ଏକ ଜୀବନ ବୀମା ଅଭିକର୍ତ୍ତାକୁ ନିଶ୍ଚିତ ରୂପେ ଶିଖିବାକୁ ପଡିବ ।

ସୌଭାଗ୍ୟବଶତଃ ଆମର ଏକ ମାପ ଅଛି, ଯାହା ପ୍ରାୟ ସତୁରୀ ବର୍ଷ ପୂର୍ବେ ପ୍ରୋ. ହୁବେନର ଦ୍ୱାରା ବିକଶିତ ହୋଇଥିଲା । **ମାନବ ଜୀବନ ମୂଲ୍ୟ (ଏଚ ଏଲ ଭି)** ରୂପେ ପରିଚିତ ଏହି ମାପ ସାରା ପୃଥିବୀରେ ବ୍ୟବହୃତ ହୁଏ ।

ଏଚ ଏଲ ଭି ସିଦ୍ଧାନ୍ତ ମାନବ ଜୀବନକୁ ଏକ ପ୍ରକାରର ସମ୍ପତ୍ତି ରୂପେ ବିଚାର କରେ ଯିଏ ଏକ ଆୟ ଅର୍ଜନ କରେ । ଏ ପ୍ରକାରେ ଏହା ଏକ ବ୍ୟକ୍ତିର ସମ୍ଭାବ୍ୟ ଗ୍ରାହକ ଶୁଦ୍ଧ (ନେଟ) ଭବିଷ୍ୟତ ଆୟ ଉପରେ ଆଧାର କରି ମାନବ ଜୀବନର ମୂଲ୍ୟକୁ ମାପ କରେ । ନେଟ ଆୟ ଅର୍ଥ ଜଣେ ବ୍ୟକ୍ତି ଭବିଷ୍ୟତରେ ପ୍ରତି ବର୍ଷ ପ୍ରତ୍ୟାଶା କରୁଥିବା ଆୟ ବିଯୁକ୍ତ ସେ ନିଜ ଉପରେ ଖର୍ଚ୍ଚ କରିବାକୁ ଥିବା ରାଶି । **ଏ ପ୍ରକାରେ ଏହା ଏକ ପରିବାର ଆକ୍ରାନ୍ତ ହେବାକୁ ଥିବା ଆର୍ଥିକ ହାନିକୁ ସୂଚୀତ କରେ ଯଦି ଆୟକର୍ତ୍ତାର ଅପ୍ରାପ୍ତବୟସରେ ମୃତ୍ୟୁ ହୁଏ । ଏହି ଆୟସବୁରେ ଡିସକାଉଣ୍ଟ ଦେବାପାଇଁ ଏକ ସମୁଚିତ ସୁଧ ହାର ଉପଯୋଗ କରି, ଏଗୁଡିକୁ ପୁଞ୍ଜିଭୁକ୍ତ କରାଯାଏ ।**

ଏଚ ଏଲ ଭି କୁ ମାପିବା ପାଇଁ ଏକ ସରଳ ବ୍ୟବହାରିକ ନିୟମ କିମ୍ବା ଉପାୟ ଅଛି । **ଏହା ହେଉଛି ବାର୍ଷିକ ଆୟ ଯାହା ଏକ ପରିବାର ହେବା ପାଇଁ ଚାହିଁବ, ଯଦିଓ ଅନ୍ନଦାତା ଜୀବିତ ନ ଥାଏ, ତାକୁ ସୁଧ ହାର ଯାହା ଉପାର୍ଜିତ କରାଯାଇପାରେ ଦ୍ୱାରା ବିଭକ୍ତ କରିବା ।**

ଉଦାହରଣ

ରଞ୍ଜନ ବାବୁ ବର୍ଷକୁ ଟ 1,20,000 ଉପାର୍ଜନ କରନ୍ତି ଏବଂ ନିଜ ଉପରେ ଟ 24,000 ଖର୍ଚ୍ଚ କରନ୍ତି ।

ଯଦି ସେ ଅସମୟରେ ମରିଯାଆନ୍ତି, ନେଟ ଆୟ ଯାହା ତାଙ୍କ ପରିବାର ହରାଇବ, ଟ 96,000 ପ୍ରତି ବର୍ଷ ହେବ ।

ମନେକରନ୍ତୁ ସୁଧ ହାର 8% (0. 08 ରୂପେ ପ୍ରକାଶ କରାଯାଏ) ଅଟେ ।

ଏଚ ଏଲ ଭି (HLV) = 96000/0.08 = ଟ. 12,00,000

ଏଚ ଏଲ ଭି ଏହା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ ଯେ ସଂପୂର୍ଣ୍ଣ ସୁରକ୍ଷା ପାଇଁ ଜଣକର ପାଖରେ କେତେ ପରିମାଣର ବୀମା ଥିବା ଉଚିତ । ଏହା ଉର୍ଦ୍ଧ୍ୱସୀମା ବିଷୟରେ ମଧ୍ୟ କୁହେ ଯାହା ବାହାରେ ଜୀବନ ବୀମା କଳ୍ପିତ ହୋଇପାରେ ।

ସାଧାରଣ ଭାବେ, ଆମେ କହି ପାରିବା ଯେ ବୀମାର ପରିମାଣ ଜଣକର ବାର୍ଷିକ ଆୟର ପ୍ରାୟ 10 ରୁ 15 ଗୁଣ ହେବା ଉଚିତ । ଉପରୋକ୍ତ ଉଦାହରଣରେ, ଜଣେ ସନ୍ଦେହ କରିବ ଯଦି ରଞ୍ଜନ ବାବୁ ଟ 2 କୋଟିର ବୀମା ପାଇଁ କହିଥାନ୍ତେ ଯେତେବେଳେ କି ତାଙ୍କ ଆୟ ବର୍ଷକୁ କେବଳ ଟ.1- 2 ଲକ୍ଷ ଅଟେ । **କ୍ରୟ କରାଯାଉଥିବା ବୀମାର ପ୍ରକୃତ ପରିମାଣ ଅବଶ୍ୟ କାରକ, ଯେପରିକି ଜଣେ କେତେ ପରିମାଣର ବୀମା ପାଇଁ ସମର୍ଥ ହୋଇପାରିବ ଓ କେତେ ପରିମାଣ କ୍ରୟ କରିବାକୁ ଚାହେଁ, ଉପରେ ନିର୍ଭର କରିବ ।**

2. ସଙ୍କଟ

ଯେପରିକି ଆମେ ଉପରେ ଦେଖିଛୁ, ଜୀବନ ବୀମା ସେହିସବୁ ସଙ୍କଟ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଯାହା ଏକ ସମ୍ପତ୍ତି ରୂପେ ମାନବ ଜୀବନର ମୂଲ୍ୟକୁ ନଷ୍ଟ କିମ୍ବା ହ୍ରାସ କରିଦିଏ । **ତିନି ପ୍ରକାରର ସ୍ଥିତି ଅଛି ଯେଉଁଠି ସେଭଳି ହାନି ଘଟିପାରେ । ସେଗୁଡିକ ହେଉଛି ବିଶେଷ ଉଦବିଗ୍ନତା ଯାହା ସହିତ ସାଧାରଣ ଲୋକ ସମ୍ମୁଖୀନ ହୋଇଥାନ୍ତି ।**

ଚିତ୍ର 1 : ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଶେଷ ଉଦବିଗ୍ନତା



ଅନ୍ୟ ପକ୍ଷରେ ଜୀବନ ବୀମା ବିଶେଷ ରୂପେ ସେହି ସଙ୍କଟଗୁଡିକ ସହିତ କାରବାର କରେ ଯେଉଁଗୁଡିକ ପ୍ରଭାବିତ କରନ୍ତି ସମ୍ପତ୍ତିକୁ - ଯେପରି କି ନିଆଁ, ସମୁଦ୍ରରେ ଥିବା ସମୟରେ କାର୍ଗୋର ହାନି, ସାଧାରଣ ଚୋରୀ, ଚୋରୀ ଓ ମୋଟର ଦୁର୍ଘଟଣା । ସେମାନେ ସେହି ଘଟଣାଗୁଡିକୁ ବି ସଂରକ୍ଷିତ କରନ୍ତି ଯେଉଁଗୁଡିକର ପରିଣାମ ନାମ ଓ ସଭାବର ହାନି ହୋଇପାରେ । **ଏସବୁ ଗୋଟିଏ ଶ୍ରେଣୀର ବୀମା ଦ୍ୱାରା ଆବୃତ ହୋଇଥାଏ ଯାହାକୁ ଦାୟିତ୍ୱ ବୀମା କୁହାଯାଏ ।**

ପରିଶେଷରେ ସେଭଳି ସଙ୍କଟସବୁ ଅଛନ୍ତି ଯିଏ ବ୍ୟକ୍ତି ଉପରେ ପ୍ରଭାବ ପକାଇ ପାରନ୍ତି । ବ୍ୟକ୍ତିଗତ ସଙ୍କଟ କୁହାଯାଉଥିବା ଏହି ସଙ୍କଟଗୁଡିକ ମଧ୍ୟ ସାଧାରଣ ବୀମା ଦ୍ୱାରା ସୁରକ୍ଷା ପ୍ରାପ୍ତ ହୁଅନ୍ତି ।

ଉଦାହରଣ

ଦୁର୍ଘଟଣା ବୀମା ଯାହା ଏକ ଦୁର୍ଘଟଣା ଜନିତ ହୋଇଥିବା ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ।

କ) ଜୀବନ ବୀମା ଓ ସାଧାରଣ ବୀମା ମଧ୍ୟରେ ସଠିକ୍ ରେ କେତେ ପାର୍ଥକ୍ୟ ରହିଛି ?

ସାଧାରଣ ବୀମା	ଜୀବନ ବୀମା

କ୍ଷତିପୂର୍ତ୍ତି : ସାଧାରଣ ବୀମା ପଲିସୀସବୁ, ବ୍ୟକ୍ତିଗତ ଦୁର୍ଘଟଣା ବୀମା ବ୍ୟତୀତ, ହେଉଛନ୍ତି କ୍ଷତିପୂର୍ତ୍ତି/ ସୁରକ୍ଷାର ଚୁକ୍ତି ।	ଜୀବନ ବୀମା ପଲିସୀସବୁ ପ୍ରତ୍ୟାଭୂତି/ଆଶ୍ୱାସନର ଚୁକ୍ତି । କ୍ଷତିପୂର୍ତ୍ତିର ଅର୍ଥ ହେଉଛି ଯେ ଅଗ୍ନିକାଣ୍ଡ ଭଳି ଏକ ଘଟଣା ଘଟିବା ପରେ, ବୀମାକର୍ତ୍ତା ଘଟିଥିବା ହାନିର ସଠିକ୍ ପରିମାଣକୁ ଆକଳନ କରିପାରେ ଏବଂ କେବଳର ହାନିର ରାଶି ପରିମାଣ କ୍ଷତିପୂରଣ ଦିଏ - ବେଶୀ ନୁହଁ କି କମ୍ ନୁହଁ । ଏହା ଜୀବନ ବୀମାରେ ସମ୍ଭବ ନୁହେଁ । ଏକ ମୃତ୍ୟୁ ଘଟଣାରେ ପ୍ରଦାନ କରିବାକୁ ଥିବା ଲାଭ ରାଶିକୁ ଆରମ୍ଭରୁ ଚୁକ୍ତି ଲେଖିବା ସମୟରେ ହିଁ ନିର୍ଦ୍ଧାରିତ କରିବାକୁ ପଡିଥାଏ, ଜୀବନ ବୀମା ପଲିସୀସବୁ ଏ ପ୍ରକାରେ ଅନେକ ସମୟରେ ଜୀବନ ଆଶ୍ୱାସନ ଚୁକ୍ତି ରୂପେ ପରିଚିତ ହୋଇଥାନ୍ତି । ଯେତେବେଳେ ବୀମିତ ମରିଯାଏ, ବୀମା ରାଶିକୁ ତାହାର ନାମିତ କିମ୍ବା ଲାଭଗ୍ରହୀତାମାନଙ୍କୁ ଦିଆଯାଏ ।
ଅନିଶ୍ଚିତତା: ସାଧାରଣ ବୀମା ଚୁକ୍ତି ଗୁଡିକରେ, ସୁରକ୍ଷା ପ୍ରଦାନ କରାଯାଉଥିବା ସଙ୍କଟ ଘଟଣା ଅନିଶ୍ଚିତ ଥାଏ । କେହି ଜଣେ ବି ନିଶ୍ଚିତତା ସହିତ କହିପାରିବ ନାହିଁ ଯେ ଏକ ଘର ନିଆଁରେ ଗ୍ରସିତ ହେବ କିମ୍ବା ଏକ କାର ଦୁର୍ଘଟଣାର ସମ୍ମୁଖୀନ ହେବ ।	ଜୀବନ ବୀମା ପରିପ୍ରେକ୍ଷୀରେ, ମୃତ୍ୟୁ ଘଟଣା ହେବ କି ନାହିଁ, ଏହାର ପ୍ରଶ୍ନ ହିଁ ନ ଥାଏ । ଏକ ବ୍ୟକ୍ତି ଜନ୍ମ ହେଲେ ମୃତ୍ୟୁ ହେବା ସୁନିଶ୍ଚିତ । **ଯାହା ଅନିଶ୍ଚିତ ଥାଏ, ତାହା ହେଉଛି ମୃତ୍ୟୁର ସମୟ** । ଏ ପ୍ରକାରେ ଜୀବନ ବୀମା ଅସାମୟିକ/ଅକାଳ ମୃତ୍ୟୁର ସଙ୍କଟ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ।
ସମ୍ଭାବ୍ୟତାରେ ବୃଦ୍ଧି: ସାଧାରଣ ବୀମାରେ, ନିଆଁ କିମ୍ବା ଭୂମିକମ୍ପ ଭଳି ବିପଦ ସ୍ଥିତିରେ, ଘଟଣା ଘଟିବାର ସମ୍ଭାବନା ସମୟ ସହିତ ବଢ଼େ ନାହିଁ ।	ଜୀବନ ବୀମା କ୍ଷେତ୍ରରେ ମୃତ୍ୟୁର ସମ୍ଭାବନା ବୟସର ବୃଦ୍ଧି ସହିତ ବଢ଼ିଥାଏ ।

ଖ) ଜୀବନ ବୀମା ସଙ୍କଟର ସ୍ୱରୂପ

ଯେହେତୁ ମୃତ୍ୟୁର ବୟସ ସହିତ ସମ୍ବନ୍ଧ ଥାଏ, ଏହାର ଅର୍ଥ ହେଉଛି ଯୁବାବସ୍ଥାର ବ୍ୟକ୍ତିମାନଙ୍କ ପାଇଁ କମ ପ୍ରିମିୟମ ଏବଂ ଅଧିକ ବୟସର ଲୋକମାନଙ୍କ ପାଇଁ ଅଧିକ ପ୍ରିମିୟମ ଚାର୍ଜ କରାଯାଏ । ଗୋଟିଏ ପରିଣାମ ଏମିତି ଥିଲା ଯେ ସେହି ବ୍ୟକ୍ତିମାନେ ଯେଉଁମାନେ ବେଶୀ ବୟସର, କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟର ଥିଲେ, ପ୍ରତ୍ୟାହାର କଲେ ଯେତେବେଳେ କି ଅସ୍ୱାସ୍ଥ୍ୟବାନ ସଦସ୍ୟମାନେ ଯୋଜନାରେ ଅଟକି ରହିଲେ । **ଫଳସ୍ୱରୂପ, ବୀମା କମ୍ପାନୀମାନେ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଲେ** । ସେମାନେ ସେହି ଚୁକ୍ତିସବୁ ବିକାଶ କରିବାକୁ ଚାହିଁଲେ ଯେଉଁମାନଙ୍କ ପ୍ରିମିୟମଗୁଡିକ ଦିଆଯିବାପାଇଁ ସମର୍ଥ ହୋଇପାରିବେ ଏବଂ ତେଣୁ ବ୍ୟକ୍ତିମାନେ ସେମାନଙ୍କ ଜୀବନ ସାରା ଦେଇ ପାରିବେ । **ଏହାର ପରିଣାମରେ ସମତଳ ପ୍ରିମିୟମର ବିକାଶ ହେଲା** ।

3. ସମତଳ ପ୍ରିମିୟମ

ମହତ୍ତ୍ୱପୂର୍ଣ୍ଣ

ସମତଳ ପ୍ରିମିୟମ ହେଉଛି ସେହି ପ୍ରିମିୟମ ଯାହାକୁ ସେ ଭଳିଆ ନିର୍ଦ୍ଧାରିତ କରାଯାଏ ଯେ ଏହା ବୟସ ସହିତ ବୃଦ୍ଧି ହୁଏ ନାହିଁ କିନ୍ତୁ ଚୁକ୍ତି ସମୟାବଧି ସାରା ଅପରିବର୍ତ୍ତନୀୟ ରହେ ।

ଏହାର ଅର୍ଥ ହେଉଛି ଯେ ପ୍ରାରମ୍ଭିକ ବର୍ଷଗୁଡିକରେ ସଂଗ୍ରହ କରାଯାଉଥିବା ପ୍ରିମିୟମସବୁ, ଏହି ବୟସରେ ମରୁଥିବା ଲୋକମାନଙ୍କ ମୃତ୍ୟୁ ଦାବୀଗୁଡିକ ସୁରକ୍ଷିତ କରିବା ପାଇଁ ଆବଶ୍ୟକ ଥିବା ରାଶିଠାରୁ, ଅଧିକ ହେବ, ଯେତେବେଳେ କି ପରବର୍ତ୍ତୀ ବର୍ଷଗୁଡିକରେ ସଂଗ୍ରହ କରାଯାଉଥିବା ପ୍ରିମିୟମସବୁ, ଅଧିକ ବୟସରେ ମରୁଥିବା ଲୋକମାନଙ୍କ ଦାବୀ ପୂରଣ କରିବାକୁ ଆବଶ୍ୟକ ଥିବା ରାଶିଠାରୁ କମ ହେବ । ସମତଳ ପ୍ରିମିୟମ ହେଉଛି ଉଭୟର ହାରାହାରି ରାଶି ପରିମାଣ । ଏହାର ଅର୍ଥ ହେଉଛି ଯେ ପୂର୍ବବର୍ତ୍ତୀ ବର୍ଷଗୁଡିକର ଅତିରିକ୍ତ ପ୍ରିମିୟମ ପରବର୍ତ୍ତୀ ବର୍ଷଗୁଡିକର ପ୍ରିମିୟମର ନିଅଣ୍ଟ କୁ ପୂରଣ କରେ ।

ସମତଳ ପ୍ରିମିୟମ ବୈଶିଷ୍ଟ୍ୟର ଦୃଷ୍ଟାନ୍ତ ନିମ୍ନରେ ଦିଆଯାଇଛି ।

ଚିତ୍ର 2 : ସମତଳ ପ୍ରିମିୟମ



ସମତଳ ପ୍ରିମିୟମର ଅର୍ଥ ଏହା ମଧ୍ୟ ଅଟେ ଯେ, ଜୀବନ ବୀମା ଚୁକ୍ତିସବୁ ବିଶେଷରୂପେ ଦୀର୍ଘାବଧି ବୀମା ଚୁକ୍ତି ଯାହା 10, 20 କିମ୍ବା ଆହୁରି ଅଧିକ ବର୍ଷ ପାଇଁ ଚାଲୁ ରହେ । ଅନ୍ୟ ପକ୍ଷରେ ସାଧାରଣ ବୀମା ବିଶେଷ ରୂପେ ଅଳ୍ପାବଧି ଅଟେ ଏବଂ ପ୍ରତ୍ୟେକ ବର୍ଷ ସମାପ୍ତ ହୁଏ ।

ମହତ୍ତ୍ୱପୂର୍ଣ୍ଣ

ପ୍ରାରମ୍ଭିକ ବର୍ଷଗୁଡିକରେ ସଂଗ୍ରହ କରାଯାଇଥିବା ପ୍ରିମିୟମସବୁକୁ ଏହାର ପଲିସୀଧାରୀ ମାନଙ୍କ ଲାଭ ପାଇଁ ବୀମା କମ୍ପାନୀ ଦ୍ୱାରା ଏକ ଟ୍ରଷ୍ଟରେ ରଖାଯାଏ । ସେଭଳିଆ ସଂଗୃହୀତ ରାଶିକୁ "ସଂରକ୍ଷଣ (ରିଜର୍ଭ)" କୁହାଯାଏ । ବୀମା କମ୍ପାନୀ ଏହି ରିଜର୍ଭକୁ ବୀମାକର୍ତ୍ତାଙ୍କ ଭବିଷ୍ୟତ ଆବଶ୍ୟକତାକୁ ପୂରଣ କରିବା ପାଇଁ ରଖିଥାନ୍ତି । ଅତିରିକ୍ତ ରାଶି ମଧ୍ୟ ଏକ

ନିଧି ଜାତ କରେ ଯାହାକୁ "ଜୀବନ ନିଧି" କୁହାଯାଏ । ଜୀବନ ବୀମା କର୍ତ୍ତାମାନେ ଏହି ନିଧିକୁ ନିବେଶ କରନ୍ତି ଏବଂ ସୁଧ ପ୍ରାପ୍ତ କରନ୍ତି ।

କ) ସମତଳ ପ୍ରିମିୟମର ଘଟକ

ସମତଳ ପ୍ରିମିୟମର ଦୁଇଟି ଘଟକ ଅଛନ୍ତି :

i. ପ୍ରଥମଟି ଅବଧି କିମ୍ବା ସୁରକ୍ଷା ଘଟକ ରୂପେ ପରିଚିତ, ଯେଉଁଥିରେ ପ୍ରମିୟମର ସେତେ ଅଂଶ ଅନ୍ତର୍ଭୁକ୍ତ ଯାହା ସଙ୍କଟର ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରକୃତରେ ଆବଶ୍ୟକ ।

ii. ଦ୍ୱିତୀୟଟି ନଗଦ ମୂଲ୍ୟ ଘଟକ ରୂପେ ପରିଚିତ । ଏହା ପଲିସୀଧାରୀଙ୍କ ଅତିରିକ୍ତ ଦେୟର ସଂଚୟ ରେ ଗଠିତ । ଏହା ସଂଚୟ ଘଟକ ଅଟେ ।

ଏହାର ଅର୍ଥ ହେଉଛି ଯେ ସମସ୍ତ ଜୀବନ ବୀମା ପଲିସୀରେ ସୁରକ୍ଷା ଓ ସଂଚୟର ମିଶ୍ରଣ ଥାଏ । ପ୍ରିମିୟମରେ ନଗଦ ମୂଲ୍ୟ ତତ୍ତ୍ୱ ଯେତେ ବେଶୀ ଥାଏ, ଏହାକୁ ଏକ ସଂଚୟ ଅନୁକୂଳ ବୀମା ପଲିସୀ ବୋଲି ସେତେ ବେଶୀ ବିଚାର କରାଯାଏ ।

4. ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ

ଜୀବନ ବୀମା କମ୍ପାନୀମାନଙ୍କୁ ଚୁକ୍ତି ସମ୍ବନ୍ଧୀୟ ଆର୍ଥିକ ଅନୁଷ୍ଠାନ୍ ବୋଲି ବର୍ଗୀକୃତ କରାଯାଇଛି । ଏହାର ଅର୍ଥ ହେଉଛି ଯେ ପଲିସୀଧାରୀମାନଙ୍କୁ ଦେୟ ଥିବା ଲାଭସବୁକୁ ଅନେକ ଥର ଚୁକ୍ତି ସମ୍ବନ୍ଧୀୟ ଗ୍ୟାରେଣ୍ଟି ଆକାରରେ ନିଆଯାଇଛି । ଜୀବନ ବୀମା ଓ ପେନଶନକୁ ପାରମ୍ପରିକ ରୂପେ କ୍ରୟ କରାଯାଇଛି, ସର୍ବୋପରି, ସେମାନେ ଲୋକମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଥିବା ଅର୍ଥରେ । ଏହି ସୁରକ୍ଷା ଯେଉଁ ପ୍ରକାରେ ଚୁକ୍ତିଗୁଡିକୁ ସଂରଚନା କରାଯାଇଛି, ତା' ପରିମାଣସ୍ୱରୂପ ଉତ୍ପନ୍ନ ହୁଏ ଏବଂ କେତେକ ନିରାପତ୍ତା ବ୍ୟବସ୍ଥା କରାଯାଇଛି ଏହା ସୁନିଶ୍ଚିତ କରିବା ପାଇଁ ଯେ ବୀମାକର୍ତ୍ତାମାନେ ରାଶି ପ୍ରଦାନ କରିବା ସ୍ଥିତିରେ ରହିବେ । ଏହି ସଂରଚନା ପାରସ୍ପରିକତା କିମ୍ବା ସମୁଚ୍ଚୟକରଣ ସିଦ୍ଧାନ୍ତର ପ୍ରୟୋଗ ଠାରୁ ଉତ୍ପନ୍ନ ହୁଏ ।

ପାରସ୍ପରିକତା (ସହୋପକାରିତା) ହେଉଛି ଆର୍ଥିକ ବଜାରରେ ସଙ୍କଟକୁ ହ୍ରାସ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉପାୟ ଅନ୍ୟଟି ହେଉଛି **ବିବିଧତାକରଣ** । ଉଭୟ ମୂଳତଃ ଅଲଗା ଅଟନ୍ତି ।

ବିବିଧତାକରଣ	ପାରସ୍ପରିକତା/ସହୋପକାରିତା
ବିବିଧତାକରଣ ଅନ୍ତର୍ଗତ ନିଧିସବୁକୁ ବିଭିନ୍ନ ସମ୍ପତ୍ତି ମଧ୍ୟରେ ପ୍ରସାରିତ କରାଯାଏ (ଅଣ୍ଡାସବୁକୁ ବିଭିନ୍ନ ବାସ୍କେଟରେ ରଖିବା)	ପାରସ୍ପରିକତା କିମ୍ବା ସମୁଚ୍ଚୟକରଣ ଅନ୍ତର୍ଗତ, ବିଭିନ୍ନ ବ୍ୟକ୍ତିଙ୍କ ନିଧିସବୁକୁ ମିଶାଇ ଦିଆଯାଏ (ସମସ୍ତ ଅଣ୍ଡାକୁ ଗୋଟିଏ ବାସ୍କେଟରେ ରଖିବା)
ବିବିଧତାକରଣ ଅନ୍ତର୍ଗତ ଆମ ପାଖରେ ନିଧିସବୁ ରହିଛି ଯାହା ଗୋଟିଏ ଆଧାରରୁ ଅନେକ ଲକ୍ଷ୍ୟସ୍ଥଳକୁ ପ୍ରବାହିତ ହୁଏ	ପାରସ୍ପରିକତା ଅନ୍ତର୍ଗତ ଆମ ପାଖରେ ନିଧିସବୁ ରହିଛି ଯାହା ବିଭିନ୍ନ ଆଧାରରୁ ଗୋଟିଏକୁ ପ୍ରବାହିତ ହୁଏ

ଚିତ୍ର 3 : ପାରସ୍ପରିକତା/ସହୋପକାରିତା

ପାରସ୍ପରିକତା (ନିଧିସବୁ ଅନେକ ଆଧାରରୁ ଗୋଟିଏ କୁ ପ୍ରବାହ ହୁଅନ୍ତି)



ପାରସ୍ପରିକତା କିମ୍ବା ସମୁଚ୍ଚୟକରଣ ସିଦ୍ଧାନ୍ତ ଜୀବନ ବୀମାରେ ଦୁଇ ବିଶେଷ ପ୍ରକାରର ଭୂମିକା ଗ୍ରହଣ କରେ ।

i. ପ୍ରଥମଟି ହେଉଛି ଜଣକର ଅକାଳ ମୃତ୍ୟୁ ଫଳରେ ଉତ୍ପନ୍ନ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବାରେ ଏହାର ଭୂମିକା । ଏହି ହାନିକୁ ଏକ ନିଧି ରଖିବା ମାଧ୍ୟମରେ ବହନ ଓ ପୂରଣ କରାଯାଏ, ଯେଉଁ ନିଧି ଅନେକଙ୍କ ଅଂଶଦାନକୁ ସମୁଚ୍ଚୟ କରେ ଯେଉଁମାନେ ଜୀବନ ବୀମା ଚୁକ୍ତିରେ ପ୍ରବେଶ କରିଛନ୍ତି ।

ii. ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ ଅବଶ୍ୟ ମୃତ୍ୟୁ ସଙ୍କଟର ବାହାରକୁ ଯାଏ । ଏହା ସମୁଚ୍ଚୟକରଣ ଏବଂ ଆର୍ଥିକ ସଙ୍କଟକୁ ହଟାଇବାକୁ ମଧ୍ୟ ଜଡିତ କରେ । ଏହା ପ୍ରିମିୟମ, ନିଧି ଓ ପରିଶେଷରେ ବିଭିନ୍ନ ସମୟରେ ବ୍ୟକ୍ତିମାନେ ନେଇଥିବା ବିଭିନ୍ନ ପ୍ରକାରର ଚୁକ୍ତିର ଆନୁସଙ୍ଗିକ ସଙ୍କଟଗୁଡିକର ସମୁଚ୍ଚୟକରଣ ଦ୍ୱାରା ହାସଲ କରାଯାଏ । ଏ ପ୍ରକାରେ ଏହା ବିଭିନ୍ନ ପିଢୀର ପଲିସୀଧାରୀଙ୍କ ମଧ୍ୟରେ ସମୁଚ୍ଚୟକରଣର ଏକ ପରିଦୃଶ୍ୟ । ଏହି ସମୁଚ୍ଚୟକରଣର ପରିମାଣ ହେଉଛି ପ୍ରୟାସ କରିବା ଓ ସୁନିଶ୍ଚିତ କରିବା ଯେ ଉତ୍ତମ ତଥା ବିପରୀତ ସମୟରେ ଜୀବନ ବୀମାକର୍ତ୍ତା ସମୟ ଆରପାରରେ ପ୍ରତିଫଳକୁ ସମାନ କରି ଏକ ସମାନ ହାରର ପ୍ରତିଫଳ (ଏକ ସମାନ ବୋନସ) ଦେବାପାଇଁ ସକ୍ଷମ ହେବା ।

5. ଜୀବନ ବୀମା ଚୁକ୍ତି

ଚିତ୍ର 4 : ଜୀବନ ବୀମା ଚୁକ୍ତି



ଜୀବନ ବୀମାର ଅନ୍ତିମ ତତ୍ତ୍ୱ ହେଉଛି ଚୁକ୍ତି । ଏହାର ମହତ୍ତ୍ୱ ବୀମା ରାଶି ଶବ୍ଦରୁ ଆସେ । ଏହି ରାଶି ଚୁକ୍ତୀୟ ରୂପେ ଗ୍ୟାରେଣ୍ଟି ପ୍ରାପ୍ତ, ଯାହା ଜୀବନ ବୀମାକୁ ଆର୍ଥିକ ସୁରକ୍ଷାର ଏକ ସାଧନ କରିଥାଏ । ଗ୍ୟାରେଣ୍ଟି ତତ୍ତ୍ୱର ଅର୍ଥ ହେଉଛି ଯେ ଜୀବନ ବୀମା କଠୋର ବିନିୟମ ଓ କଡ଼ । ପର୍ଯ୍ୟବେକ୍ଷଣର ଅନ୍ତର୍ଗତ ଅଟେ ।

ଜୀବନ ବୀମାକର୍ତ୍ତାମାନଙ୍କୁ ବ୍ୟବସାୟକୁ ଲେଖିବା ପାଇଁ ଏକ ସର୍ତ୍ତ ରୂପେ ସାମ୍ବିଧାନିକ ସଂରକ୍ଷଣ ରଖିବା ଆବଶ୍ୟକ ହୁଏ । ସେମାନଙ୍କ ଫଣ୍ଡସବୁର ନିବେଶକୁ ନିୟନ୍ତ୍ରଣ କରୁଥିବା ଚୁକ୍ତି ସେମାନଙ୍କ ପାଖରେ ଥାଇପାରେ, ସେମାନଙ୍କୁ ସୁନିଶ୍ଚିତ କରିବାକୁ ପଡିବ ଯେ ସେମାନଙ୍କ ପ୍ରିମିୟମ ଯଥେଷ୍ଟ ଅଟେ ଏବଂ ସେମାନେ ପଲିସୀଧାରୀମାନଙ୍କ ଧନକୁ କିପରି ଖର୍ଚ୍ଚ କରି ପାରିବେ, ଏହାକୁ ନିୟନ୍ତ୍ରଣ କରୁଥିବା ନିୟମସବୁର ଆଧୀନରେ ଥାଇ ପାରନ୍ତି ।

ବହୁ ସମୟରେ ତର୍କବିତର୍କ ହେଉଥିବା ଏକ ମୂଖ୍ୟ ପ୍ରଶ୍ନ ହେଉଛି ଯେ ପଲିସୀଧାରୀମାନଙ୍କୁ ଦିଆଯାଉଥିବା ଲାଭ, ଅନ୍ୟାନ୍ୟ ଆର୍ଥିକ ସାଧନ ତୁଳନାରେ, ଯଥେଷ୍ଟ କି । ଜୀବନ ବୀମା ଚୁକ୍ତି, ଆମେ ନିଶ୍ଚିତ ରୂପେ ମନେ ରଖିବା, ଉଭୟ ସଙ୍କଟ ସୁରକ୍ଷା ଓ ଏକ ସଂଚୟ ତତ୍ତ୍ୱକୁ ସଂଶ୍ଳିଷ୍ଟ କରେ । ଏହା ଆର୍ଥିକ ବଜାରରେ ଥିବା ଅନ୍ୟାନ୍ୟ ଉତ୍ପାଦ ଭଳିଆ, ଏହାକୁ ଏକ ଆର୍ଥିକ ଉତ୍ପାଦରେ ପରିଣତ କରେ । ଜୀବନ ବୀମା ବାସ୍ତବତଃ କମ ହିସାବରେ ଏକ ସୁରକ୍ଷା ଉତ୍ପାଦ ଓ ଅଧିକ ରୂପେ ଧନ ରଖିବା ଏକ ସାଧନ ହୋଇଯାଇଛି ।

ଶୁଦ୍ଧ ଅବଧି ବୀମା, ଯାହା କେବଳ ଏକ ମୃତ୍ୟୁ ଲାଭ ପ୍ରଦାନ କରେ ଏବଂ ସଂଚୟ ଯୋଜନା ଯାହାର ଏକ ବଡ ନଗଦ ମୂଲ୍ୟ କିମ୍ବା ସଂଚୟ ଘଟକ ଅଛି -ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିବା ଏଇଠି ଆବଶ୍ୟକ ଅଟେ । ଯେତେବେଳେ ପୂର୍ବବର୍ତ୍ତୀର ଏକ କମ ପ୍ରିମିୟମ ଥାଏ, ପରବର୍ତ୍ତୀ ବହୁତ ବଡ ହୋଇପାରେ ଓ ଏକ ବ୍ୟକ୍ତିର ସଂଚୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରେ । ଏହାର ଅର୍ଥ ଏହା ମଧ୍ୟ ଅଟେ ଯେ ନଗଦ ମୂଲ୍ୟର ଏକ ବୃହତ ସୁଯୋଗ ମୂଲ୍ୟ ରହିଛି । 'ସୁଯୋଗ ମୂଲ୍ୟ' ପଦ ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଜଣେ ବ୍ୟକ୍ତିକୁ ବହନ କରିବାକୁ ପଡିବ ସେହି ସୁଯୋଗ ରୂପେ ଯାହାକୁ ସେ ଛାଡିଦିଏ ନିଜର ଧନକୁ ଅନ୍ୟ କୌଣସି ସ୍ଥାନରେ ନ ରଖି ।

ବାସ୍ତବରେ, "ଅବଧି କ୍ରୟ କର ଓ ଅନ୍ତରକୁ ଅନ୍ୟ କେଉଁଠି ନିବେଶ କର" ବୋଲାଯାଉଥିବା ଏକ ଯୁକ୍ତିତର୍କର ପରିଣାମ ସ୍ୱରୂପ ପାରମ୍ପରିକ ଜୀବନ ବୀମା ସଂଚୟ ଚୁକ୍ତିର ସମ୍ମୁଖୀନ ହେଉଥିବା ଏକ ବଡ଼ ଚ୍ୟାଲେଞ୍ଜ ଆସିଲା । ମୌଳିକରୂପେ

ଏହା ଯୁକ୍ତି କରାଗଲା ଯେ ଜଣେ ବ୍ୟକ୍ତି ଏକ ବୀମା କମ୍ପାନୀଠାରୁ କେବଳ ଅବଧି ବୀମା କ୍ରୟ କରି ଓ ଅବଶିଷ୍ଟ ପ୍ରିମିୟମକୁ ଉଚ୍ଚ ପ୍ରତିଫଳ ଦେଉଥିବା ମାଧ୍ୟମ ଗୁଡିକରେ ନିବେଶ କରି ଉତ୍ତମ ରୂପେ ରହି ପାରିବ ।

ଏଠି ସେହି ଯୁକ୍ତିଗୁଡିକୁ ବିଚାର କରିବା ଯଥାର୍ଥ ହେବ, ଯେଉଁଗୁଡିକ ପାରମ୍ପରିକ ନଗଦ ମୂଲ୍ୟ ବୀମା ଚୁକ୍ତିର ସମର୍ଥନରେ ଓ ବିପକ୍ଷରେ ଅଗ୍ରସରିତ କରାଯାଇଛି ।

କ) ଲାଭ

i. ଏହାକୁ ଐତିହାସିକ ରୂପେ ଏକ ନିରାପଦ ଓ ସୁରକ୍ଷିତ ନିବେଶ ବୋଲି ପ୍ରମାଣିତ କରାଯାଇଛି । ଏହାର ନଗଦ ମୂଲ୍ୟ ଏକ ନିମ୍ନତମ ହାରର ପ୍ରତିଫଳର ଗ୍ୟାରେଣ୍ଟି ଦିଏ, ଯାହା ଚୁକ୍ତି ସମୟାବଧି ସହିତ ବୃଦ୍ଧି ହୋଇପାରେ ।

ii. ପ୍ରିମିୟମ ଦେୟ ପ୍ରଦାନରେ ନିୟମିତତା ଆବଶ୍ୟକ କରେ ଜଣକର ସଂଚୟର ଅନିବାର୍ଯ୍ୟ ଯୋଜନା ଏବଂ ସଂଚୟକାରୀ ଆବଶ୍ୟକ କରୁଥିବା ଶୃଙ୍ଖଳା ପ୍ରଦାନ କରେ ।

iii. ବୀମାକର୍ତ୍ତା ନିବେଶ ପ୍ରବନ୍ଧ ଉପରେ ଧ୍ୟାନ ଦିଅନ୍ତି ଓ ବ୍ୟକ୍ତିକୁ ଏହି ଦାୟିତ୍ୱରୁ ମୁକ୍ତ କରନ୍ତି ।

iv. ଏହା ଦ୍ରବତା ପ୍ରଦାନ କରେ । ବୀମିତ ଏକ ଋଣ ନେଇପାରେ କିମ୍ବା ପଲିସୀକୁ ସମର୍ପଣ କରିପାରେ ଏବଂ ଏ ପ୍ରକାରେ ଏହାକୁ ନଗଦରେ ପରିଣତ କରିପାରେ ।

v. ଉଭୟ ନଗଦ ମୂଲ୍ୟ ପ୍ରକାରର ଜୀବନ ବୀମା ଏବଂ ବାର୍ଷିକୀ (ଏନୁଇଟି) ଆୟକର ସୁବିଧା ଉପଭୋଗ କରନ୍ତି ।

vi. ଏହା ଋଣଦାତାଙ୍କ ଦାବୀଠାରୁ ନିରାପଦ ରହିପାରେ, ସାଧାରଣତଃ ବୀମିତର ଦେବାଳିଆପଣ କିମ୍ବା ମୃତ୍ୟୁ ଘଟଣାରେ ।

ଖ) ହାନି

i. ଅପେକ୍ଷାକୃତ ସ୍ଥିର ପ୍ରତିଫଳ ଥିବା ଏକ ସାଧନ ରୂପେ, ଏହା ସମସ୍ତ ସ୍ଥିର ଆୟ ନିବେଶ ଉପରେ ମୁଦ୍ରାସ୍ଫୀତିର କ୍ଷୟକାରୀ ପ୍ରଭାବର ଅଧୀନ ଅଟେ ।

ii. ଜୀବନ ବୀମା ପଲିସୀଗୁଡିକର ଉଚ୍ଚ ବିପଣନ ଓ ଅନ୍ୟାନ୍ୟ ପ୍ରାରମ୍ଭିକ ଖର୍ଚ୍ଚ, ପ୍ରାରମ୍ଭିକ ବର୍ଷଗୁଡିକରେ ଏକତ୍ରିତ କରାଯାଇଥିବା ମୁଦ୍ରା/ ଧନର ପରିମାଣକୁ ହ୍ରାସ କରେ ।

iii. ଲାଭ (ପ୍ରତିଫଳ) ଗ୍ୟାରେଣ୍ଟି ପ୍ରାପ୍ତ ହେବା ସମୟରେ, ଅନ୍ୟାନ୍ୟ ଆର୍ଥିକ ବଜାର ମାଧ୍ୟମଗୁଡିକ ଅପେକ୍ଷା କମ ହୋଇପାରେ । କମ ପ୍ରତିଫଳ ବ୍ୟାପାର / ବନ୍ଦର ପରିଣାମ ଅଟେ, ଯାହା ସଙ୍କଟକୁ ହ୍ରାସ କରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 1

ବିବିଧତାକରଣ କିପରି ଆର୍ଥିକ ବଜାରରେ ସଙ୍କଟକୁ ହ୍ରାସ କରେ ?

I. ବହୁବିଧ ଆଧାରରୁ ନିଧି ସଂଗ୍ରହ କରିବା ଓ ସେସବୁକୁ ଗୋଟିଏ ସ୍ଥାନରେ ନିବେଶ କରିବା
II. ବିଭିନ୍ନ ପରି ସମ୍ପତ୍ତି ବର୍ଗ ମଧ୍ୟରେ ନିଧି ସବୁକୁ ନିବେଶ କରିବା
III. ନିବେଶଗୁଡିକ ମଧ୍ୟରେ ସମୟ ଅନ୍ତରାଳ ରଖିବା
IV. ନିରାପଦ ପରି ସମ୍ପତ୍ତିଗୁଡିକ ମଧ୍ୟରେ ନିବେଶ କରିବା

ସାରାଂଶ

କ) ପରିସମ୍ପତ୍ତି ହେଉଛି ଏକ ପ୍ରକାରର ସମ୍ପତ୍ତି ଯାହା ଏକ ମୂଲ୍ୟ କିମ୍ବା ଏକ ପ୍ରତିଫଳ ପ୍ରଦାନ କରେ ।

ଖ) ଏଚ ଏଲ ଭି ସିଦ୍ଧାନ୍ତ ମାନବ ଜୀବନକୁ ଏକ ପ୍ରକାରର ସମ୍ପତ୍ତି କିମ୍ବା ପରିସମ୍ପତ୍ତି ରୂପେ ବିଚାର କରେ ଯାହାଦ୍ୱାରା ଏକ ଆୟ ଉପାର୍ଜନ କରାଯାଏ । ଏ ପ୍ରକାରେ ଏହା ଏକ ବ୍ୟକ୍ତିର ସମ୍ଭାବ୍ୟ ଗ୍ରାହକ ନେଟ ଭବିଷ୍ୟତ ଉପାର୍ଜନ ଉପରେ ଆଧାର କରି ମାନବ ଜୀବନର ମୂଲ୍ୟକୁ ମାପ କରେ ।

ଗ) ସମତଳ ପ୍ରିମିୟମ ହେଉଛି ଏକ ସ୍ଥିର ପ୍ରିମିୟମ ଯାହାକୁ ଏ ଭଳି ନିର୍ଦ୍ଧାରିତ କରାଯାଏ ଯେ ଏହା ବୟସ ସହିତ ବଢ଼େ ନାହିଁ କିନ୍ତୁ ସାରା ଚୁକ୍ତି ସମୟାବଧି ପାଇଁ ଅପରିବର୍ତ୍ତନୀୟ ରହେ ।

ଘ) ପାରସ୍ପରିକତା/ସହୋପକାରିତା ହେଉଛି ଆର୍ଥିକ ବଜାରରେ ସଙ୍କଟକୁ ହ୍ରାସ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉପାୟ, ଅନ୍ୟଟି ହେଉଛି ବିବିଧତାକରଣ ।

ଙ) ଏକ ଜୀବନ ବୀମା ଚୁକ୍ତିରେ ଗ୍ୟାରେଣ୍ଟିର ତତ୍ତ୍ୱ ସୂଚୀତ କରେ ଯେ ଜୀବନ ବୀମା କଠୋର ବିନିୟମ ଓ କଡ଼ା ପର୍ଯ୍ୟବେକ୍ଷଣ /ନିରୀକ୍ଷଣର ଅଧୀନରେ ଥାଏ ।

ମୂଖ୍ୟ ଶବ୍ଦାବଳୀ

1. ସମ୍ପତ୍ତି/ପରିସମ୍ପତ୍ତି
2. ମାନବ ଜୀବନ ମୂଲ୍ୟ
3. ସମତଳ ପ୍ରିମିୟମ
4. ପାରସ୍ପରିକତା / ସହୋପକାରିତା
5. ବିବିଧତାକରଣ

ସ୍ୱତଃ - ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ଉତ୍ତର ହେଉଛି II ।

ବିବିଧତାକରଣ ବିଭିନ୍ନ ପରିସମ୍ପତ୍ତି ବର୍ଗ ମଧ୍ୟରେ ନିବେଶସବୁକୁ ପ୍ରସାରିତ କରି ଆର୍ଥିକ ବଜାରରେ ସଙ୍କଟଗୁଡିକୁ ହ୍ରାସ କରିବାର ଲକ୍ଷ୍ୟ ରଖେ ।

ସ୍ୱ- ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ନିମ୍ନ ମଧ୍ୟରୁ କେଉଁଟି ଜୀବନ ବୀମା ବ୍ୟବସାୟର ଏକ ତତ୍ତ୍ୱ ନୁହେଁ ?

I. ପରିସମ୍ପତ୍ତି
II. ସଙ୍କଟ

III. ପାରସ୍ପରିକତାର ସିଦ୍ଧାନ୍ତ

IV. ଆର୍ଥିକ ସହାୟତା

ପ୍ରଶ୍ନ 2

କିଏ HLV ର ସିଦ୍ଧାନ୍ତ ର ଅଭିକଳ୍ପନା କରିଥିଲେ ?

I. ଡ. ମାର୍ଟିନ ଲୁଥର କିଙ୍ଗ

II. ୱାରେନ ବଫେଟ

III. ପ୍ରୋ. ହୁବେନର

IV. ଜର୍ଜ ସୋରୋସ

ପ୍ରଶ୍ନ 3

ନିମ୍ନ ଉଲ୍ଲିଖିତ ବୀମା ଯୋଜନାଗୁଡିକ ମଧ୍ୟରୁ କାହାର ପାଖରେ ସଂଚୟ ତତ୍ତ୍ୱ ଅତି କମ ପରିମାଣର ଅଛି କିମ୍ବା ମୋଟା ମୋଟି ନାହିଁ ?

I. ଅବଧି ବୀମା ଯୋଜନା

II. ବୃତ୍ତିଦାନ ଯୋଜନା

III. ସଂପୂର୍ଣ୍ଣ ଜୀବନ ଯୋଜନା

IV. ମନି ବ୍ୟାକ୍ ଯୋଜନା

ପ୍ରଶ୍ନ 4

ନିମ୍ନ ମଧ୍ୟରୁ କେଉଁଟିକୁ ଏକ ପରିସମ୍ପତ୍ତି କୁହାଯାଇପାରିବ ନାହିଁ ?

I. କାର

II. ମାନବ ଜୀବନ

III. ବାୟୁ

IV. ଘର

ପ୍ରଶ୍ନ 5

ନିମ୍ନ ମଧ୍ୟରୁ କେଉଁଟିକୁ ସଙ୍କଟ ଅନ୍ତର୍ଗତ ବର୍ଗୀକୃତ କରାଯାଇ ପାରିବ ନାହିଁ ?

I. ଅତି ଯୁବାବସ୍ଥାରେ ମରିଯିବା

II. ଅତି ଶୀଘ୍ର ମରିଯିବା

III. ସ୍ୱାଭାବିକ ବ୍ୟବହାରରେ ଖରାପ ହେବା

IV. ବିକଳାଙ୍ଗତା ସହିତ ବଞ୍ଚି ରହିବା

ପ୍ରଶ୍ନ 6

ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟା ସତ୍ୟ ଅଟେ ?

I. ଜୀବନ ବୀମା ପଲିସୀସବୁ କ୍ଷତିପୂର୍ତ୍ତିର ଚୁକ୍ତି ଅଟନ୍ତି ଯେତେବେଳେ କି ସାଧାରଣ ବୀମା ପଲିସୀସବୁ ଆଶ୍ୱାସନର ଚୁକ୍ତି ଅଟନ୍ତି

II. ଜୀବନ ବୀମା ପଲିସୀସବୁ ଆଶ୍ୱାସନର ଚୁକ୍ତି ଅଟନ୍ତି ଯେତେବେଳେ କି ସାଧାରଣ ବୀମା ପଲସୀସବୁ କ୍ଷତିପୂର୍ତ୍ତିର ଚୁକ୍ତି ଅଟନ୍ତି

III. ସାଧାରଣ ବୀମା କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରାଯାଇଥିବା ସଙ୍କଟ ଘଟଣା ନିଶ୍ଚିତ ଅଟେ

IV. ସାଧାରଣ ବୀମା କ୍ଷେତ୍ରରେ ସଙ୍କଟ ଘଟଣାର ନିଶ୍ଚିତତା ସମୟ ସହିତ ବଢ଼ିଯାଏ

ପ୍ରଶ୍ନ 7

ନିମ୍ନ ପଦ୍ଧତି ଗୁଡିକ ମଧ୍ୟରୁ କେଉଁଟା ଏକ ପାରମ୍ପରିକ ପଦ୍ଧତି ଅଟେ ଯାହା ଏକ ବ୍ୟକ୍ତି ଆବଶ୍ୟକ କରୁଥିବା ବୀମାକୁ ନିର୍ଦ୍ଧାରିତ କରେ ?

I. ମାନବ ଆର୍ଥିକ ମୂଲ୍ୟ

II. ଜୀବନାବଧି ପ୍ରସ୍ତାବ

III. ମାନବ ଜୀବନ ମୂଲ୍ୟ

IV. ଭବିଷ୍ୟତ ଜୀବନ ମୂଲ୍ୟ

ପ୍ରଶ୍ନ 8

ନିମ୍ନ ମଧ୍ୟରୁ କେଉଁଟା ଏହି ତଥ୍ୟ ପାଇଁ ସର୍ବାଧିକ ଯଥାର୍ଥ ବ୍ୟାଖ୍ୟା ଅଟେ ଯେ ବୃଦ୍ଧ ବ୍ୟକ୍ତିମାନଙ୍କ ତୁଳନାରେ ଯୁବା ବ୍ୟକ୍ତିମାନଙ୍କୁ ଅପେକ୍ଷାକୃତ କମ ପରିମାଣର ଜୀବନ ବୀମା ପ୍ରିମିୟମ ଚାର୍ଜ କରିଯାଏ ?

I. ଯୁବା ବ୍ୟକ୍ତିମାନେ ଅଧିକାଂଶ ରୂପେ ଆଶ୍ରିତ ଥାଆନ୍ତି

II. ବୃଦ୍ଧ ବ୍ୟକ୍ତିମାନେ ଅଧିକ ରାଶି ପ୍ରଦାନ କରିବା ପାଇଁ ସମର୍ଥ

III. ମୃତ୍ୟୁର ସମ୍ବନ୍ଧ ବୟସ ସହିତ ଥାଏ

IV. ବୟସ ସହିତ ମୃତ୍ୟୁର ବିପରୀତ ସମ୍ବନ୍ଧ ଥାଏ

ପ୍ରଶ୍ନ 9

ନିମ୍ନ ମଧ୍ୟରୁ କେଉଁଟା ନଗଦ ମୂଲ୍ୟ ବୀମା ଚୁକ୍ତିର ଏକ ଲାଭ ନୁହେଁ ?

I. ନିରାପଦ ଓ ସୁରକ୍ଷିତ ନିବେଶ

II. ସଂଚୟ ଅନୁଶାସନ ଅନ୍ତର୍ନିବେଶ କରେ

III. ଅପେକ୍ଷାକୃତ କମ ଲାଭ ପ୍ରଦାନ କରେ

IV. ଆୟ କର ଲାଭ

ପ୍ରଶ୍ନ 10

ନିମ୍ନ ମଧ୍ୟରୁ କେଉଁଟା ନଗଦ ମୂଲ୍ୟ ବୀମା ଚୁକ୍ତିକୁ ଏକ ଲାଭ ଅଟେ ?

I. ମୁଦ୍ରାସ୍ଫୀତିର କ୍ଷୟକାରୀ ପ୍ରଭାବର ଅଧୀନରେ ଥିବା ପ୍ରତିଫଳ

II. ପ୍ରାରମ୍ଭିକ ବର୍ଷଗୁଡିକରେ କମ ଜମା

III. ଅପେକ୍ଷାକୃତ କମ ଲାଭ ପ୍ରଦାନ କରେ

IV. ସୁରକ୍ଷିତ ନିବେଶ

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି IV ।

ଜୀବନ ବୀମା ବ୍ୟବସାୟର ତତ୍ତ୍ୱଗୁଡିକରେ ଅନ୍ତର୍ଭୁକ୍ତ ଅଟନ୍ତି ପରିସମ୍ପତ୍ତି, ସଙ୍କଟ, ପାରସ୍ପରିକତାର ସିଦ୍ଧାନ୍ତ ଏବଂ ଜୀବନ ବୀମା ଚୁକ୍ତି ।

ଆର୍ଥିକ ସହାୟତା ଜୀବନ ବୀମା ବ୍ୟବସାୟର ଏକ ତତ୍ତ୍ୱ ନୁହେଁ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି III ।

ପ୍ରୋ. ହୁବେନର ମାନବ ଜୀବନ ମୂଲ୍ୟ (HLV) ର ସିଦ୍ଧାନ୍ତର ଅଭିକଳ୍ପନା କରିଥିଲେ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ଅବଧି ବୀମା ସହିତ ସଂଚୟ ତତ୍ତ୍ୱ ସଂପୃକ୍ତ ନୁହେଁ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ବାୟୁକୁ ଏକ ପରିସମ୍ପତ୍ତି ରୂପେ କୁହାଯାଇ / ବର୍ଗୀକୃତ କରାଯାଇ ପାରିବ ନାହିଁ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

ସ୍ୱାଭାବିକ ବ୍ୟବହାରରେ ଖରାପ ହେବା ଏକ ତଥ୍ୟ / ରୂପ ଅଟେ ଏବଂ ଏକ ସଙ୍କଟ ନୁହେଁ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି II ।

ଜୀବନ ବୀମା ପଲିସୀସବୁ ଆଶ୍ୱାସନର ଚୁକ୍ତି ଅଟନ୍ତି ଯେତେବେଳେ କି ସାଧାରଣ ବୀମା ପଲିସୀସବୁ କ୍ଷତିପୂର୍ତ୍ତିର ଚୁକ୍ତି ଅଟନ୍ତି ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ମାନବ ଜୀବନ ମୂଲ୍ୟ ଏକ ବ୍ୟକ୍ତି ଆବଶ୍ୟକ କରୁଥିବା ବୀମାର ପରିମାଣକୁ ନିର୍ଦ୍ଧାରିତ କରିବା ଏକ ପଦ୍ଧତି ଅଟେ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି III ।

ମୃତ୍ୟୁର ସମ୍ବନ୍ଧ ବୟସ ସହିତ ଥାଏ ଏବଂ ତେଣୁକରି ବୃଦ୍ଧ ବ୍ୟକ୍ତିମାନଙ୍କ ତୁଳନାରେ ଯୁବା ବ୍ୟକ୍ତି, ଯେଉଁମାନଙ୍କ ମରିବା ସମ୍ଭାବନା ଅପେକ୍ଷାକୃତ କମ, ସେମାନଙ୍କୁ ଅପେକ୍ଷାକୃତ କମ ପରିମାଣର ପ୍ରିମିୟମ ଚାର୍ଜ କରାଯାଏ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି III ।

ଅପେକ୍ଷାକୃତ କମ ଲାଭ ନଗଦ ମୂଲ୍ୟ ବୀମା ଚୁକ୍ତିର ଏକ ହାନି ଅଟେ ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି IV ।

ସୁରକ୍ଷିତ ନିବେଶ ନଗଦ ମୂଲ୍ୟ ବୀମା ଚୁକ୍ତିର ଏକ ଲାଭ ଅଟେ ।

ଅଧ୍ୟାୟ 7

ଆର୍ଥିକ ଯୋଜନା

ଅଧ୍ୟାୟ ପରିଚୟ

ପୂର୍ବବର୍ତ୍ତୀ ଅଧ୍ୟାୟଗୁଡିକରେ ଆମେ ଆଲୋଚନା କରିଛୁ ଯେ ଜୀବନ ବୀମା ସହିତ କ'ଣ ଜଡିତ ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରିବାରେ ଏହାର ଭୂମିକା କ'ଣ ଅଟେ । ସେହି ବ୍ୟକ୍ତି ଯେଉଁମାନେ ବର୍ତ୍ତମାନ ଓ ଭବିଷ୍ୟତର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନଙ୍କ ଆୟ ଓ ଧନକୁ ବିନିୟୋଜିତ କରିବା ପାଇଁ ଚାହାଁନ୍ତି, ସେମାନଙ୍କ ଅନେକ ଚିନ୍ତା ମଧ୍ୟରୁ ସୁରକ୍ଷା ଗୋଟିଏ ଅଟେ । ଜୀବନ ବୀମାକୁ ଏ ପ୍ରକାରେ " ବ୍ୟକ୍ତିଗତ ଆର୍ଥିକ ଯୋଜନା" ର ବ୍ୟାପକ ପ୍ରସଙ୍ଗରେ ବୁଝିବା ଆବଶ୍ୟକ । ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ଆର୍ଥିକ ଯୋଜନାର ବିଷୟ ସହିତ ପରିଚିତ କରାଇବା ।

ଅଧ୍ୟୟନ ପରିଣାମ

କ. ଆର୍ଥିକ ଯୋଜନା ଏବଂ ବ୍ୟକ୍ତିଗତ ଜୀବନ ଚକ୍ର
ଖ. ଆର୍ଥିକ ଯୋଜନା ର ଭୂମିକା
ଗ. ଆର୍ଥିକ ଯୋଜନା ର ପ୍ରକାର

କ. ଆର୍ଥିକ ଯୋଜନା ଏବଂ ବ୍ୟକ୍ତିଗତ ଜୀବନ ଚକ୍ର

1. ଆର୍ଥିକ ଯୋଜନା କ'ଣ ଅଟେ ?

ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଆମ ଜୀବନର ଅଧିକାଂଶ ଭାଗ ଧନ ଅର୍ଜନ କରିବାରେ ବିତାଉ । ଏହା ବିଚାର କରିବାକୁ ଆରମ୍ଭ କରିବା ପାଇଁ ଏହା ଉଚିତ ସମୟ ନୁହେଁ କି ଯେ ଆମେ ଧନକୁ ଆମ ର କାର୍ଯ୍ୟରେ ଲଗାଇ ପାରିବା ? ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଆର୍ଥିକ ଯୋଜନା ହେଉଛି ଏକ ତୀକ୍ଷଣ ଉପାୟ । ଆସନ୍ତୁ କେତେକ ପରିଭାଷାକୁ ପରୀକ୍ଷା କରିବା ।

ପରିଭାଷା

i. ଆର୍ଥିକ ଯୋଜନା ହେଉଛି ଜଣକର ଜୀବନର ଲକ୍ଷ୍ୟଗୁଡିକୁ ଚିହ୍ନଟ କରିବା, ଏହି ଚିହ୍ନଟ କରାଯାଇଥିବା ଲକ୍ଷ୍ୟଗୁଡିକୁ ଆର୍ଥିକ ଲକ୍ଷ୍ୟରେ ରୂପାନ୍ତରିତ କରିବା ଏବଂ ଜଣକର ଅର୍ଥକୁ ସେହି ଉପାୟରେ ପ୍ରବନ୍ଧ କରିବା ଯାହା ସେହି ଲକ୍ଷ୍ୟଗୁଡିକୁ ହାସଲ କରିବାରେ ଜଣକୁ ସାହାଯ୍ୟ କରିବାର ଏକ ପ୍ରକ୍ରିୟା ।

ii. ଆର୍ଥିକ ଯୋଜନା ହେଉଛି ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ଜଣେ ତା'ଜୀବନର ସମ୍ଭାବ୍ୟ ଗ୍ରାହକ ଓ ଅସମ୍ଭାବ୍ୟ ଗ୍ରାହକ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏକ ରାସ୍ତାମ୍ୟାପ ପ୍ରସ୍ତୁତ କରିପାରିବ । ଏଥିରେ ଜଣକର ଶୁଦ୍ଧ ଯୋଗ୍ୟତାକୁ ମୂଲ୍ୟାଙ୍କନ କରିବା, ଭବିଷ୍ୟତ ଆର୍ଥିକ ଆବଶ୍ୟକତାସବୁର ଆକଳନ କରିବା, ଏବଂ ଅର୍ଥର ଯଥାର୍ଥ ପ୍ରବନ୍ଧ ମାଧ୍ୟମରେ ସେହି ଆବଶ୍ୟକତାସବୁକୁ ପୂରଣ କରିବାର କାର୍ଯ୍ୟ କରିବା ଜଡିତ ଥାଏ ।

iii. ଆର୍ଥିକ ଯୋଜନା ହେଉଛି ଜଣକର ଲକ୍ଷ୍ୟ ଓ ଅଭିଳାଷକୁ ବାସ୍ତବତାରେ ପରିଣତ କରିବା ପାଇଁ ପଦକ୍ଷେପ ନେବା ।

iv. ଆର୍ଥିକ ଯୋଜନା ଜଣେ ବ୍ୟକ୍ତିର ଚଳିତ ଓ ଭବିଷ୍ୟତ ଆବଶ୍ୟକତା, ତା' ବ୍ୟକ୍ତିଗତ ସଙ୍କଟ ପ୍ରୋଫାଇଲ ଏବଂ ଏହି ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏକ ରାସ୍ତାମ୍ୟାପ ପ୍ରସ୍ତୁତ କରିବା ପାଇଁ ତା' ଆୟକୁ ଧ୍ୟାନରେ ରଖେ ।

ଆର୍ଥିକ ଯୋଜନା ଏକ ଜୀବନକୁ କମ ଚିନ୍ତା ସହିତ ନିର୍ମିତ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ଧ୍ୟାନପୂର୍ବକ କରାଯାଇଥିବା ଯୋଜନା ଆପଣଙ୍କୁ ଆପଣଙ୍କ ପ୍ରାଥମିକତା ନିର୍ଦ୍ଧାରିତ କରିବାରେ ଏବଂ ଆପଣଙ୍କ ବିଭିନ୍ନ ଲକ୍ଷ୍ୟକୁ ହାସଲ କରିବାରେ ସାହାଯ୍ୟ କରିପାରେ ।

ଚିତ୍ର 1 : ଲକ୍ଷ୍ୟଗୁଡିକର ପ୍ରକାର

i. ଏହି ଲକ୍ଷ୍ୟ ସବୁ ଅଳ୍ପାବଧି ହୋଇପାରେ : ଏକ LCD ଟିଭି ସେଟ କିଣିବା କିମ୍ବା ଏକ ପରିବାର ଦୀର୍ଘକାଳୀନ ଛୁଟିରେ ଯିବା

ii. ଏଗୁଡିକ ମଧ୍ୟମାବଧି ହୋଇପାରେ : ଏକ ଘର କିଣିବା କିମ୍ବା ବିଦେଶରେ ଏକ ଦୀର୍ଘକାଳୀନ ଛୁଟି

iii. ଦୀର୍ଘାବଧି ଲକ୍ଷ୍ୟସବୁ ସମ୍ମିଳିତ କରିପାରେ : ଜଣକର ସନ୍ତାନର ଶିକ୍ଷା କିମ୍ବା ବିବାହ କିମ୍ବା ଅବସରଗ୍ରହଣ ପରବର୍ତ୍ତୀ ପ୍ରାବଧାନ

2. ବ୍ୟକ୍ତିର ଜୀବନ ଚକ୍ର

ସେ ହେଉଛନ୍ତି ୱିଲିୟମ ସେକ୍ସପିଅର ଯିଏ କହିଥିଲେ ଯେ ସଂସାର ଏକ ରଙ୍ଗମଞ୍ଚ ଅଟେ । ଯେଉଁଦିନ ଏକ ବ୍ୟକ୍ତି ଜନ୍ମ ନିଏ, ସେହି ଦିନ ଠାରୁ ତାର ମୃତ୍ୟୁ ପର୍ଯ୍ୟନ୍ତ, ସେ ଜୀବନର ବିଭିନ୍ନ ସୋପାନ ଦେଇ ଗତି କରେ, ଯେଉଁ ସମୟାବଧି ମଧ୍ୟରେ ତାକୁ ଭୂମିକାର ଏକ ଶୃଙ୍ଖଳା ଗ୍ରହଣ କରିବାର ପ୍ରତ୍ୟାଶା ରଖାଯାଏ – ବିଦ୍ୟାର୍ଥୀ, ଉପାର୍ଜନକର୍ତ୍ତା, ଜୀବନସାଥୀ, ପିତା/ମାତା ରୂପେ, ପ୍ରାବଧାନକର୍ତ୍ତା ରୂପେ, ରିକ୍ତ ଆବାସୀ ରୂପେ ଏବଂ ଅନ୍ତିମ ଅବସରଗ୍ରହଣ ବର୍ଷସବୁ ।

ଏହି ସୋପାନଗୁଡିକ ନିମ୍ନରେ ଦିଆଯାଇଥିବା ଚିତ୍ରଦ୍ୱାରା ଦୃଷ୍ଟାନ୍ତ ଦିଆଯାଇଛି ।

ଚିତ୍ର 2 : ଆର୍ଥିକ ଜୀବନ ଚକ୍ର



[ବିଦ୍ୟାର୍ଥୀ] [ଉପାର୍ଜନକର୍ତ୍ତା] [ଜୀବନସାଥୀ] [ପିତା/ମାତା] [ପ୍ରାବଧାନକର୍ତ୍ତା] [ରିକ୍ତ ଆବାସୀ] [ଅପକ୍ଷୟ ବର୍ଷ]

ଜୀବନ ସୋପାନ ଏବଂ ପ୍ରାଥମିକତାସବୁ

କ) **ବିଦ୍ୟାର୍ଥୀ (ଧରନ୍ତୁ ବୟସ 20-25 ପର୍ଯ୍ୟନ୍ତ) :** ଏକ ସୋପାନ ଯେତେବେଳେ ଜଣେ ବ୍ୟକ୍ତି ତାର ଜ୍ଞାନ ଓ କୌଶଳକୁ ବୃଦ୍ଧିକରି ଏକ ଉତ୍ପାଦନକ୍ଷମ ନାଗରିକ ହେବାପାଇଁ ପ୍ରସ୍ତୁତ ହୁଏ । କିରଣ କେନ୍ଦ୍ର ହେଉଛି ତାହାର ମାନବୀୟ ପୁଞ୍ଜିର ମୂଲ୍ୟ ବୃଦ୍ଧି କରିବା । ତା' ଶିକ୍ଷା ଲାଗି ଅର୍ଥ ଯୋଗାଇବା ପାଇଁ ନିଧି ଆବଶ୍ୟକ । ଉଦାହରଣ ସ୍ୱରୂପ, ଏକ ଗୌରବଶାଳୀ ପ୍ରବନ୍ଧନ ଅନୁଷ୍ଠାନରେ ଏମ୍.ବି.ଏ. ପାଇଁ ଅଧିକ ମୂଲ୍ୟର ଶୁଳ୍କକୁ ପୂରଣ କରିବା ।

ଖ) **ଉପାର୍ଜନକର୍ତ୍ତା (25 ବର୍ଷଠାରୁ ଆଗକୁ):** ସୋପାନ ଯେତେବେଳେ ଜଣେ ବ୍ୟକ୍ତି ନିଯୁକ୍ତି ପ୍ରାପ୍ତ ହୋଇଛି ଓ ହୁଏତ ତା' ଆବଶ୍ୟକତାସବୁକୁ ପୂରଣ କରିବାକୁ ଯଥେଷ୍ଟ ଉପାର୍ଜନ କରେ ଏବଂ ଖର୍ଚ୍ଚ କରିବାକୁ ତା'ପାଖରେ ଅତିରିକ୍ତ ଅର୍ଥ ମଧ୍ୟ ଅଛି । ଏହି ଅବସ୍ଥାରେ ବ୍ୟକ୍ତିର ପରିବାର ଦାୟିତ୍ୱସବୁ ଥାଇପାରେ ଏବଂ ନିକଟସ୍ଥ

ଭବିଷ୍ୟତରେ ଉତ୍ପନ୍ନ ହେବାର ସମ୍ଭାବନା ଥିବା ଆବଶ୍ୟକତାସବୁକୁ ପୂରଣ କରିବା ଉଦ୍ଦେଶ୍ୟରେ ପରିସମ୍ପତ୍ତି ସୃଷ୍ଟି ପାଇଁ ସଂଚୟ ଓ ନିବେଶରେ ମଧ୍ୟ ବ୍ୟସ୍ତ ରହିପାରେ । ଉଦାହରଣ ସ୍ୱରୂପ, ଏକ ବହୁରାଷ୍ଟ୍ରୀୟ ଚାକିରୀରେ ଥିବା ଏକ ଯୁବକ ଏକ ଗୃହ ଋଣ ନିଏ ଏବଂ ଏକ ଗୃହରେ ନିବେଶ କରେ ।

ଗ) **ଜୀବନସାଥୀ (ଧରନ୍ତୁ 28-30 ରେ ବିବାହ ହେବା ପରେ) :** ଏହା ସେହି ସୋପାନ ଅଟେ ଯେତେବେଳେ ଜଣେ ବ୍ୟକ୍ତି ବିବାହ କରିଛି ଏବଂ ବର୍ତ୍ତମାନ ତା' ନିଜର ଏକ ପରିବାର ଅଛି । ଏହି ସୋପାନ ଏକ ପରିବାର ନିର୍ମାଣ କରିବା ଓ ଏହାର ଜାଗରଣରେ ଆସୁଥିବା ଦାୟିତ୍ୱ ସହିତ ସଂପୃକ୍ତ ବିଷୟଗୁଡିକର ଏକ ସମୂହକୁ ନିକଟତମ କେନ୍ଦ୍ରବିନ୍ଦୁକୁ ଆଣେ – ଯେପରିକି ନିଜର ଏକ ଘର ହେବା, ହୁଏତ ଏକ କାର, ଉପଭୋକ୍ତା ସ୍ଥାୟୀବସ୍ତୁ ହେବା, ପିଲାମାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବା ଇତ୍ୟାଦି ।

ଘ) **ପିତା/ମାତା (ଧରନ୍ତୁ 28 - 35) :** ଏଗୁଡିକ ସେହି ବର୍ଷ ଅଟେ ଯେତେବେଳେ ଜଣେ ବ୍ୟକ୍ତି ଏକ କିମ୍ବା ଅଧିକ ସନ୍ତାନର ଗୌରବଶାଳୀ ପିତା/ମାତା ହୋଇଥାଏ । ଏଗୁଡିକ ବିଶିଷ୍ଟ ବର୍ଷ ଅଟେ ଯେତେବେଳେ ବ୍ୟକ୍ତିକୁ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା- ସେମାନଙ୍କୁ ଉତ୍ତମ ସ୍କୁଲରେ ଭର୍ତ୍ତି କରିବା ଇତ୍ୟାଦି ସମ୍ବନ୍ଧରେ ଚିନ୍ତିତ ହେବାକୁ ପଡ଼େ ।

ନିମ୍ନ ପଲିସୀ ମଧ୍ୟରୁ କିଏ ଗୃହ ଋଣ କର୍ତ୍ତାମାନଙ୍କୁ ସୁରକ୍ଷା ପ୍ରଦାନ କରିପାରେ ?

I. ଜୀବନ ବୀମା
II. ବିକଳାଙ୍ଗତା ବୀମା
III. ବନ୍ଧକ ବିମୋଚନ ବୀମା
IV. ସାଧାରଣ ବୀମା

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

କି ମ୍ୟାନ ବୀମା ପଲିସୀ ଅନ୍ତର୍ଗତ ବୀମା ରାଶିକୁ ସାଧାରଣତଃ ବ୍ୟବସାୟ ଲାଭଦାୟିକତା ସହିତ ସଂଯୁକ୍ତ କରାଯାଏ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି II ।

ବନ୍ଧକ ବିମୋଚନ ବୀମା (MRI) କୁ ହ୍ରାସମାନ ଅବଧି ଜୀବନ ବୀମା ଅନ୍ତର୍ଗତ ବର୍ଗୀକୃତ କରାଯାଇପାରେ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି II ।

ବିସ୍ତାରିତ ସମୟାବଧି ସମ୍ବନ୍ଧୀୟ ହାନି, ଯେତେବେଳେ ଏକ ମୁଖ୍ୟ ବ୍ୟକ୍ତି କାମ କରିବାରେ ଅସମର୍ଥ ହୁଏ, ସବୁକୁ କିମ୍ୟାନ ବୀମା ଅନ୍ତର୍ଗତ ସଂରକ୍ଷିତ କରାଯାଏ ।

ଉତ୍ତର 4

ସଠିକ ବିକଳ୍ପ ହେଉଛି II ।

ଯଦି ପଲିସୀଧାରୀ ପଲିସୀ ଅନ୍ତର୍ଗତ ଲାଭସବୁକୁ ପ୍ରାପ୍ତ ଓ ପରିଚାଳନା କରିବା ପାଇଁ ଏକ ବିଶେଷ ଟ୍ରଷ୍ଟିକୁ ନିଯୁକ୍ତ ନ କରେ, ପଲିସୀ ଅନ୍ତର୍ଗତ ସୁରକ୍ଷିତ ରାଶି ରାଷ୍ଟ୍ରର ସରକାରୀ ଟ୍ରଷ୍ଟିକୁ ପ୍ରଦାନଯୋଗ୍ୟ ହୋଇଥାଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

MWP ଅଧିନିୟମ ର ଅନୁଭାଗ 6 ଅନ୍ତର୍ଗତ କିଣାଯାଇଥିବା ଅବଧି ଜୀବନ ବୀମା ପଲିସୀ ନ୍ୟାୟାଳୟ ସଂଲଗ୍ନ ଓ ଋଣଦାତାମାନଙ୍କ ପୁହଞ୍ଚ ବାହାରେ ଅଟେ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି II ।

ପରିପକ୍ୱତା ଦାବୀ ଚେକ୍ ଗୁଡିକ ଟ୍ରଷ୍ଟିମାନଙ୍କୁ ପ୍ରଦାନ କରାଯାଏ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି II ।

ମୃତ୍ୟୁ ଦାବୀଗୁଡିକ ଟ୍ରଷ୍ଟିମାନଙ୍କ ସପକ୍ଷରେ ସମାଧାନ କରାଯାଏ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି II ।

ଅଜୟକୁ ପ୍ରଦାନଯୋଗ୍ୟ ଲାଭ ସହିତ କିମ୍ୟାନ ଜୀବନ ବୀମାକୁ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରୂପେ କାଟିବାଯୋଗ୍ୟ ବୋଲି ବିବେଚିତ କରାଯିବ ନାହିଁ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି II ।

ସେହି ଋଣକର୍ତ୍ତା ଯେଉଁମାନେ ସେମାନଙ୍କ ସମ୍ପତ୍ତିକୁ ଆନୁସଙ୍ଗିକ ରୂପେ ବନ୍ଧକ ରଖନ୍ତି, ସେମାନଙ୍କ ଉପରେ ସୁଧ ଲଗାଇବା କିନ୍ତୁ ସମ୍ପତ୍ତିକୁ ସେମାନଙ୍କ ଅଧୀନରେ ରଖିବା ପ୍ରଥାକୁ ବନ୍ଧକ କହନ୍ତି ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି III ।

ବନ୍ଧକ ବିମୋଚନ ବୀମା ଗୃହ ଋଣ କର୍ତ୍ତାମାନଙ୍କୁ ସୁରକ୍ଷା ପ୍ରଦାନ କରିପାରେ ।

ଅଧ୍ୟାୟ 11

ଜୀବନ ବୀମାରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ମୂଲ୍ୟାଙ୍କନ / ମୂଲ୍ୟାୟନ

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀକୁ ସେହି ମୂଳଭୂତ ତତ୍ତ୍ୱଗୁଡିକ ସହିତ ପରିଚିତ କରାଇବା ଯେଉଁଗୁଡିକ ଜୀବନ ବୀମା ଚୁକ୍ତିସବୁର ମୂଲ୍ୟ ନିର୍ଦ୍ଧାରଣ ଏବଂ ଲାଭ ସହିତ ସଂପୃକ୍ତ ଅଟନ୍ତି । ଆମେ ପ୍ରଥମେ ସେହି ତତ୍ତ୍ୱଗୁଡିକ ବିଷୟରେ ଆଲୋଚନା କରିବା ଯାହା ପ୍ରିମିୟମ ଗଠନ କରିଥାନ୍ତି ଏବଂ ତାପରେ ଅଧିଶେଷ ଓ ବୋନସର ସିଦ୍ଧାନ୍ତ ଉପରେ ଆଲୋଚନା କରିବା ।

ଅଧ୍ୟୟନ ପରିଣାମଗୁଡିକ

କ. ବୀମା ମୂଲ୍ୟ ନିର୍ଦ୍ଧାରଣ – ମୂଳଭୂତ ତତ୍ତ୍ୱସବୁ
ଖ. ଅଧିଶେଷ ଏବଂ ବୋନସ

କ. ବୀମା ମୂଲ୍ୟ ନିର୍ଦ୍ଧାରଣ – ମୂଳଭୂତ ତତ୍ତ୍ୱସବୁ

1. ପ୍ରିମିୟମ

ସାଧାରଣ ଭାଷାରେ, ଏହି ପଦ ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମିତ ଦ୍ୱାରା ଏକ ବୀମା ପଲିସୀ କ୍ରୟ କରିବାରେ ପ୍ରଦାନ କରାଯାଏ । ଏହାକୁ ସାଧାରଣତଃ ବୀମା ରାଶିର ପ୍ରତି ଏକ ହଜାର ଟଙ୍କା ହାରରେ ପ୍ରକାଶ କରାଯାଏ । ଏହି ପ୍ରିମିୟମ ହାରସବୁ ହାରର ସାରଣୀ ଆକାରରେ ଉପଲବ୍ଧ ହୁଏ

ଚିତ୍ର 1 : ପ୍ରିମିୟମ



ଯେଉଁ ହାର/ ମୂଲ୍ୟ ସବୁ ଏହି ସାରଣୀଗୁଡିକରେ ପ୍ରିଣ୍ଟ ହୋଇଥାଏ, ସେଗୁଡିକୁ **"ଅଫିସ ପ୍ରିମିୟମ"** କୁହାଯାଏ । ଏଗୁଡିକ ସାଧାରଣତଃ ସମାନ ବାର୍ଷିକ ପ୍ରିମିୟମ ଅଟନ୍ତି ଯାହାକୁ ପ୍ରତି ବର୍ଷ ପ୍ରଦାନ କରିବା ଆବଶ୍ୟକ । ଅଧିକାଂଶ କ୍ଷେତ୍ରରେ ଏଗୁଡିକ ଅବଧି ସାରା ସାମାନ ଥାଏ ଏବଂ ଏକ ବାର୍ଷିକ ହାର ରୂପେ ପ୍ରକାଶ କରାଯାଏ ।

ଉଦାହରଣ

ଯଦି ଏକ ଦତ୍ତ ଆୟୁ ପାଇଁ ଏକ କୋଡିଏ ବର୍ଷର ବୃତ୍ତିଦାନ/ବନ୍ଦୋବସ୍ତୀ ପଲିସୀ ପାଇଁ ପ୍ରିମିୟମ ଟ 4,000 ହୁଏ, ଏହାର ଅର୍ଥ ହେଉଛି ଯେ ପ୍ରତିବର୍ଷ ଟ 4,000 ଲେଖାଏଁ କୋଡିଏ ବର୍ଷ ପାଇଁ ପ୍ରଦାନ କରିବାକୁ ପଡିବ ।

ଅବଶ୍ୟ କେତେକ ପଲିସୀ ଥିବା ସମ୍ଭବ ଅଟେ ଯେଉଁଥିରେ ପ୍ରିମିୟମସବୁ କେବଳ ପ୍ରଥମ କେତେକ ବର୍ଷରେ ପ୍ରଦାନ କରିବାକୁ ପଡ଼େ । କମ୍ପାନୀମାନଙ୍କ ପାଖରେ ଏକମାତ୍ର ପ୍ରିମିୟମ ଚୁକ୍ତିସବୁ ମଧ୍ୟ ରହିଛି ଯେଉଁଠି କେବଳ ଗୋଟିଏ ପ୍ରିମିୟମ ଚୁକ୍ତିର ଆରମ୍ଭରେ ଦେୟ ହୋଇଥାଏ ଏହି ପଲିସୀଗୁଡିକ ସାଧାରଣତଃ ନିବେଶ ଉନ୍ମୁଖ ହୋଇଥାନ୍ତି ।

2. ରିବେଟ (ଛୁଟ)

ଜୀବନ ବୀମା କମ୍ପାନୀମାନେ ଦେୟ ପ୍ରିମିୟମ ଉପରେ କେତେକ ପ୍ରକାରର ରିବେଟ (ଛୁଟ) ମଧ୍ୟ ପ୍ରଦାନ କରିପାରନ୍ତି ।

ସେଭଳି ଦୁଇ ପ୍ରକାରର ରିବେଟ ହେଉଛି :

- ✓ ବୀମା ରାଶି ପାଇଁ
- ✓ ପ୍ରିମିୟମ ପ୍ରଣାଳୀ ପାଇଁ

କ) ବୀମା ରାଶି ପାଇଁ ରିବେଟ

ବୀମା ରାଶି ପାଇଁ ରିବେଟ ସେମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ଅଧିକ ବୀମାରାଶି ପଲିସୀ କ୍ରୟ କରନ୍ତି । ଏହାକୁ ଗ୍ରାହକକୁ ସେହି ଲାଭସବୁ ଦେବାର ଏକ ଉପାୟ ରୂପେ ପ୍ରଦାନ କରାଯାଏ ଯାହାକୁ ବୀମାକର୍ତ୍ତା ଉଚ୍ଚତର ମୂଲ୍ୟର ପଲିସୀସବୁ ଦେବା ସମୟରେ ପ୍ରାପ୍ତ ହୋଇଥାଏ । ଏହାର କାରଣ ବହୁତ ସରଳ ଅଟେ । ଏକ ବୀମାକର୍ତ୍ତା ଟ 50,000 ହେଉ କିମ୍ବା ଟ 5,00,000 ପାଇଁ ଏକ ପଲିସୀର କାର୍ଯ୍ୟ କରିଥାଉ, ଉଭୟ ପାଇଁ ଆବଶ୍ୟକ ପରିଶ୍ରମର ପରିମାଣ, ଏବଂ ଫଳସ୍ୱରୂପ, ଏହି ପଲିସୀଗୁଡିକର ପ୍ରୋସେସିଙ୍ଗର ମୂଲ୍ୟ ସମାନ ହିଁ ରହେ । କିନ୍ତୁ ଉଚ୍ଚତର ବୀମା ରାଶିର ପଲିସୀସବୁ ଅଧିକ ପ୍ରିମିୟମ ଉପାର୍ଜିତ କରନ୍ତି ଏବଂ ତେଣୁ ଅଧିକ ଲାଭ ଅର୍ଜନ କରନ୍ତି ।

ଖ) ପ୍ରିମିୟମ ପ୍ରଣାଳୀ ପାଇଁ ରିବେଟ

ସେହିଭଳି ପ୍ରିମିୟମର ପ୍ରଣାଳୀ ପାଇଁ ଏକ ରିବେଟ ପ୍ରଦାନ କରାଯାଇପାରେ । ଜୀବନ ବୀମା କମ୍ପାନୀମାନେ ପ୍ରିମିୟମଗୁଡିକୁ ବାର୍ଷିକ, ଅର୍ଦ୍ଧ-ବାର୍ଷିକ, ତୈମାସିକ କିମ୍ବା ମାସିକ ଆଧାରରେ ପ୍ରଦାନ କରିବାର ସ୍ୱୀକୃତି ଦେଇ ପାରନ୍ତି । ପ୍ରିମିୟମ ପ୍ରଣାଳୀ ଯେତେ ବାରମ୍ବାର ହେବ, ସେବା ମୂଲ୍ୟ ସେତେ ଅଧିକ ହେବ । ବାର୍ଷିକ ଓ ଅର୍ଦ୍ଧ ବାର୍ଷିକ ପ୍ରଣାଳୀରେ ସଂଗ୍ରହ ଓ ଲେଖାବିଧି ବର୍ଷକୁ କେବଳ ଥରେ ଜଡିତ ଥାଏ ଯେତେବେଳେ କି ତୈମାସିକ ଓ ମାସିକ ପ୍ରଣାଳୀର ଅର୍ଥ ହେଉଛି ପ୍ରକ୍ରିୟା ଅଧିକ ବାରମ୍ବାର ଅଟେ । ତୈମାସିକ ଓ ମାସିକ ପ୍ରଣାଳୀ ତୁଳନାରେ ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ ପ୍ରିମିୟମ ଏ ପ୍ରକାରେ ପ୍ରଶାସନିକ ମୂଲ୍ୟରେ ସଂଚୟରେ ସମର୍ଥ ହୁଏ । ସର୍ବୋପରି, ବାର୍ଷିକ ପ୍ରଣାଳୀରେ, ବୀମାକର୍ତ୍ତା ଏହି ରାଶିକୁ ସମଗ୍ର ବର୍ଷ ମଧ୍ୟରେ ଉପଯୋଗ କରିପାରେ ଏବଂ ଏହା ଉପରେ ସୁଧ ଅର୍ଜନ କରିପାରେ । ତେଣୁ ବୀମାକର୍ତ୍ତାମାନେ ବାର୍ଷିକ ଓ ଅର୍ଦ୍ଧବାର୍ଷିକ ପ୍ରଣାଳୀ ଉପରେ ରିବେଟର ସ୍ୱୀକୃତି ଦେଇ ଏଗୁଡିକ ମାଧ୍ୟମରେ ଦେୟପ୍ରଦାନକୁ ପ୍ରୋତ୍ସାହିତ କରନ୍ତି । ସେମାନେ ସଂପୃକ୍ତ ପ୍ରଶାସନିକ ଖର୍ଚ୍ଚକୁ ସୁରକ୍ଷିତ କରିବା ପାଇଁ ମାସିକ ପ୍ରକାରର ପ୍ରଦାନ- ପାଇଁ କିଛି ଅତିରିକ୍ତ ମଧ୍ୟ ଚାର୍ଜ କରିପାରନ୍ତି ।

3. ଅତିରିକ୍ତ ଚାର୍ଜ

ସାରଣୀ ଅନ୍ତର୍ଭୁକ୍ତ ପ୍ରିମିୟମ ବୀମିତ ବ୍ୟକ୍ତିମାନଙ୍କ ଏକ ସମୂହ ପାଇଁ ଚାର୍ଜ କରାଯାଏ ଯେଉଁମାନେ କୌଣସି ମହତ୍ତ୍ୱପୂର୍ଣ୍ଣ କାରକ ଅନ୍ତର୍ଗତ ନ ଥାନ୍ତି ଯାହା ଏକ ଅତିରିକ୍ତ ସଙ୍କଟ ପ୍ରଦର୍ଶିତ କରିବ । ସେଭଳି ବୈୟକ୍ତିକ ଜୀବନମାନଙ୍କୁ ମାନକ ଜୀବନ କୁହାଯାଏ ଏବଂ ଚାର୍ଜ କରାଯାଉଥିବା ମୂଲ୍ୟକୁ ସାଧାରଣ ମୂଲ୍ୟ କୁହାଯାଏ ।

ଯଦି ବୀମା ପ୍ରସ୍ତାବ ଦେଉଥିବା ଏକ ବ୍ୟକ୍ତି ହୃପ୍ପିଣ୍ଡ ରୋଗ କିମ୍ବା ମଧୁମେହ ଭଳି କେତେକ ହୃଦୟ ସମସ୍ୟାରେ ପୀଡିତ ଥାଏ, ଯାହା ତା' ଜୀବନ ପାଇଁ ଏକ ଆପଦ ହୋଇପାରେ, ସେଭଳି ଜୀବନକୁ ଅନ୍ୟ ମାନକ ଜୀବନ ତୁଳନାରେ ଉପ-ମାନକ ବୋଲି ବିଚାର କରାଯାଏ, ବୀମାକର୍ତ୍ତା ଏକ ସ୍ୱାସ୍ଥ୍ୟ ଅତିରିକ୍ତ ରୂପେ ଏକ ଅତିରିକ୍ତ ପ୍ରିମିୟମ ଲାଗୁକରିବା ପାଇଁ ନିଷ୍ପତ୍ତି ନେଇପାରେ । ସେହିଭଳି ଏକ ବ୍ୟବସାୟିକ ଅତିରିକ୍ତ ସେମାନଙ୍କ ଉପରେ ଲାଗୁ କରାଯାଇପାରେ ଯେଉଁମାନେ ଏକ ସର୍କସ ଏକ୍ରୋବେଟ ଭଳି ଏକ ଆପଦପୂର୍ଣ୍ଣ ବ୍ୟବସାୟରେ ନିଯୁକ୍ତ ଥାଆନ୍ତି । ଏହିସବୁ ଅତିରିକ୍ତ ପ୍ରିମିୟମର ପରିଣାମ ସାରଣୀ ଅନ୍ତର୍ଭୁକ୍ତ ପ୍ରିମିୟମଠାରୁ ଅଧିକ ପ୍ରିମିୟମ ହୋଇପାରେ ।

ପୁନଶ୍ଚ, ଏକ ବୀମାକର୍ତ୍ତା ଏକ ପଲିସୀ ଅନ୍ତର୍ଗତ କିଛି ଅତିରିକ୍ତ ଲାଭ ପ୍ରଦାନ କରିପାରେ, ଯେଉଁଗୁଡିକ ଏକ ଅତିରିକ୍ତ ପ୍ରିମିୟମ ପ୍ରଦାନରେ ଉପଲବ୍ଧ ହୋଇଥାନ୍ତି ।

ଉଦାହରଣ

ଏକ ଜୀବନ ବୀମାକର୍ତ୍ତା ଏକ ଦ୍ୱିଗୁଣିତ ଦୁର୍ଘଟଣା ଲାଭ କିମ୍ବା DAB ପ୍ରଦାନ କରିପାରେ (ଯେଉଁଠି ଏକ ଦାବୀ ରୂପେ ବୀମା ରାଶିର ଦ୍ୱିଗୁଣ ପ୍ରଦାନଯୋଗ୍ୟ ହୁଏ ଯଦି ମୃତ୍ୟୁ ଏକ ଦୁର୍ଘଟଣା କାରଣରୁ ହୋଇଥାଏ) । ଏଥି ପାଇଁ ଏକ ଟଙ୍କା ପ୍ରତି ହଜାର ବୀମା ରାଶିର ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରିପାରେ ।

ସେହିଭଳି ପ୍ରତି ହଜାର ବୀମା ରାଶିରେ ଏକ ଅତିରିକ୍ତ ପ୍ରଦାନ କରି ସ୍ଥାୟୀ ବିକଳାଙ୍ଗତା ଲାଭ (PDB) ରୂପେ ଏକ ଲାଭ ଉପଲବ୍ଧ କରାଯାଇପାରେ ।

4. ପ୍ରିମିୟମ ନିର୍ଦ୍ଧାରଣ କରିବା

ଆସନ୍ତୁ ବର୍ତ୍ତମାନ ପରୀକ୍ଷା କରିବା ଜୀବନ ବୀମାକର୍ତ୍ତାମାନେ କେମିତି ସେହି ହାର/ମୂଲ୍ୟସବୁର ନିର୍ଦ୍ଧାରଣ କରନ୍ତି ଯେଉଁସବୁକୁ ପ୍ରିମିୟମ ସାରଣୀରେ ଦର୍ଶାଯାଇଥାଏ । ଏହି କାର୍ଯ୍ୟକୁ ଏକ ବୀମାଙ୍କକ ଦ୍ୱାରା ସଂପାଦିତ କରାଯାଇଥାଏ । ଅବଧି ବୀମା, ସଂପୂର୍ଣ୍ଣ ଜୀବନ ଓ ବୃତ୍ତିଦାନ/ ବନ୍ଦୋବସ୍ତୀ ଭଳି ପାରମ୍ପରିକ ଜୀବନ ବୀମା ପଲିସୀଗୁଡିକ କ୍ଷେତ୍ରରେ ପ୍ରିମିୟମ ନିର୍ଦ୍ଧାରିତ କରିବା ପ୍ରକ୍ରିୟା ନିମ୍ନ ତତ୍ତ୍ୱଗୁଡିକୁ ବିଚାର କରେ :

- ✓ ମୃତ୍ୟୁହାର
- ✓ ସୁଧ
- ✓ ପ୍ରବନ୍ଧନର ଖର୍ଚ୍ଚ
- ✓ ରିଜର୍ଭ (ସଂଚିତ)
- ✓ ବୋନସ ଲୋଡିଙ୍ଗ

ଚିତ୍ର 2 : ପ୍ରିମିୟମର ଘଟକସବୁ



ପ୍ରଥମ ଦୁଇଟି ତତ୍ତ୍ୱ ଶୁଦ୍ଧ ପ୍ରିମିୟମ ଗଠନ କରେ ଯେତେବେଳେ କି ଅନ୍ୟ ତତ୍ତ୍ୱସବୁ ଶୁଦ୍ଧ ପ୍ରିମିୟମ ଉପରେ ଲୋଡ କରାଯାଏ ଯାହା ଫଳରେ ମୋଟ କିମ୍ବା ଅଫିସ ପ୍ରିମିୟମ ପ୍ରାପ୍ତ ହୁଏ ।

କ) ମୃତ୍ୟୁହାର ଏବଂ ସୁଧ

ମୃତ୍ୟୁହାର ହେଉଛି ପ୍ରିମିୟମରେ ପ୍ରଥମ ତତ୍ତ୍ୱ । ଏହାକୁ ଏକ ମୃତ୍ୟୁହାର ସାରଣୀ, ର ଉପଯୋଗ କରି ନିର୍ଦ୍ଧାରିତ କରାଯାଏ, ଯାହା ଆମକୁ ବିଭିନ୍ନ ଆୟୁ ପାଇଁ ମୃତ୍ୟୁହାରର ଏକ ଆକଳନ ପ୍ରଦାନ କରେ ।

ଉଦାହରଣ

ଯଦି ଆୟୁ 35 ପାଇଁ ମୃତ୍ୟୁ ହାର 0.0035 ହୁଏ ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ 1000 ବ୍ୟକ୍ତି ଯେଉଁମାନେ ଆୟୁ 35 ପର୍ଯ୍ୟନ୍ତ ଜୀବିତ ଥାଆନ୍ତି, ସେମାନଙ୍କ ମଧ୍ୟରୁ 3.5 (କିମ୍ବା 10,000 ମଧ୍ୟରୁ 35) ଆୟୁ 35 ଓ 36 ମଧ୍ୟରେ ମୃତ୍ୟୁବରଣ କରିବେ ବୋଲି ଆଶା କରାଯାଏ ।

ସାରଣୀକୁ ବିଭିନ୍ନ ଆୟୁ ପାଇଁ ମୃତ୍ୟୁହାର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ବ୍ୟବହାର କରାଯାଇପାରେ । ଉଦାହରଣ ସ୍ୱରୂପ ଆୟୁ 35 ପାଇଁ 0.0035 ର ହାରର ଅର୍ଥ ହେଉଛି 0.0035ର ବୀମା X 1000 (ବୀମା ରାଶି) = ଟ 3.50 ପ୍ରତି ହଜାର ବୀମା ରାଶି ପାଇଁ ।

ଉପରୋକ୍ତ ମୂଲ୍ୟକୁ "ସଙ୍କଟ ପ୍ରିମିୟମ" ମଧ୍ୟ କୁହାଯାଇପାରେ । ଅଧିକ ଆୟୁ ପାଇଁ ସଙ୍କଟ ପ୍ରିମିୟମ ଅଧିକ ହୋଇପାରେ ।

ବିଭିନ୍ନ ଆୟୁ ପାଇଁ ବୈୟକ୍ତିକ ସଙ୍କଟ ପ୍ରିମିୟମଗୁଡିକୁ ମିଶାଇ ଆମେ ସେହି ଦାବୀସବୁର ମୂଲ୍ୟ ପାଇ ପାରିବା ଯେଉଁଗୁଡିକ ସମଗ୍ର ସମୟ କିମ୍ବା ଅବଧି, ଧରନ୍ତୁ ଆୟୁ 35 ଠାରୁ 55 ପର୍ଯ୍ୟନ୍ତ, ପାଇଁ ପ୍ରଦାନଯୋଗ୍ୟ ହେବ ବୋଲି ଆଶା କରାଯାଏ । ଏହି ଦାବୀଗୁଡିକର ମୋଟ ମୂଲ୍ୟ ଆମକୁ ଏକ ପଲିସୀ ଅନ୍ତର୍ଗତ ଭବିଷ୍ୟତ ଦାୟିତ୍ୱସବୁକୁ ଦେଖାଯାଇ ପାରେ, ଅନ୍ୟ ଶବ୍ଦରେ ଏହା ଆମକୁ ବତାଏ ଯେ ସେସବୁ ଦାବୀକୁ ଯାହା ଭବିଷ୍ୟତରେ ଉତ୍ପନ୍ନ ହୋଇପାରେ, ପ୍ରଦାନ କରିବା ପାଇଁ ଆମକୁ କେତେ ପରିମାଣରେ ଅର୍ଥ ଆବଶ୍ୟକ ।

ଶୁଦ୍ଧ ପ୍ରିମିୟମରେ ପହଞ୍ଚିବା ପାଇଁ ପ୍ରଥମ ଅବସ୍ଥା ହେଉଛି ଭବିଷ୍ୟତ ଦାବୀ ମୂଲ୍ୟସବୁର ବର୍ତ୍ତମାନ ମୂଲ୍ୟର ଆକଳନ କରିବା । ବର୍ତ୍ତମାନ ମୂଲ୍ୟକୁ ଆକଳନ କରିବାର କାରଣ ହେଉଛି ଯେ ଆମେ ସେଇୟା ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରୁଛୁ ଯେ ବର୍ତ୍ତମାନ ଆମ ହାତରେ କେତେ ପରିମାଣର ଅର୍ଥ ଥିବା ଆବଶ୍ୟକ ଯାହା ଭବିଷ୍ୟତରେ ଉତ୍ପନ୍ନ ହେବାକୁ ଥିବା ଦାବୀସବୁକୁ ପୂରଣ କରିପାରିବ । ବର୍ତ୍ତମାନ ମୂଲ୍ୟକୁ ଆକଳନ କରିବାର ଏହି ପ୍ରକ୍ରିୟା ଆମକୁ ପ୍ରିମିୟମ ନିର୍ଦ୍ଧାରଣର ପରବର୍ତ୍ତୀ ତତ୍ତ୍ୱ ପାଖକୁ ନେଇଯାଏ, ଯାହାକୁ "ସୁଧ" କୁହାଯାଏ ।

ସୁଧ ହେଉଛି ସରଳରୂପେ ଭବିଷ୍ୟତ ଦାବୀ ପ୍ରଦାନ ଯାହା କରିବାକୁ ପଡିବ, ତାର ବର୍ତ୍ତମାନ ମୂଲ୍ୟକୁ ନିର୍ଦ୍ଧାରଣ କରିବା ପାଇଁ ଆମେ ଧରି ନେଉଥିବା ଡିସ୍କାଉଣ୍ଟ ହାର ।

ଉଦାହରଣ

ଯଦି ପାଞ୍ଚ ବର୍ଷପରେ ବୀମାର ମୂଲ୍ୟକୁ ତୁଳାଇବା ପାଇଁ ଆମ ପାଖରେ ଟ 5 ପ୍ରତି ହଜାର ରହିବା ଆବଶ୍ୟକ ଏବଂ ଯଦି ଆମେ ସୁଧହାରକୁ 6% ବୋଲି ଧରିନେବା, ପାଞ୍ଚ ବର୍ଷ ପରେ ପ୍ରଦାନଯୋଗ୍ୟ ଟ. 5 ର ବର୍ତ୍ତମାନ ମୂଲ୍ୟ ହେବ $5 \times 1/(1.06)^5 = 3.74$ ।

ଯଦି 6% ପରିବର୍ତ୍ତେ ଆମେ 10% ଧରି ନେବା, ବର୍ତ୍ତମାନ ମୂଲ୍ୟ କେବଳ 3.10 ହେବ । ଅନ୍ୟ ଶବ୍ଦରେ ଧରିନିଆଯାଇଥିବା ସୁଧର ହାର ଯେତେ ଅଧିକ ହେବ, ବର୍ତ୍ତମାନ ମୂଲ୍ୟ ସେତେ କମ ହେବ ।

ମୃତ୍ୟୁହାର ଓ ସୁଧ ଉପରେ ଆମର ଅଧ୍ୟୟନ ଠାରୁ ଆମେ ଦୁଇଟି ମୂଖ୍ୟ ନିଷ୍କର୍ଷରେ ଉପନୀତ ହେବା

- ✓ ମୃତ୍ୟୁହାର ସାରଣୀରେ ମୃତ୍ୟୁହାର .ଯେତେ ଅଧିକ ହେବ, ପ୍ରିମିୟମ ସେତେ ଅଧିକ ହୋଇପାରେ
- ✓ ସୁଧ ହାର ଯେତେଅଧିକ ମନେ କରାଯିବ, ପ୍ରିମିୟମ ସେତେ କମ୍ ହେବ

ବୀମାଙ୍କକମାନେ ବିବେକଶୀଳ ଓ କିଛି ସଂରକ୍ଷଣଶୀଳ ହୁଅନ୍ତି ଏବଂ ବିଶେଷରୂପେ ମୃତ୍ୟୁ ହାରକୁ ମାନି ନିଅନ୍ତି ଯାହା ବାସ୍ତବ ଅନୁଭୂତିରେ ସେମାନେ ଆଶା କରୁଥିବା ଅପେକ୍ଷା ଅଧିକ ହୋଇଥାଏ । ସେମାନେ ସେମାନଙ୍କ ନିବେଶସବୁରୁ ଯାହା ଉପାର୍ଜନ କରିବାକୁ ଆଶା କରନ୍ତି । ତା' ଅପେକ୍ଷା ନିମ୍ନ ସୁଧ ହାର ମଧ୍ୟ ସେମାନେ ମାନି ନିଅନ୍ତି ।

ଶୁଦ୍ଧ ପ୍ରିମିୟମ

ସମସ୍ତ ଭବିଷ୍ୟତ ଦାୟିତ୍ୱର ଡିସ୍କାଉଣ୍ଟ କରାଯାଇଥିବା ବର୍ତ୍ତମାନ ମୂଲ୍ୟ **"ଶୁଦ୍ଧ ଏକମାତ୍ର ପ୍ରିମିୟମ"** ଦେଇଥାଏ । ଶୁଦ୍ଧ ଏକମାତ୍ର ପ୍ରିମିୟମ ଠାରୁ, ଆମେ "ଶୁଦ୍ଧ ସମାନ ବାର୍ଷିକ ପ୍ରିମିୟମ" ପାଇ ପାରିବା । ଶୁଦ୍ଧ ଏକମାତ୍ର ପ୍ରିମିୟମକୁ ସମାନ କରାଯାଇଥାଏ ଯାହାଦ୍ୱାରା ଏହା ପ୍ରିମିୟମ ପ୍ରଦାନ ଅବଧି ମଧ୍ୟରେ ପ୍ରଦାନଯୋଗ୍ୟ ହୋଇପାରେ ।

ମୋଟ ପ୍ରିମିୟମ

ଚିତ୍ର 3 : ଲୋଡିଙ୍ଗର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ମାର୍ଗଦର୍ଶିକା ସିଦ୍ଧାନ୍ତ



ମୋଟ ପ୍ରିମିୟମ ହେଉଛି ଶୁଦ୍ଧ ପ୍ରିମିୟମ ଯୁକ୍ତ ଲୋଡିଙ୍ଗ କୁହାଯାଉଥିବା ଏକ ପରିମାଣ । ତିନୋଟି ବିଚାର କିମ୍ବା ମାର୍ଗଦର୍ଶିକା ସିଦ୍ଧାନ୍ତ ଅଛି ଯାହାକୁ ଲୋଡିଙ୍ଗର ପରିମାଣକୁ ନିର୍ଦ୍ଧାରଣ କରିବା ସମୟରେ ଧ୍ୟାନରେ ରଖିବା ଆବଶ୍ୟକ ।

i. ପର୍ଯ୍ୟାପ୍ତତା

ସମସ୍ତ ପଲିସୀଠାରୁ ମୋଟ ଲୋଡିଙ୍ଗ ନିଶ୍ଚିତ ରୂପେ କମ୍ପାନୀର ମୋଟ କାର୍ଯ୍ୟପ୍ରଣାଳୀର ଖର୍ଚ୍ଚକୁ ସୁରକ୍ଷିତ କରିବା ପାଇଁ ଯଥେଷ୍ଟ ହେବା ଉଚିତ୍ । ଏହା ନିରାପତ୍ତା ପାଇଁ ମଧ୍ୟ କିଛି ମାର୍ଜିନ ରଖିବା ଉଚିତ୍ ଏବଂ ପରିଶେଷରେ ଏହା କମ୍ପାନୀର ଲାଭ କିମ୍ବା ଅଧିଶେଷରେ ଯୋଗଦାନ ଦେବା ଉଚିତ୍ ।

ii. ଯଥାର୍ଥତା(ନିଷ୍ପକ୍ଷତା)

ଖର୍ଚ୍ଚ ଓ ନିରାପତ୍ତା ମାର୍ଜିନ ଇତ୍ୟାଦିକୁ ବିଭିନ୍ନ ପ୍ରକାରର ପଲିସୀ ମଧ୍ୟରେ ଯୋଜନାର ପ୍ରକାର, ବୟସ ଓ ଅବଧି ଆଦି ଆଧାରରେ ଅନୁପାତରେ ଆବଣ୍ଟନ କରିବା ଉଚିତ୍ । ଧାରଣା ହେଉଛି ଯେ ପ୍ରତ୍ୟେକ ଶ୍ରେଣୀର ପଲିସୀ ଏହାର ନିଜର ମୂଲ୍ୟ ପାଇଁ ରାଶି ପ୍ରଦାନ କରିବା ଉଚିତ, ଯାହା ଫଳରେ ଯେତେଦୂର ସମ୍ଭବ, ଏକ ପ୍ରକାରର ପଲିସୀ ଅନ୍ୟକୁ ସହାୟତା କରିବ ନାହିଁ ।

iii. ପ୍ରତିଯୋଗୀତା

ପରିଣାମଜନିତ ମୋଟ ପ୍ରିମିୟମ କମ୍ପାନୀକୁ ଏହାର ପ୍ରତିଯୋଗିତାମୂଳକ ସ୍ଥାନକୁ ଉନ୍ନତ କରିବାରେ ସକ୍ଷମ କରିବା ଉଚିତ । ଯଦି ଲୋଡିଙ୍ଗ ଅତି ବେଶୀ ହୁଏ, ଏହା ପଲିସୀସବୁ ଅତ୍ୟନ୍ତ ଅଧିକ ମୂଲ୍ୟର କରିଦେଇପାରେ ଏବଂ ଲୋକମାନେ କ୍ରୟ କରି ନ ପାରନ୍ତି ।

ଖ) ଖର୍ଚ୍ଚ ଏବଂ ରିଜର୍ଭ (ସଂଚିତ)

ଜୀବନ ବୀମାକର୍ତ୍ତାମାନଙ୍କୁ ବିଭିନ୍ନ ପ୍ରକାରର ପରିଚାଳନ ଖର୍ଚ୍ଚ ବହନ କରିବାକୁ ପଡିଥାଏ ଯାହା ସମ୍ମିଳିତ କରେ:

- ✓ ଅଭିକର୍ତ୍ତା ପ୍ରଶିକ୍ଷଣ ଓ ଭର୍ତ୍ତି,
- ✓ ଅଭିକର୍ତ୍ତାମାନଙ୍କ କମିଶନ
- ✓ ଷ୍ଟାଫ୍ ବେତନ,
- ✓ କାର୍ଯ୍ୟାଳୟ ନିବାସ,
- ✓ କାର୍ଯ୍ୟାଳୟ ଷ୍ଟେସନରୀ (ଲେଖନ -ସାମଗ୍ରୀ),
- ✓ ବିଜୁଳୀ ଚାର୍ଜ,
- ✓ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି

ଏହିସବୁକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ସଂଗୃହୀତ ପ୍ରିମିୟମଠାରୁ ପ୍ରଦାନ କରାଯାଇଥାଏ ।
ଏହି ଖର୍ଚ୍ଚସବୁକୁ ଶୁଦ୍ଧ ପ୍ରିମିୟମରେ ଲୋଡ (ଯୋଗ) କରାଯାଏ ।

ଏକ ଜୀବନ ବୀମାକର୍ତ୍ତା ଦୁଇ ପ୍ରକାରର ଖର୍ଚ୍ଚ ବହନ କରିଥାଏ :

i. ପ୍ରଥମତଃ, **"ନୂତନ ବ୍ୟବସାୟ ଖର୍ଚ୍ଚ"** ରୂପେ ପରିଚିତ ଖର୍ଚ୍ଚସବୁ ଚୁକ୍ତିର ପ୍ରାରମ୍ଭିକ ଅବସ୍ଥାରେ ବହନ କରାଯାଏ

ii. ଦ୍ୱିତୀୟ ପ୍ରକାରର ଖର୍ଚ୍ଚ, **"ନୂତନୀକରଣ ଖର୍ଚ୍ଚ"** ରୂପେ ପରିଚିତ ଖର୍ଚ୍ଚ ପରବର୍ତ୍ତୀ ବର୍ଷଗୁଡିକରେ ବହନ କରାଯାଏ ।

ପ୍ରାରମ୍ଭିକ କିମ୍ବା ନୂତନ ବ୍ୟବସାୟ ଖର୍ଚ୍ଚସବୁ ପର୍ଯ୍ୟାପ୍ତ ହୋଇପାରେ । ଆଇନତଃ ଜୀବନ ବୀମାକର୍ତ୍ତାମାନଙ୍କୁ ରିଜର୍ଭରୂପେ କିଛି ମାର୍ଜିନ ରଖିବା ଆବଶ୍ୟକ ଏହା ସୁନିଶ୍ଚିତ କରିବା ପାଇଁ ଯେ ସେମାନେ ସେମାନଙ୍କ କର୍ତ୍ତବ୍ୟକୁ ପୂରଣ କରିପାରିବେ, ଏପରିକି ସେତେବେଳେ ଯେତେବେଳେ ସେମାନଙ୍କ ବାସ୍ତବ ଅନୁଭୂତି ଅନୁମାନ କରାଯାଇଥିବା ଅପେକ୍ଷା ଅଧିକ ଖରାପ ହୁଏ । ରିଜର୍ଭ ରୂପେ ରଖିବାକୁ ଆବଶ୍ୟକ ଥିବା ମାର୍ଜିନ ସହିତ ପ୍ରାରମ୍ଭିକ ଖର୍ଚ୍ଚସବୁ ପ୍ରାପ୍ତ ହୋଇଥିବା ପ୍ରାରମ୍ଭିକ ପ୍ରିମିୟମସବୁ ଠାରୁ ସାଧାରଣତଃ ଅଧିକ ହୋଇଥାଏ ।

କମ୍ପାନୀ ଏଭଳିଆ ଏକ ଚାପର ସମ୍ମୁଖୀନ ହୁଏ, ଯାହାକୁ ନୂତନ ବ୍ୟବସାୟ ଚାପ କୁହାଯାଏ । ପ୍ରାରମ୍ଭିକ ଉତ୍ ପ୍ରବାହ କୁ ପରବର୍ତ୍ତୀ ବାର୍ଷିକ ପ୍ରିମିୟମ ଦ୍ୱାରା କେବଳ ପୁନଃପ୍ରାପ୍ତି କରାଯାଇଥାଏ । ନିହିତାର୍ଥ ହେଉଛି ଯେ ଜୀବନ ବୀମାକର୍ତ୍ତାମାନେ ପ୍ରାରମ୍ଭିକ ବର୍ଷଗୁଡିକରେ ସେମାନଙ୍କ ଖର୍ଚ୍ଚର ଆପୂର୍ତ୍ତି ହେବା ପୂର୍ବରୁ, ସେମାନଙ୍କ ପଲିସୀସବୁକୁ

ଅଧିକ ସଂଖ୍ୟାରେ ରଦ୍ଦ କିମ୍ବା ବ୍ୟପଗତ ହେବା ସହ୍ୟ କରିପାରନ୍ତି ନାହିଁ । ନୂତନ ବ୍ୟବସାୟ ଚାପର ଅନ୍ୟ ଏକ ନିହିତାର୍ଥ ହେଉଛି ଯେ ଜୀବନ ବୀମା କମ୍ପାନୀମାନେ ଲାଭ ପ୍ରାପ୍ତ ହେବା ପୂର୍ବରୁ କିଛି ବର୍ଷର ଗର୍ଭାବଧି ଆବଶ୍ୟକ କରନ୍ତି ।

ଖର୍ଚ୍ଚର ପ୍ରକାର ଉପରେ ଆଧାର କରି ଖର୍ଚ୍ଚସବୁକୁ ବିଭିନ୍ନ ଉପାୟରେ ନିର୍ଦ୍ଧାରିତ କରାଯାଏ ।

i. ଉଦାହରଣ ସ୍ୱରୂପ, ଅଭିକର୍ତ୍ତା ପ୍ରବନ୍ଧକ/ ବିକାଶ ଅଧିକାରୀମାନଙ୍କ କମିଶନ ଓ ପ୍ରୋତ୍ସାହନ ସବୁ ସାଧାରଣତଃ ଅର୍ଜିତ ପ୍ରିମିୟମସବୁର ପ୍ରତିଶତରୂପେ ନିର୍ଣ୍ଣୟ କରାଯାଏ ।

ii. ଅନ୍ୟପକ୍ଷରେ, ଡାକ୍ତରୀ ପରୀକ୍ଷକଙ୍କ ଶୁଳ୍କ ଓ ପଲିସୀ ଷ୍ଟାମ୍ପ ଭଳି ଖର୍ଚ୍ଚସବୁ ବୀମାରାଶି ପରିମାଣ କିମ୍ବା ପଲିସୀର ଅଙ୍କିତ ମୂଲ୍ୟ ଆଧାରରେ ଭିନ୍ନ ଭିନ୍ନ ହୋଇଥାନ୍ତି ଏବଂ ବୀମାରାଶି ପରିପ୍ରେକ୍ଷୀରେ ବିଚାର କରିଯାଏ ।

iii. ତୃତୀୟ ବର୍ଗର ଖର୍ଚ୍ଚସବୁ ହେଉଛି ଉପରି (ଓଭରହେଡ) ଖର୍ଚ୍ଚ ଯେମିତି କି ବେତନ ଓ ଭଡ଼ା ଯାହା ସାଧାରଣତଃ କାର୍ଯ୍ୟକଳାପ ସବୁର ପରିମାଣ ସହିତ ଭିନ୍ନ ଭିନ୍ନ ହୋଇଥାଏ ଯାହା ପୁନଶ୍ଚ ପ୍ରଦାନ କରାଯାଇଥିବା ପଲିସୀ ସଂଖ୍ୟା ଉପରେ ନିର୍ଭର କରେ । ପଲିସୀ ସଂଖ୍ୟା ହିସାବରେ ବ୍ୟବସାୟର ଆକାର ଯେତେ ବଡ ହେବ, ଓଭରହେଡ ଖର୍ଚ୍ଚ ସେତେ ଅଧିକ ହେବ ।

ଉପରୋକ୍ତ ବର୍ଗୀକରଣ ଉପରେ ଆଧାର କରି , ଏକ ଶୁଦ୍ଧ ପ୍ରିମିୟମ ସହିତ ସାଧାରଣ ଲୋଡିଙ୍ଗରେ ତିନି ଭାଗ ହୋଇପାରେ

i. ପ୍ରିମିୟମସବୁର ପ୍ରତିଶତ
ii. ପ୍ରତ୍ୟେକ '1000 ବୀମା ରାଶି' (କିମ୍ବା ଅଙ୍କିତ ରାଶି) ପାଇଁ ଏକ ସ୍ଥିର ରାଶି ପରିମାଣ ଯାହାକୁ ଶୁଦ୍ଧ ପ୍ରିମିୟମରେ ଯୋଗ କରାଯାଏ
iii. ପ୍ରତ୍ୟେକ ପଲିସୀ ପାଇଁ ଏକ ସ୍ଥିର ରାଶି ପରିମାଣ

ବ୍ୟପଗମନ ଏବଂ ଆକସ୍ମିକତା

ଶୁଦ୍ଧ ପ୍ରିମିୟମ ଓ ଖର୍ଚ୍ଚସବୁ ପାଇଁ ଲୋଡିଙ୍ଗ ଲାଭସବୁର ଆକଳିତ ମୂଲ୍ୟ ଏବଂ ଖର୍ଚ୍ଚ ଚାର୍ଜ ଯାହା ଜୀବନ ବୀମାକର୍ତ୍ତା ପଲିସୀ ଅବଧିରେ ବହନ କରିବା ଆଶା କରାଯାଏ, ଏସବୁକୁ ସୁରକ୍ଷିତ କରିବା ପାଇଁ କରାଯାଇଥାଏ । ବୀମାକର୍ତ୍ତା ବାରମ୍ବାର ଏହି ସଙ୍କଟର ମଧ୍ୟ ସମ୍ମୁଖୀନ ହୁଏ ଯେ ବାସ୍ତବ ଅନୁଭୂତି ଚୁକ୍ତିକୁ ପ୍ରସ୍ତୁତ କରିବା ଅବସ୍ଥାରେ କରାଯାଇଥିବା ପୂର୍ବାନୁମାନଠାରୁ ଭିନ୍ନ ହୋଇପାରେ ।

ସଙ୍କଟର ଏକ ଉତ୍ସ ହେଉଛି ବ୍ୟପଗମନ ଓ ଫେରସ୍ତ ନିଆଯିବାର ସଙ୍କଟ । ବ୍ୟପଗମନ ର ଅର୍ଥ ହେଉଛି ଯେ ପଲିସୀଧାରୀ ପ୍ରିମିୟମ ପ୍ରଦାନ ବନ୍ଦ କରିଦିଏ । ଫେରସ୍ତ ନେବା କ୍ଷେତ୍ରରେ, ପଲିସୀଧାରୀ ପଲିସୀର ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶିପରିମାଣ ପ୍ରାପ୍ତ ହୁଏ ।

ବ୍ୟପଗମନ ଏକ ଗମ୍ଭୀର ସମସ୍ୟା ଉତ୍ପନ୍ନ କରିପାରେ କାରଣ ସେଗୁଡିକ ସାଧାରଣତଃ ଚୁକ୍ତିର ପ୍ରଥମ ତିନିବର୍ଷରେ ଏବଂ ବିଶେଷରୂପେ ପ୍ରଥମ ବର୍ଷରେ ହିଁ ଅଧିକ ଘଟଣା ହୋଇଥାଏ । ଏହାର ପରିଣାମରେ ଉତ୍ପନ୍ନ ହେବାକୁ ଥିବା ଲିକେଜର ସମ୍ଭାବନା ଯୋଗୁଁ ଜୀବନ ବୀମାକର୍ତ୍ତାମାନେ ଏକ ଲୋଡିଙ୍ଗ ସମ୍ମିଳିତ କରିଥାନ୍ତି ।

ଜୀବନ ବୀମାକର୍ତ୍ତାମାନେ ସେହି ଆକସ୍ମିକତା ପାଇଁ ମଧ୍ୟ ପ୍ରସ୍ତୁତ ଥିବା ଆବଶ୍ୟକ ଯେ ସେହି ପୂର୍ବାନୁମାନ ଯାହା ଆଧାରରେ ସେମାନେ ପ୍ରିମିୟମସବୁ ନିର୍ଦ୍ଧାରଣ କରିଥାନ୍ତି । ତାହା ବାସ୍ତବ ଅନୁଭୂତି ଠାରୁ ଭିନ୍ନ ହୋଇପାରେ । ସେଭଳି ଆକସ୍ମିକତା ଦୁଇଟି କାରଣରୁ ଉତ୍ପନ୍ନ ହୋଇପାରେ :

i. ପ୍ରଥମତଃ, ପୂର୍ବାନୁମାନଗୁଡିକ ନିଜେ ନିଜେ ହିଁ ଅଯଥାର୍ଥ ହୋଇଥାଇପାରନ୍ତି । ଉଦାହରଣ ସ୍ୱରୂପ ଜୀବନ ବୀମାକର୍ତ୍ତା ଏକ ମୃତ୍ୟୁହାର ସାରଣୀ ବ୍ୟବହାର କରିପାରେ ଯାହା ଚଳିତ ମୃତ୍ୟୁହାର ପ୍ରଦର୍ଶିତ କରେ ନାହିଁ କିମ୍ବା ମୁଦ୍ରାସ୍ଫୀତି ପାଇଁ ପର୍ଯ୍ୟାପ୍ତ ଭାବେ ବିଭାଜିତ କରାଯାଇ ନାହିଁ ।

ii. ଦ୍ୱିତୀୟତଃ, ଅନିୟମିତ ପରିବର୍ତ୍ତନସବୁ ହୁଏ ଯାହା ପୂର୍ବାନୁମାନଗୁଡିକୁ ମିଥ୍ୟା ପ୍ରମାଣିତ କରି ଦେଇ ପାରେ ।

ତିନୋଟି ଉପାୟରେ ଉପରୋକ୍ତ ପ୍ରକାରର ସଙ୍କଟଗୁଡିକ ପ୍ରତି ଧ୍ୟାନ ଦିଆଯାଇପାରେ ।

i. ସେଗୁଡିକୁ ଗ୍ରାହକକୁ ଦେଇ ଦିଆଯାଇପାରେ, ଉଦାହରଣ ସ୍ୱରୂପ, ୟୁଲିପ ଭଳି ନିବେଶ-ସଂଯୁକ୍ତ ଉତ୍ପାଦଗୁଡିକ କ୍ଷେତ୍ରରେ, କମ ପ୍ରତିଫଳର ସଙ୍କଟକୁ ଗ୍ରାହକ ଦ୍ୱାରା ବହନ କରିବାକୁ ପଡିବ ।

ii. ଦ୍ୱିତୀୟ ଉପାୟ ହେଉଛି ପଲିସୀକୁ ଏକ ପୁନଃବୀମାକର୍ତ୍ତା ଦ୍ୱାରା ପୁନଃବୀମିତ କରିବା । ଏହି କ୍ଷେତ୍ରରେ ମୃତ୍ୟୁ ସଙ୍କଟକୁ ପୁନଃବୀମାକର୍ତ୍ତା ଦ୍ୱାରା ବହନ କରିବାକୁ ପଡିବ ।

iii. ତୃତୀୟ ଏବଂ ଅଧିକ ସାଧାରଣ ରୂପେ ବ୍ୟବହୃତ ହେଉଥିବା ପଦ୍ଧତି ହେଉଛି ପ୍ରିମିୟମରେ ଏକ ଲୋଡିଙ୍ଗ ମାର୍ଜିନ ସମ୍ମିଳିତ କରିବା, ଯାହା ସମ୍ଭାବ୍ୟ ଗ୍ରାହକ ଓ ବାସ୍ତବ ଅନୁଭୂତି ମଧ୍ୟରେ ଭିନ୍ନତାକୁ ମିଳାଇ ଦେବାରେ ସହାୟକ ହୋଇପାରେ ।

ଗ) ଲାଭ ସହିତ ପଲିସୀ ଏବଂ ବୋନସ ଲୋଡିଙ୍ଗ

ଆସନ୍ତୁ ଶୁଣିବା ବୀମାଙ୍କକ ବ୍ରିଏନ କର୍ବି 'ଲାଭ ସହିତ ପଲିସୀ' କେମିତି ଆବିର୍ଭାବ ହେଲା ଏହା ବିଷୟରେ କ'ଣ କହନ୍ତି ।

"କିଛି ଦୁଇ ଶହ ବର୍ଷ ପୂର୍ବେ, ଜୀବନ ବୀମାର ଆରମ୍ଭରେ, ମୁଖ୍ୟ ଅନିଶ୍ଚିତତା ଥିଲା ମୃତ୍ୟୁହାର । ପ୍ରୟୋଗ କରାଯାଇଥିବା ସମାଧାନ ଥିଲା ଅତିରିକ୍ତ ପ୍ରିମିୟମ ଲାଗୁ କରିବା । ଅବଶ୍ୟ ସେମାନେ ଜାଣି ନ ଥିଲେ ଯେ ଅଗ୍ରୀମରେ ସେସବୁ ଅତ୍ୟନ୍ତ ଅଧିକ ଥିଲା ଯାହା ଫଳରେ ପରିଶୋଧ-କ୍ଷମତାର ପୂର୍ବାନୁମାନ କରାଗଲା, ଏବଂ ତାପରେ, ଏହା ମୂଲ୍ୟାଙ୍କନ କରିବା ପାଇଁ ଯଥେଷ୍ଟ ଅନୁଭୂତି ପ୍ରାପ୍ତ ହେଲା ଯେ ଏହା ମଧ୍ୟରୁ ଅତିରିକ୍ତକୁ କିମ୍ବା କିଛିକୁ ବୋନସ ଯୁକ୍ତ ରୂପେ ପଲିସୀଧାରୀମାନଙ୍କୁ ଫେରସ୍ତ କରିବା ପାଇଁ ପ୍ରିମିୟମ କେତେ ହେବା ଉଚିତ ଥିଲା । ଏହା ଥିଲା ପାରମ୍ପରିକ ଲାଭ ସହିତ ପଲିସୀସବୁର ଉତ୍ପତ୍ତି ଯାହା ଆମେ ଆଜିକାଲି ଜାରୀ କରୁଛୁ..."

ଲାଭସବୁରେ ସହଭାଗୀତା ଦ୍ୱାରା ମଧ୍ୟ ପ୍ରିମିୟମରେ "ବୋନସ ଲୋଡିଙ୍ଗ" କୁହାଯାଉଥିବା ଏକ ତତ୍ତ୍ୱ ପ୍ରବେଶ କଲା । ବିଚାର ଥିଲା ପ୍ରିମିୟମ ମଧ୍ୟରେ ଲାଭସବୁ ପାଇଁ ଏକ ମାର୍ଜିନ ପ୍ରଦାନ କରିବା, ଯାହା ଫଳରେ ଏହା ଅସମ୍ଭାବ୍ୟ ଗ୍ରାହକ ଆକସ୍ମିକତାଗୁଡିକ ବିରୁଦ୍ଧରେ ଏକ ସଂଯୁକ୍ତ କୁଶନ ରୂପେ କାର୍ଯ୍ୟ କଲା ଏବଂ ବୋନସ ରୂପେ ବିତରିତ ଅଧିଶେଷରେ ପଲିସୀର ଅଂଶ ପାଇଁ ମଧ୍ୟ ପ୍ରଦାନ କଲା । ବୋନସ ଲୋଡିଙ୍ଗ ବୈଶିଷ୍ଟ୍ୟ ହେଉଛି ଏକ କାରଣ କାହିଁକି ଜୀବନ ବୀମାକର୍ତ୍ତାମାନେ ସେମାନଙ୍କ ଦୀର୍ଘାବଧି ପରିଶୋଧ-କ୍ଷମତା ଏବଂ ପୁଞ୍ଜି ପର୍ଯ୍ୟାପ୍ତତା ସମ୍ବନ୍ଧରେ ଆଶ୍ୱସ୍ତ ରହିଛନ୍ତି ।

ମୋଟାମୋଟି ଭାବେ ଆମେ କହି ପାରିବା ଯେ :

ମୋଟ ପ୍ରିମିୟମ = ନେଟ (ଶୁଦ୍ଧ) ପ୍ରିମିୟମ+ ଖର୍ଚ୍ଚସବୁ ପାଇଁ ଲୋଡିଙ୍ଗ + ଆକସ୍ମିକତାସବୁ ପାଇଁ ଲୋଡିଙ୍ଗ + ବୋନସ ଲୋଡିଙ୍ଗ

ଯଦି ଆମେ ମନେ କରିବା ଯେ ଉପରୋକ୍ତ ଲୋଡିଙ୍ଗ ସବୁ ଏକତ୍ରିତ ରୂପେ ମୋଟ ପ୍ରିମିୟମ (GP) ର ମୋଟ K ପ୍ରତିଶତ ହୁଅନ୍ତି । ଦତ୍ତ ଶୁଦ୍ଧ ପ୍ରିମିୟମ (NP) ହିସାବରେ, ଆମେ ମୋଟ ପ୍ରିମିୟମକୁ ନିମ୍ନ ରୂପେ ନିର୍ଦ୍ଧାରିତ କରିପାରିବା

GP = NP + K (GP)

GP = NP + K (GP)

ଉଦାହରଣ ସ୍ୱରୂପ ଯଦି ଏକ ବୃତ୍ତିଦାନ (ବନ୍ଦୋବସ୍ତୀ) ପଲିସୀ ପାଇଁ ଶୁଦ୍ଧ ଏକମାତ୍ର ପ୍ରିମିୟମ ଟ.380 ହୁଏ ଏବଂ ଲୋଡିଙ୍ଗ କାରକ, K 50% ହୁଏ ତେବେ ମୋଟ ପ୍ରିମିୟମ ଟ. 760 ହେବ

ସ୍ୱତଃ ପରୀକ୍ଷଣ କରନ୍ତୁ 1

ଏକ ପଲିସୀ ବ୍ୟପଗମନର ଅର୍ଥ କ'ଣ ?

I. ପଲିସୀଧାରୀ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ପୂରା କରେ
II. ପଲିସୀଧାରୀ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ବନ୍ଦ କରେ
III. ପଲିସୀ ପରିପକ୍ୱତା ପ୍ରାପ୍ତ ହୁଏ
IV. ପଲିସୀକୁ ବଜାରରୁ ହଟାଇ ନିଆଯାଏ

ଖ. ଅଧିଶେଷ ଏବଂ ବୋନସ

1. ଅଧିଶେଷ ଏବଂ ବୋନସର ନିର୍ଦ୍ଧାରଣ

ପ୍ରତ୍ୟେକ ଜୀବନ ବୀମା କମ୍ପାନୀ ଏହାର ପରିସମ୍ପତ୍ତି ଓ ଦାୟିତ୍ୱସବୁର ଏକ ଆବଧିକ ମୂଲ୍ୟାଙ୍କନ କରିବା ପ୍ରତ୍ୟାଶା କରାଯାଏ । ସେଭଳି ମୂଲ୍ୟାଙ୍କନର ଦୁଇଟି ଉଦ୍ଦେଶ୍ୟ ରହିଛି :

i. ଜୀବନ ବୀମାକର୍ତ୍ତାର ଆର୍ଥିକ ସ୍ଥିତିର ମୂଲ୍ୟାଙ୍କନ କରିବା, ଅନ୍ୟ ଶବ୍ଦରେ ଏହା ପରିଶୋଧ କ୍ଷମ ଅଟେ କି ନୁହେଁ, ନିର୍ଦ୍ଧାରଣ କରିବା

ii. ପଲିସୀଧାରୀ/ ଅଂଶ (ଶେୟର) ଧାରୀ ମାନଙ୍କ ମଧ୍ୟରେ ବିତରଣ ପାଇଁ ଉପଲବ୍ଧ ଅଧିଶେଷର ନିର୍ଦ୍ଧାରଣ କରିବା

ପରିଭାଷା

ଅଧିଶେଷ ହେଉଛି ଦାୟିତ୍ୱସବୁର ମୂଲ୍ୟ ଉପରେ ପରିସମ୍ପତ୍ତିସବୁର ମୂଲ୍ୟର ଆଧିକ୍ୟ । ଯଦି ଏହା ବିଯୁକ୍ତାତ୍ମକ ହୁଏ, ଏହାକୁ ଚାପ କୁହାଯାଏ ।

ଆସନ୍ତୁ ଏବେ ଦେଖିବା ଜୀବନ ବୀମାରେ ଅଧିଶେଷର ସିଦ୍ଧାନ୍ତ ଏକ ଫାର୍ମର ଲାଭର ସିଦ୍ଧାନ୍ତଠାରୁ କେମିତି ଭିନ୍ନ ଅଟେ ।

ସାଧାରଣତଃ ଫାର୍ମଗୁଡିକରେ ଲାଭ ସମ୍ବନ୍ଧୀୟ ଦୁଇ ପ୍ରକାର ଧାରଣା ଅଛି । ଲେଖାଙ୍କନ ଅର୍ଥରେ, ଲାଭକୁ ଏକ ଦତ୍ତ ଲେଖାଙ୍କନ ସମୟାବଧି ପାଇଁ ବ୍ୟୟ ଉପରେ ଆୟର ଆଧିକ୍ୟ ରୂପେ ପରିଭାଷିତ କରାଯାଇପାରେ । ଲାଭ ଏକ ଫାର୍ମର ବାଲାନ୍ସ ଶୀଟର ଏକ ଅଂଶ ମଧ୍ୟ ହୁଏ –ଏହାକୁ ଦାୟିତ୍ୱସବୁ ଉପରେ ପରିସମ୍ପତ୍ତିସବୁର ଆଧିକ୍ୟ ରୂପେ ପରିଭାଷିତ କରାଯାଇପାରେ । ବାଲାନ୍ସ ଶୀଟ P ଏବଂ L (ଲାଭ ଏବଂ କ୍ଷତି) ଖାତାରେ ଲାଭକୁ ମଧ୍ୟ ପ୍ରତିଫଳିତ କରେ । ଉଭୟ ଦୃଷ୍ଟାନ୍ତରେ, ଲାଭ ସହିତ ପରିଚିତ ହେବା ପାଇଁ ଏକ ପୂର୍ବ - ପଦ ଦୃଷ୍ଟିକୋଣ ଗ୍ରହଣ କରାଯାଏ ।

ଉଦାହରଣ

31 ମାର୍ଚ୍ଚ 2013 ପର୍ଯ୍ୟନ୍ତ XYZ ଫାର୍ମର ଲାଭକୁ, ସେହି ତାରିଖରେ ଏହାର ଆୟ ବିଯୁକ୍ତ ଖର୍ଚ୍ଚ କିମ୍ବା ଏହାର ପରିସମ୍ପତ୍ତି ବିଯୁକ୍ତ ଦାୟିତ୍ୱ ରୂପେ ଦିଆଯାଏ ।

ଉଭୟ ଦୃଷ୍ଟାନ୍ତରେ, ଲାଭକୁ ସ୍ୱତନ୍ତ୍ରରୂପେ ପରିଭାଷିତ କରାଯାଇଛି ଏବଂ ଜଣାପଡିଛି ।

ଆମେ ସେଭଳି ଏକ ବିତର୍କ ପ୍ରୟୋଗ ଏବଂ ଏକ ଜୀବନ ବୀମା ମୂଲ୍ୟାଙ୍କନ ପରିପ୍ରେକ୍ଷୀରେ ଦାୟିତ୍ୱ ଓ ପରିସମ୍ପତ୍ତିସବୁର ନିର୍ଦ୍ଧାରଣ କରିପାରିବା କି ?

ସେଭଳି କ୍ଷେତ୍ରରେ, ଅଧିଶେଷକୁ ନିମ୍ନ ରୂପେ ପରିଭାଷିତ କରିପାରିବା

ଅଧିଶେଷ = ପରିସମ୍ପତ୍ତି -ଦାୟିତ୍ୱ

ଯେଉଁଠି ପଲିସୀଗୁଡିକର ଏକ ବ୍ଲକ ପାଇଁ ଉତ୍ପନ୍ନ ହେବା ଆଶା କରାଯାଉଥିବା ଦାୟିତ୍ୱସବୁକୁ ଭବିଷ୍ୟତ ଦାବୀସବୁର ବର୍ତ୍ତମାନ ମୂଲ୍ୟ, ଖର୍ଚ୍ଚ ଏବଂ ଏହି ପଲିସୀଗୁଡିକ ଉପରେ ପ୍ରାପ୍ତ ହେବା ଆଶା କରାଯାଉଥିବା ଅନ୍ୟାନ୍ୟ ସମ୍ଭାବ୍ୟ ଗ୍ରାହକ ଖର୍ଚ୍ଚ ବିଯୁକ୍ତ ପ୍ରିମିୟମସବୁର ବର୍ତ୍ତମାନ ମୂଲ୍ୟ ବିଯୁକ୍ତ, ରୂପେ ନିର୍ଦ୍ଧାରିତ କରାଯାଏ ।

ଚିତ୍ର 4 : ପରିସମ୍ପତ୍ତିସବୁର ମୂଲ୍ୟ ନିର୍ଦ୍ଧାରଣର ପଦ୍ଧତି



ପରିସମ୍ପତ୍ତିସବୁର ମୂଲ୍ୟାଙ୍କନ ତିନି ପଦ୍ଧତି ମଧ୍ୟରୁ ଗୋଟିଏ ରେ କରାଯାଏ

i. ବହି ମୂଲ୍ୟରେ

ଏହା ସେହି ମୂଲ୍ୟ ଅଟେ ଯେଉଁଥିରେ ଜୀବନ ବୀମାକର୍ତ୍ତା ଏହାର ପରିସମ୍ପତ୍ତିକୁ କ୍ରୟ କରିଛି କିମ୍ବା ପ୍ରାପ୍ତ କରିଛି

ii. ବଜାର ମୂଲ୍ୟରେ

ବଜାର ସ୍ଥଳରେ ଜୀବନ ବୀମାକର୍ତ୍ତାର ପରିସମ୍ପତ୍ତିର ମୂଲ୍ୟ

iii. ଡିସ୍କାଉଣ୍ଟ କରାଯାଇଥିବା ବର୍ତ୍ତମାନ ମୂଲ୍ୟ

ବିଭିନ୍ନ ପରିସମ୍ପତ୍ତିଠାରୁ ଭବିଷ୍ୟତ ଆୟର ଆକଳନ କରିବା ଏବଂ ସେଗୁଡିକୁ ବର୍ତ୍ତମାନରେ ଡିସ୍କାଉଣ୍ଟ କରିବା

ସମସ୍ୟା ହେଉଛି ଯେ ଜଣେ ଦାୟିତ୍ୱଗୁଡିକ ଉପରେ ଏକ ସଠିକ୍ ମୂଲ୍ୟ ଲଗାଇ ପାରିବ ନାହିଁ କାରଣ ସେ ସ୍ପଷ୍ଟରୂପେ ଭବିଷ୍ୟତବାଣୀ କରିପାରିବ ନାହିଁ ଯେ ଭବିଷ୍ୟତରେ କ'ଣ ଘଟିବ । ଦାୟିତ୍ୱଗୁଡିକର ମୂଲ୍ୟ ମୃତ୍ୟୁହାର, ସୁଧ, ବ୍ୟୟ ଓ ଦୃଢ଼ତା ଭଳି କାରକ ସମ୍ବନ୍ଧରେ ପୂର୍ବାନୁମାନ ଉପରେ ନିର୍ଭର କରେ, ଯେଉଁଗୁଡିକ ଭବିଷ୍ୟତ ଦାୟିତ୍ୱସବୁର ବର୍ତ୍ତମାନ ମୂଲ୍ୟ ଆକଳନ କରିବା ସମୟରେ ପ୍ରସ୍ତୁତ କରାଯାଏ । ଏହି କାରଣ ଯୋଗୁଁ ଜୀବନ ବୀମାରେ ଆମେ ଲାଭ ପରିବର୍ତ୍ତେ ଅଧିଶେଷ ପଦ ବ୍ୟବହାର କରିଥାଉ ।

ଏ ପ୍ରକାରେ ଅଧିଶେଷ ହେଉଛି ପରିସମ୍ପତ୍ତି ଓ ଦାୟିତ୍ୱଗୁଡିକର ମୂଲ୍ୟାଙ୍କନ କିପରି କରାଯାଏ, ର ଏକ କାର୍ଯ୍ୟ ।

i. ଯେତେବେଳେ ଏକ ଜୀବନ ବୀମାକର୍ତ୍ତା ଏହାର ମୂଲ୍ୟାଙ୍କନରେ ଅତି ସଂରକ୍ଷଣଶୀଳ ହୁଏ, ଏହାର ପରିଣାମ ଦାୟିତ୍ୱଗୁଡିକର ଊର୍ଦ୍ଧ୍ୱମୂଲ୍ୟାଙ୍କନ ଅନ୍ୟପକ୍ଷରେ ଯେତେବେଳେ କି ପରିସମ୍ପତ୍ତିଗୁଡିକର ଅଧୋମୂଲ୍ୟାଙ୍କନ କରାଯାଏ । ଏହା ଫଳରେ ଘୋଷିତ କରାଯାଇଥିବା ଅଧିଶେଷ ହ୍ରାସ ହୋଇଯାଇପାରେ । ଏହାର ଅର୍ଥ ହେଉଛି ଯେ ବର୍ତ୍ତମାନର ପଲିସୀଧାରୀମାନଙ୍କ ମଧ୍ୟରେ ବିତରଣ ପାଇଁ ଅପେକ୍ଷାକୃତ କମ ବୋନସ ଉପଲବ୍ଧ ହୋଇପାରେ । କିନ୍ତୁ ଏହା ବୀମାକର୍ତ୍ତାର ଆର୍ଥିକ ସୁସ୍ଥତାରେ ମଧ୍ୟ ଯୋଗଦାନ ଦେଇପାରେ । ଏହାର କାରଣ ହେଉଛି ଅଧିଶେଷର ବାସ୍ତବ ପରିମାଣ ଘୋଷିତ ଅଧିଶେଷ ଅପେକ୍ଷା ଅଧିକ ଅଟେ ଏବଂ ତେଣୁ ଭବିଷ୍ୟତ ପାଇଁ ଅଧିକ ପ୍ରାବଧାନ ରଖାଯାଇପାରେ । ଏହା ଭବିଷ୍ୟତର ପଲିସୀଧାରୀମାନଙ୍କୁ ଲାଭ ଦେଇପାରେ ।

ii. ଅନ୍ୟପକ୍ଷରେ, ଯଦି ପରିସମ୍ପତ୍ତି ଓ ଦାୟିତ୍ୱଗୁଡିକୁ ଉଦାରତା ସହିତ ମୂଲ୍ୟାଙ୍କନ କରାଯାଏ, ଏହାର ବିପରୀତ ପରିଣାମ ହୁଏ, ବର୍ତ୍ତମାନ ପଲିସୀଧାରୀମାନେ ଭବିଷ୍ୟତର ପଲିସୀଧାରୀମାନଙ୍କ ମୂଲ୍ୟରେ ଲାଭପ୍ରାପ୍ତ ହୋଇପାରନ୍ତି ।

ଜୀବନ ବୀମା କମ୍ପାନୀକୁ ବର୍ତ୍ତମାନ ଓ ଭବିଷ୍ୟତ ପଲିସୀଧାରୀମାନଙ୍କ ମଧ୍ୟରେ ଏକ ଠିକ୍ ଭାରସାମ୍ୟ ରଖିବାକୁ ପଡିବ ।

2. ଅଧିଶେଷକୁ ଆବଣ୍ଟିତ/ନିର୍ଦ୍ଧାରିତ କରିବା

ଅଧିଶେଷ ଜୀବନ ବୀମାକର୍ତ୍ତାର ବାସ୍ତବ ଅନୁଭୂତି, ସେ ଯାହା ପୂର୍ବ ଅନୁମାନ କରିଥିଲା, ତା' ଠାରୁ ଉତ୍ତମ ହେବାର ପରିଣାମରେ ଉତ୍ପନ୍ନ ହୋଇଥାଏ । ଲାଭ ସହିତ ଚୁକ୍ତି ଅନ୍ତର୍ଗତ, ଜୀବନ (ବାସ୍ତବ ଓ ସମ୍ଭାବ୍ୟ ଗ୍ରାହକ ପରିଣାମ ମଧ୍ୟରେ ଥିବା) ସେଭଳି ଅନୁକୂଳ ଅନ୍ତରର ଲାଭକୁ ସେହି ପଲିସୀଧାରୀମାନଙ୍କୁ ପ୍ରଦାନ କରିବା ବୀମାକର୍ତ୍ତାର କର୍ତ୍ତବ୍ୟ ଅଟେ ଯେଉଁମାନେ ଲାଭରେ ଅଂଶଗ୍ରହଣ କରିବା ପାଇଁ ସମ୍ମତ ହୋଇଥାନ୍ତି ଏବଂ ଏହି ଲାଭ ସହିତ ପଲିସୀସବୁକୁ କ୍ରୟ କରିଥାନ୍ତି ।

ସେହି ସମୟରେ, ଅଧିଶେଷ ସେହି ଉତ୍ସ ମଧ୍ୟ ଅଟେ ଯେଉଁଠାରୁ କମ୍ପାନୀର ମୂଳଭୂତ ପୁଞ୍ଜି (ଏହାର ଯଥାର୍ଥତା କିମ୍ବା ଶୁଦ୍ଧ ମୂଲ୍ୟ) କୁ ନିଜ ଭିତରୁ ହିଁ ବୃଦ୍ଧି କରାଯାଇପାରେ । ଏହି ଅର୍ଥରେ ଏକ ଜୀବନ ବୀମାକର୍ତ୍ତାର ଅଧିଶେଷ ଏକ ସାଧାରଣ କମ୍ପାନୀର ଲାଭ ସହିତ ସମାନ ଅଟେ ଯାହାକୁ ଆବଣ୍ଟିତ କରା ଯାଇ ନ ଥାଏ କିନ୍ତୁ ଧାରଣ କରାଯାଇଥାଏ । ଏଗୁଡିକୁ 'ପ୍ରତିଧାରିତ ଉପାର୍ଜନ' କୁହାଯାଏ । ଏମାନେ ଆର୍ଥିକ ସ୍ୱଚ୍ଛଳତାରେ ଯୋଗଦାନ କରିଥାନ୍ତି ।

ଆସନ୍ତୁ ଏବେ ଦେଖିବା ନିର୍ଦ୍ଧାରିତ କରାଯାଇଥିବା ଅଧିଶେଷକୁ କେମିତି ଆବଣ୍ଟିତ କରାଯାଇପାରେ

କ) ପରିଶୋଧ କ୍ଷମତାର ଆବଶ୍ୟକତା

ପ୍ରଥମତଃ, ଦାୟିତ୍ୱଗୁଡିକ ଉପରେ ପରିସମ୍ପତ୍ତିଗୁଡିକର ଅଧିଶେଷର ଏକ ଅଂଶକୁ ଭବିଷ୍ୟତର ଅସମ୍ଭାବ୍ୟ ଗ୍ରାହକ ବିପତ୍ତିର ଘଟଣାରେ ପଲିସୀଧାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ରଖାଯିବା ଆବଶ୍ୟକ । ପରିଶୋଧକ୍ଷମତା ମାର୍ଜିନକୁ ସମ୍ଭାବ୍ୟ ଗ୍ରାହକ ଏବଂ ବାସ୍ତବ ଅନୁଭୂତି ମଧ୍ୟରେ କୌଣସି ଅସମ୍ଭାବ୍ୟ ଗ୍ରାହକ ଅନ୍ତରକୁ ଧ୍ୟାନ ଦେବାପାଇଁ ଏକ କୁଶନ ରୂପେ ବିଶେଷଭାବେ ଅଲଗା ରଖାଯାଇଥିବା ଦାୟିତ୍ୱଗୁଡିକ ଉପରେ ଅଧିଶେଷ ପରିସମ୍ପତ୍ତିଗୁଡିକର ସେହି ଅଂଶ ହିସାବରେ ପରିଭାଷିତ କରାଯାଇପାରେ ।

ଖ) ମୁକ୍ତ ପରିସମ୍ପତ୍ତି

ବିତରଣ ପାଇଁ ଅନିର୍ଦ୍ଧାରିତ ଅଧିଶେଷ ରଖିବାର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ମୁକ୍ତ ପରିସମ୍ପତ୍ତିସବୁର ସ୍ତରକୁ ବୃଦ୍ଧି କରିବା । ମୁକ୍ତ ପରିସମ୍ପତ୍ତିଗୁଡିକ ଅଭାରଗ୍ରସ୍ତ ଅଟନ୍ତି । ଅନ୍ୟ ଶବ୍ଦରେ କୌଣସି ଦାୟିତ୍ୱକୁ ପୂରଣ କରିବା ପାଇଁ ସେସବୁର ଆବଶ୍ୟକତା ନାହିଁ । ଜୀବନ ବୀମାକର୍ତ୍ତା ଏ ପ୍ରକାରେ ସେଗୁଡିକୁ ବ୍ୟବହାର କରିବା ପାଇଁ ମୁକ୍ତ ଅଟେ । ଜୀବନ ବୀମାକର୍ତ୍ତାମାନଙ୍କୁ ଦୁଇଟି କାରଣ ପାଇଁ ସେଭଳି ମୁକ୍ତ ପରିସମ୍ପତ୍ତିସବୁକୁ ରଖିବାର ଆବଶ୍ୟକତା ଅଛି ।

i. ପ୍ରଥମତଃ ନୂତନ ବ୍ୟବସାୟକୁ ଅର୍ଥ ଯୋଗାଇବା ପାଇଁ କମ୍ପାନୀମାନଙ୍କୁ ପୁଞ୍ଜିର ଆବଶ୍ୟକତା ଥାଏ । ଆମେ ପୂର୍ବରୁ ଦେଖିଛୁ ସେମାନଙ୍କୁ କିପରି ସେମାନଙ୍କ ନୂତନ ବ୍ୟବସାୟ ଚାପକୁ ଅର୍ଥ ଯୋଗାଇବାର ଆବଶ୍ୟକତା ଥାଏ ।

ii. ମୁକ୍ତ ପରିସମ୍ପତ୍ତି ଜୀବନ ବୀମାକର୍ତ୍ତାକୁ ତା' ପ୍ରଣାଳୀ ଚୟନ କରିବାରେ ଅଧିକ ଶକ୍ତି ଓ ସ୍ୱତନ୍ତ୍ରତା ମଧ୍ୟ ପ୍ରଦାନ କରେ । ଏହା ସେହି କମ୍ପାନୀମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଯାଏ .ଯେଉଁମାନଙ୍କୁ ଉଚ୍ଚ ଓ ଅଧିକ ପ୍ରତିଯୋଗିତାମୂଳକ ପ୍ରତିଫଳ ଜାତ ଓ ପ୍ରଦାନ କରିବାର ଆବଶ୍ୟକତା ଥାଏ ।

ଥରେ ବିଭାଜ୍ୟ ଅଧିଶେଷ ଘୋଷିତ ହୋଇଗଲେ, ପରବର୍ତ୍ତୀ ସମସ୍ୟା ହେଉଛି ଜୀବନ ବୀମାକର୍ତ୍ତାର ପଲିସୀଧାରୀମାନଙ୍କ ମଧ୍ୟରେ ସେଗୁଡିକର ବିତରଣ ନିର୍ଦ୍ଧାରିତ କରିବା (ଅଂଶଧାରୀମାନଙ୍କ ମଧ୍ୟରେ ବିତରଣ ପାଇଁ କିଛି ଅଂଶ ରଖିବା ପରେ, ଯଦି କୌଣସି ଥାଏ) । ଭାରତରେ, ଏହି ଉଦ୍ଦେଶ୍ୟ ପାଇଁ ଲୋକପ୍ରିୟ ପଦ୍ଧତି ହୋଇଛି " ବୋନସ କାର୍ଯ୍ୟ ପ୍ରଣାଳୀ " ମାଧ୍ୟମ ଯେଉଁଠି ଅଧିଶେଷକୁ ବୋନସ ରୂପେ ଆବଣ୍ଟିତ କରାଯାଏ । ଏହି ପ୍ରଣାଳୀ ଯୁକ୍ତ ରାଜ୍ୟ, ଭାରତ ଏବଂ ଅନ୍ୟ ଅନେକ ଦେଶରେ ଲୋକପ୍ରିୟ ଅଟେ ।

3. ବୋନସ

ବୋନସକୁ ଏକ ଚୁକ୍ତି ଅନ୍ତର୍ଗତ ପ୍ରଦାନଯୋଗ୍ୟ ମୂଳଭୂତ ଲାଭ ସହିତ ଏକ ପରିବର୍ଦ୍ଧନ ରୂପେ ପ୍ରଦାନ କରାଯାଏ । ସାଧାରଣତଃ ଏହା ମୂଳଭୂତ ବୀମା ରାଶି କିମ୍ବା ବାର୍ଷିକ ମୂଳଭୂତ ପେନଶନ ସହିତ ଏକ ପରିବର୍ଦ୍ଧନ ରୂପେ ଦେଖାଯାଇପାରେ । ଉଦାହରଣ ସ୍ୱରୂପ, ଏହାକୁ ଟ 60 ପ୍ରତି ଏକ ହଜାର ବୀମା ରାଶି (କିମ୍ବା SA ର 60%) ରୂପେ ପ୍ରକାଶ କରାଯାଇପାରେ ।

ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି ପ୍ରତ୍ୟାବର୍ତ୍ତୀ ବୋନସ । କମ୍ପାନୀ ସେଭଳି ବୋନସ ପରିବର୍ଦ୍ଧନ ପ୍ରତି ବର୍ଷ, ଚୁକ୍ତିର ସ୍ଥିତିକାଳ ମଧ୍ୟରେ, ଘୋଷିତ କରିବା ପ୍ରତ୍ୟାଶା କରାଯାଏ । ଥରେ ଘୋଷିତ ହୋଇଗଲେ, ସେଗୁଡିକ ସଂଲଗ୍ନ ହୋଇଯାଏ ଏବଂ ହଟାଯାଇ ପାରିବ ନାହିଁ । ସେଗୁଡିକ କମ୍ପାନୀର ଦାୟିତ୍ୱର ଅଂଶ ହୋଇଥାନ୍ତି । ସେଗୁଡିକୁ 'ପ୍ରତ୍ୟାବର୍ତ୍ତୀ'

ବୋନସ କୁହାଯାଏ କାରଣ ପଲିସୀଧାରୀକୁ କେବଳ ସେଗୁଡିକ ପ୍ରାପ୍ତ ହୁଏ ଯେତେବେଳେ ଚୁକ୍ତି ମୃତ୍ୟୁ କିମ୍ବା ପରିପକ୍ୱତାରେ ଏକ ଦାବୀ ହୋଇଯାଏ ।

ବୋନସ ସମର୍ପଣରେ ମଧ୍ୟ ପ୍ରଦାନଯୋଗ୍ୟ ହୋଇପାରେ । ସେଭଳି କ୍ଷେତ୍ରରେ ଏହା ଅନେକ ସମୟରେ ଚୁକ୍ତି ରହେ ଯେ ଯୋଗ୍ୟ ହେବାପାଇଁ ଚୁକ୍ତି ଏକ ନିର୍ଦ୍ଦିଷ୍ଟ ଅବଧି (ଧରନ୍ତୁ 5 ବର୍ଷ) ପାଇଁ ଚାଲୁ ରହିଥିବା ଉଚିତ୍ ।

ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର

ଚିତ୍ର 5 : ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର



i. ସରଳ ପ୍ରତ୍ୟାବର୍ତ୍ତୀ ବୋନସ

ଏହା ହେଉଛି ଏକ ବୋନସ ଯାହାକୁ ଚୁକ୍ତି ଅନ୍ତର୍ଗତ ମୂଳଭୂତ ନଗଦ ଲାଭର କିଛି ପ୍ରତିଶତ ରୂପେ ପ୍ରକାଶ କରାଯାଇଥାଏ ।

ii. ଚକ୍ରବୃଦ୍ଧି ବୋନସ

ଏଠି କମ୍ପାନୀ ଏକ ବୋନସକୁ ମୂଳଭୂତ ଲାଭ ଓ ପୂର୍ବରୁ ସଂଯୁକ୍ତ ବୋନସର କିଛି ପ୍ରତିଶତ ରୂପେ ପ୍ରକାଶ କରେ । ଏହା ଏହି ପ୍ରକାରେ ଏକ ବୋନସ ଉପରେ ବୋନସ ଅଟେ । ଏହାକୁ ପ୍ରକାଶ କରିବାର ଏକ ପଦ୍ଧତି ହୋଇପାରେ ମୂଳ ବୀମା ରାଶି ଯୋଗ ସଂଯୁକ୍ତ ବୋନସର 8% ହାର ରୂପେ ।

iii. ଆବଧିକ ବୋନସ

ଯେପରିକି ନାମ ସୂଚୀତ କରେ, ଏହି ବୋନସ ଚୁକ୍ତି ସହିତ ସଂଯୁକ୍ତ ହୁଏ କେବଳ ମୃତ୍ୟୁ କିମ୍ବା ପରିପକ୍ୱତାରେ ଏହାର ଚୁକ୍ତୀୟ ସମାପ୍ତିରେ । ଏହି ବୋନସକୁ କେବଳ ଆଗାମୀ ବର୍ଷର ଦାବୀ ପାଇଁ, ପରବର୍ତ୍ତୀ ବର୍ଷଗୁଡିକ ବିଷୟରେ କୌଣସି ବଚନବଦ୍ଧତା ବିନା (ଯେମିତିକି ପ୍ରତ୍ୟାବର୍ତ୍ତୀ ବୋନସ କ୍ଷେତ୍ରରେ ହୁଏ), ଘୋଷିତ କରାଯାଏ ।

ଏ ପ୍ରକାରେ 2013 ପାଇଁ ଘୋଷିତ ଆବଧିକ ବୀମା କେବଳ ସେହି ଦାବୀସବୁ ପାଇଁ ଲାଗୁ ହେବ ଯାହା 2013-14 ପାଇଁ ଉତ୍ପନ୍ନ ହୋଇଛି ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ନୁହେଁ ।

ପରିଶେଷରେ, ଆବଧିକ ବୋନସ ଚୁକ୍ତିର ସମୟାବଧି ଉପରେ ନିର୍ଭର କରେ, ଏବଂ ଅବଧି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହା ବୃଦ୍ଧି ହୁଏ । ଏ ପ୍ରକାରେ ଏକ 25 ବର୍ଷ ପାଇଁ ଚାଲୁ ରହିଥିବା ଏକ ଚୁକ୍ତି ପାଇଁ ଆବଧିକ ବୋନସ 15 ବର୍ଷ ପାଇଁ ଚାଲୁ ରହିଥିବା ଚୁକ୍ତିର ଆବଧିକ ବୋନସଠାରୁ ଅଧିକ ହେବ ।

ଅଧିକ ଅପ୍ରାପ୍ତ ଲାଭ ଯାହା ଶେୟର ଓ ସମ୍ପତ୍ତି ରେ ବର୍ଦ୍ଧିତ ନିବେଶର ପରିଣାମସ୍ୱରୂପ ଅର୍ଜିତ କରାଯାଇଥାଏ , ସେଗୁଡିକୁ କେମିତି ବ୍ୟବହାର କରାଯିବ, ଏହି ସମସ୍ୟାର ସମାଧାନ ରୂପେ (UK ରେ) ଆବଧିକ ବୋନସ ଉତ୍ପନ୍ନ ହୋଇଥିଲା । ଏଗୁଡିକୁ ଏକ ଅଫ୍ ପ୍ରଦାନ ରୂପେ ଦେଇ ଓ ସେସବୁକୁ ସମୟ ସହିତ ସମ୍ବନ୍ଧିତ କରି ଜୀବନ ବୀମା କମ୍ପାନୀମାନେ ଏହି ବୋନସଗୁଡିକୁ କେମିତି ରଖିବେ, ଏହି ସମସ୍ୟାର ସମାଧାନ କରିଥିଲେ । ଏଗୁଡିକ ପଲିସୀଧାରୀମାନଙ୍କ ମଧ୍ୟରେ ଯଥାର୍ଥତା ପ୍ରାପ୍ତ କରିବାର ଏକ ପଦ୍ଧତି ମଧ୍ୟ ହୋଇଗଲେ ।

4. ଯୋଗଦାନ ପଦ୍ଧତି

ଅଧିଶେଷ ଆବଣ୍ଟନର ଅନ୍ୟ ଏକ ପଦ୍ଧତି ଯାହାକୁ ଉତ୍ତର ଆମେରିକାରେ ଲାଗୁ କରାଯାଇଛି, ''ଯୋଗଦାନ'' ପଦ୍ଧତି ଅଟେ । ଏହି ପଦ୍ଧତି ଅନୁସାରେ, ପ୍ରତିଫଳକୁ ଅଧିଶେଷର ତିନୋଟି ଆଧାରକୁ ଦିଆଯାଏ – ଅତିରିକ୍ତ ସୁଧ, ମୃତ୍ୟୁ ସଂଚୟ ଏବଂ ବ୍ୟୟ ଓ ଅନ୍ୟାନ୍ୟ ଲୋଡିଙ୍ଗ ସମ୍ବନ୍ଧରେ ଉତ୍ପନ୍ନ ହେଉଥିବା ସଂଚୟ ।

ଅଧିଶେଷକୁ ଏ ପ୍ରକାରେ, ଯାହା ଘଟିବାର ପ୍ରତ୍ୟାଶା କରାଯାଉଥିଲା ଏବଂ ମୃତ୍ୟୁ, ସୁଧ ଓ ବ୍ୟୟ ସମ୍ବନ୍ଧରେ ବର୍ଷ ମଧ୍ୟ ବାସ୍ତବରେ କ'ଣ ଘଟିଲା, ତାର ଅନ୍ତର ଦ୍ୱାରା ପ୍ରାପ୍ତ କରାଯାଏ ।

ଘୋଷିତ କରାଯାଉଥିବା ଡିଭିଡେଣ୍ଡକୁ ନିମ୍ନ ଚାରି ପଦ୍ଧତି ମଧ୍ୟରୁ ଗୋଟିଏରେ ବ୍ୟବହାର କରାଯାଏ

i. ଏହାକୁ ଡିଭିଡେଣ୍ଡ ରୂପେ ନଗଦରେ ପ୍ରଦାନ କରାଯାଇପାରେ

ii. ଭବିଷ୍ୟତ ପ୍ରିମିୟମ ସହିତ ସମାୟୋଜନ, ଏବଂ ସେଥିରୁ ହ୍ରାସ ରୂପେ

iii. ତୃତୀୟ ପଦ୍ଧତି ହେଉଛି ପଲିସୀ ସହିତ ଅଣ-ଜବତ କରିବାଯୋଗ୍ୟ ପ୍ରଦାନ କରାଯାଇଥିବା ସଂଯୋଜନର କ୍ରୟର ସ୍ୱୀକୃତି ଦେବା

iv. ପରିଶେଷରେ ଡିଭିଡେଣ୍ଡସବୁକୁ ପଲିସୀର ଜମା ଧନରେ, ସୁଧ ସହିତ ସଂଚିତ କରିବା ପାଇଁ ସ୍ୱୀକୃତି ଦିଆଯାଇପାରେ । ଏହା ପଲିସୀଧାରୀର ଇଚ୍ଛାରେ କିମ୍ବା କେବଳ ଚୁକ୍ତିର ସମାପ୍ତିରେ ହଟାଇ ନିଆଯାଇପାରେ

5. ୟୁନିଟ ଲିଙ୍କ୍ଡ ପଲିସୀ

ପାରମ୍ପରିକ **"ଲାଭ ସହିତ"** ପଲିସୀସବୁରେ, ଉପରେ ଆଲୋଚିତ ହୋଇଥିବା ହିସାବରେ, ସେମାନେ ପ୍ରଦାନ କରୁଥିବା ବୋନସ ଓ ଜୀବନ ବୀମା କର୍ତ୍ତାର ନିବେଶ ପ୍ରଦର୍ଶନ ମଧ୍ୟରେ ଏକ ଚୁକ୍ତିନ ସମ୍ମିଳିତ ଥାଏ । ଚୁକ୍ତିନ ଅବଶ୍ୟ ପ୍ରତ୍ୟକ୍ଷ ନୁହେଁ । ପଲିସୀଧାରୀର ବୋନସ ସେହି ଅଧିଶେଷ ଦ୍ୱାରା ନିର୍ଦ୍ଧାରିତ ହୁଏ ଯାହା ବୀମାକର୍ତ୍ତାର ପରିସମ୍ପତ୍ତି ଓ ଦାୟିତ୍ୱସବୁର ଆବଧିକ ମୂଲ୍ୟାଙ୍କନ ସମୟରେ ଘୋଷିତ ହୁଏ । ଫଳ ସ୍ୱରୂପ, ବୋନସ ସଂରଚନା ବୀମାକର୍ତ୍ତାର ଆଧାରଭୂତ ପରିସମ୍ପତ୍ତିସବୁର ମୂଲ୍ୟକୁ ପ୍ରତ୍ୟକ୍ଷରୂପେ ପ୍ରତିଫଳିତ କରେ ନାହିଁ ।

ପୁନଶ୍ଚ, ଏକ ମୂଲ୍ୟାଙ୍କନ ଅନ୍ତର୍ଗତ ବୋନସସବୁ ସାଧାରଣତଃ ବର୍ଷକୁ କେବଳ ଥରେ ଘୋଷଣା କରାଯାଏ । ସେମାନେ ସ୍ୱଷ୍ଟତଃ ପରିସମ୍ପତ୍ତିସବୁର ମୂଲ୍ୟରେ ହେଉଥିବା ଦୈନିକ ପରିବର୍ତ୍ତନକୁ ପ୍ରତିଫଳିତ କରି ନ ପାରନ୍ତି । ୟୁନିଟ ଲିଙ୍କ୍ଡ ପଲିସୀଗୁଡିକର ଅଭିକଳ୍ପନା ଉପରୋକ୍ତ ଚୁକ୍ତିଗୁଡିକ ମଧ୍ୟରୁ କେତେକକୁ ନିୟନ୍ତ୍ରଣରେ ରଖିବା ପାଇଁ ସ୍ୱଷ୍ଟରୂପେ କରାଯାଇଛି ।

ସେମାନେ ଉତ୍ପାଦଗୁଡିକର ଅଭିକଳ୍ପନା ପ୍ରତି ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ରଖନ୍ତି ଏବଂ ଏକ ଭିନ୍ନ ସମୂହର ସିଦ୍ଧାନ୍ତ ଗୁଡିକର ଅନୁପାଳନ କରନ୍ତି ।

କ) ୟୁନିଟରେ ବର୍ଗୀକୃତ କରିବା

ଏହି ପଲିସୀଗୁଡିକର ବିଶିଷ୍ଟ ଲକ୍ଷଣ ହେଉଛି ଯେ ସେଗୁଡିକର ଲାଭକୁ ପଲିସୀଧାରୀର ଖାତାରେ ୟୁନିଟ ଦାବୀ ପ୍ରଦାନ ଦେୟ ହେଉଥିବା ତାରିଖରେ ଜମା ହୋଇଥିବା ୟୁନିଟସବୁର ମୂଲ୍ୟ ଦ୍ୱାରା ସଂପୂର୍ଣ୍ଣରୂପେ କିମ୍ବା ଆଂଶିକ ରୂପେ ନିର୍ଦ୍ଧାରିତ କରାଯାଏ । ଏକ ନିବେଶ ନିଧିକୁ ଅନେକ ସଂଖ୍ୟକ ସମାନ ଅଂଶରେ ବିଭକ୍ତ କରି ଏକ ୟୁନିଟ ଜାତ କରାଯାଏ ।

ଖ) ସ୍ୱଚ୍ଛ ସଂରଚନା

ଏକ ୟୁନିଟ ସଂଯୁକ୍ତ ଉତ୍ପାଦର ବୀମା ସୁରକ୍ଷା ଓ ବ୍ୟୟ ପାଇଁ ଚାର୍ଜସବୁ ସ୍ୱଷ୍ଟରୂପେ ନିରୂପିତ କରାଯାଇଥାଏ । ଏହି ଚାର୍ଜସବୁ ଥରେ ପ୍ରିମିୟମରୁ କାଟି ଦିଆଯିବା ପରେ ଖାତାର ବଳକା ରାଶି ଏବଂ ଏହାଠାରୁ ପ୍ରାପ୍ତ ଆୟକୁ ୟୁନିଟସବୁରେ ନିବେଶ କରାଯାଇଥାଏ । ଏହି ୟୁନିଟ ସବୁର ମୂଲ୍ୟକୁ ପ୍ରଦର୍ଶନର ପୂର୍ବ- ନିର୍ଦ୍ଧାରିତ ସୂଚକ ପ୍ରସଙ୍ଗରେ ନିର୍ଦ୍ଧାରିତ କରାଯାଇଥାଏ ।

ଏହାକୁ ଏକ ନିୟମ କିମ୍ବା ସୂତ୍ର ଦ୍ୱାରା ନିର୍ଦ୍ଧାରିତ କରାଯାଏ, ଯାହାର ରୂପରେଖା ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ଏହି ସୂତ୍ରକୁ ଅନୁସରଣ କରି, ଦୁଇ ଜଣ ସ୍ୱତନ୍ତ୍ର ବ୍ୟକ୍ତି, ଲାଭର ସମାନ ଆକଳନରେ ପହଞ୍ଚିବେ । ପଲିସୀଧାରୀ ଲାଭ, ଅନ୍ୟ ଶବ୍ଦରେ, ଜୀବନ ବୀମା କମ୍ପାନୀର ପୂର୍ବାନୁମାନ ଓ ସ୍ୱନିର୍ଣ୍ଣୟ ଉପରେ ନିର୍ଭର କରେ ନାହିଁ ।

ଗ) ମୂଲ୍ୟ ନିର୍ଦ୍ଧାରଣ

ବୃତ୍ତିଦାନ/ବନ୍ଦୋବସ୍ତୀ ଭଳି ପାରମ୍ପରିକ ଯୋଜନାସବୁରେ, ବୀମିତ କ୍ରୟ କରିବାକୁ ଥିବା ବୀମା ରାଶିର ବୀମିତ ନିଷ୍ପତ୍ତି ନିଏ । ଏହି ପ୍ରତ୍ୟାଭୂତ ରାଶି ଗ୍ୟାରେଣ୍ଟିପ୍ରାପ୍ତ ଅଟେ ଏବଂ ପ୍ରିମିୟମକୁ ଏ ପ୍ରକାରେ ସ୍ଥିର କରାଯାଏ ଯାହା ଦ୍ୱାରା, ମୃତ୍ୟୁ, ସୁଧ ଓ ବ୍ୟୟର ଦତ୍ତ ପୂର୍ବାନୁମାନ ଅନ୍ତର୍ଗତ, ଏହି ରାଶିପରିମାଣକୁ ପ୍ରଦାନ କରିବା ଯଥେଷ୍ଟ ହେବ । ଯଦି ବାସ୍ତବ ଅନୁଭୂତି ପ୍ରିମିୟମ ନିର୍ଦ୍ଧାରଣ କରିବା ସମୟରେ କରାଯାଇଥିବା ପୂର୍ବାନୁମାନ ଅପେକ୍ଷା ଉତ୍ତମ ହୁଏ, ଲାଭକୁ ବୋନସ ରୂପେ ପ୍ରଦାନ କରାଯାଏ ।

ୟୁନିଟ ଲିଙ୍କ୍ଡ ପଲିସୀଗୁଡିକ ଅନ୍ତର୍ଗତ, ବୀମିତ ନିର୍ଣ୍ଣୟ କରେ ଯେ ସେ ନିୟମିତ ଅନ୍ତରାଳରେ କେତେ ପ୍ରିମିୟମ ରାଶିର ଅଂଶଦାନ କରିପାରିବ । ପ୍ରିମିୟମ ଭିନ୍ନ ଭିନ୍ନ ହୋଇପାରେ, ଏକ ସର୍ବନିମ୍ନ ରାଶି ଅନ୍ତର୍ଗତ, ଯାହାକୁ ପ୍ରଦାନ କରିବା ଆବଶ୍ୟକ ହୋଇପାରେ । ବୀମା ସୁରକ୍ଷା ପ୍ରଦାନ କରାଯାଇଥିବା ପ୍ରିମିୟମଗୁଡିକର ଗୁଣକ ଅଟେ – ଉଦାହରଣ ସ୍ୱରୂପ, ଏହା ବାର୍ଷିକ ପ୍ରିମିୟମର ଦଶ ଗୁଣ ହୋଇପାରେ ।

ପ୍ରିମିୟମକୁ ତିନି ଭାଗରେ ବିଭକ୍ତ କରାଯାଇପାରେ

i. ପ୍ରଥମତଃ ଏକ ପଲିସୀ ଆବଣ୍ଟନ ଚାର୍ଜ (PAC) ଥାଏ ଯାହା ଅଭିକର୍ତ୍ତାମାନଙ୍କ କମିଶନ, ପଲିସୀ ସ୍ଥାପନ ମୂଲ୍ୟ, ପ୍ରଶାସନିକ ମୂଲ୍ୟ ଓ ବୈଧାନିକ କରସବୁକୁ ଅନ୍ତର୍ଭୁକ୍ତ କରେ ।

ii. ଦ୍ୱିତୀୟ ଘଟକ ହେଉଛି ମୃତ୍ୟୁ ଚାର୍ଜ ଯାହା ସଙ୍କଟ ସୁରକ୍ଷା ପ୍ରଦାନ କରିବା ମୂଲ୍ୟ ଅଟେ ।

iii. ଉପରୋକ୍ତ ଦୁଇଟିକୁ ପୂରଣ କରିବା ପରେ ପ୍ରିମିୟମଗୁଡିକର ବଳକାକୁ ୟୁନିଟଗୁଡିକର କ୍ରୟ ପାଇଁ ଆବଣ୍ଟିତ କରାଯାଏ ।

ପ୍ରିମିୟମଗୁଡିକର ଏକ ସମାନୁପାତ ହିସାବରେ ପ୍ରାରମ୍ଭିକ ବର୍ଷଗୁଡିକରେ ଉଭୟ ପାରମ୍ପରିକ ଓ ୟୁଲିପ ଯୋଜନାରେ, PAC ଅଧିକ ହୋଇଥାଏ । ପାରମ୍ପରିକ ପଲିସୀ ଅନ୍ତର୍ଗତ, ଏହି ଚାର୍ଜସବୁକୁ ଭାଗ କରାଯାଏ ଏବଂ ପଲିସୀ ଅବଧି ସାରା ପ୍ରସାରିତ କରାଯାଏ । ୟୁଲିପଗୁଡିକ କ୍ଷେତ୍ରରେ ଅବଶ୍ୟ ସେଗୁଡିକ ପ୍ରାରମ୍ଭିକ ପ୍ରିମିୟମସବୁରୁ ହିଁ କାଟି ନିଆଯାଏ । ଏହାର ଅର୍ଥ ହେଉଛି ଯେ ପ୍ରାରମ୍ଭିକ ଅବସ୍ଥାରେ, ଚାର୍ଜସବୁ ନିବେଶ ପାଇଁ ଆବଣ୍ଟିତ କରାଯାଉଥିବା ରାଶିକୁ ମହତ୍ତ୍ୱପୂର୍ଣ୍ଣ ରୂପେ କମ କରିଦେଇପାରେ । ଏହି କାରଣରୁ ଲାଭସବୁର ମୂଲ୍ୟ, ତଥା ପ୍ରଦାନ କରାଯାଇଥିବା ପ୍ରିମିୟମ ଅତ୍ୟନ୍ତ କମ ହୋଇପାରେ । ଏହା ବାସ୍ତବରେ ଚୁକ୍ତିର ପ୍ରାରମ୍ଭିକ ବର୍ଷଗୁଡିକରେ ପ୍ରଦାନ କରାଯାଇଥିବା ପ୍ରିମିୟମସବୁଠାରୁ କମ ହୋଇପାରେ ।

ଘ) ନିବେଶ ସଙ୍କଟର ବହନ

ଅନ୍ତିମରେ, ଯେହେତୁ ୟୁନିଟସବୁର ମୂଲ୍ୟ ଜୀବନ ବୀମାକର୍ତ୍ତାର ନିବେଶର ମୂଲ୍ୟ ଉପରେ ନିର୍ଭର କରେ, ଏକ ସଙ୍କଟ ଅଛି ଯେ ଏହି ୟୁନିଟ ମୂଲ୍ୟ ସମ୍ଭାବ୍ୟ ଗ୍ରାହକ ମୂଲ୍ୟଠାରୁ କମ ହୋଇପାରେ ଏବଂ ପରିମାଣରେ ପ୍ରତିଫଳ କମ କିମ୍ବା ବିଯୁକ୍ତାତ୍ମକ ମଧ୍ୟ ହୋଇପାରେ । ଜୀବନ ବୀମାକର୍ତ୍ତା, ଏହି ନିବେଶସବୁକୁ ନିପୁଣ ଓ ବିବେକଶୀଳ ରୂପେ ବ୍ୟବସ୍ଥିତ କରିବ ବୋଲି ପ୍ରତ୍ୟାଶା ରଖାଯାଉଥିବା ସମୟରେ, ୟୁନିଟ ମୂଲ୍ୟଗୁଡିକ ଉପରେ କୌଣସି ଗ୍ୟାରେଣ୍ଟି ଦିଏ ନାହିଁ । ନିବେଶ ସଙ୍କଟକୁ ଅନ୍ୟ ଶବ୍ଦରେ, ପଲିସୀଧାରୀ/ୟୁନିଟଧାରୀ ଦ୍ୱାରା ବହନ କରାଯାଏ । ଜୀବନ ବୀମାକର୍ତ୍ତା ଅବଶ୍ୟ ମୃତ୍ୟୁ ଓ ବ୍ୟୟ ସଙ୍କଟକୁ ଧାରଣ କରିପାରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 2

ୟୁଲିପଗୁଡିକ କ୍ଷେତ୍ରରେ ନିବେଶ ସଙ୍କଟକୁ କିଏ ବହନ କରେ ?

I. ବୀମାକର୍ତ୍ତା
II. ବୀମିତ
III. ରାଷ୍ଟ୍ର
IV. ଆଇଆରଡିଏ

ସାରାଂଶ

- ସାଧାରଣ ଭାଷାରେ, ପ୍ରିମିୟମ ପଦ ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମା ପଲିସୀ କ୍ରୟ କରିବା ପାଇଁ ଏକ ବୀମିତ ଦ୍ୱାରା ପ୍ରଦାନ କରାଯାଏ ।
- ଜୀବନ ବୀମା ପଲିସୀଗୁଡିକ ପାଇଁ ପ୍ରିମିୟମ ନିର୍ଦ୍ଧାରଣ ପ୍ରକ୍ରିୟା ମୃତ୍ୟୁ, ସୁଧ, ଖର୍ଚ୍ଚ ବ୍ୟବସ୍ଥା ଓ ରିଜର୍ଭସବୁର ବିଚାର ସହିତ ସଂପୃକ୍ତ ।

- ମୋଟ ପ୍ରିମିୟମ ହେଉଛି ନେଟ/ଶୁଦ୍ଧ ପ୍ରିମିୟମ ଯୁକ୍ତ ଲୋଡିଙ୍ଗ କୁହାଯାଉଥିବା ଏକ ରାଶି ପରିମାଣ ।
- ଏକ ବ୍ୟପଗମନର ଅର୍ଥ ହେଉଛି ଯେ ପଲିସୀଧାରୀ ପ୍ରିମିୟମ ପ୍ରଦାନ ବନ୍ଦ କରିଦିଏ । ଅପସାରଣ/ ହଟାଇନେବା କ୍ଷେତ୍ରରେ, ପଲିସୀଧାରୀ ପଲିସୀର ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶି ପରିମାଣ ପ୍ରାପ୍ତ ହୁଏ ।
- ଜୀବନ ବୀମାକର୍ତ୍ତା ଯାହା ପୂର୍ବାନୁମାନ କରିଥିଲା, ତା' ଅପେକ୍ଷା ତା' ବାସ୍ତବ ଅନୁଭୂତ ଉତ୍ତମତର ହେବା ପରିଣାମରେ ଅଧିଶେଷ ଉତ୍ପନ୍ନ ହୁଏ ।
- ଅଧିଶେଷ ଆବଣ୍ଟନ ପରିଶୋଧ କ୍ଷମତା ଆବଶ୍ୟକତାକୁ ସୁବ୍ୟବସ୍ଥିତ କରିବା, ମୁକ୍ତ ପରିସମ୍ପତ୍ତିସବୁ ବୃଦ୍ଧି କରିବା ଇତ୍ୟାଦି ପାଇଁ ହୋଇପାରେ ।
- ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି ପ୍ରତ୍ୟାବର୍ତ୍ତୀ ବୋନସ ।

ମୂଖ୍ୟ ଶବ୍ଦାବଳୀ

1. ପ୍ରିମିୟମ
2. (ରିବେଟ) ଛୁଟ
3. ବୋନସ
4. ଅଧିଶେଷ
5. ରିଜର୍ଭ
6. ଲୋଡିଙ୍ଗ
7. ପ୍ରତ୍ୟାବର୍ତ୍ତୀ ବୋନସ

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ପଲିସୀଧାରୀ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ବନ୍ଦ କରିଦେବାକୁ ପଲିସୀ ବ୍ୟପଗମନ କୁହାଯାଏ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି II ।

ୟୁଲିପ କ୍ଷେତ୍ରରେ ନିବେଶ ସଙ୍କଟକୁ ବୀମିତ ବହନ କରେ ।

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ଏକ ବୀମା ପଲିସୀ ପରିପ୍ରେକ୍ଷୀରେ "ପ୍ରିମିୟମ" ପଦ କ'ଣ ସୂଚୀତ କରେ ?

I. ବୀମାକର୍ତ୍ତା ଦ୍ୱାରା ଅର୍ଜିତ ଲାଭ
II. ପଲିସୀ କ୍ରୟ କରିବା ପାଇଁ ଏକ ବୀମିତ ଦ୍ୱାରା ପ୍ରଦାନ କରାଯାଉଥିବା ମୂଲ୍ୟ
III. ଏକ ପଲିସୀ ଉପରେ ଏକ ବୀମାକର୍ତ୍ତାର ମାର୍ଜିନ
IV. ଏକ ପଲିସୀ ଉପରେ ଏକ ବୀମାକର୍ତ୍ତା ଦ୍ୱାରା କରାଯାଉଥିବା ବ୍ୟୟ

ପ୍ରଶ୍ନ 2

ନିମ୍ନ ମଧ୍ୟରୁ କେଉଁଟି ଜୀବନ ବୀମା ପ୍ରିମିୟମ ନିର୍ଦ୍ଧାରିତ କରିବାରେ ଏକ କାରକ ନୁହେଁ ?

I. ମୃତ୍ୟୁହାର
II. ରିବେଟ (ଛୁଟ)
III. ରିଜର୍ଭ
IV. ପ୍ରବନ୍ଧନ ଖର୍ଚ୍ଚ

ପ୍ରଶ୍ନ 3

ଏକ ପଲିସୀ ଅପସାରଣ (ହଟାଇବା) କ'ଣ ଅଟେ ?

I. ପଲିସୀଧାରୀ ଦ୍ୱାରା ପ୍ରିମିୟମ ପ୍ରଦାନ ବନ୍ଦ କରିବା
II. ଅର୍ଜିତ ସମର୍ପଣ ମୂଲ୍ୟ ପ୍ରତିବଦଳରେ ପଲିସୀର ସମର୍ପଣ
III. ପଲିସୀ ଉନ୍ନତିକରଣ
IV. ପଲିସୀ ଅବନତିକରଣ

ପ୍ରଶ୍ନ 4

ନିମ୍ନ ମଧ୍ୟରୁ କେଉଁଟି ଅଧିଶେଷକୁ ପରିଭାଷିତ କରିବାର ଏକ ଉପାୟ ଅଟେ ?

I. ଅତ୍ୟଧିକ ଦାୟିତ୍ୱ
II. ଅତ୍ୟଧିକ କାରବାର (ମୋଟ ବିକ୍ରୀ)
III. ପରିସମ୍ପତ୍ତିଗୁଡିକ ଉପରେ ଦାୟିତ୍ୱଗୁଡିକର ଅତିରିକ୍ତ ମୂଲ୍ୟ
IV. ଦାୟିତ୍ୱଗୁଡିକ ଉପରେ ପରିସମ୍ପତ୍ତିଗୁଡିକର ଅତିରିକ୍ତ ମୂଲ୍ୟ

ପ୍ରଶ୍ନ 5

ନିମ୍ନ ମଧ୍ୟରୁ କେଉଁଟି ୟୁଲିପ ପ୍ରିମିୟମର ଏକ ଘଟକ ନୁହେଁ ?

I. ପଲିସୀ ଆବଣ୍ଟନ ଚାର୍ଜ
II. ନିବେଶ ସଙ୍କଟ ପ୍ରିମିୟମ
III. ମୃତ୍ୟୁ ଚାର୍ଜ
IV. ସାମାଜିକ ସୁରକ୍ଷା ଚାର୍ଜ

ପ୍ରଶ୍ନ 6

ଜୀବନ ବୀମା କମ୍ପାନୀମାନେ କ୍ରେତାମାନଙ୍କୁ ସେହି ପ୍ରିମିୟମ ଉପରେ ରିବେଟ (ଛୁଟ) ପ୍ରଦାନ କରିପାରନ୍ତି ଯାହା _____ ଆଧାରରେ ପ୍ରଦାନଯୋଗ୍ୟ ହୋଇଥାଏ ।

I. କ୍ରେତାଦ୍ୱାରା ଚୟନ କରାଯାଇଥିବା ବୀମା ରାଶି
II. କ୍ରେତାଦ୍ୱାରା ଚୟନ କରାଯାଇଥିବା ପଲିସୀ ପ୍ରକାର
III. କ୍ରେତାଦ୍ୱାରା ଚୟନ କରାଯାଇଥିବା ଯୋଜନାର ଅବଧି
IV. କ୍ରେତାଦ୍ୱାରା ଚୟନ କରାଯାଇଥିବା ରାଶି ପ୍ରଦାନ ପ୍ରଣାଳୀ (ନଗଦ, ଚେକ୍, କାର୍ଡ)

ପ୍ରଶ୍ନ 7

ସୁଧ ହାର ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଘଟକ ଯାହାର ଉପଯୋଗ ପ୍ରିମିୟମ ନିର୍ଦ୍ଧାରଣ କରିବା ସମୟରେ କରାଯାଏ । ସୁଧ ହାର ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଠିକ୍ ଅଟେ ?

I. ପୂର୍ବାନୁମାନ କରାଯାଇଥିବା ସୁଧ ହାର ଯେତେ କମ ହେବ, ପ୍ରିମିୟମ ସେତେ କମ୍ ହେବ
II. ପୂର୍ବାନୁମାନ କରାଯାଇଥିବା ସୁଧ ହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ ଅଧିକ ହେବ
III. ପୂର୍ବାନୁମାନ କରାଯାଇଥିବା ସୁଧ ହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ କମ୍ ହେବ
IV. ସୁଧ ହାର ପ୍ରିମିୟମକୁ ପ୍ରଭାବିତ କରେ ନାହିଁ

ପ୍ରଶ୍ନ 8

ନିମ୍ନ ଉକ୍ତି ମଧ୍ୟରୁ କେଉଁଟି ଠିକ୍ ଅଟେ ?

I. ଏକ ନେଟ୍ (ଶୁଦ୍ଧ) ପ୍ରିମିୟମ ସହିତ ନମୁନାରୂପକ ଲୋଡିଙ୍ଗରେ 3 ଭାଗ ଥାଇପାରେ : କ) ପ୍ରିମିୟମସବୁ ପାଇଁ ଏକ ସ୍ଥିର ରାଶି (ଖ) ପ୍ରତ୍ୟେକ '1000 ଚୁକ୍ତି ରାଶି' ପାଇଁ ଏକ ସ୍ଥିର ରାଶି ଏବଂ (ଗ) ପ୍ରତ୍ୟେକ ପଲିସୀ ପାଇଁ ଏକ ସ୍ଥିର ରାଶି
II. ଏକ ନେଟ୍ (ଶୁଦ୍ଧ) ପ୍ରିମିୟମ ସହିତ ନମୁନାରୂପକ ଲୋଡିଙ୍ଗରେ 3 ଭାଗ ଥାଇପାରେ : କ) ପ୍ରିମିୟମସବୁର କିଛି ପ୍ରତିଶତ ପାଇଁ ଏକ ସ୍ଥିର ରାଶି (ଖ) ପ୍ରତ୍ୟେକ '1000 ଚୁକ୍ତି ରାଶି' ପାଇଁ ଏକ ସ୍ଥିର ରାଶି ଏବଂ (ଗ) ପ୍ରତ୍ୟେକ ପଲିସୀ ପାଇଁ ଏକ ସ୍ଥିର ରାଶି
III. ଏକ ନେଟ୍ (ଶୁଦ୍ଧ) ପ୍ରିମିୟମ ସହିତ ନମୁନାରୂପକ ଲୋଡିଙ୍ଗରେ 3 ଭାଗ ଥାଇପାରେ (କ) ପ୍ରିମିୟମ ପାଇଁ ଏକ ସ୍ଥିର ରାଶି ଏବଂ (ଖ)ପ୍ରତ୍ୟେକ '1000 ଚୁକ୍ତି ରାଶି' ପାଇଁ ଏକ ସ୍ଥିର ପ୍ରତିଶତ (ଗ) ପ୍ରତ୍ୟେକ ପଲିସୀ ପାଇଁ ଏକ ସ୍ଥିର ରାଶି
IV. ଏକ ନେଟ୍ (ଶୁଦ୍ଧ) ପ୍ରିମିୟମ ସହିତ ନମୁନାରୂପକ ଲୋଡିଙ୍ଗରେ 3 ଭାଗ ଥାଇପାରେ : (କ) ପ୍ରିମିୟମସବୁ ପାଇଁ ଏକ ସ୍ଥିର ରାଶି (ଖ) ପ୍ରତ୍ୟେକ '1000 ଚୁକ୍ତି ରାଶି' ପାଇଁ ଏକ ସ୍ଥିର ରାଶି ଏବଂ (ଗ) ପ୍ରତ୍ୟେକ ପଲିସୀ ପାଇଁ କିଛି ପ୍ରତିଶତ ରାଶି

ପ୍ରଶ୍ନ 9

ବୀମା କମ୍ପାନୀମାନଙ୍କ ଦ୍ୱାରା ପରିସମ୍ପତ୍ତିଗୁଡିକର ମୂଲ୍ୟାଙ୍କନ ସମ୍ବନ୍ଧରେ, _____ ହେଉଛି ସେହି ମୂଲ୍ୟ ଯାହା ଦ୍ୱାରା ଜୀବନ ବୀମାକର୍ତ୍ତା ଏହାର ପରିସମ୍ପତ୍ତିଗୁଡିକୁ କ୍ରୟ କରିଛି କିମ୍ବା ପ୍ରାପ୍ତ ହୋଇଛି ।

I. ଡିସ୍କାଉଣ୍ଟ କରାଯାଇଥିବା ଭବିଷ୍ୟତ ମୂଲ୍ୟ

II. ଡିସ୍କାଉଣ୍ଟ କରାଯାଇଥିବା ବର୍ତ୍ତମାନ ମୂଲ୍ୟ

III. ବଜାର ମୂଲ୍ୟ

IV. ବହି ମୂଲ୍ୟ

ପ୍ରଶ୍ନ 10

_____ କ୍ଷେତ୍ରରେ, ଏକ କମ୍ପାନୀ ବୋନସକୁ ମୂଳଭୂତ ଲାଭ ଓ ପୂର୍ବରୁ ସଂଯୁକ୍ତ ବୋନସର କିଛି ପ୍ରତିଶତ ରୂପେ ପ୍ରକାଶ କରିଥାଏ ।

I. ପ୍ରତ୍ୟାବର୍ତ୍ତୀ ବୋନସ

II. ଚକ୍ରବୃଦ୍ଧି ବୋନସ

III. ଆବଧିକ ବୋନସ

IV. ଦୃଢତା ବୋନସ

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ପଲିସୀ କ୍ରୟ କରିବା ପାଇଁ ଏକ ବୀମିତ ଦ୍ୱାରା ପ୍ରଦାନ କରାଯାଉଥିବା ମୂଲ୍ୟକୁ ପ୍ରିମିୟମ କୁହାଯାଏ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି II ।

ଜୀବନ ବୀମା ପ୍ରିମିୟମ ନିର୍ଦ୍ଧାରିତ କରିବାରେ ରିବେଟ (ଛୁଟ) ଏକ କାରକ ନୁହେଁ ।

ଉତ୍ତର 3

Tସଠିକ୍ ବିକଳ୍ପ ହେଉଛି II ।

ଅର୍ଜିତ ସମର୍ପଣ ମୂଲ୍ୟ ପ୍ରତିବଦଳରେ ପଲିସୀର ସମର୍ପଣକୁ ପଲିସୀ ଅପସାରଣ (ହଟାଇନେବା) କୁହାଯାଏ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି IV ।

ଦାୟିତ୍ୱଗୁଡିକ ଉପରେ ପରିସମ୍ପତ୍ତିଗୁଡିକର ଅତିରିକ୍ତ ମୂଲ୍ୟ ଅଧିଶେଷକୁ ପରିଭାଷିତ କରିବାର ଏକ ଉପାୟ ଅଟେ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି IV ।

ୟୁଲିପ ପ୍ରିମିୟମ ଆବଣ୍ଟନ ଚାର୍ଜ, ନିବେଶ ସଙ୍କଟ ପ୍ରିମିୟମ ଓ ମୃତ୍ୟୁ ଚାର୍ଜ ନେଇ ଗଠିତ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି I ।

ଜୀବନ ବୀମା କମ୍ପାନୀମାନେ କ୍ରେତାମାନଙ୍କୁ ସେହି ପ୍ରିମିୟମ ଉପରେ ରିବେଟ (ଛୁଟ) ପ୍ରଦାନ କରିପାରନ୍ତି ଯାହା କ୍ରେତାଦ୍ୱାରା ଚୟନ କରାଯାଇଥିବା ବୀମା ରାଶି ଆଧାରରେ ପ୍ରଦାନଯୋଗ୍ୟ ହୋଇଥାଏ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ପୂର୍ବାନୁମାନ କରାଯାଇଥିବା ସୁଧ ହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ କମ୍ ହେବ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି II ।

ଏକ ନେଟ୍ (ଶୁଦ୍ଧ) ପ୍ରିମିୟମ ସହିତ ପ୍ରାରୂପୀ ଲୋଡିଙ୍ଗରେ 3 ଭାଗ ଥାଇପାରେ : (କ) ପ୍ରିମିୟମସବୁର ଏକ ପ୍ରତିଶତ ଖ) ପ୍ରତ୍ୟେକ '1000 ବୀମା ରାଶି' ପାଇଁ ଏକ ସ୍ଥିର ରାଶି ଏବଂ ଗ) ପ୍ରତ୍ୟେକ ପଲିସୀ ପାଇଁ ଏକ ସ୍ଥିର ରାଶି

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି IV ।

ବୀମା କମ୍ପାନୀମାନଙ୍କ ଦ୍ୱାରା ପରିସମ୍ପତ୍ତିଗୁଡିକର ମୂଲ୍ୟାଙ୍କନ ସମ୍ବନ୍ଧରେ, ବହି ମୂଲ୍ୟ ହେଉଛି ସେହି ମୂଲ୍ୟ ଯାହା ଦ୍ୱାରା ଜୀବନ ବୀମାକର୍ତ୍ତା ଏହାର ପରିସମ୍ପତ୍ତିଗୁଡିକୁ କ୍ରୟ କରିଛି କିମ୍ବା ପ୍ରାପ୍ତ ହୋଇଛି ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି II ।

ଚକ୍ରବୃଦ୍ଧି ବୋନସ କ୍ଷେତ୍ରରେ, ଏକ କମ୍ପାନୀ ବୋନସକୁ ମୂଳଭୂତ ଲାଭ ଓ ପୂର୍ବରୁ ସଂଯୁକ୍ତ ବୋନସର କିଛି ପ୍ରତିଶତ ରୂପେ ପ୍ରକାଶ କରିଥାଏ ।

ଅଧ୍ୟାୟ 12

ପ୍ରସ୍ତାବ ଅବସ୍ଥା ଦଲିଲୀକରଣ

ଅଧ୍ୟାୟ ପରିଚୟ

ଜୀବନ ବୀମା ଉଦ୍ୟୋଗରେ ଆମେ ଅନେକ ସଂଖ୍ୟକ ଫର୍ମ ଓ ଦସ୍ତାବିଜ (ଦଲିଲ) ସହିତ କାରବାର କରୁ । ଏଗୁଡିକ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ସମ୍ବନ୍ଧରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ହୁଏ । ଏହି ଅଧ୍ୟାୟରେ, ଆମେ ବିଭିନ୍ନ ଦସ୍ତାବିଜ ଯାହା ପ୍ରସ୍ତାବ ଅବସ୍ଥାରେ ସଂଶ୍ଳିଷ୍ଟ ଅଟନ୍ତି ଏବଂ ସେଗୁଡିକର ମହତ୍ୱ ସମ୍ବନ୍ଧରେ ଆଲୋଚନା କରିବା । ଆମେ ବିଚାର କରିବାକୁ ଯାଉଥିବା ଦସ୍ତାବିଜଗୁଡିକରେ ଅନ୍ତର୍ଭୁକ୍ତ କରନ୍ତି

i. ବିବରଣ ପୁସ୍ତିକା
ii. ପ୍ରସ୍ତାବ ଫର୍ମ
iii. ଅଭିକର୍ତ୍ତାଙ୍କ ପ୍ରତିବେଦନା
iv. ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନା
v. ନୈତିକ ଆପଦ ପ୍ରତିବେଦନା
vi. ଆୟୁ ପ୍ରମାଣ
vii. ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (KYC) ଦସ୍ତାବିଜ

ଅଧ୍ୟୟନ ପରିଣାମ

କ. ଜୀବନ ବୀମା - ପ୍ରସ୍ତାବ ଅବସ୍ଥା ଦଲିଲୀକରଣ

କ. ଜୀବନ ବୀମା – ପ୍ରସ୍ତାବ ଅବସ୍ଥା ଦଲିଲୀକରଣ

1. ବିବରଣ ପୁସ୍ତିକା

ପରିଭାଷା

ଏକ ବିବରଣ ପୁସ୍ତିକା ହେଉଛି ବୀମା କମ୍ପାନୀମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଏକ ଔପଚାରିକ ବୈଧିକ ଦସ୍ତାବିଜ ଯାହା ଉତ୍ପାଦ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରେ ।

ଏକ ବିବରଣ ପୁସ୍ତିକା ସେହି ସବୁ ତଥ୍ୟକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା ଏକ ପଲିସୀର କ୍ରୟ ସମ୍ବନ୍ଧୀୟ ଏକ ସୂଚୀତ ନିର୍ଣ୍ଣୟ ନେବାପାଇଁ ଏକ ସମ୍ଭାବ୍ୟ ଗ୍ରାହକ ପଲିସୀଧାରୀ ପାଇଁ ଆବଶ୍ୟକ ଅଟେ ।

ଏକ ଜୀବନ ବୀମା କମ୍ପାନୀ ଦ୍ୱାରା ବ୍ୟବହୃତ ହେଉଥିବା ବିବରଣ ପୁସ୍ତିକାରେ, ଏହାର ପ୍ରତ୍ୟେକ ବୀମା ଯୋଜନା ଅନ୍ତର୍ଗତ, ନିମ୍ନସବୁ ଉଲ୍ଲିଖିତ ହେବା ଉଚିତ୍ ।

i. ସର୍ତ୍ତ ଓ ପ୍ରତିବନ୍ଧ

ii. ଲାଭର ପରିସର - ଗ୍ୟାରେଣ୍ଟିଯୁକ୍ତ ଏବଂ ଅଣ-ଗ୍ୟାରେଣ୍ଟିଯୁକ୍ତ

iii. ପାତ୍ରତା / ଅଧିକାର

iv. ବ୍ୟତିକ୍ରମ

v. ଯୋଜନାଟି ସହଭାଗୀତା କିମ୍ବା ଅଣ-ସହଭାଗୀତା ଅଟେ

ବିବରଣ ପୁସ୍ତିକା ଏକ ପରିଚୟାତ୍ମକ ଦସ୍ତାବିଜ ଭଳି ଅଟେ ଯାହା ସମ୍ଭାବ୍ୟ ଗ୍ରାହକ ପଲିସୀଧାରୀକୁ କମ୍ପାନୀର ଉତ୍ପାଦଗୁଡିକ ସହିତ ପରିଚିତ ହେବାରେ ସାହାଯ୍ୟ କରେ ।

2. ପ୍ରସ୍ତାବ ଫର୍ମ

ବୀମା ପଲିସୀ ହେଉଛି ବୀମାକର୍ତ୍ତା ଓ ପଲିସୀଧାରୀ ମଧ୍ୟରେ ଏକ ବୈଧିକ ଚୁକ୍ତି । ଯେମିତିକି କୌଣସି ବି ଚୁକ୍ତି ପାଇଁ ଆବଶ୍ୟକ ହୁଏ, ଏହାର ଏକ ପ୍ରସ୍ତାବ ଓ ଏହାର ସ୍ୱୀକୃତି ଥାଏ । ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ହେଉଥିବା ଆବେଦନ ଦସ୍ତାବିଜ ସାଧାରଣତଃ 'ପ୍ରସ୍ତାବ ଫର୍ମ' ରୂପେ ପରିଚିତ । ପ୍ରସ୍ତାବ ଫର୍ମରେ ଉଲ୍ଲିଖିତ ପ୍ରତ୍ୟେକ ତଥ୍ୟ ଉଭୟ ପକ୍ଷ ପାଇଁ ଅନିବାର୍ଯ୍ୟ ହୁଏ ଏବଂ ଏହାର ବିଷୟବସ୍ତୁକୁ ବୁଝିବାରେ ବିଫଳତାର ଫଳ ଦାବୀ ସମାଧାନ ସମୟରେ ବିପରୀତ ପରିଣାମ ହୋଇପାରେ ।

ପରିଭାଷା

ପ୍ରସ୍ତାବ ଫର୍ମକୁ ଆଇଆରଡିଏ (ପଲିସୀଧାରୀଙ୍କ ସ୍ୱାର୍ଥ ସୁରକ୍ଷା) ଅଧିନିୟମ, 2002 ଅନ୍ତର୍ଗତ ନିମ୍ନ ରୂପେ ପରିଭାଷିତ କରାଯାଇଛି :

"ଏହାର ଅର୍ଥ ହେଉଛି, ସଙ୍କଟକୁ ସ୍ୱୀକାର କରାଯିବ ଅଗ୍ରାହ୍ୟ କରାଯିବ, ଏହାର ଦାୟିତ୍ୱ ନିଆଯିବ କି ନାହିଁ, ଏହାର ନିଷ୍ପତ୍ତି ନେବାରେ ଏବଂ ସଙ୍କଟର ସ୍ୱୀକୃତି ପରିପ୍ରେକ୍ଷୀରେ, ସ୍ୱୀକୃତି ଦେବାକୁ ଥିବା ଏକ ସୁରକ୍ଷାର ହାର, ସର୍ତ୍ତ ଓ ପ୍ରତିବନ୍ଧର ନିର୍ଦ୍ଧାରଣ କରିବାରେ ବୀମାକର୍ତ୍ତାକୁ ସକ୍ଷମ କରାଇବା ପାଇଁ ବୀମାକର୍ତ୍ତା ଦ୍ୱାରା ଆବଶ୍ୟକ ହେଉଥିବା

ମହତ୍ତ୍ୱପୂର୍ଣ୍ଣ ଏକ ସଙ୍କଟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମହତ୍ତ୍ୱପୂର୍ଣ୍ଣ ସୂଚନାକୁ ପ୍ରଦାନ କରିବା ପାଇଁ ବୀମା ପାଇଁ ସମ୍ଭାବ୍ୟ ଗ୍ରାହକ ଦ୍ୱାରା ପୂରଣ କରିବାକୁ ପଡୁଥିବା ଏକ ଫର୍ମ ।"

ଏହି ଅଧିନିୟମଗୁଡିକ ଉଦ୍ଦେଶ୍ୟରେ **"ମହତ୍ତ୍ୱପୂର୍ଣ୍ଣ"** ର ଅର୍ଥ ହେବ ଏବଂ ଅନ୍ତର୍ଭୁକ୍ତ କରିବ ବୀମାକର୍ତ୍ତାଦ୍ୱାରା ସୁରକ୍ଷା କରିବାକୁ ଥିବା ସଙ୍କଟର ସଙ୍କଟାଙ୍କନ ପରିପ୍ରେକ୍ଷୀରେ ସମସ୍ତ ମହତ୍ତ୍ୱପୂର୍ଣ୍ଣ, ଆବଶ୍ୟକ ଓ ପ୍ରାସଙ୍ଗିକ ତଥ୍ୟ ସୂଚନା ।

ମହତ୍ତ୍ୱପୂର୍ଣ୍ଣ

ଯେତେବେଳେ କି ଆଇଆରଡିଏ ପ୍ରସ୍ତାବ ଫର୍ମର ନିର୍ଦ୍ଧାରଣ କଲେ, ଫର୍ମର ରୂପରେଖା ଓ ବିଷୟବସ୍ତୁକୁ ବୀମା କମ୍ପାନୀଙ୍କ ନିଷ୍ପତ୍ତି ଉପରେ ଛାଡିଦେଲେ । ଅବଶ୍ୟ ପଲିସୀଧାରୀ, ମଧ୍ୟସ୍ଥ, ଲୋକପାଳ ଏବଂ ବୀମା କମ୍ପାନୀମାନଙ୍କଠାରୁ ପ୍ରାପ୍ତ ଫିଡବ୍ୟାକ ଉପରେ ଆଧାର କରି, ଆଇଆରଡିଏ ପ୍ରସ୍ତାବ ଫର୍ମର ଫର୍ମ ଓ ବିଷୟବସ୍ତୁର ମାନଦଣ୍ଡୀକରଣ କରିବାର ଆବଶ୍ୟକ ଅନୁଭବ କଲେ ।

ଆଇଆରଡିଏ ଆଇଆରଡିଏ (ଜୀବନ ବୀମା ପାଇଁ ଆଦର୍ଶ ପ୍ରସ୍ତାବ ଫର୍ମ) ଅଧିନିୟମ, 2013 ଜାରୀ କରିଛନ୍ତି । ଯେତେବେଳେ କି ଆଇଆରଡିଏ ରୂପରେଖା ଓ ବିଷୟବସ୍ତୁକୁ ନିର୍ଦ୍ଧାରିତ କରିଛନ୍ତି, ଅତିରିକ୍ତ ସୂଚନା ପ୍ରାପ୍ତ କରିବା ପାଇଁ ଏହା ବୀମା କମ୍ପାନୀମାନଙ୍କୁ ନମନୀୟତା ପ୍ରଦାନ କରିଛନ୍ତି । ପ୍ରସ୍ତାବ ଫର୍ମରେ ନା କେବଳ ସମ୍ଭାବ୍ୟ ଗ୍ରାହକ ଓ ପ୍ରସ୍ତାବିତ ଜୀବନ ବୀମିତ ପାଇଁ ବିସ୍ତୃତ ନିର୍ଦ୍ଦେଶ ଓ ମଧ୍ୟସ୍ଥ ଯିଏ ପଲିସୀର ଯାଚନା କରେ ଏବଂ ଫର୍ମକୁ ପୂରଣ କରିବାରେ ସହାୟତା ପ୍ରଦାନ କରେ, ତା' ପାଇଁ ମଧ୍ୟ ନିର୍ଦ୍ଦେଶ ଥାଏ ।

3. ଅଭିକର୍ତ୍ତାଙ୍କ ପ୍ରତିବେଦନା

ଅଭିକର୍ତ୍ତା ପ୍ରାଥମିକ ସଙ୍କଟାଙ୍କକ ଅଟନ୍ତି । ସଙ୍କଟ ମୂଲ୍ୟାଙ୍କନ ପାଇଁ ଆବଶ୍ୟକ ପଲିସୀଧାରୀ ସମ୍ବନ୍ଧୀୟ ସମ୍ବନ୍ଧୀୟ ସମସ୍ତ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଓ ବିବରଣୀ, ଅଭିକର୍ତ୍ତା ଦ୍ୱାରା ତାଙ୍କ ପ୍ରତିବେଦନାରେ ପ୍ରକଟୀକରଣ କରିବା ଆବଶ୍ୟକ । ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟବସାୟ, ଆୟ ଓ ପରିବାର ବିବରଣୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରତିବେଦନାରେ ଉଲ୍ଲିଖିତ କରିବା ଆବଶ୍ୟକ ।

4. ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନା

ଅନେକ କ୍ଷେତ୍ରରେ, ବୀମିତ ହେବାକୁ ଥିବା ଜୀବନର ଚିକିତ୍ସାକୀୟ ପରୀକ୍ଷଣ ଏକ ଡାକ୍ତରଙ୍କ ଦ୍ୱାରା ସୂଚୀଭୁକ୍ତ ହୋଇଥାନ୍ତି । ଉଚ୍ଚତା, ଓଜନ, ରକ୍ତଚାପ, ହୃତ୍ପିଣ୍ଡୀୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ଲକ୍ଷଣ ସମ୍ବନ୍ଧୀୟ ବିବରଣୀସବୁ ଏକ ଡାକ୍ତରଙ୍କ ଦ୍ୱାରା ତାଙ୍କ ପ୍ରତିବେଦନାରେ ରେକର୍ଡ ଓ ଉଲ୍ଲେଖ କରାଯାଏ ଯାହାକୁ ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନା କୁହାଯାଏ ।

ଆମେ ନିଶ୍ଚିତ ରୂପେ ଧ୍ୟାନ ଦେବା ଉଚିତ ଯେ ଏକ ଡାକ୍ତରୀ ପରୀକ୍ଷଣ ବିନା ଅନେକ ପ୍ରସ୍ତାବ ବୀମା ପାଇଁ ସଙ୍କଟାଙ୍କିତ ଓ ସ୍ୱୀକୃତ ହୋଇଯାଆନ୍ତି । ସେଗୁଡିକୁ ଅଣ-ଡାକ୍ତରୀ ପ୍ରକରଣ କୁହାଯାଏ । ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନାର ଆବଶ୍ୟକ ବିଶେଷରୂପେ ହୁଏ ଯେତେବେଳେ ପ୍ରସ୍ତାବକୁ ଅଣ-ଡାକ୍ତରୀ ସଙ୍କଟାଙ୍କକ ଅନ୍ତର୍ଗତ ବିଚାର କରାଯାଇ ପାରେ ନାହିଁ କାରଣ

ପ୍ରସ୍ତାବିତ ରାଶି କିମ୍ବା ପ୍ରସ୍ତାବିତ ଜୀବନର ଆୟୁ ଅଧିକ ହୋଇଥାଏ କିମ୍ବା କେତେକ ବିଶେଷତାଙ୍କୁ ପ୍ରସ୍ତାବିତ ରାଶି କିମ୍ବା ପ୍ରସ୍ତାବିତ ଜୀବନର ଆୟୁ ଅଧିକ ହୋଇଥାଏ କିମ୍ବା କେତେକ ବିଶେଷତାଙ୍କୁ ପ୍ରସ୍ତାବରେ ପ୍ରକଟିତ କରାଯାଇଥାଏ, ଯାହା ଏକ ଡାକ୍ତରୀ ପରୀକ୍ଷକଙ୍କ ପରୀକ୍ଷଣ ଓ ପ୍ରତିବେଦନା ଆବଶ୍ୟକ କରିଥାନ୍ତି ।

ବୀମା କମ୍ପାନୀର ସଙ୍କଟାଙ୍କକ ଏହାଦ୍ୱାରା ବୀମିତ ହେବାକୁ ଥିବା ଜୀବନର ବର୍ତ୍ତମାନର ସ୍ୱାସ୍ଥ୍ୟ ସ୍ଥିତିର ବିବରଣୀ ପ୍ରାପ୍ତ କରିଥାନ୍ତି ।

5. ନୈତିକ ଆପଦ ପ୍ରତିବେଦନା

ଜୀବନ ବୀମା ହେଉଛି ଏକ ବ୍ୟକ୍ତି ଓ ଏକ ବୀମା କମ୍ପାନୀ ମଧ୍ୟରେ ଏକ ଚୁକ୍ତି ଯିଏ ଅର୍ଥର ଏକ ଉଲ୍ଲିଖିତ ରାଶି ପ୍ରଦାନ କରେ ଯଦି ବୀମିତ ବ୍ୟକ୍ତି ପଲିସୀର ଅବଧିରେ ମୃତ୍ୟୁ ବରଣ କରେ । ଯେତେବେଳେ ଆପଣ ଜୀବନ ବୀମା କ୍ରୟ କରନ୍ତି, ଆପଣ ନିଶ୍ଚିତ ରୂପେ ଏକ ଆବେଦନ ପୂରଣ କରିବା ଓ ଶାରୀରିକ ପରୀକ୍ଷଣ ପାଇଁ ଉପସ୍ଥାପିତ କରିବା ସହିତ ଅନେକ ସଙ୍କଟାଙ୍କନ ପ୍ରକ୍ରିୟାକୁ ପଠନ କରିବା ଉଚିତ । ସଙ୍କଟକୁ ପ୍ରଭାବିତ କରୁଥିବା ଏକ କାରକ, ଯାହାକୁ ସଙ୍କଟାଙ୍କକମାନେ ଖୋଜନ୍ତି, ତାକୁ ନୈତିକ ଆପଦ କୁହାଯାଏ ।

ପରିଭାଷା

ନୈତିକ ଆପଦ ଏହି ସମ୍ଭାବ୍ୟତା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବାର ପରିଣାମ ସ୍ୱରୂପ ଏକ ଗ୍ରାହକର ଆଅବସ୍ଥାରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ଏକ ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ ।

ଉଦାହରଣ

ଜନ ଡୋ ଏବେ ଏବେ ଏକ ଜୀବନ ବୀମା ପଲିସୀ କ୍ରୟ କଲା । ସେ ତାପରେ ଏକ ସ୍ଥାନରେ ହେଉଥିବା ସ୍କିଇଙ୍ଗ ଅଭିଯାନରେ ଯିବା ପାଇଁ ନିଷ୍ପତ୍ତି ନେଲା ଯାହାକୁ ପୃଥିବୀରେ ସର୍ବାପେକ୍ଷା ବିପଦଜନକ ସ୍କିଇଙ୍ଗ୍ ସ୍ଥଳଗୁଡିକ ମଧ୍ୟରୁ ଗୋଟିଏ ରୂପେ ସୁପାରିଶ କରାଯାଇଥିଲା । ଅତୀତରେ ସେ ସେଭଳି ଅଭିଯାନରେ ଭାଗ ନେବା ପାଇଁ ମନା କରିଦେଇଥିଲା ।

ଜୀବନ ବୀମା କମ୍ପାନୀମାନେ, ସେହି ବ୍ୟକ୍ତି ଯେଉଁମାନେ ନିଜ ଜୀବନ କିମ୍ବା ଅନ୍ୟ ଜଣକର ଜୀବନ ସମାପ୍ତ କରିବା ଭଳି କାର୍ଯ୍ୟଗୁଡିକ ମାଧ୍ୟମରେ ଜୀବନ ବୀମା କ୍ରୟ ଦ୍ୱାରା ଏକ ଲାଭ ପ୍ରାପ୍ତ କରିବାର ଅନ୍ୱେଷଣରେ ଥାଆନ୍ତି, ସେହି ସମ୍ଭାବନା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା ପାଇଁ ଚାହାଁନ୍ତି । ଜୀବନ ବୀମା ସଙ୍କଟାଙ୍କକମାନେ ଏ ପ୍ରକାରେ କୌଣସି ବି କାରକ ଯାହା ସେଭଳି ଆପଦକୁ ସୂଚୀତ କରିପାରେ, ତାର ଅନ୍ୱେଷଣରେ ଥାଆନ୍ତି ।

ଏହି ଉଦ୍ଦେଶ୍ୟ ପାଇଁ, କମ୍ପାନୀ ପାଇଁ ଆବଶ୍ୟକ ହୋଇପାରେ ବୀମା କମ୍ପାନୀର ଏକ କର୍ମକର୍ତ୍ତା ଦ୍ୱାରା ଏକ ନୈତିକ ଆପଦ ପ୍ରତିବେଦନା ଉପସ୍ଥାପିତ କରିବାକୁ ପଡିବ । ପ୍ରତିବେଦନା ସଂପୂର୍ଣ୍ଣ ହେବା ପୂର୍ବରୁ ପ୍ରତିବେଦନା ଦେଉଥିବା କର୍ମକର୍ତ୍ତା ନିଜେ ସମ୍ଭାବ୍ୟ ଗ୍ରାହକର ପରିଚୟ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ଉଚିତ୍ । ପ୍ରତିବେଦନାକୁ ସଂପୂର୍ଣ୍ଣ କରିବା ପୂର୍ବରୁ ସେ ବିଶେଷତଃ ତାକୁ ତା' ନିବାସରେ ସାକ୍ଷାତ କରିବା ଉଚିତ । ପ୍ରତିବେଦନା ଦେଉଥିବା କର୍ମକର୍ତ୍ତାଙ୍କୁ ବୀମିତ ହେବାକୁ ଥିବା ଜୀବନର ସ୍ୱାସ୍ଥ୍ୟ ଓ ଅଭ୍ୟାସ, ବ୍ୟବସାୟ, ଆୟ, ସାମାଜିକ ପୃଷ୍ଠଭୂମି ଏବଂ ଆର୍ଥିକ ସ୍ଥିତି ଆଦି ସମ୍ବନ୍ଧରେ ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍ ।

6. ଆୟୁ ପ୍ରମାଣ

ଆମେ ପୂର୍ବରୁ ଦେଖିଛୁ ଯେ ଜୀବନ ବୀମାରେ ମୃତ୍ୟୁହାରର ସଙ୍କଟ ଆୟୁ ସହିତ ବୃଦ୍ଧି ହୁଏ । ତେଣୁ ଆୟୁ ହେଉଛି ଏକ କାରକ ଯାହାକୁ ବୀମା କମ୍ପାନୀମାନେ ବୀମିତ ହେବାକୁ ଥିବା ଜୀବନର ସଙ୍କଟ ପ୍ରୋଫାଇଲକୁ ନିର୍ଦ୍ଧାରିତ କରିବାରେ ଉପଯୋଗ କରିଥାନ୍ତି । ତଦନୁସାରେ ପ୍ରତ୍ୟେକ ଆୟୁ ବର୍ଗ ପାଇଁ ଏକ ପ୍ରିମିୟମ ଚାର୍ଜ କରାଯାଏ । ଆୟୁ ପ୍ରମାଣର ଏକ ଯଥାର୍ଥ ଦସ୍ତାବିଜର ପରୀକ୍ଷା ଦ୍ୱାରା ସଠିକ୍ ଆୟୁର ସତ୍ୟାପନ ଏ ପ୍ରକାରେ ଜୀବନ ବୀମାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ବୈଧ ଆୟୁ ପ୍ରମାଣ ମାନକ କିମ୍ବା ଅଣ-ମାନକ ହୋଇପାରେ ।

କ) ମାନକ ଆୟୁ ପ୍ରମାଣ

ମାନକ ଆୟୁ ପ୍ରମାଣ ରୂପେ ବିବେଚିତ ହେଉଥିବା କେତେକ ଦସ୍ତାବିଜ ହେଉଛି :

i. ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ପ୍ରମାଣପତ୍ର
ii. ମ୍ୟୁନିସିପାଲ ରେକର୍ଡ ଠାରୁ ଉଦ୍ଧାର କରାଯାଇଥିବା ଜନ୍ମ ପ୍ରମାଣପତ୍ର
iii. ପାସପୋର୍ଟ
iv. PAN କାର୍ଡ
v. ସେବା ରେଜିଷ୍ଟାର
vi. ଖ୍ରୀଷ୍ଟଧର୍ମାଭିଷେକର ପ୍ରମାଣପତ୍ର
vii. ଏକ ପରିବାର ବାଇବେଲ ଠାରୁ ପ୍ରମାଣିତ ଉଦ୍ଧରଣ ଯଦି ଏଥିରେ ଜନ୍ମ ତାରିଖ ଉଲ୍ଲିଖିତ ଥାଏ
viii. ସୁରକ୍ଷା କର୍ମକର୍ତ୍ତା କ୍ଷେତ୍ରରେ ପରିଚୟ ପତ୍ର
ix. ଏକ ରୋମାନ କ୍ୟାଥୋଲିକ ଗୀର୍ଜା ଦ୍ୱାରା ଜାରୀ କରାଯାଇଥିବା ବିବାହ ପ୍ରମାଣପତ୍ର

ଖ) ଅଣ- ମାନକ ଆୟୁ ପ୍ରମାଣ

ଯେତେବେଳେ ଉପରୋକ୍ତ ଭଳି ଆୟୁ ପ୍ରମାଣ ଉପଲବ୍ଧ ନ ଥାଏ, ଜୀବନ ବୀମାକର୍ତ୍ତା ଏକ ଅଣ-ମାନକ ଆୟୁ ପ୍ରମାଣର ଉପସ୍ଥାପନାର ସ୍ୱୀକୃତି ଦେଇପାରେ । ଅଣ-ମାନକ ଆୟୁ ପ୍ରମାଣ ରୂପେ ବିବେଚିତ ହେଉଥିବା କେତେକ ଦସ୍ତାବିଜ ହେଉଛି:

i. ଜନ୍ମ ପତ୍ରିକା
ii. ରାଶନ କାର୍ଡ
iii. ସ୍ୱ-ଘୋଷଣା ରୂପେ ଏକ ଶପଥପତ୍ର
iv. ଗ୍ରାମ ପଞ୍ଚାୟତ ଠାରୁ ପ୍ରମାଣପତ୍ର

ଚିତ୍ର 1: ବୈଧ ଆୟୁ ପ୍ରମାଣ



7. ଏଣ୍ଟି – ମନି ଲଣ୍ଡରିଙ୍ଗ (AML)

ପରିଭାଷା

ମନି ଲଣ୍ଡରିଙ୍ଗ ହେଉଛି ଅର୍ଥର ଅବୈଧ ଉତ୍ସଭିତ୍ତିକ ଲୁଚାଇ ଏକ ଅର୍ଥ ବ୍ୟବସ୍ଥାରେ ଅବୈଧ ଅର୍ଥ ଆଣିବାର ପ୍ରକ୍ରିୟା ଯାହାଦ୍ୱାରା ଏହା ବୈଧ ରୂପେ ପ୍ରାପ୍ତ ହୋଇଛି ବୋଲି ଜଣାପଡ଼େ । ଭାରତ ସରକାର ମନି – ଲଣ୍ଡରିଙ୍ଗ କାର୍ଯ୍ୟକଳାପଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ PMLA,2002 ର ପ୍ରାରମ୍ଭ କରିଥିଲେ ।

ମନି ଲଣ୍ଡରିଙ୍ଗ ନିବାରଣ ଅଧିନିୟମ (PMLA), 2002 ମନି-ଲଣ୍ଡରିଙ୍ଗ କାର୍ଯ୍ୟକଳାପଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ଏବଂ ମନି-ଲଣ୍ଡରିଙ୍ଗ ଠାରୁ ପ୍ରାପ୍ତ ଧନକୁ ଜବତ (ଅଧିହରଣ) କରିବା ପାଇଁ, 2005 ଠାରୁ ଲାଗୁ ହେଲା । ଏହା ମନି-ଲଣ୍ଡରିଙ୍ଗକୁ ଏକ ଅପରାଧ ରୂପେ ଉଲ୍ଲେଖ କରେ ଯାହା ତିନିଠୁଁ ସାତ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଏବଂ ଟ. 5 ଲକ୍ଷ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହୁଏ ।

ପ୍ରତ୍ୟେକ ବୀମାକର୍ତ୍ତା ପାଖରେ ଏକ AML ପଲିସୀ ଥିବା ଆବଶ୍ୟକ ଏବଂ ତଦନୁସାରେ ଆଇଆରଡିଏ ନିକଟରେ ଏକ ପ୍ରତିଲିପି ଦାଖଲ କରିବା ଆବଶ୍ୟକ । AML କାର୍ଯ୍ୟକ୍ରମ ନିମ୍ନସବୁକୁ ସମ୍ମିଳିତ କରିବା ଉଚିତ:

i. ଆଭ୍ୟନ୍ତରୀଣ ପଲିସୀ, କାର୍ଯ୍ୟପ୍ରଣାଳୀ ଏବଂ ନିୟନ୍ତ୍ରଣ

ii. ଏକ ମୂଖ୍ୟ ଅନୁପାଳନ ଅଧିକାରୀଙ୍କ ନିଯୁକ୍ତି

iii. AML ପଦକ୍ଷେପ ଉପରେ ଅଭିକର୍ତ୍ତାମାନଙ୍କ ପ୍ରଶିକ୍ଷଣ ଏବଂ ଭର୍ତ୍ତି

iv. ଆଭ୍ୟନ୍ତରୀଣ ଲେଖା (ଅଡିଟ)/ନିୟନ୍ତ୍ରଣ

8. ଆପଣଙ୍କ ଗ୍ରାହକକୁ ଜାଣନ୍ତୁ (KYC)

ଆପଣଙ୍କ ଗ୍ରାହକକୁ ଜାଣନ୍ତୁ ହେଉଛି ଏକ ପ୍ରକ୍ରିୟା ଯାହାକୁ ଏକ ବ୍ୟବସାୟ ଦ୍ୱାରା ସେମାନଙ୍କ ଗ୍ରାହକମାନଙ୍କ ପରିଚୟକୁ ସତ୍ୟାପିତ କରିବା ପାଇଁ ବ୍ୟବହାର କରାଯାଏ । ପରିଚୟ ଚୋରୀ, ଆର୍ଥିକ କପଟତା ଏବଂ ମନି-ଲଣ୍ଡରିଙ୍ଗର ନିବାରଣ ପାଇଁ ବ୍ୟାଙ୍କ ଓ ବୀମାକର୍ତ୍ତାମାନେ ସେମାନଙ୍କ ଗ୍ରାହକମାନେ ବିସ୍ତୃତ ସୂଚନା ଦିଅନ୍ତୁ ବୋଲି ବୃଦ୍ଧିଗତ ଭାବେ ଦାବୀ କରୁଛନ୍ତି ।

KYC ମାର୍ଗଦର୍ଶିକାର ଉଦ୍ଦେଶ୍ୟ ହେଉଛି ମନି ଲଣ୍ଡରିଙ୍ଗ କାର୍ଯ୍ୟକଳାପ ପାଇଁ ଅପରାଧିକ ତତ୍ତ୍ୱଗୁଡ଼ିକ ଦ୍ୱାରା ଆର୍ଥିକ ସଂସ୍ଥାନଗୁଡ଼ିକର ଉପଯୋଗର ନିବାରଣ ।

ବୀମାକର୍ତ୍ତାମାନେ, ତେଣୁକରି, ସେମାନଙ୍କ ଗ୍ରାହକମାନଙ୍କ ପ୍ରକୃତ ପରିଚୟ ନିର୍ଦ୍ଧାରିତ କରିବା ଆବଶ୍ୟକ ଅଟେ । ଅଭିକର୍ତ୍ତାମାନେ ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ସମ୍ଭାବ୍ୟ ଗ୍ରାହକମାନେ ପ୍ରସ୍ତାବ ଫର୍ମ ସହିତ KYC ପ୍ରକ୍ରିୟାର ଅଂଶ ରୂପେ ନିମ୍ନସବୁକୁ ଉପସ୍ଥାପିତ କରନ୍ତି:

i. ଫଟୋଗ୍ରାଫ୍

ii. ଆୟୁ ପ୍ରମାଣ

iii. ଠିକଣା ପ୍ରମାଣ -ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ଟେଲିଫୋନ ବିଲ, ବିଜୁଳୀ ବିଲ, ବ୍ୟାଙ୍କ ପାସବୁକ ଇତ୍ୟାଦି

iv. ପରିଚୟ ପ୍ରମାଣ - ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ଭୋଟଦାତା ID କାର୍ଡ, PAN କାର୍ଡ, ଇତ୍ୟାଦି

v. ଅଧିକ - ମୂଲ୍ୟ କାରବାର କ୍ଷେତ୍ରରେ ଆୟ ପ୍ରମାଣ ଦସ୍ତାବିଜ

9. ମୁକ୍ତ – ଅବଲୋକନ ଅବଧି

ମନେକରନ୍ତୁ ଏକ ବ୍ୟକ୍ତି ଏକ ନୂତନ ଜୀବନ ବୀମା ପଲିସୀ କ୍ରୟ କରିଛି ଏବଂ ପଲିସୀ ଦସ୍ତାବିଜ ପ୍ରାପ୍ତ ହୋଇଛି ଏବଂ ତାହାକୁ ଯାଞ୍ଚ କରିବାରେ, ଦେଖେ ଯେ ସର୍ତ୍ତ ଓ ପ୍ରତିବନ୍ଧସବୁ ସେ ଯେମିତି ଚାହୁଁଥିଲା, ସେମତି ନୁହେଁ ।

ସେ କ'ଣ କରିପାରେ ?

ଆଇଆରଡିଏ ତାଙ୍କ ଅଧିନିୟମରେ ଏକ ଗ୍ରାହକ-ସୁଲଭ ପ୍ରାବଧାନ ପ୍ରସ୍ତୁତ କରିଛନ୍ତି ଯାହା ଏହି ସମସ୍ୟା ପ୍ରତି ଧ୍ୟାନ ଦିଏ । ଏହା ଏକ ପ୍ରାବଧାନ ରଖିଛି ଯାହାକୁ ଏକ "ମୁକ୍ତ ଅବଲୋକନ ଅବଧି" କିମ୍ବା "ଶୀତଳୀକରଣ ଅବଧି" କୁହାଯାଏ ।

ଏହି ସମୟାବଧିରେ, ଯଦି ପଲିସୀଧାରୀ ଏକ ପଲିସୀ କ୍ରୟ କରିଛି ଏବଂ ଏହାକୁ ଚାହେଁ ନାହିଁ, ସେ ଏହାକୁ ଫେରାଇ ଦେଇପାରେ ଏବଂ ନିମ୍ନ ସର୍ତ୍ତସବୁ ଅନ୍ତର୍ଗତ ଫେରସ୍ତ ପାଇପାରେ ।

i. ସେ ଏହି ବିକଳ୍ପକୁ ପଲିସୀ ଦସ୍ତାବିଜ ପ୍ରାପ୍ତ କରିବାର 15 ଦିନ ମଧ୍ୟରେ ପ୍ରୟୋଗ କରିପାରେ

ii. ତାକୁ ଲିଖିତ ରୂପେ କମ୍ପାନୀକୁ ସୂଚୀତ କରିବାକୁ ପଡିବ

iii. ପ୍ରିମିୟମ ଫେରସ୍ତ ସୁରକ୍ଷିତ ହୋଇଥିବା ସମୟାବଧି ପାଇଁ ସମାନୁପାତିକ ସଙ୍କଟ ପ୍ରିମିୟମ ଡାକ୍ତରୀ ପରୀକ୍ଷଣ ସକାଶେ ବୀମାକର୍ତ୍ତାଦ୍ୱାରା କରାଯାଇଥିବା ଖର୍ଚ୍ଚ ଏବଂ ଷ୍ଟାମ୍ପ କର ଚାର୍ଜ ପାଇଁ ସମାୟୋଜିତ କରାଯିବ ।

ଏହି ମୁକ୍ତ ଅବଲୋକନ ଅବଧି ଜୀବନ ବୀମା ପଲିସୀଧାରୀମାନଙ୍କୁ ଏକ ସୁବିଧା ରୂପେ ଉପଲବ୍ଧ କରାଯାଏ । ପଲିସୀଧାରୀ ଦ୍ୱାରା ପଲିସୀ ଦସ୍ତାବିଜ ପ୍ରାପ୍ତି ତାରିଖର 15 ଦିନର ଅବଧି ମଧ୍ୟରେ ସେମାନେ ଏକ ବିକଳ୍ପକୁ ପ୍ରୟୋଗ କରିପାରନ୍ତି ।

ସ୍ୱତଃ ପରୀକ୍ଷଣ 1

_____ ସମୟାବଧି ମଧ୍ୟରେ, ଯଦି ପଲିସୀଧାରୀ ଏକ ପଲିସୀ କ୍ରୟ କରିଛି ଏବଂ ଏହାକୁ ଚାହେଁ ନାହିଁ, ସେ ଏହାକୁ ଫେରାଇ ଦେଇପାରେ ଏବଂ ଫେରସ୍ତ ପାଇପାରେ ।

I. ମୁକ୍ତ ମୂଲ୍ୟାଙ୍କନ
II. ମୁକ୍ତ ଅବଲୋକନ
III. ରଦ୍ଦକରଣ
IV. ମୁକ୍ତ ଯାଞ୍ଚ

ସାରାଂଶ

- ବିବରଣ ପୁସ୍ତିକା ହେଉଛି ବୀମା କମ୍ପାନୀମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ଏକ ଔପଚାରିକ ବୈଧିକ ଦସ୍ତାବିଜ ଯାହା ଉତ୍ପାଦ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରେ ।

- ପ୍ରସ୍ତାବ ପ୍ରସ୍ତୁତ କରିବାପାଇଁ ଉପଯୋଗ କରାଯାଉଥିବା ଆବେଦନ ଦସ୍ତାବିଜ ସାଧାରଣତଃ 'ପ୍ରସ୍ତାବ ଫର୍ମ' ରୂପେ ପରିଚିତ ।
- ଅଭିକର୍ତ୍ତାଙ୍କ ପ୍ରତିବେଦନାରେ ସ୍ୱାସ୍ଥ୍ୟ, ଅଭ୍ୟାସ ଓ ବ୍ୟବସାୟ, ଆୟ ଓ ପରିବାର ବିବରଣୀ ସମ୍ବନ୍ଧୀୟ ତଥ୍ୟ ଅଭିକର୍ତ୍ତା ଦ୍ୱାରା ଉଲ୍ଲେଖ କରାଯିବା ଆବଶ୍ୟକ ।
- ଉଚ୍ଚତା, ଓଜନ, ରକ୍ତଚାପ, ହୃତ୍‌ପିଣ୍ଡିୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ଲକ୍ଷଣ ସମ୍ବନ୍ଧୀୟ ବିବରଣୀସବୁ ଡାକ୍ତରଙ୍କ ଦ୍ୱାରା ତାଙ୍କ ପ୍ରତିବେଦନାରେ ରେକର୍ଡ ଓ ଉଲ୍ଲେଖ କରାଯାଏ ଯାହାକୁ ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନା କୁହାଯାଏ ।
- ନୈତିକ ଆପଦ ଏହି ସମ୍ଭାବ୍ୟତା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବାର ପରିଣାମ ସ୍ୱରୂପ ଏକ ଗ୍ରାହକର ବ୍ୟବହାରରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ଏକ ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ ।
- ମାନକ ଆୟୁ ପ୍ରମାଣ ରୂପେ ବିବେଚିତ ହେଉଥିବା କେତେକ ଦସ୍ତାବିଜରେ ସମ୍ମିଳିତ ହୁଏ ସ୍କୁଲ କିମ୍ବା କଲେଜ ପ୍ରମାଣପତ୍ର, ମ୍ୟୁନିସିପାଲ ରେକର୍ଡଠାରୁ ଉଦ୍ଧାର କରାଯାଇଥିବା ଜନ୍ମ ପ୍ରମାଣପତ୍ର ଇତ୍ୟାଦି ।
- ପ୍ରତ୍ୟେକ ବୀମାକର୍ତ୍ତା ପାଖରେ ଏକ ପଲିସୀ ଥିବା ଏବଂ ତଦନୁରୂପ ଆଇଆରଡିଏ ପାଖରେ ଏକ ପ୍ରତିଲିପି ଦାଖଲ କରିବା ଆବଶ୍ୟକ । AML କାର୍ଯ୍ୟକ୍ରମ ଆଭ୍ୟନ୍ତରୀଣ ପଲିସୀ, କାର୍ଯ୍ୟପ୍ରଣାଳୀ ଓ ନିୟନ୍ତ୍ରଣ ଏବଂ ଏକ ମୁଖ୍ୟ ଅନୁପାଳନ ଅଧିକାରୀଙ୍କ ନିଯୁକ୍ତି ସମ୍ମିଳିତ କରିବା ଉଚିତ ।
- ବୀମାକର୍ତ୍ତାମାନେ ସେମାନଙ୍କ ଗ୍ରାହକମାନଙ୍କ ପ୍ରକୃତ ପରିଚୟ ନିର୍ଦ୍ଧାରିତ କରିବା ଆବଶ୍ୟକ । KYC କାର୍ଯ୍ୟପ୍ରଣାଳୀର ଏକ ଅଂଶ ରୂପେ ଠିକଣା ପ୍ରମାଣ, ପାନ କାର୍ଡ ଏବଂ ଫଟୋଗ୍ରାଫ ଇତ୍ୟାଦି ଭଳି KYC ଦସ୍ତାବିଜଗୁଡିକୁ ଏକତ୍ରିତ କରିବା ଆବଶ୍ୟକ ଅଟେ ।

ମୂଖ୍ୟ ଶବ୍ଦାବଳୀ

1. ବିବରଣ ପୁସ୍ତିକା
2. ପ୍ରସ୍ତାବ ଫର୍ମ
3. ନୈତିକ ଆପଦ
4. ମାନକ ଏବଂ ଅଣ-ମାନକ ଆୟୁ ପ୍ରମାଣ
5. ଏଣ୍ଟି-ମନି ଲଣ୍ଡରିଙ୍ଗ
6. ଆପଣଙ୍କ ଗ୍ରାହକକୁ ଜାଣନ୍ତୁ (KYC)
7. ମୁକ୍ତ-ଅବଲୋକନ ଅବଧି

ସ୍ୱତଃ ପରୀକ୍ଷଣ କରନ୍ତୁର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ମୁକ୍ତ ଅବଲୋକନ ସମୟାବଧିରେ, ଯଦି ପଲିସୀଧାରୀ ଏକ ପଲିସୀ କ୍ରୟ କରିଛି ଏବଂ ଏହାକୁ ଚାହେଁ ନାହିଁ, ସେ ଏହାକୁ ଫେରାଇ ଦେଇପାରେ ଏବଂ ଫେରସ୍ତ ପାଇପାରେ ।

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ନିମ୍ନ ମଧ୍ୟରୁ କେଉଁଟି ମାନକ ଆୟୁ ପ୍ରମାଣର ଏକ ଉଦାହରଣ ଅଟେ ?

I. ରାଶନ କାର୍ଡ
II. ଜନ୍ମପତ୍ରିକା
III. ପାସପୋର୍ଟ
IV. ଗ୍ରାମ ପଞ୍ଚାୟତ ପ୍ରମାଣପତ୍ର

ପ୍ରଶ୍ନ 2

ନିମ୍ନ ମଧ୍ୟରୁ କେଉଁଟିକୁ ନୈତିକ ଆପଦ ରୂପେ ପରିଗଣିତ କରାଯାଇପାରିବ ?

I. ବୀମାର କ୍ରୟ ପରବର୍ତ୍ତୀ ବୃଦ୍ଧି ହୋଇଥିବା ସଙ୍କଟପୂର୍ଣ୍ଣ ଆଅବସ୍ଥା
II. ବୀମାର କ୍ରୟ ପୂର୍ବରୁ ବୃଦ୍ଧି ହୋଇଥିବା ସଙ୍କଟପୂର୍ଣ୍ଣ ଆଅବସ୍ଥା
III. ବୀମାର କ୍ରୟ ପରବର୍ତ୍ତୀ ହ୍ରାସ ହୋଇଥିବା ସଙ୍କଟପୂର୍ଣ୍ଣ ଆଅବସ୍ଥା
IV. ବୀମିତ ହେବା ପରେ ଅପରାଧିକ କାର୍ଯ୍ୟକଳାପରେ ନିଯୁକ୍ତ ହେବା

ପ୍ରଶ୍ନ 3

ଏକ ଡାକ୍ତରୀ ପରୀକ୍ଷକଙ୍କ ପ୍ରତିବେଦନାରେ ନିମ୍ନ ଲକ୍ଷଣଗୁଡିକ ମଧ୍ୟରୁ କେଉଁଟି ଯାଞ୍ଚ କରାଯିବ ?

I. ସମ୍ଭାବ୍ୟ ଗ୍ରାହକର ଭାବପୂର୍ଣ୍ଣ ଆଅବସ୍ଥା
II. ଉଚ୍ଚତା, ଓଜନ ଓ ରକ୍ତଚାପ
III. ସାମାଜିକ ସ୍ଥିତି
IV. ସତ୍ୟପରାୟଣତା

ପ୍ରଶ୍ନ 4

ଏକ _____ ହେଉଛି ବୀମା କମ୍ପାନୀମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ଏକ ଔପଚାରିକ ବୈଧିକ ଦସ୍ତାବିଜ ଯାହା ଉତ୍ପାଦ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରେ ।

I. ପ୍ରସ୍ତାବ ଫର୍ମ
II. ପ୍ରସ୍ତାବ ଉଦ୍ଧରଣ

III. ସୂଚନା ସଂକ୍ଷେପ-ସୂଚୀ
IV. ବିବରଣ ପୁସ୍ତିକା

ପ୍ରଶ୍ନ 5

ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ହେଉଥିବା ଆବେଦନ ଦସ୍ତାବିଜ ସାଧାରଣରୂପେ _____ ରୂପେ ପରିଚିତ ।

I. ଆବେଦନ ଫର୍ମ
II. ପ୍ରସ୍ତାବ ଫର୍ମ
III. ପଞ୍ଜିକରଣ ଫର୍ମ
IV. ଅଂଶଦାନ ଫର୍ମ

ପ୍ରଶ୍ନ 6

ନିମ୍ନ ଦତ୍ତ ଆୟୁ ପ୍ରମାଣ ଦସ୍ତାବିଜ ଗୁଡିକ ମଧ୍ୟରୁ, ସେହି ଗୋଟିକୁ ଚିହ୍ନଟ କରନ୍ତୁ ଯାହାକୁ ବୀମା କମ୍ପାନୀମାନଙ୍କ ଦ୍ୱାରା ଅଣ-ମାନକ ରୂପେ ବର୍ଗୀକୃତ କରାଯାଇଛି ।

I. ବିଦ୍ୟାଳୟ ପ୍ରମାଣପତ୍ର
II. ସୁରକ୍ଷା କର୍ମକର୍ତ୍ତା କ୍ଷେତ୍ରରେ ପରିଚୟ ପତ୍ର
III. ରାଶନ କାର୍ଡ
IV. ଖ୍ରୀଷ୍ଟଧର୍ମାଭିଷେକର ପ୍ରମାଣପତ୍ର

ପ୍ରଶ୍ନ 7

ମନି ଲଣ୍ଡରିଙ୍ଗ ହେଉଛି ଅର୍ଥର _____ ଉତ୍ପତ୍ତିସ୍ଥଳକୁ ଲୁଚାଇ ଏକ ଅର୍ଥ ବ୍ୟବସ୍ଥାରେ _____ ଅର୍ଥ ଆଣିବାର ପ୍ରକ୍ରିୟା ଯାହା ଫଳରେ ଏହା ବୈଧ ରୂପେ ପ୍ରାପ୍ତ ହୋଇଛି ବୋଲି ଜଣାପଡ଼େ ।

I. ଅବୈଧ, ଅବୈଧ
II. ବୈଧ, ବୈଧ
III. ଅବୈଧ, ଅବୈଧ
IV. ବୈଧ, ଅବୈଧ

ପ୍ରଶ୍ନ 8

ଯଦିଓ ସେଭଳି ଆଚରଣ କୁ ନିୟନ୍ତ୍ରିତ/ପ୍ରଭାବିତ କରିବାରେ ସରକାରଙ୍କ ଏକ ସଂକଟକାଳୀନ ଭୂମିକା ରହିଛି (ଉ.ସ୍ୱ. ଯେଉଁମାନେ ଡ୍ରଗ୍ ର ଦୁଷ୍ପ୍ରୟୋଗ କରନ୍ତି, ସେହି ଲୋକମାନଙ୍କୁ ଅଜମାନତୀୟ କାରାବାସରେ ଦଣ୍ଡିତ କରିବା, ତମ୍ବାଖୁ

ଉତ୍ପାଦଗୁଡିକ ଉପରେ ଉଚ୍ଚ କରି ଲାଗୁକରିବା ଇତ୍ୟାଦି), ଏକ ବ୍ୟକ୍ତିର ବ୍ୟକ୍ତିଗତ ଦାୟିତ୍ୱ ଜୀବନ ଶୈଳୀ କାରକଗୁଡିକ ଯୋଗୁଁ ହେଉଥିବା ରୋଗଗୁଡିକୁ ନିୟନ୍ତ୍ରଣ କରିବାରେ ଏକ ନିର୍ଣ୍ଣୟାତ୍ମକ ଭୂମିକା ଗ୍ରହଣ କରେ ।

b) ପରିବେଶ ସମ୍ବନ୍ଧୀୟ କାରକ

ନିରାପଦ ପାନୀୟ ଜଳ, ସ୍ୱଚ୍ଛତା ଏବଂ ପୌଷ୍ଟିକ ଆହାର ସ୍ୱାସ୍ଥ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟନ୍ତି, ଯାହାର ଅଭାବ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାଗୁଡିକର କାରଣ ହୋଇଥାଏ ଯାହା ସମଗ୍ର ବିଶ୍ୱରେ, ବିଶେଷ ରୂପେ ବିକାଶଶୀଳ ଦେଶଗୁଡିକରେ ଦେଖାଯାଏ । ଇନଫ୍ଲୁଏଞ୍ଜା ଓ ଚିକେନ୍ପକ୍ସ (ଛୋଟ ମାତା) ଇତ୍ୟାଦି ଭଳି ସଂକ୍ରାମକ ରୋଗସବୁ ଖରାପ ସ୍ୱାସ୍ଥ୍ୟ-ବିଜ୍ଞାନ ଯୋଗୁଁ ପ୍ରସାର ଲାଭ କରନ୍ତି, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗସବୁ ଖରାପ ପରିବେଶୀୟ ସ୍ୱଚ୍ଛତା ଯୋଗୁଁ ପ୍ରସାର ଲାଭ କରନ୍ତି, ଯେତେବେଳେ କି କେତେକ ରୋଗ ପରିବେଶ ସମ୍ବନ୍ଧୀୟ କାରକଗୁଡିକ ଯୋଗୁଁ ମଧ୍ୟ ଜାତ ହୋଇଥାନ୍ତି, ଉ.ସ୍ୱ. କେତେକ ଉତ୍ପାଦନଶୀଳ ଉଦ୍ୟୋଗରେ କାର୍ଯ୍ୟରତ ଲୋକେ ବ୍ୟବସାୟିକ ଆପଦ ସମ୍ବନ୍ଧୀୟ ରୋଗଗୁଡିକର ଶୀକାର ହୋଇଥାନ୍ତି ଯଥା: ଆଜବେସଟସ୍ ନିର୍ମାଣ ର ଶ୍ରମିକ ମାନେ ଆଜବେସ୍ଟସ୍ ଏବଂ କୋଇଲା ଖଣି ଶ୍ରମିକମାନେ ଫୁସଫୁସ୍ ରୋଗରେ ଆକ୍ରାନ୍ତ ହୁଅନ୍ତି ।

c) ଆନୁବଂଶିକ କାରକ

ରୋଗଗୁଡିକ ପିତାମାତାଙ୍କ ଠାରୁ ଛୁଆମାନଙ୍କ ପାଖକୁ ଜିନ୍ ଦ୍ୱାରା ସଂଚାରିତ ହୋଇପାରେ । ସେଭଳି ଆନୁବଂଶିକ କାରକଗୁଡିକର ପରିଣାମରେ ଜାତି/କୁଳ, ଭୌଗଳିକ ସ୍ଥିତି ଏବଂ ଏପରିକି ସଂପ୍ରଦାୟଗୁଡିକ ଉପରେ ଆଧାର କରି ବିଶ୍ୱ ସାରା ପ୍ରସାରିତ ଜନ ସମୁଦାୟ ମଧ୍ୟରେ ସ୍ୱାସ୍ଥ୍ୟ ପ୍ରବୃତି ଭିନ୍ନ ଭିନ୍ନ ହୋଇଥାଏ ।

ଏହା ଅତ୍ୟନ୍ତ ସ୍ୱଷ୍ଟ ଅଟେ ଯେ ଏକ ଦେଶର ସାମାଜିକ ତଥା ଆର୍ଥିକ ପ୍ରଗତି ଏହାର ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ଏକ ସ୍ୱସ୍ଥ ଜନ ସମୁଦାୟ ନା କେବଳ ଆର୍ଥିକ ଗତିବିଧି ପାଇଁ ଫଳପ୍ରଦ/ ଉତ୍ପାଦନକ୍ଷମ କର୍ମଚାରୀ ଯୋଗାଇଥାଏ, ଅପିତୁ ମୂଲ୍ୟବାନ୍ ସଂସାଧନସବୁକୁ ମୁକ୍ତ ମଧ୍ୟ କରିଥାଏ ଯାହା ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏକ ବୈୟକ୍ତିକ ସ୍ତରରେ, ଅସ୍ୱସ୍ଥତା/ଖରାପ ସ୍ୱାସ୍ଥ୍ୟ ଜୀବିକା ନିର୍ବାହରେ ହାନି, ଦୈନିକ ଆବଶ୍ୟକୀୟ କାର୍ଯ୍ୟକଳାପ ସଂପାଦନ କରିବାରେ ଅକ୍ଷମତାର କାରଣ ହୋଇପାରେ ଏବଂ ଲୋକଙ୍କୁ ଦାରିଦ୍ର୍ୟ ଆଡକୁ ଠେଲି ଦେଇପାରେ ଓ ଏପରିକି ଆତ୍ମହତ୍ୟାର ମଧ୍ୟ କାରଣ ହୋଇପାରେ

ଏ ପ୍ରକାରେ ସାରା ବିଶ୍ୱରେ, ସରକାରମାନେ ସେମାନଙ୍କ ଜନସମୁଦାୟକୁ ସ୍ୱାସ୍ଥ୍ୟ ଓ କୁଶଳତା ପ୍ରଦାନ କରିବା ପାଇଁ ଏବଂ ସମସ୍ତ ପ୍ରଜାମାନଙ୍କ ସକାଶେ ସ୍ୱାସ୍ଥ୍ୟ ସେବାରେ ଅଭିଗମନ ଓ ସାମର୍ଥ୍ୟ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପସବୁ ନେଇଥାନ୍ତି । ଏ ପ୍ରକାରେ ସ୍ୱାସ୍ଥ୍ୟସେବାରେ 'ଖର୍ଚ୍ଚ' ସାଧାରଣତଃ ପ୍ରତ୍ୟେକ ଦେଶର GDP ର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଥାଏ ।

ଏହା ଏକ ପ୍ରଶ୍ନ ଆଣେ ଯେ ଭିନ୍ନ ଭିନ୍ନ ପରିସ୍ଥିତି ପାଇଁ ଭିନ୍ନ ଭିନ୍ନ ପ୍ରକାର ର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଅଛି କି ।

B. *ସ୍ୱାସ୍ଥ୍ୟସେବାର ସ୍ତର*

ସ୍ୱାସ୍ଥ୍ୟସେବା ଲୋକମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି କରିବା, ସୁରକ୍ଷିତ ରଖିବା, ନିରୀକ୍ଷଣ କରିବା କିମ୍ବା ସୁଧାରିବା ପାଇଁ ସରକାରଙ୍କୁ ସମ୍ମିଳିତ କରି ବିଭିନ୍ନ ଏଜେନ୍ସି ଓ ପ୍ରଦାନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏକ ସେବା ସମୂହ ବ୍ୟତୀତ ଅନ୍ୟ କିଛି ନୁହେଁ । ପ୍ରଭାବଶାଳୀ ହେବାପାଇଁ ସ୍ୱାସ୍ଥ୍ୟସେବା ନିଶ୍ଚିତ ରୂପେ ନିମ୍ନସବୁ ହେବା ଉଚିତ୍ :

- ଲୋକମାନଙ୍କ ଆବଶ୍ୟକତା ଅନୁସାରେ ଉପଯୁକ୍ତ
- ବ୍ୟାପକ
- ପର୍ଯ୍ୟାପ୍ତ/ସମୁଚିତ
- ସହଜ ରେ ଉପଲବ୍ଧ
- ସମର୍ଥ

ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ୱାସ୍ଥ୍ୟ ସ୍ଥିତି ଭିନ୍ନ ଭିନ୍ନ ହୋଇଥାଏ । ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସମାନ ସ୍ତରର ପୂର୍ବାବଶ୍ୟକତା (ଇନଫ୍ରାଷ୍ଟ୍ରକ୍ଚର) ଉପଲବ୍ଧ କରାଇବା ନା ସଂଭବ ଅଟେ ନା ଆବଶ୍ୟକ ଅଟେ । ସ୍ୱାସ୍ଥ୍ୟ ସେବା ସୁବିଧାସବୁ ଜନସମୁଦାୟ ପାଇଁ ରୋଗ ର ବ୍ୟାପକତା ର ସମ୍ଭାବ୍ୟତା ଉପରେ ପର୍ଯ୍ୟବେଶିତ ହେବା ଉଚିତ୍ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଗୋଟିଏ ବର୍ଷ ମଧ୍ୟରେ ଅନେକ ଥର ଜ୍ୱର, ଥଣ୍ଡା, କଫ, ଚର୍ମ ଏଲର୍ଜି ରେ ଆକ୍ରାନ୍ତ ହୋଇପାରେ, କିନ୍ତୁ ଥଣ୍ଡା ଓ କଫ ତୁଳନାରେ ହେପାଟାଇଟିସ୍ B ରେ ତାହାର ଆକ୍ରାନ୍ତ ହେବାର ସମ୍ଭାବନା କମ୍ ଅଟେ ।

ସେହିଭଳି, ସେହି ଏକା ବ୍ୟକ୍ତିର ହେପାଟାଇଟିସ B ତୁଳନାରେ ହୃଦ୍ ରୋଗ କିମ୍ବା କ୍ୟାନସର ଭଳି ସଂକଟମୟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବ୍ୟତା କମ୍ ଅଟେ । ତେଣୁ, କୌଣସି ବି କ୍ଷେତ୍ର ଏକ ଗ୍ରାମ କିମ୍ବା ସହର କିମ୍ବା ରାଜ୍ୟ ହେଉ ସ୍ୱାସ୍ଥ୍ୟ ସେବା ସୁବିଧା ଗୁଡିକ ର ସ୍ଥାପିତ କରିବାର ଆବଶ୍ୟକତା ସେହି କ୍ଷେତ୍ର ର ସୂଚକ କୁହାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା କାରକ ଉପରେ ପର୍ଯ୍ୟବେଶିତ ହେବ, ଯେପରି କି :

- ✓ ଜନସଂଖ୍ୟା ର ଆକାର
- ✓ ମୃତ୍ୟୁ ହାର
- ✓ ରଗ୍ନତା ହାର
- ✓ ବିକଳାଙ୍ଗତା ହାର
- ✓ ଲୋକମାନଙ୍କ ସାମାଜିକ ତଥା ମାନସିକ ସ୍ୱାସ୍ଥ୍ୟ
- ✓ ଲୋକମାନଙ୍କ ସାଧାରଣ ପୌଷ୍ଟିକତା ସ୍ଥିତି
- ✓ ପରିବେଶ ସମ୍ବନ୍ଧୀୟ କାରକ ଯେପରି କି ଏହା ଏକ ଖଣି କ୍ଷେତ୍ର ଅଥବା ଏକ ଔଦ୍ୟୋଗିକୀ କ୍ଷେତ୍ର ଅଟେ
- ✓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତା ପ୍ରଣାଳୀ, ଉ.ସ୍ୱ. ହୃଦୟରୋଗ ସମ୍ବନ୍ଧୀୟ ଡାକ୍ତରମାନେ ଏକ ଗ୍ରାମ ରେ ହଠାତ୍ ଉପଲବ୍ଧ ହୋଇ ନ ପାରନ୍ତି କିନ୍ତୁ ଏକ ଜିଲ୍ଲା ସହର ରେ ଉପଲବ୍ଧ ହୋଇ ପାରିବେ ।
- ✓ ସ୍ୱାସ୍ଥ୍ୟ ସେବା ପ୍ରଣାଳୀର କେତେ ମାତ୍ରା ବ୍ୟବହୃତ ହେବାର ସମ୍ଭାବନା ଅଛି
- ✓ ସାମାଜିକ-ଆର୍ଥିକ କାରକ ଯଥା: ସାମର୍ଥ୍ୟ

ଉପରୋକ୍ତ କାରକଗୁଡିକ ଉପରେ ଆଧାର କରି, ସରକାର ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ରସବୁ ସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଏବଂ ଲୋକମାନଙ୍କ ସାମର୍ଥ୍ୟ ଓ ଅଭିଗମ୍ୟତା ଅନୁସାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଅନ୍ୟାନ୍ୟ ପଦକ୍ଷେପ ନେଇଥାନ୍ତି ।

C. *ସ୍ୱାସ୍ଥ୍ୟସେବା ର ପ୍ରକାର*

ସ୍ୱାସ୍ଥ୍ୟସେବା କୁ ମୂଖ୍ୟତଃ ନିମ୍ନ ଅନୁସାରେ ବର୍ଗୀକୃତ କରାଯାଏ:

1. ପ୍ରାଥମିକ ସ୍ୱାସ୍ଥ୍ୟସେବା

ପ୍ରାଥମିକ ସ୍ୱାସ୍ଥ୍ୟସେବା ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ଛୋଟ ଛୋଟ କ୍ଲିନିକ୍ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡିକୁ ସୂଚୀତ କରେ, ଯାହା ସହିତ କୌଣସି ରୋଗ ପାଇଁ ରୋଗୀ ଦ୍ୱାରା ପ୍ରଥମେ ସଂପର୍କ କରାଯାଏ, ଅର୍ଥାତ୍ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ହେଉଛି ଏକ ସ୍ୱାସ୍ଥ୍ୟ ପ୍ରଣାଳୀ ମଧ୍ୟରେ ସମସ୍ତ ରୋଗୀ ପାଇଁ ସଂପର୍କର ପ୍ରଥମ ବିନ୍ଦୁ ।

ବିକଶିତ ଦେଶ ଗୁଡିକରେ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଉପରେ ଅଧିକ ଧ୍ୟାନ ଦିଆଯାଏ ଯାହାଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ବ୍ୟାପକ, ଜଟିଳ ଏବଂ ଚିରକାଳୀନ ହେବା ପୂର୍ବରୁ ସେଗୁଡିକର ସମାଧାନ କରାଯାଏ । ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସଂସ୍ଥାନଗୁଡିକ ନିବାରଣାତ୍ମକ ସ୍ୱାସ୍ଥ୍ୟ ସେବା, ଟୀକା, ଜାଗୃତତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଇତ୍ୟାଦି ଉପରେ ମଧ୍ୟ ଆଲୋକ ପାତ କରନ୍ତି ଏବଂ ଆବଶ୍ୟକ ହେଲେ ରୋଗୀକୁ ପରବର୍ତ୍ତୀ ସ୍ତରର ବିଶେଷଜ୍ଞ ପାଖକୁ ପଠାନ୍ତି ।

ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ଜ୍ୱର ପାଇଁ ଏକ ଡାକ୍ତର ଙ୍କ ପାଖକୁ ଯାଏ ଏବଂ ପ୍ରଥମ ନିଦାନ ଡେଙ୍ଗୁ ଜ୍ୱର ର ସୂଚକ ହୋଇଥାଏ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କିଛି ଔଷଧ ପାଇଁ ପରାମର୍ଶ ଦେବ କିନ୍ତୁ ରୋଗୀକୁ ବିଶେଷୀକୃତ ଚିକିତ୍ସା ପାଇଁ ଏକ ଡାକ୍ତରଖାନାରେ ଭର୍ତ୍ତି ହେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେବ । ଅଧିକାଂଶ ପ୍ରାଥମିକ ସେବା କ୍ଷେତ୍ରରେ, ଡାକ୍ତର ଏକ 'ପରିବାର ଡାକ୍ତର' ଭଳି କାର୍ଯ୍ୟ କରନ୍ତି ଯେଉଁଠି ପରିବାରର ସମସ୍ତ ସଦସ୍ୟ କୌଣସି ଛୋଟ ରୋଗ/ଅସୁସ୍ଥତା ପାଇଁ ବି ଡାକ୍ତରଙ୍କ ପାଖକୁ ଯାଆନ୍ତି ।

ଏହି ପଦ୍ଧତି ଅନୁବଂଶିକ କାରକଗୁଡିକ ଉପରେ ପର୍ଯ୍ୟବେଶିତ ଲକ୍ଷଣଗୁଡିକ ପାଇଁ ପରାମର୍ଶ ଦେବାରେ ଏବଂ ଉଚିତ୍ ରୂପେ ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ଦେବାରେ ମଧ୍ୟ ମେଡିକାଲ ପ୍ରାକ୍ଟିଶନର୍ କୁ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ଡାକ୍ତର ପିତା/ମାତା ଙ୍କ ମଧୁମେହ ସମ୍ବନ୍ଧୀୟ ଇତିହାସ ଥିବା ଏକ ରୋଗୀକୁ ଯେତେଦୂର ସମ୍ଭବ ମଧୁମେହ କୁ ଏଡାଇବା ପାଇଁ ଯୁବା ବୟସରୁ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଅନ୍ତୁ ।

ଏକ ଦେଶ ସ୍ତରରେ, ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡିକ ଉଭୟ ସରକାରୀ ଏବଂ ବେସରକାରୀ ଖେଳାଳୀ ମାନଙ୍କ ଦ୍ୱାରା ସ୍ଥାପିତ ହୋଇଥାଏ । ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡିକୁ ଜନସଂଖ୍ୟା ଆକାର ଆଧାରରେ ସ୍ଥାପିତ କରାଯାଇଥାଏ ଏବଂ କୌଣସି ନା କୌଣସି ରୂପେ ଗ୍ରାମ୍ୟ ସ୍ତର ପର୍ଯ୍ୟନ୍ତ ବିଦ୍ୟମାନ ଥାଆନ୍ତି ।

2. ମାଧ୍ୟମିକ ସ୍ୱାସ୍ଥ୍ୟସେବା

ମାଧ୍ୟମିକ ସ୍ୱାସ୍ଥ୍ୟସେବା ସେହି ସ୍ୱାସ୍ଥ୍ୟ ସେବାଗୁଡିକୁ ସୂଚୀତ କରେ ଯାହା ମେଡିକାଲ ବିଶେଷଜ୍ଞ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବ୍ୟବସାୟିକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ଯେଉଁମାନଙ୍କ ପ୍ରଥମ ସଂପର୍କ ସାଧାରଣତଃ ରୋଗୀମାନଙ୍କ ସହିତ ନ ଥାଏ । ଏହା ଏକ ଗମ୍ଭୀର ରୋଗ ପାଇଁ ଅଳ୍ପାବଧି ସକାଶେ ଚିକିତ୍ସା ଆବଶ୍ୟକ ହେଉଥିବା ତୀବ୍ର ଯତ୍ନ ଅନ୍ତର୍ଭୁକ୍ତ କରେ, ଅନେକ ସମୟରେ (କିନ୍ତୁ ଆବଶ୍ୟକ ନୁହେଁ) ଏକ ଅନ୍ତଃରୋଗୀ ରୂପେ, ଯେଉଁଥିରେ ତୀବ୍ର ଯତ୍ନ ସେବା (ଇଣ୍ଟେନ୍ସିଭ କେୟାର ସର୍ଭିସ), ଆମ୍ବୁଲାନ୍ସ ସୁବିଧା, ରକ୍ତ ପରୀକ୍ଷା, ନିଦାନତ୍ମକ (ଡାଏଗ୍ନୋଷ୍ଟିକ୍) ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତ ଅଟନ୍ତି ।

ଅଧିକାଂଶ ସମୟରେ, ରୋଗୀମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ । ପ୍ରାଥମିକ ଚିକିତ୍ସକ ଙ୍କ ଦ୍ୱାରା ମାଧ୍ୟମିକ ସେବା କେନ୍ଦ୍ରକୁ ପଠାଇଦିଆଯାଏ । କେତେକ କ୍ଷେତ୍ରରେ, ମାଧ୍ୟମିକ ସେବା ପ୍ରଦାନକାରୀଗୁଡିକ ସଂଯୁକ୍ତ ସେବା ପ୍ରଦାନ କରିବାକୁ ଏକ 'ଇନ୍-ହାଉସ' ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ମଧ୍ୟ ଚଳାଇଥାନ୍ତି ।

ଅଧିକାଂଶ ରୂପେ, ମାଧ୍ୟମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଗୁଡିକ ଜନସଂଖ୍ୟା ଆଧାରରେ ତାଲୁକା ବ୍ଲକ୍ ସ୍ତରରେ ବିଦ୍ୟମାନ ଥାଆନ୍ତି ।

3. ତୃତୀୟକ ସ୍ୱାସ୍ଥ୍ୟସେବା

ତୃତୀୟକ ସ୍ୱାସ୍ଥ୍ୟସେବା ସାଧାରଣତଃ ଆନ୍ତଃରୋଗୀମାନଙ୍କ ପାଇଁ ଏବଂ ପ୍ରାଥମିକ/ମାଧ୍ୟମିକ ସେବା ପ୍ରଦାନକାରୀମାନଙ୍କ ଠାରୁ ପଠାଯାଇଥିବା ରୋଗୀମାନଙ୍କ ପାଇଁ ବିଶେଷଜ୍ଞାପ୍ରାପ୍ତ ପରାମର୍ଶାତ୍ମକ ସ୍ୱାସ୍ଥ୍ୟସେବା ଅଟେ । ତୃତୀୟକ ସେବା ପ୍ରଦାନକାରୀଗୁଡିକ ଅଧିକାଂଶ ରୂପେ ରାଜ୍ୟ ରାଜଧାନୀ ଗୁଡିକରେ ଏବଂ କେତେକ ଜିଲ୍ଲା ମୂଖ୍ୟାଳୟରେ ବିଦ୍ୟମାନ ଥାଆନ୍ତି ।

ତୃତୀୟକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଗୁଡିକର ଉଦାହରଣ ହେଉଛି ସେଗୁଡିକ ଯାହା ପାଖରେ ଉନ୍ନତ ମେଡିକାଲ ସୁବିଧାସବୁ ଏବଂ ମେଡିକାଲ ପ୍ରଫେସନଲମାନେ ଥାଆନ୍ତି । ଯାହା ମାଧ୍ୟମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଗୁଡିକର ପରିସର ର ବାହାରେ ଅଟେ । ଉ.ସ୍ୱ. ଅନ୍କୋଲୋଜି (କ୍ୟାନସର ଚିକିତ୍ସା), ଅଙ୍ଗ ପ୍ରତ୍ୟାରୋପଣ ସୁବିଧା, ଉଚ୍ଚ ସଙ୍କଟ ବିଶିଷ୍ଟ ଗର୍ଭାଧାନ ବିଶେଷଜ୍ଞ ଇତ୍ୟାଦି ।

ଏହାକୁ ଧ୍ୟାନରେ ରଖିବାକୁ ପଡିବ ଯେ ସେବାର ସ୍ତର ବଢିବା ସଙ୍ଗେ ସଙ୍ଗେ, ସେବା ସହିତ ଜଡିତ ଖର୍ଚ୍ଚସବୁ ମଧ୍ୟ ବୃଦ୍ଧି ପାଏ । ଯେତେବେଳେ ଲୋକମାନଙ୍କୁ ପ୍ରାଥମିକ ସେବା ପାଇଁ ଦେୟ ପ୍ରଦାନ କରିବା ପାଇଁ ଅପେକ୍ଷାକୃତ ସରଳ ହୋଇପାରେ, ସେମାନଙ୍କ ପାଇଁ ଖର୍ଚ୍ଚ କରିବାକୁ କଷ୍ଟ ହୋଇଯାଏ ଯେତେବେଳେ ମାଧ୍ୟମିକ ସେବା ପର୍ଯ୍ୟନ୍ତ ଆସେ ଏବଂ ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ ଯେତେବେଳେ ତୃତୀୟକ ସେବା ପର୍ଯ୍ୟନ୍ତ ପହଞ୍ଚେ । ବିଭିନ୍ନ ସ୍ତରର ସେବା ପାଇଁ ପୂର୍ବାବଶ୍ୟକତା (ଆଧାରିକ ସଂରଚନା) ମଧ୍ୟ ଦେଶ ଦେଶ ମଧ୍ୟରେ, ଗ୍ରାମ୍ୟ- ସହରୀ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ, ଯେତେବେଳେ କି ସାମାଜିକ-ଆର୍ଥିକ କାରକଗୁଡିକ ମଧ୍ୟ ଏହାକୁ ପ୍ରଭାବିତ କରିଥାନ୍ତି ।

D. *ଭାରତରେ ସ୍ୱାସ୍ଥ୍ୟ ପ୍ରଣାଳୀ କୁ ପ୍ରଭାବିତ କରୁଥିବା କାରକ*

ଭାରତୀୟ ସ୍ୱାସ୍ଥ୍ୟ ପ୍ରଣାଳୀ ଅନେକ ସମସ୍ୟା ତଥା ଚ୍ୟାଲେଞ୍ଜ ସମ୍ମୁଖୀନ ହେଉଥିଲା ଏବଂ ହୋଇ ଆସୁଛି । ଏଗୁଡିକ, ଗୋଟିଏ ପରେ ଗୋଟିଏ, ବୈୟକ୍ତିକ ସ୍ତରରେ ସ୍ୱାସ୍ଥ୍ୟସେବା ପ୍ରଣାଳୀର ଏବଂ ସଂରଚନାତ୍ମକ ସ୍ତରରେ ସ୍ୱାସ୍ଥ୍ୟସେବା ସଂଗଠନ ର ସ୍ୱରୂପ ଓ ବିସ୍ତାର କୁ ପ୍ରଭାବିତ କରେ । ଏଗୁଡିକ ଉପରେ ନିମ୍ନରେ ଆଲୋଚନା କରାଯାଇଛି :

1. **ଡେମୋଗ୍ରାଫିକ୍ କିମ୍ବା ଜନସଂଖ୍ୟା ସମ୍ବନ୍ଧୀୟ ପ୍ରବୃତ୍ତି**

   a) ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜନିସଂଖ୍ୟା ବହୁଳ ଦେଶ ।

   b) ଏହା ଆମକୁ ଜନସଂଖ୍ୟା ବୃଦ୍ଧି ସମ୍ବନ୍ଧୀୟ ସମସ୍ୟାଗୁଡିକ ସହିତ ସମ୍ମୁଖୀନ କରାଏ ।

   c) ସ୍ୱାସ୍ଥ୍ୟ ସେବା ପାଇଁ ରାଶି ପ୍ରଦାନ କରିବାକୁ ଲୋକମାନଙ୍କ ସକ୍ଷମତା ଉପରେ ମଧ୍ୟ ଦାରିଦ୍ର୍ୟ ସ୍ତରର ପ୍ରଭାବ ରହିଛି ।

2. **ସାମାଜିକ ପ୍ରବୃତ୍ତି**

   a) ସହରୀକରଣ ରେ ବୃଦ୍ଧି କିମ୍ବା ଗ୍ରାମୀଣ କ୍ଷେତ୍ରରୁ ସହରୀ କ୍ଷେତ୍ରକୁ ଲୋକମାନଙ୍କ ସ୍ଥାନାନ୍ତରଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଚ୍ୟାଲେଞ୍ଜ ଠିଆ କରିଛି ।

   b) ଗ୍ରାମୀଣ କ୍ଷେତ୍ରରେ ମୂଖ୍ୟତଃ ମେଡିକାଲ ସୁବିଧା ସବୁର ଉପଲବ୍ଧତା ଏବଂ ଅଭିଗମ୍ୟତା ତଥା ସାମର୍ଥ୍ୟ ର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମସ୍ୟାସବୁ ରହିଥାଏ ।

   c) ନିଜେ ବ୍ୟାୟାମ କରିବାର କମ ଆବଶ୍ୟକତା ସହିତ ଅଧିକ ଗତିହୀନ (ମନ୍ଦ) ଜୀବନଶୈଳୀ ଆଡକୁ ଗତି ନୂତନ ପ୍ରକାରର ରୋଗ ଯେପରିକି ମଧୁମେହ ଓ ଉଚ୍ଚ ରକ୍ତ ଚାପ ର କାରଣ ହୋଇଛି ।

3. **ଜୀବନ ପ୍ରତ୍ୟାଶା**

   a) ଜୀବନ ପ୍ରତ୍ୟାଶା ସେହି ପ୍ରତ୍ୟାଶିତ ବର୍ଷ ସଂଖ୍ୟା କୁ ସୂଚୀତ କରେ ଯାହା ଆଜି ଜନ୍ମ ହୋଇଥିବା ଶିଶୁ ବଞ୍ଚି ରହିବ ।

   b) ଜୀବନ ପ୍ରତ୍ୟାଶା ସ୍ୱାଧିନତା ସମୟର 30 ବର୍ଷଠାରୁ ଆଜି 60 ବର୍ଷରୁ ଉର୍ଦ୍ଧ୍ୱ କୁ ବୃଦ୍ଧି ପାଇଛି କିନ୍ତୁ ସେହି ଦୀର୍ଘତର ସମୟାବଧି ର ଗୁଣବତ୍ତା ସମ୍ବନ୍ଧୀୟ ସମସ୍ୟାଗୁଡିକୁ ଧ୍ୟାନ ଦିଏ ନାହିଁ ।

   c) ଏହାର ଫଳସ୍ୱରୂପ 'ନୀରୋଗ ଜୀବନ ପ୍ରତ୍ୟାଶା' ର ଏକ ନୂତନ ସିଦ୍ଧାନ୍ତ ଆସିଛି ।

   d) ଏହା 'ଗେରିଆଟ୍ରିକ୍' (ବୃଦ୍ଧ ବୟସ ସମ୍ବନ୍ଧୀୟ) ରୋଗଗୁଡିକ ପାଇଁ ପୂର୍ବାବଶ୍ୟକତା ର ସୃଷ୍ଟି ମଧ୍ୟ ଆବଶ୍ୟକ କରେ ।

E. *ଭାରତରେ ସ୍ୱାସ୍ଥ୍ୟ ବୀମାର ବିକାଶ*

ଯେତେବେଳେ ସରକାର ସ୍ୱାସ୍ଥ୍ୟସେବା ଉପରେ ତାଙ୍କ ନିଷ୍ପତ୍ତିସବୁ ସହିତ ବ୍ୟସ୍ତ ଥିଲେ, ଏହା ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡିକର ମହତ୍ତ୍ୱ ମଧ୍ୟ ସୂଚୀତ କଲେ । ବୀମା କମ୍ପାନୀ ମାନେ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକୁ କେବଳ ପରେ ପରେ ଆଣିଲେ । ଭାରତରେ ସ୍ୱାସ୍ଥ୍ୟ ବୀମା କିପରି ବିକଶିତ ହେଲା, ତାର ବିବରଣ ଏଠି ଦିଆଯାଇଛି:

a) କର୍ମଚାରୀ ରାଷ୍ଟ୍ର ବୀମା ଯୋଜନା

ଭାରତରେ ସ୍ୱାସ୍ଥ୍ୟ ବୀମା ଔପଚାରିକ ରୂପେ କର୍ମଚାରୀ ରାଷ୍ଟ୍ର ବୀମା ଯୋଜନାର ଆରମ୍ଭ ହେବା ସହିତ ପ୍ରାରମ୍ଭ ହୋଇଥିଲା, ଯାହାକୁ 1947 ରେ ଦେଶର ସ୍ୱାଧୀନତାର କିଛି ସମୟ ପରେ, ଇ.ଏସ୍. ଆଇ. ଅଧିନିୟମ, 1948 ଅନୁଯାୟୀ ପ୍ରବର୍ତ୍ତନ କରାଯାଇଥିଲା । ଏହି ଯୋଜନା ଔପଚାରିକ ବେସରକାରୀ କ୍ଷେତ୍ର ରେ ନିଯୁକ୍ତ ବ୍ଲୁ-କଲାର କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯାଇଥିଲା ଏବଂ ଏହାର ନିଜସ୍ୱ ଡିସ୍ପେନ୍ସାରୀ ଓ ଡାକ୍ତରଖାନା ର ନେଟୱର୍କ ଜରିଆରେ ବ୍ୟାପକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରେ ।

ESIC (କର୍ମଚାରୀ ରାଷ୍ଟ୍ର ବୀମା ନିଗମ) ହେଉଛି ପ୍ରୟୋଗ କରିବା ଏଜେନ୍ସି ଯିଏ ଏହାର ନିଜ ଡାକ୍ତରଖାନା ଓ ଡିସ୍ପେନ୍ସାରୀଗୁଡିକ ଚଳାଏ ଏବଂ ସରକାରୀ/ବେସରକାରୀ ପ୍ରଦାନକାରୀମାନଙ୍କ ସହିତ ମଧ୍ୟ ଚୁକ୍ତି କରେ ଯେଉଁଠି ଏହାର ନିଜ ସୁବିଧାଗୁଡିକ ଅଯଥେଷ୍ଟ ହୋଇଥାଏ ।

ଟ. 15,000 ପର୍ଯ୍ୟନ୍ତ ମଜୁରୀ ଅର୍ଜନ କରୁଥିବା ସମସ୍ତ କର୍ମଚାରୀଙ୍କୁ ଅଂଶଦାୟୀ ଯୋଜନା ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ ଯେଉଁଠି କର୍ମଚାରୀ ଓ ନିଯୁକ୍ତିଦାତା ଯଥାକ୍ରମେ ଦେୟ ରୋଲ ର 1.75% ଓ 4.75% ଅଂଶଦାନ କରନ୍ତି; ରାଜ୍ୟ ସରକାରମାନେ ମେଡିକାଲ ଖର୍ଚ୍ଚ ର 12.5% ଅଂଶଦାନ କରନ୍ତି ।

ସୁରକ୍ଷା ପ୍ରଦାନ କରାଯାଉଥିବା ସୁବିଧାସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି :

a) ESIS ସୁବିଧାରେ ମୁକ୍ତି ବ୍ୟାପକ ସ୍ୱାସ୍ଥ୍ୟ ସେବା

b) ଗର୍ଭାବସ୍ଥା ଲାଭ

c) ବିକଳାଙ୍ଗତା ଲାଭ

d) ରୋଗ ଓ ଉତ୍ତରଜୀବିତା କାରଣରୁ ହୋଇଥିବା ମଜୁରୀ ରେ ହାନି ପାଇଁ ନଗଦ କ୍ଷତିପୂରଣ ଏବଂ

e) କର୍ମଚାରୀର ମୃତ୍ୟୁ ପରିପ୍ରେକ୍ଷୀରେ ଅନ୍ତିମ ସଂସ୍କାର/ଅନ୍ତ୍ୟେଷ୍ଟି କ୍ରିୟା ସମ୍ବନ୍ଧୀୟ ଖର୍ଚ୍ଚ

ଏହା ବ୍ୟତୀତ ପ୍ରାଧିକୃତ ମେଡିକାଲ ଏଟେଣ୍ଡାଣ୍ଟ ଏବଂ ବେସରକାରୀ ଡାକ୍ତରଖାନାଗୁଡିକ ଠାରୁ କ୍ରୟ କରାଯାଇଥିବା ସେବାଗୁଡିକ ମଧ୍ୟ ଉପଲବ୍ଧ କରାଯାଏ । ମାର୍ଚ୍ଚ 2012 ପର୍ଯ୍ୟନ୍ତ ESIS 65.5 ନିୟୁତ ଲାଭଗ୍ରାହୀମାନଙ୍କୁ ସୁରକ୍ଷା ପ୍ରଦାନ କରିଛି ।

b) କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା

ESIS ର ଠିକ୍ ପରେ ପରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା (CGHS) ଆସିଲା, ଯାହାକୁ କେନ୍ଦ୍ର ସରକାର କର୍ମଚାରୀମାନଙ୍କ ପାଇଁ 1954 ରେ ଲାଗୁ କରାଗଲା । ଯାହା ପେନଶନ ପ୍ରାପ୍ତକାରୀ ତଥା ସିଭିଲିଏନ୍ କାର୍ଯ୍ୟରେ ନିଯୁକ୍ତ ଥିବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ମଧ୍ୟ ସମ୍ମିଳିତ କରେ । ଏହାର ଲକ୍ଷ୍ୟ କର୍ମଚାରୀ ଓ ସେମାନଙ୍କ ପରିବାରଙ୍କୁ ବ୍ୟାପକ

ମେଡିକଲ ସେବା ଯୋଗାଇଦେବା ଏବଂ ଆଂଶିକରୂପେ ଏହାର ନିଧି କର୍ମଚାରୀମାନଙ୍କ ଦ୍ୱାରା ଆଂଶିକ ରୂପେ ଓ ଅଧିକାଂଶ ରୂପେ ନିଯୁକ୍ତିଦାତା (କେନ୍ଦ୍ର ସରକାର) ଦ୍ୱାରା ଦିଆଯାଏ ।

CGHS ର ନିଜସ୍ୱ ଡିସ୍ପେନ୍ସାରୀ, ପୋଲିକ୍ଲିନିକ୍ ଓ ସୂଚୀଭୁକ୍ତ ବେସରକାରୀ ଡାକ୍ତରଖାନା ମାଧ୍ୟମରେ ସେବାଗୁଡିକ ପ୍ରଦାନ କରାଯାଏ ।

ଏହା ସବୁ ପ୍ରଣାଳୀର ଔଷଧ, ଏଲୋପ୍ୟାଥିକ ସିଷ୍ଟମ ରେ ଜରୁରୀକାଳୀନ ସେବା, ମୁକ୍ତ ଡ୍ରଗ୍ସ, ପ୍ୟାଥୋଲୋଜି ଓ ରେଡିଓଲୋଜି, ଗମ୍ଭୀରରୂପେ ଅସୁସ୍ଥ ରୋଗୀମାନଙ୍କ ପାଇଁ ନିବାସ ସ୍ଥାନୀୟ ଦର୍ଶନ, ବିଶେଷଜ୍ଞ ପରାମର୍ଶ ଇତ୍ୟାଦି କୁ ସୁରକ୍ଷା ପ୍ରଦାନ କରେ ।

କର୍ମଚାରୀମାନଙ୍କ ଠାରୁ ଅଂଶଦାନ ଅତି ନାମମାତ୍ର ଅଟେ ଯଦିଓ ଉତ୍ତରୋତ୍ତର ଏହାକୁ ବେତନ ମାନ ସହିତ ସଂଯୁକ୍ତ କରାଯାଏ – ଟ. 15 ପ୍ରତିମାସ ଠାରୁ ଟ. 150 ପ୍ରତିମାସ ପର୍ଯ୍ୟନ୍ତ ।

2010 ରେ, CGHS ରେ 3 ନୟୁତ ଲାଭଗ୍ରାହୀ ଠାରୁ ଅଧିକ କୁ ପ୍ରତିନିଧିତ୍ୱ କରୁଥିବା 8 00,000 ପରିବାର ଠାରୁ ଊର୍ଦ୍ଧ୍ୱର ଏକ ସଦସ୍ୟତା ଆଧାର ରହିଥିଲା ।

c) ବାଣିଜ୍ୟିକ ସ୍ୱାସ୍ଥ୍ୟ ବୀମା

ବୀମା ଉଦ୍ୟୋଗ ର ଜାତୀୟ କରଣ ପୂର୍ବରୁ ତଥା ପରେ ମଧ୍ୟ ବାଣିଜ୍ୟିକ ସ୍ୱାସ୍ଥ୍ୟ ବୀମା କୁ କେତେକ ଅଣ-ଜୀବନ ବୀମାକର୍ତ୍ତା ଦ୍ୱାରା ପ୍ରଦାନ କରାଯାଇଥିଲା । କିନ୍ତୁ, ଯେହେତୁ ଏହା ଅଧିକାଂଶ ଭାବେ ବୀମାକର୍ତ୍ତାମାନଙ୍କ ପାଇଁ ହାନି କାରକ ଥିଲା, ଆରମ୍ଭ ରେ, ଏହା ବ୍ୟାପକ ରୂପେ କେବଳ କର୍ପୋରେଟ କ୍ଲାଏଣ୍ଟମାନଙ୍କ ପାଇଁ ଏବଂ ତାହା ମଧ୍ୟ ଏକ ସୀମିତ ମାତ୍ରାରେ ଉପଲବ୍ଧ ଥିଲା ।

1986 ରେ, ବ୍ୟକ୍ତି ଏବଂ ସେମାନଙ୍କ ପରିବାରମାନଙ୍କ ପାଇଁ ପ୍ରଥମ ମାନକୀକୃତ ସ୍ୱାସ୍ଥ୍ୟ ବୀମା ଉତ୍ପାଦ କୁ ସମସ୍ତ ଚାରି ଜାତୀୟକୃତ ଅଣ-ଜୀବନ ବୀମା କମ୍ପାନୀଙ୍କ ଦ୍ୱାରା ଭାରତୀୟ ବଜାରରେ ପ୍ରାରମ୍ଭ କରାଗଲା । (ଏମାନେ ସେତେବେଳେ ଭାରତୀୟ ସାଧାରଣ ବୀମା ନିଗମର ସହାୟକ କମ୍ପାନୀ ଥିଲେ)। ଏହି ଉତ୍ପାଦ, ମେଡିକ୍ଲେମ୍ କୁ କ୍ଷତିପୂର୍ତ୍ତି ର ଏକ ନିର୍ଦ୍ଦିଷ୍ଟ ବାର୍ଷିକ ସୀମା ପର୍ଯ୍ୟନ୍ତ ଡାକ୍ତରଖାନା ଭର୍ତ୍ତିକରଣ ଖର୍ଚ୍ଚ ପାଇଁ ସୁରକ୍ଷା ପ୍ରଦାନ କରିବାକୁ ଲାଗୁ କରାଗଲା, ଯେଉଁଥିରେ ଗର୍ଭାଧାନ, ପୂର୍ବ-ବିଦ୍ୟମାନ ରୋଗ ଇତ୍ୟାଦି ଭଳି କେତେକ ଅପବର୍ଜନ ଅନ୍ତର୍ଭୁକ୍ତ । ବଜାର ବିକଶିତ ହେବା ସହିତ ଏହା ସଂଶୋଧନର ଅନେକ ଚକ୍ର ଦେଇ ଗତି କରିଛି, ଅନ୍ତିମ ଗୋଟିକ 2012 ରେ ହୋଇଥିଲା ।

ଅବଶ୍ୟ, ଅନେକ ସଂଶୋଧନ ଦେଇ ଗତି କଲାପରେ ମଧ୍ୟ, ଡାକ୍ତରଖାନା ଭର୍ତ୍ତିକରଣ କ୍ଷତିପୂର୍ତ୍ତି-ଆଧାରିତ ବାର୍ଷିକ ଚୁକ୍ତି ମେଡିକ୍ଲେମ୍ ର ଚଳିତ ସଂସ୍କରଣ ଦ୍ୱାରା ପରିଚାଳିତ ହୋଇ ବର୍ତ୍ତମାନ ଭାରତରେ ସର୍ବାଧିକ ଲୋକପ୍ରିୟ ପ୍ରକାରର ବେସରକାରୀ ସ୍ୱାସ୍ଥ୍ୟ ବୀମା ରୂପେ ରହି ଆସିଛି । ଏହି ଉତ୍ପାଦ ଏତେ ଲୋକପ୍ରିୟ ହୋଇଛି ଯେ ବେସରକାରୀ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ଅର୍ପିତ ଏକ ବିଶେଷ ଉତ୍ପାଦ ଅପେକ୍ଷା ଏକ ଉତ୍ପାଦ ଶ୍ରେଣୀ ରେ ବିଚାର କରି, ବାରମ୍ବାର ଅନେକ ଲୋକଙ୍କ ଦ୍ୱାରା 'ମେଡିକ୍ଲେମ୍ କଭର' ରୂପେ ନାମିତ କରାଯାଏ ।

2001 ରେ ବୀମା କ୍ଷେତ୍ର କୁ ବେସକାରୀ ବ୍ୟବସାୟୀମାନେ ଆସିବା ପରେ, ସ୍ୱାସ୍ଥ୍ୟ ବୀମା ବହୁମାତ୍ରାରେ ବୃଦ୍ଧି ପାଇଛି କିନ୍ତୁ ଆଜି ମଧ୍ୟ ଏକ ବୃହତ୍ ଅଛୁଆଁ ବଜାର ରହିଯାଇଛି । କଭର, ଅପବର୍ଜନ ଏବଂ ନୂତନତର ଆଡ-ଅନ୍ କଭର ଗୁଡିକରେ ମହତ୍ତ୍ୱପୂର୍ଣ୍ଣ ଭିନ୍ନତାସବୁ ଲାଗୁ କରାଯାଇଛି ଯାହା ବିଷୟରେ ପରବର୍ତ୍ତୀ ଅଧ୍ୟାୟ ଗୁଡିକରେ ଆଲୋଚନା କରାଯିବ ।

ଆଜି, ଭାରତୀୟ ବଜାରରେ 300 ଠାରୁ ଅଧିକ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ଉପଲବ୍ଧ ଅଛି ।

F. *ସ୍ୱାସ୍ଥ୍ୟ ବୀମା ବଜାର*

ଆଜିକାଲି ସ୍ୱାସ୍ଥ୍ୟ ବୀମା ବଜାରରେ ଅନେକ ସଂଖ୍ୟକ ଖେଳାଳୀ ସମ୍ମିଳିତ ଅଛନ୍ତି, କେତେକ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରଦାନ କରନ୍ତି ଯାହାଙ୍କୁ ପ୍ରାବଧାନକର୍ତ୍ତା କୁହାଯାଏ, ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି ଏବଂ ଅନେକ ମଧ୍ୟସ୍ଥ ମଧ୍ୟ ଅଛନ୍ତି । କେତେକ ମୂଳଭୂତ ଆଧାରି ସଂରଚନା ହୋଇଥାନ୍ତି ଯେତେବେଳେ କି ଅନ୍ୟମାନେ ସହାୟତା ସୁବିଧା ପ୍ରଦାନ କରନ୍ତି । କେତେକ ସରକାରୀ କ୍ଷେତ୍ରରେ ଅଛନ୍ତି ଯେତେବେଳେ କି ଅନ୍ୟମାନେ ବେସରକାରୀ କ୍ଷେତ୍ରରେ ଅଛନ୍ତି । ଏଗୁଡିକ ବିଷୟରେ ନିମ୍ନରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଛି :

A. ଆଧାରିକ ସଂରଚନା :

1. *ସାର୍ବଜନିକ ସ୍ୱାସ୍ଥ୍ୟ କ୍ଷେତ୍ର*

ସାର୍ବଜନିକ ସ୍ୱାସ୍ଥ୍ୟ ପ୍ରଣାଳୀ ଜାତୀୟ ସ୍ତର, ରାଜ୍ୟ ସ୍ତର, ଜିଲ୍ଲା ସ୍ତର ଏବଂ ଏକ ସୀମିତ ମାତ୍ରାରେ ଗ୍ରାମ୍ୟ ସ୍ତରରେ କାର୍ଯ୍ୟ କରେ ଯେଉଁଠି, ଜାତୀୟ ସ୍ୱାସ୍ଥ୍ୟ ପଲିସୀସବୁ କୁ ଗ୍ରାମ ଗୁଡିକରେ ଲାଗୁ କରିବା ପାଇଁ, ଗ୍ରାମ୍ୟ ସମୁଦାୟ ଓ ସରକାରୀ ଇନ୍ଫ୍ରାଷ୍ଟ୍ରକ୍ଚର ମଧ୍ୟରେ ସଂପର୍କ ରୂପେ କାର୍ଯ୍ୟ କରିବାକୁ ସାମୁଦାୟିକ ସ୍ୱେଚ୍ଛାସେବୀ ମାନଙ୍କୁ ସଂପୃକ୍ତ କରାଯାଇଥାଏ । ଏସବୁରେ ସମ୍ମିଳିତ ହୁଅନ୍ତି :

a) ଆଙ୍ଗନବାଡି କର୍ମଚାରୀ (ପ୍ରତି 1000 ଲୋକସଂଖ୍ୟା ପାଇଁ 1) ଯେଉଁମାନଙ୍କୁ ମାନବ ସଂସାଧନ ବିକାଶ ମନ୍ତ୍ରାଳୟ ର ପୋଷଣ ପରିପୂରକତା କାର୍ଯ୍ୟକ୍ରମ ଏବଂ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା (ICDS) ଅନ୍ତର୍ଗତ ନାମାଙ୍କିତ କରାଯାଇଥାଏ ।

b) ପ୍ରଶିକ୍ଷିତ ଜନ୍ମ ପରିଚାରକ (TBA) ଏବଂ ଗ୍ରାମ୍ୟ ସ୍ୱାସ୍ଥ୍ୟ ଗାଇଡ (ରାଜ୍ୟ ଗୁଡିକ ର ସ୍ୱାସ୍ଥ୍ୟ ବିଭାଗଗୁଡିକର ପୂର୍ବର ଏକ ଯୋଜନା) ।

c) ଆଶା **(ASHA) (**ଅଧିକୃତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା) ସ୍ୱେଚ୍ଛାସେବୀମାନେ, ଯେଉଁମାନେ **NRHM (**ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ) କାର୍ଯ୍ୟକ୍ରମ ଅନ୍ତର୍ଗତ ସମୁଦାୟ ଦ୍ୱାରା ଚୟନିତ ହୋଇଥାନ୍ତି ଏବଂ ଗ୍ରାମୀଣ କ୍ଷେତ୍ରଗୁଡିକରେ ସ୍ୱାସ୍ଥ୍ୟ ବିଭାଗର ସଂପର୍କ ରୂପେ ସେବା ଦେବା ପାଇଁ ପ୍ରଶିକ୍ଷିତ ନୂତନ, ଗ୍ରାମ୍ୟ-ସ୍ତରର, ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟ କର୍ମକର୍ତ୍ତା ହୋଇଥାନ୍ତି ।

ଉପ-କେନ୍ଦ୍ର ଗୁଡିକ ପ୍ରତି 5000 ଜନସଂଖ୍ୟା (ପାହାଡି, ଆଦିବାସୀ ଓ ପଛୁଆ କ୍ଷେତ୍ରଗୁଡିକରେ 3000) ପାଇଁ ସ୍ଥାପିତ କରାଯାଏ ଏବଂ ଏକ ମହିଳା ସ୍ୱାସ୍ଥ୍ୟ କର୍ମକର୍ତ୍ତା, ଯାହାକୁ ଅକ୍ସିଲିଆରୀ ନର୍ସ ମିଡ୍-ୱାଇଫ୍ (ANM) ମଧ୍ୟ କୁହାଯାଏ ଏବଂ ଏକ ପୁରୁଷ ସ୍ୱାସ୍ଥ୍ୟ କର୍ମକର୍ତ୍ତା ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯେଉଁଗୁଡିକ ପ୍ରାୟ ଛଅ ଉପ-କେନ୍ଦ୍ରଗୁଡିକର ରେଫରାଲ ୟୁନିଟ ହୋଇଥାନ୍ତି, ସେଗୁଡିକ 30,000 ଜନସଂଖ୍ୟା (ପାହାଡି, ଆଦିବାସୀ ଓ ପଛୁଆ କ୍ଷେତ୍ରଗୁଡିକରେ 20,000) ପାଇଁ ସ୍ଥାପିତ କରାଯାଏ । ସମସ୍ତ PHC ବାହ୍ୟରୋଗୀ ଚିକିତ୍ସା ପ୍ରଦାନ କରନ୍ତି, ଏବଂ ଅଧିକାଂଶ ସ୍ଥାନରେ ଚାରି ଠାରୁ ଛଅ ଆନ୍ତଃ-ରୋଗୀ ଶଯ୍ୟା ମଧ୍ୟ ଥାଏ । ସେମାନଙ୍କ ଷ୍ଟାଫ୍ ଜଣେ ମେଡିକଲ ଅଫିସର ଓ 14 ପାରା-ମେଡିକଲ କର୍ମକର୍ତ୍ତା (ଯେଉଁଥିରେ ଏକ ପୁରୁଷ ଓ ଏକ ମହିଳା ସ୍ୱାସ୍ଥ୍ୟ ସହାୟକ, ଏକ ନର୍ସ ମିଡ-ୱାଇଫ୍, ଏକ ଲାବୋରେଟରୀ ଟେକନିସିଆନ୍, ଏକ ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ ସହାୟକ ଷ୍ଟାଫ୍ ଅନ୍ତର୍ଭୁକ୍ତ ଥାଆନ୍ତି), ଏମାନଙ୍କୁ ନେଇ ଗଠିତ ।

କମ୍ୟୁନିଟ୍ ହେଲଥ ସେଣ୍ଟର ଗୁଡିକ ଚାରି PHC ପାଇଁ ପ୍ରଥମ ରେଫରାଲ ୟୁନିଟ୍ ହୋଇଥାନ୍ତି ଏବଂ ବିଶେଷଜ୍ଞ ସେବା ମଧ୍ୟ ପ୍ରଦାନ କରିଥାନ୍ତି । ନିୟମ ଅନୁସାରେ ପ୍ରତ୍ୟେକ CHC (ପ୍ରତି 1 ଲକ୍ଷ ଜନସଂଖ୍ୟା ପାଇଁ) ରେ ଅନ୍ୟୂନ 30 ଶଯ୍ୟା, ଗୋଟିଏ

ଅପରେଶନ ଥିଏଟର, ଏକ୍ସ-ରେ ମେସିନ, ପ୍ରସୂତି ପ୍ରକୋଷ୍ଠ ଏବଂ ଲେବୋରେଟରୀ ସୁବିଧା ଥିବା ଉଚିତ୍ ଏବଂ ଅନ୍ୟୂନ ଚାରି ବିଶେଷଜ୍ଞ ଅର୍ଥାତ୍ ଏକ ସର୍ଜନ, ଏକ ଫିଜିସିଆନ୍, ଏକ ଗାଇନେକୋଲୋଜିଷ୍ଟ (ପ୍ରସୂତିଶାସ୍ତ୍ରୀ) ଏବଂ ଏକ ଶିଶୁ ଚିକିତ୍ସକ ଥିବା ଉଚିତ୍ ଯେଉଁମାନେ 21 ପାରା-ମେଡିକଲ ଓ ଅନ୍ୟାନ୍ୟ ଷ୍ଟାଫ୍ ଦ୍ୱାରା ସହାୟତାପ୍ରାପ୍ତ ହୋଇଥାନ୍ତି ।

ଗ୍ରାମ୍ୟ ଡାକ୍ତରଖାନାଗୁଡିକ ମଧ୍ୟ ସ୍ଥାପିତ କରାଯାଇଛି ଏବଂ ଏଗୁଡିକ ରେ ଅନ୍ତର୍ଭୁକ୍ତ ହୁଅନ୍ତି ଉପ-ମଣ୍ଡଳୀୟ/ତାଲୁକ (ତହସିଲ) ଡାକ୍ତରଖାନା/ ବିଶେଷତା ଡାକ୍ତରଖାନା (ଦେଶର ପ୍ରାୟ 2000 ଥିବା ଆକଳିତ) ରୂପେ କୁହାଯାଉଥିବା ଉପ-ଜିଲ୍ଲା ଡାକ୍ତରଖାନାଗୁଡିକ;

ବିଶେଷତା ଏବଂ ଶିକ୍ଷଣ ଡାକ୍ତରଖାନାଗୁଡିକ ଅପେକ୍ଷାକୃତ କମ୍ ଥାଆନ୍ତି ଏବଂ ଏସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି ମେଡିକଲ କଲେଜ (ବର୍ତ୍ତମାନ ସଂଖ୍ୟା ପ୍ରାୟ 300) ଏବଂ ଅନ୍ୟାନ୍ୟ ତୃତୀୟକ ରେଫରଲ କେନ୍ଦ୍ରଗୁଡିକ । ଏଗୁଡିକ ମୁଖ୍ୟତଃ ଜିଲ୍ଲା ସହର ଓ ସହରୀ କ୍ଷେତ୍ରରେ ରହିଥାନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଅତି ବିଶେଷଜ୍ଞତାପ୍ରାପ୍ତ ଓ ଉନ୍ନତ ମେଡିକଲ ସେବା ପ୍ରଦାନ କରିଥାନ୍ତି ।

ସରକାର ଅଧୀନରେ ଥିବା ଅନ୍ୟାନ୍ୟ ଏଜେନ୍ସି, ଯଥା: ରେଲୱେ ସୁରକ୍ଷା ଓ ସେଭଳି ବଡ଼ ବଡ଼ ବିଭାଗ(ବନ୍ଦର/ଖଣି ଇତ୍ୟାଦି) ଓ ଡିସ୍ପେନ୍ସରୀଗୁଡିକ ମଧ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଏକ ଭୂମିକା ଗ୍ରହଣ କରନ୍ତି । ଅବଶ୍ୟ, ସେମାନଙ୍କ ସେବାଗୁଡିକ ଅନେକ ସମୟରେ ସମ୍ବନ୍ଧୀୟ ସଂଗଠନ ର କର୍ମଚାରୀ ଓ ସେମାନଙ୍କ ଆଶ୍ରିତମାନଙ୍କ ପର୍ଯ୍ୟନ୍ତ ସୀମିତ ଥାଏ ।

2. ବେସରକାରୀ କ୍ଷେତ୍ର ପ୍ରାବଧାନ କର୍ତ୍ତା

ଭାରତରେ ଏକ ବହୁତ ବଡ ପ୍ରାଇଭେଟ/ବେସରକାରୀ ସ୍ୱାସ୍ଥ୍ୟ କ୍ଷେତ୍ର ଅଛି ଯାହା ସମସ୍ତ ତିନି ପ୍ରକାରର ସ୍ୱାସ୍ଥ୍ୟସେବା-ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ପ୍ରଦାନ କରେ । ଏଗୁଡିକର ଶ୍ରେଣୀ ସ୍ୱେଚ୍ଛାସେବୀ, ଅଣ-ଲାଭ ସଂଗଠନ ଓ ବ୍ୟକ୍ତିମାନଙ୍କ ଠାରୁ ଲାଭଥିବା କର୍ପୋରେଟ, ଟ୍ରଷ୍ଟ, ସୋଲୋ ପ୍ରାକ୍ଟିଶନ୍ ର, ସ୍ୱତନ୍ତ୍ର ବିଶେଷଜ୍ଞ ସେବା, ଡାଏଗ୍ନୋଷ୍ଟିକ୍ ଲାବୋରେଟୋରୀ, ଫର୍ମାସୀ ଦୋକାନ, ଏବଂ ଅଣଯୋଗ୍ୟତାପ୍ରାପ୍ତ ପ୍ରାବଧାନକର୍ତ୍ତା (ଠକ ଚିକିତ୍ସକ) ପର୍ଯ୍ୟନ୍ତ ବିସ୍ତାରିତ । ଭାରତରେ ଏଲୋପ୍ୟାଥିକ (ଏମ୍.ବି.ବି.ଏସ୍ ଏବଂ ଊର୍ଦ୍ଧ୍ୱ) ଡାକ୍ତରଙ୍କ ପ୍ରାୟ 77% ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ପ୍ରାଇଭେଟ ସ୍ୱାସ୍ଥ୍ୟ ଖର୍ଚ୍ଚ ଭାରତ ରେ ସମସ୍ତ ସ୍ୱାସ୍ଥ୍ୟ ଖର୍ଚ୍ଚର 75% ରୁ ଅଧିକ ଅଟେ । ପ୍ରାଇଭେଟ କ୍ଷେତ୍ରରେ ଖର୍ଚ୍ଚ ସମସ୍ତ ବାହ୍ୟରୋଗୀ ଆଗମନ ର 82% ଏବଂ ସମଗ୍ର ଭାରତ ସ୍ତରରେ ଡାକ୍ତରଖାନା ଭର୍ତ୍ତିକରଣର 52% ଅଟେ[2] ।

ଭାରତରେ ଡାକ୍ତରୀ ବିଦ୍ୟାର ଅନ୍ୟାନ୍ୟ ପ୍ରଣାଳୀ (ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପାଥି) ରେ ବହୁତ ଅଧିକ ସଂଖ୍ୟାରେ ଯୋଗ୍ୟତାପ୍ରାପ୍ତ ପ୍ରାକ୍ଟିଶନର ଅଛନ୍ତି ଯାହାର ସଂଖ୍ୟା 7 ଲକ୍ଷଠାରୁ ଅଧିକ ଅଟେ । ଏଗୁଡିକ ସାର୍ବଜନିକ ତଥା ବେସରକାରୀ କ୍ଷେତ୍ରରେ ଅବସ୍ଥିତ ।

ସ୍ୱାସ୍ଥ୍ୟ ସେବାର ଲାଭ-ସକାଶେ ପ୍ରାଇଭେଟ୍ ପ୍ରାବଧାନକର୍ତ୍ତା ବ୍ୟତୀତ, NGO ଏବଂ ସ୍ୱେଚ୍ଛାସେବୀ କ୍ଷେତ୍ର କୁ ବି ଜନସମୁଦାୟ କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ନିଯୁକ୍ତ କରାଯାଇଛି ।

ଏହା ଆକଳନ କରାଯାଇଛି ଯେ 7,000 ରୁ ଅଧିକ ସ୍ୱେଚ୍ଛାସେବୀ ଏଜେନ୍ସିମାନେ ସ୍ୱାସ୍ଥ୍ୟ-ସମ୍ବନ୍ଧୀୟ କାର୍ଯ୍ୟକଳାପରେ ସଂପୃକ୍ତ ଅଛନ୍ତି । ବହୁତ ଅଧିକ ସଂଖ୍ୟକ ମାଧ୍ୟମିକ ଓ ତୃତୀୟକ ଡାକ୍ତରଖାନାଗୁଡିକୁ ମଧ୍ୟ ଅଣ-ଲାଭ ସଂସ୍ଥା କିମ୍ବା ଟ୍ରଷ୍ଟ ରୂପେ ପଞ୍ଜିକୃତ କରାଯାଇଛି, ଏବଂ ବୀମିତ ବ୍ୟକ୍ତିମାନଙ୍କ ପାଇଁ ଆନ୍ତଃରୋଗୀ ସେବାସବୁର ପ୍ରାବଧାନରେ ମହତ୍ୱପୂର୍ଣ୍ଣ ରୂପେ ଯୋଗଦାନ ଦିଅନ୍ତି ।

3. ଫାର୍ମାସ୍ୟୁଟିକଲ ଉଦ୍ୟୋଗ

ଔଷଧ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉତ୍ପାଦର ପ୍ରାବଧାନକର୍ତ୍ତା ସମ୍ବନ୍ଧରେ କହିବାକୁ ଗଲେ, ଭାରତରେ ଏକ ବୃହତ୍ ଫାର୍ମାସ୍ୟୁଟିକଲ ଉଦ୍ୟୋଗ ରହିଛି, ଯାହା 1950 ରେ ଟ. 10 କୋଟି ର ଉଦ୍ୟୋଗ ଠାରୁ ଆଜି ଟ.55,000 କୋଟି ର ବ୍ୟବସାୟ (ରପ୍ତାନୀ କୁ

ସମ୍ମିଳିତ କରି) କୁ ବୃଦ୍ଧି ପାଇଛି । ଏହା ପ୍ରାୟ 5 ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛି, ଏବଂ ଉତ୍ପାଦନ 6000 ଉର୍ଦ୍ଧ୍ୱ ୟୁନିଟ୍ ରେ ଚାଲୁ ରହିଛି ।

ଉଦ୍ୟୋଗ ପାଇଁ କେନ୍ଦ୍ରୀୟ ସ୍ତରର ମୂଲ୍ୟ ନିୟନ୍ତ୍ରକ ହେଉଛି ନ୍ୟାଶନଲ ଫର୍ମାସ୍ୟୁଟିକଲ୍ସ ପ୍ରାଇସିଙ୍ଗ୍ ଅଥରିଟୀ (NPPA), ଯେତେବେଳେ କି ଫାର୍ମା କ୍ଷେତ୍ର ରସାୟନ ମନ୍ତ୍ରାଳୟ ଅଧୀନରେ ଅଛି । କେବଳ ଏକ ଅଳ୍ପ ସଂଖ୍ୟକ ଡ୍ରଗ୍ସ/ଔଷଧ (500 କିମ୍ବା ସେଭଳି ବଳ୍କ ଡ୍ରଗ୍ସ ମଧ୍ୟରୁ 76) ମୂଲ୍ୟ ନିୟନ୍ତ୍ରଣ ଅଧୀନରେ ଅଛନ୍ତି, ଯେତେବେଳେ କି ଅବଶିଷ୍ଟ ଡ୍ରଗ୍ସ ଓ ଉତ୍ପାଦନ ମୁକ୍ତ-ମୂଲ୍ୟ ନିର୍ଦ୍ଧାରଣ ପ୍ରଶାସନ ଅଧୀନରେ ଅଛନ୍ତି । ଯାହା ଉପରେ ମୂଲ୍ୟ ନିୟନ୍ତ୍ରକ ଙ୍କ ସତର୍କ ଦୃଷ୍ଟି ଥାଏ । ରାଜ୍ୟମାନଙ୍କ ଡ୍ରଗ୍ ନିୟନ୍ତ୍ରକମାନେ କ୍ଷେତ୍ର ବଳ ର ବ୍ୟବସ୍ଥା କରନ୍ତି ଯିଏ ଡ୍ରଗ୍ ଗୁଡିକର ଗୁଣ ଓ ମୂଲ୍ୟନିର୍ଦ୍ଧାରଣ ଏବଂ ସେମାନଙ୍କ ସମ୍ବନ୍ଧୀୟ କ୍ଷେତ୍ରଗୁଡିକରେ ନିୟମ/ସୂତ୍ରୀକରଣ ର ଦେଖାରେଖା କରନ୍ତି ।

B. ବୀମା ପ୍ରଦାନକାରୀ :

ବୀମା କମ୍ପାନୀମାନେ ବିଶେଷରୂପେ ସାଧାରଣ ବୀମା କ୍ଷେତ୍ରରେ ସ୍ୱାସ୍ଥ୍ୟ ବୀମା ସେବାର ସମୂହ ପ୍ରଦାନ କରନ୍ତି । ଏଗୁଡିକୁ ପୂର୍ବରୁ ତାଲିକାଭୁକ୍ତ କରାଯାଇଛି । ଯାହା ସବୁଠାରୁ ଉତ୍ସାହଜନକ ଅଟେ, ତାହା ହେଉଛି ସ୍ୱତନ୍ତ୍ର/ଅନାଶ୍ରିତ ସ୍ୱାସ୍ଥ୍ୟ ବୀମା କମ୍ପାନୀମାନଙ୍କ ଉପସ୍ଥିତି – ଆଦି ତାରିଖ ପର୍ଯ୍ୟନ୍ତ ପାଞ୍ଚୋଟି – ସ୍ୱାସ୍ଥ୍ୟ ବୀମା ପ୍ରଦାନକାରୀ ନେଟୱର୍କ ବୃଦ୍ଧି କରିବାକୁ କିଛି ଅଧିକ ଆସିବାର ସମ୍ଭାବନା ଥାଇ ।

C. ମଧ୍ୟସ୍ଥ :

ବୀମା ଉଦ୍ୟୋଗର ଅଂଶ ରୂପେ ସେବା ପ୍ରଦାନ କରୁଥିବା ଅନେକ ସଂଖ୍ୟକ ଲୋକ ଏବଂ ସଂଗଠନ ମଧ୍ୟ ସ୍ୱାସ୍ଥ୍ୟ ବୀମା ବଜାରର ଅଂଶ ଅଟନ୍ତି । ସେଭଳି ସମସ୍ତ ମଧ୍ୟସ୍ଥମାନେ ଆଇ.ଆର.ଡି.ଏ. ଦ୍ୱାରା ପରିଚାଳିତ ହୁଅନ୍ତି । ଏମାନଙ୍କ ମଧ୍ୟରେ ସମ୍ମିଳିତ ହୁଅନ୍ତି :

1. **ବୀମା ବ୍ରୋକର (ଦଲାଲ) ଯେଉଁମାନେ ବ୍ୟକ୍ତି କିମ୍ବା କର୍ପୋରେଟ ହୋଇପାରନ୍ତି ଏବଂ ବୀମା କମ୍ପାନୀମାନଙ୍କ ଠାରୁ ସ୍ୱତନ୍ତ୍ର ରୂପେ କାର୍ଯ୍ୟ କରନ୍ତି** । ସେମାନେ ସେହି ଲୋକମାନଙ୍କୁ ପ୍ରତିନିଧିତ୍ୱ କରନ୍ତି ଯେଉଁମାନେ ବୀମା ଚାହାଁନ୍ତି ଏବଂ ସେମାନଙ୍କୁ ବୀମା କମ୍ପାନୀମାନଙ୍କ ସହିତ ସଂଯୁକ୍ତ କରନ୍ତି ତଥା ସର୍ବୋତ୍ତମ ସମ୍ଭବ ପ୍ରିମିୟମ ହାରରେ ସର୍ବୋତ୍ତମ ସମ୍ଭବ ବୀମା ସୁରକ୍ଷା ପ୍ରାପ୍ତ କରାନ୍ତି । ସେମାନେ ବୀମା କରୁଥିବା ବ୍ୟକ୍ତିମାନଙ୍କୁ ହାନିର ସମୟରେ ଏବଂ ବୀମା ଦାବୀ କରିବାରେ ବି ସହାୟତା ଦିଅନ୍ତି । ବ୍ରୋକରମାନେ ବୀମା ବ୍ୟବସାୟ ସମ୍ଭାଳୁଥିବା କୌଣସି ବି ବୀମା କମ୍ପାନୀ ସହିତ ସେହି ବ୍ୟବସାୟ ରଖିପାରନ୍ତି । ବୀମା କମିଶନ ହିସାବରେ ବୀମା କମ୍ପାନୀମାନଙ୍କ ଦ୍ୱାରା ସେମାନଙ୍କୁ ପାରିଶ୍ରମିକ ଦିଆଯାଏ ।

2. **ବୀମା ଅଭିକର୍ତ୍ତାମାନେ ସାଧାରଣତଃ ବ୍ୟକ୍ତି ହୋଇଥାଆନ୍ତି କିନ୍ତୁ କେତେକ କର୍ପୋରେଟ ଅଭିକର୍ତ୍ତା ମଧ୍ୟ ହୋଇପାରନ୍ତି** । ବ୍ରୋକରମାନଙ୍କ ବିପରୀତ, ଅଭିକର୍ତ୍ତାମାନେ କୌଣସି ବି କମ୍ପାନୀ ସହିତ ବୀମା ରଖିପାରିବେ ନାହିଁ କିନ୍ତୁ କେବଳ ସେହି କମ୍ପାନୀ ସହିତ ରଖିପାରିବେ ଯାହା ପାଇଁ ସେମାନଙ୍କୁ ଅଭିକର୍ତ୍ତବ୍ୟ ର ସ୍ୱୀକୃତି ଦିଆଯାଇଛି । ଚଳିତ ବିନିୟମନ ଅନୁସାରେ, ଏକ ଅଭିକର୍ତ୍ତା ସର୍ବାଧିକ କେବଳ ଗୋଟିଏ ସାଧାରଣ ବୀମା କମ୍ପାନୀ ଓ ଗୋଟିଏ ଜୀବନ ବୀମା କମ୍ପାନୀ, ଗୋଟିଏ ସ୍ୱାସ୍ଥ୍ୟ ବୀମାକର୍ତ୍ତା ଏବଂ ପ୍ରତ୍ୟେକ ମୋନୋ ଲାଇନ ବୀମାକର୍ତ୍ତା ମଧ୍ୟରୁ ଗୋଟିଏ ଲେଖାଏଁ ପକ୍ଷରୁ କାର୍ଯ୍ୟ କରିପାରେ । ସେମାନଙ୍କୁ ମଧ୍ୟ ବୀମା କମିଶନ ହିସାବରେ ବୀମା କମ୍ପାନୀମାନଙ୍କ ଦ୍ୱାରା ପାରିଶ୍ରମିକ ଦିଆଯାଏ ।

3. **ତୃତୀୟ ପକ୍ଷ ପ୍ରଶାସକମାନେ ହେଉଛନ୍ତି ଏକ ନୂତନ ପ୍ରକାରର ସେବା ପ୍ରଦାନକାରୀ ଯେଉଁମାନେ ବ୍ୟବସାୟରେ 2001 ଠାରୁ ଆସିଛନ୍ତି** । ସେମାନଙ୍କୁ ବୀମା ବିକ୍ରି କରିବାପାଇଁ ଅଧିକାର ଦିଆଯାଇନାହିଁ କିନ୍ତୁ ସେମାନେ ବୀମା କମ୍ପାନୀମାନଙ୍କୁ ପ୍ରଶାସନିକ ସେବା ପ୍ରଦାନ କରନ୍ତି । ଥରେ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ବିକ୍ରି ହୋଇଗଲେ, ବୀମିତ ବ୍ୟକ୍ତିଙ୍କ ବିବରଣୀସବୁକୁ ଏକ ନିଯୁକ୍ତ ଟି.ପି.ଏ. ସହିତ ଆବଣ୍ଟିତ କରାଯାଏ ଯିଏ ତାପରେ ଡାଟା ବେସ୍ (ତଥ୍ୟ ଆଧାର) ପ୍ରସ୍ତୁତ କରେ ଏବଂ ବୀମିତ

ବ୍ୟକ୍ତିମାନଙ୍କୁ ହେଲଥ୍ କାର୍ଡ ପ୍ରଦାନ କରେ । ସେଭଳିଆ ହେଲଥ କାର୍ଡ ବୀମିତ ବ୍ୟକ୍ତି କୁ ଡାକ୍ତରଖାନା ଓ କ୍ଲିନିକ ଗୁଡିକରେ ନଗଦହୀନ ମେଡିକଲ ସୁବିଧା (ତୁରନ୍ତ ନଗଦ ପ୍ରଦାନ ନ କରି ଚିକିତ୍ସା) ର ଲାଭ ଉଠାଇବାରେ ସକ୍ଷମ କରେ । ଯଦିଓ ବୀମିତ ବ୍ୟକ୍ତି ନଗଦହୀନ ଚିକିତ୍ସା ର ଉପଯୋଗ ନ କରେ, ସେ ବିଲଗୁଡିକ ର ଦେୟ ପ୍ରଦାନ କରିପାରେ ଏବଂ ନିଯୁକ୍ତ ଟି.ପି.ଏ. ଠାରୁ ପ୍ରତିପୂର୍ତ୍ତି ପାଇପାରେ । ଟି.ପି.ଏ. ମାନଙ୍କୁ ସେମାନଙ୍କ ସମ୍ବନ୍ଧିତ ଦାବୀସବୁ ପାଇଁ ବୀମା କମ୍ପାନୀମାନଙ୍କ ଦ୍ୱାରା ଫଣ୍ଡ ଦିଆଯାଏ ଏବଂ ଶୁଳ୍କ ହିସାବରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଏ ଯାହା ପ୍ରିମିୟମର କିଛି ପ୍ରତିଶତ ହୋଇଥାଏ ।

4. ବୀମା ୱେବ ଏଗ୍ରିଗେଟରଗୁଡିକ IRDAI ବିନିୟାମକ ଦ୍ୱାରା ପରିଚାଳିତ ହେଉଥିବା ସର୍ବପୁରାତନ ପ୍ରକାରର ସେବା ପ୍ରଦାନକାରୀମାନଙ୍କ ମଧ୍ୟରେ ଗୋଟିଏ ଅଟେ । ସେମାନଙ୍କ ୱେବ ସାଇଟ୍ ଏବଂ/କିମ୍ବା ଟେଲିମାର୍କେଟିଙ୍ଗ୍ ମାଧ୍ୟମରେ, ସମ୍ଭାବ୍ୟ ଗ୍ରାହକର ସମ୍ମୁଖକୁ ନ ଆସି ଦୂର ବିପଣନ ମାଧ୍ୟମରେ ସେମାନେ ବୀମା ବ୍ୟବସାୟ ଅର୍ପିତ କରିଥାନ୍ତି ଏବଂ ଆଗ୍ରହୀ ସମ୍ଭାବ୍ୟ ଗ୍ରାହକମାନଙ୍କ ଅଗ୍ରଣୀମାନଙ୍କୁ ବୀମାକର୍ତ୍ତାମାନଙ୍କ ପାଇଁ ଜାତ କରିଥାନ୍ତି ଯାହା ସହିତ ସେମାନଙ୍କ ଚୁକ୍ତିନାମା ହୁଏ । ସେମାନେ ତୁଳନା ପାଇଁ ସେଭଳି ବୀମା କମ୍ପାନୀ ମାନଙ୍କ ଉତ୍ପାଦଗୁଡିକୁ ପ୍ରଦର୍ଶିତ ମଧ୍ୟ କରନ୍ତି । ସେମାନେ ବୀମାକର୍ତ୍ତାମାନଙ୍କ ପାଇଁ ଟେଲିମାର୍କେଟିଙ୍ଗ୍ ଏବଂ ଅନଲାଇନ ପୋର୍ଟଲ ମାଧ୍ୟମରେ ପ୍ରିମିୟମ ସଂଗ୍ରହ, ପ୍ରିମିୟମ ଅନୁସ୍ମାରକ ପ୍ରେରଣ ଏବଂ ବିଭିନ୍ନ ପ୍ରକାରର ପଲିସୀ ସମ୍ବନ୍ଧୀୟ ସେଗୁଡିକୁ ଭଳି ଆଉଟସୋର୍ସିଙ୍ଗ୍ କାର୍ଯ୍ୟ ସମ୍ବାଦିତ କରିବା ପାଇଁ IRDAI ଙ୍କ ଅନୁଜ୍ଞା ମଧ୍ୟ ଚାହିଁଥାନ୍ତି । ଅଗ୍ରଣୀମାନେ ବ୍ୟବସାୟରେ ପରିବର୍ତ୍ତିତ ହେବା, ବୀମା ଉତ୍ପାଦସବୁର ପ୍ରଦର୍ଶନ ଏବଂ ସେମାନଙ୍କ ଦ୍ୱାରା ସମ୍ପାଦିତ କରାଯାଉଥିବା ଆଉଟସୋର୍ସିଙ୍ଗ୍ ସେବାଗୁଡିକର ଆଧାରରେ ସେମାନଙ୍କୁ ବୀମା କମ୍ପାନୀମାନଙ୍କ ଦ୍ୱାରା ପାରଶ୍ରମିକ ଦିଆଯାଇଥାଏ ।

5. ବୀମା ବିପଣନ ଫାର୍ମଗୁଡିକ IRDAI ଦ୍ୱାରା ପରିଚାଳିତ ହେଉଥିବା ସର୍ବାଧୁନିକ ପ୍ରକାରର ମଧ୍ୟସ୍ଥ ଅଟନ୍ତି । ସେମାନେ ସେହି ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେଇ ନିମ୍ନ କାର୍ଯ୍ୟକଳାପଗୁଡିକୁ ସମ୍ପାଦିତ କରନ୍ତି ଯେଉଁମାନଙ୍କୁ ସେଭଳି ଉତ୍ପାଦଗୁଡିକର ବିପଣନ, ବିତରଣ ଏବଂ ସେବା ଦେବା ପାଇଁ ଲାଇସେନ୍ସ ପ୍ରାପ୍ତ ହୋଇଥାନ୍ତି ।

   ବୀମା ବିକ୍ରୟ କାର୍ଯ୍ୟକଳାପ: ବୀମା ସେଲ୍ସ ବ୍ୟକ୍ତି (ISP) ନିଯୁକ୍ତ କରି, ଅଧିକାରୀଙ୍କୁ ସୂଚୀତ କରି, କୌଣସି ବି ସମୟରେ ଦୁଇଟି ବୀମା, ଦୁଇଟି ସାଧାରଣ ଏବଂ ଦୁଇଟି ସ୍ୱାସ୍ଥ୍ୟ ବୀମା କମ୍ପାନୀଙ୍କ ବୀମା ଉତ୍ପାଦଗୁଡିକୁ ବିକ୍ରି କରିବା । ସାଧାରଣ ବୀମା ସମ୍ବନ୍ଧରେ, IMF କୁ ମୋଟର, ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା, ଗୃହମାଲିକ ଏବଂ ବିଭିନ୍ନ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ସ୍ୱୀକୃତ ସେଭଳି ଅନ୍ୟାନ୍ୟ ବୀମା ଉତ୍ପାଦ ଭଳି ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକାରେ ଦିଆଯାଇଥିବା ଅନୁରୂପ କେବଳ ଖୁଚୁରା ପ୍ରକାରର ବୀମା ଉତ୍ପାଦଗୁଡିକୁ ଅର୍ପଣ କିମ୍ବା ପ୍ରାପ୍ତ କରିବା ପାଇଁ ସ୍ୱୀକୃତି ଦିଆଯାଇଥାଏ । ବୀମା କମ୍ପାନୀ ସହିତ ହୋଇଥିବା କୌଣସି ବି ବଚନବଦ୍ଧତା କୁ କେବଳ ପ୍ରାଧିକାରୀଙ୍କ ପୂର୍ବ ସ୍ୱୀକୃତି ଏବଂ ସେବା ଦେଉଥିବା ବିଦ୍ୟମାନ ପଲିସୀଧାରୀମାନଙ୍କ ପାଇଁ କରାଯାଉଥିବା ଉପଯୁକ୍ତ ବ୍ୟବସ୍ଥା ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

   ବୀମା ସେବା କାର୍ଯ୍ୟକଳାପ: ଏହି ସେବା କାର୍ଯ୍ୟକଳାପଗୁଡିକ କେବଳ ସେହି ବୀମା କମ୍ପାନୀମାନଙ୍କ ପାଇଁ ହେବ ଯାହା ସହିତ ବୀମା ଉତ୍ପାଦ ଅର୍ପଣ କରିବା ପାଇଁ କିମ୍ବା ପ୍ରାପ୍ତ କରିବା ପାଇଁ ସେମାନଙ୍କ ଚୁକ୍ତିନାମା ହୋଇଥିବ ଏବଂ ସେଗୁଡିକର ତାଲିକା ନିମ୍ନରେ ଦିଆଯାଇଛି :

   a. ପ୍ରାଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ବୀମା କମ୍ପାନୀମାନଙ୍କ ଦ୍ୱାରା ଆଉଟସୋର୍ସିଙ୍ଗ୍ କାର୍ଯ୍ୟକଳାପ ଉପରେ ମାର୍ଗଦର୍ଶିକା ରେ ସ୍ୱୀକୃତି ଦିଆଯାଇଥିବା ଅନୁଯାୟୀ ବୀମାକର୍ତ୍ତାମାନଙ୍କ ର ବ୍ୟାକ୍ ଅଫିସ୍ କାର୍ଯ୍ୟକଳାପଗୁଡିକୁ ହାତକୁ ନେବା;

   b. ବୀମା ଭଣ୍ଡାର ଗୁଡିକର ସ୍ୱୀକୃତ ବ୍ୟକ୍ତ ହେବା;

c. ସେମାନଙ୍କ ନାମାଙ୍କନ ରେ ଲାଇସେନ୍ସପ୍ରାପ୍ତ ସର୍ବେକ୍ଷକ ଓ ହାନି ମୂଲ୍ୟାଙ୍କକମାନଙ୍କୁ ନିଯୁକ୍ତି ଦେଇ ସର୍ବେକ୍ଷଣ ଓ ହାନି ମୂଲ୍ୟାଙ୍କନ କାର୍ଯ୍ୟକୁ ହାତକୁ ନେବା;

d. ସମୟ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ କୌଣସି ବୀମା ସମ୍ବନ୍ଧୀୟ କାର୍ଯ୍ୟକଳାପ ।

ଆର୍ଥିକ ଉତ୍ପାଦ ବିତରଣ : ଆର୍ଥିକ ସେବା ଏକଜିକ୍ୟୁଟିଭ (FSE) ନିଯୁକ୍ତ କରି ବିତରଣ କରିବା ଯେଉଁମାନେ ନିମ୍ନ ଆର୍ଥିକ ଉତ୍ପାଦଗୁଡିକର ବିପଣନ, ବିତରଣ ଏବଂ ସେବା କରିବା ପାଇଁ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ହୋଇଥାନ୍ତି :

a. SEBI ଦ୍ୱାରା ନିୟନ୍ତ୍ରିତ ମ୍ୟୁଚୁଆଲ ଫଣ୍ଡ କମ୍ପାନୀମାନଙ୍କ ମ୍ୟୁଚୁଆଲ ଫଣ୍ଡ;
b. PFRDA ଦ୍ୱାରା ନିୟନ୍ତ୍ରିତ ପେନଶନ ଉତ୍ପାଦ;
c. SEBI ଲାଇସେନ୍ସ ପ୍ରାପ୍ତ ପରାମର୍ଶଦାତାମାନଙ୍କ ଦ୍ୱାରା ବିତରଣ କରାଯାଉଥିବା ଅନ୍ୟାନ୍ୟ ଆର୍ଥିକ ଉତ୍ପାଦ;
d. RBI ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ/NBFC ର ବ୍ୟାଙ୍କିଙ୍ଗ୍ /ଆର୍ଥିକ ଉତ୍ପାଦ;
e. ଭାରତ ସରକାରଙ୍କ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଅଣ-ବୀମା ଉତ୍ପାଦ;
f. ସମୟ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ କୌଣସି ଆର୍ଥିକ ଉତ୍ପାଦ କିମ୍ବା କାର୍ଯ୍ୟକଳାପ ।

D. ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ସଂଗଠନ

କିଛି ଅଧିକ ତତ୍ତ୍ୱ ଅଛନ୍ତି ଯେଉଁମାନେ ସ୍ୱାସ୍ଥ୍ୟ ବୀମା ବଜାର ର ଅଂଶ ଅଟନ୍ତି ଏବଂ ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

1. **ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର.ଡି.ଏ.ଆଇ.) ଯାହା ହେଉଛି ପାର୍ଲିଆମେଣ୍ଟର ଏକ ଆଇନ ଦ୍ୱାରା ଗଠିତ ବୀମା ବିନିୟାମକ ଯାହା ବୀମା ବଜାରରେ ସମସ୍ତ ବ୍ୟବସାୟ ଓ ବ୍ୟବସାୟୀମାନଙ୍କୁ ନିୟନ୍ତ୍ରିତ କରେ** । ଏହା 2000 ରେ ସ୍ଥାପିତ ହେଲା ଏବଂ ନା କେବଳ ବୀମା ବ୍ୟବସାୟକୁ ନିୟନ୍ତ୍ରିତ କରିବା ପାଇଁ ଅପିତୁ ଏହାକୁ ବିକଶିତ କରିବା ପାଇଁ ମଧ୍ୟ ଏହା ଉପରେ କାର୍ଯ୍ୟ ଭାର ନ୍ୟସ୍ତ କରାଯାଇଛି ।

2. **ସାଧାରଣ ବୀମା ଏବଂ ଜୀବନ ବୀମା ପରିଷଦ** । ଯେଉଁମାନେ ସେମାନଙ୍କ ସମ୍ବନ୍ଧିତ ଜୀବନ କିମ୍ବା ସାଧାରଣ ବୀମା ବ୍ୟବସାୟକୁ ପରିଚାଳିତ କରିବା ପାଇଁ ଆଇ.ଆର.ଡି.ଏ. ଆଇ. କୁ ସୁପାରିଶ ମଧ୍ୟ କରିଥାନ୍ତି ।

3. ଭାରତୀୟ ବୀମା ସୂଚନା ବ୍ୟୁରୋକୁ ଆଇଆରଡିଏ ଦ୍ୱାରା ବର୍ଷ 2009 ରେ ପ୍ରୋତ୍ସାହିତ କରାଯାଇଥିଲା ଏବଂ ମୁଖ୍ୟତଃ ବୀମା କ୍ଷେତ୍ରରୁ ଆସିଥିବା 20 ସଦସ୍ୟ ବିଶିଷ୍ଟ ଏକ ପରିଚାଳନା ପରିଷଦ ଥିବା ଏକ ପଞ୍ଜିକୃତ ସଂସ୍ଥା ଅଟେ । ଏହା ମୂଲ୍ୟ ନିର୍ଦ୍ଧାରଣ ଓ ବ୍ୟବସାୟ ରଣନୀତି ଗଠନ ସମେତ ତଥ୍ୟ – ଆଧାରିତ ଓ ବୈଜ୍ଞାନିକ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବାକୁ ବୀମା କ୍ଷେତ୍ର ପାଇଁ ବିଭିନ୍ନ କ୍ଷେତ୍ର – ସ୍ତରୀୟ ରିପୋର୍ଟଗୁଡିକୁ ସଂଗ୍ରହ, ବିଶ୍ଳେଷଣ ଏବଂ ସୃଷ୍ଟି କରେ । ଏହା ବିନିୟାମକ ଏବଂ ସରକାରଙ୍କୁ, ସେମାନଙ୍କ ନୀତି ପ୍ରସ୍ତୁତିକରଣ ରେ ସହାୟତା ଦେବା ପାଇଁ, ମୂଖ୍ୟ ଇନପୁଟସବୁ ମଧ୍ୟ ପ୍ରଦାନ କରେ । ଉଦ୍ୟୋଗର ଲାଭ ପାଇଁ, ବ୍ୟୁରୋ ଅନେକ ରିପୋର୍ଟ, ଉଭୟ ଆବର୍ତ୍ତକ ଏବଂ ଥରକ ପାଇଁ, ଜାତ କରିଛି ।

IIB କେନ୍ଦ୍ରୀୟ ଇଣ୍ଟେକ୍ସ ସର୍ଭର କୁ ସଂଚାଳିତ କରେ ଯାହା ବିଭିନ୍ନ ବୀମା ଭଣ୍ଡାର ମଧ୍ୟରେ ଏକ ପ୍ରଧାନ ବିନ୍ଦୁ ରୂପେ କାର୍ଯ୍ୟ କରେ ଏବଂ ଏକ ନୂତନ ଆକାଉଣ୍ଟ ସୃଷ୍ଟି କରିବା ଅବସ୍ଥାରେ ଡିମାଟ୍ ଆକାଉଣ୍ଟଗୁଡିକର ଅଣ-ପ୍ରତିରୂପ କରଣରେ ସାହାଯ୍ୟ କରେ । କେନ୍ଦ୍ରୀୟ ଇଣ୍ଟେକ୍ସ ସର୍ଭର ଏକ ବୀମାକର୍ତ୍ତା ଓ ବୀମା ଭଣ୍ଡାର ମଧ୍ୟରେ ଥିବା ପ୍ରତ୍ୟେକ ପଲିସୀ ଉପରେ କାରବାର ସମ୍ବନ୍ଧୀୟ ସୂଚନାର ପ୍ରସାରଣ/ରାଉଟିଙ୍ଗ୍ ପାଇଁ ଏକ ବିନିମୟ କେନ୍ଦ୍ର ରୂପେ ମଧ୍ୟ କାର୍ଯ୍ୟ କରେ ।

IIB ଡାକ୍ତରଖାନାଗୁଡିକୁ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରକୁ ସେବା ପ୍ରଦାନ କରୁଥିବା ଚୟନିତ ପ୍ରାବଧାନକର୍ତ୍ତା ନେଟୱର୍କ' ରେ ତାଲିକାଭୁକ୍ତ କରି, ଏହାର ହସ୍ପିଟଲ ୟୁନିକ୍ ଆଇଡି. ମାଷ୍ଟର କାର୍ଯ୍ୟକ୍ରମ ପ୍ରାରମ୍ଭ କରି ସାରିଛି ।

IIB ର ସର୍ବାଧୁନିକ ସୂତ୍ରପାତ ହୋଇପାରେ TPA, ବୀମାକର୍ତ୍ତା ଓ ଡାକ୍ତରଖାନାମାନଙ୍କୁ ସଂଯୁକ୍ତ କରୁଥିବା ଏକ ସ୍ୱାସ୍ଥ୍ୟ ବୀମା ଗ୍ରୀଡ୍ ର ଦେଖାରେଖା କରିବା । ସୂତ୍ରପାତର ଲକ୍ଷ୍ୟ ହେଉଛି ଚିକିତ୍ସା ମୂଲ୍ୟରେ ପାରଦର୍ଶିତା ଏବଂ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ସୁଦକ୍ଷ ମୂଲ୍ୟ ନିର୍ଦ୍ଧାରଣ ସହିତ ବୀମା ଦାବୀ ପରିଚାଳନର ଏକ ପ୍ରଣାଳୀ ଆଣିବାରେ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ।

4. ଶିକ୍ଷା ସଂସ୍ଥାନ ଯେପରିକି ଭାରତୀୟ ବୀମା ସଂସ୍ଥାନ ଏବଂ ଜାତୀୟ ବୀମା ଏକାଡେମୀ ଯିଏ ବିସ୍ତୃତ ପ୍ରକାରର ବୀମା ଓ ପ୍ରବନ୍ଧନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରନ୍ତି ଏବଂ ବେସରକାରୀ ପ୍ରଶିକ୍ଷଣ ସଂସ୍ଥାନଗୁଡିକର ଏକ ସମୂହ ଯିଏ ସମ୍ଭାବ୍ୟ ଅଭିକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରନ୍ତି ।

5. ମେଡିକଲ ପ୍ରାକ୍ଟିଶନରମାନେ ମଧ୍ୟ ସଂକଟଗୁଡିକର ସ୍ୱୀକୃତି ସମୟରେ ପ୍ରତ୍ୟାଶିତ କ୍ଲାଏଣ୍ଟମାନଙ୍କ ସ୍ୱାସ୍ଥ୍ୟ ବୀମା ସଂକଟସବୁର ମୂଲ୍ୟାଙ୍କନ କରିବାରେ ବୀମା କମ୍ପାନୀ ଓ ଟି.ପି.ଏ. ମାନଙ୍କୁ ସହାୟତା ପ୍ରଦାନ କରନ୍ତି ଏବଂ କଷ୍ଟସାଧ୍ୟ ଦାବୀଗୁଡିକ ପରିପ୍ରେକ୍ଷୀରେ ବୀମା କମ୍ପାନୀମାନଙ୍କୁ ପରାମର୍ଶ ମଧ୍ୟ ଦିଅନ୍ତି ।

6. ବୈଧାନିକ ତତ୍ତ୍ୱ ଯେପରିକି ବୀମା ଲୋକପାଳ, ଉପଭୋକ୍ତା ନ୍ୟାୟାଳୟ ଏବଂ ସିଭିଲ କୋର୍ଟମାନେ ମଧ୍ୟ ସ୍ୱାସ୍ଥ୍ୟ ବୀମା ବଜାରରେ ଏକ ଭୂମିକା ଗ୍ରହଣ କରନ୍ତି ଯେତେବେଳେ ଉପଭୋକ୍ତା ଅଭିଯୋଗ ନିବାରଣ ର ସମସ୍ୟା ଆସିଥାଏ ।

ସାରାଂଶ

a) ବୀମା କୌଣସି ନା କୌଣସି ରୂପେ ଅନେକ ଶତାବ୍ଦୀ ପୂର୍ବରୁ ବିଦ୍ୟମାନ ଥିଲା କିନ୍ତୁ ଏହାର ଆଧୁନିକ ସ୍ୱରୂପ କେବଳ କିଛି ଶତାବ୍ଦୀ ପୁରାତନ । ଭାରତରେ ବୀମା ସରକାରୀ ନିୟମନ ସହିତ ଅନେକ ଅବସ୍ଥା ଦେଇ ଗତି କରିଛି ।

b) ଏହାର ନାଗରିକମାନଙ୍କ ସ୍ୱାସ୍ଥ୍ୟ ଅତି ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ, ଏକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ସୃଷ୍ଟି କରିବାରେ ସରକାର ଏକ ମୂଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

c) ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବାର ସ୍ତର ଏକ ଦେଶର ଲୋକସଂଖ୍ୟା ସମ୍ବନ୍ଧୀୟ ଅନେକ କାରକ ଉପରେ ନିର୍ଭର କରେ ।

d) ତିନି ପ୍ରକାରର ସ୍ୱାସ୍ଥ୍ୟସେବା ହେଉଛନ୍ତି ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ, ଯାହା ଆବଶ୍ୟକୀୟ ମେଡିକାଲ ଧ୍ୟାନ ଦେବା ଉପରେ ନିର୍ଭର କରେ । ପ୍ରତ୍ୟେକ ସ୍ତରରେ ସ୍ୱାସ୍ଥ୍ୟସେବାର ଖର୍ଚ୍ଚ ବଢ଼ି ଥାଏ ଯାହା ମଧ୍ୟରେ ତୃତୀୟକ ସେବା ସର୍ବାଧିକ ମହଙ୍ଗା ହୋଇଥାଏ ।

e) ଭାରତର ନିଜର ବିଶେଷ ଚ୍ୟାଲେଞ୍ଜସବୁ ରହିଛି ଯେପରିକି ଜନସଂଖ୍ୟା ବୃଦ୍ଧି ଏବଂ ସହରୀକରଣ ଯେଉଁଗୁଡିକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକ କରନ୍ତି ।

f) ସରକାର ବି ସ୍ୱାସ୍ଥ୍ୟ ବୀମା ପାଇଁ ଯୋଜନାଗୁଡିକ ଆଣିବାରେ ପ୍ରଥମ ଥିଲେ ଯାହାଙ୍କୁ ପରେ ପରେ ବେସରକାରୀ ବୀମା କମ୍ପାନୀମାନଙ୍କ ଦ୍ୱାରା ବାଣିଜ୍ୟିକ ବୀମା ଅନୁସରଣ କଲା ।

g) ସ୍ୱାସ୍ଥ୍ୟ ବୀମା ବଜାର ଅନେକ ଖେଳାଳୀଙ୍କ ଦ୍ୱାରା ଗଠିତ, କେତେକ ପୂର୍ବାବଶ୍ୟକ/ଆଧାରିକ ସଂରଚନା (ଇନ୍ଫ୍ରାଷ୍ଟ୍ରକଚର) ପ୍ରଦାନ କରନ୍ତି, ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି, ବ୍ରୋକର, ଅଭିକର୍ତ୍ତା ଓ ତୃତୀୟ ପକ୍ଷ ପ୍ରଶାସକ ଭଳି ମଧ୍ୟସ୍ଥମାନେ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ସେବା ପ୍ରଦାନ କରନ୍ତି ଏବଂ ଅନ୍ୟ ବିନିୟାମକ, ଶିକ୍ଷଣ ତଥା ବୈଧାନିକ ତତ୍ତ୍ୱମାନେ ମଧ୍ୟ ନିଜ ନିଜ ଭୂମିକା ସଂପାଦିତ କରନ୍ତି ।

ମୂଖ୍ୟ ପଦାବଳୀ

a) ସ୍ୱାସ୍ଥ୍ୟ ସେବା
b) ବାଣିଜ୍ୟିକ ବୀମା
c) ଜାତୀୟକରଣ
d) ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ସ୍ୱାସ୍ଥ୍ୟସେବା
e) ମେଡିକ୍ଲେମ୍
f) ବ୍ରୋକର (ଦଲାଲ)
g) ଅଭିକର୍ତ୍ତା
h) ତୃତୀୟ ପକ୍ଷ ପ୍ରଶାସକ
i) ଆଇ. ଆର. ଡି.ଏ.
j) ଲୋକପାଳ

ଅଧ୍ୟାୟ 18

ବୀମା ଦଲିଲୀକରଣ

ଅଧ୍ୟାୟ ପରିଚୟ

ବୀମା ଉଦ୍ୟୋଗରେ, ଆମେମାନେ ଅନେକ ସଂଖ୍ୟକ ଫର୍ମ, ଦସ୍ତାବିଜ ଇତ୍ୟାଦି ସହିତ କାରବାର କରୁ । ଏହି ଅଧ୍ୟାୟ ବିଭିନ୍ନ ଦସ୍ତାବିଜ /କାଗଜପତ୍ର ଏବଂ ଏକ ବୀମା ଚୁକ୍ତିରେ ସେସବୁର ମହତ୍ୱ ମଧ୍ୟ ଦେଇ ଆମକୁ ନେଇଯାଏ । ପ୍ରତ୍ୟେକ ଫର୍ମର ସଠିକ୍ ସ୍ୱରୂପ, ଏହାକୁ କିପରି ପୂରଣ କରିବାକୁ ପଡିବ ଏବଂ ବିଶେଷ ତଥ୍ୟ /ସୂଚନା ମାଗିବାର କାରଣ ସମ୍ବନ୍ଧରେ ମଧ୍ୟ ଏହା ଅନ୍ତର୍ଜ୍ଞାନ ପ୍ରଦାନ କରେ ।

ଅଧ୍ୟୟନ ପରିଣାମ

A. ପ୍ରସ୍ତାବ ଫର୍ମ
B. ପ୍ରସ୍ତାବ (ସଙ୍କଟାଙ୍କନ) ର ସ୍ୱୀକୃତି
C. ବିବରଣୀ ପୁସ୍ତିକା
D. ପ୍ରିମୟମ ରସିଦ
E. ପଲିସୀ ଦସ୍ତାବିଜ
F. ସର୍ତ୍ତାବଳୀ ଏବଂ ୱାରେଣ୍ଟି
G. ପୃଷ୍ଠାଙ୍କନ
H. ପଲିସୀଗୁଡିକର ବ୍ୟାଖ୍ୟା
I. ନୂତନୀକରଣ ସୂଚନା
J. ଆଣ୍ଟି-ମନି ଲଣ୍ଡରିଙ୍ଗ୍ ଏବଂ 'ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ'ମାର୍ଗଦର୍ଶିକା

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ନିମ୍ନ ମତେ ସକ୍ଷମ ହେବେ :

a) ପ୍ରସ୍ତାବ ଫର୍ମ ର ବିଷୟବସ୍ତୁ କୁ ବ୍ୟାଖ୍ୟା କରିବାରେ ।
b) ବିବରଣୀ ପୁସ୍ତିକାର ମହତ୍ୱ ଉପରେ ବର୍ଣ୍ଣନା କରିବାରେ
c) ପ୍ରିମିୟମ ରସିଦ ଏବଂ ବୀମା ଅଧିନିୟମ, 1938 ର ଅନୁଭାଗ 64VB କୁ ବ୍ୟାଖ୍ୟା କରିବାରେ ।
d) ବୀମା ପଲିସୀ ଦସ୍ତାବିଜ ରେ ଥିବା ପଦାବଳୀ ଓ ଶବ୍ଦାବଳୀକୁ ବ୍ୟାଖ୍ୟା କରିବାରେ ।
e) ପଲିସୀ ସର୍ତ୍ତାବଳୀ, ୱାରେଣ୍ଟି ଏବଂ ପୃଷ୍ଠାଙ୍କନ ସମ୍ବନ୍ଧରେ ଆଲୋଚନା କରିବାରେ ।
f) ପୃଷ୍ଠାଙ୍କନଗୁଡିକ କାହିଁକି ଜାରୀ କରାଯାଏ, ଏହାର ମୂଲ୍ୟାଙ୍କନ କରିବାରେ ।
g) ପଲିସୀ ଶବ୍ଦାବଳୀକୁ ଆଇନ ନ୍ୟାୟାଳୟରେ କେଉଁ ଦୃଷ୍ଟିରେ ଦେଖାଯାଏ, ଏହାକୁ ବୁଝିବାରେ ।
h) ନୂତନୀକରଣ ସୂଚନା କାହିଁକି ଜାରୀ କରାଯାଏ, ଏହାର ମୂଲ୍ୟାଙ୍କନ କରିବାରେ ।
i) ମନି ଲଣ୍ଡରିଙ୍ଗ୍ କ'ଣ ଅଟେ ଏବଂ ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ ମାର୍ଗଦର୍ଶିକା ସମ୍ବନ୍ଧରେ ଏକ ଅଭିକର୍ତ୍ତା କ'ଣ କରିବା ଆବଶ୍ୟକ, ଏହାକୁ ଜାଣିବାରେ ।

A. ପ୍ରସ୍ତାବ ଫର୍ମ

ଯେପରିକି ପୂର୍ବେ କୁହାଯାଇଛି, ବୀମା ଏକ ଚୁକ୍ତି ଅଟେ ଯାହାକୁ ଲିଖିତ ରୂପେ ଏକ ପଲିସୀରେ ହ୍ରାସ କରାଯାଇଥାଏ । ବୀମା ଦଲିଲୀକରଣ ପଲିସୀର ନିର୍ଗମ ପର୍ଯ୍ୟନ୍ତ ସୀମିତ ନୁହେଁ । ଯେହେତୁ ବ୍ରୋକର ଓ ଅଭିକର୍ତ୍ତା ଭଳି ଅନେକ ମଧ୍ୟସ୍ଥ ଥାଆନ୍ତି ଯେଉଁମାନେ ସେମାନଙ୍କ ମଝିରେ କାର୍ଯ୍ୟ କରନ୍ତି, ଏହା ସମ୍ଭବ ଅଟେ ଯେ ବୀମିତ ଏବଂ ବୀମାକର୍ତ୍ତା କେବେ ବି ସାକ୍ଷାତ କରି ନ ପାରନ୍ତି ।

ବୀମା କମ୍ପାନୀ ଗ୍ରାହକ ଓ ତାର ବୀମା ଆବଶ୍ୟକତା ସମ୍ବନ୍ଧରେ କେବଳ ସେହି ଦସ୍ତାବିଜ ଗୁଡିକଠାରୁ ଜାଣିବାକୁ ପାଏ ଯାହାକୁ ଗ୍ରାହକ ଦ୍ୱାରା ଉପସ୍ଥାପିତ କରାଯାଇଥାଏ । ସେଭଳି ଦସ୍ତାବିଜସବୁ ସଙ୍କଟକୁ ଅଧିକ ଭଲ ଭାବେ ବୁଝିବା ପାଇଁ ମଧ୍ୟ ବୀମାକର୍ତ୍ତାଙ୍କୁ ସାହାଯ୍ୟ କରିଥାନ୍ତି । ଏପ୍ରକାରେ, ଦଲିଲୀକରଣ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ବୁଝାମଣା ଓ ସ୍ୱଚ୍ଛତା ଆଣିବା ପାଇଁ ଆବଶ୍ୟକ ହୋଇଥାଏ । କେତେକ ଦସ୍ତାବିଜ ଅଛି ଯାହା ପ୍ରଥାଗତ ରୂପେ ବୀମା ବ୍ୟବସାୟରେ ବ୍ୟବହୃତ ହୋଇଥାଏ ।

ବୀମା ଅଭିକର୍ତ୍ତାକୁ, ଗ୍ରାହକର ନିକଟତମ ବ୍ୟକ୍ତି ହୋଇଥିବାରୁ, ଗ୍ରାହକର ସମ୍ମୁଖୀନ ହେବାକୁ ଏବଂ ସଂପୃକ୍ତ ଦସ୍ତାବିଜଗୁଡିକ ବିଷୟରେ ସମସ୍ତ ସନ୍ଦେହ ସ୍ୱଚ୍ଛ କରିବାକୁ ଓ ସେଗୁଡିକ ପୂରଣ କରିବାରେ ସାହାଯ୍ୟ କରିବାକୁ ପଡ଼ିଥାଏ । ଅଭିକର୍ତ୍ତାମାନେ ସମ୍ବନ୍ଧିତ ପ୍ରତ୍ୟେକ ଦସ୍ତାବିଜର ଉଦ୍ଦେଶ୍ୟ ଏବଂ ବୀମାରେ ଉପଯୋଗ କରାଯାଉଥିବା ଦସ୍ତାବିଜଗୁଡିକରେ ଥିବା ତଥ୍ୟ/ସୂଚନାର ମହତ୍ୱ ଓ ଆବଶ୍ୟକତାକୁ ବୁଝିବା ଉଚିତ୍ ।

1. ପ୍ରସ୍ତାବ ଫର୍ମ

ଦଲିଲୀକରଣର ପ୍ରଥମ ଅବସ୍ଥା ମୂଳତଃ ପ୍ରସ୍ତାବ ଫର୍ମ ଅଟେ ଯାହା ମାଧ୍ୟମରେ ବୀମିତ ସୂଚୀତ କରେ :

- ✓ ସେ କିଏ ଅଟେ
- ✓ କେଉଁ ପ୍ରକାରର ବୀମା ସେ ଆବଶ୍ୟକ କରେ
- ✓ ସେ କ'ଣ ବୀମିତ କରିବାକୁ ଚାହେଁ, ତାହାର ବିବରଣୀ ଏବଂ
- ✓ କେତେ ସମୟାବଧି ପାଇଁ

ସଂପୂର୍ଣ୍ଣ ବିବରଣୀର ଅର୍ଥ ହେଉଛି ବୀମାର ବିଷୟବସ୍ତୁର ମୌଦ୍ରିକ ମୂଲ୍ୟ ଏବଂ ପ୍ରସ୍ତାବିତ ବୀମା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା ।

a) ବୀମାକର୍ତ୍ତା ଦ୍ୱାରା ସଙ୍କଟ ମୂଲ୍ୟାଙ୍କନ

i. ବୀମାକର୍ତ୍ତା ଦ୍ୱାରା ଏକ ସଙ୍କଟ ସମ୍ବନ୍ଧୀୟ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା କୁ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଫର୍ମକୁ ପ୍ରସ୍ତାବକ ଦ୍ୱାରା ପୂରଣ କରିବାକୁ ପଡ଼େ, ବୀମାକର୍ତ୍ତାକୁ ନିମ୍ନ ବିଷୟରେ ନିଷ୍ପତ୍ତି ନେବାପାଇଁ ସକ୍ଷମ କରେ :

- ✓ ବୀମା ଦେବା ପାଇଁ ସ୍ୱୀକୃତି ଦେବା କିମ୍ବା ଅଗ୍ରାହ୍ୟ କରିବା ଏବଂ
- ✓ ସଙ୍କଟର ସ୍ୱୀକୃତିର ପ୍ରସଙ୍ଗରେ, ଦିଆଯିବାକୁ ଥିବା ସୁରକ୍ଷାର ହାର, ସର୍ତ୍ତ ଓ ପ୍ରତିବନ୍ଧ ନିର୍ଦ୍ଧାରିତ କରିବା

ପ୍ରସ୍ତାବ ଫର୍ମ ସେହି ତଥ୍ୟଗୁଡିକୁ ଅନ୍ତର୍ଭୁକ୍ତ କରେ ଯେଉଁଗୁଡିକ ବୀମା ପାଇଁ ପ୍ରଦାନ କରାଯାଉଥିବା ସଙ୍କଟକୁ ସ୍ୱୀକାର କରିବା ପାଇଁ ବୀମା କମ୍ପାନୀ ପାଇଁ ଉପଯୋଗ ହୋଇଥାଆନ୍ତି । ପରମ ସଦ୍ଭାବର ସିଦ୍ଧାନ୍ତ ଏବଂ ଆବଶ୍ୟକ ତଥ୍ୟ /ସୂଚନାର ପ୍ରକଟୀକରଣ ର କର୍ତ୍ତବ୍ୟ ବୀମା ପାଇଁ ପ୍ରସ୍ତାବ ଫର୍ମରେ ଆରମ୍ଭ ହୁଅନ୍ତି ।

ଆବଶ୍ୟକ ତଥ୍ୟ/ସୂଚନା ର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀର ପ୍ରାରମ୍ଭ ର ପୂର୍ବରୁ ପ୍ରକଟ ହୁଏ ଏବଂ ବୀମାର ଅବଧି ସାରା ଓ ଏପରିକି ଚୁକ୍ତିର ସମାପ୍ତି ପରେ ମଧ୍ୟ ଚାଲୁ ରହିଥାଏ ।

ଉଦାହରଣ

ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ପରିପ୍ରେକ୍ଷୀରେ, ଯଦି ବୀମିତ ପ୍ରସ୍ତାବ ଫର୍ମରେ ଘୋଷଣା କରିଛି ଯେ ସେ ମୋଟର ସ୍କୋର୍ଟସ କିମ୍ବା ଅଶ୍ୱାରୋହଣ ରେ ସଂଲଗ୍ନ ରହେ ନାହିଁ , ତାକୁ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ପଲିସୀ ଅବଧି ସାରା ସେ ସେଭଳି ଧନ୍ଦାରେ ସଂଲଗ୍ନ ରହିବ ନାହିଁ । ଏହା ବୀମାକର୍ତ୍ତା ପାଇଁ ଏକ ଆବଶ୍ୟକ ତଥ୍ୟ ଅଟେ ଯିଏ ଏହି ସବୁ ତଥ୍ୟ ଉପରେ ଆଧାର କରି ପ୍ରସ୍ତାବକୁ ସ୍ୱୀକାର କରିବ ଏବଂ ତଦନୁସାରେ ସଙ୍କଟର ମୂଲ୍ୟ ନିର୍ଦ୍ଧାରଣ କରିବ ।

ପ୍ରସ୍ତାବ ଫର୍ମଗୁଡିକ ସାଧାରଣତଃ ବୀମା କମ୍ପାନୀର ନାମ, ଲୋଗୋ, ଠିକଣା ଏବଂ ଏହାର ଉପଯୋଗ କରାଯାଉଥିବା ବୀମା/ଉତ୍ପାଦର ବର୍ଗ/ପ୍ରକାର ବୀମାକର୍ତ୍ତା ଦ୍ୱାରା ପ୍ରିଣ୍ଟ କରାଯାଇଥାଏ । ପ୍ରସ୍ତାବ ଫର୍ମରେ ପ୍ରିଣ୍ଟକରାଯାଇଥିବା ଏକ ଟିପ୍ପଣୀ ଯୋଡ଼ିବା ବୀମା କମ୍ପାନୀମାନଙ୍କ ପାଇଁ ପ୍ରଥାଗତ ଅଟେ, ଯଦି ଏହି ସମ୍ବନ୍ଧରେ କୌଣସି ଆଦର୍ଶ ଫର୍ମାଟ୍ କିମ୍ବା ପ୍ରଥା ନାହିଁ ।

ଉଦାହରଣ

ସେଭଳି ଟିପ୍ପଣୀ ର କେତେକ ଉଦାହରଣ ହେଉଛି:

'ସଙ୍କଟ ର ମୂଲ୍ୟାଙ୍କନ ପାଇଁ ଆବଶ୍ୟକ ତଥ୍ୟସବୁର ଅଣ-ପ୍ରକଟୀକରଣ, ବିପଥଗାମୀ କରୁଥିବା ସୂଚନା ପ୍ରଦାନ କରିବା, ବୀମିତ ଦ୍ୱାରା କପଟ କିମ୍ବା ଅସହଯୋଗ ଜାରୀ କରାଯାଇଥିବା ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା କୁ ଅମାନ୍ୟ କରିଦେବ',

'କମ୍ପାନୀ ସଙ୍କଟରେ ରହିବ ନାହିଁ ଯେ ପର୍ଯ୍ୟନ୍ତ ପ୍ରସ୍ତାବକୁ କମ୍ପାନୀ ଦ୍ୱାରା ସ୍ୱୀକାର କରାଯାଇ ନାହିଁ ଏବଂ ସଂପୂର୍ଣ୍ଣ ପ୍ରିମିୟମ ପ୍ରଦାନ କରାଯାଇ ନାହିଁ '।

ପ୍ରସ୍ତାବ ଫର୍ମରେ ଘୋଷଣାପତ୍ର : ବୀମା କମ୍ପାନୀମାନେ ସାଧାରଣତଃ ପ୍ରସ୍ତାବ ଫର୍ମର ଶେଷରେ ଏକ ଘୋଷଣାପତ୍ର ଯୋଡ଼ିଥାନ୍ତି ଯାହା ଉପରେ ପ୍ରସ୍ତାବକ ସ୍ୱାକ୍ଷର କରିଥାଏ । ଏହା ସୁନିଶ୍ଚିତ କରେ ଯେ ବୀମିତ ଫର୍ମକୁ ସଠିକ୍ ରୂପେ ପୂରଣ କରିବାର କଷ୍ଟ ଉଠାଇଛି ଏବଂ ସେଥିରେ ଦିଆଯାଇଥିବା ତଥ୍ୟ ସବୁକୁ ବୁଝିଛି, ଯାହା ଦ୍ୱାରା ଏକ ଦାବୀ ସମୟରେ ତଥ୍ୟର ଭୁଲ ଚିତ୍ରଣ କାରଣରୁ ଅସମ୍ମତି ପାଇଁ କୌଣସି ଅବସର ରହିବ ନାହିଁ ।

ଏହା ପରମ ସଭାବର ମୂଖ୍ୟ ସିଦ୍ଧାନ୍ତ ଏବଂ ବୀମିତ ପକ୍ଷରେ ସମସ୍ତ ଆବଶ୍ୟକ ତଥ୍ୟର ପ୍ରକଟୀକରଣ ଉପରେ ଗୁରୁତ୍ୱ ଦେବାର ଉଦ୍ଦେଶ୍ୟ ସାଧିତ କରେ ।

ଏହି ଘୋଷଣାପତ୍ର ପରମ ସଭାବର ସାଧାରଣ ନିୟମ ସିଦ୍ଧାନ୍ତକୁ ପରମ ସଭାବର ଚୁକ୍ତିୟ କର୍ତ୍ତବ୍ୟରେ ପରିବର୍ତ୍ତିତ କରେ ।

ଘୋଷଣାପତ୍ରର ଆଦର୍ଶ ଫର୍ମ

IRDAI ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ସ୍ଥିତ ଆଦର୍ଶ ଘୋଷଣାପତ୍ରର ଫର୍ମାଟ ନିମ୍ନ ରୂପେ ନିର୍ଦ୍ଧାରିତ କରିଛନ୍ତି :

1. ମୁଁ/ଆମେ ଏତଦ୍ୱାରା ଘୋଷଣା କରୁଛି/କରୁଛୁ, ମୋ ତରଫରୁ ଏବଂ ବୀମିତ କରିବାକୁ ପ୍ରସ୍ତାବିତ ସମସ୍ତ ବ୍ୟକ୍ତି ତରଫରୁ, ଯେ ମୋ/ଆମ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବକ୍ତବ୍ୟ, ଉତ୍ତର ଏବଂ/କିମ୍ବା ବିବରଣୀ, ମୋର ସର୍ବଶ୍ରେଷ୍ଠ ଜ୍ଞାନ ହିସାବରେ ସତ୍ୟ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ଅଟନ୍ତି ଏବଂ ଯେ ଏହି ଅନ୍ୟ ବ୍ୟକ୍ତିମାନଙ୍କ ତରଫରୁ ମୁଁ/ଆମେ ପ୍ରସ୍ତାବ ଦେବାକୁ ପ୍ରାଧିକୃତ ଅଟେ /ଅଟୁ ।

2. ମୁଁ ବୁଝୁଛି ଯେ ମୋ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ/ସୂଚନା ବୀମା ପଲିସୀ ର ଆଧାର ହେବ, ବୀମା କମ୍ପାନୀର ବୋର୍ଡ ସ୍ୱୀକୃତ ସଙ୍କଟ ପଲିସୀ ଅନ୍ତର୍ଗତ ଥାଏ ଏବଂ ପଲିସୀ ଲାଗୁ କରାଯାଇଥିବା ପ୍ରିମିୟମର ସଂପୂର୍ଣ୍ଣ ପ୍ରାପ୍ତି ପରେ କେବଳ ପ୍ରଭାବୀ ହେବ ।

3. ମୁଁ/ଆମେ ଆହୁରି ଘୋଷଣା କରୁଛି/କରୁଛୁ ଯେ ପ୍ରସ୍ତାବଟି ଉପସ୍ଥାପିତ କରି ସାରିଲା ପରେ କିନ୍ତୁ କମ୍ପାନୀ ଦ୍ୱାରା ସଙ୍କଟ ସ୍ୱୀକୃତିର ସୂଚନା ପୂର୍ବରୁ ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ର ବ୍ୟବସାୟ କିମ୍ବା ସାମାନ୍ୟ ସ୍ୱାସ୍ଥ୍ୟରେ ହେଉଥିବା କୌଣସି ପରିବର୍ତ୍ତନ ବିଷୟରେ ଲିଖିତ ରୂପେ ସୂଚୀତ କରିବି /କରିବୁ ।

4. ମୁଁ/ଆମେ ଘୋଷଣା କରୁଛି/କରୁଛୁ ଏବଂ ସେହି କମ୍ପାନୀ ସହିତ ସମ୍ମତ ହେଉଛି/ହେଉଛୁ ଯିଏ କୌଣସି ଡାକ୍ତର କିମ୍ବା ଡାକ୍ତରଖାନାଠାରୁ ମେଡିକଲ ତଥ୍ୟ ଚାହେଁ ଯିଏ କୌଣସି ସମୟରେ ବି ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକକୁ ସେବା ପ୍ରଦାନ କରିଥିବ ଅଥବା କୌଣସି ଅତୀତ କିମ୍ବା ବର୍ତ୍ତମାନର ନିଯୁକ୍ତିଦାତାଠାରୁ କୌଣସି ବିଷୟ ସମ୍ବନ୍ଧରେ ତଥ୍ୟ ଚାହେଁ ଯାହା ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକର ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ଏବଂ ଯିଏ କୌଣସି ବୀମା କମ୍ପାନୀଠାରୁ ସୂଚନା ଚାହେଁ ଯାହା ପାଖରେ ପ୍ରସ୍ତାବର ସଙ୍କଟାଙ୍କନ ଏବଂ/କିମ୍ବା ଦାବୀ ସମାଧାନ ଉଦ୍ଦେଶ୍ୟରେ, ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ଉପରେ ବୀମା ପାଇଁ ଆବେଦନ କରାଯାଇଥିବ ।

5. ମୁଁ/ଆମେ କମ୍ପାନୀକୁ କୌଣସି ସରକାରୀ ଏବଂ /କିମ୍ବା ବିନିୟାମକ ପ୍ରାଧିକରଣ ସହିତ ପ୍ରସ୍ତାବ ସଙ୍କଟାଙ୍କନ ଏବଂ/କିମ୍ବା ଦାବୀ ସମାଧାନ ପାଇଁ ମେଡିକଲ ରେକର୍ଡ ସହିତ ମୋର ପ୍ରସ୍ତାବ ସମ୍ବନ୍ଧୀୟ ତଥ୍ୟକୁ ଆବଣ୍ଟିତ କରିବା ପାଇଁ ପ୍ରାଧିକୃତ କରୁଛି/କରୁଛୁ ।

b) ଏକ ପ୍ରସ୍ତାବ ଫର୍ମରେ ପ୍ରଶ୍ନଗୁଡିକର ସ୍ୱରୂପ

ଏକ ପ୍ରସ୍ତାବ ଫର୍ମରେ ପ୍ରଶ୍ନଗୁଡିକର ସଂଖ୍ୟା ଓ ସ୍ୱରୂପ ସମ୍ବନ୍ଧିତ ବୀମାର ବର୍ଗ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।

ବ୍ୟକ୍ତିଗତ ପ୍ରକାର ଯେପରିକି ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଯାତ୍ରା ବୀମାରେ,. ପ୍ରସ୍ତାବ ଫର୍ମଗୁଡିକ ପ୍ରସ୍ତାବକର ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଓ ଅଭ୍ୟାସ, ପୂର୍ବ-ବିଦ୍ୟମାନ ସ୍ୱାସ୍ଥ୍ୟ ସ୍ଥିତି, ମେଡିକଲ ଇତିହାସ, ଆନୁବଂଶିକ ଗୁଣ, ଅତୀତ ବୀମା ଅନୁଭୂତି ଇତ୍ୟାଦି ବିଷୟରେ ସୂଚନା ପ୍ରାପ୍ତ ହେବା ପାଇଁ ଡିଜାଇନ କରାଯାଇଥାଏ ।

ଏକ ପ୍ରସ୍ତାବର ତତ୍ତ୍ୱ

i. ସଂପୂର୍ଣ୍ଣ ରୂପେ ପ୍ରସ୍ତାବକର ନାମ

ପ୍ରସ୍ତାବକ ନିଜର ପରିଚୟ ସ୍ପଷ୍ଟ ରୂପେ ଦେବାରେ ସମର୍ଥ ହେବା ଉଚିତ୍ । ବୀମାକର୍ତ୍ତା ପାଇଁ ଏହା ଜାଣିବା ମହତ୍ତ୍ୱପୂର୍ଣ୍ଣ ଅଟେ ଯେ କାହା ସହିତ ଚୁକ୍ତିରେ ପ୍ରବେଶ କରାଯାଇଛି, ଯାହା ଦ୍ୱରା ପଲିସୀ ଅନ୍ତର୍ଗତ ଥିବା ଲାଭସବୁ କେବଳ ବୀମିତ ପ୍ରାପ୍ତ କରିପାରିବ । ପରିଚୟ ସ୍ଥାପିତ କରିବା ସେହିସବୁ କ୍ଷେତ୍ରରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ ଯେଉଁଠି କେହି ଅନ୍ୟ ଜଣେ (ମୃତ୍ୟୁ କ୍ଷେତ୍ରରେ ବୈଧିକ ଉତ୍ତରାଧିକାରୀ ଭଳି) ସଙ୍କଟ ବୀମିତରେ ଏକ ହିତ ହାସଲ କରିଥାଇ ପାରେ ଏବଂ ଏକ ଦାବୀ ପ୍ରସ୍ତୁତ କରି ଥାଇ ପାରେ ।

ii. ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ

ଉପରେ ଉଲ୍ଲିଖିତ କାରଣସବୁ ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ ଏକତ୍ରିତ କରିବାରେ ମଧ୍ୟ ପ୍ରଯୁଜ୍ୟ ହୁଏ ।

iii. ପ୍ରସ୍ତାବକର ପେଶା, ଜୀବିକା କିମ୍ବା ବ୍ୟବସାୟ

ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଭଳି କେତେକ କ୍ଷେତ୍ରରେ, ପ୍ରସ୍ତାବକର ପେଶା/ବୃତ୍ତି, ଜୀବିକା କିମ୍ବା ବ୍ୟବସାୟ ମହତ୍ତ୍ୱପୂର୍ଣ୍ଣ ଅଟେ ଯେହେତୁ ସଙ୍କଟ ସହିତ ସେଗୁଡିକର ଆବଶ୍ୟକ ସମ୍ବନ୍ଧ ଥାଇପାରେ ।

ଉଦାହରଣ

ଫାଷ୍ଟ ଫୁଡ୍ ରେଷ୍ଟୁରାଣ୍ଟର ଏକ ଡେଲିଭରୀ ମ୍ୟାନ୍, ଯାହାକୁ ତା' ଗ୍ରାହକମାନଙ୍କୁ ଖାଦ୍ୟ ବିତରଣ ପାଇଁ ଉଚ୍ଚ ବେଗରେ ମୋଟର ବାଇକ୍ ରେ ବାରମ୍ବାର ଯାତ୍ରା କରିବାକୁ ପଡ଼ିଥାଏ, ତାହା ପାଇଁ ସେହି ରେଷ୍ଟୁରାଣ୍ଟର ଆକାଉଣ୍ଟେଣ୍ଟ ଅପେକ୍ଷା ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହେ ।

---

iv. ବୀମାର ବିଷୟବସ୍ତୁର ବିବରଣୀ ଏବଂ ପରିଚୟ

ପ୍ରସ୍ତାବକକୁ ସେହି ବିଷୟ ବସ୍ତୁକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରିବା ଆବଶ୍ୟକ ଯାହାକୁ ବୀମା ପାଇଁ ପ୍ରସ୍ତାବ ଦିଆଯାଏ ।

ଉଦାହରଣ

ପ୍ରସ୍ତାବକକୁ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଏହା :

i. ଏକ ସମୁଦ୍ରପାରୀ/ବିଦେଶଯାତ୍ରା (କାହା ଦ୍ୱାରା, କେତେବେଳେ, କେଉଁ ଦେଶକୁ, କେଉଁ ଉଦ୍ଦେଶ୍ୟ ରେ) ଅଟେ ଅଥବା

ii. ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ (ବ୍ୟକ୍ତିର ନାମ, ଠିକଣା ଏବଂ ପରିଚୟ/ଚିହ୍ନଟ ସହିତ) ଇତ୍ୟାଦି ଅଟେ, ପ୍ରକରଣ ଉପରେ ଆଧାର କରି

---

v. ବୀମା ରାଶି ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାର ଦାୟିତ୍ୱ ର ସୀମା କୁ ସୂଚୀତ କରେ ଏବଂ ଏହାକୁ ସବୁ ପ୍ରସ୍ତାବ ଫର୍ମରେ ସୂଚୀତ କରିବାକୁ ପଡ଼େ ।

ଉଦାହରଣ

ସ୍ୱାସ୍ଥ୍ୟ ବୀମା ପରିପ୍ରେକ୍ଷୀରେ, ଏହା ଡାକ୍ତରଖାନା ଚିକିତ୍ସାର ମୂଲ୍ୟ ହୋଇପାରେ, ଯେତେବେଳେ କି ବ୍ୟକ୍ତିଗତ ଦୁର୍ଘଟଣା ବୀମା ପାଇଁ ଏହା ଏକ ଦୁର୍ଘଟଣା କାରଣରୁ ଜୀବନ ହାନି, ଏକ ଅଙ୍ଗ ହାନି, କିମ୍ବା ଦୃଷ୍ଟି ହାନି ପାଇଁ ଏକ ନିଶ୍ଚିତ ରାଶି ପରିମାଣ ହୋଇପାରେ ।

---

vi. ପୂର୍ବବର୍ତ୍ତୀ ଏବଂ ବର୍ତ୍ତମାନ ର ବୀମା

ପ୍ରସ୍ତାବକକୁ ତାର ପୂର୍ବବର୍ତ୍ତୀ ବୀମା ସମ୍ବନ୍ଧୀୟ ବିବରଣୀର ସୂଚନା ବୀମାକର୍ତ୍ତାକୁ ପ୍ରଦାନ କରିବାର ଆବଶ୍ୟକତା ଅଛି । ଏହା ତାର ବୀମା ଇତିହାସକୁ ବୁଝିବା ପାଇଁ ଅଟେ । କେତେକ ବଜାରରେ ସିଷ୍ଟମସବୁ ରହିଛି ଯାହା ଦ୍ୱାରା ବୀମାକର୍ତ୍ତାମାନେ ବୀମିତ ସମ୍ବନ୍ଧୀୟ ତଥ୍ୟ ଗୋପନୀୟ ରୂପେ ଆବଣ୍ଟିତ କରନ୍ତି ।

ପ୍ରସ୍ତାବକକୁ ଏହା ମଧ୍ୟ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି ଯେ କୌଣସି ବୀମାକର୍ତ୍ତା ତାର ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି, ବିଶେଷ ସର୍ତ୍ତ ଲାଗୁ କରିଛି, ନୂତନୀକରଣ ସମୟରେ ବର୍ଦ୍ଧିତ ପ୍ରିମିୟମ ଆବଶ୍ୟକ କରିଛି କିମ୍ବା ପଲିସୀକୁ ନୂତନୀକରଣ କରିବାରେ ମନା କରିଛି କିମ୍ବା ତାକୁ ରଦ୍ଦ କରିଛି କି ।

କୌଣସି ଅନ୍ୟ ବୀମାକର୍ତ୍ତା ସହିତ ଚଳିତ ବୀମାର ବିବରଣୀ ଯେଉଁଥିରେ ବୀମାକର୍ତ୍ତାଙ୍କ ନାମ ସମ୍ମିଳିତ ଥିବ, ଏଗୁଡିକ ମଧ୍ୟ ପ୍ରକଟ କରିବା ଆବଶ୍ୟକ ଅଟେ । ବିଶେଷ ରୂପେ ସମ୍ପତ୍ତି ବୀମାରେ ଏକ ସମ୍ଭାବନା ରହେ ଯେ ବୀମିତ ବିଭିନ୍ନ ବୀମାକର୍ତ୍ତାଠାରୁ ପଲିସୀ ନେଇ ଥାଇ ପାରେ ଏବଂ ଯେତେବେଳେ ଏକ ହାନି ଘଟେ, ଏକାଧିକ ବୀମାକର୍ତ୍ତା ଠାରୁ ଦାବୀ କରନ୍ତି । ଏହି ସୂଚନା ଏହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ଅଟେ ଯେ ଅଂଶଦାନର ସିଦ୍ଧାନ୍ତ ଲାଗୁ କରାଯାଉଛି ଯାହା ଦ୍ୱାରା ବୀମିତକୁ କ୍ଷତିପୂର୍ତ୍ତି କରାଯାଉଛି ଏବଂ ସେହି ଗୋଟିଏ ସଙ୍କଟ ପାଇଁ ବହୁବିଧ ପଲିସୀ କାରଣରୁ ଲାଭ ପ୍ରାପ୍ତ ହେଉ ନାହିଁ ।

ପୁନଶ୍ଚ, ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ ସେହି ଜଣେ ବୀମିତ ଦ୍ୱାରା ନିଆଯାଇଥିବା ଅନ୍ୟାନ୍ୟ PA ପଲିସୀ ଅନ୍ତର୍ଗତ ବୀମା ରାଶି ଆଧାରରେ ଏକ ବୀମାକର୍ତ୍ତା ସୁରକ୍ଷାର ରାଶି (ବୀମା ରାଶି) କୁ ନିୟନ୍ତ୍ରିତ କରିବା ପାଇଁ ଚାହିଁବ ।

vii. ହାନି ଅନୁଭୂତି

ପ୍ରସ୍ତାବକ କୁ ସେ ଆକ୍ରାନ୍ତ ହୋଇଥିବା ସମସ୍ତ ହାନିର ସଂପୂର୍ଣ୍ଣ ବିବରଣୀ ଘୋଷିତ କରିବା ପାଇଁ କୁହାଯାଏ, ସେଗୁଡିକ ବୀମିତ ହୋଇଥାଆନ୍ତୁ ଅଥବା ହୋଇ ନ ଥାନ୍ତୁ, ଏହା ବୀମାକର୍ତ୍ତା କୁ ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ଏବଂ ବୀମିତ ଅତୀତରେ କିପରି ସଙ୍କଟକୁ ସଞ୍ଚାଳିତ କରିଥିଲା, ଏହାର ସୂଚନା ପ୍ରଦାନ କରିବ । ସଙ୍କଟାଙ୍କକମାନେ ସେସବୁ ଉତ୍ତରଠାରୁ ସଙ୍କଟକୁ ଅଧିକ ଭଲଭାବେ ବୁଝି ପାରିବେ ଏବଂ ଡାକ୍ତରୀ ପରୀକ୍ଷା ଆୟୋଜିତ କରିବା କିମ୍ବା ଆହୁରି ଅଧିକ ବିବରଣୀ ଏକତ୍ରିତ କରିବା ଉପରେ ନିଷ୍ପତ୍ତି ନିଅନ୍ତି ।

viii.ବୀମିତ ଦ୍ୱାରା ଘୋଷଣାପତ୍ର

ଯେହେତୁ ପ୍ରସ୍ତାବ ଫର୍ମର ଉଦ୍ଦେଶ୍ୟ ବୀମାକର୍ତ୍ତାମାନଙ୍କୁ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା ପ୍ରଦାନ କରିବା ଅଟେ, ଫର୍ମରେ ବୀମିତ ଦ୍ୱାରା ଏକ ଘୋଷଣାପତ୍ର ସମ୍ମିଳିତ କରାଯାଏ ଯେ ଉତ୍ତରଗୁଡିକ ସତ୍ୟ ଓ ସଠିକ୍ ଅଟେ ଏବଂ ସେ ସମ୍ମତି ପ୍ରଦାନ କରୁଛି ଯେ ଏହି ଫର୍ମ ବୀମା ଚୁକ୍ତିର ଆଧାର ହେବ । କୌଣସି ବି ଭୂଲ ଉତ୍ତର ବୀମାକର୍ତ୍ତାମାନଙ୍କୁ ଚୁକ୍ତିକୁ ଅବଜ୍ଞା କରିବାର ଅଧିକାର ଦେବ । ଅନ୍ୟାନ୍ୟ ଅନୁଭାଗ ଯାହା ସବୁ ପ୍ରସ୍ତାବ ଫର୍ମରେ ସାଧାରଣ ହୋଇଥାଏ, ସେସବୁ ସ୍ୱାକ୍ଷର, ତାରିଖ ଏବଂ କେତେକ କ୍ଷେତ୍ରରେ, ଅଭିକର୍ତ୍ତାର ସୁପାରିଶ ଅଟେ ।

ix. ଯେଉଁଠି ଏକ ପ୍ରସ୍ତାବ ଫର୍ମର ଉପଯୋଗ କରା ନ ଯାଏ, ବୀମାକର୍ତ୍ତା ମୌଖିକ ରୂପେ ଅଥବା ଲିଖିତ ରୂପେ ପ୍ରାପ୍ତ ସୂଚନାକୁ ରେକର୍ଡ କରିବ, ଏବଂ ଏହାକୁ ପ୍ରସ୍ତାବକ ପାଖରୁ 15 ଦିନର ଅବଧି ମଧ୍ୟରେ ପୁଷ୍ଟି କରିବ ଏବଂ ସୂଚନା/ତଥ୍ୟକୁ ଏହାର ପଲିସୀରେ ସମ୍ମିଳିତ କରିବ । ଯେଉଁଠି ବୀମାକର୍ତ୍ତା ପରେ ଦାବୀ କରେ ଯେ ପ୍ରସ୍ତାବକ କୌଣସି ଆବଶ୍ୟକୀୟ ତଥ୍ୟ/ସୂଚନାକୁ ପ୍ରକଟ କରି ନାହିଁ ଅଥବା ଏକ ବୀମା ସୁରକ୍ଷାର ସ୍ୱୀକୃତି ଦେବାପାଇଁ ଆବଶ୍ୟକ ଥିବା କୌଣସି ବିଷୟ ସମ୍ବନ୍ଧରେ ଭ୍ରମାତ୍ମକ କିମ୍ବା ମିଥ୍ୟା ସୂଚନା ପ୍ରଦାନ କରିଛି, ଏହାକୁ ପ୍ରମାଣିତ କରିବାର ଭାର ବୀମାକର୍ତ୍ତା ଉପରେ ପଡ଼େ ।

ଏହାର ଅର୍ଥ ହେଉଛି ଯେ ଏପରିକି ମୌଖିକ ରୂପେ ପ୍ରାପ୍ତ ସମସ୍ତ ତଥ୍ୟ/ସୂଚନା କୁ ରେକର୍ଡ କରିବା ବୀମା କମ୍ପାନୀର କର୍ତ୍ତବ୍ୟ ରହିଛି । ଯାହାକୁ ଫଲୋ-ଅପ୍ ଜରିଆରେ ଅଭିକର୍ତ୍ତାକୁ ଧ୍ୟାନ ଦେବାକୁ ପଡ଼ିବ ।

ମହତ୍ତ୍ୱପୂର୍ଣ୍ଣ

ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ର ପ୍ରସ୍ତାବ ଫର୍ମର କେତେକ ବିବରଣୀ ନିମ୍ନରେ ଦିଆଯାଇଛି :

1. ପ୍ରସ୍ତାବଫର୍ମ ଏକ ବିବରଣୀ ପୁସ୍ତିକା ସମ୍ମିଳିତ କରେ ଯାହା ବୀମା ସୁରକ୍ଷାର ବିବରଣୀ ପ୍ରଦାନ କରେ, ଯେପରି କି ସୁରକ୍ଷା, ଅପବର୍ଜନ, ପ୍ରାବଧାନ ଇତ୍ୟାଦି । ବିବରଣୀ ପୁସ୍ତିକା ପ୍ରସ୍ତାବ ଫର୍ମର ଏକ ଅଂଶ ହୋଇଥାଏ ଏବଂ ପ୍ରସ୍ତାବକକୁ ଏହାର ବିଷୟବସ୍ତୁ କୁ ଜାଣିଛି ବୋଲି ଏହା ଉପରେ ହସ୍ତାକ୍ଷର କରିବାକୁ ପଡ଼େ ।

2. ପ୍ରସ୍ତାବ ଫର୍ମ ନାମ, ଠିକଣା, ବ୍ୟବସାୟ, ଜନ୍ମ ତାରିଖ, ଲିଙ୍ଗ, ଏବଂ ପ୍ରତ୍ୟେକ ବୀମିତ ବ୍ୟକ୍ତିର ପ୍ରସ୍ତାବକ ସହିତ ସମ୍ବନ୍ଧ, ହାରାହାରି ମାସିକ ଆୟ ଏବଂ ଆୟ କର ପ୍ୟାନ୍ ନଂ, ମେଡିକଲ ପ୍ରାକ୍ଟିଶନର ଙ୍କ ନାମ ଓ ଠିକଣା, ତାଙ୍କ ଯୋଗ୍ୟତା ଓ ପଞ୍ଜିକରଣ ନମ୍ବର ସମ୍ବନ୍ଧୀୟ ତଥ୍ୟ/ସୂଚନା ଏକତ୍ରିତ କରେ । ଦାବୀ ଟଙ୍କାର ଦେୟ ପ୍ରଦାନ ପ୍ରତ୍ୟକ୍ଷ ଭାବେ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ କରିବା ପାଇଁ ଆଜିକାଲି ବୀମିତର ବ୍ୟାଙ୍କ ବିବରଣୀକୁ ମଧ୍ୟ ଏକତ୍ରିତ କରାଯାଏ ।

3. ଏହା ଅତିରିକ୍ତ, ବୀମିତ ବ୍ୟକ୍ତିର ମେଡିକଲ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନସବୁ ଥାଏ । ଫର୍ମରେ ଥିବା ଏହି ବିସ୍ତୃତ ପ୍ରଶ୍ନାବଳୀ ଅତୀତ ଦାବୀ ଅନୁଭୂତି ଉପରେ ଆଧାରିତ ଏବଂ ସେଗୁଡିକ ସଙ୍କଟର ଯଥାର୍ଥ ସଙ୍କଟାଙ୍କନ ପ୍ରାପ୍ତ କରିବା ପାଇଁ ଥାଏ ।

4. ସେ ଫର୍ମରେ ବିନିର୍ଦ୍ଦିଷ୍ଟ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲା କି ନାହିଁ ବୀମିତ ବ୍ୟକ୍ତିକୁ ଏହାର ସଂପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବା ଆବଶ୍ୟକ ହୁଏ ।

5. ପୁନଶ୍ଚ, ପୀଡ଼ିତ ହୋଇଥିବା କୌଣସି ଅନ୍ୟ ରୋଗ କିମ୍ବା ବ୍ୟାଧି ଅଥବା ସମ୍ମୁଖୀନ ହୋଇଥିବା ଦୁର୍ଘଟଣାର ବିବରଣୀସବୁକୁ ନିମ୍ନ ପ୍ରକାରେ ମଗାଯାଇଥାଏ :

    a. ରୋଗ/କ୍ଷତ ର ସ୍ୱରୂପ ଏବଂ ଚିକିତ୍ସା
    b. ପ୍ରଥମ ଚିକିତ୍ସା ର ତାରିଖ
    c. ଯତ୍ନ କରୁଥିବା ଡାକ୍ତରଙ୍କ ନାମ ଏବଂ ଠିକଣା
    d. ସଂପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିଛି କି

6. ବୀମିତ ବ୍ୟକ୍ତିକୁ କୌଣସି ଅତିରିକ୍ତ ତଥ୍ୟକୁ ଉଲ୍ଲେଖ କରିବାକୁ ପଡ଼େ ଯାହାକୁ ବୀମାକର୍ତ୍ତା ପାଖରେ ପ୍ରକଟ କରିବା ଉଚିତ୍ ଏବଂ ତାର ଜ୍ଞାତସାରରେ କୌଣସି ରୋଗ କିମ୍ବା କ୍ଷତ ର କୌଣସି ନିଶ୍ଚିତ ବିଦ୍ୟମାନତା କିମ୍ବା ଉପସ୍ଥିତି ଅଛି କି ଯାହା ପାଇଁ ଡାକ୍ତରୀ ଧ୍ୟାନ ଆବଶ୍ୟକ ହୋଇପାରେ ।

7. ଫର୍ମ ଅତୀତ ବୀମା ଓ ଦାବୀ ଇତିହାସ ଏବଂ କୌଣସି ଅନ୍ୟ ବୀମାକର୍ତ୍ତା ସହିତ ଅତିରିକ୍ତ ବର୍ତ୍ତମାନ ର ବୀମା ସମ୍ବନ୍ଧୀୟ ପ୍ରଶ୍ନସବୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

8. ପ୍ରସ୍ତାବକ ଦ୍ୱାରା ସ୍ୱାକ୍ଷରିତ ହେବାକୁ ଥିବା ଘୋଷଣାପତ୍ର ର ବିଶେଷ ଲକ୍ଷଣ ଗୁଡିକୁ ନିଶ୍ଚିତ ଭାବେ ଧ୍ୟାନ ଦେବା ଉଚିତ୍ ।

9. ବୀମିତ ବ୍ୟକ୍ତି ସମ୍ମତି ପ୍ରଦାନ କରେ ଏବଂ ବୀମାକର୍ତ୍ତାକୁ ସେହି ଡାକ୍ତରଖାନା/ମେଡିକଲ ପ୍ରାକ୍ଟିଶନରଠାରୁ ମେଡିକଲ ତଥ୍ୟ/ସୂଚନା ମାଗିବା ପାଇଁ ଅଧିକାର ଦେଇଥାଏ ଯିଏ କୌଣସି ବି ସମୟରେ ସେହି ରୋଗ ସମ୍ବନ୍ଧରେ ସେବା ପ୍ରଦାନ କରିଛନ୍ତି କିମ୍ବା କରିପାରନ୍ତି ଯାହା ତାର ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟ କୁ ପ୍ରଭାବିତ କରିଥାଏ ।

10. ବୀମିତ ବ୍ୟକ୍ତି ପୁଷ୍ଟି କରେ ଯେ ସେ ଫର୍ମର ଏକ ଅଂଶ ରୂପେ ରହିଥିବା ବିବରଣୀ ପୁସ୍ତିକାକୁ ପାଠ କରିଛି ଏବଂ ସର୍ତ୍ତ ଓ ପ୍ରତିବନ୍ଧ କୁ ସ୍ୱୀକାର କରିବା ପାଇଁ ଇଚ୍ଛୁକ ଅଟେ ।

11. ଘୋଷଣାପତ୍ର ଚୁକ୍ତିର ଆଧାର ସ୍ୱରୂପ ବକ୍ତବ୍ୟ ଗୁଡିକର ଓ ପ୍ରସ୍ତାବ ଫର୍ମର ସତ୍ୟତା ସମ୍ବନ୍ଧରେ ସାଧାରଣ ୱାରେଣ୍ଟି କୁ ଅନ୍ତର୍ଭୁକ୍ତ କରେ ।

ମେଡିକଲ ପ୍ରଶ୍ନାବଳୀ

ପ୍ରସ୍ତାବ ଫର୍ମରେ ପ୍ରତିକୂଳ ମେଡିକଲ ଇତିହାସ ପରିପ୍ରେକ୍ଷୀରେ, ବୀମିତ ବ୍ୟକ୍ତିକୁ ମଧୁମେହ, ଉଚ୍ଚ ରକ୍ତଚାପ, ଛାତି ଦରଜ କିମ୍ବା କରୋନରୀ ଅଯଥେଷ୍ଟତା କିମ୍ବା ମାୟୋକାର୍ଡିନଲ ଇନ୍ଫାର୍କଶନ ଭଳି ରୋଗ ସମ୍ବନ୍ଧୀୟ ଏକ ବିସ୍ତୃତ ପ୍ରଶ୍ନାବଳୀ କୁ ପୂରଣ କରିବାକୁ ପଡ଼େ ।

ଏଗୁଡିକ ଏକ ଫର୍ମ ଦ୍ୱାରା ସମର୍ଥିତ ହେବାକୁ ପଡ଼େ ଯାହାକୁ କନସଲ୍ଟିଙ୍ଗ୍ ଫିଜିସିଆନ୍ ଦ୍ୱାରା ପୂରଣ କରାଯାଇଥାଏ । ଏହି ଫର୍ମକୁ କମ୍ପାନୀର ପ୍ୟାନେଲ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ, ଯାହାର ମତ ଉପରେ ଆଧାର କରି, ସ୍ୱୀକୃତି, ଅପବର୍ଜନ, ଇତ୍ୟାଦି ର ନିଷ୍ପତ୍ତି ନିଆଯାଇଥାଏ ।

IRDAI ଅନୁବନ୍ଧ ଲଗାଇଛନ୍ତି ଯେ ପଲିସୀ ଦସ୍ତାବିଜ ସହିତ ପ୍ରସ୍ତାବ ଫର୍ମର ଏକ ପ୍ରତିଲିପି ଓ ତାର ପରିଶିଷ୍ଟ ଗୁଡିକୁ ସଂଲଗ୍ନ କରିବାକୁ ପଡିବ ଏବଂ ତାହାକୁ ବୀମିତ ପାଖକୁ ତାର ରେକର୍ଡ ପାଇଁ ପଠାଇ ଦିଆଯିବା ଉଚିତ୍ ।

2. ମଧ୍ୟସ୍ଥର ଭୂମିକା

ଉଭୟ ପକ୍ଷ ଅର୍ଥାତ୍ ବୀମିତ ଏବଂ ବୀମାକର୍ତ୍ତା ପ୍ରତି ମଧ୍ୟସ୍ଥର ଦାୟିତ୍ୱ ରହିଥାଏ ।

ଏକ ଅଭିକର୍ତ୍ତା କିମ୍ବା ଏକ ବ୍ରୋକର, ଯିଏ ବୀମା କମ୍ପାନୀ ଏବଂ ବୀମିତ ମଧ୍ୟରେ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ତାର ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ରହିଛି ଯେ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା କୁ ବୀମିତ ଦ୍ୱାରା ବୀମାକର୍ତ୍ତାକୁ ପ୍ରଦାନ କରାଯାଇଛି ।
IRDAI ବିନିୟମନ ପ୍ରାବଧାନ ରଖେ ଯେ ମଧ୍ୟସ୍ଥର କ୍ଲାଏଣ୍ଟ ପ୍ରତି ଦାୟିତ୍ୱ ରହିଛି ।

ମହତ୍ୱପୂର୍ଣ୍ଣ

ସମ୍ଭାବ୍ୟ ଗ୍ରାହକ (କ୍ଲାଏଣ୍ଟ) ପ୍ରତି ଏକ ମଧ୍ୟସ୍ଥର କର୍ତ୍ତବ୍ୟ

IRDAI ବିନିୟମନ ଉଲ୍ଲେଖ କରେ ଯେ "ଏକ ବୀମାକର୍ତ୍ତା ଅଥବା ଏହାର ଅଭିକର୍ତ୍ତା ଅଥବା ଅନ୍ୟ ମଧ୍ୟସ୍ଥ ସର୍ବଶ୍ରେଷ୍ଠ ସୁରକ୍ଷା ଯାହା ସମ୍ଭାବ୍ୟ ଗ୍ରାହକର ହିତରେ ହେବ, ତାହା ଉପରେ ନିଷ୍ପତ୍ତି ନେବାରେ ତାକୁ ସକ୍ଷମ କରିବା ପାଇଁ ସମ୍ଭାବ୍ୟ ଗ୍ରାହକ ସକାଶେ ଏକ ପ୍ରସ୍ତାବିତ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ /ସୂଚନା ପ୍ରା ଦାନ କରିବ"।

ଯେଉଁଠି ସମ୍ଭାବ୍ୟ ଗ୍ରାହକ ବୀମାକର୍ତ୍ତା ଅଥବା ତାର ଅଭିକର୍ତ୍ତା ଅଥବା ଏକ ବୀମା ମଧ୍ୟସ୍ଥର ପରାମର୍ଶ ଉପରେ ନିର୍ଭର କରେ , ସେଭଳି ବ୍ୟକ୍ତି ଉତ୍ତମ ପ୍ରକାରେ ସମ୍ଭାବ୍ୟ ଗ୍ରାହକକୁ ନିଶ୍ଚିତ ରୂପେ ପରାମର୍ଶ ଦେବା ଉଚିତ୍ ।

ଯେଉଁଠି, କୌଣସି ବି କାରଣରୁ ହେଉ, ପ୍ରସ୍ତାବ ଓ ଅନ୍ୟାନ୍ୟ ସମ୍ବନ୍ଧିତ କାଗଜପତ୍ରଗୁଡିକ ଗ୍ରାହକ ଦ୍ୱାରା ପୂରଣ କରାଯାଇନାହିଁ, ପ୍ରସ୍ତାବ ଫର୍ମର ଶେଷରେ ଗ୍ରାହକଠାରୁ ଏକ ପ୍ରମାଣପତ୍ରକୁ ସମାବିଷ୍ଟ କରାଯାଇପାରେ ଯେ ଫର୍ମ ଓ ଦସ୍ତାବିଜ ଗୁଡିକର ବିଷୟବସ୍ତୁ ସମ୍ବନ୍ଧରେ ତାହାକୁ ସଂପୂର୍ଣ୍ଣ ରୂପେ ବ୍ୟାଖ୍ୟା କରାଯାଇଛି ଏବଂ ଯେ ସେ ପ୍ରସ୍ତାବିତ ଚୁକ୍ତିର ମହତ୍ୱକୁ ସଂପୂର୍ଣ୍ଣ ରୂପେ ବୁଝିଛି ।

B. ପ୍ରସ୍ତାବ (ସଙ୍କଟାଙ୍କନ) ର ସ୍ୱୀକୃତି

ଆମେ ଦେଖିଛୁ ଯେ ଏକ ସଂପୂର୍ଣ୍ଣ ପ୍ରସ୍ତାବ ଫର୍ମ ମୋଟାମୋଟି ରୂପେ ନିମ୍ନ ସୂଚନା ପ୍ରଦାନ କରେ :

- ✓ ବୀମିତର ବିବରଣୀ
- ✓ ବିଷୟ ବସ୍ତୁର ବିବରଣୀ
- ✓ ଆବଶ୍ୟକୀୟ ବୀମା ସୁରକ୍ଷାର ପ୍ରକାର
- ✓ ଭୌତିକ ଲକ୍ଷଣଗୁଡିକର ଲକ୍ଷଣ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ
- ✓ ବୀମା ଏବଂ ହାନିର ପୂର୍ବ ଇତିହାସ

ଏକ ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ କ୍ଷେତ୍ରରେ, ବୀମାକର୍ତ୍ତା ସମ୍ଭାବ୍ୟ ଗ୍ରାହକ ଉ.ସ୍ୱ. 45 ବର୍ଷରୁ ଊର୍ଦ୍ଧ୍ୱ ବୟସ୍କକୁ ଡାକ୍ତରୀ ଯାଞ୍ଚ ପାଇଁ ଏକ ଡାକ୍ତରଙ୍କ ପାଖକୁ ମଧ୍ୟ ପଠାଇପାରେ । ପ୍ରସ୍ତାବରେ ଉପଲବ୍ଧ ତଥ୍ୟ ଆଧାରରେ ଏବଂ, ଯେଉଁଠି ଡାକ୍ତରୀ ଯାଞ୍ଚ ପାଇଁ ପରାମର୍ଶ ଦିଆଯାଇଛି, ମେଡିକଲ ରିପୋର୍ଟ ଓ ଡାକ୍ତରଙ୍କ ସୁପାରିଶ ଆଧାରରେ, ବୀମାକର୍ତ୍ତା ନିଷ୍ପତ୍ତି ନିଏ । ବେଳେ ବେଳେ, ଯେଉଁଠି ମେଡିକଲ ଇତିହାସ ସନ୍ତୋଷଜନକ ନହେଁ, ସମ୍ଭାବ୍ୟ କ୍ଲାଏଣ୍ଟ ଠାରୁ ଅଧିକ ସୂଚନା ପାଇବା ପାଇଁ ଏକ ଅତିରିକ୍ତ ପ୍ରଶ୍ନାବଳୀ ମଧ୍ୟ ଆବଶ୍ୟକ ହୁଏ । ବୀମାକର୍ତ୍ତା ତାପରେ ସଙ୍କଟ କାରକ ପାଇଁ ଲାଗୁ କରିବାକୁ ଥିବା ମୂଲ୍ୟ / ହାର ସମ୍ବନ୍ଧରେ ନିଷ୍ପତ୍ତି ନିଏ ଏବଂ ବିଭିନ୍ନ କାରକ ଆଧାରରେ ପ୍ରିମିୟମ ନିର୍ଦ୍ଧାରିତ କରେ, ଯାହାକୁ ତାପରେ ବୀମିତକୁ ସୂଚୀତ କରାଯାଏ ।

ଦ୍ରୁତ ବେଗ ଓ ଦକ୍ଷତା ସହିତ ବୀମାକର୍ତ୍ତା ପ୍ରସ୍ତାବଗୁଡିକର ପ୍ରୋସେସ୍ କରିଥାଏ ଏବଂ ତା' ପରିଣାମ ସ୍ୱରୂପ ସମସ୍ତ ନିର୍ଣ୍ଣୟକୁ ଏକ ଯଥାର୍ଥ ସମୟାବଧି ମଧ୍ୟରେ ଲିଖିତ ରୂପେ ସୂଚୀତ କରିଥାଏ ।

ସଙ୍କଟାଙ୍କନ ଏବଂ ପ୍ରସ୍ତାବଗୁଡିକର ପ୍ରୋସେସିଙ୍ଗ୍ ଉପରେ ଟିପ୍ପଣୀ

IRDAI ମାର୍ଗଦର୍ଶିକା ଅନୁସାରେ, ବୀମାକର୍ତ୍ତାକୁ ପ୍ରସ୍ତାବକୁ 15 ଦିନ ର ସମୟ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼େ । ଅଭିକର୍ତ୍ତା ଏହି ସବୁ ସମୟରେଖାର ଟ୍ରାକ୍ କରିବା, ଆଭ୍ୟନ୍ତରୀଣ ରୂପେ ଫଲୋ-ଅପ୍ କରିବା ଏବଂ ଯେତେବେଳେ ବି ଆବଶ୍ୟକ ଗ୍ରାହକ ସେବା ରୂପେ ସମ୍ଭାବ୍ୟ ଗ୍ରାହକ / ବୀମିତ ସହିତ ସଂପର୍କ ରଖିବାର ଆଶା ରଖାଯାଏ । ପ୍ରସ୍ତାବକୁ ଯାଞ୍ଚ କରିବା ଏବଂ ସ୍ୱୀକୃତି ବିଷୟରେ ନିଷ୍ପତ୍ତି ନେବାର ଏହି ସଂପୂର୍ଣ୍ଣ ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

ସ୍ୱୟଂ ପରୀକ୍ଷଣ କରନ୍ତୁ 1

ମାର୍ଗଦର୍ଶିକା ଅନୁସାରେ, ଏକ ବୀମା କମ୍ପାନୀକୁ ଏକ ବୀମା ପ୍ରସ୍ତାବକୁ _____ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼େ ।

I. 7 ଦିନ
II. 15 ଦିନ
III. 30 ଦିନ
IV. 45 ଦିନ

C. ବିବରଣୀ ପୁସ୍ତିକା

ଏକ ବିବରଣୀ ପୁସ୍ତିକା ହେଉଛି ବୀମାର ସମ୍ଭାବ୍ୟ କ୍ରେତାମାନଙ୍କୁ ବୀମାକର୍ତ୍ତା ଦ୍ୱାରା କିମ୍ବା ଏହା ତରଫରୁ ଜାରୀ କରାଯାଇଥିବା ଏକ ଦସ୍ତାବିଜ । ଏହା ସାଧାରଣତଃ ଏକ ବ୍ରୋଚର କିମ୍ବା ଲିଫଲେଟ୍ ଆକାରରେ ଥାଏ ଏବଂ ସେଭଳି ସମ୍ଭାବ୍ୟ କ୍ରେତାମାନଙ୍କୁ ଏକ ଉତ୍ପାଦ ସମ୍ବନ୍ଧରେ ପରିଚୟ କରିବାର ଉଦ୍ଦେଶ୍ୟ ସାଧିତ କରେ । ବିବରଣୀ ପୁସ୍ତିକାର ନିର୍ଗମ ବୀମା ଅଧିନିୟମ, 1938 ତଥା IRDAI ଙ୍କ ପଲିସୀଧାରୀର ସ୍ୱାର୍ଥ ସୁରକ୍ଷା ଅଧିନିୟମ 2002 ଏବଂ ସ୍ୱାସ୍ଥ୍ୟ ବୀମା ଅଧିନିୟମ 2013 ଦ୍ୱାରା ପରିଚାଳିତ ହୁଏ ।

କୌଣସି ବି ବୀମା ଉତ୍ପାଦର ବିବରଣୀ ପୁସ୍ତିକା ଲାଭର ପରିସର, ବୀମା ସୁରକ୍ଷାର ବିସ୍ତାରକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରିବା ଉଚିତ୍ ଏବଂ ବୀମା ସୁରକ୍ଷାର ୱାରେଣ୍ଟି, ଅପବର୍ଜନ ଏବଂ ସର୍ତ୍ତାବଳୀ ବିଷୟରେ ସ୍ପଷ୍ଟ ଭାବେ ବ୍ୟାଖ୍ୟା କରିବା ଉଚିତ୍ ।

ଉତ୍ପାଦ ଉପରେ ସ୍ୱୀକାର୍ଯ୍ୟ ରାଇଡର (ଆଡ-ଅନ କଭର ମଧ୍ୟ କୁହାଯାଉଥିବା) ଗୁଡିକୁ ମଧ୍ୟ ସେଗୁଡିକର ଲାଭର ପରିସର ପ୍ରସଙ୍ଗରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବା ଉଚିତ୍ । ଆହୁରି ମଧ୍ୟ, ସବୁ ରାଇଡର କୁ ଏକତ୍ରିତ କରି ନିର୍ଦ୍ଧାରିତ ପ୍ରିମିୟମ ମୂଖ୍ୟ ଉତ୍ପାଦର ପ୍ରିମିୟମ ର 30% ଠାରୁ ଅଧିକ ହେବା ଉଚିତ୍ ନୁହେଁ ।

ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ତଥ୍ୟ/ସୂଚନା ଯେଉଁସବୁକୁ ଏକ ବିବରଣୀ ପୁସ୍ତିକା ପ୍ରକଟନ କରିବା ଉଚିତ୍, ସେଗୁଡିକ ହେଉଛି :

1. ଭିନ୍ନ ଭିନ୍ନ ଆୟୁ ବର୍ଗ ପାଇଁ କିମ୍ବା ଭିନ୍ନ ଭିନ୍ନ ପ୍ରବେଶ ଆୟୁ ପାଇଁ କଭର ଏବଂ ପ୍ରିମିୟମରେ ଥିବା କୌଣସି ପାର୍ଥକ୍ୟ
2. ପଲିସୀର ନୂତନୀକରଣ ଅବଧି/ସର୍ତ୍ତାବଳୀ
3. କେତେକ ପରିସ୍ଥିତି ଅନ୍ତର୍ଗତ ପଲିସୀର ରଦ୍ଦକରଣ ର ଅବଧି/ସର୍ତ୍ତାବଳୀ
4. ବିଭିନ୍ନ ପରିସ୍ଥିତି ଅନ୍ତର୍ଗତ ଲାଗୁ ହେଉଥିବା କୌଣସି ଡିସ୍କାଉଣ୍ଟ କିମ୍ବା ଲୋଡିଙ୍ଗ୍ ର ବିବରଣୀ
5. ପ୍ରିମିୟମ ସହିତ ପଲିସୀର ସର୍ତ୍ତାବଳୀର କୌଣସି ସଂଶୋଧନ କିମ୍ବା ପରିବର୍ତ୍ତନ ର ସମ୍ଭାବନା
6. ସେହି ଗୋଟିଏ ବୀମାକର୍ତ୍ତା ସହିତ ଶୀଘ୍ର ପ୍ରବେଶ, ଅବିଚ୍ଛିନ୍ନ ନୂତନୀକରଣ, ଅନୁକୂଳ ଦାବୀ ଅନୁଭୂତି ଇତ୍ୟାଦି ପାଇଁ ପଲିସୀଧାରୀମାନଙ୍କୁ ପୁରସ୍କୃତ କରିବା ପାଇଁ କୌଣସି ପ୍ରୋତ୍ସାହନ
7. ଏକ ଘୋଷଣା ପତ୍ର ଯେ ଏହାର ସମସ୍ତ ସ୍ୱାସ୍ଥ୍ୟ ପଲିସୀ ସୁବାହ୍ୟ ଅଟନ୍ତି ଯାହାର ଅର୍ଥ ହେଉଛି ଯେ ଏହି ପଲିସୀଗୁଡିକ କୌଣସି ଅନ୍ୟ ବୀମାକର୍ତ୍ତା ସହିତ ନୂତନୀକରଣ କରାଯାଇପାରେ ଯିଏ ସେହି ଏକା ଲାଭ ଥିବା ସେଭଳିଆ ବୀମା ସୁରକ୍ଷା ପ୍ରଦାନ କରେ ଯାହା ସେ ବିଦ୍ୟମାନ ବୀମାକର୍ତ୍ତା ସହିତ ବୀମା ଚାଲୁ ରଖିଥିଲେ ଉପଭୋଗ କରିଥାନ୍ତା ।

ସ୍ୱାସ୍ଥ୍ୟ ପଲିସୀଗୁଡିକର ବୀମାକର୍ତ୍ତାମାନେ ସାଧାରଣତଃ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ ସମ୍ବନ୍ଧୀୟ ବିବରଣୀ ପୁସ୍ତିକା ପ୍ରକାଶିତ କରିଥାନ୍ତି । ସେ ଭଳି କ୍ଷେତ୍ରରେ ପ୍ରସ୍ତାବ ଫର୍ମରେ ଏକ ଘୋଷଣାପତ୍ର ସମ୍ମିଳିତ ହୁଏ ଯେ ଗ୍ରାହକ ବିବରଣୀ ପୁସ୍ତିକାକୁ ପାଠ କରିଛି ଏବଂ ଏହା ସହିତ ସମ୍ମତ ଅଟେ ।

D. ପ୍ରିମିୟମ ରସିଦ

ଯେତେବେଳେ ପ୍ରିମିୟମ ଉଦ୍ଦେଶ୍ୟରେ ଗ୍ରାହକ ଦ୍ୱାରା ବୀମାକର୍ତ୍ତାକୁ ପ୍ରିମିୟମ ପ୍ରଦାନ କରାଯାଏ, ବୀମାକର୍ତ୍ତା ଏକ ରସିଦ ଦେବା ପାଇଁ ବାଧ୍ୟ ଅଟେ । ଯେତେବେଳେ କୌଣସି ବି ପ୍ରିମିୟମ ଅଗ୍ରୀମ ରୂପେ ପ୍ରଦାନ କରାଯାଏ, ସେତେବେଳେ ବି ଏକ ରସିଦ ପ୍ରଦାନ କରାଯାଏ ।

ପରିଭାଷା

ପ୍ରିମିୟମ ହେଉଛି ବୀମାର ଏକ ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟ ବସ୍ତୁକୁ ବୀମିତ କରିବା ପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାକୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପରିମାଣ ।

---

ଏକ ବୀମା ପ୍ରମାଣପତ୍ର ସେହି କ୍ଷେତ୍ର ଗୁଡିକରେ ବୀମାର ବିଦ୍ୟମାନତା ପ୍ରଦାନ କରେ ଯେଉଁଠି ପ୍ରମାଣର ଆବଶ୍ୟକତା ପଡିପାରେ । ଉଦାହରମ ସ୍ୱରୂପ, ମୋଟର ବୀମାରେ, ପଲିସୀ ବ୍ୟତୀତ, ମୋଟର ବାହନ ଅଧିନିୟମର ଆବଶ୍ୟକତା ଅନୁସାରେ ଏକ ବୀମା ପ୍ରମାଣପତ୍ର ଜାରୀ କରାଯାଏ । ଏହି ପ୍ରମାଣପତ୍ର ପଲିସୀ ଓ ପଞ୍ଜିକରଣ ପ୍ରାଧିକରଣମାନଙ୍କୁ ବୀମାର ପ୍ରମାଣ ଯୋଗାଇ ଦିଏ । ନିମ୍ନରେ ପ୍ରାଇଭେଟ କାର ପାଇଁ ଏକ ନମୂନା ପ୍ରମାଣପତ୍ର ପ୍ରଦାନ କରାଯାଇଛି, ଯାହା ବିଶେଷ ଲକ୍ଷଣ ଗୁଡିକୁ ପ୍ରଦର୍ଶିତ କରେ ।

ମୋଟର ବାହନ ଅଧିନିୟମ, 1988

ବୀମା ପ୍ରମାଣପତ୍ର

ପ୍ରମାଣପତ୍ର ସଂଖ୍ୟା ପଲିସୀ ସଂଖ୍ୟା

1. ପଞ୍ଜିକରଣ ଚିହ୍ନ ଓ ସଂଖ୍ୟା, ପଞ୍ଜିକରଣର ସ୍ଥାନ, ଇଞ୍ଜିନ ନମ୍ବର /ଚେସିସ ନମ୍ବର/ ନିର୍ମାଣ/ ନିର୍ମାଣର ବର୍ଷ ।
2. ଶରୀରର ପ୍ରକାର /ସି. ସି./ ବସିବା କ୍ଷମତା/ ନେଟ ପ୍ରିମିୟମ / ପଞ୍ଜିକରଣ/ ପ୍ରାଧିକରଣର ନାମ
3. ଭୌଗଳିକ କ୍ଷେତ୍ର - ଭାରତ
4. ବୀମିତ ଘୋଷିତ ମୂଲ୍ୟ (ଆଇଡିଭି)
5. ବୀମିତର ନାମ ଓ ଠିକଣା, ବ୍ୟବସାୟ କିମ୍ବା ବୃତ୍ତି
6. ଅଧିନିୟମର ଉଦ୍ଦେଶ୍ୟ ପାଇଁ ବୀମା ଆରମ୍ଭ ହେବାର ଲାଗୁ ହୋଇଥିବା ତାରିଖ । .....ତାରିଖରେ .....ଘଣ୍ଟା ଠାରୁ
7. ବୀମା ସମାପ୍ତିର ତାରିଖ: .....ଦିନ ମଧ୍ୟରାତ୍ରି
8. ଡ୍ରାଇଭ କରିବା ପାଇଁ ଅଧିକାରପ୍ରାପ୍ତ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କ ଶ୍ରେଣୀ

ନିମ୍ନ ମଧ୍ୟରୁ କୌଣସି ଜଣେ:

କ) ବୀମିତ :

ଖ) ଅନ୍ୟ କୌଣସି ବ୍ୟକ୍ତି ଯିଏ ବୀମିତର ଆଦେଶରେ କିମ୍ବା ତା' ଅନୁମତି ରେ ଡ୍ରାଇଭ କରୁଛି

ଏହି ସର୍ତ୍ତରେ ଯେ ଡ୍ରାଇଭ କରୁଥିବା ବ୍ୟକ୍ତି ପାଖରେ ଦୁର୍ଘଟଣା ସମୟରେ ଏକ ପ୍ରଭାବୀ ଡ୍ରାଇଭିଂ ଲାଇସେନ୍ସ ଅଛି ଏବଂ ସେ ସେଭଳିଆ ଏକ ଲାଇସେନ୍ସର ରଖିବା ପାଇଁ ଅଯୋଗ୍ୟ ନୁହେଁ । ଏହି ସର୍ତ୍ତରେ ବି ଯେ ଏକ ପ୍ରଭାବୀ ଶିକ୍ଷାକରୁଥିବା ଲାଇସେନ୍ସ ରଖିଥିବା ବ୍ୟକ୍ତି ମଧ୍ୟ ବାହନକୁ ଚଳାଇ ପାରିବ ଏବଂ ସେଭଳି ବ୍ୟକ୍ତି କେନ୍ଦ୍ରୀୟ ମୋଟର ବାହନ ନିୟମ 1989 ର ନିୟମ 3 ର ଆବଶ୍ୟକତାକୁ ପୂରଣ କରୁଥିବ ।

ଉପଯୋଗରେ ପ୍ରତିବନ୍ଧ

ପଲିସୀ କୌଣସି ଉଦ୍ଦେଶ୍ୟରେ ଉପଯୋଗକୁ ଆବୃତ କରେ ନିମ୍ନ ବ୍ୟତୀତ :

(କ) ଭଡାରେ ଦେବା କିମ୍ବା ପୁରସ୍କାର

(ଖ) ଜିନିଷପତ୍ରର ବହନ (ବ୍ୟକ୍ତିଗତ ଜିନିଷପତ୍ର ବ୍ୟତୀତ)

(ଗ) ଆୟୋଜିତ ଦୌଡ

(ଘ) ଦୌଡ କରିବା

(ଙ) ବେଗ ପରୀକ୍ଷା

(ଚ) ବିଶ୍ୱସନୀୟତା ପରୀକ୍ଷା

(ଛ) ମୋଟର ବ୍ୟବସାୟ ସମ୍ବନ୍ଧୀୟ କୌଣସି ଉଦ୍ଦେଶ୍ୟ ।

ମୁଁ / ଆମେ ଏତଦ୍ୱାରା ପ୍ରମାଣିତ କରେ/ କରୁ ଯେ ଏହି ପ୍ରମାଣପତ୍ର ସମ୍ବନ୍ଧ ରଖୁଥିବା ପଲିସୀ ଏବଂ ମୋଟର ବାହନ ଅଧିନିୟମ, 1988 ର ଅଧ୍ୟାୟ X ଓ ଅଧ୍ୟାୟ XI ଅନୁସାରେ ଏହି ବୀମା ପ୍ରମାଣପତ୍ର କୁ ଜାରୀ କରାଯାଉଛି ।

ପରୀକ୍ଷିତ .....

(ପ୍ରାଧିକୃତ ବୀମାକର୍ତ୍ତା)

ମୋଟର ବୀମା ପ୍ରମାଣପତ୍ର ସମ୍ବନ୍ଧିତ ପ୍ରାଧିକାରୀମାନଙ୍କ ଯାଞ୍ଚ ସକାଶେ ସବୁ ସମୟରେ ଗାଡ଼ିରେ ନେବା ଆବଶ୍ୟକ ହୁଏ ।

4. ପଲିସୀ ଦସ୍ତାବିଜ

ପଲିସୀ ଦସ୍ତାବିଜ ଔପଚାରିକ/ବିଧି ସଙ୍ଗତ ଅଟେ ଯାହା ବୀମାର ଅନୁବନ୍ଧ ର ପ୍ରମାଣ ପ୍ରଦାନ କରେ । ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 ର ପ୍ରାବଧାନ ଅନୁସାରେ ଏହି ଦସ୍ତାବିଜରେ ଷ୍ଟାମ୍ପ ଲାଗିବା ଆବଶ୍ୟକ ।

ଏକ ସାଧାରଣ ବୀମା ପଲିସୀରେ ସାଧାରଣତଃ ନିମ୍ନଲିଖିତସବୁ ଥାଏ :

କ) ବୀମିତ ଓ ବିଷୟ ବସ୍ତୁରେ ବୀମାଯୋଗ୍ୟ ସ୍ୱାର୍ଥ ଥିବା କୌଣସି ଅନ୍ୟ ବ୍ୟକ୍ତିର ନାମ (ଗୁଡିକ) ଓ ଠିକଣା (ଗୁଡିକ);

ଖ) ସମ୍ପତ୍ତି କିମ୍ବା ବୀମିତ ସ୍ୱାର୍ଥର ସଂପୂର୍ଣ୍ଣ ବିବରଣୀ ;

ଗ) ପଲିସୀ ଅନ୍ତର୍ଗତ ସମ୍ପତ୍ତି କିମ୍ବା ବୀମିତ ସ୍ୱାର୍ଥର ସଂପୂର୍ଣ୍ଣ ବିବରଣୀ ;

ଘ) ବୀମା ଅବଧି ;

ଙ) ବୀମିତ ରାଶି;

ଚ) ଆବୃତ ହେଉଥିବା ବିପଦ ଏବଂ ବହିଷ୍କରଣ ; ପ୍ରଯୁଜ୍ୟ କୌଣସି ଅତିରିକ୍ତ /କାଟିବା ଯୋଗ୍ୟ;

ଛ) ଦେୟ ପ୍ରିମିୟମ ଏବଂ ଯେଉଁଠି ପ୍ରିମିୟମ ଅସ୍ଥାୟୀ /ସାମୟିକ ଅଟେ ଯାହାର ସୁବ୍ୟବସ୍ଥା କରିବାକୁ ପଡିବ, ପ୍ରିମିୟମ ସୁବ୍ୟବସ୍ଥାର ଆଧାର;

ଜ) ପଲିସୀ ସର୍ତ୍ତ ଅନୁବନ୍ଧ ଏବଂ ୱାରେଣ୍ଟି ;

ଝ) ଏକ ଆକସ୍ମିକ ଘଟଣା ଘଟିବାରେ, ଯାହାପାଇଁ ପଲିସୀ ଅନ୍ତର୍ଗତ ଏକ ଦାବୀ ଉପସ୍ଥାପିତ ହୋଇପାରେ, ବୀମିତ ଦ୍ୱାରା ନିଆଯାଉଥିବା ପଦକ୍ଷେପ ;

ଞ) ଏକ ଦାବୀ ଉପସ୍ଥାପିତ ହେଉଥିବା କୌଣସି ଘଟଣା ଘଟିବାରେ ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ବୀମିତର କର୍ତ୍ତବ୍ୟ ଏବଂ ସେସବୁ ପରିସ୍ଥିତିରେ ବୀମାକର୍ତ୍ତାଙ୍କ ଅଧିକାର ;

ଟ) କୌଣସି ବିଶେଷ ସର୍ତ୍ତ;

ଠ) ଭୁଲ ଉପସ୍ଥାପନା, କପଟ, ତଥ୍ୟ ସୂଚନାର ଅଣ-ପ୍ରକଟୀକରଣ କିମ୍ବା ବୀମିତର ଅସହଯୋଗ ଆଧାରରେ ପଲିସୀର ରଦ୍ଦକରଣ ପାଇଁ ପ୍ରାବଧାନ ;

ଡ) ବୀମା କର୍ତ୍ତାଙ୍କ ଠିକଣା ଯେଉଁଠି ପଲିସୀ ସମ୍ବନ୍ଧୀୟ ସମସ୍ତ ସୂଚନା ପଠାଯାଇ ପାରିବ ;

ଢ) ଯଦି କୌଣସି ରାଇଡର ଥାଆନ୍ତି, ସେମାନଙ୍କ ବିବରଣୀ ;

ଣ) ଅଭିଯୋଗ ନିବାରଣ କାର୍ଯ୍ୟପ୍ରଣାଳୀ ଏବଂ ସେମାନଙ୍କ ଠିକଣା

ପ୍ରତ୍ୟେକ ବୀମାକର୍ତ୍ତାଙ୍କୁ ପଲିସୀ ଅନ୍ତର୍ଗତ ଆସୁଥିବା ଏକ ଦାବୀ ଉପସ୍ଥାପନା ସମ୍ବନ୍ଧରେ ବୀମିତ ଦ୍ୱାରା ପୂରଣ କରିବାକୁ ଥିବା ଆବଶ୍ୟକତାସବୁ ବିଷୟରେ ଏବଂ ଏକ ଦାବୀର ତୁରନ୍ତ ସମାଧାନ ପାଇଁ ବୀମାକର୍ତ୍ତାକୁ ସକ୍ଷମ କରାଇବାକୁ ତାକୁ ଅନୁପାଳନ କରିବାକୁ ଥିବା ପ୍ରକ୍ରିୟାଗୁଡିକ ବିଷୟରେ ସମୟ ସମୟରେ ବୀମିତକୁ ସୂଚନା ଦେବାକୁ ଓ ସୂଚୀତ କରିବାକୁ ପଡେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 4

କଭର ନୋଟ ସମ୍ବନ୍ଧରେ ନିମ୍ନ ବକ୍ତବ୍ୟ ମଧ୍ୟରୁ କେଉଁଟି ସତ୍ୟ ?

I. କଭର ନୋଟଗୁଡିକ ପ୍ରଧାନତଃ ଜୀବନ ବୀମାରେ ବ୍ୟବହୃତ ହୁଏ

II. କଭର ନୋଟଗୁଡିକ ପ୍ରଧାନତଃ ସାଧାରଣ ବୀମାର ସବୁ ଶ୍ରେଣୀରେ ବ୍ୟବହୃତ ହୁଏ

III. କଭର ନୋଟଗୁଡିକ ପ୍ରଧାନତଃ ସ୍ୱାସ୍ଥ୍ୟ ବୀମାରେ ସବୁ ଶ୍ରେଣୀରେ ବ୍ୟବହୃତ ହୁଏ

IV. କଭର ନୋଟଗୁଡିକ ପ୍ରଧାନତଃ ସାଧାରଣ ବୀମାର ସାମୁଦ୍ରିକ ଓ ମୋଟର ଶ୍ରେଣୀରେ ବ୍ୟବହୃତ ହୁଏ

ଙ . ୱାରେଣ୍ଟି (ଅନୁଜ୍ଞପ୍ତି/ପ୍ରତିଶ୍ରୁତି)

ଏକ ଅନୁବନ୍ଧ ଅନ୍ତର୍ଗତ ବୀମାକର୍ତ୍ତାଙ୍କ ଦାୟିତ୍ୱକୁ ସୀମିତ କରିବା ପାଇଁ ଏକ ବୀମା ଅନୁବନ୍ଧରେ ୱାରେଣ୍ଟି (ଅନୁଜ୍ଞପ୍ତି) ସବୁକୁ ବ୍ୟବହାର କରାଯାଏ । ବୀମାକର୍ତ୍ତାମାନେ ବିପଦକୁ କମ୍ କରିବା ପାଇଁ ଯଥାର୍ଥ ୱାରେଣ୍ଟିସବୁକୁ ସମ୍ମିଳିତ କରିଥାନ୍ତି । ଏକ ୱାରେଣ୍ଟି ସହିତ, ବୀମା ଅନୁବନ୍ଧର ଏକ ପକ୍ଷ, ବୀମିତକୁ କେତେକ ଦାୟିତ୍ୱର ଅନୁପାଳନ କରିବାକୁ ପଡ଼େ ଯାହାକୁ ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ପୂରା କରିବାକୁ ଆବଶ୍ୟକ ହୁଏ ଏବଂ ବୀମାକର୍ତ୍ତାଙ୍କ ଦାୟିତ୍ୱ ଏହି ଦାୟିତ୍ୱସବୁର ଅନୁପାଳନ କରିବା ଉପରେ ନିର୍ଭର କରେ । ସଙ୍କଟର ପ୍ରବନ୍ଧ କରିବାରେ ଓ ଉନ୍ନତ କରିବାରେ ୱାରେଣ୍ଟିଗୁଡିକର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଏକ ୱାରେଣ୍ଟି ହେଉଛି ପଲିସୀରେ ପ୍ରକାଶ୍ୟ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଯାହାକୁ ଅନୁବନ୍ଧର ମାନ୍ୟତା ପାଇଁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡ଼େ । ୱାରେଣ୍ଟି ଏକ ଅଲଗା ଦସ୍ତାବିଜ ନୁହେଁ । ଏହା ଉଭୟ କଭର ନୋଟ ଓ ପଲିସୀ ଦସ୍ତାବିଜର ଏକ ଅଂଶ ଅଟେ । ଏହା ହେଉଛି ଅନୁବନ୍ଧ ପୂର୍ବବର୍ତ୍ତୀ ଏକ ସର୍ତ୍ତ, ଏହାକୁ କଠୋରରୂପେ ଏବଂ ଅକ୍ଷରେ ଅକ୍ଷରେ ପାଳନ ଓ ଅନୁପାଳନ କରିବା ଆବଶ୍ୟକ, ଏହି ତଥ୍ୟରୁ ନିର୍ବିଶେଷରେ ଯେ ଏହା ସଙ୍କଟ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଥାଉ ବା ହୋଇ ନ ଥାଉ । ଯଦି ଏକ ୱାରେଣ୍ଟି ଉଲ୍ଲଙ୍ଘନ ହୁଏ, ବୀମାକର୍ତ୍ତାଙ୍କ ଇଚ୍ଛାନୁସାରେ ପଲିସୀ ଅମାନ୍ୟ ହୋଇଯାଏ ଯଦିଓ ଏହା ସ୍ପଷ୍ଟ ରୂପେ ଉପସ୍ଥାପିତ ହୁଏ ଯେ ଉଲ୍ଲଙ୍ଘନ କୌଣସି ନିର୍ଦ୍ଦିଷ୍ଟ କ୍ଷତିର କାରଣ କିମ୍ବା ଭାଗୀଦାର ହୋଇନାହିଁ । ଅବଶ୍ୟ, ବ୍ୟବହାରିକ ରୂପେ, ଯଦି ୱାରେଣ୍ଟିର ଉଲ୍ଲଙ୍ଘନ ସ୍ପଷ୍ଟରୂପେ ବୈଷୟିକ ପ୍ରକୃତିର ହୋଇଥିବ ଏବଂ କୌଣସି ପ୍ରକାରେ ବି, ଏହା କ୍ଷତି ଘଟାଇବାରେ ଯୋଗଦାନ ଦେଇ ନାହିଁ କିମ୍ବା ଏହାକୁ ବଢ଼ାଇ ନାହିଁ, (କ୍ଷତିକୁ ଅଣ- ମାନକ ଦାବୀ ବୋଲି ବିଚାର କରାଯାଏ ଏବଂ ସମାଧାନ କରାଯାଏ) ବୀମାକର୍ତ୍ତାମାନେ କମ୍ପାନୀ ପଲିସୀର ସର୍ତ୍ତ ଓ ମାର୍ଗଦର୍ଶିକା ଅନୁସାରେ ନିଜ ବିବେକା ଧିକାରରେ ଦାବୀଗୁଡିକର ପ୍ରକ୍ରିୟା ଆରମ୍ଭ କରିପାରନ୍ତି ।

1. **ଅଗ୍ନି ବୀମା ୱାରେଣ୍ଟିଗୁଡିକ ନିମ୍ନରେ ଦିଆଯାଇଥିବା ଅନୁସାରେ**

ଅନୁଜ୍ଞପ୍ତି ଦିଆଯାଉଛି, ଯେ ପଲିସୀ ଚାଲୁ ରହିଥିବା ଅବଧିରେ ବୀମିତ ପରିସରରେ କୌଣସି ବିପଦ ପୂର୍ଣ୍ଣ ଜିନିଷଗୁଡିକ ରଖାଯିବ ନାହିଁ ।

ନିଃଶବ୍ଦ ସଙ୍କଟ: ଅନୁଜ୍ଞପ୍ତି ଦିଆଯାଉଛି ଯେ ବୀମିତ ପରିସରରେ 30 ଦିନ କିମ୍ବା ଅଧିକ ଲଗାତର ସମୟାବଧି ପାଇଁ କୌଣସି ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟ ହୋଇ ପାରିବ ନାହିଁ ।

ସିଗାରେଟ ଫିଲଟର ଉତ୍ପାଦନ: ଅନୁଜ୍ଞପ୍ତି ଦିଆଯାଉଛି ଯେ 30°C ରୁ ନିମ୍ନ ଫ୍ଲାଶ ପଏଣ୍ଟ ଥିବା କୌଣସି ଦ୍ରବ୍ୟ (ଦ୍ରବିଭୂତ ଯୋଗ୍ୟ) କୁ ପରିସର ମଧ୍ୟରେ ବ୍ୟବହାର କରାଯିବ ନାହିଁ/ ରଖା ଯିବ ନାହିଁ ।

2. **ସାମୁଦ୍ରିକ ବୀମା ରେ**, ଏକ ୱାରେଣ୍ଟିକୁ ନିମ୍ନମତେ ପରିଭାଷିତ କରାଯାଇଛି: "ଏକ ସପ୍ରତିଜ୍ଞ ଅନୁଜ୍ଞପ୍ତି, ଅର୍ଥାତ୍, ଏକ ଅନୁଜ୍ଞପ୍ତି ଯାହାଦ୍ୱାରା ବୀମିତ ବଚନ ଦିଏ ଯେ କୌଣସି ନିର୍ଦ୍ଦିଷ୍ଟ କରାଯିବ କିମ୍ବା କରାଯିବ ନାହିଁ, କିମ୍ବା ଯେ କୌଣସି ସର୍ତ୍ତ ପୂରଣ କରାଯିବ, କିମ୍ବା ଯାହାଦ୍ୱାରା ସେ ତଥ୍ୟଗୁଡିକ ଏକ ନିର୍ଦ୍ଦିଷ୍ଟ ଅବସ୍ଥାର ସ୍ଥିତିକୁ ଅଭିପୁଷ୍ଟି କିମ୍ବା ଅସ୍ୱୀକାର କରେ"

ସାମୁଦ୍ରିକ କାର୍ଗୋ ବୀମାରେ, ଏକ ଅନୁଜ୍ଞପ୍ତି ଯୋଡି ଦିଆଯାଏ ଏହାକୁ ପ୍ରଭାବୀ କରିବା ପାଇଁ ଯେ ଜିନିଷପତ୍ର (ଉ.ସ୍ୱ. ଚା') କୁ ଟିଣ-ଯୁକ୍ତ ଡବାଗୁଡିକରେ ପ୍ୟାକ୍ କରାଯାଇଛି । ସାମୁଦ୍ରିକ ବହିଃ ଆବରଣ ବୀମା ରେ, ବୀମିତ ଜାହାଜ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଯାତ୍ରା କରିବ ନାହିଁ ବୋଲି ଦିଆଯାଇଥିବା ଅନୁଜ୍ଞପ୍ତି ବୀମାକର୍ତ୍ତାଙ୍କୁ ଏହି ଧାରଣା ଦିଏ ଯେ ସେ ସଙ୍କଟର କେତେ ଅଂଶକୁ ଆବୃତ କରିବାରେ ସମ୍ମତି ପ୍ରଦାନ କରିଛନ୍ତି । ଯଦି ଅନୁଜ୍ଞପ୍ତିର ଉଲ୍ଲଙ୍ଘନ ହୁଏ, ଆରମ୍ଭରେ ସମ୍ମତ ହୋଇଥିବା ସଙ୍କଟକୁ ପରିବର୍ତ୍ତିତ କରାଯାଏ ଏବଂ ବୀମାକର୍ତ୍ତାଙ୍କୁ ଉଲ୍ଲଙ୍ଘନ ତାରିଖକୁ ଆଉ ଅଧିକ ଦାୟିତ୍ୱ ନେବାଠାରୁ ନିଜକୁ ଭାରମୁକ୍ତ କରିବା ପାଇଁ ଅନୁମତି ଦିଆଯାଏ।

3. **ଚୋରୀ ବୀମା ରେ,** ଏହି ଅନୁ ଜ୍ଞପ୍ତି ଦିଆଯାଏ ଯେ ସମ୍ପତ୍ତିକୁ ଏକ ପ୍ରହରୀ ଚବିଶ ଘଣ୍ଟା ପାଇଁ ଜଗି ରଖିବ । ପଲିସୀର ହାର (ଦର), ସର୍ତ୍ତ ଓ ଅନୁବନ୍ଧ ସେହି ଭଳିଆ ଚାଲୁ ରହିବ କେବଳ ଯଦି ପଲିସୀରେ ସଂଲଗ୍ନ ରହିଥିବା ଅନୁଜ୍ଞପ୍ତିଗୁଡିକର ଅନୁପାଳନ କରାଯାଏ ।

ସ୍ୱତଃ ପରୀକ୍ଷଣ କରନ୍ତୁ 5

ଏକ ୱାରେଣ୍ଟି (ଅନୁଜ୍ଞପ୍ତି) ସମ୍ବନ୍ଧରେ ନିମ୍ନ ବକ୍ତବ୍ୟ ମଧ୍ୟରୁ କେଉଁଟି ସଠିକ୍ ?

I. ଏକ ୱାରେଣ୍ଟି (ଅନୁଜ୍ଞପ୍ତି) ହେଉଛି ଏକ ସର୍ତ୍ତ ଯାହାର ଅର୍ଥ ପଲିସୀର ଉଲ୍ଲିଖିତ ନ ହୋଇ ଅନ୍ତର୍ନିହିତ ଥାଏ
II. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହା ପଲିସୀରେ ପ୍ରକାଶ୍ୟରୂପେ ଉଲ୍ଲିଖିତ ଥାଏ
III. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହା ପଲିସୀରେ ପ୍ରକାଶ୍ୟରୂପେ ଉଲ୍ଲିଖିତ ଥାଏ ଏବଂ ବୀମିତକୁ ଅଲଗା ରୂପେ ସୂଚୀତ କରାଯାଏ, ପଲିସୀ ଦସ୍ତାବିଜର ଏକ ଅଂଶ ରୂପେ ନୁହେଁ
IV. ଯଦି ଏକ ୱାରେଣ୍ଟିର ଉଲ୍ଲଙ୍ଘନ ହୁଏ, ତେବେ ବି ଦାବୀର ରାଶି ପ୍ରଦାନ କରାଯାଇ ପାରେ ଯଦି ଏହା ସଙ୍କଟ ପାଇଁ ମହତ୍ତ୍ୱପୂର୍ଣ୍ଣ ନୁହେଁ

ଚ. ପୃଷ୍ଠାଙ୍କନ

ପଲିସୀଗୁଡିକୁ ଏକ ଆଦର୍ଶ ଫର୍ମରେ ଜାରୀ କରିବା ବୀମାକର୍ତ୍ତାମାନଙ୍କ ପ୍ରଥା ଅଟେ; ତେତେକ ବିପଦଗୁଡିକୁ ଆବୃତ କରି ଓ କେତେକ ଅନ୍ୟ ଗୁଡିକ ବହିଷ୍କୃତ କରି ।

ପରିଭାଷା

ଜାରୀ କରିବା ସମୟରେ ଯଦି ପଲିସୀର କେତେକ ସର୍ତ୍ତ ଓ ଅନୁବନ୍ଧ କୁ ପରିବର୍ତ୍ତିତ କରିବା ଆବଶ୍ୟକ ହୁଏ, ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ମାଧ୍ୟମରେ ସଂଶୋଧନ/ପରିବର୍ତ୍ତନଗୁଡିକ ସୁବ୍ୟବସ୍ଥିତ କରି ଏହା କରାଯାଏ ।

ଏହାକୁ ପଲିସୀ ସହିତ ସଂଲଗ୍ନ କରାଯାଏ ଏବଂ ଏହା ପଲିସୀର ଏକ ଅଂଶ ହୁଏ, ପଲିସୀ ଓ ପୃଷ୍ଠାଙ୍କନ ଏକତ୍ର ଅନୁବନ୍ଧର ପ୍ରମାଣ ହୁଅନ୍ତି । ପଲିସୀ ଚାଲୁ ରହିଥିବା ସମୟରେ ମଧ୍ୟ ପରିବର୍ତ୍ତନ/ସଂଶୋଧନଗୁଡିକୁ ରେକର୍ଡ କରିବା ପାଇଁ ପୃଷ୍ଠାଙ୍କନଗୁଡିକୁ ଜାରୀ କରାଯାଇ ପାରେ ।

ଯେତେବେଳେ ବି ତଥ୍ୟ ସୂଚନାର ପରିବର୍ତ୍ତନ ହୁଏ, ବୀମିତକୁ ବୀମା କମ୍ପାନୀକୁ ସୂଚୀତ କରିବାକୁ ପଡ଼େ ଯିଏ ଏହାକୁ ଧ୍ୟାନରେ ରଖିବ ଏବଂ ଏହାକୁ ଏକ ପୃଷ୍ଠାଙ୍କନ ଜରିଆରେ ବୀମା ଅନୁବନ୍ଧ ର ଏକ ଅଂଶ ରୂପେ ସମ୍ମିଳିତ କରିବ ।

ପୃଷ୍ଠାଙ୍କନ ଗୁଡିକ ସାଧାରଣତଃ ଏକ ପଲିସୀ ଅନ୍ତର୍ଗତ ନିମ୍ନଲିଖିତ ସମ୍ବନ୍ଧରେ ଆବଶ୍ୟକ ହୁଏ:

- କ) ବୀମିତ ରାଶିରେ ପାର୍ଥକ୍ୟ/ପରିବର୍ତ୍ତନ
- ଖ) ବିକ୍ରୟ, ବନ୍ଧକ, ଇତ୍ୟାଦି ହିସାବରେ ବୀମାଯୋଗ୍ୟ ହିତ (ସ୍ୱାର୍ଥ) ରେ ପରିବର୍ତ୍ତନ
- ଗ) ଅତିରିକ୍ତ ବିପଦଗୁଡିକୁ ଆବୃତ କରିବା ପାଇଁ ବୀମାର ବିସ୍ତାର/ପଲିସୀ ଅବଧିର ବୃଦ୍ଧି
- ଘ) ସଙ୍କଟର ପରିବର୍ତ୍ତନ, ଉ.ସ୍ୱ. ଅଗ୍ନି ବୀମାରେ ଗୃହର ନିର୍ମାଣ ରେ , କିମ୍ବା ଦଖଲରେ ପରିବର୍ତ୍ତନ
- ଙ) ଅନ୍ୟ ସ୍ଥାନକୁ ସମ୍ପତ୍ତିର ସ୍ଥାନାନ୍ତରଣ
- ଚ) ବୀମାର ରଦ୍ଦକରଣ
- ଛ) ନାମ କିମ୍ବା ଠିକଣା ଆଦି ରେ ପରିବର୍ତ୍ତନ

ନମୂନା

ଦୃଷ୍ଟାନ୍ତ ଉଦ୍ଦେଶ୍ୟରେ, କେତେକ ପୃଷ୍ଠାଙ୍କନର ନମୂନା ଶବ୍ଦାବଳୀ ନିମ୍ନରେ ଦିଆଯାଇଛି

ରଦ୍ଦକରଣ

ବୀମିତଙ୍କ ଅନୁରୋଧରେ ଏହି ପଲିସୀର ବୀମାକୁ.....ଠାରୁ ରଦ୍ଦକରାଯାଉଛି ବୋଲି ଏତଦ୍ଦ୍ୱାରା ଘୋଷଣା କରାଯାଉଛି । ବୀମା.....ମାସର ଅବଧି ପାଇଁ ବଳବତ୍ତର ରହିଥିବାରୁ, ବୀମିତକୁ ଫେରସ୍ତ କରିବା ପାଇଁ କୌଣସି ରାଶି ବାକି ନାହିଁ ।

ଷ୍ଟକ ମୂଲ୍ୟ ଆବରଣରେ ବୃଦ୍ଧି

ଏହି ପଲିସୀ ଦ୍ୱାରା ଆବୃତ ହେଉଥିବା ଷ୍ଟକ ବୃଦ୍ଧି ହୋଇଛି ବୋଲି ବୀମିତକୁ ସୂଚୀତ କରିବା ପରେ ଏତଦ୍ଦ୍ୱାରା ଏଥିରେ ସମ୍ମତି ପ୍ରକାଶ କରାଯାଉଛି ଯେ ବୀମିତ ରାଶିକୁ ତଦନୁସାରେ ନିମ୍ନରେ ଆଲୋଚିତ ହୋଇଥିବା ହିସାବରେ ପରିବର୍ତ୍ତିତ କରାଯାଉଛି:
(ବିବରଣ ଦିଅନ୍ତୁ) ଉପରେ ଟ.
(ବିବରଣ ଦିଅନ୍ତୁ) ଉପରେ ଟ.
ଯାହାର ପ୍ରତିଫଳ ରୂପେ ଏକ ଅତିରିକ୍ତ ପ୍ରିମିୟମ ଚାର୍ଜ କରାଯାଉଛି
ପୁନଃ ବାର୍ଷିକ ପ୍ରିମିୟମ ଟ.....
ବର୍ତମାନ ମୋଟ ପ୍ରିମିୟମ ହେଉଛି ଟ .....
ଅନ୍ୟଥା ପଲିସୀର ସର୍ତ୍ତ, ପ୍ରାବଧାନ ଏବଂ ଅନୁବନ୍ଧ ଅଧୀନରେ ।

ଏକ ସାମୁଦ୍ରିକ ବୀମାରେ ବାହ୍ୟ ବିପଦକୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବରଣର ପରିସର ବୃଦ୍ଧି

ବୀମିତଙ୍କ ଅନୁରୋଧରେ, ଉପରୋକ୍ତ ପଲିସୀ ଅନ୍ତର୍ଗତ ଭାଙ୍ଗିବାର ସଙ୍କଟକୁ ସମ୍ମିଳିତ କରିବା ପାଇଁ ଏତଦ୍ଦ୍ୱାରା ସମ୍ମତି ପ୍ରକାଶ କରାଯାଉଛି । ଏହାର ପ୍ରତିଫଳରେ, ନିମ୍ନରେ ଦିଆଯାଇଥିବା ଭଳି ବୀମିତ ଉପରେ ଟ..... ର ଅତିରିକ୍ତ ପ୍ରିମିୟମ ଚାର୍ଜ କରାଯାଇଛି ।

ବାହନର ପ୍ରକାରରେ ପରିବର୍ତ୍ତନ

ଉପରୋକ୍ତ ପଲିସୀ ଅନ୍ତର୍ଗତ ପ୍ରେଷଣ ମଧ୍ୟରୁ ଟ.....ମୂଲ୍ୟର 2 ବ୍ୟାରେଲ ଅତର ଡେକ୍ ରେ ବୋଝେଇ କରାଯାଇଛି ବୋଲି ବୀମିତ ଘୋଷଣା କରିଥିବାରୁ ତାହାକୁ ଜାହାଜ ଉପରୁ ଫିଙ୍ଗିବା ଓ ଧୋଇବା ବିରୁଦ୍ଧରେ ଆବରଣ ଦେବାପାଇଁ ଏତଦ୍ଦ୍ୱାରା ସମ୍ମତି ପ୍ରଦାନ କରାଯାଇଛି ।

ଏହାର ପ୍ରତିଫଳରେ, ନିମ୍ନରେ ଦିଆଯାଇଥିବା ଭଳି ଏକ ଅତିରିକ୍ତ ପ୍ରିମିୟମ ବୀମିତ ଉପରେ ଚାର୍ଜ କରାଯାଉଛି ।

ଅତିରିକ୍ତ ପ୍ରିମିୟମ .....ଟ .....

ସ୍ୱତଃ ପରୀକ୍ଷଣ କରନ୍ତୁ 6

ଯଦି ଜାରୀ କରିବା ସମୟରେ ପଲିସୀର କେତେକ ସର୍ତ୍ତ ଓ ଅନୁବନ୍ଧରେ ପରିବର୍ତ୍ତନ କରିବା ଆବଶ୍ୟକ ହୁଏ, _____ମାଧ୍ୟମରେ ସଂଶୋଧନଗୁଡିକ ସୁବ୍ୟବସ୍ଥିତ କରି ଏହା କରାଯାଏ ।

I. ୱାରେଣ୍ଟି (ଅନୁଜ୍ଞପ୍ତି)
II. ପୃଷ୍ଠାଙ୍କନ
III. ପରିବର୍ତ୍ତନ
IV. ପରିବର୍ତ୍ତନ ସମ୍ଭବ ନୁହେଁ

ଛ. ପଲିସୀଗୁଡିକର ଅର୍ଥ ପ୍ରତିପାଦନ / ବ୍ୟାଖ୍ୟା

ବୀମାର ଅନୁବନ୍ଧଗୁଡିକ ଲିଖିତ ରୂପେ ପ୍ରକାଶ କରାଯାଏ ଏବଂ ବୀମା ପଲିସୀ ଶବ୍ଦାବଳୀସବୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ଲେଖାଯାଏ । ଏହି ପଲିସୀଗୁଡିକ ଗଠନ କିମ୍ବା ଅର୍ଥ ପ୍ରତିପାଦନର କେତେକ ଉତ୍ତମ - ପରିଭାଷିତ ନିୟମ ଅନୁସାରେ ବ୍ୟାଖ୍ୟା କରିବାକୁ ପଡ଼େ ଯାହା ବିଭିନ୍ନ ନ୍ୟାୟାଳୟ ଦ୍ୱାରା ପ୍ରତିଷ୍ଠିତ ହୋଇଥାଏ । ଗଠନର ସବୁଠୁ ବେଶୀ ମହତ୍ତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷଗୁଡିକର ଉଦ୍ଦେଶ୍ୟ ନିଶ୍ଚିତ ରୂପେ ଥିବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟଟିକୁ ସ୍ୱୟଂ ପଲିସୀ ମଧ୍ୟରେ ହିଁ ଖୋଜିବାକୁ ପଡିବ । ଯଦି ପଲିସୀଟିକୁ ଅସ୍ପଷ୍ଟ/ଅନେକାର୍ଥକ ରୂପେ ଜାରୀ କରାଯାଏ, ନ୍ୟାୟାଳୟଗୁଡିକ ଦ୍ୱାରା ଏହାର ବ୍ୟାଖ୍ୟା ବୀମିତର ପକ୍ଷକୁ ଏବଂ ବୀମାକର୍ତ୍ତାର ବିପକ୍ଷରେ ଯିବ ଏହି ସାଧାରଣ ସିଦ୍ଧାନ୍ତରେ ଯେ ପଲିସୀଟି ବୀମାକର୍ତ୍ତା ଦ୍ୱାରା ଲେଖା ଯାଇଥିଲା ।

ପଲିସୀ ଶବ୍ଦାବଳୀଗୁଡିକ ନିମ୍ନଲିଖିତ ନିୟମଗୁଡିକ ଅନୁସାରେ ବୁଝି ହୁଏ ଏବଂ ଅର୍ଥ ବ୍ୟାଖ୍ୟା କରାଯାଏ :

କ) ଏକ ପ୍ରକାଶ୍ୟ ଅବସ୍ଥା ଏକ ନିହିତ ଅବସ୍ଥାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ କେବଳ ତାହା ବ୍ୟତୀତ ଯେଉଁଠି ସେପରି କରିବାରେ ଅସାମଞ୍ଜସ୍ୟ ଥାଏ ।

ଖ) ଆଦର୍ଶ ମୁଦ୍ରିତ ପଲିସୀ ଫର୍ମ ଓ ଟଙ୍କଣ କରା ହୋଇଥିବା କିମ୍ବା ଲିଖିତ ଅଂଶକୁ ନିର୍ଦ୍ଦିଷ୍ଟ ଅନୁବନ୍ଧରେ ପକ୍ଷମାନଙ୍କ ଉଦ୍ଦେଶ୍ୟକୁ ପ୍ରକାଶ କରୁଛି ବୋଲି ମାନି ନେବାକୁ ହେବ, ଏବଂ ସେଗୁଡିକର ଅର୍ଥକୁ ମୂଳ ମୁଦ୍ରିତ ଶବ୍ଦଗୁଡିକ ଠାରୁ ଅଧିକ ମହତ୍ତ୍ୱ ଦିଆଯିବ ।

ଗ) ଯଦି ଏକ ପୃଷ୍ଠାଙ୍କନ ଅନୁବନ୍ଧର ଅନ୍ୟାନ୍ୟ ଅଂଶଗୁଡିକୁ ବିରୋଧ କରେ, ପୃଷ୍ଠାଙ୍କନର ଅର୍ଥ ବଳବତ୍ତର ରହିବ ଯେହେତୁ ଏହା ହେଉଛି ପରବର୍ତ୍ତୀ ଦସ୍ତାବିଜ ।

ଘ) ବକ୍ରାକୃତି ଅକ୍ଷର (ଇଟାଲିକ୍ସ) ରେ ଧାରାସବୁକୁ ସାଧାରଣ ମୁଦ୍ରିତ ଶବ୍ଦାବଳୀଠାରୁ ଅଧିକ ମହତ୍ତ୍ୱ ଦିଆଯାଏ ଯେଉଁଠି ସେଗୁଡିକ ମଧ୍ୟରେ ଅସାମଞ୍ଜସ୍ୟ ଥାଏ ।

ଙ) ପଲିସୀର ମାର୍ଜିନରେ ମୁଦ୍ରିତ କିମ୍ବା ଟଙ୍କଣ କରା ହୋଇଥିବା ଧାରାସବୁକୁ ପଲିସୀର କାୟା ମଧ୍ୟରେ ଥିବା ଶବ୍ଦଗୁଡିକ ଅପେକ୍ଷା ଅଧିକ ମହତ୍ତ୍ୱ ଦିଆଯାଏ ।

ଚ) ପଲିସୀରେ ସଂଲଗ୍ନ କରାହୋଇଥିବା କିମ୍ବା ଲଟକା ଯାଇଥିବା ଧାରାଗୁଡିକୁ ଉଭୟ ମାର୍ଜିନରେ ଥିବା ଧାରା ଓ ପଲିସୀର କାୟା ମଧ୍ୟରେ ଥିବା ଧାରାଗୁଡିକ ଅପେକ୍ଷା ଅଧିକ ମହତ୍ୱ ଦିଆଯାଏ ।

ଛ) ଟଙ୍କଣ କରାହୋଇଥିବା ଶବ୍ଦ କିମ୍ବା ସ୍ୟାହିଯୁକ୍ତ ରବର ମୋହର ଦ୍ୱାରା ଛାପ ଦିଆଯାଇଥିବା ଶବ୍ଦଗୁଡିକୁ ମୁଦ୍ରିତ ଶବ୍ଦଗୁଡିକ ଅପେକ୍ଷା ଅଧିକ ମହତ୍ୱ ଦିଆଯାଏ ।

ଜ) ଟଙ୍କଣ କରାହୋଇଥିବା କିମ୍ବା ଛାପ ଦିଆଯାଇଥିବା ଶବ୍ଦଗୁଡିକ ଅପେକ୍ଷା ହସ୍ତଲିଖନର ଅଧିକ ମହତ୍ୱ ଅଛି ।

ଝ) ପରିଶେଷରେ, ବ୍ୟାକରଣ ଓ ବିରାମ ଚିହ୍ନଗୁଡିକ ସାଧାରଣ ନିୟମ ଲାଗୁ ହୁଏ ଯଦି କୌଣସି ଅନେକାର୍ଥକତା କିମ୍ବା ଅସ୍ପଷ୍ଟତା ଥାଏ ।

ମହତ୍ତ୍ୱପୂର୍ଣ୍ଣ

1. ପଲିସୀଗୁଡିକର ନିର୍ମାଣ

ଏକ ବୀମା ପଲିସୀ ହେଉଛି ଏକ ବ୍ୟବସାୟିକ ଅନୁବନ୍ଧର ପ୍ରମାଣ ଏବଂ ନ୍ୟାୟାଳୟଗୁଡିକ ଦ୍ୱାରା ଗ୍ରହଣ କରାଯାଇଥିବା ନିର୍ମାଣ ଓ ଅର୍ଥ ବ୍ୟାଖ୍ୟାର ସାଧାରଣ ନିୟମଗୁଡିକ ଅନ୍ୟ ଅନୁବନ୍ଧଗୁଡିକ ଭଳି ବୀମା ଅନୁବନ୍ଧଗୁଡିକରେ ମଧ୍ୟ ଲାଗୁ ହୁଏ ।

ନିର୍ମାଣର ପ୍ରମୁଖ ନିୟମ ହେଉଛି ଯେ ଅନୁବନ୍ଧର ପକ୍ଷମାନଙ୍କ ଉଦ୍ଦେଶ୍ୟ ଉପରେ ନିଶ୍ଚିତ ରୂପେ ପ୍ରାଧାନ୍ୟ ଦେବା ଉଚିତ୍ । ଉଦ୍ଦେଶ୍ୟ କେବଳ ପଲିସୀ ଦସ୍ତାବିଜଠାରୁ ହିଁ ସଂଗ୍ରହ କରିବା ଉଚିତ ଏବଂ ଅନୁବନ୍ଧର ଏକ ଅଂଶ ହୁଏ, ଏବଂ ଏହା ସହିତ ସଂଲଗ୍ନ କରାହୋଇଥିବା ପ୍ରସ୍ତାବ ଫର୍ମ, ଧାରା, ପୃଷ୍ଠାଙ୍କନ,ଅନୁଜ୍ଞପ୍ତି ଆଦି ।

2. ଶବ୍ଦାବଳୀର ଅର୍ଥ

ବ୍ୟବହୃତ ହେଉଥିବା ଶବ୍ଦଗୁଡିକ ସେଗୁଡିକର ସାଧାରଣ ଓ ଲୋକପ୍ରିୟ ଅର୍ଥରେ ଅର୍ଥ ପ୍ରକାଶ କରିବାକୁ ପଡିବ । **ଶବ୍ଦଗୁଡିକ ପାଇଁ ବ୍ୟବହୃତ ହେଉଥିବା ଅର୍ଥ ସେହି ଅର୍ଥ ହେବା ଉଚିତ ଯାହା ସତକର ସାଧାରଣ ଲୋକ ମଧ୍ୟ ବୁଝିପାରିବ । ଏ ପ୍ରକାରେ "ନିଆଁ" ଅର୍ଥ ହେଉଛି ଶିଖା ଅଥବା ପ୍ରକୃତ ଜଳିବା ।**

ଅନ୍ୟ ପକ୍ଷରେ, **ସେହି ଶବ୍ଦସବୁ ଯାହାର ସାଧାରଣ ବ୍ୟବସାୟିକ କିମ୍ବା ବାଣିଜ୍ୟିକ ଅର୍ଥ ଥାଏ, ସେଗୁଡିକର ସେହି ଅର୍ଥ ହିଁ କରିବା ଉଚିତ୍ ଯଦି ବାକ୍ୟର ପ୍ରରିପ୍ରେକ୍ଷୀ ଅନ୍ୟକିଛି ସୂଚୀତ ନ କରେ ।** ଯେଉଁଠି ଶବ୍ଦଗୁଡିକ ଅଧିନିୟମ ଦ୍ୱାରା ପରିଭାଷିତ ହୁଅନ୍ତି, ସେହି ପରିଭାଷାର ଅର୍ଥକୁ ବ୍ୟବହାର କରାଯିବ, ଯଥା ଯେମିତି କି ଭାରତୀୟ ଦଣ୍ଡ ବିଧିରେ "ଚୋରୀ" ।

ବୀମା ପଲିସୀଗୁଡିକରେ ବ୍ୟବହୃତ ହେଉଥିବା ଅନେକ ଶବ୍ଦ ପୂର୍ବର ବୈଧିକ ନିର୍ଣ୍ଣୟର ଅଧୀନରେ ଆସିଛନ୍ତି ଏବଂ ଏକ ଉଚ୍ଚତର ନ୍ୟାୟାଳୟର ସେହି ନିର୍ଣ୍ଣୟଗୁଡିକ ଏକ କ୍ଷୁଦ୍ରତର ନ୍ୟାୟାଳୟର ନିର୍ଣ୍ଣୟ ଉପରେ ଲାଗୁ ହେବ । ବୈଷୟିକ ଶବ୍ଦଗୁଡିକୁ ନିଶ୍ଚିତ ରୂପେ ସେଗୁଡିକର ବୈଷୟିକ ଅର୍ଥ ଦେବା ଉଚିତ, ଯଦି ବିପରୀତ ରୂପେ କୌଣସି ସଙ୍କେତ ନାହିଁ ।

ଜ. ନୂତନୀକରଣ ସୂଚନା/ନୋଟିସ

ଅଧିକାଂଶ ଅଣ-ଜୀବନ ବୀମା ପଲିସୀଗୁଡିକ ବାର୍ଷିକ ଆଧାରରେ ବୀମିତ କରାଯାଏ ।

ଯଦିଓ ବୀମାକର୍ତ୍ତା ପକ୍ଷରେ ବୀମିତକୁ ତା' ପଲିସୀ ଏକ ନିର୍ଦ୍ଦିଷ୍ଟ ତାରିଖରେ ସମାପ୍ତ ହେବାର ଅଛି ବୋଲି ପରାମର୍ଶ ଦେବାର କୌଣସି ବୈଧିକ କର୍ତ୍ତବ୍ୟ ନାହିଁ, ତଥାପି ସୁଆଚାର ଓ ଉତ୍ତମ ବ୍ୟବସାୟିକ ପ୍ରଥା ହିସାବରେ, ବୀମାକର୍ତ୍ତାମାନେ ସମାପ୍ତି ତାରିଖର ପୂର୍ବରୁ ଏକ ନୂତନୀକରଣ ସୂଚନା ଜାରୀ କରନ୍ତି, ଏବଂ ପଲିସୀର ନୂତନୀକରଣ ପାଇଁ ଆମନ୍ତ୍ରିତ କରନ୍ତି । ନୋଟିସରେ ପଲିସୀର ସମସ୍ତ ଆବଶ୍ୟକୀୟ ବିବରଣୀ ସମ୍ମିଳିତ ଥାଏ ଯଥା : ବୀମିତ ରାଶି, ବାର୍ଷିକ ପ୍ରିମିୟମ, ଇତ୍ୟାଦି । ଏଥିରେ ଏକ ଟିପ୍ପଣୀ ମଧ୍ୟ ସମ୍ମିଳିତ କରିବା ପ୍ରଥା ଅଛି ବୀମିତକୁ ଏହା ପରାମର୍ଶ ଦେଇ ଯେ ସଙ୍କଟ ରେ ଥିବା କୌଣସି ତଥ୍ୟ ଗତ ପରିବର୍ତ୍ତନ ବିଷୟରେ ସୂଚୀତ କରିବା ଉଚିତ୍ ।

ମୋଟର ନୂତନୀକରଣ ନୋଟିସରେ, ଉଦାହରଣ ସ୍ୱରୂପ,ଚଳିତ ଆବଶ୍ୟକତା ଅନୁସାରେ ବୀମିତ ରାଶି (ଅର୍ଥାତ୍ ବୀମିତ ଦ୍ୱାରା ବାହନର ଘୋଷିତ ମୂଲ୍ୟ) କୁ ସଂଶୋଧିତ କରିବା ପାଇଁ ବୀମିତର ଧ୍ୟାନ ଆକର୍ଷଣ କରିବାକୁ ପଡିବ ।

ବୀମିତର ଧ୍ୟାନ ବୈଧାନିକ ପ୍ରାବଧାନ ଆଡେ ମଧ୍ୟ ଆକର୍ଷିତ କରିବାକୁ ପଡିବ ଯେ କୌଣସି ସଙ୍କଟକୁ ଧାରଣ କରାଯାଇଛି ବୋଲି ମନେ କରାହେବ ନାହିଁ ଯଦି ପ୍ରିମିୟମ ରାଶି ଅଗ୍ରୀମରେ ପ୍ରଦାନ କରା ନ ଯାଇଛି ।

ସ୍ୱତଃ ପରୀକ୍ଷଣ କରନ୍ତୁ 7

ନୂତନୀ କରଣ ନୋଟିସ ବିଷୟରେ ନିମ୍ନ ବକ୍ତବ୍ୟ ମଧ୍ୟରୁ କେଉଁଟି ସଠିକ୍ ଅଟେ ?

I. ବିନିୟାମକ ଅନୁଯାୟୀ, ବୀମାକର୍ତ୍ତା ଉପରେ ପଲିସୀ ସମାପ୍ତିର 30 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ନୋଟିସ ପଠାଇବାର ଏକ ବୈଧିକ କର୍ତ୍ତବ୍ୟ ରହିଛି

II. ବିନିୟାମକ ଅନୁଯାୟୀ, ବୀମାକର୍ତ୍ତା ଉପରେ ପଲିସୀ ସମାପ୍ତିର 15 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ନୋଟିସ ପଠାଇବାର ଏକ ବୈଧିକ କର୍ତ୍ତବ୍ୟ ରହିଛି

III. ବିନିୟାମକ ଅନୁଯାୟୀ, ବୀମାକର୍ତ୍ତା ଉପରେ ପଲିସୀ ସମାପ୍ତିର 7 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ନୋଟିସ ପଠାଇବାର ଏକ ବୈଧିକ କର୍ତ୍ତବ୍ୟ ରହିଛି

IV. ବିନିୟାମକ ଅନୁଯାୟୀ, ବୀମାକର୍ତ୍ତା ଉପରେ ପଲିସୀ ସମାପ୍ତି ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ନୋଟିସ ପଠାଇବାର କୌଣସି ବୈଧିକ କର୍ତ୍ତବ୍ୟ ନାହିଁ

ସାରାଂଶ

କ) ଦଲିଲୀକରଣର ପ୍ରଥମ ଚରଣ ମୁଖ୍ୟତଃ ହେଉଛି ପ୍ରସ୍ତାବ ଫର୍ମ ଯାହା ମାଧ୍ୟମରେ ବୀମିତ ନିଜ ବିଷୟରେ ସୂଚନା ଦିଏ

ଖ) ତଥ୍ୟ ସୂଚନାର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀ ଆରମ୍ଭର ପୂର୍ବରୁ ଆସେ, ଏବଂ ଅନୁବନ୍ଧର ସମାପ୍ତି ପରେ ମଧ୍ୟ ଚାଲୁ ରହେ

ଗ) ବୀମା କମ୍ପାନୀମାନେ ସାଧାରଣତଃ ପ୍ରସ୍ତାବ ଫର୍ମରେ ଶେଷରେ ଏକ ଘୋଷଣାପତ୍ର ଯୋଡି ଥାଆନ୍ତି ଯାହା ବୀମିତ ଦ୍ୱାରା ସ୍ୱାକ୍ଷରିତ ହୁଏ

ଘ) ଏକ ପ୍ରସ୍ତାବ ଫର୍ମର ଘଟକଗୁଡିକରେ ସମ୍ମିଳିତ ଥାଆନ୍ତି :

i. ପ୍ରସ୍ତାବକଙ୍କ ସଂପୂର୍ଣ୍ଣ ନାମ
ii. ପ୍ରସ୍ତାବକଙ୍କ ଠିକଣା ଓ ସଂପର୍କ ବିବରଣୀ
iii. ପ୍ରସ୍ତାବକଙ୍କ ବୃତ୍ତି, ରୋଜଗାର କିମ୍ବା ବ୍ୟବସାୟ
iv. ବୀମାର ବିଷୟ ବସ୍ତୁର ସଂପୂର୍ଣ୍ଣ ବିବରଣୀ ଓ ପରିଚୟ
v. ବୀମିତ ରାଶି
vi. ପୂର୍ବର ଓ ବର୍ତ୍ତମାନର ବୀମା
vii. କ୍ଷତି ଅଭିଜ୍ଞତା
viii. ବୀମିତ ଦ୍ୱାରା ଘୋଷଣା ପତ୍ର

ଙ) ଏକ ଅଭିକର୍ତ୍ତା, ଯିଏ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ଙ୍କ ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ଥାଏ ଯେ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ସଙ୍କଟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୂଚନା ପ୍ରଦାନ କରାଯାଉଛି ।

ଚ) ପ୍ରସ୍ତାବକୁ ଟିକିନିଖି କରି ପରଖିବାର ପ୍ରକ୍ରିୟା ଓ ସ୍ୱୀକୃତି ସମ୍ବନ୍ଧରେ ନିର୍ଣ୍ଣୟ କରିବାକୁ ସଙ୍କଟାଙ୍କନ କୁହାଯାଏ ।

ଛ) ଏକ ବୀମା ଅନୁବନ୍ଧ ଅନ୍ତର୍ଗତ, ବୀମାର ବିଷୟ ବସ୍ତୁକୁ ବୀମିତ କରିବା ପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପ୍ରିମିୟମ ଅଟେ ।

ଜ) ପ୍ରିମିୟମ ରାଶି ପ୍ରଦାନ ନଗଦ, କୌଣସି ସ୍ୱୀକୃତ ବ୍ୟାଙ୍କିଙ୍ଗ କାରବାରଯୋଗ୍ୟ ସାଧନ, ପୋଷ୍ଟାଲ ମନି ଅର୍ଡର, କ୍ରେଡିଟ କିମ୍ବା ଡେବିଟ କାର୍ଡ, ଇଣ୍ଟରନେଟ, ଇ-ସ୍ଥାନାନ୍ତରଣ, ପ୍ରତ୍ୟକ୍ଷ ଜମା କିମ୍ବା ସମୟ ସମୟରେ ପ୍ରାଧିକରଣ ଦ୍ୱାରା ସ୍ୱୀକୃତ ଅନ୍ୟ କୌଣସି ପଦ୍ଧତି ଦ୍ୱାରା କରା ଯାଇ ପାରେ ।

ଝ) ଏକ କଭର ନୋଟ ଜାରୀ କରାଯାଏ ଯେତେବେଳେ ପଲିସୀର ପ୍ରସ୍ତୁତିକରଣ ସଂପୂର୍ଣ୍ଣ ହୋଇନାହିଁ କିମ୍ବା ଯେତେବେଳେ ବୀମା ପାଇଁ କଥାବାର୍ତ୍ତା ପ୍ରଗତିରେ ଅଛି ଏବଂ ବୀମା ଆବରଣ ଅସ୍ଥାୟୀ ରୂପେ ପ୍ରଦାନ କରିବା ଆବଶ୍ୟକ ହୁଏ ।

ଞ) କଭର ନୋଟଗୁଡିକ ମୂଖ୍ୟତଃ ସାମୁଦ୍ରିକ ଓ ମୋଟର ଶ୍ରେଣୀର ବ୍ୟବସାୟରେ ବ୍ୟବହୃତ ହୁଏ ।

ଟ) ଏକ ବୀମା ପ୍ରମାଣପତ୍ର ସେହି କ୍ଷେତ୍ର ପରିଦୃଶ୍ୟ ଗୁଡିକକରେ ବୀମାର ବିଦ୍ୟମାନତା ପ୍ରଦାନ କରେ ଯେଉଁଠି ପ୍ରମାଣର ଆବଶ୍ୟକତା ରହିପାରେ ।

ଠ) ପଲିସୀ ହେଉଛି ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଅନୁବନ୍ଧର ପ୍ରମାଣ ପ୍ରଦାନ କରେ ।

ଡ) ଏକ ୱାରେଣ୍ଟି/ଅନୁଜ୍ଞପ୍ତି ପଲିସୀରେ ପ୍ରକାଶ୍ୟ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଅଟେ ଯାହାକୁ ଅନୁବନ୍ଧର ମାନ୍ୟତା ପାଇଁ ଅକ୍ଷରେ ଅକ୍ଷରେ ଅନୁପାଳନ କରିବାକୁ ପଡେ ।

ଢ) ଯଦି ଜାରୀ ସମୟରେ ପଲିସୀର କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଓ ଅନୁବନ୍ଧଗୁଡିକୁ ପରିବର୍ତ୍ତିତ କରିବାକୁ ପଡେ, ଏହାକୁ ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ଜରିଆରେ ସଂଶୋଧନ/ପରିବର୍ତ୍ତନ ଗୁଡିକ ସୁବ୍ୟବସ୍ଥିତ କରି କରାଯାଏ ।

ଣ) ନିର୍ମାଣର ସବୁଠୁ ମହତ୍ତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷଗୁଡିକର ଉଦ୍ଦେଶ୍ୟକୁ ନିଶ୍ଚିତ ରୂପେ ପ୍ରାଧାନ୍ୟ ଦେବା ଉଚିତ ଏବଂ ଏହି ଉଦ୍ଦେଶ୍ୟଟିକୁ ସ୍ୱୟଂ ପଲିସୀରେ ଖୋଜିବାକୁ ପଡ଼େ ।

ମୂଖ୍ୟ ପଦାବଳୀ

କ) ପଲିସୀ ଫର୍ମ
ଖ) ପ୍ରିମିୟମର ଅଗ୍ରୀମ ଦେୟ
ଗ) କଭର ନୋଟ (ଆବରଣ ଟିପ୍ପଣୀ)
ଘ) ବୀମା ପ୍ରମାଣପତ୍ର
ଙ) ନୂତନୀକରଣ ନୋଟିସ/ସୂଚନା
ଚ) ୱାରେଣ୍ଟି/ ଅନୁଜ୍ଞପ୍ତି

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି III ।

ଅଂଶଦାନର ସିଦ୍ଧାନ୍ତ ସୁନିଶ୍ଚିତ କରେ ଯେ ସେହି ଏକା ବିଷୟ ବସ୍ତୁକୁ ଆବୃତ କରୁଥିବା ଅନେକ ବୀମାକର୍ତ୍ତା; ଏକତ୍ର ହୁଅନ୍ତି ଏବଂ ବିଷୟବସ୍ତୁ ସହିତ ସେମାନଙ୍କ ସମ୍ମୁଖୀନ ହେବା ଅନୁପାତରେ ଦାବୀ ରାଶିକୁ ଅଂଶଦାନ କରନ୍ତି ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି II ।

ମାର୍ଗଦର୍ଶିକା ହିସାବରେ, ଏକ ବୀମା କମ୍ପାନୀକୁ ବୀମା ପ୍ରସ୍ତାବର ପ୍ରକ୍ରିୟାକୁ 15 ଦିନ ମଧ୍ୟରେ ଆରମ୍ଭ କରିବାକୁ ପଡ଼େ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ଯଦି ପ୍ରିମିୟମ ପ୍ରଦାନ ଚେକ ଦ୍ୱାରା କରାଯାଏ, ତେବେ ସଙ୍କଟକୁ ସେହି ତାରିଖଠାରୁ ସ୍ୱୀକୃତ ହୋଇଛି ବୋଲି ମାନି ନେବାକୁ ପଡିବ ଯେଉଁଦିନ ଚେକ୍ ଟିକୁ ପୋଷ୍ଟ କରାଯାଏ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି IV ।

କଭର ନୋଟଗୁଡିକ ପ୍ରଧାନତଃ ସାମୁଦ୍ରିକ ଓ ମୋଟର ଶ୍ରେଣୀର ସାଧାରଣ ବୀମାରେ ବ୍ୟବହୃତ ହୁଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି II ।

ଏକ ୱାରେଣ୍ଟି (ଅନୁଜ୍ଞପ୍ତି) ହେଉଛି ପଲିସୀରେ ପ୍ରକାଶ୍ୟରୂପେ ଉଲ୍ଲିଖିତ ଏକ ସର୍ତ୍ତ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି II ।

ଯଦି ଜାରୀ ସମୟରେ ପଲିସୀର କେତେକ ସର୍ତ୍ତ ଓ ଅନୁବନ୍ଧକୁ ପରିବର୍ତ୍ତିତ କରିବାର ଆବଶ୍ୟକତା ଆସେ, ଏହାକୁ ପୃଷ୍ଠାଙ୍କନ ମାଧ୍ୟମରେ ସଂଶୋଧନଗୁଡିକୁ ସୁବ୍ୟବସ୍ଥିତ କରି କରାଯାଏ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି IV ।

ବିନିୟାମକ ଅନୁଯାୟୀ, ବୀମାକର୍ତ୍ତା ଉପରେ ପଲିସୀର ସମାପ୍ତି ପୂର୍ବରୁ ବୀମିତକୁ ଏକ ନୂତନୀକରଣ ନୋଟିସ ପଠାଇବାର କୌଣସି ବୈଧିକ କର୍ତ୍ତବ୍ୟ ନାହିଁ ।

ସ୍ୱ -ପରୀକ୍ଷଣ ପ୍ରଶ୍ନ

ପ୍ରଶ୍ନ 1

_____ ହେଉଛି ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାଙ୍କ ଦାୟିତ୍ୱର ସର୍ବୋଚ୍ଚ ସୀମା ।

I. ବୀମିତ ରାଶି
II. ପ୍ରିମିୟମ
III. ସମର୍ପଣ ମୂଲ୍ୟ
IV. କ୍ଷତି ପରିମାଣ

ପ୍ରଶ୍ନ 2

_____ ହେଉଛି ଏକ ଅନୁବନ୍ଧ ଅନ୍ତର୍ଗତ ବୀମିତ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ମୂଲ୍ୟ ।

I. ଦାବୀ ରାଶି

II. ସମର୍ପଣ ମୂଲ୍ୟ

III. ପରିପକ୍ୱତା ରାଶି

IV. ପ୍ରିମିୟମ

ପ୍ରଶ୍ନ 3

ଏକ ଦସ୍ତାବିଜ ଯାହା ବୀମା ଅନୁବନ୍ଧର ଏକ ପ୍ରମାଣ ପ୍ରଦାନ କରେ, କୁ _____ କୁହାଯାଏ ।

I. ପଲିସୀ

II. କଭର ନୋଟ

III. ପୃଷ୍ଠାଙ୍କନ

IV. ବୀମା ପ୍ରମାଣପତ୍ର

ପ୍ରଶ୍ନ 4

ପ୍ରକଟୀକରଣର କର୍ତ୍ତବ୍ୟ ଉପନୀତ ହୁଏ

I. ପଲିସୀ ଆରମ୍ଭ ହେବା ପୂର୍ବରୁ

II. ପଲିସୀ ଆରମ୍ଭ ହେବା ପରେ

III. ପଲିସୀ ଆରମ୍ଭ ହେବା ପୂର୍ବରୁ ଓ ପଲିସୀ ଅବଧିରେ ଚାଲୁ ରହେ

IV. ସେମିତି କୌଣସି କର୍ତ୍ତବ୍ୟ ନାହିଁ

ପ୍ରଶ୍ନ 5

ତଥ୍ୟ ସୂଚନା

I. ହେଉଛି ଏକ ପଲିସୀରେ ଆବୃତ ହେଉଥିବା ସମସ୍ତ ତଥ୍ୟର ମୂଲ୍ୟ

II. ସଙ୍କଟର ମୂଲ୍ୟାଙ୍କନ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ନୁହେଁ

III. ମହତ୍ତ୍ୱପୂର୍ଣ୍ଣ ଅଟେ ଯେହେତୁ ଏହା ସଙ୍କଟାଙ୍କକର ନିର୍ଣ୍ଣୟକୁ ପ୍ରଭାବିତ କରେ

IV. ମହତ୍ତ୍ୱପୂର୍ଣ୍ଣ ନୁହେଁ ଯେହେତୁ ସଙ୍କଟାଙ୍କକର ନିର୍ଣ୍ଣୟ ଉପରେ ଏହାର କୌଣସି ପ୍ରଭାବ ନାହିଁ

ପ୍ରଶ୍ନ 6

ଅଗ୍ନି ପ୍ରସ୍ତାବ ଜାଣିବାକୁ ଚାହେଁ

I. ନିର୍ମାଣର ପ୍ରକ୍ରିୟା

II. ସଂଚିତ ପଦାର୍ଥର ବିସ୍ତୃତ ବିବରଣୀ

III. ଗୃହର ନିର୍ମାଣ

IV. ଉପରୋକ୍ତ ସମସ୍ତଙ୍କୁ

ପ୍ରଶ୍ନ 7

ପ୍ରିମିୟମ ପ୍ରାପ୍ତ ହୋଇ ପାରିବ ନାହିଁ

I. ନଗଦ ରୂପେ

II. ଚେକ୍ ଦ୍ୱାରା

III. ପ୍ରତିଶ୍ରୁତିମୂଳକ ନୋଟ ଦ୍ୱାରା
IV. କ୍ରେଡିଟ କାର୍ଡ ଦ୍ୱାରା

ପ୍ରଶ୍ନ 8

ମୋଟର ବୀମାର ପ୍ରମାଣପତ୍ର

I. ଅନିବାର୍ଯ୍ୟ ନୁହେଁ
II. କୁ ନିଜ ପାଖରେ ସର୍ବଦା ରଖିବାକୁ ପଡ଼େ
III. କୁ କାରରେ ସର୍ବଦା ରଖିବାକୁ ପଡ଼େ
IV. କୁ ବ୍ୟାଙ୍କ ଲକର୍ ରେ ସର୍ବଦା ରଖିବାକୁ ପଡ଼େ

ପ୍ରଶ୍ନ 9

ଏକ ୱାରେଣ୍ଟି (ଅନୁଜ୍ଞପ୍ତି)

I. ହେଉଛି ପଲିସୀରେ ପ୍ରକାଶ୍ୟରୂପେ ଉଲ୍ଲିଖିତ ଏକ ସର୍ତ୍ତ
II. କୁ ଅନୁପାଳନ କରିବାକୁ ପଡ଼େ
III. ଉଭୟ କ ଏବଂ ଖ
IV. ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

ପ୍ରଶ୍ନ 10

ମୋଟର ବୀମା ପାଇଁ ନୂତନୀକରଣ ନୋଟିସକୁ ଜାରୀ କରାଯାଏ

I. ବୀମିତ ଦ୍ୱାରା ପଲିସୀର ସମାପ୍ତି ପୂର୍ବରୁ
II. ବୀମାକର୍ତ୍ତା ଦ୍ୱାରା ପଲିସୀର ସମାପ୍ତି ପୂର୍ବରୁ
III. ବୀମିତ ଦ୍ୱାରା ପଲିସୀର ସମାପ୍ତି ପରେ
IV. ବୀମାକର୍ତ୍ତା ଦ୍ୱାରା ପଲିସୀର ସମାପ୍ତି ପରେ

ସ୍ୱ - ପରୀକ୍ଷଣ ପ୍ରଶ୍ନ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି I ।

ବୀମିତ ରାଶି ହେଉଛି ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାଙ୍କ ଦାୟିତ୍ୱର ସର୍ବୋଚ୍ଚ ସୀମା ।

ଉତ୍ତର 2

ସଠିକ ବିକଳ୍ପ ହେଉଛି IV ।

ପ୍ରିମିୟମ ହେଉଛି ଏକ ଅନୁବନ୍ଧ ଅନ୍ତର୍ଗତ ବୀମିତ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ମୂଲ୍ୟ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ଏକ ଦସ୍ତାବିଜ ଯାହା ବୀମା ଅନୁବନ୍ଧର ଏକ ପ୍ରମାଣ ପ୍ରଦାନ କରେ, କୁ ପଲିସୀ କୁହାଯାଏ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀ ଆରମ୍ଭ ହେବା ପୂର୍ବରୁ ଉପନୀତ ହୁଏ ଓ ପଲିସୀ ଅବଧିରେ ଚାଲୁ ରହେ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

ତଥ୍ୟ ସୂଚନା ମହତ୍ତ୍ୱପୂର୍ଣ୍ଣ ଅଟେ ଯେହେତୁ ଏହା ସଙ୍କଟାଙ୍କକର ନିର୍ଣ୍ଣୟକୁ ପ୍ରଭାବିତ କରେ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି IV ।

ଅଗ୍ନି ପ୍ରସ୍ତାବ ନିର୍ମାଣର ପ୍ରକ୍ରିୟା, ସଂଚିତ ପଦାର୍ଥର ବିସ୍ତୃତ ବିବରଣୀ ଓ ଗୃହର ନିର୍ମାଣକୁ ଜାଣିବାକୁ ଚାହେଁ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ପ୍ରିମିୟମ ପ୍ରତିଶ୍ରୁତିମୂଳକ ନୋଟ ଦ୍ୱାରା ପ୍ରାପ୍ତ ହୋଇ ପାରିବ ନାହିଁ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି III ।

ମୋଟର ବୀମାର ପ୍ରମାଣପତ୍ରକୁ ସର୍ବଦା କାରରେ ରଖିବାକୁ ପଡେ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି III ।

ଏକ ୱାରେଣ୍ଟି (ଅନୁଜ୍ଞପ୍ତି) ହେଉଛି ପଲିସୀରେ ପ୍ରକାଶ୍ୟରୂପେ ଉଲ୍ଲିଖିତ ଏକ ସର୍ତ୍ତ ଏବଂ ଏହାକୁ ଅନୁପାଳନ କରିବାକୁ ପଡ଼େ ।

ଉତ୍ତର 10

ସଠିକ ବିକଳ୍ପ ହେଉଛି II ।

ମୋଟର ବୀମା ପାଇଁ ନୂତନୀକରଣ ନୋଟିସକୁ ବୀମାକର୍ତ୍ତା ଦ୍ୱାରା ପଲିସୀ ସମାପ୍ତିର ପୂର୍ବରୁ ଜାରୀ କରାଯାଏ ।

ସଂଲଗ୍ନ

ସଂଲଗ୍ନ- କ

ମୋଟର ବୀମା ପ୍ରସ୍ତାବ ଫର୍ମ ଘରୋଇ କାର/ ଦୁଇଚକିଆ - ପ୍ୟାକେଜ ପଲିସୀ

ପ୍ରସ୍ତାବକଙ୍କ ନାମ			
ପତ୍ର ବିନିମୟ ପାଇଁ ଠିକଣା			
ଟେଲିଫୋନ ଓ ଫ୍ୟାକ୍ସ ନମ୍ବର		ମୋବାଇଲ ନମ୍ବର	
ଇ- ମେଲ ଠିକଣା			
ବ୍ୟାଙ୍କ ଖାତା ସଂଖ୍ୟା (ଜମା ବ୍ୟାଙ୍କ ଚାଲୁ)		ପ୍ୟାନ ନମ୍ବର	
ଏଚ୍.ପି.ଏ./ ହାଇପୋଥେକେଶନ			
ଆବଶ୍ୟକୀୟ ପଲିସୀର ପ୍ରକାର	ପ୍ୟାକେଜ ପଲିସୀ		
ବୀମା ଅବଧି	ଠାରୁ ସମୟ ..... ତାରିଖ:		ପର୍ଯ୍ୟନ୍ତ

ବୀମିତଙ୍କ ପରିଚୟ / ବିବରଣୀ

ବାହନର ସଂପୂର୍ଣ୍ଣ ବିବରଣୀ

ପଞ୍ଜିକରଣ ସଂଖ୍ୟା	ଇଞ୍ଜିନ ସଂଖ୍ୟା ଓ ଚେସିସ୍ ସଂଖ୍ୟା	ନିର୍ମାଣର ବର୍ଷ	ନିର୍ମାଣ ଓ ମୋଡେଲ/ ଶରୀରର ପ୍ରକାର	କ୍ୟୁବିକ୍ କ୍ଷମତା	ବସିବା କ୍ଷମତା	ରଙ୍ଗ	ବ୍ୟବହୃତ ହେଉଥିବା ଜାଲେଣି

ବୀମିତ ବାହନର ସଠିକ୍ ପରିଚୟ/ ବିବରଣୀ

ପଞ୍ଜିକରଣ ପ୍ରାଧିକରଣ- ନାମ ଏବଂ ସ୍ଥାନ:

ବାହନର ମୂଲ୍ୟ:

ଇନଭଏସ୍ ମୂଲ୍ୟ	ଇଲେକ୍ଟ୍ରୋନିକ୍ ଅଂଶସବୁ	ଅଣ- ଇଲେକ୍ଟ୍ରିକଲ ଅଂଶସବୁ	ପାର୍ଶ୍ୱ କାର /ଟ୍ରେଲର	ଏଲ୍ ପିଜି/ସି ଏନଜି ଉପକରଣ	ମୋଟ ମୂଲ୍ୟ	ଆଇଡିଭି

ଦାବୀ ସମାଧାନ ଓ ପ୍ରିମିୟମ ପାଇଁ ଏହା ଆଧାର ଅଟେ

ବାହନର ଇତିହାସ

ପୂର୍ବର ପଲିସୀ ସଂଖ୍ୟା	କଭର (ଆବରଣ)ର ପ୍ରକାର	ବୀମାକର୍ତ୍ତାଙ୍କ ନାମ ଏବଂ ଠିକଣା	ଅଣ / ଦାବୀ ବୋନସ ପାଇଁ ଯୋଗ୍ୟତା	ପଲିସୀ ସମାପ୍ତିର ତାରିଖ	ଗତ 3 ବର୍ଷର ଦାବୀ ଅଭିଜ୍ଞତା	ପ୍ରଥମ କ୍ରୟ ଓ ପଞ୍ଜିକରଣର ତାରିଖ

ହାର ନିର୍ଦ୍ଧାରଣ ଉପରେ ପ୍ରଭାବ ପକାଉଥିବା-ସଙ୍କଟାଙ୍କନ କାରକ ଗୁଡିକ

ବାହନର ଉପଯୋଗୀତା:			
ବ୍ୟବହାର ଉଦ୍ଦେଶ୍ୟ	ବାହନ ପାର୍କିଙ୍ଗର ବିବରଣୀ	ଡ୍ରାଇଭର ର ବିବରଣୀ	ଗୋଟିଏ ବର୍ଷରେ ହାରାହାରି କି.ମି. ଚଳନ
ଆନନ୍ଦ	ଆବୃତ ଗ୍ୟାରେଜ	ସ୍ୱୟଂ (ନିଜେ)	
ବୃତ୍ତିଗତ	ଅନାବୃତ ଗ୍ୟାରେଜ	ଦରମା ଦିଆଯାଉଥିବା ଡ୍ରାଇଭର	
ବ୍ୟବସାୟ ବାଣିଜ୍ୟ	ପରିସର ମଧ୍ୟରେ	ବନ୍ଧୁବାନ୍ଧବ	
କର୍ପୋରେଟ	ରାସ୍ତାପାର୍ଶ୍ୱ	ମିତ୍ର	

ସ୍ୱୀକୃତ ସଙ୍କଟକୁ ବୁଝିବାପାଇଁ ବୀମାକର୍ତ୍ତାଙ୍କୁ ସହାୟତା ଦିଏ

	ଡିସ୍କାଉଣ୍ଟ (ଛୁଟ) ଏବଂ ଲୋଡିଙ୍ଗ:
ସ୍ୱେଚ୍ଛିକ ଅତିରିକ୍ତ: ଆପଣ ଅନିବାର୍ଯ୍ୟ ପଲିସୀ ଅତିରିକ୍ତର ଉପରେ ଓ ଉର୍ଦ୍ଧ୍ୱରେ ସ୍ୱେଚ୍ଛିକ ଅତିରିକ୍ତ ବିକଳ୍ପ ରୂପେ ନେବା ପାଇଁ ଚାହାଁନ୍ତି କି	ହଁ/ନାହିଁ - ଯଦି ହଁ, ଦୟାପୂର୍ବକ ଦୁଇ ଚକିଆର ରାଶି ନିର୍ଦ୍ଧାରିତ କରନ୍ତୁ - ଟ. 500 /700/ 1000 /1500 /3000 ଘରୋଇ
ଆପଣ ଭାରତୀୟ ଅଟୋମୋବାଇଲ ସଂଘର ସଦସ୍ୟ ଅଟନ୍ତି କି	ହଁ/ନାହିଁ ଯଦି ହଁ, ଦୟାପୂର୍ବକ ଉଲ୍ଲେଖ କରନ୍ତୁ : 1. ସଂଘର ନାମ 2. ସଦସ୍ ସଂଖ୍ୟା: ସମାପ୍ତିର ତାରିଖ :
ବାହନଟି ଏ.ଆର୍. ଏ. ଆଇ. ଦ୍ୱାରା ସ୍ୱୀକୃତ କୌଣସି ଅଣ-ଚୋରୀ ଉପକରଣରେ ସଜ୍ଜିତ ଅଛି କି	ହଁ / ନାହିଁ ଯଦି ହଁ, ଏ.ଏ. ଏସ୍. ଆଇ ଦ୍ୱାରା ଜାରୀ କରାଯାଇଥିବା ପ୍ରତିଷ୍ଠାପନ ପ୍ରମାଣପତ୍ର ସଂଲଗ୍ନ କରନ୍ତୁ
ବାହନଟି ଅଣ-ପାରମ୍ପାରିକ ଉତ୍ସ ଦ୍ୱାରା ଚାଳିତ ହୁଏ କି	ହଁ/ ନାହିଁ ଯଦି ହଁ, ଦୟାପୂର୍ବକ ସଂପୂର୍ଣ୍ଣ ବିବରଣୀ ଦିଅନ୍ତୁ
ବାଉଳଟି ଦ୍ୱି-ଜାଲେଣି ଉପକରଣ /ଫାଇବର କାଚ ଟ୍ୟାଙ୍କ ସଜ୍ଜିତ ଦ୍ୱାରା ଚାଳିତ ହୁଏ କି	ହଁ/ନାହିଁ ଯଦି ହଁ, ଦୟାପୂର୍ବକ ସଂପୂର୍ଣ୍ଣ ବିବରଣୀ ଦିଅନ୍ତୁ
ଆପଣ ଟିପିପିଡି କଭରକୁ କେବଳ ଟ. 6000/- ର ବୈଧାନିକ ସୀମାରେ ସୀମିତ ରଖିବାକୁ ଚାହାଁନ୍ତି କି	ହଁ/ନାହିଁ

କମ୍ପାନୀ ପଲିସୀ ଅନୁସାରେ ଲୋଡିଙ୍ଗ ଓ ଡିସ୍କାଉଣ୍ଟ ପାଇଁ ବିଚାରକୁ ନିଆଯାଉଥିବା ସଙ୍କଟାଙ୍କନ କାରକଗୁଡିକ

ଆବଶ୍ୟକୀୟ ଅତିରିକ୍ତ କଭର/ ଆବରଣ	
ସହାୟକ ସାମଗ୍ରୀଗୁଡିକର ଚୋରୀ (ଦୁଇ ଚକିଆ ପାଇଁ କେବଳ)	
ଡ୍ରାଇଭର/ଚାଳକ ପ୍ରତି ବୈଧିକ ଦାୟିତ୍ୱ	
ଦରମା ଦିଆଯାଉଥିବା ଚାଳକ ପାଇଁ ପି.ଏ.	
ଅନିବାର୍ଯ୍ୟ: ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ଆବରଣ	
ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ଆବରଣ ଅନିବାର୍ଯ୍ୟ ଅଟେ । ଦୟାପୂର୍ବକ ନାମିତକରଣର ବିବରଣୀ ଦିଅନ୍ତୁ: (କ) ନାମିତଙ୍କ ନାମ ଓ ବୟସ: (ଖ) ସମ୍ବନ୍ଧ: (ଗ) ନିଯୁକ୍ତିଙ୍କ ନାମ (ଯଦି ନାମିତ ନାବାଳିକ ହୋଇଥାଏ): (ଘ) ନାମିତଙ୍କ ସହିତ ସମ୍ବନ୍ଧ: (ଧ୍ୟାନ ଦିଅନ୍ତୁ: 1. ଦୁଇ ଚକିଆ ପାଇଁ ଟ. 1,00,000 /- ଏବଂ ଘରୋଇ କାର ପାଇଁ ଟ. 2, 00,000/- ର ବୀମିତ ରାଶି ପାଇଁ ମାଲିକ ଚାଳକ ସକାଶେ ବ୍ୟକ୍ତିଗତ ଦୁର୍ଘଟଣା ଆବରଣ ଅନିବାର୍ଯ୍ୟ ଅଟେ । 2. ମାଲିକ ଚାଳକ ପାଇଁ ଅନିବାର୍ଯ୍ୟ ପି.ଏ. କଭର ସ୍ୱୀକୃତ ହୋଇ ପାରିବ ନାହିଁ ଯେଉଁଠି ଏକ ବାହନ (ଗାଡ଼ି) ର ମାଲିକତ୍ୱ ଏକ କମ୍ପାନୀ, ଏକ ଅଂଶୀଦାରୀ ଫାର୍ମ କିମ୍ବା ସେଭଳି ଏକ ଅନୁଷ୍ଠାନ କର୍ପୋରେଟ ପାଖରେ ଥାଏ କିମ୍ବା ଯେଉଁଠି ମାଲିକ-ଚାଳକ ପାଖରେ ଏକ ପ୍ରଭାବଶାଳୀ ଡ୍ରାଇଭିଂ ଲାଇସେନ୍ସ ନ ଥାଏ ।)	
ନାମ ଥିବା ବ୍ୟକ୍ତିମାନଙ୍କ ପାଇଁ ପି.ଏ. କଭର	

Additional coverage subject to additional premium

ନାମ ଥିବା ବ୍ୟକ୍ତିମାନଙ୍କ ପାଇଁ ପି.ଏ. କଭର	ଆଇ. ଏମ୍.ଟି. -15	ଆପଣ ନାମ ଥିବା ବ୍ୟକ୍ତିମାନଙ୍କ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ଆବରଣ ସମ୍ମିଳିତ କରିବା ପାଇଁ ଚାହାନ୍ତି କି ?			
		ନାମ	ବିକଳ୍ପ ଚୟନ କରିଥିବା ସି.ଏସ୍. ଆଇ (ଟ.)	ନାମିତ	ସମ୍ବନ୍ଧ
		1)			
		2)			
		3)			
		ହଁ/ନାହିଁ, ଯଦି ହଁ, ନାମ ଓ ବିକଳ୍ପରେ ଚୟନ କରିଥିବା ମୂଳ ବୀମିତ ରାଶି ଦିଅନ୍ତୁ: ଧ୍ୟାନ ଦିଅନ୍ତୁ: ବ୍ୟକ୍ତି ପ୍ରତି ଉପଲବ୍ଧ ସର୍ବୋଚ୍ଚ ସି. ଏସ୍. ଆଇ ହେଉଛି ଘରୋଇ କାର କ୍ଷେତ୍ରରେ ଟ. 2 ଲକ୍ଷ ଓ ମୋଟର ଯୁକ୍ତ ଦୁଇ ଚକିଆ କ୍ଷେତ୍ରରେ ଟ. 1 ଲକ୍ଷ			
ନାମ ନ ଥିବା ବ୍ୟକ୍ତି/ପଛ ସିଟ/ନାମ ନ ଥିବା ଯାତ୍ରୀମାନଙ୍କ ପାଇଁ ପି.ଏ. କଭର					
ଆଡ ଅନ କଭର					
ଶୂନ୍ୟ ମୂଲ୍ୟ ହ୍ରାସ					
ସୌଜନ୍ୟ କାର					
ମେଡିକାଲ ଖର୍ଚ୍ଚ					
ବ୍ୟକ୍ତିଗତ ଖର୍ଚ୍ଚ					
ଅନ୍ୟ ବିବରଣୀ					
ଆଡ ଆଉ କଭର ତାଲିକା					
ବାହନର ବ୍ୟବହାର ନିଜ ପରିସର ମଧ୍ୟରେ ସୀମିତ କି					
ବାହନର ବିଦେଶ ଦୂତାବାସର କି					
କାରଟି ଭିନଟେଜ୍ କାର ରୂପେ ପ୍ରମାଣପତ୍ର ପ୍ରାପ୍ତ କି					
ବାହନଟି ଅନ୍ଧ / ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଡିଜାଇନ କରାଯାଇଛି କି					
ବାହନଟି ଡ୍ରାଇଭିଂ ପ୍ରଶିକ୍ଷଣ ପାଇଁ ବ୍ୟବହୃତ ହୁଏ କି					
ଭୌଗଳିକ କ୍ଷେତ୍ରର ବିସ୍ତାରଣ ଆବଶ୍ୟକ କି					

ସୂଚନା ଯାହାର ପ୍ରଭାବ ହାର ନିର୍ଦ୍ଧାରଣ ଉପରେ ପଡିପାରେ, କିଛି ଷ୍ଟାଟିଷ୍ଟିକ୍ ଉଦ୍ଦେଶ୍ୟରେ ମଧ୍ୟ

ବାହନର ବ୍ୟବହାର ନିଜ ପରିସର ମଧ୍ୟରେ ସୀମିତ କି	ହଁ/ନାହିଁ
ବାହନର ବିଦେଶ ଦୂତାବାସର କି	ହଁ/ନାହିଁ
କାରଟି ଭିନଟେଜ୍ କାର ରୂପେ ପ୍ରମାଣପତ୍ର ପ୍ରାପ୍ତ କି	ହଁ/ନାହିଁ
ବାହନଟି ଅନ୍ଧ / ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଡିଜାଇନ କରାଯାଇଛି କି	ହଁ/ନାହିଁ ଯଦି ହଁ, ଦୟାପୂର୍ବକ ଆର.ଟି.ଏ. ଦ୍ୱାରା ଦିଆଯାଇଥିବା ପୃଷ୍ଠାଙ୍କନର ବିବରଣୀ ନିର୍ଦ୍ଦିଷ୍ଟ ରୂପେ ଦିଅନ୍ତି
ବାହନଟି ଡ୍ରାଇଭିଂ ପ୍ରଶିକ୍ଷଣ ପାଇଁ ବ୍ୟବହୃତ ହୁଏ କି	ହଁ/ନାହିଁ
ଭୌଗଳିକ କ୍ଷେତ୍ରର ବିସ୍ତାରଣ ଆବଶ୍ୟକ କି	ନେପାଳ, ବାଙ୍ଗଳାଦେଶ, ଭୁଟାନ, ମାଲଦୀପ, ପାକିସ୍ଥାନ, ଶ୍ରୀଲଙ୍କା

ଆପଣ ଗୋଟିଏ ଏକ ପୃଷ୍ଠା ପଲିସୀ ନେବାପାଇଁ ଚାହାନ୍ତି କି ? ହଁ/ନାହିଁ

ପରମ ସଭାବର ସିଦ୍ଧାନ୍ତ ଉପରେ ଆଧାରିତ

<u>ବୀମିତ ଦ୍ୱାରା ଘୋଷଣାପତ୍ର</u>

ମୁଁ / ଆମେ ଘୋଷଣା କରୁଛି/କରୁଛୁ ଯେ ପ୍ରସ୍ତାବ ଫର୍ମରେ ମୋ/ଆମ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟଗୁଡିକ ମୋ/ଆମ ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଅଟେ ଏବଂ ମୁଁ/ଆମେ ଏତଦ୍ୱାରା ସମ୍ମତି ପ୍ରଦାନ କରୁଛି/କରୁଛୁ ଯେ ତାଙ୍କ ଘୋଷଣାପତ୍ର ମୋ/ଆମ ଓ _____ମଧ୍ୟରେ ଅନୁବନ୍ଧର ଆଧାର ହେବ ।

ମୁଁ / ଆମେ ଏତଦ୍ୱାରା ଘୋଷଣା କରୁଛି/କରୁଛୁ ଯେ ଏହି ପ୍ରସ୍ତାବ ଫର୍ମର ଉପସ୍ଥାପନା ପରେ କରାଯାଇଥିବା କୌଣସି ଯୋଗ କିମ୍ବା ପରିବର୍ତ୍ତନଗୁଡିକ ବିଷୟରେ ବୀମାକର୍ତ୍ତାମାନଙ୍କୁ ଅତିଶୀଘ୍ର ସୂଚୀତ କରାଯିବ ।

ମୁଁ/ଆମେ ସୁନିଶ୍ଚିତ କରିବାକୁ ଚାହୁଁଛି/ଚାହୁଁଛୁ ଯେ ଗତ ପଲିସୀ ସମାପ୍ତି ତାରିଖଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋ/ଆମ ବାହନର କୌଣସି ଦୁର୍ଘଟଣା ହୋଇନାହିଁ । ମୁଁ/ଆମେ ସୁନିଶ୍ଚିତ କରୁଛି/କରୁଛୁ ଯେ ମୁଁ/ଆମେ_____ ଠାରେ _____ ଦିନ ପ୍ରିମିୟମ ପ୍ରଦାନ କରିଛି / କରିଛୁ ।

ଆପଣଙ୍କ ସହିତ ଉପରୋକ୍ତ ବାହନର ବୀମା ସକାଶେ ଏହା ବୁଝିପାରିଛୁ ଓ ସମ୍ମତି ପ୍ରଦାନ କରୁଛୁ ଯେ ..... (ସମୟ) ପୂର୍ବରୁ କୌଣସି ଦୁର୍ଘଟଣା ଜନିତ କୌଣସି କ୍ଷତି/ନଷ୍ଟ/ ଦାୟିତ୍ୱ ପାଇଁ ଆପଣଙ୍କ କୌଣସି ଦାୟିତ୍ୱ କିମ୍ବା ଅନ୍ୟ ପ୍ରକାରର କିଛି ନାହିଁ।

ମୁଁ/ ଆମେ ଘୋଷଣା କରୁଛି / କରୁଛୁ ଯେ ବାହନଟି ସଂପୂର୍ଣ୍ଣ ରୂପେ ଠିକ୍ ସ୍ଥିତି ଓ ରାସ୍ତାଯୋଗ୍ୟ ଅବସ୍ଥାରେ ଅଛି ।

ସ୍ଥାନ:

ତାରିଖ:

ପ୍ରସ୍ତାବକଙ୍କ ସ୍ୱାକ୍ଷର

ପ୍ରସ୍ତାବ ଫର୍ମ

(ଏହି ଫର୍ମର ନିର୍ଗତ କୁ ଦାୟିତ୍ୱର ସ୍ୱୀକୃତି ହିସାବରେ ନିଆଯିବ ନାହିଁ)

ଆଦର୍ଶ ଅଗ୍ନି ଓ ବିଶିଷ୍ଟ ବିପଦ ପଲିସୀ

ଏହି ପ୍ରସ୍ତାବର ସ୍ୱୀକୃତି କମ୍ପାନୀର ନିୟମ ଓ ବିନିୟାମକ ଅଧୀନରେ । ସମ୍ପତ୍ତି ଆବୃତ ହୁଏ ନାହିଁ ଯେ ପର୍ଯ୍ୟନ୍ତ ପ୍ରସ୍ତାବଟି ସ୍ୱୀକୃତ ହୋଇନାହିଁ ଏବଂ ପ୍ରିମିୟମ ଦିଆ ଯାଇ ନାହିଁ ।

ଅଭିକର୍ତ୍ତା _____ ଗ୍ରାହକ କୋଡ: | | | | | | | | |

ପ୍ରସ୍ତାବକ ସମ୍ବନ୍ଧୀୟ ବିବରଣୀ __ **ପ୍ରସ୍ତାବକଙ୍କ ପରିଚୟ ଦେବାରେ ସାହାଯ୍ୟ କରେ ।**

1. **ପ୍ରସ୍ତାବକଙ୍କ ନାମ**

ବୀମିତଙ୍କ ପରିଚୟ

2. **ପ୍ରସ୍ତାବକଙ୍କ ଠିକଣା** → **ସଂପର୍କ ପାଇଁ ଏବଂ ଦାବୀ ପରିପ୍ରେକ୍ଷୀରେ ଚେକ୍ ପ୍ରଦାନ ପାଇଁ ଠିକଣା ଦିଏ**

ଟେଲିଫୋନ ନଂ: ଫ୍ୟାକ୍ସ ନଂ :-

_____

(ମୋବାଇଲ):- (ଇ-ମେଲ) :- _____

ଯେଉଁଠି ପ୍ରଯୁଜ୍ୟ ଏକ ✓ ଚିହ୍ନ ଦିଅନ୍ତୁ

ସମସ୍ତ ପ୍ରଶ୍ନର ଉତ୍ତର ସଂପୂର୍ଣ୍ଣ ରୂପେ ଦେବାକୁ ପଡିବ । ସ୍ଥାନ ସୀମିତ ହେବା କ୍ଷେତ୍ରରେ ଦୟାକରି ସୂଚନାକୁ ଏକ ସଂଲଗ୍ନ ରୂପେ କରନ୍ତୁ:

ପସ୍ତାବକଙ୍କ ବ୍ୟବସାୟ

ସଙ୍କଟକୁ ବୁଝନ୍ତୁ

3. ଯେଉଁଟାକୁ ଆବୃତ କରାଯାଇଛି	ହାର ନିର୍ଦ୍ଧାରଣ ପାଇଁ ଦଖଲର ବିବରଣୀ
4. ପଲିସୀ ଯାହା ସପକ୍ଷରେ ଜାରୀ କରାଯିବ (ଆର୍ଥିକ ଅନୁଷ୍ଠାନଗୁଡିକ ସହିତ ସମସ୍ତ ପକ୍ଷର ସୂଚୀ ଯାହାଙ୍କ ବୀମା ଯୋଗ୍ୟ ହିତ ରହିଛି)	
5. ଜଡିତ ଥିବା ସଙ୍କଟ (ସଂପୂର୍ଣ୍ଣ ଡାକ ଠିକଣା ପିନ କୋଡ ସହିତ)	Location to be covered Identification of the risks
6. ବୀମାର ଅବଧି	ଠାରୁ | | | | | | | | | ପର୍ଯ୍ୟନ୍ତ | | | | | |
7. ଆପଣ ଏହି ବିପଦଗୁଡିକ ମୂଳ ଆବରଣରୁ ହଟାଇବାକୁ ଚାହାନ୍ତି କି ?ଆବରଣ ବିଷୟରେ କୁହେ	ଆବଶ୍ୟକୀୟ, ଆବରଣ ସମ୍ବନ୍ଧରେ ବୀମିତ ଦ୍ୱାରା ସଚେତନପୂର୍ଣ୍ଣ ନିର୍ଣ୍ଣୟ,
କ. ଝଡ, ବନ୍ୟା, ତୋଫାନ, ଜଳପ୍ଲାବନ, ବାତ୍ୟା ଆଦି ବିପଦର ସମୂହ	ହଁ ☐ ନାହିଁ ☐
ଖ. ଦଙ୍ଗା, ଷ୍ଟ୍ରାଇକ୍, ହାନିକାରକ ନଷ୍ଟ	ହଁ ☐ ନାହିଁ ☐
ଗ. ଆତଙ୍କବାଦ ଆବରଣ ବିସ୍ତାର (ଏହାକୁ ଚୟନ କରାଯାଇପାରେ ଯଦି ଆର.ଏସ୍.ଏମ୍.ଡି କୁ ଚୟନ କରାଯାଏ)	ହଁ ☐ ନାହିଁ ☐

ସଂଲଗ୍ନ - ଖ

ଏହି ରାଶି ଇ.କ୍ୟୁ. ବିପଦଗୁଡିକ ପାଇଁ ଆବୃତ ହୁଏ

8. ଆପଣ ଗୃହ ସହିତ ପ୍ଲିଣ୍ଥ ଓ ମୂଳଦୁଆକୁ ଆବୃତ କରିବା ପାଇଁ ଚାହାନ୍ତି କି ?	ହଁ ☐	ନାହିଁ ☐	
କୌଣସି ଆଡ-ଅନ କଭର କ. ଶିଳ୍ପକାର, ସର୍ବେକ୍ଷଣକାରୀ, ଓ ପରାମର୍ଶଦାତା ଇଞ୍ଜିନିୟରିଂ ଶୁଳ୍କ (3% ର ଦାବୀ ରାଶି ଅତିରିକ୍ତ)	ହଁ ☐	ନାହିଁ ☐	SI =
ଖ. ପଥର ଗୋଡ଼ି ମାଟି ହଟାଇବା (1% ର ଦାବୀ ରାଶି ଅତିରିକ୍ତ)	ହଁ ☐	ନାହିଁ ☐	SI =
ଗ. ଥଣ୍ଡା ଭଣ୍ଡାର ପରିସରରେ ସଂଚିତ ସବୁର ଖରାପ ସ୍ଥିତି	ହଁ ☐	ନାହିଁ ☐	SI =
i. ଏକ ବୀମିତ ବିପଦ କାରଣରୁ ଉତ୍ପନ୍ନ ବିଜୁଳୀ ସେବା ଫିଡରର ଟର୍ମିନାଲ ସମାପ୍ତିରେ ବୀଜୁଳୀ ବିଫଳତା କାରଣରୁ	ହଁ ☐	ନାହିଁ ☐	SI =

ଆଡ- ଅନ କଭର ପାଇଁ ବୀମିତ ଦ୍ୱାରା ସଚେତ ନିର୍ଣ୍ଣୟ

ii.	ବୀମିତ ବିପଦର ପ୍ରକ୍ରିୟା କାରଣରୁ ବୀମିତର ପରିସରରେ ତାପମାତ୍ରାର ପରିବର୍ତ୍ତନ ଜନିତ ଥଣ୍ଡା ଭଣ୍ଡାର ଯନ୍ତ୍ରପାତିକୁ ହୋଇଥିବା କ୍ଷତି କିମ୍ବା ନଷ୍ଟ କାରଣରୁ	ହଁ ☐ ନାହିଁ ☐	SI =
ଘ.	ଜଙ୍ଗଲ ନିଆଁ	ହଁ ☐ ନାହିଁ ☐	SI =
ଙ.	ବୀମିତର ନିଜ ବାହନ, ଫର୍କ ଲିଫ୍ଟ ଓ ସେଭଳିଆ ଏବଂ ସେଇଠୁ ଜିନିଷ ପଡିଯିବା କାରଣରୁ ପ୍ରଭାବଶାଳୀ ନଷ୍ଟ	ହଁ ☐ ନାହିଁ ☐	SI =
ଚ.	ହଠାତ୍ ଦହନ	ହଁ ☐ ନାହିଁ ☐	SI =
ଛ.	ଯୋଗ, ପରିବର୍ତ୍ତନ କିମ୍ବା ବିସ୍ତାରଣ କୁ ବୀମିତ	ହଁ ☐ ☐	SI =
ଜ.	ଭୂମିକମ୍ପ (ଅଗ୍ନି ଓ କମ୍ପନ)	ହଁ ☐ ☐	SI =
ଝ.	ନଷ୍ଟ ବସ୍ତୁ ଆବରଣ	ହଁ ☐ ☐	SI =
ଞ.	ଲିକେଜ ଓ ସଂକ୍ରମଣ ଆବରଣ	ହଁ ☐ ☐	SI =
ଟ.	ଭଣ୍ଡାରକୁ ଅସ୍ଥାୟୀରୂପେ ହଟାଇବା	ହଁ ☐ ନାହିଁ ☐	SI =
ଠ.	ଭଡ଼ାରେ କ୍ଷତି	ହଁ ☐ ନାହିଁ ☐	SI =
ଡ.	ଏକ ବିକଳ୍ପ ନିବାସ ଯୋଗୁଁ ଭଡ଼ାରେ ଅତିରିକ୍ତ ଖର୍ଚ୍ଚ	ହଁ ☐ ନାହିଁ ☐	SI =
ଢ.	ପ୍ରାରମ୍ଭିକ ଖର୍ଚ୍ଚ	ହଁ ☐ ନାହିଁ ☐	SI =
ଣ.	ତରଳା ଯାଇଥିବା ବସ୍ତୁ ନଷ୍ଟ	ହଁ ☐ ନାହିଁ ☐	SI =
9.	ଆପଣ ସେହି ଏକା ସମ୍ପତ୍ତିକୁ ସମତୁଳ ଆବରଣ ଥାଇ କୌଣସି ଅନ୍ୟ ବୀମା କମ୍ପାନୀ ସହିତ ବୀମିତ କରିଛନ୍ତି କି (ଯଦି ହଁ, ବିସ୍ତୃତ ବିବରଣୀ ଦିଅନ୍ତୁ)	ଅଂଶଦାନର ସିଦ୍ଧାନ୍ତ ଲାଗୁ କରିବା ଉଦ୍ଦେଶ୍ୟରେ ବିସ୍ତୃତ ବିବରଣୀ	
10.	ବୀମା ଆବରଣ କୌଣସି ଅନ୍ୟ କମ୍ପାନୀ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା କି କିମ୍ବା କୌଣସି ବିଶେଷ ସର୍ତ୍ତ ରଖା ଯାଇଥିଲା କି (ଯଦି ହଁ, ବିସ୍ତୃତ ବିବରଣୀ ଦିଅନ୍ତୁ)	ସଙ୍କଟାଙ୍କକୁ ସଙ୍କଟର ଗୁଣ ବିଷୟରେ ଅନ୍ତଜ୍ଞାନ ପ୍ରଦାନ କରେ	
	(କ୍ଷତି ଅଭିଜ୍ଞତା ସମ୍ବନ୍ଧୀୟ ବିବରଣୀ)		
11.	ସମାପ୍ତ ହେଉଥିବା ବୀମା ଅବଧି ଛାଡ଼ି ଗତ ମାସ ପାଇଁ ପ୍ରିମିୟମ / ହୋଇଥିବା ଦାବୀ ବିବରଣୀ	ପ୍ରିମିୟମ	ଦାବୀ

ସେହିସବୁକୁ ଚୟନ କରିବା ଯାହା ବୀମିତର ବ୍ୟବସାୟର ପ୍ରକୃତି ହିସାବରେ ଆବଶ୍ୟକ ହେବ

ସଙ୍କଟର ହାର ନିର୍ଣ୍ଣୟ ପାଇଁ ଦାବୀ ଅଭିଜ୍ଞତା ହେଉଛି ଏକ ମହତ୍ୱପୂର୍ଣ୍ଣ କାରକ

ନିର୍ଦ୍ଧାରିତ ସ୍ଥାନରେ କେଉଁ ପ୍ରକାରର ସଙ୍କଟଗୁଡିକ ଆବୃତ ହୁଏ ?

ପ୍ରସ୍ତାବକଙ୍କ ବ୍ୟବସାୟ ସମ୍ବନ୍ଧୀୟ ବିବରଣୀ

12. **ବୀମିତ ସମ୍ପତ୍ତି ହେଉଛି :**	
କ. ଆବାସ, କାର୍ଯ୍ୟାଳୟ, ଦୋକାନ, ହୋଟେଲ ଇତ୍ୟାଦି	
ଖ. ଔଦ୍ୟୋଗିକ/ନିର୍ମାଣ ସମ୍ବନ୍ଧୀୟ ସଙ୍କଟ	
ଗ. ଔଦ୍ୟୋଗିକ/ନିର୍ମାଣ ସମ୍ବନ୍ଧୀୟ ସଙ୍କଟ ବାହାରେ ସଂରକ୍ଷଣ	ସଙ୍କଟର ଦଖଲ ହେଉଛି ହାରର ଆଧାର
ଘ. ଟେଙ୍କ /ଗ୍ୟାସ ହୋଲଡର ବାହାରେ ଔଦ୍ୟୋଗିକ/ ନିର୍ମାଣ ସମ୍ବନ୍ଧୀୟ ସଙ୍କଟ	
ଙ. ଔଦ୍ୟୋଗିକ /ନିର୍ମାଣ ସମ୍ବନ୍ଧୀୟ ସଙ୍କଟ ବାହାରେ ଚିହ୍ନିତ ଉପଯୋଗିତା	
ଚ. ଆବାସ, କାର୍ଯ୍ୟାଳୟ , ଦୋକାନ, ହୋଟେଲ ଇତ୍ୟାଦି	
13. ଯଦି ଦୋକାନ ରୂପେ ବ୍ୟବହୃତ ହୁଏ, ହସ୍ତକ୍ଷେପ କରାଯାଉଥିବା ଜିନିଷଗୁଡିକ ନିମ୍ନରେ ଦିଆଯାଇଥିବା ସୂଚୀରେ ଦେଖାଯାଉଥିବା କୌଣସି ଜନିଷକୁ ସମ୍ମିଳିତ କରନ୍ତି କି ଯଦି ହଁ, ସେହି ଭଣ୍ଡାରର ମୂଲ୍ୟ ଭଣ୍ଡାରର ମୋଟ ମୂଲ୍ୟ ଠାରୁ 5% ଅଧିକ ହେଉଛି କି : 1. ସେଲ୍ୟୁଲଏଡ ଜିନିଷ, 2. ଖୋଲା କୋଇର, 3. ଫଟକା ଓ ନିଆଁ କାମ, 4. ଯେ କୌଣସି ପ୍ରକାର ର ବିସ୍ଫୋଟକ 5. ପାଳ, 6. ନଡା, 7. ଖୋଲା ଝୋଟ 8. ଦିଆସିଲି, 9. ମିଥିଲେଟେଡ ସ୍ପିରିଟ, 10. ନାଇଟ୍ରୋ - ସେଲ୍ୟୁଲୋଜ, 11. 32 ଡିଗ୍ରୀ ସେ . ରେ କିମ୍ବା ନିମ୍ନରେ ଜଳିଯାଉଥିବା ତେଲ/ ଇଥର/ ଔଦ୍ୟୋଗିକ ଦ୍ରାବ୍ୟ ଓ ଅନ୍ୟ ଜଳିବା ଯୋଗ୍ୟ ତରଳ ପଦାର୍ଥ (ବନ୍ଦ କରାଯାଇଥିବା କପ ପରୀକ୍ଷଣ), 12. ମୋହର ବନ୍ଦ ଟିଣ କିମ୍ବା ଡ୍ରମ ଛାଡି 32 ଡିଗ୍ରୀ ସେ. ନିମ୍ନ ଜଳିବା ବିନ୍ଦୁ ଥିବା ଜଳିବାଯୋଗ୍ୟ ଆଧାର ଥିବା ପେଣ୍ଟ, (ବନ୍ଦ କରାଯାଇଥିବା କପ୍ ପରୀକ୍ଷଣ), 13. ମୋହର ବନ୍ଦ ଟିଣ କିମ୍ବା ଡ୍ରମ ଛାଡ଼ି ଅନ୍ୟ 32 ଡିଗ୍ରୀ ସେ ନିମ୍ନ ଜଳିବା ବିନ୍ଦୁ ଥିବା ବାର୍ନିସ (ବନ୍ଦ କରାଯାଇଥିବା କପ ପରୀକ୍ଷଣ) , 14. ମୋହର ବନ୍ଦ ଟିଣ କିମ୍ବା ଡ୍ରମ ଛାଡ଼ି ଅନ୍ୟ ସଂକ୍ରମଣ ନିବାରକ ତରଳ ପଦାର୍ଥ ଓ ତଳ କୀଟ ନାଶକ, 15. ଯେ କୌଣସି ପ୍ରକାରର ପରିବା ଫାଇବର	ମୂଳ ହାର ଓ ଆବରଣ ଗୁଡିକୁ ନିର୍ଦ୍ଧାରିତ କରିବାକୁ ସଙ୍କଟଗୁଡିକର ପ୍ରକୃତି
14. ଯଦି ଆସବାବପତ୍ର ଦୋକାନ ଗୋଦାମ (କାରଖାନା ପରିସର ବାହାରେ ସ୍ଥିତ) ରୂପେ ବ୍ୟବହୃତ ହୁଏ, ଦୟାକରି ସଂରକ୍ଷିତ ଜିନିଷସବୁର ସୂଚୀ ଦିଅନ୍ତୁ	
15. ଯଦି ଔଦ୍ୟୋଗିକ ନିର୍ମାଣକାରୀ ୟୁନିଟ ରୂପେ ବ୍ୟବହୃତ ହୁଏ, ପ୍ରସ୍ତାବିତ ସ୍ଥାନରେ ନିର୍ମିତ ଉତ୍ପାଦଗୁଡିକର ବିବରଣୀ ଉଲ୍ଲେଖ କରନ୍ତୁ (ବିଭିନ୍ନ ସୁବିଧାଗୁଡିକୁ ଦର୍ଶାଉଥିବା ବ୍ଲକ ଯୋଜନାର ବିବରଣୀ ସଂଲଗ୍ନ କରିବାକୁ ପଡିବ)	
16. ଯଦି ଔଦ୍ୟୋଗିକ ନିର୍ମାଣକାରୀ ୟୁନିଟ ରୂପେ ବ୍ୟବହୃତ ହୁଏ, ଦୟାକରି ଉଲ୍ଲେଖ କରନ୍ତୁ ଯେ କାରଖାନାଟି କାର୍ଯ୍ୟ କରୁଛି ଅଥବା ନିଷ୍କ୍ରିୟ ଅଛି ?	
17. ପ୍ରତିଷ୍ଠାପିତ ଅଗ୍ନି ନିର୍ବାପକ ଉପକରଣ	
ଦୟାପୂର୍ବକ ନିମ୍ନରେ ଦିଆଯାଇଥିବା ସ୍ଥାନରେ ଟିକ୍ କରନ୍ତୁ: କ. ବିଭିନ୍ନ ବ୍ଲକ୍ ର ସୂଚୀ ଦିଅନ୍ତୁ ଏବଂ ପୋର୍ଟେବଲ ନିର୍ବାପକର ପ୍ରକାର ସୂଚୀତ କରନ୍ତୁ ପ୍ରତ୍ୟେକ ବ୍ଲକ ପାଇଁ ପ୍ରଦାନ କରାଯାଇଥିବା ସୁରକ୍ଷା ଅଧିକ ସଙ୍କଟ ଲକ୍ଷଣ ଜାଣିବା ପାଇଁ	☐ ପୋର୍ଟେବଲ ନିର୍ବାପକ ☐ ଗ୍ରେଲର ପମ୍ପ ☐ ନିଆଁ ଇଞ୍ଜିନ ☐ ହାଇଡ୍ରେଣ୍ଟ ସିଷ୍ଟମ ☐ ସ୍ପ୍ରିଙ୍କଲର ସିଷ୍ଟମ ☐ ସ୍ଥିର ଜଳ ସ୍ପ୍ରେ ସିଷ୍ଟମ କ୍ଷତି ହ୍ରାସ ପଦକ୍ଷେପ ତେଣୁ, ଡିସ୍କାଉଣ୍ଟ ସ୍ୱୀକୃତ ହୋଇପାରେ
ଖ. ସୂଚୀତ କରନ୍ତୁ ଯେ ବାର୍ଷିକ ସୁବ୍ୟବସ୍ଥା ଚୁକ୍ତିନାମା ବଳବତ୍ତର ରହିଛି କି ନାହିଁ	ହଁ ☐ ନାହିଁ ☐
18. (ଗୃହ / ଯନ୍ତ୍ରପାତି / ଫର୍ଣ୍ଣିଚର ଫିକ୍ସଚର ଏବଂ ଫିଟିଙ୍ଗ)	ବୀମା ପାଇଁ ପ୍ରସ୍ତାବିତ ଆଧାର
କ. ବଜାର ମୂଲ୍ୟ ଆଧାର	ହଁ ☐ ନାହିଁ ☐

ଏହା ଆଧାର ହେବ ଯାହା ଉପରେ ବୀମିତ ରାଶି ନିର୍ଦ୍ଧାରିତ ହେବ ଓ ଦାବୀ ଗୁଡିକର ସମାଧାନ କରାଯିବ

ଖ. ପୁନଃପ୍ରତିଷ୍ଠାପନ ମୂଲ୍ୟ ଆଧାର	ହଁ ☐ ନାହିଁ ☐
ଗ. ଏସ୍କାଲେଶନ ଆବଶ୍ୟକ କି	ହଁ ☐ ନାହିଁ ☐
19. ନିର୍ମାଣ ବିସ୍ତୃତ ବିବରଣୀ	
କ. ଦୟାପୂର୍ବକ ବ୍ୟବହୃତ ପଦାର୍ଥ ବିଷୟରେ ଉଲ୍ଲେଖ କରନ୍ତୁ	
i. କାନ୍ଥ	
ii. ଭୂମି	
iii. ଛାତ	
a. ଗୃହର ଉଚ୍ଚତା	ମିଟର _____ ଭୂମି _____
b. ଗୃହର ଆୟୁ	5 ବର୍ଷରୁ କମ୍ ☐ 5 - 15 ବର୍ଷ ☐ 15 – 25 ବର୍ଷ ☐ 25 ବର୍ଷରୁ ଅଧିକ ☐

ସଙ୍କେତାଙ୍କନ

ଟିପ୍ପଣୀ: ସେହି ଘର ଯାହାର କାନ୍ଥ ଓ/କିମ୍ବା ଛାତ କାଠ ପଟା/ ଛପର ପତ୍ର /କିମ୍ବା ଘାସ / ଯେ କୌଣସି ପ୍ରକାରର ପାଳ /ବାଉଁଶ /ପ୍ଲାଷ୍ଟିକ କପଡା /ଆସ୍ବାଲ୍ଟ/କପଡ଼ା/କ୍ୟାନଭାସ୍/ତାର ପଲିନ ଏବଂ ସେ ଭଳି ଅନ୍ୟ ପଦାର୍ଥରେ ତିଆରି, ତାକୁ "କଞ୍ଚା" ନିର୍ମାଣ କହନ୍ତି ।

20. ଘର ହିସାବରେ ମୂଲ୍ୟ (ଦୟାପୂର୍ବକ ଏହି ସୂଚୀରେ 'କଞ୍ଚା' ଘରକୁ ସମ୍ମିଳିତ କରନ୍ତୁ , ସେହି ଘର ବିପକ୍ଷରେ ଟଙ୍କା ଆକାରରେ ବ୍ୟକ୍ତିଗତ ମୂଲ୍ୟ ଦିଅନ୍ତି)

ବ୍ଲକ ର ବିବରଣ	ଆୟୁ (ବର୍ଷ)	ଉଚ୍ଚତା (ମିଟର)	ନିର୍ମାଣ ପକ୍କା/ କଞ୍ଚା	ବୀମିତ ରାଶି ଟ.				
				ପ୍ଲିଛ ସହିତ ଘର ଟ.	ଯନ୍ତ୍ରପାତି ଆବଶ୍ୟକୀୟ ଜିନିଷପତ୍ର ଟ.	ଅଫିସ ଓ ଅନ୍ୟାନ୍ୟ ଉପକରଣ ଟ.	ଷ୍ଟକ୍ ଇଟ ଷ୍ଟକ୍ସ- ଇନ ପ୍ରକ୍ରିୟା ଟ.	ବୀମିତ ହେବାକୁ ଥିବା ଅନ୍ୟାନ୍ୟ ସମ୍ପତ୍ତି ଟ.
ମୋଟ								

ପ୍ରତ୍ୟେକ ବ୍ଲକ ର ବିବରଣୀ ପାର୍ଥକ୍ୟଗତ ହାର ନିର୍ଦ୍ଧାରଣ କରିବ ଯଦି ପ୍ରଯୁଜ୍ୟ

ଟିପ୍ପଣୀ:** ସେହି ସଂରକ୍ଷିତ ଜିନିଷସବୁକୁ ସୂଚୀତ କରେ ଯେଉଁଗୁଡ଼ିକ ସାଧାରଣ ରୂପେ ଆବୃତ ହୁଅନ୍ତି ଏବଂ ନିମ୍ନରେ ଦିଆଯାଇଥିବା କ୍ରମିକ ସଂଖ୍ୟା କ, ଖ, ଗ ଓ ଘ ଅନ୍ତର୍ଗତ ଆସନ୍ତି ନାହିଁ ।

21. କେବଳ ଷ୍ଟକ୍ ଗୁଡିକ ପାଇଁ ବିଶେଷ ଆବରଣ	
ଦୟାପୂର୍ବକ ନିମ୍ନରେ ଦିଆଯାଇଥିବା ବକ୍ସରେ ଟିକ୍ କରନ୍ତୁ ଏବଂ ପ୍ରତ୍ୟେକଙ୍କ ବିରୁଦ୍ଧରେ ବୀମିତ ହେବାକୁ ଥିବା ରାଶି ଉଲ୍ଲେଖ କରନ୍ତୁ	
କ. ଫ୍ଲୋଟର ଆଧାରରେ :	
ବିଭିନ୍ନ ସ୍ଥାନରେ (ପ୍ରକ୍ରିୟା ବ୍ଲକ, ୱେର ହାଉସ/ ଗୋଦାମ ଓ / କିମ୍ବା ଖୋଲା ଜାଗା ଆଦିରେ) ଥିବା ଷ୍ଟକ୍ ଗୁଡିକ କେବଳ ଏକ ବୀମିତ ରାଶି ଅନ୍ତର୍ଗତ ଫ୍ଲୋଟର ଆଧାରରେ ଆବୃତ କରାଯାଇପାରେ ।	
ସ୍ଥାନ (ଡାକ ଠିକଣା ପିନ କୋଡ୍ ସହିତ)	**ରାଶି ଟ.**
ଖ. ଘୋଷଣାପତ୍ର ଆଧାରରେ	
ଯେଉଁ ଷ୍ଟକ୍ ସବୁର ମୂଲ୍ୟ ପରିବର୍ତ୍ତିତ ହେଉଥାଏ, ସେଗୁଡିକୁ (ମାସିକ)ଘୋଷଣାପତ୍ର ଆଧାରରେ ଆବୃତ କରାଯାଇପାରେ ।	
ସ୍ଥାନ (ଡାକ ଠିକଣା ପିନ କୋଡ ସହିତ)	**ରାଶି ଟ.**
ଟିପ୍ପଣୀ: ସର୍ବନିମ୍ନ ବୀମିତ ରାଶି ହେଉଛି ଟ, 1 କୋଟି, ଏବଂ ପଲିସୀ ଅଳ୍ପ ଅବଧି ଆଧାରରେ ଜାରୀ ହୁଏ ନାହିଁ । ପ୍ରକ୍ରିୟାରେ ଥିବା ଷ୍ଟକ ଓ ରେଲୱେ ସାଇଡିଙ୍ଗ୍ସ ରେ ଥିବା ଷ୍ଟକ ସବୁକୁ ଆବୃତ କରାଯାଇ ପାରିବ ନାହିଁ ।	
ଗ. ଫ୍ଲୋଟର ଘୋଷଣାପତ୍ର ଆଧାରରେ:	
ଯେଉଁ ଷ୍ଟକସବୁର ମୂଲ୍ୟ ପରିବର୍ତ୍ତିତ ହେଉଥାଏ ଏବଂ କେବଳ ଏକ ବୀମିତ ରାଶି ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସୁରକ୍ଷିତ ରଖାଯାଇଥାଏ , ସେଗୁଡିକୁ (ମାଲିକ) ଫ୍ଲୋଟର ଘୋଷଣାପତ୍ର ଆଧାରରେ ଆବୃତ କରାଯାଇପାରେ ।	
ସ୍ଥାନ (ଡାକ ଠିକଣା ପିନ କୋଡ ସହିତ)	**ରାଶି ଟ.**
ଟିପ୍ପଣୀ: 1. ସର୍ବନିମ୍ନ ବୀମିତ ରାଶି ହେଉଛି ଟ. 2 କୋଟି 2. ପ୍ରକ୍ରିୟାରେ ଥିବା ଷ୍ଟକ ଓ ରେଲୱେ ସାଇଡିଙ୍ଗ୍ସରେ ଥିବା ଷ୍ଟକସବୁକୁ ଆବୃତ କରାଯାଇ ପାରିବ ନାହିଁ ।	
ଘ. ଖୋଲା ସ୍ଥାନ (କାରଖାନା ପରିସର ବାହାରେ) ରେ ସଂରକ୍ଷିତ ରଖା ଯାଇଥିବା ଷ୍ଟକ୍	
ଖୋଲାରେ ସଂରକ୍ଷିତ ରଖାଯାଇଥିବା ଷ୍ଟକ୍ ର ବିବରଣୀ :	
ସ୍ଥାନ (ଡାକ ଠିକଣା ପିନ କୋଡ ସହିତ)	**ରାଶି ଟ.**
ଙ. ଟ୍ୟାଙ୍କ ଫାର୍ମ ଏବଂ ଗ୍ୟାସ ହୋଲ୍ଡର (କାରଖାନା ପରିସର ବାହାରେ ସ୍ଥିତ)	
ଖୋଲାରେ ସଂରକ୍ଷିତ ରଖାଯାଇଥିବା ଷ୍ଟକ୍ ର ବିବରଣୀ	
ସ୍ଥାନ (ଡାକ ଠିକଣା ପିନ କୋଡ ସହିତ)	**ରାଶି ଟ.**

ଚୟନ କରାଯାଇଥିବା ଆବରଣର ଆଧାର ପ୍ରସ୍ତାବକ ଦ୍ୱାରା ଅନୁପାଳନ କରିବାକୁ ଥିବା କିଛି କର୍ତ୍ତବ୍ୟ ଦେଇଥାଏ । ଦାବୀ ସମାଧାନ ପାଇଁ ଆଧାର

ବିଶେଷ ଅନୁଜ୍ଞପ୍ତି ପ୍ରଯୁଜ୍ୟ ହେବ

ସଂକଟ ଆବୃତ କରେ ଏବଂ ଠିକ୍ ରୂପେ ହାର ନିର୍ଦ୍ଧାରଣ କରେ

ଆପଣ ସ୍ୱୈଚ୍ଛିକ କାଟଯୋଗ୍ୟ ପାଇଁ ଡିସ୍କାଉଣ୍ଟ ପାଇବା ପାଇଁ ଚାହାନ୍ତି କି	**ହଁ** ☐ **ନାହିଁ** ☐
ଯଦି ଉତ୍ତର ହଁ ଅଟେ, କାଟିବା ଯୋଗ୍ୟ ରାଶିର ଚୟନ ସୂଚୀତ କରନ୍ତୁ	**ଟ.**

ଘୋଷଣା ପତ୍ର

ପରମ ସଭାବର ସିଦ୍ଧାନ୍ତ

ମୁଁ/ ଆମେ ଏତଦ୍ଦ୍ୱାରା ଘୋଷଣା କରୁଛି/ କରୁଛୁ ଯେ ଏହି ପ୍ରସ୍ତାବ ଫର୍ମରେ ମୋ/ ଆମ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟଗୁଡିକ ମୋ/ ଆମର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ହିସାବରେ ସତ୍ୟ ଅଟେ ଏବଂ ମୁଁ/ ଆମେ ଏତଦ୍ଦ୍ୱାରା ସମ୍ମତି ପ୍ରଦାନ କରୁଛିକରୁଛୁ ଯେ ଏହି ଘୋଷଣାପତ୍ର ମୋ/ ଆମ ଏବଂ _____ ମଧ୍ୟରେ ଅନୁବନ୍ଧର ଆଧାର ହେବ ।

ଏହି ଫର୍ମର ଉପସ୍ଥାପନା ପରେ ଯଦି ପ୍ରସ୍ତାବିତ ସଙ୍କଟରେ କୌଣସି ଯୋଗ କିମ୍ବା ପରିବର୍ତ୍ତନ ହୁଏ, ତେବେ ତାହାକୁ ବିଷୟରେ ବୀମାକର୍ତ୍ତାଙ୍କୁ ଅତିଶୀଘ୍ର ଜଣାଇ ଦିଆଯିବ ।

ତାରିଖ:

ସ୍ଥାନ:

ପ୍ରସ୍ତାବକଙ୍କ ସ୍ୱାକ୍ଷର ଏବଂ କମ୍ପାନୀର ମୋହର

ଅଭିକର୍ତ୍ତାଙ୍କ ସୁପାରିଶ:

ବୀମା ଅଧିନିୟମ 1938 ର ଅନୁଭାଗ 41 ର ପ୍ରତିଲିପି ନିମ୍ନରେ ଦିଆ ଯାଇଛି

ରିବେଟ (ଛୁଟ) ର ନିରାକରଣ

1. କୌଣସି ବ୍ୟକ୍ତି ଭାରତରେ ଜୀବନ କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ପ୍ରକାରର ସଙ୍କଟ ଉପରେ ଏକ ବୀମା ନେବା ପାଇଁ କିମ୍ବା ତାକୁ ନୂତନୀକରଣ କରିବା ପାଇଁ କିମ୍ବା ଚାଲୁ ରଖିବା ପାଇଁ ଏକ ଉତପ୍ରେରଣ (ପ୍ରଲୋଭନ) ରୂପେ, ଦେୟ କମିଶନର ସଂପୂର୍ଣ୍ଣ କିମ୍ବା ଅଂଶର କୌଣସି ଛୁଟ କିମ୍ବା ପଲିସୀ ଉପରେ ଦର୍ଶାଯାଇଥିବା ପ୍ରିମିୟମର କୌଣସି ଛୁଟ, ପ୍ରତ୍ୟକ୍ଷ ରୂପେ ଅଥବା ଅପ୍ରତ୍ୟକ୍ଷ ରୂପେ, ସ୍ୱୀକାର କରିବ ନାହିଁ କିମ୍ବା ସ୍ୱୀକୃତିର ପ୍ରସ୍ତାବ ଦେବ ନାହିଁ କିମ୍ବା ଏକ ପଲିସୀ ନେଉଥିବା କିମ୍ବା ନୂତନୀକରଣ କରୁଥିବା କିମ୍ବା ଚାଲୁ ରଖୁଥିବା ଏକ ବ୍ୟକ୍ତି, ବୀମାକର୍ତ୍ତାଙ୍କ ପ୍ରକାଶିତ ବିବରଣୀକା କିମ୍ବା ସାରଣୀ ଅନୁସାରେ ସ୍ୱୀକୃତ ଛୁଟ ବ୍ୟତୀତ, କୌଣସି ଅନ୍ୟ ଛୁଟ ଗ୍ରହଣ କରିବ ନାହିଁ ।

2. କୌଣସି ବ୍ୟକ୍ତି ଏହି ଅନୁଭାଗର ପ୍ରାବଧାନକୁ ଅନୁପାଳନ କରିବାରେ ଦୋଷୀ ହେଲେ, ଏକ ଜୋରିମାନା ଦ୍ୱାରା ଦଣ୍ଡିତ ହେବ, ଯାହା ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ।

ଅଧ୍ୟାୟ 24

ପ୍ରିମିୟମ ହାର ନିର୍ଦ୍ଧାରଣର ସିଦ୍ଧାନ୍ତ ଏବଂ ବ୍ୟବହାରିକତା

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟରେ ଆପଣ ସଙ୍କଟାଙ୍କନ ଏବଂ ପ୍ରିମିୟମ ହାର ନିର୍ଦ୍ଧାରଣର ମୂଳତତ୍ତ୍ୱ ବିଷୟରେ ଜାଣିବେ । ଆପଣ ସଙ୍କଟଗୁଡିକର ହାର ନିର୍ଦ୍ଧାରଣ ପ୍ରକ୍ରିୟାରେ ଆସୁଥିବା ଆପଦଗୁଡିକ ସହିତ କାରବାର କରିବାର ବିଭିନ୍ନ ପଦ୍ଧତି ବିଷୟରେ ଜାଣିବେ । ବିଭିନ୍ନ ପ୍ରକାରର ବୀମା ପଲିସୀ ପାଇଁ "ବୀମିତ ରାଶି" କେମିତି ନିର୍ଦ୍ଧାରିତ କରାଯାଏ, ସେ ବିଷୟରେ ମଧ୍ୟ ଆପଣ ଅବଗତ ହେବେ ।

ଅଧ୍ୟୟନ ପରିଣାମ

କ. ସଙ୍କଟାଙ୍କନ ମୂଳତତ୍ତ୍ୱ

ଖ. ହାର ନିର୍ଦ୍ଧାରଣ ମୂଳତତ୍ତ୍ୱ

ଗ. ହାର ନିର୍ଦ୍ଧାରଣ କାରକ

ଘ. ବୀମିତ ରାଶି

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହେବେ :

1. ସଙ୍କଟାଙ୍କନର ମୂଳତତ୍ତ୍ୱଗୁଡିକୁ ପରିଭାଷିତ କରିବା ପାଇଁ
2. ହାର ନିର୍ଦ୍ଧାରଣର ମୂଳତତ୍ତ୍ୱଗୁଡିକୁ ବ୍ୟାଖ୍ୟା କରିବା ପାଇଁ
3. ବିଭିନ୍ନ ପଲିସୀ ଅନ୍ତର୍ଗତ 'ବୀମିତ ରାଶି' ନିର୍ଦ୍ଧାରିତ କରିବା ପାଇଁ

କ. ସଙ୍କଟାଙ୍କନ ମୂଳତତ୍ତ୍ୱ

ପୂର୍ବବର୍ତ୍ତୀ ଅଧ୍ୟାୟଗୁଡିକର ଆମେ ଦେଖିଛୁ ଯେ ବୀମାର ସିଦ୍ଧାନ୍ତ ସମୁଚ୍ଚୟକରଣ ଜରିଆରେ ସଙ୍କଟର ପ୍ରବନ୍ଧ କରିବା ସହିତ ସଂଶ୍ଳିଟ ବୀମାକର୍ତ୍ତାମାନେ ଏକ ସମୁଚ୍ଚୟ ସୃଷ୍ଟି କରନ୍ତି ଯେଉଁଥିରେ ଅନେକ ବ୍ୟକ୍ତି/ବ୍ୟବସାୟିକ/ ଔଦ୍ୟୋଗିକ ଫାର୍ମ/ ସଂଗଠନଗୁଡିକ ଦ୍ୱାରା ପ୍ରସ୍ତୁତ ପ୍ରିମିୟମ ସମ୍ମିଳିତ ।

ପ୍ରତ୍ୟେକଙ୍କ ଦ୍ୱାରା ପ୍ରଦାନ କରିବାକୁ ଥିବା ପ୍ରିମିୟମ ରାଶି ଏକ ହାର ଉପରେ ନିର୍ଭର କରେ, ଯାହା ଦୁଇଟି କାରକ ଦ୍ୱାରା ନିର୍ଦ୍ଧାରିତ ହୁଏ ;

- ✓ ଏକ କ୍ଷତି ଘଟଣା (ବୀମିତ ବିପଦ ଜନିତ) କାରଣରୁ ହେଉଥିବା କ୍ଷତିର ସମ୍ଭାବ୍ୟତା
- ✓ କ୍ଷତି ଘଟଣା କାରଣ ଜନିତ କ୍ଷତିର ଆକଳିତ ପରିମାଣ/ରାଶି

ଉଦାହରଣ

ମନେକରନ୍ତୁ ଏକ ଅଗ୍ନିକାଣ୍ଡ ଫଳରେ ହୋଇଥିବା କ୍ଷତିର ହାରାହାରି ରାଶି ପରିମାଣ ଟ 100000 (ଯାହାକୁ ଆମେ L ରୂପେ ସୂଚୀତ କରିବା)

କ୍ଷତିର ହାରାହାରି ସମ୍ଭାବ୍ୟତା [P ଦ୍ୱାରା ସୂଚୀତ] ହେଲା 1/100 [କିମ୍ବା 0.01]

ତେବେ ହାରାହାରି ପ୍ରତ୍ୟାଶିତ କ୍ଷତି ହେବ : L x P = 0.01 x 100000 = 1000

ବୀମାକର୍ତ୍ତା କେମିତି ସୁନିଶ୍ଚିତ କରିବେ ଯେ ସମୁଚ୍ଚୟ ବାସ୍ତବରେ ହୋଇଥିବା କ୍ଷତିଗୁଡିକର ପ୍ରତିପୂରଣ କରିବାପାଇଁ ଯଥେଷ୍ଟ ଅଟେ ?

ଯେପରିକି ଆମେ ପୂର୍ବରୁ ଦେଖିଛୁ, ବୀମାର ସମଗ୍ର ପ୍ରକ୍ରିୟା ବହୁତ ସଂଖ୍ୟକ ସାଂଖ୍ୟିକ ଦୃଷ୍ଟିକୋଣରୁ ସଦୃଶ ସଙ୍କଟଗୁଡିକର ସମୁଚ୍ଚୟକରଣ ସହିତ ସଂଶ୍ଳିଷ୍ଟ ଯାହାଦ୍ୱାରା ଅନେକ ସଂଖ୍ୟକର ନିୟମ ଲାଗୁହେବ ଏବଂ କ୍ଷତି ସଂଖ୍ୟାର ସମ୍ଭାବ୍ୟତା (ବାରମ୍ବାରତା) ତଥା କ୍ଷତିର ବିସ୍ତାର (ଗମ୍ଭୀରତା) ପୂର୍ବାନୁମେୟ ହୋଇଯାଏ ।

ସମସ୍ୟା ହେଉଛି ଯେ ସମସ୍ତ ସଙ୍କଟ ଏକାପ୍ରକାରର ନୁହନ୍ତି । ଠିକ୍ ସମାନ (କିମ୍ବା 'ସମରୂପତା') ସଙ୍କଟଗୁଡିକର ସମୁଚ୍ଚୟ ବହୁତ କମ୍ ଥାଇପାରେ ।

ଉଦାହରଣ ସ୍ୱରୂପ, ଆପଣ କେତେ ଘର ପାଇବେ ଯେଉଁ ଗୁଡିକ ଠିକ୍ ସମାନ ପ୍ରକାରର ଏବଂ ଠିକ୍ ସମାନ ବାହ୍ୟ ପରିବେଶରେ ସ୍ଥିତ ? ବହୁତ ନୁହେଁ ।

ଯେତେବେଳେ ସମୁଚ୍ଚୟ ଆକାର ବଢ଼ି ବଢ଼ି ଯାଏ, ଏହା ଅଣ ସଦୃଶ ସଙ୍କଟଗୁଡିକୁ ସମ୍ମିଳିତ କରିବା ସ୍ୱାଭାବିକ, ଯେଉଁଗୁଡିକ ସମାନ କିମ୍ବା ସଦୃଶ ସଙ୍କଟ ଗୁଡିକର ସମ୍ମୁଖୀନ ହୁଅନ୍ତି । ବୀମାକର୍ତ୍ତା ଏଇଠି ଏକ ମାନସିକ ଦ୍ୱନ୍ଦର ସମ୍ମୁଖୀନ ହୁଅନ୍ତି ।

ସେଭଳି ଏକ ସମୁଚ୍ଚୟ କିପରି ସୃଷ୍ଟି କରିବାକୁ ପଡିବ ଯାହା ଏତେ ବଡ ହୋଇଥିବ ଯେ ସଙ୍କଟ ଅଧିକ ପୂର୍ବାନୁମେୟ ହେବ ଏବଂ ତତ୍ ସହିତ ସୁନିଶ୍ଚିତ କରିବ ଯେ ସମୁଚ୍ଚୟ ଯଥେଷ୍ଟ ରୂପେ ଏକ ପ୍ରକାରର ହେବ ଓ ସମାନ ପ୍ରକାରର ସଙ୍କଟଗୁଡିକୁ ସମ୍ମିଳିତ କରିବ ?

ବୀମାକର୍ତ୍ତାମାନେ ଏହି ସମସ୍ୟାର ଏ ସମାଧାନ ବାହାର କରିଛନ୍ତି ।

ସେମାନେ ଏକ ସମୁଚ୍ଚୟ ସୃଷ୍ଟି କରନ୍ତି ଯାହା ଯଥେଷ୍ଟ ବଡ, ତତ୍ ସହିତ ତା' ମଧ୍ୟରେ ଉପ-ସମୁଚ୍ଚୟଗୁଡିକ ଉତ୍ପନ୍ନ କରନ୍ତି ଏବଂ ବୈୟକ୍ତିକ ସଙ୍କଟଗୁଡିକୁ ଗୋଟିଏ କିମ୍ବା ଅନ୍ୟ ଉପ-ସମୁଚ୍ଚୟ ମଧ୍ୟରେ ସ୍ଥାପିତ କରନ୍ତି । ଉପ-ସମୁଚ୍ଚୟଗୁଡିକ ଉପସ୍ଥିତ ଥିବା ସଙ୍କଟର ଗମ୍ଭୀରତା ଅନୁସାରେ ସଙ୍କଟଗୁଡିକୁ ବିଭିନ୍ନ ବର୍ଗରେ ବିଭକ୍ତ କରି ସୃଷ୍ଟି କରାଯାଏ ।

ଉଦାହରଣ

ସମ୍ପତ୍ତି ବୀମା କ୍ଷେତ୍ରରେ, ପଥର ନିର୍ମିତ ଆକୃତି ଅପେକ୍ଷା କାଷ୍ଠ ନିର୍ମିତ ଆକୃତିରେ ନିଆଁ ଲାଗିବା ଆଶଙ୍କା ଅଧିକ; ତେଣୁ, କାଷ୍ଠ ନିର୍ମିତ ଆକୃତିକୁ ବୀମିତ କରିବା ପାଇଁ ଏକ ଉଚ୍ଚ ପ୍ରିମିୟମ ଆବଶ୍ୟକ ହୁଏ ।

ସେହି ଏକା ପ୍ରକାରର ସିଦ୍ଧାନ୍ତ ସ୍ୱାସ୍ଥ୍ୟ ବୀମାରେ ମଧ୍ୟ ଲାଗୁ ହୁଏ । ଉଚ୍ଚ ରକ୍ତ ଚାପ କିମ୍ବା ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିବା ଏକ ବ୍ୟକ୍ତିର ହୃଦ୍ ଘାତରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥାଏ ।

ଏକ ରୋଗର ଉପଚାର ପାଇଁ ମେଡିକାଲ ଖର୍ଚ୍ଚର ସଙ୍କଟକୁ ବିଚାର କରନ୍ତୁ । ଏକ ଉତ୍ତମ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତି ତୁଳନାରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗର ଆକ୍ରାନ୍ତ ହୋଇଥିବା ବ୍ୟକ୍ତିର ସଙ୍କଟ ଅଲଗା ହେବ ।

ସଙ୍କଟଗୁଡିକର ବର୍ଗୀକରଣ ଏବଂ ସେଗୁଡିକୁ କେଉଁ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯିବ, ତାହାର ନିର୍ଣ୍ଣୟର ପ୍ରକ୍ରିୟା ହାର ନିର୍ଦ୍ଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

1. **ସଙ୍କଟାଙ୍କନର ମୂଳତତ୍ତ୍ୱ**

ପରିଭାଷା

ସଙ୍କଟାଙ୍କନ ହେଉଛି, ବୀମା ପାଇଁ ପ୍ରସ୍ତାବିତ ଏକ ସଙ୍କଟ ସ୍ୱୀକାର୍ଯ୍ୟ କି ନୁହେଁ, ଏହା ନିର୍ଦ୍ଧାରଣ କରିବାର ପ୍ରକ୍ରିୟା, ଏବଂ ଯଦି ସ୍ୱୀକାର୍ଯ୍ୟ, କେଉଁ ହାର, ସର୍ତ୍ତ ଓ ଅନୁବନ୍ଧରେ ବୀମା ଆବରଣକୁ ସ୍ୱୀକାର କରାଯିବ ।

ସଙ୍କଟାଙ୍କନ, ଏକ ବୈଷୟିକ ଅର୍ଥରେ, ନିମ୍ନ ଚରଣଗୁଡିକୁ ସମ୍ମିଳିତ କରେ :

i. କ୍ଷତିର ବାରମ୍ବାରତା ଓ ଗମ୍ଭୀରତା ହିସାବରେ ଆପଦ ଓ ସଙ୍କଟର ଆକଳନ ଏବଂ ମୂଲ୍ୟାଙ୍କନ

ii. ପଲିସୀ ଆଚ୍ଛାଦନ (ସୁରକ୍ଷା ରାଶି) ଏବଂ ସର୍ତ୍ତ ଓ ଅନୁବନ୍ଧର ନିରୂପଣ

iii. ପ୍ରିମିୟମ ହାର ନିର୍ଦ୍ଧାରଣ

ପ୍ରଥମତଃ, ସଙ୍କଟାଙ୍କକ ନିର୍ଣ୍ଣୟ ନିଏ ଯେ ସଙ୍କଟକୁ ସ୍ୱୀକାର କରିବ କି ନାହିଁ ।

ଦ୍ୱିତୀୟ ଚରଣ ହେବ ସେହି ହାର, ସର୍ତ୍ତ ଓ ଅନୁବନ୍ଧକୁ ନିର୍ଦ୍ଧାରିତ କରିବା ଯାହା ଅନ୍ତର୍ଗତ ସଙ୍କଟକୁ ସ୍ୱୀକାର କରାଯିବ ।

ସଙ୍କଟାଙ୍କନ କୌଶଳଗୁଡିକ ଯଥେଷ୍ଟ ପ୍ରଶିକ୍ଷଣ, କାର୍ଯ୍ୟ କ୍ଷେତ୍ରର ସମ୍ମୁଖୀନ ଏବଂ ଗଭୀର ଅନ୍ତଜ୍ଞାନ ନିହିତ ଥିବା ଏକ ଅନବରତ ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଅର୍ଜିତ କରାଯାଏ । ଏକ ଅଗ୍ନି ବୀମା ସଙ୍କଟାଙ୍କକ ହେବା ପାଇଁ ଜଣେ ବ୍ୟକ୍ତି ପାଖରେ ନିଆଁର ସମ୍ଭାବ୍ୟ କାରଣ, ବିଭିନ୍ନ ଭୌତିକ ଜିନିଷ ଓ ସମ୍ପତ୍ତି ଉପରେ ନିଆଁର ପ୍ରଭାବ, ଏକ ଉଦ୍ୟୋଗରେ ସଂଶ୍ଳିଷ୍ଟ ପ୍ରକ୍ରିୟା, ଭୂଗୋଳ, ପାଗ ସମ୍ବନ୍ଧୀୟ ସ୍ଥିତି ଇତ୍ୟାଦି ବିଷୟ ଉତ୍ତମ ଜ୍ଞାନ ଥିବା ଆବଶ୍ୟକ ।

ସେହିଭଳି ଏକ ସାମୁଦ୍ରିକ ବୀମା ସଙ୍କଟାଙ୍କନ ବନ୍ଦର/ରାସ୍ତା ଅବସ୍ଥା, ଆଦାନ ପ୍ରଦାନ କିମ୍ବା ସଂରକ୍ଷଣ ସମୟରେ କାର୍ଗୋ/ ଜିନିଷପତ୍ର ସମ୍ମୁଖୀନ ହେଉଥିବା ସମସ୍ୟା, ଜାହାଜ ଓ ସେଗୁଡିକର ସାମୁଦ୍ରିକ ଯୋଗ୍ୟତା ଇତ୍ୟାଦି ସମ୍ବନ୍ଧରେ ନିଶ୍ଚିତରୂପେ ଆବଗତ ଥିବା ଆବଶ୍ୟକ।

ଏକ ସ୍ୱାସ୍ଥ୍ୟ ସଙ୍କଟାଙ୍କକ ବୀମିତର ସଙ୍କଟ ପ୍ରୋଫାଇଲ, ଆୟୁ, ସ୍ୱାସ୍ଥ୍ୟଗତ ପାର୍ଶ୍ୱ, ସୁସ୍ଥତା ସ୍ତର ଓ ପରିବାର ଇତିହାସ ବିଷୟରେ ବୁଝିବା ଆବଶ୍ୟକ ଏବଂ ସଙ୍କଟକୁ ପ୍ରଭାବିତ କରୁଥିବା ପ୍ରତ୍ୟେକ କାରକର ପ୍ରଭାବକୁ ମାପିବା ଆବଶ୍ୟକ ।

କ) ସଙ୍କଟାଙ୍କନ, ଇକ୍ୟୁଟୀ (ସମାନ ଅଂଶ) ଏବଂ ବ୍ୟବସାୟ ନିରନ୍ତରତା

ବୀମାରେ ସତର୍କ ସଙ୍କଟାଙ୍କନ ଓ ସଙ୍କଟ ବର୍ଗୀକରଣର ଆବଶ୍ୟକତା ଏହି ସାଧାରଣ ତଥ୍ୟରୁ ଉତ୍ପନ୍ନ ହୁଏ ଯେ ସମସ୍ତ ସଙ୍କଟ ସମାନ ନୁହନ୍ତି । ଏହି ପ୍ରକାରେ ପ୍ରତ୍ୟେକ ସଙ୍କଟକୁ ଯଥାର୍ଥ ରୂପେ ଆକଳନ କରିବା ଆବଶ୍ୟକ ଏବଂ କ୍ଷତି ଘଟଣା ଓ ଗମ୍ଭୀରତାର ସମ୍ଭାବ୍ୟତା ଅନୁସାରେ ଏହାର ମୂଲ୍ୟାଙ୍କନ କରିବା ଆବଶ୍ୟକ ।

ଯେହେତୁ ସବୁ ସଙ୍କଟଗୁଡିକ ସମାନ ନୁହେଁ, ବୀମିତ ହେବାକୁ ଥିବା ସମସ୍ତ ବ୍ୟକ୍ତିଙ୍କୁ, ସମାନ ପ୍ରିମିୟମ ଦେବା ପାଇଁ କହିବା ନ୍ୟାୟ ହେବ ନାହିଁ । ସଙ୍କଟାଙ୍କନର ଉଦ୍ଦେଶ୍ୟ ହେଉଛି ସଙ୍କଟଗୁଡିକୁ ବର୍ଗୀକରଣ କରିବା ଯାହା ଫଳରେ, ସେମାନଙ୍କ ଲକ୍ଷଣ ଓ ସମ୍ମୁଖୀନ ହେଉଥିବା ସଙ୍କଟର ଗମ୍ଭୀରତା ଅନୁଯାୟୀ, ଏକ ଯଥାର୍ଥ ହାରର ପ୍ରିମିୟମ ଅଧିରୋପିତ କରାଯାଇପାରେ।

ପ୍ରତ୍ୟେକ ବୀମାକର୍ତ୍ତାର ଏହାର ଉଚିତ ବୀମାଧାରୀମାନଙ୍କ ଉପରେ ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ଅଛି ଯେ ଏହା ବିଦ୍ୟମାନ ପଲିସୀସବୁର ସମସ୍ତ ଅନୁବନ୍ଧୀୟ ଦାୟିତ୍ୱଗୁଡିକୁ ନିଭାଇବାକୁ ସକ୍ଷମ ଅଟେ । ଯଦି ବୀମା କମ୍ପାନୀ ଅଣବୀମାଯୋଗ୍ୟ ସଙ୍କଟଗୁଡିକ ଉପରେ ପଲିସୀସବୁ ଜାରୀ କରେ କିମ୍ବା ସଙ୍କଟକୁ ଆବୃତ କରୁଥିବା ଆବଶ୍ୟକୀୟ ପ୍ରିମିୟମ ଅପେକ୍ଷା ଅତି କମ୍ ପ୍ରିମିୟମ ଚାର୍ଜ କରେ, ଏହାର ପରିଣାମ ବୀମାକର୍ତ୍ତା ତା' ଅନୁବନ୍ଧୀୟ ଦାୟିତ୍ୱଗୁଡିକୁ ନିଭାଇବାର କ୍ଷତି କ୍ଷମତାକୁ ସଙ୍କଟରେ ପକାଇବା ହେବ ।

ଅନ୍ୟ ପକ୍ଷରେ, ଏକ ବୀମାକର୍ତ୍ତା, ଯିଏ ସେହି ସଙ୍କଟଗୁଡିକ ପାଇଁ ଅତ୍ୟଧିକ ହାରରେ ଚାର୍ଜ କରିବା ପାଇଁ ଚାହେଁ ଯାହା ସେତେ ଅଧିକ ହାରର ଅଧିକାରୀ ନୁହେଁ, ତା' ପାଇଁ ତା' ବ୍ୟବସାୟ ଅଣ ସ୍ପର୍ଦ୍ଧାତ୍ମକ ଓ ଅରକ୍ଷଣୀୟ ହୋଇପାରେ ।

ସଙ୍କଟାଙ୍କନର ମୂଖ୍ୟ ବିଶେଷତା ନିମ୍ନଲିଖିତ ହୋଇପାରେ -

i. ବୈଶିଷ୍ଟ୍ୟତାଗୁଡିକ ଉପରେ ପର୍ଯ୍ୟବେଶିତ ସଙ୍କଟକୁ ଚିହ୍ନଟ କରିବା

ii. ପ୍ରସ୍ତାବକଦ୍ୱାରା ଉପସ୍ଥାପନା କରାଯାଇଥିବା ସଙ୍କଟର ସ୍ତର ନିର୍ଦ୍ଧାରିତ କରିବା

iii. ବୀମା ବ୍ୟବସାୟ ସୁସ୍ଥରୂପେ ଚାଳିତ ହେଉଛି ବୋଲି ସୁନିଶ୍ଚିତ କରିବା

ମୋଟାମୋଟି ରୂପେ, ସ୍ୱୀକାର୍ଯ୍ୟତା, ପ୍ରିମିୟମ ଓ ଅନ୍ୟ ସର୍ତ୍ତଗୁଡିକର ଯଥାର୍ଥତାର ସ୍ତରକୁ ନିର୍ଦ୍ଧାରିତ କରି ସଙ୍କଟାଙ୍କନର ଉଦ୍ଦେଶ୍ୟଗୁଡିକ ସାଧିତ ହୋଇପାରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 1

ସେହି ଦୁଇଟି କାରକକୁ ଚିହ୍ନିତ କରନ୍ତୁ ଯାହା ବୀମା ହାର ନିର୍ଦ୍ଧାରଣକୁ ପ୍ରଭାବିତ କରନ୍ତି ।

I. ସଙ୍କଟର ସମ୍ଭାବ୍ୟତା ଓ ଗମ୍ଭୀରତା

II. ସଙ୍କଟର ଉତ୍ସ ଓ ପ୍ରକୃତି

III. ସଙ୍କଟର ଉତ୍ସ ଓ ସମୟ ତାଳ

IV. ସଙ୍କଟର ପ୍ରକୃତି ଓ ପ୍ରଭାବ

ଖ. ହାରନିର୍ଦ୍ଧାରଣ ମୂଳତତ୍ତ୍ୱ

ବୀମା ବୀମାକର୍ତ୍ତାଙ୍କୁ ସଙ୍କଟ ହସ୍ତାନ୍ତରଣ ଉପରେ ପର୍ଯ୍ୟବେଶିତ । ଏକ ବୀମା ପଲିସୀ କ୍ରୟ କରି, ବୀମିତ ସେହି ବିପଦ ଯାହା ବିରୁଦ୍ଧରେ ସମ୍ପତ୍ତିଟି ବୀମିତ କରାଯାଇଥାଏ , ତାହାଠାରୁ ହେଉଥିବା ଆର୍ଥିକ କ୍ଷତିର ପ୍ରଭାବକୁ ହ୍ରାସ କରେ ।

ଉଦାହରଣ

ଯଦି ଜଣେ ଏକ କାର ଚଳାଏ, ଏକ ସଙ୍କଟ ଥାଏ କି ଏକ ଦୁର୍ଘଟଣାରେ ଏହା ନଷ୍ଟ ହୋଇପାରେ । ଯଦି ମାଲିକ ପାଖରେ ମୋଟର ବୀମା ଥାଏ, କାର ନଷ୍ଟ ହେବା ଘଟଣାରେ, ବୀମା କମ୍ପାନୀ ମରାମତି ପାଇଁ ରାଶି ପ୍ରଦାନ କରିବ ।

ବୀମା ଦାବୀ ଓ ଖର୍ଚ୍ଚର ଭବିଷ୍ୟତ ମୂଲ୍ୟ ଲାଭର ମାର୍ଜିନ ସହିତ, କୁ ଆବୃତ କରିବା ପାଇଁ ମୂଲ୍ୟ ହିସାବ କରିବାର ଏକ ପ୍ରକ୍ରିୟାକୁ କମ୍ପାନୀ ଗ୍ରହଣ କରିବା ଆବଶ୍ୟକ । ଏହାକୁ ହାର ନିର୍ଦ୍ଧାରଣ କୁହାଯାଏ ।

ହାର ହେଉଛି ଏକ ଦତ୍ତ ବୀମା ୟୁନିଟର ମୂଲ୍ୟ ।

ଉଦାହରଣ ସ୍ୱରୂପ, ହାରକୁ ଭୂମିକମ୍ପ ଆଚ୍ଛାଦନ ପାଇଁ ଟ 1.00 ପ୍ରତି ମିଲି ରୂପେ ପ୍ରକାଶ କରାଯାଇପାରେ ।

ହାରଗୁଡିକ କ୍ଷତିର ସମ୍ଭାବ୍ୟତା ଏବଂ ଗମ୍ଭୀରତା ଅନୁସାରେ ଅଲଗା ହୋଇଥାନ୍ତି । ଅତୀତର ପ୍ରଥା ଓ ଚଳିତ ପରିବେଶରେ ପରିବର୍ତ୍ତନ ଯାହା ଭବିଷ୍ୟତରେ ଗମ୍ଭୀର କ୍ଷତିକୁ ପ୍ରଭାବିତ କରିପାରେ, ଏହାକୁ ଦେଖିବା ପରେ ପ୍ରତ୍ୟେକ ହାରକୁ ନିର୍ଦ୍ଧାରିତ କରାଯାଏ ।

ଉଦାହରଣ

ଭୂମିକମ୍ପ ବୀମାର ଉପରୋକ୍ତ ଉଦାହରଣକୁ ବିଚାର କରନ୍ତୁ । ଚାର୍ଜ କରାଯାଉଥିବା ହାର ଏକ କଙ୍କ୍ରିଟ ଘର ଅପେକ୍ଷା ଏକ ଖରାପ ରେଖା ପାଖରେ ଓ ଏକ ଇଟା ଘର ପାଇଁ ଅଧିକ ହେବ । ଯେଉଁଠି ନଷ୍ଟ ହେବାର ଆଶଙ୍କା ଅଧିକ ଥାଏ ।

ସ୍ୱାସ୍ଥ୍ୟ ବୀମାର ଉଦାହରଣ ନେଲେ, ସଙ୍କଟର ପ୍ରତ୍ୟେକ ଘଟକ ଉପରେ ସାଂଖ୍ୟିକ କିମ୍ବା ଶତକଡ଼ା ଆକଳନ କରାଯାଏ । ଆୟୁ, ଜାତି, ବ୍ୟବସାୟ, ଅଭ୍ୟାସ ଆଦି ଭଳି କାରକଗୁଡିକୁ ପରୀକ୍ଷା କରାଯାଏ ଏବଂ ପୂର୍ବନିର୍ଦ୍ଧାରିତ ମାନକଗୁଡିକ ଉପରେ ଆଧାର କରି ସାଂଖ୍ୟିକ ରୂପେ ପ୍ରାପ୍ତଙ୍କ ଦିଆଯାଏ ।

ଧ୍ୟାନ ରଖନ୍ତୁ କି ହାର ଓ ପ୍ରିମିୟମ ସମାନ ନୁହେଁ ।

ପ୍ରିମିୟମ = (ବୀମିତ ରାଶି) x (ହାର)

1. ହାରନିର୍ଦ୍ଧାରଣର ଉଦ୍ଦେଶ୍ୟ

ହାର ନିର୍ଦ୍ଧାରଣ କରିବାର ମୂଳ ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଅଟେ ଯେ, ଉଭୟ ବୀମାକର୍ତ୍ତା ଓ ବୀମିତଙ୍କ ଦୃଷ୍ଟିକୋଣରୁ, ବୀମାର ମୂଲ୍ୟ ଯଥେଷ୍ଟ ଓ ଯଥାର୍ଥ ହେବା ଉଚିତ୍ ।

ବୀମାକର୍ତ୍ତା ଙ୍କ ଦୃଷ୍ଟିକୋଣରୁ, ଏହାର ଅର୍ଥ ହେଉଛି ଯେ ମୋଟ ରୂପେ ହାରଗୁଡିକ ଦାବୀ, ଖର୍ଚ୍ଚ ଓ କରନିର୍ଦ୍ଧାରଣର ରାଶି ପ୍ରଦାନ କରିବାକୁ ଯଥେଷ୍ଟ ହେବା ଆବଶ୍ୟକ ଏବଂ ଦୁଃଖଦ ଘଟଣା ପାଇଁ ଓ ଲାଭ ପାଇଁ ଯଥେଷ୍ଟ ମାର୍ଜିନ ଛାଡିବା ଆବଶ୍ୟକ।

ବୀମିତଙ୍କ ଦୃଷ୍ଟିକୋଣରୁ, ଯଥାର୍ଥ ହାରର ଅର୍ଥ ହେଉଛି ଯେ ଖର୍ଚ୍ଚ, ଦୁଃଖଦ ଘଟଣା ଓ ଲାଭ ପାଇଁ ଯଥାର୍ଥ ଚାର୍ଜ ସହିତ, ସମ୍ବନ୍ଧୀୟ ଆପଦସବୁକୁ ଆବୃତ କରିବା ପାଇଁ ଜଣେ ବ୍ୟକ୍ତିକୁ ଆବଶ୍ୟକୀୟ ରାଶିଠାରୁ ଅଧିକ ଦେବା ପାଇଁ ଆବଶ୍ୟକ ନୁହେଁ ।

ଅଗ୍ନି ପ୍ରିମିୟମ ହାରସବୁକୁ ଯଥାର୍ଥ ବୋଲି ବିଚାର କରାଯାଇପାରେ ଯଦି ସେଗୁଡିକୁ ସବୁ ବଡ଼ ବଡ଼ କାରକଗୁଡିକର ଧ୍ୟାନ ରଖନ୍ତି, ଯାହା ସଙ୍କଟକୁ ପ୍ରଭାବିତ କରନ୍ତି କିନ୍ତୁ ଛୋଟ କାରକଗୁଡିକୁ ଅବଜ୍ଞା କରନ୍ତି ଯାହା ମୋଟ ରୂପେ ଆକଳିତ ହାରରେ କେବଳ ଏକ କ୍ଷୁଦ୍ର ଅନ୍ତର ଆଣନ୍ତି ।

2. ପ୍ରିମିୟମ ହାର ନିର୍ଦ୍ଧାରଣ କରିବା

ଅତୀତ କ୍ଷତି ଅଭିଜ୍ଞତା ଆଧାରରେ ପ୍ରିମିୟମର ଶୁଦ୍ଧ ହାର ନିର୍ଣ୍ଣୟ କରାଯାଏ । ଏଣୁ କରି, ଅତୀତ ହାନିଗୁଡିକ ସମ୍ବନ୍ଧୀୟ ସାଂଖ୍ୟିକ ତଥ୍ୟ ହାର ସବୁର ନିର୍ଣ୍ଣୟ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ହାରଗୁଡିକ ନିର୍ଦ୍ଧାରିତ କରିବା ପାଇଁ, ସଙ୍କଟଗୁଡିକର ଏକ ଗାଣିତିକ ମୂଲ୍ୟ ଦେବା ଆବଶ୍ୟକ ଅଟେ ।

ଉଦାହରଣ

ଯଦି ଅନେକ ସଂଖ୍ୟକ ମୋଟର ସାଇକେଲର କ୍ଷତି ଅଭିଜ୍ଞତାକୁ ଧରନ୍ତୁ 10 ବର୍ଷର ଅବଧି ପର୍ଯ୍ୟନ୍ତ ଏକାଠି କରାଯାଏ, ଆମେ ଗାଡିଗୁଡିକର ନଷ୍ଟ କାରଣରୁ ହୋଇଥିବା କ୍ଷତିର ମୋଟ ପରିମାଣ ପାଇବା । କ୍ଷତିର ଏହି ପରିମାଣ ମୋଟର ସାଇକଲଗୁଡିକର ମୋଟ ମୂଲ୍ୟର ଶତକଡା ରୂପେ ପ୍ରକାଶ କରି ଆମେ ସଙ୍କଟର'ଗାଣିତିକ ମୂଲ୍ୟ' ନିର୍ଦ୍ଧାରଣ କରି ପାରିବା । ଏହାକୁ ନିମ୍ନ ଲିଖିତ ମୂତ୍ର ରୂପେ ପ୍ରକାଶ କରାଯାଇପାରେ :

$$M = \frac{L}{V} \times 100$$

L କ୍ଷତିସବୁର ମୋଟ ପରିମାଣକୁ ଏବଂ V ସମସ୍ତ ମୋଟର ସାଇକଲର ମୋଟ ମୂଲ୍ୟକୁ ସୂଚୀତ କରେ ।

ଆସନ୍ତୁ ମନେକରନ୍ତୁ ଯେ:

- ✓ ଏକ ମୋଟର ସାଇକଲର ମୂଲ୍ୟ ଟ 50,000/-
- ✓ କ୍ଷତି ଅଭିଜ୍ଞତା: 10 ବର୍ଷରେ 1000 ମୋଟର ସାଇକଲ ମଧ୍ୟରୁ, 50 ସାଇକଲ ଚୋରୀ ହୁଏ
- ✓ ହାରାହାରି ହିସାବରେ, ପ୍ରତ୍ୟେକ ବର୍ଷ ଚୋରୀ କାରଣରୁ ପାଞ୍ଚଟି ମୋଟର ସାଇକଲ ମୋଟ କ୍ଷତି ହୁଏ

ସୂତ୍ର ପ୍ରୟୋଗ କଲେ, ପରିଣାମ ହେବ:

କ୍ଷତି (ଟ.50,000X5) = ଟ. 2,50,000

ମୂଲ୍ୟ (ଟ. 50,000X1000) = ଟ. 5,00,00,000

ତେଣୁ ମୋଟ ସାଇକଲ ମାଲିକ ଦେଉଥିବା ପ୍ରିମିୟମ ହାର ହେଉଛି ଟ 50,000/- ର ଅର୍ଦ୍ଧ ପ୍ରତିଶତ, ଅର୍ଥାତ୍ ଟ 250 /-ପ୍ରତିବର୍ଷ, ଏହାକୁ 'ଶୁଦ୍ଧ'ପ୍ରିମିୟମ କୁହାଯାଏ ।

ଟ. 250 ପ୍ରତି ସାଇକଲ ହିସାବରେ, ଟ 2.5 ଲକ୍ଷ ସଂଗ୍ରହ କରାଯାଏ ଯାହା 5 ଗାଡିର ମୋଟ କ୍ଷତି ଉପରର ଦାବୀ ମଧ୍ୟରୁ ପ୍ରଦାନ କରାଯାଏ ।

ଯଦି ଉପରେ ଆସିଥିବା ଶୁଦ୍ଧ ପ୍ରିମିୟମ ସଂଗ୍ରହ କରାଯାଏ, ଏହା ଏକ ଫଣ୍ଡ ଗଠିତ ହେବ ଯାହା କ୍ଷତିର ପୂରଣ ପାଇଁ କେବଳ ଯଥେଷ୍ଟ ହେବ ।

ଉପରୋକ୍ତ ଉଦାହରଣରେ ଆମେ ଦେଖିପାରିବା ଯେ କୌଣସି ଅତିରିକ୍ତ ରାଶି ନାହିଁ । କିନ୍ତୁ ବୀମା ପ୍ରକ୍ରିୟାରେ ପ୍ରଶାସନର ଖର୍ଚ୍ଚ (ପ୍ରବନ୍ଧନ ଖର୍ଚ୍ଚ) ଓ ବ୍ୟବସାୟ ପ୍ରାପ୍ତ ହେବାର ଖର୍ଚ୍ଚ (ଅଭିବକ୍ତାର କମିଶନ) ମଧ୍ୟ ସଂଶ୍ଳିଷ୍ଟ ଥାଏ । ଅପ୍ରତ୍ୟାଶିତ ଅତିଶୟ କ୍ଷତି ପାଇଁ ମଧ୍ୟ ଏକ ମାର୍ଜିନ ପ୍ରଦାନ କରିବା ଆବଶ୍ୟକ ।

ପରିଶେଷରେ,ଯେହେତୁ ବୀମାର କାରବାର ଅନ୍ୟ କୌଣସି ବ୍ୟବସାୟ ଭଳି, ବ୍ୟବସାୟିକ ଆଧାରରେ ହୁଏ,ଲାଭର ଏକ ମାର୍ଜିନର ପ୍ରାବଧାନ ଥିବା ଆବଶ୍ୟକ ଯାହା ଏହି ବ୍ୟବସାୟରେ ନିବେଶ କରିଥିବା ମୂଳଧନ ଉପରେ ଏକ ରିଟର୍ଣ୍ଣ (ଫେରସ୍ତ) ହୁଏ ।

ତେଣୁ କରି, ଖର୍ଚ୍ଚ, ସଂରକ୍ଷଣ ଓ ଲାଭସବୁ ପାଇଁ ପ୍ରାବଧାନ ରଖିବା ପାଇଁ 'ଶୁଦ୍ଧ ପ୍ରିମିୟମ' କୁ ପ୍ରତିଶତ ଯୋଗ କରି ଉପଯୁକ୍ତ ରୂପେ ଭରା ଯାଏ କିମ୍ବା ବୃଦ୍ଧି କରାଯାଏ ।

ପ୍ରିମିୟମର ଅନ୍ତିମ ହାରରେ ନିମ୍ନ ଘଟକସବୁ ସମ୍ମିଳିତ ଥାଆନ୍ତି:

- ✓ କ୍ଷତି ରାଶି ପ୍ରଦାନ
- ✓ କ୍ଷତି ଖର୍ଚ୍ଚ (ଉ.ସ୍ୱ. ସର୍ବେକ୍ଷଣ ଶୁଳ୍କ)
- ✓ ଅଭିକର୍ତ୍ତାଙ୍କ କମିଶନ
- ✓ ପ୍ରବନ୍ଧନର ଖର୍ଚ୍ଚ
- ✓ ଅପ୍ରତ୍ୟାଶିତ ଅତ୍ୟଧିକ କ୍ଷତି ପାଇଁ ସଂରକ୍ଷଣ ସକାଶେ ମାର୍ଜିନ, ଉ.ସ୍ୱ. 5 କଳ୍ପିତ କ୍ଷତି ବିରୁଦ୍ଧରେ 7 ମୋଟ କ୍ଷତି
- ✓ ଲାଭ ପାଇଁ ମାର୍ଜିନ

ଅନୁଭୂତି (ଅଭିଜ୍ଞତା) ସମୟାବଧିର ଏକ ସତର୍କ ଚୟନ ହେବା ଆବଶ୍ୟକ । ଅତ୍ୟାଧୁନିକ କ୍ଷତି ଅନୁଭୂତି ସମୟାବଧି ନିଶ୍ଚିତ ରୂପେ ବ୍ୟବହୃତ ହେବା ଉଚିତ୍ । ଚୟନିତ ସମୟାବଧିରେ ନିଶ୍ଚିତ ରୂପେ ଯଥେଷ୍ଟ କ୍ଷତି ଅନୁଭୂତି ତଥ୍ୟ ଥିବା ଉଚିତ୍ ଯାହା ଫଳରେ ପରିଣାମଗୁଡିକର

ଆବଶ୍ୟକୀୟ ସାଂଖ୍ୟିକ ମହତ୍ତ୍ୱ କିମ୍ବା ବିଶ୍ୱସନୀୟତା ଥିବ । ପରିଶେଷରେ ଯେତେବେଳେ ବ୍ୟବସାୟଟି ଅନର୍ଥକାରୀ କ୍ଷତିର ଅଧୀନ ହୁଏ, ଅନୁଭୂତି ସମୟାବଧି ନିଶ୍ଚିତ ରୂପେ ହାରାହାରି ଅନର୍ଥକାରୀ ଘଟଣାକୁ ଉପସ୍ଥାପିତ କରିବା ଉଚିତ୍ ।

ସମସ୍ତ ଆବଶ୍ୟକ ହାର ନିର୍ଦ୍ଧାରଣ କାରକଗୁଡିକୁ ବିଚାରକୁ ନେଇ, ଜଣେ ବ୍ୟକ୍ତି ସୁନିଶ୍ଚିତ କରି ପାରିବ ଯେ ହାରଗୁଡିକ ଅଯଥାର୍ଥ, ଅତ୍ୟନ୍ତ ଅଧିକ କିମ୍ବା ସମାନ ପ୍ରକାରର ସଂକଟ ଓ ଗୁଣବତ୍ତା ମଧ୍ୟରେ ଅନୁଚିତ ପକ୍ଷପାତୀ ନୁହେଁ ।

ସ୍ୱତଃ ପରୀକ୍ଷଣ କରନ୍ତୁ 2

ଶୁଦ୍ଧ ପ୍ରିମିୟମ କ'ଣ ?

I. ପ୍ରିମିୟମ ଯାହା କେବଳ କ୍ଷତି ପାଇଁ ରାଶି ପ୍ରଦାନ କରିବାକୁ ଯଥେଷ୍ଟ ବେଶୀ

II. ପ୍ରିମିୟମ ଯାହା ସମାଜର ଅତ୍ୟଳ୍ପ (ମାର୍ଜିନଲ) ସଦସ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ

III. ପ୍ରଶାସନିକ ଖର୍ଚ୍ଚ ଭରିବା ପରବର୍ତ୍ତୀ ପ୍ରିମିୟମ

IV. ପ୍ରିମିୟମ ଯାହା ଅତ୍ୟାଧୁନିକ କ୍ଷତି ଅନୁଭୂତି ସମୟାବଧି ଠାରୁ ପ୍ରାପ୍ତ ହୁଏ

ଗ. ହାର ନିର୍ଦ୍ଧାରଣ କାରକ

ସେହି ଉପଯୋଗୀ ତତ୍ତ୍ୱସବୁ ଯେଉଁଗୁଡିକ ମୂଲ୍ୟ/ହାରକୁ ବୃଦ୍ଧି କରିବାରେ ବ୍ୟବହୃତ ହୁଅନ୍ତି ଏବଂ ମୂଲ୍ୟ/ହାର ନିର୍ଦ୍ଧାରଣ ଯୋଜନା କରନ୍ତି, ସେଗୁଡିକୁ ମୂଲ୍ୟ/ହାରନିର୍ଦ୍ଧାରଣ କାରକ କହନ୍ତି । ବୀମାକର୍ତ୍ତାମାନେ 'ହାରନିର୍ଦ୍ଧାରଣ କାରକଗୁଡିକୁ' ସଙ୍କଟ ନିର୍ଣ୍ଣୟ କରିବାରେ ଏବଂ ସେମାନେ ଚାର୍ଜ କରିବାକୁ ଥିବା ମୂଲ୍ୟ ନିର୍ଦ୍ଧାରଣ କରିବାରେ ବ୍ୟବହାର କରନ୍ତି ।

- ✓ ବୀମାକର୍ତ୍ତା ପ୍ରଥମରେ ଏକ ମୂଳ ମୂଲ୍ୟ /ହାର ସ୍ଥାପିତ କରିବା ପାଇଁ ତାଙ୍କ ଆକଳନ/ମୂଲ୍ୟାଙ୍କନର ଉପଯୋଗ କରନ୍ତି
- ✓ ତାପରେ ବୀମାକର୍ତ୍ତା ସକାରାତ୍ମକ ଲକ୍ଷଣ ଗୁଡିକ ପାଇଁ ଲାଗୁକରାଯାଇଥିବା ଡିସ୍କାଉଣ୍ଟଗୁଡିକ ସହିତ ଏହି ମୂଲ୍ୟର ସମାୟୋଜନ କରନ୍ତି, ଯେପରିକି ସମ୍ପତ୍ତି ସଙ୍କଟ ଉପରେ ଉତ୍କୃଷ୍ଟ ଅଗ୍ନି ସୁରକ୍ଷା ଏବଂ ବିପରୀତ ଲକ୍ଷଣଗୁଡିକ ପାଇଁ ଲାଗୁ କରାଯାଇଥିବା ଲୋଡିଙ୍ଗ ସହିତ ଏହି ମୂଲ୍ୟର ସମାୟୋଜନ କରନ୍ତି, ଯେପରିକି ମୋଟର ସଙ୍କଟ ଉପରେ ଦୁର୍ବଳ ଆତ୍ମବିଶ୍ୱାସ ଥିବା ଚାଳକ।

ମହତ୍ତ୍ୱପୂର୍ଣ୍ଣ

ସଙ୍କଟାଙ୍କନ ପାଇଁ ସୂଚନାର ଆଧାର:

କୌଣସି ସାଂଖ୍ୟିକ (କିମ୍ବା ତଥ୍ୟାତ୍ମକ) ବିଶ୍ଳେଷଣର ପ୍ରଥମ ଚରଣ ହେଉଛି ତଥ୍ୟ ସଂଗ୍ରହ । ଏକ ସଙ୍କଟର ମୂଲ୍ୟାଙ୍କନ କରିବା ସମୟରେ, ଜଣେ ସଙ୍କଟାଙ୍କକର ନିର୍ଭୁଲ ମୂଲ୍ୟାଙ୍କନରେ ସହାୟତା ଦେବା ପାଇଁ ସେ ଯେତେ ବେଶୀ ସମ୍ଭବ, ସେତେ ତଥ୍ୟ ସଂଗ୍ରହ କରିବା ଉଚିତ୍ ।

ସୂଚନାର ଆଧାରଗୁଡିକ ହେଉଛି :

i. **ପ୍ରସ୍ତାବ ଫର୍ମ କିମ୍ବା ସଙ୍କଟାଙ୍କନ ଉପସ୍ଥାପନା**

ii. **ସଙ୍କଟ ସର୍ବେକ୍ଷଣ**

iii. **ଐତିହାସିକ ଦାବୀ ଅନୁଭୂତି ତଥ୍ୟ:** କେତେକ ଶ୍ରେଣୀର ବ୍ୟବସାୟ ପାଇଁ, ଯଥା: ବ୍ୟକ୍ତିଗତ ଓ ମୋଟର ଶ୍ରେଣୀରେ ସମ୍ଭାବ୍ୟ ଭବିଷ୍ୟତ ଦାବୀ ଅନୁଭୂତିର ଏକ ସଙ୍କେତ ପ୍ରଦାନ କରିବା ପାଇଁ, ଏବଂ ଏକ ଯଥାର୍ଥ ପ୍ରିମିୟମରେ ଉପନୀତ ହେବା ପାଇଁ ସଙ୍କଟାଙ୍କକମାନେ ଅନେକ ସମୟରେ ଐତିହାସିକ ଦାବୀ ଅନୁଭୂତି ତଥ୍ୟର ଉପଯୋଗ କରନ୍ତି ।

ମୂଲ୍ୟାଙ୍କନ ପ୍ରକ୍ରିୟାରେ ନିର୍ଭୁଲ ଅର୍ଥପ୍ରତିପାଦନ ଓ ଦାବୀ ଅନୁଭୂତିର ପ୍ରଭାବଶାଳୀ ଉପଯୋଗ ଗୁରୁତ୍ୱପୂର୍ଣ୍ଣ ଅଟେ । ଅନର୍ଥକାରୀ କ୍ଷତିଗୁଡିକ ଲକ୍ଷଣ ହିସାବରେ ଅଣ ଅନୁମେୟ ଓ ବିରଳ । ତେଣୁ ସାଂଖ୍ୟିକ ତଥ୍ୟ ସର୍ବଦା ଉପଲବ୍ଧ ନୁହେଁ କିମ୍ବା ଗଣନାର ଆଧାର ରୂପେ ଅର୍ଥପୂର୍ଣ୍ଣ ନୁହେଁ । (ଆଧୁନିକ କମ୍ପୁଟରର ଆଗମନରେ ପ୍ରାକୃତିକ ବିନାଶକାରୀ ଘଟଣାଗୁଡିକର ସମ୍ଭାବ୍ୟ ପ୍ରଭାବକୁ ମାପିବା ପାଇଁ ଆଜିକାଲି ବିଭିନ୍ନ ଅନୁକରଣ ନମୂନାଗୁଡିକର ଉପଯୋଗ କରାଯାଉଛି)

1. ଆପଦ

ବୀମାର ଭାଷାରେ ଆପଦର ଅର୍ଥ ହେଉଛି ସେହି ପରିସ୍ଥିତି କିମ୍ବା ଲକ୍ଷଣ କିମ୍ବା ବିଶେଷତାଗୁଡିକ ଯାହା ଏକ ଦିଆଯାଇଥିବା ବିପଦରୁ ଉତ୍ପନ୍ନ କ୍ଷତିର ସମ୍ଭାବନା ସୃଷ୍ଟି କରେ କିମ୍ବା ବୃଦ୍ଧି କରେ । ସମ୍ପତ୍ତି ଓ ବ୍ୟକ୍ତି ସମ୍ମୁଖୀନ ହେଉଥିବା ବିଭିନ୍ନ ଆପଦର ପୁଙ୍ଖାନୁପୁଙ୍ଖ ଜ୍ଞାନ ସଙ୍କଟାଙ୍କନ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

ଆପଦଗୁଡିକୁ ଭୌତିକ ଓ ନୈତିକ ରୂପେ ବର୍ଗୀକୃତ କରାଯାଇପାରେ । ଭୌତିକ ଆପଦର ଅର୍ଥ ବୀମାର ବିଷୟ ବସ୍ତୁର ଭୌତିକ ଲକ୍ଷଣଗୁଡିକ ଠାରୁ ଉତ୍ପନ୍ନ ହେଉଥିବା ସଙ୍କଟ, ଯେତେବେଳେ କି ନୈତିକ ଆପଦ ମାନବିକ ଦୁର୍ବଳତା (ଉ.ସ୍ୱ. ଅସାଧୁତା, ଅସତର୍କତା, ଇତ୍ୟାଦି) ଠାରୁ କିମ୍ବା ସାଧାରଣ ଆର୍ଥିକ କିମ୍ବା ସାମାଜିକ ପରିସ୍ଥିତିରୁ ଉତ୍ପନ୍ନ ହୋଇପାରେ । କାର୍ଯ୍ୟ ପ୍ରକ୍ରିୟା ସ୍ତରରେ, ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଭୌତିକ ଓ ନୈତିକ ଆପଦ ଗୁଡିକର ଆକଳନ ସହିତ ସଂଶ୍ଳିଷ୍ଟ ।

2. ଭୌତିକ ଆପଦ

ଭୌତିକ ଆପଦକୁ ପ୍ରସ୍ତାବ ଫର୍ମରେ ଦିଆାଇଥିବା ସୂଚନାଠାରୁ ସୁନିଶ୍ଚିତ କରାଯାଇପାରେ । ଏହାକୁ ସଙ୍କଟର ସର୍ବେକ୍ଷଣ କିମ୍ବା ନିରୀକ୍ଷଣ ଦ୍ୱାରା ଅଧିକ ଉତ୍ତମରୂପେ ସୁନିଶ୍ଚିତ କରାଯାଇପାରେ । ନିମ୍ନରେ ବିଭିନ୍ନ ଶ୍ରେଣୀର ବୀମାରେ ଥିବା ଭୌତିକ ଆପଦର କେତେକ ଉଦାହରଣ ଦିଆଗଲା ।

କ) ଅଗ୍ନି

i. ନିର୍ମାଣ

ନିର୍ମାଣ କାନ୍ଥ ଓ ଛାତରେ ବ୍ୟବହୃତ ହେଉଥିବା ନିର୍ମାଣକାରୀ ପଦାର୍ଥଗୁଡିକୁ ସୂଚୀତ କରେ । ଏକ କଙ୍କ୍ରିଟ ଘର କାଠ ତିଆରି ଘର ଠାରୁ ଉତ୍କୃଷ୍ଟ ଅଟେ ।

ii. ଉଚ୍ଚତା

ତାଲା ସଂଖ୍ୟା ଯେତେ ଅଧିକ ହୁଏ, ନିଆଁ ଲିଭାଇବାର ସମସ୍ୟା କାରଣରୁ ଆପଦ ବି ଅଧିକ ହେବ ।ଏହା ବ୍ୟତୀତ, ଅଧିକ ସଂଖ୍ୟକ ତାଲା ଥିଲେ ଉପର ତାଲାଗୁଡିକ ଭାଙ୍ଗିଯିବାର ସଙ୍କଟ ଥାଏ ଯାହା ଅଧିକ ପ୍ରଭାବୀ ନଷ୍ଟର କାରଣ ହୁଏ ।

iii. ଫ୍ଲୋରିଙ୍ଗର ପ୍ରକୃତି

କାଠ ନିର୍ମିତ ଭୂମି ନିଆଁରେ ଜାଳେଣି ପ୍ରଦାନ କରେ । ଏହା ବ୍ୟତୀତ, ନିଆଁ ଲାଗିବାରେ କାଠ ନିର୍ମିତ ଭୂମି ସହଜରେ ପଡିଯାଏ, ଯାହା ଫଳରେ ଉପର ମହଲାରୁ ଯନ୍ତ୍ରପାତି କିମ୍ବା ଜିନିଷ ପତ୍ରାଦି ପଡିବା ଦ୍ୱାରା ତଳ ମହଲାର ସମ୍ପତ୍ତିର ନଷ୍ଟ ହୋଇଥାଏ ।

iv. ଦଖଲ

ଏକ ଘରର ଦଖଲ, ଏବଂ ଉଦ୍ଦେଶ୍ୟ ଯାହା ପାଇଁ ଏହା ବ୍ୟବହୃତ ହୁଏ । ଦଖଲରୁ ବିଭିନ୍ନ ପ୍ରକାରର ଆପଦ ଉତ୍ପନ୍ନ ହୁଏ ।

v. ଜ୍ୱଳନ ଆପଦ

ସେହି ଘରଗୁଡିକ, .ଯେଉଁଠି ରାସାୟନିକ ପଦାର୍ଥ ଉତ୍ପାଦନ କରାଯାଏ କିମ୍ବା ଅଧିକ ପରିମାଣରେ ବ୍ୟବହାର କରାଯାଏ, ଯଥେଷ୍ଟ ଜ୍ୱଳନ ଆପଦ ସହିତ ସଂଶ୍ଳିଷ୍ଟ ଥାଆନ୍ତି । ଏକ କାଠ ତିଆରି ବାରଣ୍ଡାରେ ଏକ ଉଚ୍ଚ ଦହନୀୟତା ଆପଦର ସ୍ଥିତି ଥାଏ କାରଣ ଥରେ ନିଆଁ ଲାଗିଗଲେ, କାଠ ଅତିଶୀଘ୍ର ଜଳିଯାଏ । ନିଆଁ ଲାଗିବା ଘଟଣାରେ ବସ୍ତୁଗୁଡିକ ନଷ୍ଟ ହେବାର ଆଶଙ୍କା ଅତ୍ୟଧିକ ଥାଏ ।

ଉଦାହରଣ ସ୍ୱରୂପ, କାଗଜ, ପୋଷାକ ଆଦି ନା କେବଳ ନିଆଁ ଜନିତ ଶିକାର ହୁଅନ୍ତି ଅପିତୁ ପାଣି, ଗରମ ଆଦି ଜନିତ ନଷ୍ଟର ବି ଶିକାର ହୁଅନ୍ତି ।

vi. ନିର୍ମାଣର ପ୍ରକ୍ରିୟା

ଯଦି ରାତି ସମୟରେ କାମ କରାଯାଏ, କୃତ୍ରିମ ଆଲୋକ, ଯନ୍ତ୍ରପାତିର ଅନବରତ ବ୍ୟବହାର କାରଣରୁ ଉତ୍ପନ୍ନ ଘର୍ଷଣ ଏବଂ ଥକିବା କାରଣରୁ ଶ୍ରମିକମାନଙ୍କ ସମ୍ଭାବ୍ୟ ଅସତର୍କତା କାରଣରୁ ଆପଦ ବଢିଯାଏ ।

vii. ଅବସ୍ଥିତି

ସଙ୍କୁଚିତ (ଭିଡ) କ୍ଷେତ୍ରରେ ଅବସ୍ଥାନ, ଆପଦଜନକ ସଂଲଗ୍ନ ପରିସର ସହିତ ସଂପର୍କ ଓ ଫାୟାର ଠାରୁ ଦୂରତା ହେଉଛି ଭୌତିକ ଆପଦର ଉଦାହରଣ ।

ଖ) ସାମୁଦ୍ରିକ

i. ଜାହାଜର ଆୟୁ ଓ ଅବସ୍ଥା

ପୁରାତନ ଜାହାଜଗୁଡିକ ନିକୃଷ୍ଟ ଆପଦର ଶିକାର ହୁଅନ୍ତି ।

ii. କରିବାକୁ ଥିବା ଜଳଯାତ୍ରା

କାରକଗୁଡିକ ହେଉଛି ଜଳ ଯାତ୍ରାର ରାସ୍ତା, ଲୋଡ ଓ ଅଣ-ଲୋଡ କରିବା ଅବସ୍ଥା ଏବଂ ବନ୍ଦର ରେ ଜିନିଷ ଗୁଡିକର ରଖିବା ସୁବିଧା

iii. ସଂରକ୍ଷିତ ବସ୍ତୁ ଗୁଡିକର ପ୍ରକୃତି

ଅଧିକ ମୂଲ୍ୟର ବସ୍ତୁଗୁଡିକ ପାଇଁ ଚୋରୀର ଆଶଙ୍କା ଥାଏ ; ଯନ୍ତ୍ରପାତି ଗୁଡିକର ନିଆ ଅଣାରେ ଭାଙ୍ଗିବାର ସମ୍ଭାବନା ଥାଏ ।

iv. ପ୍ୟାକ୍ କରିବା ପଦ୍ଧତି

ଗଣ୍ଡରୀରେ ପ୍ୟାକ୍ କରାଯାଇଥିବା ବୋଝେଇକୁ ବ୍ୟାଗ୍ ଗୁଡିକରେ ପ୍ୟାକ୍ କରାଯାଇଥିବା ବୋଝେଇ ଅପେକ୍ଷା ଅଧିକ ଉତ୍ତମ ବୋଲି ବିଚାର କରାଯାଏ । ପୁନଃ, କେବଳ ଗୋଟିଏ ବ୍ୟାଗ ଅପେକ୍ଷା ଦୁଇଟି ବ୍ୟାଗ୍ ଅଧିକ ନିରାପଦ ।

ଅନ୍ୟଠୁ ପ୍ରାପ୍ତ ଡ୍ରମରେ ଥିବା ତରଳ ପଦାର୍ଥରେ ଖରାପ ଭୌତିକ ଆପଦ ଉପସ୍ଥିତ ଥାଏ ।

ଗ) ମୋଟର

i. ଗାଡିର ଆୟୁ ଓ ଅବସ୍ଥା

ପୁରୁଣା ଗାଡିଗୁଡିକ ଦୁର୍ଘଟଣାର ଶିକାର ହେବା ସମ୍ଭାବନା ଅଧିକ ।

ii. ଗାଡିର ପ୍ରକାର

ସ୍ପୋର୍ଟ୍ସ କାରଗୁଡିକ ଅଧିକ ଭୌତିକ ଆପଦ ଆଦି ସହିତ ସମ୍ବନ୍ଧ ରଖନ୍ତି ।

ଘ) ଚୋରୀ

i. ସଂରକ୍ଷିତ ଜିନିଷଗୁଡିକର ପ୍ରକୃତି

ଛୋଟ ଆକାରରେ ଥିବା ଉଚ୍ଚ ମୂଲ୍ୟର (ଉ.ସ୍ୱ. ଅଲଙ୍କାର ଆଦି) ଓ ସହଜ ରୂପେ ନିଆଯାଇ ପାରୁଥିବା ବସ୍ତୁଗୁଡିକ ଖରାପ ସଙ୍କଟ ରୂପେ ବିଚାର କରାଯାଏ ।

ii. **ଅବସ୍ଥିତି**

ଉପର ମହଲା ସଙ୍କଟ ଅପେକ୍ଷା ତଳ ମହଲା ସଙ୍କଟ ନିକୃଷ୍ଟ ଅଟେ ନିଛାଟିଆ କ୍ଷେତ୍ରରେ ଅବସ୍ଥିତ ପ୍ରାଇଭେଟ ଆବାସଗୁଡିକ ଆପଦ ପୂର୍ଣ୍ଣ ।

iii. **ନିର୍ମାଣ ସମ୍ବନ୍ଧୀୟ ଆପଦ**

ଅଧିକ ସଂଖ୍ୟକ କବାଟ ଓ ଝରକା ଖରାପ ଭୌତିକ ଆପଦର ସୂଚନା ।

ଙ) **ବ୍ୟକ୍ତିର ଦୁର୍ଘଟଣା**

i. **ବ୍ୟକ୍ତିର ବୟସ**

ଅତି ବୃଦ୍ଧ ବ୍ୟକ୍ତିମାନେ ଦୁର୍ଘଟଣାର ଅଧୀନ ହୁଅନ୍ତି, ଏହା ବ୍ୟତୀତ ଏକ ଦୁର୍ଘଟଣାର ସମ୍ମୁଖୀନ ହେଲେ ସେମାନେ ସୁସ୍ଥ ହେବା ପାଇଁ ଅଧିକ ସମୟ ନିଅନ୍ତି ।

ii. **ରୋଜଗାରର ପ୍ରକୃତି**

ଘୋଡା ସବାରୀ, ଖଣିରେ କାମ କରୁଥିବା ଇଞ୍ଜିନିୟର, କାମ କରୁଥିବା ଶ୍ରମିକମାନେ ଖରାପ ଭୌତିକ ଆପଦର ଉଦାହରଣ ।

iii. **ସ୍ୱାସ୍ଥ୍ୟ ଓ ଶାରୀରିକ ଅବସ୍ଥା**

ମଧୁମେହରେ ଆକ୍ରାନ୍ତ ଜଣେ ବ୍ୟକ୍ତି ଦୁର୍ଘଟଣାଜନିତ ଶାରୀରିକ କ୍ଷତ ଅବସ୍ଥାରେ ଶଲ୍ୟ ଚିକିତ୍ସାରେ ଆରୋଗ୍ୟ ହୋଇ ନ ପାରେ ।

ଚ) **ସ୍ୱାସ୍ଥ୍ୟ ବୀମା**

i. **ବ୍ୟକ୍ତିର ଆୟୁ**

କମ ଆୟୁ ବର୍ଗ ପାଇଁ ବାରମ୍ବାର ଅସୁସ୍ଥତାର ଶିକାର ହେବା ସମ୍ଭାବନା କମ୍ ଥାଏ ।

ii. ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତି, ଅର୍ଥାତ୍ ବର୍ତ୍ତମାନ କୌଣସି ରୋଗରେ ଆକ୍ରାନ୍ତ ହୋଇଛି କି

iii. **ମଦ କିମ୍ବା ତମାଖୁର ସେବନ**

iv. **ରୋଜଗାରର ପ୍ରକୃତି**

ସେ ଭଳି କାରଖାନାରେ କାମ କରିବା ଯେଉଁଠି ଧୂଆଁ କିମ୍ବା ଧୂଳିର ସମ୍ମୁଖୀନ ହେବା ଅବସର ଅତ୍ୟଧିକ ।

3. **ମୂଲ୍ୟାଙ୍କନରେ ଭୌତିକ ଆପଦଗୁଡିକର ମୁକାବିଲା କରିବା**

ସଙ୍କଟାଙ୍କକମାନେ ଭୌତିକ ଆପଦଗୁଡିକର ମୁକାବିଲା କରିବା ପାଇଁ ନିମ୍ନଲିଖିତ ପଦ୍ଧତିଗୁଡିକର ଉପଯୋଗ କରନ୍ତି :

- ✓ ପ୍ରିମିୟମ ଲୋଡା ଭାରୀ କରିବା
- ✓ ପଲିସୀରେ ଅନୁଜ୍ଞପ୍ତି ଗୁଡିକର ପ୍ରୟୋଗ କରିବା
- ✓ କେତେକ ଧାରାର ପ୍ରୟୋଗ କରିବା
- ✓ ଅତିରିକ୍ତ / କାଟଯୋଗ୍ୟର ପ୍ରୟୋଗ

- ✓ ସ୍ୱୀକୃତ ଆବରଣକୁ ସୀମିତ କରିବା
- ✓ ଆବରଣର ଅସ୍ୱୀକାରକରଣ

କ) ପ୍ରିମିୟମ ଲୋଡ / ଭାରୀ କରିବା

ଏକ ସଙ୍କଟ ସମ୍ମୁଖୀନରେ କେତେକ ବିପରୀତ ଲକ୍ଷଣ ଥାଇପାରେ ଯାହା ପାଇଁ ସଙ୍କଟାଙ୍କକମାନେ ତାକୁ ଗ୍ରହଣ କରିବା ପୂର୍ବରୁ କିଛି ଅତିରିକ୍ତ ପ୍ରିମିୟମ ଚାର୍ଜ କରିବା ପାଇଁ ନିର୍ଣ୍ଣୟ ନେଇ ପାରନ୍ତି ।

ପ୍ରିମିୟମ ଲୋଡ କରି ଦାବୀର ଅଧିକ ସମ୍ଭାବ୍ୟତା କିମ୍ବା ବଡ ଦାବୀର ଘଟଣାକୁ ବିଚାରକୁ ନିଆଯାଏ ।

ଉଦାହରଣ

i. ଲାଇନର କିମ୍ବା ଅନ୍ୟ ଜାହାଜଗୁଡିକ ଦ୍ୱାରା ବୋଝେଇ ହୋଇଥିବା କାର୍ଗୋ ପାଇଁ ସାଧାରଣ ହାରର ପ୍ରିମିୟମ ଚାର୍ଜ କରାଯାଏ, ଯାହା ନିର୍ଦ୍ଧାରିତ ମାନଦଣ୍ଡର ଅନୁରୂପ ହୋଇଥାଏ । ଅବଶ୍ୟ, ଯଦି ଏକ ଅଧିକ-ଆୟୁ ଥିବା କିମ୍ବା କମ- ଟନ ବୋହୁଥିବା ଜାହାଜ କାର୍ଗୋକୁ ବୋଝେଇ କରେ ତେବେ ଅଧିକ ପ୍ରିମିୟମ ଲାଗୁ କରାଯିବ ।

ii. ବ୍ୟକ୍ତିଗତ ଦୁର୍ଘଟଣା ବୀମା ରେ ଯଦି ବୀମିତ ଆପଦଜନକ ପେଶା /ସଉକ ଯେପରିକି ପର୍ବତାରୋହଣ, ଚକ ରେ ଦୌଡ, ବଡ଼ ଶିକାର ଆଦିରେ ନିୟୋଜିତ ରହେ, ଅତିରିକ୍ତ ପ୍ରିମିୟମ ଲାଗୁ କରାଯିବ ।

iii. ସ୍ୱାସ୍ଥ୍ୟ ବୀମାରେ ଯଦି ସଙ୍କଟାଙ୍କନ ସମୟରେ ବିପରୀତ ଲକ୍ଷଣ ଥାଏ, ଏହାର ପରିଣାମ ମଧ୍ୟ ପ୍ରିମିୟମ ଭାରୀ କରିବା ହୋଇପାରେ ।

ବେଳେ ବେଳେ ବିପରୀତ ଦାବୀ ଅନୁପାତ ପାଇଁ ପ୍ରିମିୟମ ଲୋଡ/ଭାରୀ କରାଯାଏ, ଯେମିତି କି ମୋଟର ବୀମା କିମ୍ବା ସ୍ୱାସ୍ଥ୍ୟ ବୀମା ପଲିସୀ କ୍ଷେତ୍ରରେ ହୋଇଥାଏ ।

ଆଇଆରଡିଏ ର ଆଧୁନିକ ବିନିୟାମକ ଅନୁସାରେ ବୈୟକ୍ତିକ ଦାବୀ ଆଧାରିତ ଲୋଡିଙ୍ଗ ଲାଗୁ କରାଯାଇ ପାରିବ ନାହିଁ । ବସ୍ତୁନିଷ୍ଠ କାରକଗୁଡିକ ଉପରେ ଆଧାରିତ ସମଗ୍ର ପୋର୍ଟଫୋଲିଓ ଉପରେ କେବଳ ଲୋଡିଙ୍ଗ୍ ଲାଗୁ ହୋଇପାରିବ ।

ଖ) ଅନୁଜ୍ଞପ୍ତି ର ଅଧିରୋପଣ

ବୀମାକର୍ତ୍ତାମାନେ ଭୌତିକ ଆପଦକୁ ହ୍ରାସ କରିବା ପାଇଁ ଯଥାର୍ଥ ଅନୁଜ୍ଞପ୍ତିସବୁ ସମ୍ମିଳିତ କରିଥାନ୍ତି । କେତେକ ଉଦାହରଣ ନିମ୍ନରେ ଦିଆଯାଇଛି।

ଉଦାହରଣ

i. ସାମୁଦ୍ରିକ କାର୍ଗୋ

ଏକ ଅନୁଜ୍ଞପ୍ତି ଜାରୀ କରାଯାଏ ଏହି ସୂଚନା ଦେବାପାଇଁ ଯେ ଜିନିଷଗୁଡିକ (ଉ.ସ୍ୱ.ଚା) ଟିଣ ଲାଇନ କରାହୋଇଥିବା ଡବା ଗୁଡିକରେ ପ୍ୟାକ୍ କରାଯାଇଛି ।

ii. ଚୋରୀ

ଏହି ଅନୁଜ୍ଞପ୍ତି ଦିଆଯାଉଛି ଯେ ସମ୍ପତ୍ତିଟି ଏକ ଜଗୁଆଳୀ ଦ୍ୱାରା ଚବିଶ ଘଣ୍ଟା ପାଇଁ ନଜର ରଖାଯାଉଛି ।

iii. ନିଆଁ

ଅଗ୍ନି ବୀମାରେ, ଏହି ପ୍ରତିଶ୍ରୁତି ଦିଆଯାଏ ଯେ ପରିସରଟି ସାଧାରଣ କାର୍ଯ୍ୟ ସମୟ ବାହାରେ ବ୍ୟବହୃତ ହେବ ନାହିଁ ।

iv. ମୋଟର

ଏହି ଅନୁଜ୍ଞପ୍ତି ଦିଆଯାଏ ଯେ ଗାଡ଼ିଟି ବେଗ ପରୀକ୍ଷଣ କିମ୍ବା ରେସିଙ୍ଗ୍ ପାଇଁ ବ୍ୟବହୃତ ହେବ ନାହିଁ ।

ଗ) କେତେକ ଧାରାର ପ୍ରୟୋଗ ଯାହା ଦାବୀ/କ୍ଷତି ରାଶିକୁ ହ୍ରାସ କରିବ

ଉଦାହରଣ

ସାମୁଦ୍ରିକ ବୀମା : ଅଂଶଗୁଡିକରେ ଛୋଟ ଧରଣର ମୂଲ୍ୟବାନ ଯନ୍ତ୍ରପାତିରେ ଏକ ନିର୍ମାଣ ସମ୍ବନ୍ଧୀୟ ମୋଟ କ୍ଷତି ଆଣିପାରେ । ସେସବୁ ଯନ୍ତ୍ରପାତି ପ୍ରତିବଦଳ ଧାରାର ଅନ୍ତର୍ଗତ ଆସେ, ଯାହା ସଙ୍କଟାଙ୍କକର ଦାୟିତ୍ୱକୁ କେବଳ ପ୍ରତିବଦଳ, ଅଗ୍ରସାରିତ ଓ କୌଣସି ଭଙ୍ଗା ଅଂଶକୁ ମରାମତି କରିବାର ଖର୍ଚ୍ଚ ପର୍ଯ୍ୟନ୍ତ ସୀମିତ କରିଦିଏ ।

କାଷ୍ଟ (ଢ଼ଳା ହୋଇଥିବା) ପାଇପ, ହାର୍ଡ ବୋର୍ଡରେ ବେଳେ ବେଳେ କେବଳ ଧାରଗୁଡିକର ନଷ୍ଟ ହୁଏ । କାଷ୍ଟ ପାଇପ, ହାର୍ଡ ବୋର୍ଡ ଆଦି ଉପରେ ସାମୁଦ୍ରିକ ବୀମା କାଟିବା ଧାରା ଅନ୍ତର୍ଗତ ଆସେ ଯାହା ଅନୁଜ୍ଞପ୍ତି ଦିଏ ଯେ ନଷ୍ଟ ହୋଇଥିବା ଅଂଶକୁ କାଟି ଦେଇ ଅବଶିଷ୍ଟ ଅଂଶର ଉପଯୋଗ କରାଯାଉ ।

ଅନେକ ସମୟରେ ଅନ୍ତର୍ଦେଶୀୟ କାରବାର ପାଇଁ ବିଦେଶରୁ ଆମଦାନୀ ହେଉଥିବା ଜିନିଷ ଉପରେ ସାମୁଦ୍ରିକ ବୀମାର ଦାବୀ କରାଯାଏ । ଏହା ଅତି ସମ୍ଭବ ହୋଇପାରେ ଯେ ସେସବୁ ଜିନିଷ ଉପରେ କ୍ଷତି କିମ୍ବା ନଷ୍ଟ ସମୁଦ୍ର ଜଳଯାତ୍ରା ସମୟରେ ପୂର୍ବରୁ ହୋଇଥାଇପାରେ କିନ୍ତୁ ବାହ୍ୟ ପରୀକ୍ଷଣ ସମୟରେ ଦିଶୁ ନ ଥାଇ ପାରେ ।

ସେସବୁ ସଙ୍କଟଗୁଡିକ ବନ୍ଦରରେ ପହଞ୍ଚିବା ପରେ ଜିନିଷର ନିରୀକ୍ଷଣ ପରେ ସ୍ୱୀକୃତ ହୁଏ । ପଲିସୀ ସ୍ୱୀକାର ପୂର୍ବରୁ ସର୍ବେକ୍ଷଣର ଅଧୀନ ଅଟେ ।

ଘ) ଅତିରିକ୍ତ/କାଟିବାଯୋଗ୍ୟ ର ଅଧିରୋପଣ

ଯେତେବେଳେ କ୍ଷତି ପରିମାଣ ଉଲ୍ଲିଖିତ କାଟିବାଯୋଗ୍ୟ/ଅତିରିକ୍ତ ଠାରୁ ଅଧିକ ହୋଇଯାଏ, 'ଅବଶିଷ୍ଟ'କୁ 'ଅତିରିକ୍ତ' ଧାରା ଅନ୍ତର୍ଗତ ପ୍ରଦାନ କରାଯାଏ । ସୀମା ଭିତରେ ଥିବା କ୍ଷତି ଦେୟ ହୁଏ ନାହିଁ ।

ଏହି ସବୁ ଧାରାର ଉଦ୍ଦେଶ୍ୟ ହେଉଛି ଛୋଟ ରକମର ଦାବୀଗୁଡିକୁ ହଟାଇବା । ଯେହେତୁ ବୀମିତକୁ କ୍ଷତିର ଏକ ଅଂଶ ଦେବା ପାଇଁ କୁହାଯାଏ, ତାକୁ ବେଶୀ ସତର୍କ ହେବାପାଇଁ ଏବଂ କ୍ଷତି ନିରାକରଣର ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରାଯାଏ ।

ଙ) ଆବରଣର ନିୟନ୍ତ୍ରଣ

ଉଦାହରଣ

i. **ମୋଟର :** ଏକ ପୁରୁଣା ମୋଟର ପାଇଁ ପ୍ରସ୍ତାବ ବ୍ୟାପକ ସର୍ତ୍ତରେ ସ୍ୱୀକାର୍ଯ୍ୟ ହେବ ନାହିଁ କିନ୍ତୁ ବୀମାକର୍ତ୍ତାମାନେ ଏକ ସୀମିତ / ନିୟନ୍ତ୍ରିତ ଆବରଣ ଅର୍ଥାତ୍ କେବଳ ତୃତୀୟ ପକ୍ଷ ସଙ୍କଟ ବିରୁଦ୍ଧରେ କେବଳ ଦେଇପାରନ୍ତି ।

ii. **ବ୍ୟକ୍ତିଗତ ଦୁର୍ଘଟଣା :** ଏକ ବ୍ୟକ୍ତିଗତ ଦୁର୍ଘଟଣା ପ୍ରସ୍ତାବକ, ଯିଏ ସର୍ବୋଚ୍ଚ ସ୍ୱୀକାର୍ଯ୍ୟ ଆୟୁ ସୀମା ଟପି ଯାଇଛି, ଙ୍କୁ ବ୍ୟାପକ ସର୍ତ୍ତ ଅର୍ଥାତ୍ ଅପଙ୍ଗତା ଲାଭ ସହିତ ଆବୃତ କରାଯାଇପାରେ ।

iii. **ସ୍ୱାସ୍ଥ୍ୟ :** କେତେକ ସମୟରେ ବୀମାକର୍ତ୍ତା କେତେକ ସର୍ଜିକଲ ପ୍ରକ୍ରିୟା କିମ୍ବା ଅବସ୍ଥା ପାଇଁ ଆବରଣର ନିୟନ୍ତ୍ରଣ ରଖିପାରନ୍ତି ଏବଂ ଆବରଣ କେବଳ ଏକ ସୀମିତ ବିସ୍ତାର ପର୍ଯ୍ୟନ୍ତ ହୋଇପାରେ । ଉ.ସ୍ୱ. ମୋତିଆ ବିନ୍ଦୁ କିମ୍ବା ଚକ୍ଷୁ ଲେନ୍ସ ପ୍ରକ୍ରିୟା ।

ଚ) ଡିସ୍କାଉଣ୍ଟ (ଛୁଟ)

ନିମ୍ନ ହାର ଚାର୍ଜ କରାଯାଏ, କିମ୍ବା ସାଧାରଣ ପ୍ରିମିୟମରେ ଡିସକାଉଣ୍ଟ (ଛୁଟ) ଦିଆଯାଏ ଯଦି ସଙ୍କଟ ଅନୁକୂଳ ହୋଇଥାଏ ।

ଅଗ୍ନି ବୀମାରେ ସଙ୍କଟର ବୃଦ୍ଧିରେ ଯୋଗଦାନ ଦେବାପାଇଁ ନିମ୍ନଲିଖିତ ଲକ୍ଷଣଗୁଡିକ ବିଚାରକୁ ନିଆଯାଏ ।

i. ପରିସର ମଧ୍ୟରେ ସ୍ପ୍ରିଙ୍କଲର୍ ସିଷ୍ଟମର ପ୍ରତିଷ୍ଠାନ

ii. କମ୍ପାଉଣ୍ଡ ମଧ୍ୟରେ ହାଇଡ୍ରାଣ୍ଟ ସିଷ୍ଟମର ପ୍ରତିଷ୍ଠାପନ

iii. ବାଲ୍ଟି ନିଆଁ ଅଣା ଯୋଗ୍ୟ ଅଗ୍ନି ନିର୍ବାପକ ଓ ହସ୍ତଚାଳିତ ନିଆଁ ପମ୍ପ କୁ ଅନ୍ତର୍ଭୁକ୍ତ କରି ହସ୍ତଚାଳିତ ଉପକରଣଗୁଡିକର ପ୍ରତିଷ୍ଠାପନ

iv. ସ୍ୱୟଂଚାଳିତ ଅଗ୍ନି ସତର୍କ ଘଣ୍ଟିର ପ୍ରତିଷ୍ଠାପନ

ଉଦାହରଣ

ମୋଟର ବୀମା ଅନ୍ତର୍ଗତ ପ୍ରିମିୟମରେ ଡିସ୍କାଉଣ୍ଟ ଦିଆଯାଏ ଯଦି ମୋଟର ସାଇକଲ ସର୍ବଦା ସଂଲଗ୍ନ ହୋଇଥିବା ପାର୍ଶ୍ୱ -କାର ସହିତ ବ୍ୟବହୃତ ହୁଏ, ଯେହେତୁ ଏହି ଲକ୍ଷଣ ଗାଡ଼ିର ଅଧିକ ସ୍ଥିରତା କାରଣରୁ ଉନ୍ନତ ସଙ୍କଟରେ ଯୋଗଦାନ କରେ ।

ସାମୁଦ୍ରିକ ବୀମାରେ, ବୀମାକର୍ତ୍ତା "ସଂପୂର୍ଣ୍ଣ ଲୋଡ" ଡବା ପାଇଁ ପ୍ରିମିୟମ ଉପରେ ଡିସ୍କାଉଣ୍ଟ ଦେବା ପାଇଁ ବିଚାର କରିପାରେ ଯେହେତୁ ଏହା ଚୋରୀ ଓ କମ ହେବା ଘଟଣାକୁ ହ୍ରାସ କରେ।

ଏକ ସମୂହ ବ୍ୟକ୍ତିଗତ ଆବରଣ ଅନ୍ତର୍ଗତ, ଏକ ବଡ ସମୂହର ଆଚ୍ଛାଦନ ପାଇଁ ଡିସ୍କାଉଣ୍ଟ ସବୁ ଦିଆଯାଏ, ଯାହା ପ୍ରଶାସନିକ କାର୍ଯ୍ୟ ଓ ବୀମାକର୍ତ୍ତାର ଖର୍ଚ୍ଚକୁ କମ୍ କରିଥାଏ ।

ଛ) ଅଣ ଦାବୀ ବୋନସ (ଏନ୍ ସି ବି)

ଦାବୀ ମୁକ୍ତ ନୂତନୀକରଣ ବର୍ଷ ପାଇଁ ନିଆଯାଇ ପାରୁଥିବା ସର୍ବୋଚ୍ଚ ବୋନସର ଏକ ସୀମା ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଦିଆଯାଏ । ଏହାକୁ ସମଗ୍ର ସମୂହ ପାଇଁ ଆସୁଥିବା ଦାବୀ ଅନୁପାତ ଅନୁସାରେ, ନୂତନୀକରଣ ସମୟରେ କେବଳ ମୋଟ ପ୍ରିମିୟମ ଉପରେ ଏକ କାଟ (ଡିଡକ୍ସନ) ରୂପେ, ସ୍ୱୀକୃତ ହୁଏ ।

ଅଣ ଦାବୀ ବୋନସ ସଙ୍କଟାଙ୍କକ ଅନୁଭୂତିକୁ ଉନ୍ନତ କରିବାପାଇଁ ଏକ ଶକ୍ତିଶାଳୀ ପଦ୍ଧତି ଏବଂ ମୂଲ୍ୟାଙ୍କନ/ ହାରନିର୍ଦ୍ଧାରଣ ସିଷ୍ଟମର ଏକ ଅଭିନ୍ନ ଅଂଶ ଅଟେ । ଏହି ବୋନସ ବୀମିତ ଠାରେ ଥିବା ନୈତିକ ଆପଦର କାରକକୁ ଚିହ୍ନିପାରେ । ଏହା ବୀମିତକୁ ଦାବୀ ନ କରିଥିବା ପାଇଁ, ମୋଟର ବୀମାରେ ଥିବା ଭଳି ଉତ୍ତମ ଡ୍ରାଇଭିଂ କୌଶଳ ଗ୍ରହଣ କରି କିମ୍ବା ମେଡିକ୍ଲେମ୍ ପଲିସୀରେ ଥିବା ଭଳି ତା'ସ୍ୱାସ୍ଥ୍ୟର ଉତ୍ତମ ଯତ୍ନ ନେଇ, ପୁରସ୍କୃତ କରେ ।

ଜ) ଅଗ୍ରାହ୍ୟତା

ଯଦି ସମ୍ବନ୍ଧିତ ଭୌତିକ ଆପଦ ଅତ୍ୟନ୍ତ ଖରାପ ଥାଏ, ସଙ୍କଟ ଅଣବୀମାଯୋଗ୍ୟ ହୋଇଥାଏ ଏବଂ ଅଗ୍ରାହ୍ୟ ହୁଏ । ସେମାନଙ୍କ ଅତୀତ କ୍ଷତି ଅଭିଜ୍ଞତା, ଆପଦଗୁଡିକ ବିଷୟରେ ଜ୍ଞାନ ଓ ମୋଟ ରୂପେ ସଙ୍କଟାଙ୍କନ ପଲିସୀ ଉପରେ ଆଧାର କରି, ବୀମାକର୍ତ୍ତାମାନେ ପ୍ରତ୍ୟେକ ଶ୍ରେଣୀର ବୀମାରେ ଅଗ୍ରହଣୀୟ ସଙ୍କଟସବୁର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ।

4. ନୈତିକ ଆପଦ

ନୈତିକ ଆପଦ ନିମ୍ନଲିଖିତ ଉପାୟରେ ଆସି ପାରେ:

କ) ଅସାଧୁତା

ଖରାପ ନୈତିକ ଆପଦର ଏକ ନିଷ୍ଠୁର ଉଦାହରଣ ହେଉଛି ଯେ ଏକ ବୀମିତ ଏକ ଦାବୀ ରାଶି ସଂଗ୍ରହ କରିବା ସକାଶେ କ୍ଷତି ଉତ୍ପନ୍ନ କରିବାର ସଂକଳ୍ପିତ ଉଦ୍ଦେଶ୍ୟ ଥାଇ ବୀମା ନିଏ । ଏପରିକି, ଏକ ସଚ୍ଚୋଟ ବୀମିତକୁ ମଧ୍ୟ କ୍ଷତିର ପ୍ରଦର୍ଶନ କରିବା ପାଇଁ ପ୍ରଲୋଭିତ କରାଯାଏ, ଯଦି ସେ ଆର୍ଥିକ ସମସ୍ୟାରେ ଗତି କରୁଛି ।

ଖ) ଅସତର୍କତା

କ୍ଷତି ପ୍ରତି ଉଦାସୀନତା ହେଉଛି ଅସତର୍କତା । ବୀମା ଥିବା କାରଣରୁ, ବୀମିତର ବୀମିତ ସମ୍ପତ୍ତି ପ୍ରତି ଏକ ଖାମଖିଆଲି ମନୋବୃତ୍ତି ରହିପାରେ ।

ଯଦି ବୀମିତ ଏକ ଅବୀମିତ ବିବେକଶୀଳ ଓ ଯଥାର୍ଥ ବ୍ୟକ୍ତି ଭଳି ସମ୍ପତ୍ତିର ଯତ୍ନ ନ ନିଏ, ନୈତିକ ଆପଦ ଅସନ୍ତୋଷଜନକ ହେବ ।

ଗ) ଔଦ୍ୟୋଗିକ ସମ୍ବନ୍ଧ

ନିଯୁକ୍ତିଦାତା- କର୍ମଚାରୀ ସମ୍ବନ୍ଧ ଖରାପ ନୈତିକ ଆପଦର ଏକ ଘଟକ ହୋଇପାରେ।

ଘ) ଭୁଲ ଦାବୀ

ଏ ପ୍ରକାରର ନୈତିକ ଆପଦ ଉପନୀତ ହୁଏ ଯେତେବେଳେ ଦାବୀ ଆସେ । ଏକ ବୀମିତ ହୁଏତ ଜାଣିଶୁଣି ଏକ କ୍ଷତି ଘଟାଇ ନ ପାରେ କିନ୍ତୁ ଥରେ ଏକ କ୍ଷତି ଘଟିଗଲେ, ସେ କ୍ଷତିପୂର୍ତ୍ତିର ସିଦ୍ଧାନ୍ତକୁ ସଂପୂର୍ଣ୍ଣ ରୂପେ ଆଖି ଆଡ଼ରେ ରଖିଦେଇ ଅଯଥାର୍ଥରୂପେ ଉଚ୍ଚ ରାଶିର କ୍ଷତିପୂରଣ ଦାବୀ କରିବା ପାଇଁ ଚେଷ୍ଟା କରିବ ।

ଉଦାହରଣ

ସେଭଳି ନୈତିକ ଆପଦର ଉଦାହରଣ ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ ଉପନୀତ ହୁଏ, ଯେଉଁଠି ଦାବୀଦାର ତା' ଅକ୍ଷମତାର ଅବଧିକୁ ଦୀର୍ଘ କରିବାକୁ ଚାହିଁବ ଯାହାଦ୍ୱାରା କ୍ଷତିର ପ୍ରକୃତି/ଗମ୍ଭୀରତା ହିସାବରେ ଯଥାର୍ଥରୂପେ ପାଇବାକୁ ଥିବା ଲାଭ ଅପେକ୍ଷା ଅଧିକ ଲାଭ ପାଇପାରେ ।

ମୋଟର ଦାବୀରେ ସେଭଳି ଏକ ଆପଦ ଆସିପାରେ ଯେତେବେଳେ ବୀମିତ ଅଯଥାର୍ଥ ରୂପେ ନୂଆଁ ଅଂଶଗୁଡିକର ପ୍ରତିସ୍ଥାପନା ଉପରେ ଜୋର ଦିଏ ଯେଉଁଠି କି କ୍ଷତି ପ୍ରାପ୍ତ ହୋଇଥିବା ଅଂଶକୁ ସନ୍ତୋଷଜନକ ରୂପେ ମରାମତି କରାଯାଇପାରିଥାନ୍ତା, କିମ୍ବା କେତେକ ମରାମତି ଅଥବା ପ୍ରତିସ୍ଥାପନା କରିବା ପାଇଁ ଚେଷ୍ଟା କରେ ଯେଉଁସବୁ ଦୁର୍ଘଟଣାଜନିତ କ୍ଷତି / ନଷ୍ଟ ସମ୍ବନ୍ଧୀୟ ନୁହେଁ ।

ନୈତିକ ଆପଦଗୁଡିକୁ ସହ-ରାଶିପ୍ରଦାନ, କାଟଯୋଗ୍ୟ, ଉପ-ସୀମାର ପ୍ରକ୍ରିୟାଗୁଡିକର ଉପଯୋଗରେ ଏବଂ ସ୍ୱାସ୍ଥ୍ୟ ବୀମାରେ ଅଣ-ଦାବୀ ବୋନସ ଭଳି ପ୍ରୋତ୍ସାହନ ଦେଇ କମ କରାଯାଇପାରେ ।

ସୂଚନା

i. ସହ-ରାଶିପ୍ରଦାନ

ଯେତେବେଳେ ଏକ ବୀମିତ ଘଟଣା ଘଟେ, ଅନେକ ସ୍ୱାସ୍ଥ୍ୟ ପଲିସୀ ବୀମିତକୁ ବୀମିତ କ୍ଷତିର ଏକ ଅଂଶରେ ଭାଗୀଦାର ହେବା ପାଇଁ ଆବଶ୍ୟକ କରନ୍ତି । ଉ.ସ୍ୱ. ଯଦି ବୀମିତ କ୍ଷତି INR 2000 ହୁଏ ଓ ସହ–ରାଶିପ୍ରଦାନ ପଲିସୀରେ 10% ହୁଏ, ତେବେ ବୀମିତ INR 2000 ଦିଏ ।

ii. ଉପ-ସୀମା

ବୀମାକର୍ତ୍ତା ପ୍ରସାରିତ ବିଲକୁ ନିୟନ୍ତ୍ରଣ କରିବା ପାଇଁ କୋଠରୀ ଖର୍ଚ୍ଚ, ସର୍ଜିକଲ, ପ୍ରକ୍ରିୟା କିମ୍ବା ଡାକ୍ତର ଶୁଳ୍କ ପ୍ରତ୍ୟେକ ପାଇଁ ଅଲଗା ଅଲଗାରୂପେ ମୋଟ ଦେୟ ଉପରେ ସୀମା ଦେଇପାରନ୍ତି।

iii. ଡେଡୁଛତିବଲେ

ଏହାକୁ ଅତିରିକ୍ତ ମଧ୍ୟ କୁହାଯାଏ । ଏହା ହେଉଛି ଏକ ନିର୍ଦ୍ଧାରିତ ରାଶି ଯାହାକୁ ବୀମାକର୍ତ୍ତା ଦ୍ୱାରା ଦାବୀ ପ୍ରଦାନର ପୂର୍ବରୁ ଆରମ୍ଭରେ ବୀମିତ ଦେବା ଆବଶ୍ୟକ, ଉଦାହରଣ ସ୍ୱରୂପ, ଯଦି ଏକ ପଲିସୀରେ କାଟିବାଯୋଗ୍ୟ ରାଶି INR 10000 ହୁଏ, ବୀମିତ ପ୍ରଥମେ ଦାବୀ କରାଯାଇଥିବା ପ୍ରତ୍ୟେକ ବୀମିତ କ୍ଷତି ପାଇଁ INR 1000 ଦେବ ।

ଯେତେବେଳେ ବୀମିତ ପାଖରେ ନୈତିକ ଆପଦର ସନ୍ଦେହ ହୁଏ, ଅଭିକର୍ତ୍ତା ସେଭଳି ପ୍ରସ୍ତାବକୁ ଆପ୍ୟାୟିତ କରିବା କିମ୍ବା ତାକୁ ବୀମା କମ୍ପାନୀ ପାଖକୁ ଆଣିବା ଉଚିତ ନୁହେଁ । ସେ ସେଭଳି ସମସ୍ୟାଗୁଡ଼ିକୁ ବୀମା କମ୍ପାନୀ କର୍ମକର୍ତ୍ତାମାନଙ୍କ ପାଖକୁ ଆଣିବା ମଧ୍ୟ ଉଚିତ ।

5. ଅଳ୍ପ ଅବଧି ମାପକ

ସାଧାରଣତଃ, ପ୍ରିମିୟମ ହାରଗୁଡ଼ିକ ବାର ମାସର ଅବଧି ପାଇଁ ଉଲ୍ଲେଖ କରାଯାଏ । ଯଦି ପ୍ରିମିୟମ ଏକ ଅଳ୍ପ ଅବଧି ପାଇଁ ନିଆଯାଏ, ପ୍ରିମିୟମ ଏକ ବିଶିଷ୍ଟ ମାପକ ଅନୁସାରେ ଚାର୍ଜ କରାଯାଏ, ଯାହାକୁ ଅଳ୍ପ ଅବଧି ମାପକ କୁହାଯାଏ ।

ଏହା ନିରୀକ୍ଷଣ କରାଯାଇପାରେ ଯେ ମାପକ ଅନୁସାରେ, ଅଳ୍ପ ଅବଧି ବୀମା ପାଇଁ ଚାର୍ଜ କରାଯାଇଥିବା ପ୍ରିମିୟମ ସମାନୁପାତିକ ଆଧାରରେ ନୁହେଁ ।

ଅଳ୍ପ ଅବଧି ମାନକ ପାଇଁ ଆବଶ୍ୟକତା

କ) ଏହି ହାରଗୁଡ଼ିକ ଲାଗୁ କରାଯାଏ କାରଣ ପଲିସୀ ବିଷୟ ସମ୍ବନ୍ଧୀୟ ଖର୍ଚ୍ଚ, 12 ମାସ ଅବଧି ପାଇଁ ହେଉ ଅଥବା ଅଳ୍ପ ଅବଧି ପାଇଁ ହେଉ, ପ୍ରାୟ ସମାନ ହି ଥାଏ ।

ଖ) ପୁନଃ, ଏକ ବାର୍ଷିକ ପଲିସୀ ପାଇଁ ଗୋଟିଏ ବର୍ଷରେ କେବଳ ଥରକ ପାଇଁ ନୂତନୀକରଣ ପ୍ରକ୍ରିୟା ଆବଶ୍ୟକ ହୁଏ ଯେତେବେଳେ କି ଅଳ୍ପ ଅବଧି ବୀମାଗୁଡ଼ିକରେ ବାରମ୍ବାର ନୂତନୀକରଣ ହୋଇଥାଏ । ଯଦି ଏକ ସମାନୁପାତିକ ପ୍ରିମିୟମର ସ୍ୱୀକୃତି ଦିଆଯାଏ, ବୀମିତ ପକ୍ଷରେ ଅଳ୍ପ ଅବଧିର ପଲିସୀସବୁ ନେବା ପାଇଁ ମନୋବୃତ୍ତି ହେବ ଏବଂ ତା' ଦ୍ୱାରା, ପ୍ରଭାବୀ ରୂପେ, କିସ୍ତି ହିସାବରେ ପ୍ରିମିୟମ ପ୍ରଦାନ କରିବାକୁ ପଡ଼ିବ ।

ଗ) ଏହା ବ୍ୟତୀତ, କେତେକ ବୀମା ଗୁଣ ହିସାବରେ ସାମୟିକ ଓ ସେହି ସମୟରେ ସଙ୍କଟ ଅଧିକ ଥାଏ । ବୀମାଗୁଡ଼ିକ ବେଳେ ବେଳେ ସେ ଭଳି ସମୟରେ ନିଆଯାଏ ଯେତେବେଳେ ସଙ୍କଟ ସବୁଠୁ ବେଶୀ ଥାଏ ଏବଂ ତା ଦ୍ୱାରା ବୀମାକର୍ତ୍ତାମାନଙ୍କ ବିପକ୍ଷରେ ଚୟନ କରାଯାଏ । ବୀମାକର୍ତ୍ତାମାନଙ୍କ ବିପକ୍ଷରେ ସେଭଳି ଚୟନକୁ ରୋକିବା ପାଇଁ ଅଳ୍ପ ଅବଧି ମାନକଗୁଡ଼ିକ ସୃଷ୍ଟି କରାଯାଇଛି । ସେଗୁଡ଼ିକ ସେ ସମୟରେ ବି ପ୍ରଯୁଜ୍ୟ ଯେତେବେଳେ ବୀମିତ ଦ୍ୱାରା ବାର୍ଷିକ ବୀମାକୁ ରଦ୍ଦ କରାଯାଏ ।

6. ସର୍ବ ନିମ୍ନ ପ୍ରିମିୟମ

ପ୍ରତ୍ୟେକ ପଲିସୀ ଅନ୍ତର୍ଗତ ସର୍ବନିମ୍ନ ପ୍ରିମିୟମ ଚାର୍ଜ କରିବା ପ୍ରଥା ଅଟେ ଯାହା ଦ୍ୱାରା ପଲିସୀ ଜାରୀ କରିବାର ପ୍ରଶାସନିକ ଖର୍ଚ୍ଚ ଆବୃତ ହୋଇଯାଏ ।

ସ୍ୱତଃ ପରୀକ୍ଷଣ କରନ୍ତୁ 3

ଏକ ଅଭିକର୍ତ୍ତା ପାଖରୁ କ'ଣ ଆଶା କରାଯାଏ ଯେତେବେଳେ ସେ ଏକ ନୈତିକ ଆପଦ ଚିହ୍ନଟ କରେ ?

ଏକ ଅଭିକର୍ତ୍ତା ପାଖରୁ କ'ଣ ଆଶା କରାଯାଏ ଯେତେବେଳେ ସେ ଏକ ନୈତିକ ଆପଦ ଚିହ୍ନଟ କରେ ?

I. ପୂର୍ବ ଭଳି ପଲିସୀକୁ ଚାଲୁ ରଖେ

II. ତା ବିଷୟରେ ବୀମାକର୍ତ୍ତାଙ୍କୁ ସୂଚୀତ କରେ

III. ଦାବୀରେ ଏକ ଅଂଶ ପାଇଁ ଅନୁରୋଧ କରେ

IV. ଏକ ଅନ୍ଧ ଚକ୍ଷୁ ଘୂରାଏ

ଘ. ବୀମିତ ରାଶି

ଏହା ହେଉଛି ସର୍ବାଧିକ ରାଶି ଯାହା ପଲିସୀ ସର୍ତ୍ତ ଅନୁସାରେ ଏକ ବୀମା କମ୍ପାନୀ କ୍ଷତି ପୂର୍ତ୍ତ ଦେବ । ଏକ ବୀମିତକୁ କ୍ଷତିପୂର୍ତ୍ତିର ସୀମା ଚୟନ କରିବା ସମୟରେ ଅତି ସାବଧାନ ରହିବାକୁ ପଡିବ, କାରଣ ସେଇଟା ହେଉଛି ସର୍ବାଧିକ ରାଶି ଯାହା ଦାବୀ ସମୟରେ ପୁନଃପ୍ରାପ୍ତ ହେବ ।

ବୀମିତ ରାଶି ସର୍ବଦା ବୀମିତ ଦ୍ୱାରା ନିର୍ଦ୍ଧାରିତ ହୁଏ ଏବଂ ପଲିସୀ ଅନ୍ତର୍ଗତ ଦାୟିତ୍ୱର ସୀମା ଅଟେ । ଏହା ହେଉଛି ସେହି ରାଶି ଯାହା ଉପରେ ପଲିସୀ ଅନ୍ତର୍ଗତ ପ୍ରିମିୟମରେ ଉପନୀତ ହେବା ପାଇଁ ହାର ପ୍ରୟୋଗ କରାଯାଏ ।

ଏହା ସମ୍ପତ୍ତିର ବାସ୍ତବ ମୂଲ୍ୟର ପ୍ରତିନିଧି ହେବା ଉଚିତ୍ । ଯଦି ଉର୍ଦ୍ଧ୍ୱ ବୀମା ହୁଏ, ବୀମିତକୁ କୌଣସି ଲାଭ ମିଳେ ନାହିଁ ଏବଂ ଅଧୋ ବୀମା କ୍ଷେତ୍ରରେ, ଦାବୀ ସମାନୁପାତିକ ରୂପେ କାମ ହୋଇଯାଏ ।

1. ବୀମିତ ରାଶି ନିର୍ଦ୍ଧାରିତ କରିବା

ପ୍ରତ୍ୟେକ ଶ୍ରେଣୀର ବ୍ୟବସାୟରେ ବୀମିତକୁ ନିମ୍ନ ବିନ୍ଦୁଗୁଡିକ ଉପରେ ପରାମର୍ଶ ଦେବା ଉଚିତ୍ ଯାହାକୁ ବୀମିତ ରାଶି ନିର୍ଦ୍ଧାରିତ କରିବା ବେଳେ ମନେ ରଖିବାକୁ ପଡ଼େ ।

କ) ବ୍ୟକ୍ତିଗତ ଦୁର୍ଘଟଣା ବୀମା: ଏକ କମ୍ପାନୀ ଦ୍ୱାରା ପ୍ରସ୍ତାବିତ ବୀମିତ ରାଶି ଏକ ନିର୍ଦ୍ଦିଷ୍ଟ ରାଶି ହୋଇପାରେ କିମ୍ବା ଏହା ବୀମିତର ଆୟ ଉପରେ ମଧ୍ୟ ଆଧାରିତ ହୋଇ ପାରେ । କେତେକ ବୀମା କମ୍ପାନୀ ଏକ ନିର୍ଦ୍ଦିଷ୍ଟ ଅକ୍ଷମତା ପାଇଁ ବୀମିତର ମାସିକ ଆୟର 60 ଗୁଣ କିମ୍ବା 100 ଗୁଣ ସମାନର ଲାଭ ଦେଇପାରନ୍ତି । ସର୍ବାଧିକ ରାଶି ଉପରେ ଏକ ଉର୍ଦ୍ଧ୍ୱ ସୀମା କିମ୍ବା 'କ୍ୟାପ' ରହିପାରେ । କ୍ଷତିପୂରଣ କମ୍ପାନୀ ଠାରୁ କମ୍ପାନୀ ମଧ୍ୟରେ ଅଲଗା ହୋଇପାରେ । ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀରେ ବୀମିତ ରାଶି ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ ଅଲଗା ରୂପେ ନିର୍ଦ୍ଧାରିତ ହୋଇପାରେ କିମ୍ବା ବୀମିତ ବ୍ୟକ୍ତିକୁ ଦେୟ ସମଗ୍ର ରାଶି ସହିତ ସଂଯୁକ୍ତ କରାଯାଇ ପାରେ ।

ଖ) ସ୍ୱାସ୍ଥ୍ୟ ବୀମା: ବୀମିତ ରାଶି ଏକ ନିର୍ଦ୍ଦିଷ୍ଟ ଅନ୍ତର ମଧ୍ୟରେ ଉପଲବ୍ଧ ହୁଏ । ଏହା ଆୟୁ ବର୍ଗ ଉପରେ ବି ନିର୍ଭର କରେ । କୁହନ୍ତୁ 25-40 ବର୍ଷର ଆୟୁ ବର୍ଗ ପାଇଁ ବୀମାକର୍ତ୍ତା 10 ଲକ୍ଷ କିମ୍ବା ଅଧିକର ବୀମିତ ରାଶିର ପ୍ରସ୍ତାବ ଦେଇପାରେ ଏବଂ 3 ମାସରୁ 5 ବର୍ଷର ଆୟୁବର୍ଗ ପାଇଁ ଏହା 2 ଲକ୍ଷ କିମ୍ବା ସେମିତି ହୋଇପାରେ ।

ଗ) ମୋଟର ବୀମା: ମୋଟର ବୀମା ପରିପ୍ରେକ୍ଷୀରେ ବୀମିତ ରାଶି ହେଉଛି ବୀମିତର ଘୋଷିତ ମୂଲ୍ୟ (ଆଇଡିଭି) । ଏହା ହେଉଛି ଗାଡିର ମୂଲ୍ୟ ଯାହା ନିର୍ମାଣକର୍ତ୍ତାର ବର୍ତ୍ତମାନର ଗାଡିର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ ସହିତ ଆଇଆରଡିଏ ବିନିୟାମକରେ ନିର୍ଦ୍ଧାରିତ ମୂଲ୍ୟହ୍ରାସ ପ୍ରତିଶତର ସୁପ୍ରବନ୍ଧ କରି ପ୍ରାପ୍ତ ହୁଏ । ନିର୍ମାଣକର୍ତ୍ତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟରେ ପଞ୍ଜିକରଣ ଓ ବୀମା ବ୍ୟତୀତ ସ୍ଥାନୀୟ ଶୁଳ୍କ/କର ସମ୍ମିଳିତ ଥାଏ ।

IDV= (ନିର୍ମାଣକର୍ତ୍ତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ-ମୂଲ୍ୟ ହ୍ରାସ)+ଆବଶ୍ୟକୀୟ ସାମଗ୍ରୀଗୁଡିକ ଯାହା ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ –ମୂଲ୍ୟ ହ୍ରାସରେ ଅନ୍ତର୍ଭୁକ୍ତ ନୁହେଁ) ଏବଂ ପଞ୍ଜିକରଣ ଓ ବୀମା ଖର୍ଚ୍ଚକୁ ବହିର୍ଭୁତ କରେ ।

ପୁରୁଣା ହୋଇଯାଇଥିବା କିମ୍ବା 5 ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିବା ଗାଡିଗୁଡିକର IDV କୁ ବୀମାକର୍ତ୍ତା ଓ ବୀମିତଙ୍କ ପାରସ୍ପରିକ ସମ୍ମତିରେ ନିର୍ଣ୍ଣୟ କରାଯାଏ । ମୂଲ୍ୟ ହ୍ରାସ ପରିବର୍ତ୍ତେ, ପୁରୁଣା କାରସବୁର IDV ସର୍ବେକ୍ଷଣକାରୀ, କାର ବ୍ୟବସାୟୀ ଆଦିଙ୍କ ଦ୍ୱାରା କରାହୋଇଥିବା ଗାଡିର ଅବସ୍ଥାର ମୂଲ୍ୟାଙ୍କନ ଦ୍ୱାରା ନିର୍ଣ୍ଣୟ କରାଯାଏ ।

IDV ହେଉଛି କ୍ଷତିପୂରଣର ରାଶି ପରିମାଣ ଯେତେବେଳେ ଗାଡିଟି ଚୋରୀ ହୋଇଯାଏ କିମ୍ବା ପୂରା କ୍ଷତିର ସମ୍ମୁଖୀନ ହୁଏ । ସେହି IDV ପାଇବା ପାଇଁ ଅତ୍ୟନ୍ତ ରୂପେ ସୁପାରିଶ କରାଯାଏ ଯାହା କାରର ବଜାର ମଲ୍ୟର ପାଖାପାଖି ହୁଏ। ବୀମାକର୍ତ୍ତାମାନେ ବୀମିତକୁ IDV କମ୍ କରିବା ପାଇଁ 5% ରୁ 10% ର ବ୍ୟବଧାନ ଦେଇଥାନ୍ତି । କମ୍ IDV ର ଅର୍ଥ କମ୍ ପ୍ରିମିୟମ ।

ଘ) ଅଗ୍ନି ବୀମା

ଅଗ୍ନି ବୀମାରେ ବୀମିତ ରାଶି ବଜାର ମୂଲ୍ୟ କିମ୍ବା ଘର/ପ୍ଲାଣ୍ଟ ଏବଂ ଯନ୍ତ୍ରପାତି ଓ ଫିକ୍ସ୍ଚରର ପୁନଃସ୍ଥାପନ ମୂଲ୍ୟ ଆଧାରରେ ନିର୍ଦ୍ଧାରିତ କରାଯାଇପାରେ । ବସ୍ତୁଗୁଡିକ ସେଗୁଡିକର ବଜାର ମୂଲ୍ୟ ଆଧାରରେ ଆବୃତ କରାଯାଏ, ଯାହା ମୂଲ୍ୟ ହ୍ରାସ ଛାଡ଼ି ବସ୍ତୁର ମୂଲ୍ୟ ହୋଇଥାଏ ।

ଙ) ସଂରକ୍ଷିତ ଜିନିଷ (ଷ୍ଟକ) ବୀମା

ଷ୍ଟକଗୁଡିକ କ୍ଷେତ୍ରରେ, ବୀମିତ ରାଶି ହେଉଛି ସେଗୁଡିକର ବଜାର ମୂଲ୍ୟ । ବୀମିତ କୁ ସେହି ମୂଲ୍ୟ ହିସାବରେ କ୍ଷତି ପୂରଣ ଦିଆଯିବ ଯେଉଁ ହିସାବରେ ଏହି ଷ୍ଟକଗୁଡିକୁ, କ୍ଷତି ପରେ, ନଷ୍ଟ ହୋଇଥିବା ମୂଳ ପଦାର୍ଥଗୁଡିକୁ ପ୍ରତିସ୍ଥାପିତ କରିବା ପାଇଁ କ୍ରୟ କରା ଯାଇ ପାରେ ।

ଚ) ସାମୁଦ୍ରିକ କାର୍ଗୋ (ବୋଝେଇ) ବୀମା

ଏହା ଏକ ସମ୍ମତ ମୂଲ୍ୟାଙ୍କିତ ପଲିସୀ ଏବଂ ବୀମିତ ରାଶି ଅନୁବନ୍ଧ ସମୟରେ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ହୋଇଥିବା ରାଜିନାମା ହିସାବରେ ହୋଇଥାଏ । ସାଧାରଣତଃ ଏଥିରେ ଖାଉଟି ଦ୍ରବ୍ୟର ମୂଲ୍ୟ ରାଶି ଯୋଗ ବୀମା + ଫ୍ରେଟ ଅର୍ଥାତ୍ CIF ମୂଲ୍ୟ ଅନ୍ତର୍ଭୁକ୍ତ ଥାଏ ।

ଛ) ସାମୁଦ୍ରିକ ହଲ ବୀମା

ସାମୁଦ୍ରିକ ହଲ ବୀମାରେ, ବୀମିତ ରାଶି ହେଉଛି ଅନୁବନ୍ଧ ର ଆରମ୍ଭରେ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ସମ୍ମତିପ୍ରାପ୍ତ କରିଥିବା ମୂଲ୍ୟ । ଏହି ମୂଲ୍ୟ ଏକ ପ୍ରମାଣପତ୍ର ପ୍ରାପ୍ତ ମୂଲ୍ୟାଙ୍କନକାରୀ ଦ୍ୱାରା ହଲ/ଜାହାଜର ନିରୀକ୍ଷଣ ପରେ ପ୍ରାପ୍ତ ହୋଇଥିବା ମୂଲ୍ୟ ହୁଏ ।

ଜ) ଦାୟିତ୍ୱ ବୀମା

ଦାୟିତ୍ୱ ପଲିସୀଗୁଡିକ କ୍ଷେତ୍ରରେ, ବୀମିତ ରାଶି ହେଉଛି ସଙ୍କଟ ସମ୍ମୁଖୀନ ହେବାର ମାତ୍ରା, ଭୌଗଳିକ ବିସ୍ତାର ଆଧାରିତ ଔଦ୍ୟୋଗିକ ୟୁନିଟଗୁଡିକର ଦାୟିତ୍ୱ ଏକ୍ସପୋଜର । ଅତିରିକ୍ତ କାନୁନୀ ମୂଲ୍ୟ ଓ ଖର୍ଚ୍ଚ ମଧ୍ୟ ଦାବୀ କ୍ଷତିପୂରଣ ର ଅଂଶ ହୋଇପାରେ । ବୀମିତ ରାଶି ଉପରୋକ୍ତ ମାପଦଣ୍ଡ ଆଧାରରେ ବୀମିତ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ସ୍ୱତଃ ପରୀକ୍ଷଣ କରନ୍ତୁ 4

ଏକ ଡାକ୍ତର ବିରୁଦ୍ଧରେ ହୋଇଥିବା କୌଣସି ଅବହେଳା ଦାବୀ ଠାରୁ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଏକ ବୀମା ଯୋଜନାର ପରାମର୍ଶ ଦିଅନ୍ତି ।

I. ବ୍ୟକ୍ତିଗତ ଦୁର୍ଘଟଣା ବୀମା

II. ଦାୟିତ୍ୱ ବୀମା

III. ସାମୁଦ୍ରିକ ହଲ ବୀମା

IV. ସ୍ୱାସ୍ଥ୍ୟ ବୀମା

ସାରାଂଶ

କ) ସଙ୍କଟଗୁଡିକର ବର୍ଗୀକରଣ କରିବାର ପ୍ରକ୍ରିୟା ଓ ସେଗୁଡିକ କେଉଁ ବର୍ଗରେ ଆସୁଛନ୍ତି, ତାହା ନିର୍ଣ୍ଣୟ କରିବା ହାର ନିର୍ଦ୍ଧାରଣ (ମୂଲ୍ୟାଙ୍କନ) ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ।

ଖ) ସଙ୍କଟାଙ୍କନ ହେଉଛି ଯେ ବୀମା ପାଇଁ ପ୍ରସ୍ତାବିତ ଏକ ସଙ୍କଟ ସ୍ୱୀକାର୍ଯ୍ୟ କି ନୁହେଁ ଏହା ନିର୍ଦ୍ଧାରିତ କରିବାର ପ୍ରକ୍ରିୟା ଏବଂ ଯଦି ଅଟେ, କେଉଁ ହାର, ସର୍ତ୍ତ ଓ ଅନୁବନ୍ଧରେ ବୀମାକୁ ସ୍ୱୀକାର କରାଯିବ ।

ଗ) ହାର ହେଉଛି ବୀମାର ଏକ ଦିଆଯାଇଥିବା ୟୁନିଟ୍ ର ମୂଲ୍ୟ ।

ଘ) ହାର ନିର୍ଦ୍ଧାରଣର ମୂଳ ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଯେ ବୀମାର ମୂଲ୍ୟ ଯଥେଷ୍ଟ ଓ ଯଥାର୍ଥ ଥିବା ଉଚିତ୍ ।

ଙ) ଖର୍ଚ୍ଚ, ସଂରକ୍ଷଣ ଓ ଲାଭ ପ୍ରଦାନ କରିବାକୁ ପ୍ରତିଶତ ଯୋଗକରି 'ଶୁଦ୍ଧ ପ୍ରିମିୟମ' କୁ ଯୋଗ୍ୟରୂପେ ଲୋଡ କରାଯାଏ /ଭାରୀ କିମ୍ବା ବୃଦ୍ଧି କରାଯାଏ ।

ଚ) ବୀମା ଭାଷାରେ ଆପଦ ପଦ ସେହି ପରିସ୍ଥିତି କିମ୍ବା ଲକ୍ଷଣ କିମ୍ବା ବୈଶିଷ୍ଟ୍ୟତାଗୁଡିକୁ ସୂଚୀତ କରେ ଯାହା ଏକ ଦିଆଯାଇଥିବା ବିପଦ ଠାରୁ ଉତ୍ପନ୍ନ କ୍ଷତିର ସମ୍ଭାବନା ସୃଷ୍ଟି କରେ କିମ୍ବା ବୃଦ୍ଧିକରେ ।

ଛ) କାଟିବାଯୋଗ୍ୟ/ଅତିରିକ୍ତ ଧାରାଗୁଡିକୁ ଲାଗୁକରିବାର ଉଦ୍ଦେଶ୍ୟ ହେଉଛି ଛୋଟ ଦାବୀଗୁଡିକୁ ହଟାଇବା ।

ଜ) ଅଣ ଦାବୀ ବୋନସ ସଙ୍କଟାଙ୍କନ ଅଭିଜ୍ଞତା/ଅନୁଭୂତି କୁ ଉନ୍ନତ କରିବା ପାଇଁ ଏକ ଶକ୍ତିଶାଳୀ ପଦ୍ଧତି ଏବଂ ଏହା ହାର ନିର୍ଦ୍ଧାରଣ/ମୂଲ୍ୟାଙ୍କନ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଅଟେ ।

ଝ) ବୀମିତ ରାଶି ହେଉଛି ସର୍ବାଧିକ ରାଶି ପରିମାଣ ଯାହା ପଲିସୀ ସର୍ତ୍ତ ଅନୁଯାୟୀ ବୀମା କମ୍ପାନୀ କ୍ଷତିପୂର୍ତ୍ତି ରୂପେ ଦେବ ।

ମୂଖ୍ୟ ପଦାବଳୀ

a) ସଙ୍କଟାଙ୍କନ

b) ହାର ନିର୍ଦ୍ଧାରଣ/ମୂଲ୍ୟାଙ୍କନ

c) ଭୌତିକ ଆପଦ

d) ନୈତିକ ଆପଦ

e) କ୍ଷତିପୂର୍ତ୍ତି

f) ଲାଭ

g) ପ୍ରିମିୟମ ଲୋଡ/ଭାରୀ କରିବା

h) ଅନୁଜ୍ଞପ୍ତି

i) କାଟିବାଯୋଗ୍ୟ

j) ଅତିରିକ୍ତ

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି ।।

ସଙ୍କଟର ସମ୍ଭାବ୍ୟତା ଓ ଗମ୍ଭୀରତା ବୀମା ହାର ନିର୍ଦ୍ଧାରଣ ମୂଲ୍ୟାଙ୍କନ କୁ ପ୍ରଭାବିତ କରେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି ।।

ଶୁଦ୍ଧ ପ୍ରିମିୟମ କ୍ଷତିସବୁ ପାଇଁ ରାଶି ପ୍ରଦାନ କରିବାରେ ଯଥେଷ୍ଟ ଅଟେ, ଅବଶ୍ୟ ଏହା ପ୍ରଶାସନିକ ଖର୍ଚ୍ଚ କିମ୍ବା ଲାଭକୁ ହିସାବକୁ ନିଏ ନାହିଁ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି II ।

ଏକ ବୀମା ଅଭିକର୍ତ୍ତା କୌଣସି ନୈତିକ ଆପଦର ଅଟକିବା ବିଷୟରେ ବୀମାକର୍ତ୍ତାଙ୍କୁ ସୂଚୀତ କରିବା ଉଚିତ୍ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି II ।

ଦାୟିତ୍ୱ ବୀମା ଅବହେଳାର ଦାବୀ ବିରୁଦ୍ଧରେ ଡାକ୍ତରଙ୍କୁ ବୀମିତ କରିପାରେ ।

ସ୍ୱତଃ - ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ସଙ୍କଟକୁ ସ୍ୱୀକାର କରାଯିବ କି ନାହିଁ, _____ନିର୍ଣ୍ଣୟ କରେ ।

I. ବୀମିତ

II. ସଙ୍କଟାଙ୍କକ

III. ଅଭିକର୍ତ୍ତା

IV. ସର୍ବେକ୍ଷଣକାରୀ

ପ୍ରଶ୍ନ 2

_____ହେଉଛି ବୀମାର ଦିଆଯାଇଥିବା ଏକ ୟୁନିଟର ମୂଲ୍ୟ ।

I. ହାର

II. ପ୍ରିମିୟମ

III. ବୀମିତ ରାଶି

IV. ବୋନସ

ପ୍ରଶ୍ନ 3

_____ହେଉଛି ସର୍ବାଧିକ ରାଶି ପରିମାଣ ଯାହା ଏକ ବୀମା କମ୍ପାନୀ ସେହି ବ୍ୟକ୍ତିର କ୍ଷତିପୂର୍ତ୍ତି କରିବ ଯିଏ ଏକ ଦାବୀ ଉପସ୍ଥାପିତ କରେ ।

I. ବୀମିତ ରାଶି

II. ପ୍ରିମିୟମ

III. ରାଇଡର

IV. ଲାଭ

ପ୍ରଶ୍ନ 4

_____ସଙ୍କଟାଙ୍କକ ପାଇଁ ସୂଚନାର ଏକ ଉତ୍ସ ନୁହେଁ

I. ଏକ ପ୍ରସ୍ତାବକର ବାର୍ଷିକ ଆକାଉଣ୍ଟ

II. ସମ୍ପତ୍ତିର ପୂର୍ବ-ସ୍ୱୀକୃତି ସଙ୍କଟ ସର୍ବେକ୍ଷଣ

III. ପ୍ରସ୍ତାବ ଫର୍ମ

IV. ବୀମାକର୍ତ୍ତା ପଞ୍ଜିକରଣ ପ୍ରମାଣପତ୍ର

ପ୍ରଶ୍ନ 5

ଆପଦଗୁଡିକ ହେଉଛନ୍ତି:

I. କାରକସବୁ ଯାହା କ୍ଷତିର ପ୍ରଭାବକୁ ବୃଦ୍ଧି କରନ୍ତି

II. କାରକସବୁ ଯାହା କ୍ଷତିର ବାରମ୍ବାରତାକୁ ବୃଦ୍ଧି କରନ୍ତି

III. କାରକସବୁ ଯାହା କ୍ଷତିର ପ୍ରଭାବ ଓ ଗମ୍ଭୀରତାକୁ ବୃଦ୍ଧି କରନ୍ତି

IV. କାରକସବୁ ଯାହା କ୍ଷତିର ପ୍ରଭାବ ଓ ଗମ୍ଭୀରତାକୁ ହ୍ରାସ କରନ୍ତି

ପ୍ରଶ୍ନ 6

ନିମ୍ନଲିଖିତ ମଧ୍ୟରୁ କେଉଁଟା ସତ୍ୟ ?

ଭୌତିକ ଆପଦଗୁଡିକ :

I. ହାର ନିର୍ଦ୍ଧାରଣ ପାଇଁ ମହତ୍ତ୍ୱପୂର୍ଣ୍ଣ ନୁହନ୍ତି

II. ସୁନିଶ୍ଚିତ କରା ଯାଇପାରେ ନାହିଁ

III. ବାଲାନ୍ସ ଶୀଟ ରୁ ହିସାବ କରା ଯାଇପାରେ

IV. ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ସୂଚନା ଠାରୁ ସୁନିଶ୍ଚିତ କରାଯାଇପାରେ

ପ୍ରଶ୍ନ 7

ମୋଟର ବୀମାରେ ଅନୁଜ୍ଞପ୍ତିଗୁଡିକ ମଧ୍ୟରୁ ଗୋଟିଏ ହେଉଛି :

I. ଗାଡ଼ିଟିକୁ ପ୍ରତିଦିନ ଧୋଇବାକୁ ପଡିବ

II. ଗାଡ଼ିଟି ବେଗ ପରୀକ୍ଷଣ ପାଇଁ ବ୍ୟବହୃତ ହେବା ଉଚିତ୍ ନୁହେଁ

III. ଗାଡ଼ିଟି ବ୍ୟକ୍ତିଗତ ଉପଯୋଗ ପାଇଁ ଜିନିଷପତ୍ର ବୋହିବା ଲାଗି ବ୍ୟବହୃତ ହେବା ଉଚିତ ନୁହେଁ

IV. ଗାଡ଼ିଟିକୁ ପ୍ରତି ଦିନ 200 କିମି ଠାରୁ ଅଧିକ ଚଳାଇବା ଉଚିତ ନୁହେଁ

ପ୍ରଶ୍ନ 8

କାଟିବାଯୋଗ୍ୟ ଧାରାର ଉଦ୍ଦେଶ୍ୟ ହେଉଛି:

I. ଦାବୀ ରାଶି ପ୍ରଦାନକୁ ଏଡ଼େଇ ଦେବା

II. ଛୋଟ ଛୋଟ ଦାବୀର ରାଶିପ୍ରଦାନକୁ ହଟାଇଦେବା

III. ପଲିସୀଧାରୀକୁ କଷ୍ଟ ପହୁଞ୍ଚାଇବା

IV. ପ୍ରିମିୟମ କୁ ବଢ଼ାଇବା

ପ୍ରଶ୍ନ 9

ପରିସରରେ ସ୍ପ୍ରିଙ୍କଲର୍ ସିଷ୍ଟମର ପ୍ରତିଷ୍ଠାପନ:

I. ସଙ୍କଟକୁ ବଢ଼ାଏ

II. ସଙ୍କଟକୁ କମ କରେ

III. ସଙ୍କଟକୁ ନା ବଢ଼ାଏ ନା କମ କରେ

IV. ହୁଡିଙ୍ଗ ର ସଙ୍କଟକୁ ବଢ଼ାଏ

ପ୍ରଶ୍ନ 10

ମୋଟର ବୀମାରେ ବୀମିତର ଘୋଷିତ ମୂଲ୍ୟ ସମ୍ମିଳିତ କରେ :

I. ପଞ୍ଜୀକରଣ

II. ନିର୍ମାଣକାରୀଙ୍କ କ୍ରୟ ମୂଲ୍ୟ

III. ନିର୍ମାଣକାରୀଙ୍କ ବିକ୍ରୟ ମୂଲ୍ୟ

IV. ମନମାନୀ ମୂଲ୍ୟ ଘଟକ

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ସଙ୍କଟକୁ ସ୍ୱୀକାର କରାଯିବ କି ନାହିଁ, ସଙ୍କଟାଙ୍କକ ନିର୍ଣ୍ଣୟ କରେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

ସଙ୍କଟକୁ ସ୍ୱୀକାର କରାଯିବ କି ନାହିଁ, ସଙ୍କଟାଙ୍କକ ନିର୍ଣ୍ଣୟ କରେ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ବୀମିତ ରାଶି ହେଉଛି ସର୍ବାଧିକ ରାଶି ପରିମାଣ ଯାହା ଏକ ବୀମା କମ୍ପାନୀ ସେହି ବ୍ୟକ୍ତିର କ୍ଷତିପୂର୍ତ୍ତି କରିବ ଯିଏ ଏକ ଦାବୀ ଉପସ୍ଥାପିତ କରେ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି IV ।

ବୀମାକର୍ତ୍ତାଙ୍କ ପଞ୍ଜିକରଣ ପ୍ରମାଣପତ୍ର ସଙ୍କଟାଙ୍କକ ପାଇଁ ସୂଚନାର ଏକ ଉତ୍ସ ନୁହେଁ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

ଆପଦଗୁଡିକ ହେଉଛନ୍ତି କାରକସବୁ ଯାହା କ୍ଷତିଗୁଡିକର ପ୍ରଭାବ ଓ ଗମ୍ଭୀରତାକୁ ବୃଦ୍ଧି କରନ୍ତି ।

ଉତ୍ତର 6

ସଠିକ ବିକଳ୍ପ ହେଉଛି IV ।

ଭୌତିକ ଆପଦଗୁଡିକ ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ସୂଚନାଠାରୁ ସୁନିଶ୍ଚିତ କରାଯାଇପାରେ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି II ।

ମୋଟର ବୀମାରେ ଅନୁଜ୍ଞପ୍ତିଗୁଡିକ ମଧ୍ୟରୁ ଗୋଟିଏ ହେଉଛି ଯେ ଗାଡିଟି ବେଗ ପରୀକ୍ଷଣ ପାଇଁ ବ୍ୟବହୃତ ହେବା ଉଚିତ୍ ନୁହେଁ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି II ।

କାଟିବାଯୋଗ୍ୟ ଧାରାର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ଦାବୀର ରାଶି ପ୍ରଦାନକୁ ହଟାଇ ଦେବା ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି II ।

ପରିସରରେ ସ୍ପ୍ରିଙ୍କଲର ସିଷ୍ଟମର ପ୍ରତିଷ୍ଠାପନ ନିଆଁର ସଙ୍କଟକୁ କମ କରେ ।

ଉତ୍ତର 10

ସଠିକ ବିକଳ୍ପ ହେଉଛି III ।

ମୋଟର ବୀମାରେ ବୀମିତର ଘୋଷିତ ମୂଲ୍ୟ ନିର୍ମାଣକାରୀର ବିକ୍ରୟ ମୂଲ୍ୟକୁ ସମ୍ମିଳିତ କରେ।

ଅଧ୍ୟାୟ 25

ବ୍ୟକ୍ତିଗତ ଏବଂ ଖୁଚୁରା ବୀମା

ଅଧ୍ୟାୟ ପରିଚୟ

ପୂର୍ବବର୍ତ୍ତୀ ଅଧ୍ୟାୟଗୁଡିକରେ ଆମେ ସାଧାରଣ ବୀମା ସମ୍ବନ୍ଧୀୟ ବିଭିନ୍ନ ଧାରଣା ଓ ସିଦ୍ଧାନ୍ତ ବିଷୟରେ ଜାଣି ପାରିଛୁ। ସାଧାରଣ ବୀମା ଉତ୍ପାଦଗୁଡିକ ଅଲଗା ଅଲଗା ବଜାରରେ ଅଲଗା ଅଲଗାରୂପେ ବର୍ଗୀକୃତ କରାଯାଏ । କେତେକ ସେଗୁଡିକୁ ସମ୍ପତ୍ତି, ଆକସ୍ମିକ ଓ ଦାୟିତ୍ୱ ହିସାବରେ ବର୍ଗୀକୃତ କରନ୍ତି । ଅନ୍ୟ କେଉଁଠି, ସେଗୁଡିକୁ ଅଗ୍ନି, ସାମୁଦ୍ରିକ, ମୋଟର ଓ ଅନ୍ୟାନ୍ୟ ହିସାବରେ ସମୂହ କରାଯାଏ । ଏହି ଅଧ୍ୟାୟରେ, ସାଧାରଣ ଉତ୍ପାଦ, ଯେପରି କି ବ୍ୟକ୍ତିଗତ ଦୁର୍ଘଟଣା, ସ୍ୱାସ୍ଥ୍ୟ, ଯାତ୍ରା, ଘର ଓ ଦୋକାନୀ ଯେଉଁଗୁଡିକୁ ସେଭଳି ଖୁଚୁରା ଗ୍ରାହକମାନଙ୍କ ଦ୍ୱାରା କ୍ରୟ କରାଯାଏ, ସେଗୁଡିକ ବିଷୟରେ ଆଲୋଚିତ ହୋଇଛି ।

ଅଧ୍ୟୟନ ପରିଣାମ

କ. ଗୃହକର୍ତ୍ତାଙ୍କ ବୀମା

ଖ. ଙ. ଦୋକାନୀର ବୀମା

ଗ. ଚ. ମୋଟର ବୀମା

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହୋଇପାରିବେ :

1. ଗୃହକର୍ତ୍ତାଙ୍କ ବୀମା ବିଷୟରେ ବ୍ୟାଖ୍ୟା କରିବା ପାଇଁ
2. ଦୋକାନ ବୀମା ଆବରଣ ପ୍ରସ୍ତୁତ କରିବା ପାଇଁ
3. ମୋଟର ବୀମା ବିଷୟରେ ଆଲୋଚନା କରିବା ପାଇଁ

କ. ଗୃହସ୍ଥର ବୀମା

କ. ଖୁଚୁରା ବୀମା ଉତ୍ପାଦ

କେତେକ ବୀମା ଉତ୍ପାଦ ଅଛନ୍ତି ଯେଉଁଗୁଡିକୁ କେତେକ ନିର୍ଦ୍ଦିଷ୍ଟ ହିତକୁ ଆବରଣ କରିବା ପାଇଁ ବ୍ୟକ୍ତିମାନଙ୍କ ପାଇଁ କ୍ରୟ କରାଯାଏ । ଯଦିଓ ସେଭଳି ବୀମାଗୁଡିକ ପାଇଁ ଛୋଟ ଛୋଟ ବ୍ୟାପାରିକ କିମ୍ବା ବ୍ୟବସାୟିକ ହିତ ଥାଇପାରେ, ଏଗୁଡିକ ସାଧାରଣତଃ ବ୍ୟକ୍ତିମାନଙ୍କୁ ବିକ୍ରି କରାଯାଏ । କେତେକ ବଜାରରେ ଏଗୁଡିକୁ 'କ୍ଷୁଦ୍ର ଟିକେଟ' ପଲିସୀ କିମ୍ବା 'ଖୁଚୁରା ପଲିସୀ' କିମ୍ବା 'ଖୁଚୁରା ଉତ୍ପାଦ' କୁହାଯାଏ । ଘର, ମୋଟର କାର, ଦୁଇଚକିଆ, ଦୋକାନ ଭଳି ଛୋଟ ବ୍ୟବସାୟଗୁଡିକ ଆଦି ଏହି ବର୍ଗ ଅନ୍ତର୍ଗତ । ଏହି ଉତ୍ପାଦଗୁଡିକ ସାଧାରଣତଃ ସେହି ଅଭିକର୍ତ୍ତା/ବିତରଣ ମାଧ୍ୟମଗୁଡିକ ଦ୍ୱାରା ବିକ୍ରି କରାଯାଏ ଯେଉଁମାନେ ବ୍ୟକ୍ତିଗତ ଶ୍ରେଣୀର ବୀମା ବ୍ୟବସାୟ କରନ୍ତି ଯେହେତୁ କ୍ରେତାମାନେ ମଧ୍ୟ ମୁଖ୍ୟତଃ ସେହି ଉପଭୋକ୍ତା ଶ୍ରେଣୀର ହୋଇଥାନ୍ତି ।

ଖ. ଗୃହସ୍ଥର ବୀମା

କ) ଆମେ କାହିଁକି ଗୃହସ୍ଥ ବୀମା ଆବଶ୍ୟକ କରୁ ?

ମହତ୍ତ୍ୱପୂର୍ଣ୍ଣ

'ସୂଚୀଭୁକ୍ତ ବିପଦ ବୀମା ପଲିସୀ'

i. ଏକ ଗୃହସ୍ଥ ପଲିସୀ କେବଳ ସେହି ହାନିଗୁଡିକ ଉପରେ ଆବରଣ ପ୍ରଦାନ କରେ ଯାହା ପଲିସୀରେ ସୂଚୀଭୁକ୍ତ ଥିବା ବିପଦ କିମ୍ବା ଘଟଣାଠାରୁ ବୀମିତର ସମ୍ପତ୍ତି ଉପରେ ହୋଇଥାଏ ।

ii. ସୂଚୀଭୁକ୍ତ ବିପଦ ପଲିସୀସବୁ ଏକ ବ୍ୟାପକ ଆଚ୍ଛାଦନ କିମ୍ବା ପ୍ରଶସ୍ତ ପଲିସୀ ସବୁର ଯେଉଁଗୁଡିକ ଅଧିକାଂଶ ବିପଦକୁ ଆବରଣ ପ୍ରଦାନ କରନ୍ତି କମ ଖର୍ଚ୍ଚର ବିକଳ୍ପ ରୂପେ କିଣା ଯାଇ ପାରେ ।

'ସମସ୍ତ ସଙ୍କଟ'

i. "ସମସ୍ତ ସଙ୍କଟ" ର ଅର୍ଥ ହେଉଛି ଯେ କୌଣସି ବି ସଙ୍କଟ ଯାହାକୁ ଅନୁବନ୍ଧ ବିଶେଷରୂପେ ଅପବର୍ଜିତ କରେ ନାହିଁ, ତାହା ସ୍ୱତଃ ରୂପେ ଆବୃତ ହୁଏ । ଉଦାହରଣ ସ୍ୱରୂପ, ଯଦି ଏକ ସମସ୍ତ-ସଙ୍କଟ ଗୃହସ୍ଥ ପଲିସୀ ପ୍ରକାଶ୍ୟରୂପେ ବନ୍ୟା ଆଚ୍ଛାଦନକୁ ଅପବର୍ଜିତ/ବହିର୍ଭୁତ କରେ ନାହିଁ, ତେବେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେବା ଘଟଣାରେ ଘରକୁ ଆବରଣ ଦିଆଯିବ ।

ii. ଏକ ପ୍ରକାରର ବୀମା ଆବରଣ ଯାହା କେବଳ ସେହି ସଙ୍କଟଗୁଡିକୁ ଅପବର୍ଜିତ କରେ ଯେଉଁଗୁଡିକ ବିଶେଷରୂପେ ଅନୁବନ୍ଧରେ ଉଲ୍ଲିଖିତ ଅଛି । କେଉଁଟିକୁ ବହିର୍ଭୁତ କରାଯିବ, ତାହା ସ୍ପଷ୍ଟରୂପେ ଉଲ୍ଲିଖିତ ହେବ ।

iii. ସମସ୍ତ-ସଙ୍କଟ ବୀମା ଅବଶ୍ୟ ଉପଲବ୍ଧ ସର୍ବାଧିକ ବ୍ୟାପକ ପ୍ରକାରର ଆଚ୍ଛାଦନ/ଆବରଣ ଅଟେ । ତେଣୁକରି ଏହା ଅନ୍ୟ ପ୍ରକାରର ପଲିସୀଗୁଡିକ ଅପେକ୍ଷା ଆନୁପାତିକ ରୂପେ ଅଧିକ ମୂଲ୍ୟର ହୋଇଥାଏ , ଏବଂ ଏ ପ୍ରକାରର ବୀମାର ମୂଲ୍ୟକୁ ଏକ ଦାବୀର ସମ୍ଭାବ୍ୟତା ବିରୁଦ୍ଧରେ ମପାଯାଇଥାଏ ।

ଘର ହେଉଛି ଏକ ସ୍ଥାନ ଯେଉଁଠି ସ୍ୱପ୍ନସବୁ ନିର୍ମିତ ହୁଏ ଏବଂ ସ୍ମୃତିସବୁକୁ ସାଇତି କରି ରଖାଯାଏ, ନିଜର ଏକ ଘର ଥିବା ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଏକ ଦୀର୍ଘ ଆକାଂକ୍ଷିତ ସ୍ୱପ୍ନ ହୋଇଥାଏ । ଆମମାନଙ୍କ ମଧ୍ୟରୁ ଅଧିକାଂଶ ଯିଏ ଏକ ଘର କିଣିବା ପାଇଁ ନିଷ୍ପତ୍ତି ନିଅନ୍ତି, ଏକ ଗୃହ ଋଣକୁ ବିକଳ୍ପ ରୂପେ ଚୟନ କରନ୍ତି । ଏକ ଗୃହ ଋଣ ଆମ ଜୀବନର ଦୀର୍ଘତମ ଋଣଗୁଡିକ ମଧ୍ୟରୁ ଗୋଟିଏ, ଯାହା ପାଇଁ ଏକ ଦୀର୍ଘାବଧି ବଚନବଦ୍ଧତା ଆବଶ୍ୟକ । ଋଣ ପାଇବା ପାଇଁ ଆମକୁ ବ୍ୟାଙ୍କକୁ ଦେବାପାଇଁ ଓ ଋଣର ସୁରକ୍ଷା ପାଇଁ ବୀମା ନେବା ଆବଶ୍ୟକତା ହୁଏ ।

ଘର ବ୍ୟତୀତ, ଘରର ବସ୍ତୁଗୁଡିକ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଘରେ ଆସବାବପତ୍ର ଓ ଟେଲିଭିଜନ, ରେଫ୍ରିଜେରେଟର, ୱାସିଙ୍ଗମେସିନ ଆଦି ଭଳି ମୂଲ୍ୟବାନ ଉପକରଣଗୁଡିକ ମଧ୍ୟ ଥାଏ । କିଛି ସୁନା କିମ୍ବା ରୂପା ଅଲଙ୍କାର ଏବଂ ପେଣ୍ଟିଂ କିମ୍ବା ଅଲଭ୍ୟ କଳାକୃତି ଭଳି ଶିଳ୍ପକୃତି ମଧ୍ୟ ଥାଇପାରେ । ଏହି ସବୁଗୁଡିକ ନିଆଁ, ଭୂମିକମ୍ପ, ବନ୍ୟା ଆଦି ଦ୍ୱାରା ନଷ୍ଟ ହୋଇପାରେ କିମ୍ବା ଚୋରୀ ମଧ୍ୟ ହୋଇପାରେ । ଏହି ସବୁ ସମ୍ପତ୍ତି ପରିବାରର ସଂଚୟର ଉପଯୋଗ କରି ଉଚ୍ଚ ମୂଲ୍ୟରେ କିଣା ହୋଇଥାଏ, ଯାହାର ହାନି ଆର୍ଥିକ ବିପତ୍ତିର କାରଣ ହୋଇପାରେ । ଗୃହସ୍ଥ ପଲିସୀ ହେଉଛି ଏକ ବ୍ୟାପକ ପଲିସୀ ଯାହା ଉପରୋକ୍ତ ପରିସ୍ଥିତିସବୁର ମୁକାବିଲା କରିବା ପାଇଁ ଉଦ୍ଦିଷ୍ଟ ।

ଖ) ଗୃହସ୍ଥ ବୀମା ପଲିସୀରେ କ'ଣ ଆବୃତ ହୁଏ ?

ସୂଚନା

ପ୍ୟାକେଜ୍ କିମ୍ବା ଛତ୍ର ପଲିସୀ

i. ପ୍ୟାକେଜ କିମ୍ବା ଛତ୍ର ପଲିସୀ, କେବଳ ଗୋଟିଏ ଦସ୍ତାବିଜ ଅନ୍ତର୍ଗତ, କଭରଗୁଡିକର ଏକ ସମଷ୍ଟି ପ୍ରଦାନ କରେ ।

ii. ଉଦାହରଣ ସ୍ୱରୂପ, ସେହି କଭରସବୁ ରହିଛି ଯେପରିକି ଗୃହସ୍ଥ ପଲିସୀ, ଦୋକାନୀ ପଲିସୀ, ଅଫିସ ପ୍ୟାକେଜ୍ ପଲିସୀ ଇତ୍ୟାଦି, ଯାହା, ଗୋଟିଏ ପଲିସୀ ଅନ୍ତର୍ଗତ, ଘର, ବସ୍ତୁ ଆଦି ସହିତ ବିଭିନ୍ନ ଭୌତିକ ସମ୍ପତ୍ତିଗୁଡିକୁ ଆବୃତ କରିବା ପାଇଁ ଚାହେଁ ।

iii. ସେଭଳି ପଲିସୀଗୁଡିକ କେତେକ ବ୍ୟକ୍ତିଗତ ପ୍ରକାରର ପଲିସୀ କିମ୍ବା ଦାୟିତ୍ୱ ଆବରଣଗୁଡିକୁ ବି ସମ୍ମିଳିତ କରିପାରେ ।

iv. ପ୍ୟାକେଜ୍ କଭରଗୁଡିକର ସମସ୍ତ ଅନୁଭାଗ ପାଇଁ ସାଧାରଣ ସର୍ତ୍ତ ଓ ଅନୁବନ୍ଧ ଥାଇପାରେ ଏବଂ ପଲିସୀର ବିଶେଷ ଅନୁଭାଗଗୁଡିକ ପାଇଁ ବିଶେଷ ସର୍ତ୍ତ ବି ଥାଇପାରେ ।

ଗୃହସ୍ଥ ବୀମା ଗୃହ ସଂରଚନା ଓ ଏହାର ବସ୍ତୁଗୁଡିକୁ ନିଆଁ, ଦଙ୍ଗା, ପାଇପ ବିସ୍ଫୋଟ, ଭୂମିକମ୍ପ ଆଦି ବିରୁଦ୍ଧରେ ଆବରଣ ଦିଏ । ସଂରଚନା ବ୍ୟତୀତ, ଏହା ବସ୍ତୁଗୁଡିକୁ ଚୋରୀ, ଅପରାଧ ସୂଚକ ଅତିକ୍ରମଣ ଓ ଡକାୟତି ବିରୁଦ୍ଧରେ ଆବୃତ କରେ ।

ଅଲଙ୍କାର, ପିନ୍ଧିବା ସମୟରେ ହେଉ କିମ୍ବା ତାଲା ପଡିଥିବା ଆଲମାରୀରେ ରଖା ଯାଇଥାଉ, କୁ ମଧ୍ୟ ଗୃହସ୍ଥ ବୀମା ଅନ୍ତର୍ଗତ ବୀମିତ କରାଯାଇପାରେ । ପୁରାତନ ଜିନିଷ ଓ କଳାକୃତି ପାଇଁ ମଧ୍ୟ ଆବରଣ ଦିଆଯାଇପାରେ ।

ଗୃହସ୍ଥ ବୀମା ବ୍ୟକ୍ତିଗତ ସାମଗ୍ରୀର ହାନି, ଘରୋଇ ଓ ଇଲେକ୍ଟ୍ରୋନିକ ଉପକରଣଗୁଡିକର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଫଳତା ପାଇଁ ମଧ୍ୟ ଆବରଣ ପ୍ରଦାନ କରେ । କେତେକ ବୀମାକର୍ତ୍ତା ପେଡାଲ ସାଇକଲ, ବ୍ୟକ୍ତିଗତ ଦୁର୍ଘଟଣା ଓ ଶ୍ରମିକମାନଙ୍କ କ୍ଷତିପୂରଣ ପାଇଁ ମଧ୍ୟ ଆବରଣ ପ୍ରଦାନ କରନ୍ତି ।

ଆବୃତ ହେଉଥିବା ହାନି ସାଧାରଣତଃ ନିଆଁ, ବିଜୁଳୀ, ବିସ୍ଫୋରଣ ଓ ବାୟୁଯାନ ପତନ/ପ୍ରଭାର ନଷ୍ଟ ହାନି (ସାଧାରଣତଃ FLEXA ରୂପେ ପରିଚିତ); ଝଡ, ତୋଫାନ, ବନ୍ୟା ଓ ଜଳପ୍ଲାବନ (ସାଧାରଣତଃ STFI ରୂପେ ପରିଚିତ); ଏବଂ ଚୋରୀକୁ ସମ୍ମିଳିତ କରେ । ଆଚ୍ଛାଦନ କମ୍ପାନୀ କମ୍ପାନୀ ମଧ୍ୟରେ ପଲିସୀ ପଲିସୀ ମଧ୍ୟରେ ଭିନ୍ନ ଭିନ୍ନ ହୁଏ । ଉଚ୍ଚ ନେଟଯୋଗ୍ୟ ବ୍ୟକ୍ତି (HNI) ଯେଉଁ ମାନଙ୍କ ଦାମୀ ଘର ଅଛି, ଙ୍କ ବୃଦ୍ଧି ସହିତ, ଏହି ବୀମାର ଆବଶ୍ୟକତା ବଢୁଛି ।

ଧ୍ୟାନ ଦିଅନ୍ତୁ

ପ୍ଲେଟ ଗ୍ଲାସ ଓ ଟେଲିଭିଜନ ବୀମା, ଯଦିଓ ଏହି ବୀମା ଅନ୍ତର୍ଗତ ଆବୃତ ହୁଏ, କୁ ଅଲଗା ଅଲଗା ନିଆଯାଇପାରେ ଯଦି ବୀମିତ ଚାହେଁ । ଆତଙ୍କବାଦକୁ ସାଧାରଣତଃ ବହିର୍ଭୁତ କରାଯାଏ, କିନ୍ତୁ ଏକ ବିସ୍ତାରଣ ରୂପେ ଆବୃତ କରାଯାଇପାରେ । ଯୁଦ୍ଧ ଓ ସେହି ଶ୍ରେଣୀର ବିପଦଗୁଡିକ; ମୂଲ୍ୟହ୍ରାସ; ବ୍ୟବହାର ଯୋଗୁଁ ଭଙ୍ଗାରୁଜା/ଫଟାଫଟି; ପରିଣାମଜନିତ ହାନି ଓ ଆଣବିକ ବିପଦଗୁଡିକ ଅପବର୍ଜିତ କରାଯାଇଛି ।

ଗ) ବୀମିତ ରାଶି ଏବଂ ପ୍ରିମିୟମ

ମହତ୍ତ୍ୱପୂର୍ଣ୍ଣ

ଜଣେ ବ୍ୟକ୍ତି କେମିତି ବୀମିତ ରାଶିକୁ ନିର୍ଦ୍ଧାରିତ କରେ ?

i. ସାଧାରଣତଃ, ବୀମିତ ରାଶି ନିର୍ଦ୍ଧାରିତ କରିବାର ଦୁଇଟି ପଦ୍ଧତି ଅଛି । ଗୋଟିଏ ହେଉଛି ବଜାର ମୂଲ୍ୟ (ଏମ୍. ଭି.) ଓ ଅନ୍ୟଟି ହେଉଛି ପୁନଃସ୍ଥାପନ ମୂଲ୍ୟ (ଆର୍.ଆଇ. ଭି) । ଏମ୍. ଭି. କ୍ଷେତ୍ରରେ, ହାନି ଘଟିଲେ, ସମ୍ପତ୍ତି ଉପରେ ମୂଲ୍ୟହ୍ରାସ କରାଯାଏ, ଏହାର ଆୟୁ ଉପରେ ଆଧାର କରି । ଏହି ପଦ୍ଧତି ଅନ୍ତର୍ଗତ, ବୀମିତ ସମ୍ପତ୍ତିର ପ୍ରତିସ୍ଥାପନା କରିବା ପାଇଁ ତାକୁ ଯଥେଷ୍ଟ ପରିମାଣର ରାଶି ଦିଆଯାଏ ନାହିଁ ।

ii. ଆର. ଆଇ.ଭି. ପଦ୍ଧତିରେ, ବୀମା କମ୍ପାନୀ ବୀମିତ ରାଶିର ସୀମା ଅନ୍ତର୍ଗତ ପ୍ରତିସ୍ଥାପନାର ମୂଲ୍ୟ ଦେବ । ଏହି ପଦ୍ଧତି ଅନ୍ତର୍ଗତ, କୌଣସି ମୂଲ୍ୟହ୍ରାସକୁ ବିଚାରକୁ ନିଆଯିବ ନାହିଁ । ଗୋଟିଏ ସର୍ତ୍ତ ହେଉଛି ଯେ ଦାବୀ ପାଇବା ପାଇଁ ହାନି ପହଞ୍ଚିଥିବା ସମ୍ପତ୍ତିକୁ ମରାମତି/ପ୍ରତିସ୍ଥାପିତ କରିବା ଉଚିତ୍ । ଏହା ଧ୍ୟାନରେ ରଖିବା ଉଚିତ ଯେ ଆର. ଆଇ. ଭି. ପଦ୍ଧତିକୁ ସ୍ୱୀକୃତି ଦିଆଯାଏ କେବଳ ସ୍ଥାୟୀ ସମ୍ପତ୍ତି ପାଇଁ, ଷ୍ଟକ୍ ଓ ପ୍ରକ୍ରିୟାରେ ଥିବା ଷ୍ଟକ ଭଳି ଅନ୍ୟ ସମ୍ପତ୍ତିଗୁଡିକ ପାଇଁ ନୁହେଁ ।

ଅଧିକାଂଶ ପଲିସୀ ଗୃହର ପୁନଃ ନିର୍ମାଣ ମୂଲ୍ୟ (ଏବଂ ବଜାର ମୂଲ୍ୟ ପାଇଁ ନୁହେଁ) ପାଇଁ ଏହାର ସଂରଚନାକୁ ବୀମିତ କରନ୍ତି । ପୁନନିର୍ମାଣ ମୂଲ୍ୟ ହେଉଛି ଗୃହକୁ ପୁନଃନିର୍ମାଣ କରିବାରେ ହୋଇଥିବା ଖର୍ଚ୍ଚ ଯଦି ଏହା ନଷ୍ଟ ହୋଇଯାଏ । ଅନ୍ୟ ପକ୍ଷରେ ବଜାରମୂଲ୍ୟ ଚାହିଦା, ପୂର୍ତ୍ତି ଇତ୍ୟାଦି କାରକଗୁଡିକ ଉପରେ ନିର୍ଭର କରେ ।

ବୀମିତ ରାଶିକୁ ବୀମିତର ଘରର ନିର୍ମିତ କ୍ଷେତ୍ରକୁ ପ୍ରତି ବର୍ଗ ଫୁଟର ନିର୍ମାଣ ହାର ସହିତ ଗୁଣନ କରି ସାଧାରଣତଃ ନିର୍ଣ୍ଣୟ କରାଯାଏ । ଘରର ବସ୍ତୁଗୁଡିକ ଆସବାବ ପତ୍ର, ସ୍ଥାୟୀ ରୂପେ ରହି ପାରୁଥିବା ବସ୍ତୁ, ପୋଷାକପତ୍ର, ବାସନ, ଆଦିଗୁଡିକର ମୂଲ୍ୟାଙ୍କନ ବଜାର ମୂଲ୍ୟ ଅର୍ଥାତ୍ ସେ ଭଳି ବସ୍ତୁର ମୂଲ୍ୟହ୍ରାସ ପରେ ଚଳିତ ବଜାର ମୂଲ୍ୟ ଆଧାରରେ କରାଯାଏ ।

ପ୍ରିମିୟମ ବୀମିତ ମୂଲ୍ୟ ଓ ନିଆଯାଇଥିବା ଆବରଣ ଉପରେ ନିର୍ଭର କରିବ ।

ସ୍ୱତଃ ପରୀକ୍ଷଣ କରନ୍ତୁ 5

ଗୃହସ୍ଥ ବୀମା ପଲିସୀ ସନ୍ଦର୍ଭରେ ନିମ୍ନ ବକ୍ତବ୍ୟ ମଧ୍ୟରୁ କେଉଁଟି ସଠିକ୍ ?

I. ଏକ ସୂଚୀଭୁକ୍ତ ବିପଦ ପଲିସୀକୁ ଏକ ବ୍ୟାପକ ଆବରଣ ପଲିସୀ ଯାହା ଅଧିକାଂଶ ବିପଦଗୁଡିକୁ ଆଚ୍ଛାଦନ ଦିଏ, ଅପେକ୍ଷା ଏକ କମ ମୂଲ୍ୟର ବିକଳ୍ପ ରୂପେ କ୍ରୟ କରାଯାଇପାରେ ।

II. ଏକ ବ୍ୟାପକ ପଲିସୀ ଯାହା ଅଧିକାଂଶ ବିପଦଗୁଡିକୁ ଆଚ୍ଛାଦନ ଦିଏ; କୁ ଏକ ସୂଚୀଭୁକ୍ତ ବିପଦ ପଲିସୀ ଅପେକ୍ଷା ଏକ କମ ମୂଲ୍ୟର ବିକଳ୍ପ ରୂପେ କ୍ରୟ କରାଯାଇପାରେ ।

III. ଏକ ସୂଚୀଭୁକ୍ତ ବିପଦ ପଲିସୀ କିମ୍ବା ବ୍ୟାପକ ପଲିସୀ ସମାନ ମୂଲ୍ୟରେ ଆସେ ।

IV. ଏକ ଗୃହସ୍ଥ ପଲିସୀ ସନ୍ଦର୍ଭରେ, କେବଳ ଏକ ସୂଚୀଭୁକ୍ତ ପଲିସୀ କ୍ରୟ କରାଯାଇପାରେ ଏବଂ ବ୍ୟାପକ ପଲିସୀଗୁଡିକ ଉପଲବ୍ଧ ନାହିଁ ।

ଖ. ଦୋକାନୀର ବୀମା

ବ୍ୟାପାର କରିବା ହେଉଛି ଏକ ଆର୍ଥିକ/ଲାଭ ଦାୟକ କାର୍ଯ୍ୟକଳାପ ଏବଂ ପ୍ରତ୍ୟେକ ଉଦ୍ୟମୀ ଚାହିଁବ ଯେ ତାର ବ୍ୟବସାୟ ଲାଭଦାୟକ ହେଉ । ଦୋକାନସବୁ ଆମ ଦେଶରେ ଅନେକଙ୍କ ପାଇଁ ଖଜଣାର ଉତ୍ସ । ଏହା ନା କେବଳ ଆୟ ପ୍ରଦାନ କରେ ଅପିତୁ ଏକ ସମ୍ପତ୍ତି ବି ଅଟେ । ଦୋକାନୀ ବ୍ୟାପାର ସମ୍ବନ୍ଧୀୟ ନ ଥିବା ସମସ୍ତ ଚିନ୍ତା ଯାହା ତା ବ୍ୟବସାୟ ଉପରେ ବିପରୀତ ପ୍ରଭାବ ପକାଇପାରେ, ରୁ ମୁକ୍ତ ରହିବା ପାଇଁ ଚାହିଁବ । ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବ୍ୟବସାୟ ଅର୍ଥ କିମ୍ବା ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ଏବଂ ଦେବାଳିଆ କିମ୍ବା କାର୍ଯ୍ୟ ସମାପନ ଆଡକୁ ଗତି କରାଇପାରେ । ଏକ ଦୋକାନୀ କର୍ପୋରେଟ ସଂସ୍ଥାନ ନୁହେଁ ଯାହା ପାଖରେ ବ୍ୟବସାୟ ପୁନରାରମ୍ଭ କରିବା ପାଇଁ ଅତ୍ୟଧିକ ରାଶି ସଂଚିତ ହୋଇରହିଛି । କେବଳ ଗୋଟିଏ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା କାରଣରୁ ତା' ଦୋକାନ ବନ୍ଦ ହୋଇପାରେ ଓ ତା' ପରିବାରକୁ ସମ୍ଭବତଃ ଧ୍ୱଂସ କରିଦେଇ ପାରେ । ସେଗୁଡିକର ପରିଶୋଧ ପାଇଁ ସେ ବ୍ୟାଙ୍କ ଋଣ ମଧ୍ୟ ନେଇପାରେ ।

ସର୍ବଦା ଏକ ସମ୍ଭାବନା ରହିଥାଏ ଯେ ଦୋକାନୀର କାର୍ଯ୍ୟକଳାପ କାରଣରୁ ଜନ ସମୁଦାୟର ଏକ ବ୍ୟକ୍ତିର ବ୍ୟକ୍ତିଗତ ହାନି କିମ୍ବା ତା'ଧନର କ୍ଷତି ହୋଇପାରେ ଏବଂ ନ୍ୟାୟାଳୟ ସେହି କ୍ଷତିସବୁର ପ୍ରତିପୂର୍ତ୍ତି ପାଇଁ ଦୋକାନୀକୁ ଦାୟୀ କରିପାରେ । ସେ ଭଳି ପରିସ୍ଥିତି ମଧ୍ୟ ଏକ ଦୋକାନୀର ବିନାଶର କାରଣ ହୋଇପାରେ ! ତେଣୁ କରି, ଜୀବନଧାରଣର ଏହି ମାଧ୍ୟମକୁ ସୁରକ୍ଷିତ କରି ରଖିବା ଅତି ଆବଶ୍ୟକ ।

ଦୋକାନୀର ବୀମା ପଲିସୀଗୁଡିକ ବ୍ୟାପାରିକ ଦୋକାନ/ଖୁଚୁରା ବ୍ୟବସାୟର ସେ ଭଳି ଅନେକ ଦିଗଗୁଡିକୁ ଆବୃତ କରିବା ପାଇଁ ଯୋଜନା କରାଯାଇଛି । କେତେକ ପଲିସୀ ଅଛି ଯେଉଁଗୁଡିକ ଅନେକ ପ୍ରକାରର ଦୋକାନର ବିଶେଷ ରୁଚିଗୁଡିକୁ ଆବୃତ କରିବା ପାଇଁ ସେ ହିସାବରେ ପ୍ରସ୍ତୁତ କରାଯାଇଛି, ଯଥା: ପୁରାତନ ଶିଳ୍ପାକୃତି ଦୋକାନ, ଭଣ୍ଡାରୀ ଦୋକାନ, ବ୍ୟୁଟି ପାର୍ଲର, ପୁସ୍ତକ ଭଣ୍ଡାର, ଡିପାର୍ଟମେଣ୍ଟ ଷ୍ଟୋର, ଡ୍ରାଇ କ୍ଲିନର, ଉପହାର ଦୋକାନ, ଫାର୍ମାସୀ, ଷ୍ଟେଶନାରୀ ଦୋକାନ, କଣ୍ଢେଇ ଦୋକାନ, ପୋଷାକ ଷ୍ଟୋର ଇତ୍ୟାଦି ।

1. ଦୋକାନୀର ବୀମା କ'ଣ ଆବୃତ କରେ ?

ପଲିସୀ ଖୁଚୁରା ବ୍ୟବସାୟର ବିଶେଷ କ୍ଷେତ୍ରଗୁଡିକୁ ସୁରକ୍ଷା ଦେବାକୁ ଆବରଣ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇ ପାରେ । ଏହା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ହାନିକାରୀ ନଷ୍ଟ; ଓ ଚୋରୀ କାରଣରୁ ଦୋକାନ ସଂରଚନା ଓ ଏହାର ବସ୍ତୁଗୁଡିକର ହାନିକୁ ଆବରଣ ପ୍ରଦାନ କରେ । ଦୋକାନ ବୀମା ବ୍ୟବସାୟ ବ୍ୟାଘାତ ସୁରକ୍ଷାକୁ ମଧ୍ୟ ସମ୍ମିଳିତ କରିପାରେ । ଏହା ଏକ ଅପ୍ରତ୍ୟାଶିତ ଦାବୀ ସମୟରେ ହରାଇଥିବା କୌଣସି ଆୟ କିମ୍ବା ଅତିରିକ୍ତ ଖର୍ଚ୍ଚକୁ ଆବୃତ କରିବ । ଆବରଣକୁ ବୀମିତ ତା' ଗତିବିଧିର ଶ୍ରେଣୀ ଅନୁସାରେ ଚୟନ କରି ପାରିବ ।

ବୀମିତ ଚୟନ କରିବାକୁ ଥିବା ଅତିରିକ୍ତ ଆବରଣ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଅଲଗା ହୋଇପାରେ ଏବଂ ଅଣ-ଜୀବନ ବୀମା କମ୍ପାନୀଗୁଡିକର ସମ୍ବନ୍ଧିତ ୱେବ୍ସାଇଟରୁ ସତ୍ୟାପିତ କରାଯାଇପାରେ ।

ଏଗୁଡିକ ହୋଇପାରେ:

i. **ଚୋରୀ ଓ ଗୃହରେ ଅତିକ୍ରମଣ:** ଅଫିସ ବସ୍ତୁ/ଜିନିଷଗୁଡିକର ଚୋରୀ , ଡକାୟତି ଓ ଅତିକ୍ରମଣ ପାଇଁ ଆବରଣ

ii. **ଯନ୍ତ୍ରପାତି ଖରାପ ହେବା:** ବୈଦ୍ୟୁତିକ/ଯାନ୍ତ୍ରିକ ଉପକରଣଗୁଡିକ ଖରାପ ହେବା ଉପରେ ଆବରଣ

iii. **ଇଲେକ୍ଟ୍ରୋନିକ ଉପକରଣ ଓ ସାମଗ୍ରୀ :**

- ✓ ଇଲେକ୍ଟ୍ରୋନିକ ସାମଗ୍ରୀଗୁଡିକ ପାଇଁ ସମସ୍ତ-ସଙ୍କଟ ଆବରଣ ପ୍ରଦାନ କରେ
- ✓ ଇଲେକ୍ଟ୍ରୋନିକ ପ୍ରତିଷ୍ଠାପନଗୁଡିକର ହାନି ଉପରେ ଆବରଣ

iv. **ମୁଦ୍ରା/ଧନ ବୀମା :** ଏକ ଦୁର୍ଘଟଣା କାରଣରୁ ଧନ/ମୁଦ୍ରାର ହାନି ବିରୁଦ୍ଧରେ ଆବରଣ ପ୍ରଦାନ କରେ ଯେତେବେଳେ ଏହା

- ✓ ବ୍ୟବସାୟ ପରିସରଠାରୁ ବ୍ୟାଙ୍କକୁ ଓ ବିପରୀତ କ୍ରମେ ନେବା ଆଣିବା କରାଯାଉ ଥାଏ
- ✓ ବ୍ୟବସାୟ ପରିସରରେ ନିରାପଦରେ ଥାଏ
- ✓ ବ୍ୟବସାୟ ପରିସରରେ ଏକ ସିନ୍ଧୁକ (ବାକ୍ସ/ଡ୍ରଅର/କାଉଣ୍ଟର) ରେ ଥାଏ

v. **ସାମଗ୍ରୀ :** କାର୍ଯ୍ୟାଳୟ ସମ୍ବନ୍ଧୀୟ ଉଦ୍ଦେଶ୍ୟରେ ଯାତ୍ରା ସମୟରେ ହୋଇଥିବା ସାମଗ୍ରୀର ହାନି ପାଇଁ କ୍ଷତିପୂରଣ ପ୍ରଦାନ କରେ ।

vi. **ସ୍ଥିର ପ୍ଲେଟ ଗ୍ଲାସ ଓ ସ୍ୱଚ୍ଛତା ଫିଟିଙ୍ଗ୍ସ ଦୁର୍ଘଟଣାଜନିତ ନଷ୍ଟର ହାନିକୁ ନିମ୍ନଗୁଡିକ ପାଇଁ ଆବୃତ କରେ :**

- ✓ ସ୍ଥିର ପ୍ଲେଟ ଗ୍ଲାସ
- ✓ ସ୍ୱଚ୍ଛତା ଫିଟିଙ୍ଗ୍ସ
- ✓ ନିଅନ ସଙ୍କେତ/ଗ୍ଲୋ ସଙ୍କେତ/ହୋଡିଙ୍ଗ (ବିଜ୍ଞାପନ ବୋର୍ଡ)

vii. **ବ୍ୟକ୍ତିଗତ ଦୁର୍ଘଟଣା**

viii. **କର୍ମଚାରୀମାନଙ୍କ ଶ୍ରଦ୍ଧାହୀନତା (ଅବିଶ୍ୱସନୀୟତା)/ଅସାଧୁତା :** କର୍ମଚାରୀମାନଙ୍କ ଅସାଧୁ କାର୍ଯ୍ୟଗୁଡିକ କାରଣରୁ ହୋଇଥିବା ହାନି କିମ୍ବା ନଷ୍ଟକୁ ଆବୃତ କରେ ।

ix. **ବୈଧିକ ଦାୟିତ୍ୱ :**

- ✓ ନିଯୁକ୍ତି ମଧ୍ୟରୁ ଓ ସମୟରେ ଉପୁଜିଥିବା ଦୁର୍ଘଟଣା ପାଇଁ କ୍ଷତିପୂରଣ
- ✓ ତୃତୀୟ ପକ୍ଷଗୁଡିକୁ ବୈଧିକ ଦାୟିତ୍ୱ ପାଇଁ ଆବରଣ ପ୍ରଦାନ କରେ

ନିଆଁ/ଚୋରୀ/ସାମଗ୍ରୀ/ପ୍ଲେଟ ଗ୍ଲାସ/ବିଶ୍ୱସନୀୟତା ଗ୍ୟାରେଣ୍ଟି/ଶ୍ରମିକ କ୍ଷତିପୂରଣ ଓ ସାର୍ବଜନିକ ଦାୟିତ୍ୱ ପୋଲିସ (ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ) ଅଲଗା ରୂପେ ମଧ୍ୟ ନିଆଯାଇପାରେ ।

ଆତଙ୍କବାଦୀ ଆବରଣ ମଧ୍ୟ ବିସ୍ତାରିତ ହୋଇପାରେ । ଅପବର୍ଜନ ସବୁ ସାଧାରଣତଃ ଗୃହସ୍ଥର ବୀମା ଭଳି ଅଟନ୍ତି ।

2. ବୀମିତ ରାଶି ଓ ପ୍ରିମିୟମ

ଔଦ୍ୟୋଗିକ ୟୁନିଟ କିମ୍ବା ଅଫିସଗୁଡିକ ସମ୍ପତ୍ତିଗୁଡିକର ମୂଲ୍ୟ ପ୍ରଦର୍ଶିତ କରି ଆକାଉଣ୍ଟ ସବୁର ଖାତାଗୁଡିକୁ ବ୍ୟବସ୍ଥିତ କରିବେ, ଯାହା ଦ୍ୱାରା ବୀମିତ ରାଶିକୁ ନିର୍ଣ୍ଣୟ କରିବାକୁ କଷ୍ଟକର ହେବ ନାହିଁ । ଦୋକାନ ଓ ଘର କ୍ଷେତ୍ରରେ ଏହା ସର୍ବଦା ସମ୍ଭବ ହୋଇ ନ ପାରେ ।

ଯେମିତିକି ଗୃହସ୍ଥ ବୀମା ଅନ୍ତର୍ଗତ ପୂର୍ବରୁ ଉଲ୍ଲେଖ କରାଯାଇଛି, ସାଧାରଣତଃ, ବୀମିତ ରାଶି ନିର୍ଦ୍ଧାରିତ କରିବା ପାଇଁ ଦୁଇଟି ପଦ୍ଧତି ଅଛି, ଯଥା: ବଜାର ମୂଲ୍ୟ ଏବଂ ପୁନଃସ୍ଥାପନ/ପ୍ରତିସ୍ଥାପନା ମୂଲ୍ୟ ।

ମୁଦ୍ରା, ସାମଗ୍ରୀ, ବ୍ୟକ୍ତିଗତ ଦୁର୍ଘଟଣା ଭଳି ଅତିରିକ୍ତ ଆବରଣ ପାଇଁ ପ୍ରିମିୟମ ବୀମିତ ରାଶି ଓ ଚୟନିତ ଆବରଣଗୁଡିକ ଉପରେ ନିର୍ଭର କରିବ ।

ପରିଭାଷା

କେତେକ ମହତ୍ତ୍ୱପୂର୍ଣ୍ଣ ପରିଭାଷା

କ) ଜବରଦସ୍ତୀ ଚୋରୀ ଅର୍ଥ ବୀମିତର ପରିସରଠୁଁ ବସ୍ତୁ ଚୋରୀ କରିବା ଉଦ୍ଦେଶ୍ୟରେ ଦୁର୍ଦ୍ଦାନ୍ତ ଓ ଚିହ୍ନଟଯୋଗ୍ୟ ମାଧ୍ୟମ ଦ୍ୱାରା ପରିସରକୁ କିମ୍ବା ପରିସରଠାରୁ ଅପ୍ରତ୍ୟାଶିତ ଓ ଅନଧିକୃତ ପ୍ରବେଶ କିମ୍ବା ପ୍ରସ୍ଥାନ ।

ଖ) ଗୃହରେ ଅନଧିକୃତ ଅତିକ୍ରମଣ ହୋଇଛି ବୋଲି କୁହାଯିବ ଯେତେବେଳେ ଏକ ଅପରାଧ କରିବା ଉଦ୍ଦେଶ୍ୟରେ ଘରକୁ ପ୍ରବେଶ କରି ଅନଧିକୃତ ଅତିକ୍ରମଣ କରାଯାଇଛି ।

ଗ) ଡକାୟତି ଅର୍ଥ ହେଉଛି ବୀମିତ ଏବଂ/କିମ୍ବା ବୀମିତର କର୍ମଚାରୀମାନଙ୍କ ବିରୁଦ୍ଧରେ ଦୁର୍ଦ୍ଦାନ୍ତ ଓ ହିଂସ୍ର ଉପକରଣ ବ୍ୟବହାର କରି ବୀମିତର ପରିସର ମଧ୍ୟରୁ ବସ୍ତୁଗୁଡିକର ଚୋରୀ ।

ଘ) ନିରାପଦ ଅର୍ଥ ହେଉଛି ବୀମିତର ପରିସର ମଧ୍ୟରେ ଏକ ଶକ୍ତ କ୍ୟାବିନେଟ (ଟେବୁଲ) ଯାହା ମଲ୍ୟବାନ ବସ୍ତୁ ଗୁଡିକର ନିରାପଦ ଓ ସୁରକ୍ଷିତ ସଂରକ୍ଷଣ ପାଇଁ ନିର୍ମିତ ହୋଇଥାଏ, ଏବଂ ଯାହା ଭିତରକୁ ପ୍ରବେଶ ସୀମିତ/ନିୟନ୍ତ୍ରିତ ଅଟେ ।

ଙ) ଚୋରୀ ହେଉଛି ସବୁ ଅପରାଧ ପାଇଁ ଏକ ସାଧାରଣ ପଦ ଯେଉଁଠି ଏକ ବ୍ୟକ୍ତି ଜାଣିବୁଝି ଓ କପଟପୂର୍ଣ୍ଣ ଶୈଳୀରେ ଅନ୍ୟର ସମ୍ପତ୍ତିକୁ ବିନା ଅନୁମତି କିମ୍ବା ସମ୍ମତିରେ ଏବଂ ଏହାକୁ ନେଇଥିବା ବ୍ୟକ୍ତିର ଉପଯୋଗ ଉଦ୍ଦେଶ୍ୟରେ କିମ୍ବା ସମ୍ଭାବ୍ୟତା ବିକ୍ରୀ ଉଦ୍ଦେଶ୍ୟରେ ନେଇଥାଏ । 'ଥେଫ୍ଟ' ଓ 'ଲାର୍ସେନି' ସମାନାର୍ଥକ ପଦ ଅଟନ୍ତି ।

ସ୍ୱତଃ ପରୀକ୍ଷଣ କରନ୍ତୁ 5

ଦୋକାନୀ ପଲିସୀ ଅନ୍ତର୍ଗତ, ବୀମିତ ଏକ ଅତିରିକ୍ତ 'ସ୍ଥିର ପ୍ଲେଟ ଗ୍ଲାସ ଓ ସ୍ୱଚ୍ଛତା ଫିଟିଙ୍ଗ୍ସ' ଆବରଣ ପାଇଁ ବିକଳ୍ପ ଚୟନ କରିପାରେ । ଏହା ନିମ୍ନ ମଧ୍ୟରୁ କାହା ପାଇଁ ଦୁର୍ଘଟଣାଜନିତ ନଷ୍ଟର ହାନିକୁ ଆବୃତ କରିବ ?

I. ସ୍ଥିର ପ୍ଲେଟ ଗ୍ଲାସ

II. ସ୍ୱଚ୍ଛତା ଫିଟିଙ୍ଗ୍ସ

III. ନିଅନ ସଙ୍କେତ

IV. ଉପରୋକ୍ତ ମଧ୍ୟରୁ ସମସ୍ତ

ଗ. ମୋଟର ବୀମା

ଏକ ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ ଯେଉଁଠି ଆପଣ ଆପଣଙ୍କ ସମସ୍ତ ସଂଚୟର ଉପଯୋଗ କରି ଏକ ନୂଆଁ କାର କିଣିଛନ୍ତି ଏବଂ ଏହାକୁ ଏକ ଡ୍ରାଇଭରେ ନେଇଛନ୍ତି । କେଉଁଠୁ ଜଣାନାହିଁ, ଏକ କୁକୁର ଆପଣଙ୍କ ରାସ୍ତାରେ ଆସେ ଏବଂ ଏହାକୁ ଧକ୍କା ଦେବାରୁ ଏଡ଼େଇବା ପାଇଁ, ଆପଣ ସିଧା ମୋଡ଼ି ଦିଅନ୍ତି, ବିଭାଜକ ଉପରକୁ ଯାଆନ୍ତି ଓ ଅନ୍ୟ ଏକ କାରକୁ ଧକ୍କା ଦିଏ ଏବଂ ଅନ୍ୟ ବ୍ୟକ୍ତିକୁ କ୍ଷତ କରେ । ତେଣୁ କେବଳ ଗୋଟିଏ ଘଟଣାର ପରିଣାମ ସ୍ୱରୂପ ନିଜ କାରର କ୍ଷତି, ସାର୍ବଜନିକ ସମ୍ପତ୍ତି ଓ ଅନ୍ୟ କାରର ନଷ୍ଟ ଏବଂ ଏହା ସହିତ ଅନ୍ୟ ଏକ ବ୍ୟକ୍ତି କ୍ଷତ ବିକ୍ଷତ ହେଲା ।

ଏହି ପରିଦୃଶ୍ୟରେ, ଯଦି ଆପଣଙ୍କ ପାଖରେ କାର ବୀମା ନାହିଁ, ଆପଣଙ୍କୁ ଆପଣଙ୍କ କାର କ୍ରୟ କରିଥିବା ମୂଲ୍ୟରୁ ବହୁତ ଅଧିକ ପରିଶୋଧ କରି ଶେଷ ହୋଇଯିବେ ।

- ✓ ଆପଣଙ୍କ ପାଖରେ ଦେବା ପାଇଁ ସେତେ ଟଙ୍କା ଅଛି କି ?
- ✓ ଅନ୍ୟ ପକ୍ଷରେ ବୀମା ଆପଣଙ୍କ କାର୍ଯ୍ୟ ପାଇଁ ରାଶି ଦେବ କି ?
- ✓ କ'ଣ ହେବ ଯଦି ସେମାନଙ୍କ ବି ବୀମା ନାହିଁ ?

ଏହି କାରଣରୁ ଦେଶର କାନୁନ କାର ବୀମା ନେବାପାଇଁ ଅନିବାର୍ଯ୍ୟ କରିଛି । ଯଦିଓ ମୋଟର ବୀମା ଏହି ସବୁ ଘଟଣା ଘଟିବାରୁ ରୋକି ପାରେ ନାହିଁ, ଏହା ଆପଣଙ୍କ ପାଇଁ ଆର୍ଥିକ ସୁରକ୍ଷା ଆବରଣ ପ୍ରଦାନ କରେ ।

ଏକ ଦୁର୍ଘଟଣା ବ୍ୟତୀତ, କାରର ଚୋରୀ ମଧ୍ୟ ହୋଇପାରେ, ଦୁର୍ଘଟଣା ଦ୍ୱାରା ନଷ୍ଟ ହୋଇପାରେ କିମ୍ବା ନିଆଁ ଦ୍ୱାରା ଧ୍ୱଂସ ହୋଇପାରେ ଏବଂ ଆପଣ ଆର୍ଥିକ ରୂପେ କ୍ଷତିଗ୍ରସ୍ତ ହୋଇପାରନ୍ତି ।

ମୋଟର ବୀମା ନିଶ୍ଚିତ ରୂପେ ଗାଡି ମାଲିକ ଦ୍ୱାରା ନିଆ ଯିବା ଉଚିତ୍ ଯାହାର ଗାଡ଼ି ତା' ନିଜ ନାମରେ ଭାରତର କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ପଞ୍ଜିକୃତ ହୋଇଛି ।

ମହତ୍ତ୍ୱପୂର୍ଣ୍ଣ

ଅନିବାର୍ଯ୍ୟ ତୃତୀୟ ପକ୍ଷ ବୀମା

ମୋଟର ବାହନ ଅଧିନିୟମ, 1988 ଅନୁସାରେ ସାର୍ବଜନିକ ରାସ୍ତାରେ ଚାଲୁଥିବା ବାହନର ପ୍ରତ୍ୟେକ ମାଲିକ ପାଇଁ, ଦୁର୍ଘଟଣାଜନିତ ମୃତ୍ୟୁ, ଶାରୀରିକ କ୍ଷତ କିମ୍ବା ସମ୍ପତ୍ତିର ନଷ୍ଟ କାରଣରୁ ହୋଇଥିବା ହାନି ପାଇଁ ମାଲିକ ତୃତୀୟ ପକ୍ଷକୁ ବୈଧିକ ରୂପେ ରାଶି ପ୍ରଦାନ କରିବା ପାଇଁ ଦାୟୀ ହୋଇଥିବାରୁ, ସେହି ରାଶିକୁ ଆବୃତ କରିବା ପାଇଁ ଏକ ବୀମା ପଲିସୀ ନେବା ପାଇଁ ଅନିବାର୍ଯ୍ୟ ଅଟେ । ସେଭଳି ବୀମାର ଏକ ପ୍ରମାଣ ରୂପେ ବୀମାର ଏକ ପ୍ରମାଣପତ୍ର ଗାଡି ରେ ନିଶ୍ଚିତ ରୂପେ ନେବା ଆବଶ୍ୟକ ।

1. ମୋଟର ବୀମା ଆଚ୍ଛାଦନ

ଦେଶର ଏକ ବୃହତ୍ ବାହନ ଜନସଂଖ୍ୟା ଅଛି । ପ୍ରତିଦିନ ଅନେକ ସଂଖ୍ୟକ ଯାନବାହନ ରାସ୍ତା ଉପରକୁ ଆସୁଥାଏ । ସେଗୁଡିକ ମଧ୍ୟରେ ଅନେକ ବହୁତ ମୂଲ୍ୟବାନ ମଧ୍ୟ । ଲୋକେ କହନ୍ତି ଯେ ଭାରତରେ, ଗାଡି ଗୁଡିକ ଖରାପ ହୁଅନ୍ତି ନାହିଁ, କେବଳ ମାଲିକ ପରିବର୍ତ୍ତିତ କରୁଥାନ୍ତି । ଏହାର ଅର୍ଥ ହେଉଛି ଯେ ପୁରୁଣା ଗାଡିଗୁଡିକ ରାସ୍ତାରେ ଚାଲିବା ଚାଲୁ ରଖିଥାନ୍ତି ଏବଂ ନୂଆଁ ଗାଡିସବୁ ଯୋଗ ହୋଇ ଯାଉଥାନ୍ତି । ରାସ୍ତାଗୁଡିକର କ୍ଷେତ୍ରଫଳ (ଡ୍ରାଇଭିଂ ପାଇଁ ସ୍ଥାନ) ଗାଡି ସଂଖ୍ୟା ହିସାବରେ ବଢୁ ନାହିଁ । ରାସ୍ତାରେ ଚାଲୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବଢୁଛି । ପୋଲିସ ଓ ଡାକ୍ତରଖାନା ପରିଗଣନା କହେ ଯେ ଦେଶରେ ରାସ୍ତା ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଯାଉଛି । କାନୁନୀ ନ୍ୟାୟାଳୟ ଦ୍ୱାରା ଦୁର୍ଘଟଣାର ଶୀକାର ହୋଇଥିବା ବ୍ୟକ୍ତିମାନଙ୍କୁ ଦିଆଯାଉଥିବା କ୍ଷତିପୂରଣ ରାଶି ବି ବଢ଼ି ଯାଉଛି । ଏପରିକି ଗାଡ଼ି ମରାମତି ଖର୍ଚ୍ଚ ବି ବଢୁଛି । ଏହିସବୁ ଦେଶରେ ମୋଟର ବୀମାର ମହତ୍ତ୍ୱକୁ ପ୍ରଦର୍ଶିତ କରନ୍ତି ।

ମୋଟର ବୀମା ଦୁର୍ଘଟଣା ଓ ଅନ୍ୟ କେତେକ କାରଣରୁ ହୋଇଥିବା ବାହନର ହାନି ଓ ନଷ୍ଟକୁ ଆବୃତ କରେ । ମୋଟର ବୀମା ଗାଡି ମାଲିକମାନଙ୍କୁ ସେମାନଙ୍କ ଗାଡି ଦ୍ୱାରା ହୋଇଥିବା ଦୁର୍ଘଟଣାର ଶୀକାର ହୋଇଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବାର ବୈଧିକ ଦାୟିତ୍ୱକୁ ମଧ୍ୟ ଆବୃତ କରେ ।

ଆପଣ ଭାବନ୍ତି କି ଦେଶର ସମସ୍ତ ବାହନ ଗୁଡିକ ବୀମିତ ହୋଇଥାନ୍ତି?

ମୋଟର ବୀମା ସାର୍ବଜନିକ ରାସ୍ତାରେ ଚାଲୁଥିବା ସମସ୍ତ ପ୍ରକାରର ଗାଡିଗୁଡିକୁ ଆବୃତ କରେ ଯଥା:

- ✓ ସ୍କୁଟର ଓ ମୋଟରସାଇକେଲ
- ✓ ପ୍ରାଇଭେଟ କାର
- ✓ ସବୁ ପ୍ରକାରର ବ୍ୟବସାୟିକ ବାହନ: ଜିନିଷ ବୋହୁଥିବା ଓ ଯାତ୍ରୀ ବୋହୁଥିବା
- ✓ ଅନ୍ୟାନ୍ୟ ପ୍ରକାରର ଗାଡ଼ି, ଉ.ସ୍ୱ. କ୍ରେନ
- ✓ ମୋଟର ବ୍ୟାପାର (ଶୋରୁମ ଓ ଗ୍ୟାରେଜରେ ଥିବା ଗାଡ଼ି)

ସୂଚନା

'ତୃତୀୟ-ପକ୍ଷ ବୀମା'

ଏକ ବୀମା ପଲିସୀ ଯାହାକୁ ଅନ୍ୟ ଏକ ପକ୍ଷର ବୈଧିକ କାର୍ଯ୍ୟ ବିରୁଦ୍ଧରେ ସୁରକ୍ଷା ପାଇଁ କ୍ରୟ କରାଯାଏ । ତୃତୀୟ-ପକ୍ଷ ବୀମା ବୀମିତର କାର୍ଯ୍ୟ କଳାପଠାରୁ ଉପୁଜିଥିବା ଦାୟିତ୍ୱ ପାଇଁ ଅନ୍ୟ ଏକ ପକ୍ଷ (ତୃତୀୟ ପକ୍ଷ) ର ଦାବୀ ବିରୁଦ୍ଧରେ ସୁରକ୍ଷା ପାଇଁ ବୀମା କମ୍ପାନୀ (ଦ୍ୱିତୀୟ ପକ୍ଷ)ଠାରୁ ବୀମିତ (ପ୍ରଥମ ପକ୍ଷ) ଦ୍ୱାରା କିଣା ଯାଏ ।

ତୃତୀୟ ପକ୍ଷ ବୀମାକୁ 'ଦାୟିତ୍ୱ ବୀମା' ମଧ୍ୟ କୁହାଯାଏ ।

ବଜାରରେ ଲୋକପ୍ରିୟ ହୋଇଥିବା ଦୁଇଟି ବିଶିଷ୍ଟ ପ୍ରକାରର ଆବରଣଗୁଡିକ ବିଷୟରେ ନିମ୍ନରେ ଆଲୋଚିତ ହୋଇଛି :

କ) କାର୍ଯ୍ୟ (ଦାୟିତ୍ୱ) କେବଳ ପଲିସୀ : ମୋଟର ବାହନ ଅଧିନିୟମ ଅନୁସାରେ ସାର୍ବଜନିକ ସ୍ଥାନରେ ଚାଲୁଥିବା କୌଣସି ବି ବାହନ ପାଇଁ ତୃତୀୟ ପକ୍ଷ ପ୍ରତି ଦାୟିତ୍ୱକୁ ବୀମିତ କରିବା ଅନିବାର୍ଯ୍ୟ ଅଟେ ।

ପଲିସୀ ବାହନ ମାଲିକର ବୈଧିକ ଦାୟିତ୍ୱକୁ କେବଳ ଲିଖିତ ନିମ୍ନ ପାଇଁ କ୍ଷତିପୂରଣ ଦେବାକୁ ଆବୃତ କରେ :

- ✓ ତୃତୀୟ ପକ୍ଷ ଶାରୀରିକ କ୍ଷତ କିମ୍ବା ମୃତ୍ୟୁ
- ✓ ତୃତୀୟ ପକ୍ଷ ସମ୍ପତ୍ତି ନଷ୍ଟ

ଦାୟିତ୍ୱ ମୃତ୍ୟୁ କିମ୍ବା କ୍ଷତ ଏବଂ ନଷ୍ଟ ଉପରେ ଏକ ଅସୀମିତ ରାଶି ପାଇଁ ଆବୃତ କରେ ।

ଏକ ମୋଟର ଦୁର୍ଘଟଣା ଦ୍ୱାରା ହୋଇଥିବା ମୃତ୍ୟୁ କିମ୍ବା କ୍ଷତ କ୍ଷେତ୍ରରେ ତୃତୀୟ ପକ୍ଷ ଶୀକାର ର କ୍ଷତିପୂରଣ ପାଇଁ ଦାବୀଗୁଡିକ ଅଭିଯୋଗକାରୀ ଦ୍ୱାରା ମୋଟର ଦୁର୍ଘଟଣା ଦାବୀ ନ୍ୟାୟାଳୟ (MACT) ରେ ଫାଇଲ କରିବାକୁ ପଡ଼େ ।

ଖ) ପ୍ୟାକେଜ୍ ପଲିସୀ /ବ୍ୟାପକ ପଲିସୀ : (ନିଜ ହାନି + ତୃତୀୟ ପକ୍ଷ ଦାୟିତ୍ୱ)

ଉପରୋକ୍ତ ବ୍ୟତୀତ, ବିଶିଷ୍ଟ ବିପଦଗୁଡିକ ଦ୍ୱାରା ବୀମିତ ଗାଡ଼ିକୁ ହୋଇଥିବା ହାନି ଅଥବା ନଷ୍ଟ (ମୋଟର ଗାଡିର ନିଜ ହାନି ରୂପେ ପରିଚିତ) , କୁ ମଧ୍ୟ ଘୋଷିତ ମୂଲ୍ୟ (ଅଧ୍ୟାୟ 5 ରେ ପୂର୍ବରୁ ଆଲୋଚିତ ହୋଇଥିବା-IDV ବୋଲାଯାଉଥିବା) ଏବଂ ପଲିସୀର ଅନ୍ୟାନ୍ୟ ସର୍ତ୍ତ ଓ ଅନୁବନ୍ଧ ଅନ୍ତର୍ଗତ, ଆବୃତ କରାଯାଏ । ଏସବୁ ବିପଦଗୁଡିକ ମଧ୍ୟରୁ କେତେକ ହେଉଛି ନିଆଁ, ଚୋରୀ ,ଦଙ୍ଗା ଓ ଷ୍ଟ୍ରାଇକ, ଭୂମିକମ୍ପ, ବନ୍ୟା, ଦୁର୍ଘଟଣା ଇତ୍ୟାଦି ।

କେତେକ ବୀମାକର୍ତ୍ତା ଦୁର୍ଘଟଣା ସ୍ଥଳରୁ ୱାର୍କଶପ୍ କୁ ଟାଣି ଆଣିବାର ଖର୍ଚ୍ଚକୁ ମଧ୍ୟ ଦିଅନ୍ତି । କାର୍ଯ୍ୟ (ଦାୟିତ୍ୱ) କେବଳ ପଲିସୀ ଅନ୍ତର୍ଗତ ସ୍ୱୀକୃତ ଅନିବାର୍ଯ୍ୟ ଆବରଣ ବ୍ୟତୀତ , କେବଳ ନିଆଁ ଏବଂ/କିମ୍ବା ଚୋରୀକୁ ଆବୃତ କରୁଥିବା ଏକ ସୀମିତ ଆବରଣ ମଧ୍ୟ ଉପଲବ୍ଧ ଅଛି ।

ପଲିସୀ ଗାଡ଼ିରେ ସଜ୍ଜିତ ହୋଇଥିବା ସାମଗ୍ରୀର ହାନି କିମ୍ବା ନଷ୍ଟ ପାଇଁ ଆବରଣ, ଯାତ୍ରୀ ଦରମା ଦିଆଯାଉଥିବା ଡ୍ରାଇଭର ପାଇଁ ପ୍ରାଇଭେଟ କାର ପଲିସୀ ଅନ୍ତର୍ଗତ ବ୍ୟକ୍ତିଗତ ଦୁର୍ଘଟଣା ଆବରଣ; କର୍ମଚାରୀମାନଙ୍କ ପ୍ରତି ବୈଧିକ ଦାୟିତ୍ୱ ଏବଂ ବ୍ୟବସାୟିକ ଗାଡିଗୁଡିକରେ ଅଣ-ଭଡ଼ା ଦେଉଥିବା ଯାତ୍ରୀମାନଙ୍କ ପାଇଁ ମଧ୍ୟ ଆବରଣ ପ୍ରଦାନ କରିପାରେ । ବୀମାକର୍ତ୍ତାମାନେ କାର ଖରାପ ହୋଇଗଲେ ଜରୁରୀକାଳୀନ ସେବା କିମ୍ବା ବୈକଳ୍ପିକ ରୂପେ ଏକ କାର ମଧ୍ୟ ଦେଇ ପାରନ୍ତି ।

2. ଅପବର୍ଜନ

ପଲିସୀ ଗୁଡିକ ଅନ୍ତର୍ଗତ କେତେକ ଗୁରୁତ୍ୱପୂର୍ଣ୍ଣ ଅପବର୍ଜନ ହେଲା ଫଟାଫଟି, ଗାଡ଼ି ଖରାପ, ପରିଣାମସ୍ୱରୂପ ହାନି, ଅବୈଧ ଡ୍ରାଇଭିଂ ଲାଇସେନ୍ସ ଥାଇ କିମ୍ବା ମଦ୍ୟପାନୀୟର ପ୍ରଭାବରେ ଥାଇ ଡ୍ରାଇଭ କରିବାରେ ହାନି । 'ବ୍ୟବହାର କରିବାରେ ସୀମା' ଅନୁସାରେ ଗାଡ଼ିର ବ୍ୟବହାର ନଥିବା (ଉ.ସ୍ୱ. ପ୍ରାଇଭେଟ କାର ଟ୍ୟାକ୍ସିରୂପେ ବ୍ୟବହୃତ ହେବା) ଆବୃତ ହୁଏ ନାହିଁ ।

3. ବୀମିତ ରାଶି ଓ ପ୍ରିମିୟମ

ଏକ ମୋଟର ପଲିସୀରେ ଏକ ଗାଡିର ବୀମିତ ରାଶିକୁ ବୀମିତର ଘୋଷିତ ମୂଲ୍ୟ (ଆଇ.ଡି.ଭି) କୁହାଯାଏ ।

ଗାଡିର ଚୋରୀ ହେବା କିମ୍ବା ଦୁର୍ଘଟଣାରେ ମରାମତି ହୋଇ ନ ପାରିବା ଭଳି ସଂପୂର୍ଣ୍ଣ ହାନି ପରିପ୍ରେକ୍ଷୀରେ, ଦାବୀ ରାଶି ଆଇ.ଡି.ଭି. ଆଧାରରେ ନିର୍ଦ୍ଧାରିତ ହେବ । ଗାଡିର ଆଇ.ଡି.ଭି. ବୀମାର ଆରମ୍ଭ/ନୂତନୀକରଣ ସମୟରେ ବୀମା ପାଇଁ ପ୍ରସ୍ତାବିତ ଗାଡିର ବ୍ରାଣ୍ଡ ଓ ମୋଡେଲ ର ନିର୍ମାଣକାରୀ/ ବ୍ୟବସାୟୀର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ ଆଧାରରେ ନିର୍ଦ୍ଧାରିତ ହୁଏ ଏବଂ ଅନୁଯାୟୀ ମୂଲ୍ୟହ୍ରାସ ପାଇଁ ବ୍ୟବସ୍ଥିତ କରାଯାଏ ।

5 ବର୍ଷ ଆୟୁରୁ ଉର୍ଦ୍ଧ୍ୱ ଥିବା ଗାଡିର ଏବଂ ପୁରୁଣା ମୋଡେଲର ଗାଡି (ଅର୍ଥାତ୍ ଯେଉଁ ମୋଡେଲ ଗୁଡିକୁ ନିର୍ମାଣକାରୀମାନେ ନିର୍ମାଣ କରିବା ବନ୍ଦ କରିଦେଇଛନ୍ତି) ର ଆଇ.ଡି.ଭି.କୁ ବୀମାକର୍ତ୍ତା ଓ ବୀମିତ ଙ୍କ ବୁଝାମଣା ଆଧାରରେ ନିର୍ଦ୍ଧାରିତ କରାଯାଏ ।

ହାରନିର୍ଦ୍ଧାରଣ/ ପ୍ରିମିୟମ ନିର୍ଦ୍ଧାରଣ ବୀମିତର ଘୋଷିତ ମୂଲ୍ୟ, କ୍ୟୁବିନ୍ କ୍ଷମତା, ଭୌଗଳିକ ଜୋନ, ଗାଡିର ଆୟୁ ଆଦି କାରକଗୁଡିକ ଉପରେ ନିର୍ଭର କରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 3

ମୋଟର ବୀମା କାହା ନାମରେ ନେବା ଉଚିତ୍ ?

I. ଗାଡି ମାଲିକ ନାମରେ, ଯାହାର ନାମ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ, ପଞ୍ଜିକୃତ ହୋଇଛି

II. ଯଦି ଗାଡି ଚଳାଉଥିବା ବ୍ୟକ୍ତି ମାଲିକଠାରୁ ଅଲଗା ହୁଏ, ତେବେ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ଠାରୁ ସ୍ୱୀକୃତି ଲାଭ କରି ସେହି ନାମରେ ଯିଏ ଗାଡି ଚଳାଉଥିବ

III. କ୍ଷେତ୍ରୀୟ ପରିବର୍ତ୍ତନ ପ୍ରାଧିକରଣରୁ ସ୍ୱୀକୃତି ଲାଭ କରି, ଗାଡି ମାଲିକ ସହିତ, ତା'କୌଣସି ପରିବାର ସଦସ୍ୟ ନାମରେ

IV. ଯଦି ଗାଡି ଚଳାଉଥିବା ବ୍ୟକ୍ତି ମାଲିକଠାରୁ ଅଲଗା ହୁଏ, ତେବେ ମୂଖ୍ୟ ପଲିସୀ ଗାଡି ମାଲିକ ନାମରେ ହେବା ଉଚିତ ଏବଂ ଆଡ-ଅନ ଆବରଣ ସେହି ବ୍ୟକ୍ତି ନାମରେ ହେବା ଉଚିତ ଯିଏ ଗାଡି ଚଳାଉଥିବ

ଞ) ଏକ ଗୃହସ୍ଥ ବୀମା ପଲିସୀ ଏକ ବୀମିତ ସମ୍ପତ୍ତିକୁ ପଲିସୀରେ ସୂଚୀଭୁକ୍ତ ଆପଦ କିମ୍ବା ଘଟଣାଗୁଡିକ ଠାରୁ ଉତ୍ପନ୍ନ କ୍ଷତିସବୁ ଉପରେ କେବଳ ଆଚ୍ଛାଦନ ପ୍ରଦାନ କରେ । ଆବୃତ ହେଉଥିବା ପଲିସୀଗୁଡିକ ସ୍ପଷ୍ଟ ରୂପେ ଉଲ୍ଲିଖିତ ହେବ ।

ଟ) ଗୃହସ୍ଥ ବୀମା ସଂରଚନା ଓ ଏହାର ବସ୍ତୁଗୁଡିକୁ ନିଆଁ, ଦଙ୍ଗା, ପାଇପ ବିସ୍ଫୋଟ, ଭୂମିକମ୍ପ ଆଦି ବିରୁଦ୍ଧରେ ଆବରଣ ପ୍ରଦାନ କରେ । ସଂରଚନା ବ୍ୟତୀତ, ଏହା ବସ୍ତୁଗୁଡିକୁ ଚୋରୀ, ଜବରଦସ୍ତି ଗୃହ ପ୍ରବେଶ ଦ୍ୱାରା ଚୋରୀ, ଡକାୟତି, ଲୁଟପାଟକୁ ମଧ୍ୟ ଆବୃତ କରେ ।

ଠ) ପ୍ୟାକେଜ କିମ୍ବା ଛତ୍ର ଆବରଣ, କେବଳ ଗୋଟିଏ ଦସ୍ତାବିଜ ଅନ୍ତର୍ଗତ, ଆବରଣଗୁଡିକର ଏକ ସମଷ୍ଟି ପ୍ରଦାନ କରେ ।

ଡ) ଏକ ଗୃହସ୍ଥ ବୀମା ପଲିସୀ ପାଇଁ ବୀମିତ ରାଶି ନିର୍ଦ୍ଧାରିତ କରିବାର ସାଧାରଣତଃ ଦୁଇଟି ପଦ୍ଧତି ଅଛି: ବଜାର ମୂଲ୍ୟ (ଏମ୍. ଭି.) ଏବଂ ପୁନଃସ୍ଥାପନ ମୂଲ୍ୟ (ଆର. ଆଇ. ଭି) ।

ଢ) ଦୋକାନୀର ବୀମା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ଦ୍ୱେଷୀ, ଓ ଚୋରୀ ହାନି କାରଣରୁ ହୋଇଥିବା ଦୋକାନ ସଂରଚନା ଓ ବସ୍ତୁଗୁଡିକୁ ଆବୃତ କରେ । ଦୋକାନ ବୀମା ବ୍ୟବସାୟ ଅବରୋଧ ସୁରକ୍ଷା ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଣ) ମୋଟର ବୀମା ଦୁର୍ଘଟଣା କାରଣରୁ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ହୋଇଥିବା ଗାଡିର ହାନି ଓ କ୍ଷତି କୁ ଆବରଣ ପ୍ରଦାନ କରେ । ମୋଟର ବୀମା ଗାଡିମାଲିକଙ୍କ ଗାଡି ଦ୍ୱାରା ହୋଇଥିବା ଦୁର୍ଘଟଣାରେ ଶୀକାର ହୋଇଥିବା ବ୍ୟକ୍ତିଙ୍କ କ୍ଷତିପୂରଣ ଦେବା ପାଇଁ ସେମାନଙ୍କ (ଗାଡି ମାଲିକ ମାନଙ୍କ) ବୈଧିକ ଦାୟିତ୍ୱକୁ ଆବରଣ ପ୍ରଦାନ କରେ।

ମୂଖ୍ୟ ପଦାବଳୀ

ଚ) ଗୃହସ୍ଥ ବୀମା

ଛ) ଦୋକାନୀର ବୀମା

ଜ) ମୋଟର ବୀମା

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି । ।

ଏକ ସୂଚୀଭୁକ୍ତ ବିପଦ ପଲିସୀକୁ ଏକ ବ୍ୟାପକ ଆବରଣ ପଲିସୀ ଯାହା ଅଧିକାଂଶ ବିପଦଗୁଡିକୁ ଆଚ୍ଛାଦନ ଦିଏ, ଅପେକ୍ଷା ଏକ କମ୍ ମୂଲ୍ୟର ବିକଳ୍ପ ରୂପେ କ୍ରୟ କରାଯାଇପାରେ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି IV ।

ଦୋକାନୀ ପଲିସୀ ଅନ୍ତର୍ଗତ, ବୀମିତ ଏକ ଅତିରିକ୍ତ 'ସ୍ଥିର ପ୍ଲେଟ ଗ୍ଲାସ ଓ ସ୍ୱଚ୍ଛତା ଫିଟିଙ୍ଗ୍ସ' ଆବରଣ ପାଇଁ ବିକଳ୍ପ ଚୟନ କରିପାରେ । ଏହା ସ୍ଥିର ପ୍ଲେଟ ଗ୍ଲାସ, ସ୍ୱଚ୍ଛତା ଫିଟିଙ୍ଗ୍ସ ଓ ନିଅନ ସଙ୍କେତ ର ଦୁର୍ଘଟଣାଜନିତ ନଷ୍ଟର ହାନିକୁ ଆବୃତ କରିବ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି । ।

ମୋଟର ବୀମା ଗାଡ଼ି ମାଲିକ ନାମରେ ନେବା ଉଚିତ୍, ଯାହାର ନାମ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ପଞ୍ଜିକୃତ ହୋଇଛି ।

ସ୍ୱତଃ - ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ଗୃହସ୍ଥ ବୀମାରେ

I. ସୁନା ଓ ରୂପା ଅଲଙ୍କାର ସବୁ ଆବୃତ ହୁଏ

II. ଜଣକର ଦୋକାନର ବସ୍ତୁଗୁଡିକ ଆବୃତ ହୁଏ

III. ପରିବାର ଦ୍ୱାରା ସ୍ୱାଧିକୃତ କାରଗୁଡିକ ଆବୃତ ହୁଏ

IV. ନେବା ଆଣିବା ସମୟରେ ଡାକ ଦ୍ୱାରା ପଠାଯାଉଥିବା ପାର୍ସଲଗୁଡିକ ଆବୃତ ହୁଏ ।

ପ୍ରଶ୍ନ 2

ଗୃହସ୍ଥ ବୀମା ଆବୃତ କରେ

I. କେବଳ ଘରର ସଂରଚନା

II. କେବଳ ଘରର ବସ୍ତୁ/ ସାମଗ୍ରୀଗୁଡିକ

III. ଉଭୟ ସଂରଚନା ଓ ବସ୍ତୁ ଗୁଡିକ

IV. ଉଭୟ ସଂରଚନା ଓ ବସ୍ତୁ ଗୁଡିକ ଯେତେବେଳେ ବୀମିତ ଘରେ ନ ଥାଏ

ପ୍ରଶ୍ନ 3

ଦୋକାନୀର ବୀମାରେ, ନିମ୍ନଲିଖିତ ମଧ୍ୟରୁ କେଉଁଟା ଆବୃତ ହୁଏ ନାହିଁ ?

I. ଯନ୍ତ୍ରପାତିର ଖରାପ ହେବା

II. ଦ୍ୱେଷୀ ହାନି

III. ବ୍ୟବସାୟ ଅବରୋଧ

IV. ବୀମିତ ଦ୍ୱାରା ଇଚ୍ଛାକୃତ ନଷ୍ଟ

ପ୍ରଶ୍ନ 4

ଦୋକାନୀର ବୀମାରେ ନିମ୍ନଲିଖିତ ମଧ୍ୟରୁ କେଉଁଟା ସାଧାରଣତଃ ଆବୃତ ହୁଏ ନାହିଁ ?

I. ବ୍ୟବସାୟ ପରିସରରେ ସିନ୍ଧୁକ/ କାଉଣ୍ଟର ଥିବା ମୁଦ୍ରା/ ଧନ

II. ବ୍ୟାଙ୍କଠାରୁ ବ୍ୟବସାୟ ପରିସରକୁ ନେବା ସମୟରେ ମୁଦ୍ରା/ ଧନ

